

‘କିଙ୍ଗ’ ଲୁକ୍ ଲିକ୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-320 ◆TUESDAY ◆19 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୨୦ ◆ମଙ୍ଗଳବାର ◆୧୯ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍**

## ବନ୍ଧାହେଲେ କୋଚିଂ ସେଣ୍ଟର୍ ମାଲିକ

■ ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାରେ ସୋମାବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମହାରାଷ୍ଟ୍ରର ଲାତୁର ସ୍ଥିତ ଆରସିସି କୋଚିଂ ଇନଷ୍ଟିଚ୍ୟୁଟର ମାଲିକ ପ୍ରଫେସର ଶିବରାଜ ମୋଟେଗାଓଁକରଙ୍କୁ ଗିରଫ କରିଛି। ସେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ସହ ଜଡ଼ିତ କେମିଷ୍ଟ୍ରି ଅଧ୍ୟାପକ ପିଭି. କୁଲକର୍ଣ୍ଣୀଙ୍କର ଜଣେ ଘନିଷ୍ଠ ସହଯୋଗୀ ବୋଲି ଜଣାପଡ଼ିଛି। ଚଢ଼ଉ ବେଳେ ଅଭିଯୁକ୍ତଙ୍କ ନିକଟରୁ ରସାୟନ ବିଜ୍ଞାନ ପ୍ରଶ୍ନପତ୍ର ଜବତ କରାଯାଇଛି। ଯାହାର ପ୍ରଶ୍ନଗୁଡ଼ିକ ମେ ୩ରେ ହୋଇଥିବା ପ୍ରକୃତ ପରୀକ୍ଷାର ପ୍ରଶ୍ନ ସହ ମେଳ ଖାଉଛି। ସିବିଆଇର ଏହି ସ୍ପେଶାଲ ଟିମ୍ ମହାରାଷ୍ଟ୍ରର ଲାତୁର ସମେତ ଦେଶର ବିଭିନ୍ନ ସ୍ଥାନ ଯଥା ଦିଲ୍ଲୀ, ଜୟପୁର, ଗୁରୁଗ୍ରାମ, ନାସିକ, ପୁଣେ ଏବଂ ଅହିଲ୍ୟାନଗରରେ ଚଢ଼ଉ ଜାରି ରଖିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଅଭିଯୋଗ ପରେ ସିବିଆଇ ମାମଲା ରୁଜୁ କରିଥିଲା। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ କରିବା ଏବଂ ଛାତ୍ରଛାତ୍ରୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇ ସେମାନଙ୍କୁ ସ୍ୱତନ୍ତ୍ର କୋଚିଂ ମାଧ୍ୟମରେ ପ୍ରଶ୍ନପତ୍ର ଯୋଗାଇଦେବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସିବିଆଇ ▶ପୃଷ୍ଠା-୭



## ୟୁକ୍ରେନ୍ ଡ୍ରୋନ୍ ମାଡ଼ରେ ଓଡ଼ିଆ ଯୁବକ ମୃତ

■ ବ୍ରହ୍ମପୁର/ଚିକିଟି, ୧୮।୫ (ସମିସ): ଗତ ଶନିବାର ରୁଷ ଉପରେ ୟୁକ୍ରେନର ଭୟଙ୍କର ଡ୍ରୋନ ଆକ୍ରମଣରେ ଜଣେ ଭାରତୀୟଙ୍କ ସମେତ ୪ ଜଣ ପ୍ରାଣ ହରାଇଥିଲେ। ସେହି ଭାରତୀୟ ଜଣକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅନ୍ତର୍ଗତ ମାଧବନ୍ଧ ଗ୍ରାମର ଏ. ରାମାୟା (୩୦)। ଆଜି ଏହି ଖବର ତାଙ୍କ ପରିବାରକୁ ମିଳିବା ପରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଏ. ଲିମାଙ୍କ ପୁଅ ଏ. ରାମାୟା ଏକ କଂପାନୀରେ କାମ କରିବା ଲାଗି ଗତମାସ ରୁଷ ଯାଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ ସୋରଳ ନିକଟସ୍ଥ ହରିପୁର ଛକଠାରେ ଥିବା “ମାଇକେନ ଏଜେନ୍ସି’ ମାଧ୍ୟମରେ ରଷିଆର ଏକ କମ୍ପାନୀରେ କାମ କରିବାକୁ ଗତମାସ ଯାଇଥିଲେ ରାମାୟା। ସେ ଯେଉଁ କଂପାନୀରେ କାମ କରୁଥିଲେ ଗତ ଶନିବାର ରାତିରେ ଉକ୍ତ କମ୍ପାନୀ ଉପରେ ୟୁକ୍ରେନ ପକ୍ଷରୁ ଭୟାବହ ଡ୍ରୋନ ଆକ୍ରମଣ ହୋଇଥିଲା। ଏଥିରେ ରାମାୟା ନିହତ ହୋଇଥିବା ବେଳେ ଅନ୍ୟ ସାତରୁ ଅଧିକ କର୍ମଚାରୀ ଗୁରୁତର ଭାବେ ଆହତ ହୋଇଥିଲେ। ରାମାୟାଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କର ବନ୍ଧୁମାନେ ▶ପୃଷ୍ଠା-୭



ଶବ ଫେରାଇ ଆଣିବାକୁ ନିବେଦନ

**ତଳମୁହାଁ ଆଇନଶୃଙ୍ଖଳା**

## ଡର ନାହିଁ, ଭୟ ନାହିଁ

### ବିଚ୍ ରାସ୍ତାରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

■ ବ୍ରହ୍ମପୁର, ୧୮।୫ (ସମିସ): ରାସ୍ତା ଉପରେ ଗାଇଗୋରୁକୁ ପିଟିବା ପରି କାଠ ଫାଳିଆରେ ଯୁବକଙ୍କୁ ନିସ୍ତୁକ ମାଡ଼। ଜଣେ ଯୁବତୀ ସମ୍ପୃକ୍ତ ଯୁବକଙ୍କୁ ରକ୍ଷା କରିବା ପାଇଁ ଉଦ୍ୟମ କରି ବି ବିଫଳ ହେଉଛନ୍ତି। ସ୍ଥାନୀୟ ଗିରି ରୋଡ଼ ଅଞ୍ଚଳର ଏହି ଘଟଣାର ଭିଡ଼ିଓ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଆଉ ପାହାରେ ଦୁଇ ପାହାର ବସିଥିଲେ ବା ଅଜାଗାରେ ମାଡ଼ଟିଏ ହୋଇଥିଲେ ବାଲିଅନ୍ତା ପରି ଆଉ ଗୋଟିଏ ଘଟଣାର ପୁନରାବୃତ୍ତି ହେବା ଏକପ୍ରକାର ନିଶ୍ଚିତ ଥିଲା। ବାଲିଅନ୍ତା ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା କରିବା ପରି ବ୍ରହ୍ମପୁର ସହରରେ ଘଟିଥିବା ଏହି ଘଟଣା ରାଜ୍ୟର ତଳମୁହାଁ ଆଇନଶୃଙ୍ଖଳା ପରିସ୍ଥିତିକୁ ଦର୍ଶାଇଛି। ବିଡ଼ମ୍ବନା ହେଉଛି ପୁଲିସର ମଳିନ ଛବିକୁ ଚକମକ୍ କରିବା ପାଇଁ ‘ମିଶନ ଏନ୍‌କାଉଣ୍ଟର’କୁ ବି ଅପରାଧୀ ଖାତିର କରୁ ନ ଥିବା ପ୍ରମାଣିତ ହୋଇଛି।



ଅଭିଯୁକ୍ତଙ୍କୁ ଗିରଫ ପାଇଁ ଟିମ୍ ଗଢ଼ିଲେ ଏସ୍‌ପି

ସ୍ଥାନୀୟ ଗିରିରୋଡ଼ ଅଞ୍ଚଳରେ ଶହଶହ ଲୋକଙ୍କ ଉପସ୍ଥିତିରେ ଉମେଶ ରଥ ନାମକ ଜଣେ ଯୁବକ ଓ ତାଙ୍କ ମହିଳା ବନ୍ଧୁଙ୍କୁ ଅତି ନିର୍ମମ ଭାବେ ସର୍ବସମ୍ମୁଖରେ ହୋଇଛି ଆକ୍ରମଣ। ଉମେଶ ଗତ କିଛିଦିନ ଧରି ଏକ ମାମଲାରେ ଫେରାର ରହିଥିଲା; ନିକଟରେ ସେ ଆଗୁଆ ଜାମିନ ପାଇଥିଲେ। ମାତ୍ର ସେ ସହରକୁ ଫେରିବା ପରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ହିଲପାଟଣାର ମୁକେଶ କୁମାର ସାହୁ ଓରଫ ମୁକେଶ ଓ ତାଙ୍କର ସାନଭାଇ ଆଶିଷ କୁମାର ସାହୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଆହତ ହୋଇ ଉମେଶ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଖବରପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଓଭର ବ୍ରିଜ ଉପରୁ ତଳକୁ ଠେଲି ହତ୍ୟା ଉଦ୍ୟମ ଘଟଣାରେ ସମ୍ପୃକ୍ତ ଦୀପୁନାକୁ ▶ପୃଷ୍ଠା-୭

**ନିଆଁ ବର୍ଷା**

## ଅଥୟ କରୁଛି ଗୁଳୁଗୁଳି

### ୫୦ ଡିଗ୍ରୀ ତାପମାତ୍ରା ଭଳି ସ୍ଥିତି ■ ୪୦° ଉପରେ ୧୭ ସହର

■ ଭୁବନେଶ୍ୱର, ୧୮।୫ (ସମିସ): ରାଜ୍ୟରେ ଅସମ୍ଭାଳ ତାତି ଓ ଗୁଳୁଗୁଳି ଆରମ୍ଭ ହୋଇଛି। ୪୦ ଡିଗ୍ରୀର ତାପମାତ୍ରା ସାଙ୍ଗକୁ ୭୦-୮୦ ପ୍ରତିଶତ ଆର୍ଦ୍ରତା ମିଶିଯିବା ଦ୍ୱାରା ୫୦ ଡିଗ୍ରୀ ଭଳି ତାତି ଅନୁଭୂତ ହେଉଛି। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାରେ ଏହି ସ୍ଥିତି ଅସମ୍ଭାଳ ହୋଇଛି। ସୋମବାର ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲାରେ ଲୋକେ ପ୍ରବଳ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇଛନ୍ତି। ଦିନ ତମାମ ଗୁଳୁଗୁଳି ଯୋଗୁଁ ଦେହରୁ ଝାଳ ବାହାରିବା ସହ ଅନେକ ଲୋକ ଜଳୀୟ ଅଂଶ ଅଭାବର ଶିକାର ହୋଇଛନ୍ତି। ପୂର୍ବରୁ ତାତି ଓ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଥିଲେ ମଧ୍ୟ ରବିବାର ତୁଳନାରେ ସୋମବାର ହଠାତ ଗୁଳୁଗୁଳି ଦୃଷ୍ଟାନ୍ତମୂଳକ ଭାବେ ବଢ଼ିବା ଯୋଗୁଁ ଲୋକଙ୍କ ପାଇଁ ଅସହଯ ସ୍ଥିତି ସୃଷ୍ଟି କରିଛି।

ପାଣିପାଗ କେନ୍ଦ୍ରର ସୂଚନା ସୋମବାର ରାଜ୍ୟର ୧୭ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି। ଏଥିରେ ୪୩.୪ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହରରେ ପରିଣତ ହୋଇଥିବା ବେଳେ ବୌଦ୍ଧରେ ୪୨.୮, ସମ୍ବଲପୁର ୪୨.୩, ହୀରାକୁଦ ୪୨ ଓ ବାକି ସବୁ ସ୍ଥାନରେ ତାମପାତ୍ରା ୪୦-୪୧ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱରରେ ଆଜି ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ ହୋଇଛି। ସାଧାରଣତଃ

▶ ୮୦ ପ୍ରତିଶତ ଉପରେ ରହୁଛି ଆର୍ଦ୍ରତା

▶ ୨୪ ପର୍ଯ୍ୟନ୍ତ ଗୁଳୁଗୁଳିରୁ ନିସ୍ତାର ନାହିଁ

ତାପମାତ୍ରା ଅଧିକ ରହିଲେ ବାହାରେ ତାତି ଅଧିକ ଅନୁଭୂତ ହୋଇଥାଏ। ହେଲେ ଏବେ ସକାଳ ୮ଟାରୁ ଆର୍ଦ୍ରତା ପ୍ରାୟ ୮୦ ପ୍ରତିଶତ ରହୁଛି। ଦିନ ବଢ଼ିଲେ ଆର୍ଦ୍ରତା କମୁଥିଲେ ମଧ୍ୟ ଏହା ପ୍ରାୟ ୭୦ ପ୍ରତିଶତ ପର୍ଯ୍ୟନ୍ତ ରହୁଛି। ତାପମାତ୍ରା ସହ ଏହା ମିଶି ପ୍ରବଳ ଗୁଳୁଗୁଳି କରୁଛି। ଏହି କ୍ରମରେ ଆଜି ରାଜଧାନୀ ସମେତ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ରହିଥିଲେ ମଧ୍ୟ ୫୦ ଡିଗ୍ରୀ ଭଳି ଲୋକଙ୍କୁ ଅନୁଭୂତ ହୋଇଛି। ଗୁଳୁଗୁଳି ଯୋଗୁଁ ଲୋକେ ଘରେ ରହିବାକୁ ମଧ୍ୟ କଷ୍ଟ ଅନୁଭବ କରିଛନ୍ତି।

ଏଭଳି ସ୍ଥିତି ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ୨୦-୨୪ ସ୍ଥିତି ସବୁଠୁ ଉଦ୍‌ବେଗ ଜନିକ ରହିବ ବୋଲି ଆକଳନ କରାଯାଇଛି। ପାଣିପାଗ କେନ୍ଦ୍ର କହିଛି, ଏହି ସମୟ ମଧ୍ୟରେ ରାଜ୍ୟରେ ଆହୁରି ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଏହାଦ୍ୱାରା ବର୍ତ୍ତମାନ ତୁଳନାରେ ତାତି ଓ ଗୁଳୁଗୁଳିର ପରିମାଣ ଆହୁରି ବୃଦ୍ଧି ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗେ କେନ୍ଦ୍ର ପକ୍ଷରୁ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହେବା ନେଇ ପୂର୍ବାନୁମାନ ▶ପୃଷ୍ଠା-୭



**ରାଜ୍ୟ ବିଜେପି କୋର୍ କମିଟି ବୈଠକ**

## ଦଳୀୟ ନେତାଙ୍କୁ ନିତିନଙ୍କ ୫ ମନ୍ତ୍ର

■ ଭୁବନେଶ୍ୱର, ୧୮।୫ (ସମିସ): ସଂଗଠନ ଓ ସରକାର ମଧ୍ୟରେ ଉତ୍ତମ ସମନ୍ୱୟ ରଖ। ଯାହାଫଳରେ ଲୋକଙ୍କ ସମସ୍ୟାର ସମାଧାନ ଓ ସେମାନଙ୍କ ସମର୍ଥନ ପ୍ରାପ୍ତ କରିବା ସହଜ ହୋଇପାରିବ। ରାଜ୍ୟ ସରକାର ଯେଉଁ ଉନ୍ନୟନମୂଳକ କାର୍ଯ୍ୟକ୍ରମ, କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି, ତାହାକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ନିଷ୍ଠାର ସହ କାର୍ଯ୍ୟ କର। ସୋମବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ବିଜେପି କୋର କମିଟି ବୈଠକରେ ଏପରି ୫ ମନ୍ତ୍ର ଦେଇଛନ୍ତି ବିଜେପି ଜାତୀୟ ସଭାପତି ନିତିନ ନବୀନ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ସରକାର ଏବଂ



**ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଙ୍ଗଠନ ସୁଦୃଢ଼ ଲକ୍ଷ୍ୟ**

ସଂଗଠନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ପାଇଁ ଜାତୀୟ ସଭାପତି ସ୍ୱତନ୍ତ୍ର ପରାମର୍ଶ ଦେଇଛନ୍ତି। ସଂଗଠନ କିପରି ଶକ୍ତିଶାଳୀ ହେବ, ସରକାର କିପରି ଆହୁରି ନିଖୁଣତାର ସହ ଲୋକଙ୍କ ପାଖେ ପହଞ୍ଚିବ ଓ ଯୋଜନା ଲୋକଙ୍କ ପାଖରେ କିପରି ପହଞ୍ଚିବ ତାକୁ ମନ୍ତ୍ର କରିବାକୁ ଅଧ୍ୟକ୍ଷ ପରାମର୍ଶ ଦେଇଛନ୍ତି। ପଞ୍ଚାୟତ ନିର୍ବାଚନ ଆହୁରି ବିଳମ୍ବ ଅଛି। କିନ୍ତୁ ଏହା ପୂର୍ବରୁ ଧାଡ଼ିର ଶେଷ ଲୋକଙ୍କ ପାଖେ କିଭଳି ଯୋଜନା ପହଞ୍ଚିବ ସେନେଇ ରୂପରେଖ ପ୍ରସ୍ତୁତ କରାଯିବ। ୨୦୩୬ ବିକଶିତ ଓଡ଼ିଶା ଗଠନରେ ରୋଡମ୍ୟାପ ନେଇ ମଧ୍ୟ ଶ୍ରୀ ନବୀନ ପରାମର୍ଶ ଦେଇଥିବା ରାଜସ୍ୱ ମନ୍ତ୍ରୀ ଗଣମାଧ୍ୟମକୁ ▶ପୃଷ୍ଠା-୭

**ଶଶୁର ଘରେ ନିର୍ମମ ହତ୍ୟା !**

## ସ୍ୱାଇଁର ଯୌନାଙ୍ଗ କାଟି ଫିଙ୍ଗିଦେଲେ

■ ତିଗିରିଆ, ୧୮।୫ (ସମିସ): କଟକ ଜିଲ୍ଲା ବଡ଼ମ୍ବା ଥାନା ଅଧୀନ କରଡିବନ୍ଧ ଗ୍ରାମରେ ଜଣେ ଯୁବକଙ୍କୁ ଶଶୁର ଘର ଲୋକେ ଅତି ନିର୍ଦ୍ଦୟ ଭାବେ ହତ୍ୟା କରିଥିବା ଭଳି ଏକ ସଂଘାତିକ ମାମଲା ସାମ୍ନାକୁ ଆସିଛି। ଶନିବାର ବିଳମ୍ବିତ ରାତିରେ ମୃତଦେହ ଉଦ୍ଧାର ହେବା ପରେ ଏହାକୁ ଏକ ସ୍ୱାଭାବିକ ମୃତ୍ୟୁ ବା ଆତ୍ମହତ୍ୟାର ରୂପ ଦେବାକୁ ଶଶୁର ଘର ପକ୍ଷରୁ ଚେଷ୍ଟା କରାଯାଉଥିବା ବେଳେ, ମୃତକଙ୍କ ବାପା ଥାନାରେ ପୁଅର ଯୌନାଙ୍ଗ (ଅଣ୍ଡକୋଷ) କାଟି ହତ୍ୟା କରାଯାଇଥିବା ନେଇ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ଅଭିଯୋଗ ମୁତାବକ, ନରସିଂହପୁର ଥାନା ଅଧୀନ ଅଲରା ଗ୍ରାମର ବସନ୍ତ ମଲ୍ଲିକଙ୍କ ପୁଅ ମନୋଜ ମଲ୍ଲିକ ଆଜକୁ ପ୍ରାୟ ୫ ବର୍ଷ ତଳେ କରଡିବନ୍ଧ ଗ୍ରାମର ଲକ୍ଷ୍ମୀପ୍ରିୟା ରାଉତଙ୍କୁ ବିବାହ କରିଥିଲେ। ସମ୍ପ୍ରତି ମନୋଜ ନିଜ ଶଶୁର ଘରକୁ ▶ପୃଷ୍ଠା-୭

ଆତ୍ମହତ୍ୟାର ରୂପ ଦେବାକୁ ଶଶୁର ଘର ଲୋକଙ୍କ ଅପଚେଷ୍ଟା

୫ ଫୁଟ୍‌ର ଡାଳରେ ୬ ଫୁଟ୍‌ର ମଣିଷ କେମିତି ଝୁଲିବ ବୋଲି ବାପାଙ୍କ ପ୍ରଶ୍ନ

ପୁଲିସର ନିଷ୍କ୍ରିୟତାକୁ ନେଇ ତେଜୁଛି ଅସନ୍ତୋଷ

**ସୁପ୍ରିମକୋର୍ଟଙ୍କ ଦୁଇ ବେଞ୍ଚ ମଧ୍ୟରେ ମତଭେଦ**

## ଖାଲିଦ୍‌ଙ୍କୁ ଜାମିନ ନ ଦେଇ ଭୁଲ୍ କରାଯାଇଛି

■ ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): କଠୋର ବେଆଇନ କାର୍ଯ୍ୟକଳାପ (ନିଷେଧ) ଆଇନ (ୟୁଏପିଏ) ଅନ୍ତର୍ଗତ ମାମଲାଗୁଡ଼ିକରେ ମଧ୍ୟ ଅଭିଯୁକ୍ତଙ୍କୁ ଜାମିନ ମିଳିପାରିବ। ଏହି ମାମଲାରେ ‘ଜାମିନ ଏକ ନିୟମ ଏବଂ ଜେଲ ଏକ ବ୍ୟତିକ୍ରମ’ ବୋଲି ସୁପ୍ରିମ କୋର୍ଟ ପୂର୍ବରୁ ନିର୍ଦ୍ଧାରିତ କରିଥିବା ଆଇନଗତ ନୀତି ମଧ୍ୟ ପ୍ରଯୁଜ୍ୟ। ତ୍ୱରିତ ଶୁଣାଣି ଏବଂ ଜାମିନ ମାମଲାରେ ଭାରତୀୟ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଅଧିକାରରୁ କୌଣସି ନାଗରିକଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ୟୁଏପିଏ ଅଧୀନରେ ଗିରଫ ହୋଇ ୫ ବର୍ଷରୁ ଅଧିକ ଦିନ ଧରି ଜେଲରେ ରହିଥିବା ଜେଏନୟୁ ଛାତ୍ର ଉମର ଖାଲିଦ ଏବଂ ସର୍ଜିଲ ଇମାମଙ୍କୁ ଜାମିନ ପ୍ରଦାନ ନ କରି ଭୁଲ କରାଯାଇଛି। ସୁପ୍ରିମ କୋର୍ଟଙ୍କ ଏକ ବେଞ୍ଚ ଆଜି ଏଭଳି ମତାମତ ଦେବା ପରେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି। ଗୋଟିଏ ବେଞ୍ଚର ରାୟ ସଂପର୍କାରେ ଆଉ ଏକ ବେଞ୍ଚ ଏପରି ପ୍ରତିକୂଳ ମନ୍ତବ୍ୟ ଦେବା ସହିତ ତାହାକୁ ସମାଲୋଚନା କରିବା ▶ପୃଷ୍ଠା-୭



ୟୁଏପିଏ ମାମଲାରେ ବି ଜାମିନ ମିଳିପାରିବ


SIKSHA ‘O’ ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ତେଲ ସଙ୍କଟ ଅବ୍ୟାହତ

### କମ୍ପାନୀଙ୍କ ମନମାନୀ: ୨୦୦ ପମ୍ପରେ ତେଲ ନାହିଁ

■ ଭୁବନେଶ୍ୱର, ୧୮।୫ (ସମିସ): ସାରା ରାଜ୍ୟରେ ଗତ କିଛି ଦିନ ହେବ ଜାରି ରହିଥିବା ତେଲ ସଙ୍କଟ ଉପକୂଳ ଓଡ଼ିଶାରେ ସୁଧୁରିଛି। ମାତ୍ର ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ସ୍ଥିତି ଏବେ ବି ଜଟିଳ ରହିଛି। ଅବିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ପ୍ରାୟ ୨୦୦ ପେଟ୍ରୋଲ ପମ୍ପରେ ଏବେ ଟୋପାଏ ବି ତେଲ ନାହିଁ। ପେଟ୍ରୋଲ-ଡିଜେଲ ପାଇଁ ଏବେ ବି ଜିଲାଗୁଡିକରେ ଲୋକେ ଦିନ ତମାମ୍ ଲମ୍ବା ଲାଇନ୍‌ରେ ଛିଡା ହେଉଛନ୍ତି। ମାଲକାନଗିରି, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡା ଓ ଝାରସୁଗୁଡା ଆଦି ଜିଲାରେ ସମସ୍ୟା ବଢ଼ିବାରେ ଲାଗିଥିବା ବେଳେ ସ୍ୱାଭିମାନ ଅଞ୍ଚଳରେ ସ୍ଥିତି ଅଣାୟତ୍ତ ହୋଇଛି।

ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି ଓ ନୂଆପଡ଼ା ଆଦି ଜିଲାରେ ଦିନକୁ ଦିନ ତୈଳ ସଙ୍କଟ ତୀବ୍ର ହୋଇଛି। ମାଲକାନଗିରି ସ୍ୱାଭିମାନ ଅଞ୍ଚଳରେ ପରିସ୍ଥିତି ଅତି ଗୁରୁତର। ଚିତ୍ରକୋଣ୍ଡା ଅଞ୍ଚଳରେ ଗୋଟିଏ ତେଲ ଟାଙ୍କି

**ଅବିଭକ୍ତ କୋରାପୁଟ ଓ କଳାହାଣ୍ଡିରେ ସ୍ଥିତି ଖରାପ**

ସମଗ୍ର ଅଞ୍ଚଳର ସାହାଭରସା। ମାତ୍ର ପେଟ୍ରୋଲ ଏବଂ ଡିଜେଲ ଅଭାବ ଯୋଗୁ ସ୍ୱାଭିମାନ ଅଞ୍ଚଳ ସହ ବଣ୍ଡାଘାଟିର ବିଭିନ୍ନ ଅଞ୍ଚଳକୁ ମାଲ ପରିବହନ ବାଧାପ୍ରାପ୍ତ ହୋଇଛି। କଳାହାଣ୍ଡିର ଅଧିକାଂଶ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ମିଳୁନାହିଁ। ଯେଉଁଠି ତେଲ ଅଛି ▶ପୃଷ୍ଠା-୭

## ତେଲ ଅଭାବରୁ ଚାଲିଗଲା ଜୀବନ !

■ ମାଲକାନଗିରି, ୧୮।୫ (ସମିସ): ମାଲକାନଗିରି ଜିଲ୍ଲାରେ ତେଲ ସଙ୍କଟ କାରଣରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଖଇରପୁଟ ବ୍ଲକ କୁସୁମପୁଟ ଗ୍ରାମର ବସନ୍ତ ଖିଲ ଆମ୍ବ ତୋଳୁଥିବା ବେଳେ ଗଛରୁ ପଡ଼ି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଏକ ମୋଟର ସାଇକଲରେ ଚିକିତ୍ସାଳୟକୁ ନେଉଥିବା ସମୟରେ ଅଧା ରାସ୍ତାରେ ପେଟ୍ରୋଲ ସରିଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ତେଲ ମିଳୁନଥିବାରୁ ଆମ୍ବୁଲାନ୍ସକୁ ଡକାଯାଇଥିଲା। କିଛି ସମୟ ପରେ ଆମ୍ବୁଲାନ୍ସ ଆସିବାରୁ ବସନ୍ତଙ୍କୁ ମାଥିଲି ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ଅବସ୍ଥା ଅଧିକ ଗୁରୁତର ଥିବାରୁ ସେଠାରୁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଠିକ୍ ସମୟରେ ଚିକିତ୍ସା ମିଳିଥିଲେ ହୁଏତ ଜୀବନ ବଞ୍ଚିପାରିଥାନ୍ତା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୋଟର ସାଇକଲ୍‌ରେ ତେଲ ଥିଲେ ରୋଗୀ ଠିକ୍ ▶ପୃଷ୍ଠା-୭

**ଗଛରୁ ପଡି ଗୁରୁତର ଥିଲେ, ହସ୍ପିଟାଲ ଯିବା ରାସ୍ତାରେ ଗାଡ଼ିରୁ ତେଲ ସରିଗଲା**

# ଗୋଲ କୋଇଲା କାରଖାନାରେ ଶିଶୁ ଶ୍ରମିକ
# ୫୦ରୁ ଉର୍ଦ୍ଧ୍ୱ ଯତ୍ନ ସୁରକ୍ଷା ଶିଶୁ ଚିହ୍ନଟ

ଯାଜପୁର, ୧୮।୫(ସମିସ)

ଶିଶୁ ମାନଙ୍କ ସୁରକ୍ଷା ପାଇଁ ଅନେକ ଆଇନ ରହିଥିଲେ ହେଁ ଏହାର ସୁଫଳ ମିଳୁନଥିବା ଦେଖିବାକୁ ମିଳୁଛି। ଯାଜପୁର ଜିଲ୍ଲା କୁଆଖିଆ ଅଞ୍ଚଳର ଏକ ଗୋଲ୍ କୋଇଲା କାରଖାନା ପରିସରରେ ୫୦ରୁ ଉର୍ଦ୍ଧ୍ୱ ଯତ୍ନ ସୁରକ୍ଷା ଶିଶୁ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ଶିଶୁ ଶ୍ରମିକ ରହିଥିବା ଜଣାପଡ଼ିଛି। ଅଳ୍ପ କିଛି ଅର୍ଥ ପାଇଁ ବାପାମା'ଙ୍କ ସହ କୁନିକୁନି ଶିଶୁମାନଙ୍କୁ ମଧ୍ୟ ଅସୁରକ୍ଷିତ ଭାବେ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଗୋଲ କୋଇଲା କାରଖାନାରୁ ୭୦ରୁ ଅଧିକ ଯତ୍ନ ସୁରକ୍ଷା ଲୋଡୁଥିବା ଶିଶୁ ଚିହ୍ନଟ କରାଯାଇଛି। କିଏ ବାପାମା'ଙ୍କ ସହ କାରଖାନାରେ କାମ କରୁଥିବା ବେଳେ କିଏ ନିଜର ସମ୍ପର୍କୀୟଙ୍କ ସହ ଆସି ଶ୍ରମିକ ସାଜିଛନ୍ତି। ଏପରିକି କିଛି ନାବାଳିକା ଝିଅ ମଧ୍ୟ ଅସୁରକ୍ଷିତ ଭାବେ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ରସୁଲପୁର ବ୍ଲକ ବରାଂଶସ୍ଥିତ ଏକ ଗୋଲ କୋଇଲା କାରଖାନାରେ ଆଜି ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଟାସ୍କଫୋର୍ସ ଚଢ଼ଉ କରିଥିଲା। ଏହି ଗୋଲ କୋଇଲା କାରଖାନାରେ କାମ କରୁଥିବା ଶ୍ରମିକମାନଙ୍କ ଶିଶୁମାନେ ଅବହେଳିତ ଓ ଅସ୍ୱାସ୍ଥ୍ୟକର ପରିବେଶରେ ରହିଥିବା ଓ ଶିଶୁଶ୍ରମିକ ଭାବରେ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଥିଲା। ଯାଜପୁର ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଉକ୍ତ ଶିଶୁମାନଙ୍କୁ ଉଦ୍ଧାର ଓ ଉପଯୁକ୍ତ ମୌଳିକ ଅଧିକାର ସୁନିଶ୍ଚିତ କରିବା ପାଇଁ ଅନୁରୋଧ କରିଥିଲେ। ଆଜି ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, କୁଆଖିଆ ପୁଲିସ, ରସୁଲପୁର ଶିଶୁ ବିକାଶ ଓ ପ୍ରକଳ୍ପ ସଂଯୋଜକ, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର, ଚାଇଲ୍ଡ ହେଲପ୍‌ଲାଇନ, ଆଶା, ଅଙ୍ଗନବାଡି କର୍ମୀ ପ୍ରମୁଖ ଉକ୍ତ କାରଖାନାରେ ପହଞ୍ଚି ଶିଶୁମାନଙ୍କ ସ୍ଥିତି ଯାଞ୍ଚ କରିଥିଲେ। ପିତାମାତାଙ୍କ ସହ ଶିଶୁମାନେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ କୋଇଲା କାରଖାନା ମଧ୍ୟରେ ଜୀବନଯାପନ କରୁଥିବା ଦେଖିବାକୁ ମିଳିଥିଲା। କିଛି ଶିଶୁ ଏଠାରେ ଶ୍ରମ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ କୁପୋଷଣ, ବିଭିନ୍ନ ଚର୍ମରୋଗ ପୀଡ଼ିତ ଥିବା ସନ୍ଦେହ କରାଯାଉଛି। କାରଖାନାରେ ଶ୍ରମିକ ଭାବରେ କାମ କରୁଥିବା ଲୋକେ ସମସ୍ତେ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ବୋଲି ଜଣାପଡ଼ିଛି। ଏଠାରେ ଶତାଧିକ ଶିଶୁ ରହୁଥିବା ବେଳେ କୋଇଲା କାରଖାନାର ନିର୍ଗତ ପ୍ରଦୂଷଣ ଧୂଆଁ, କୋଇଲା ଗୁଣ୍ଡ ପ୍ରବାହରେ ସମସ୍ତେ ପ୍ରଭାବିତ ହୋଇଛନ୍ତି। ସମସ୍ତେ ପୁଷ୍ଟିକର ଖାଦ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପରି ମୌଳିକ ଅଧିକାର ବଞ୍ଚିତ ହେଉଥିବାର ଦେଖିବାକୁ ମିଳିଥିଲା। ସେହିପରି କାମ କରୁଥିବା ଶ୍ରମିକ ମାନଙ୍କୁ ନିର୍ଦ୍ଧାରିତ ମଜୁରୀ ଠାରୁ କମ୍ ମଜୁରୀ ଦିଆଯାଉଥିବାର ପ୍ରମାଣ ମିଳିଥିଲା। ଏଠାରେ ଶିଶୁ ଶ୍ରମିକ ନିଷେଧ ଓ ନିୟନ୍ତ୍ରଣ ଆଇନ-୧୯୮୬, ସର୍ବନିମ୍ନ ମଜୁରୀ ଆଇନ -୧୯୩୬, ଶିକ୍ଷା ଅଧିକାର ଆଇନ-୨୦୦୯, ଶିଶୁ ଓ କିଶୋର ଆଇନ-୨୦୧୫ ଭଳି ଅନେକ ଆଇନ ଉଲ୍ଲଙ୍ଘନ ହୋଇଥିବା ଦେଖିବାକୁ ମିଳିଥିଲା। ତେଣୁ ଏହି ଘଟଣାରେ ଶିଶୁଶ୍ରମିକ, ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ସମସ୍ତ ଶିଶୁମାନଙ୍କୁ ଆସନ୍ତାକାଲି ଶିଶୁ ମଙ୍ଗଳ କମିଟିରେ କାରଖାନା ମାଲିକଙ୍କ ପକ୍ଷରୁ ହାଜର କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସୂଚନା ଦେଇଛନ୍ତି। କାରଖାନା ବିରୋଧରେ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଥାନାରେ ମଧ୍ୟ ଅଭିଯୋଗ କରାଯିବ ବୋଲି କହିଛନ୍ତି। ତେବେ ବିଭିନ୍ନ ଘରୋଇ ଅନୁଷ୍ଠାନମାନେ ଶିଶୁ ଶ୍ରମିକ ନିୟୋଜିତ କରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏହି ସମସ୍ୟା ବଢ଼ିବଢ଼ି ଚାଲିଥିବା ଚର୍ଚ୍ଚା ହେଉଛି।

# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



କୁଆଖିଆ, ୧୮।୫(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୯୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୩ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୮ଟି, ରେଡ୍‌କ୍ରସ ସହାୟତା ପାଣ୍ଠିରୁ ୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରସୁଲପୁର ସତ୍ୟାନନ୍ଦ ଦାଶ, ତହସିଲଦାର ରସୁଲପୁର ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ପ୍ରତିଭା ସମ୍ମାନ ସମାରୋହ



ବିଞ୍ଝାରପୁର, ୧୮।୫(ସମିସ): ଛାତ୍ରୀଛାତ୍ର ଚାପଗ୍ରସ୍ତ ନ ହୋଇ ନିରନ୍ତର ଅଧ୍ୟୟନ ଜାରି ରଖିଲେ ପ୍ରତିଭା ବିକଶିତ ହୁଏ ବୋଲି ବିଞ୍ଝାରପୁର ବ୍ଲକର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମା' ଥାନପତି ସାହିତ୍ୟ ସଂସଦ ଓ ପିପୁଲ୍ସ କେୟାର ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ସଂସଦର କୋଷାଧ୍ୟକ୍ଷ ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଫତେପୁର ପଞ୍ଚାୟତ ଅନ୍ତର୍ଗତ ନଛିପୁରସ୍ଥିତ ମା' ଥାନପତି ପୀଠରେ ଅନୁଷ୍ଠିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ଏଡିଏମ୍ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ କୁମାର ବେହେରା ଯୋଗଦେଇଥିଲେ। ସଂସଦର ସମ୍ପାଦକ ଶିକ୍ଷାବିତ୍ ରମାକାନ୍ତ ନାୟକ ଅତିଥି ପରିଚୟ କବିତା ମାଧ୍ୟମରେ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ରବି ନାରାୟଣ ସାମଲ, ଶ୍ରୀଧର ସାହୁ ଓ ସୁଶାନ୍ତ କୁମାର ଜେନା ଯୋଗଦେଇ ଛାତ୍ରଛାତ୍ରୀ ନିଜ ଭବିଷ୍ୟତ ନିଜେ ଗଢିବାକୁ ହେଲେ ଧୈର୍ଯ୍ୟ ଓ ସାହସର ସହ ନିୟମିତ ପରିଶ୍ରମ କରିବାକୁ ମତ ରଖିଥିଲେ। ସଂସଦ ଓ ଫାଉଣ୍ଡେସନ୍ ପକ୍ଷରୁ ଚଳିତ ମାଟ୍ରିକ୍ ପରୀକ୍ଷାରେ ଏ-୧, ଏ-୨, ବି-୧ ଓ ବି-୨ରେ ଉତ୍ତୀର୍ଣ୍ଣ ୪୨ଜଣ ପ୍ରତିଭାବାନ୍ ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକଙ୍କୁ ଉତ୍ତରୀୟ, ଟ୍ରଫି, ପୁସ୍ତକ ଓ ମାନପତ୍ର ଦେଇ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ସଂସଦର ସଭାପତି ଔପନ୍ୟାସିକ ସୁଧୀର କୁମାର ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶିଶିର କୁମାର ଦାସ, ଅକ୍ଷୟ କୁମାର ସେଠୀ, ଆଲୋକ କୁମାର ଦାସ, ନାରାୟଣ ଚନ୍ଦ୍ର ଦାସ, ରାଜସ୍ମିତା ଆଚାର୍ଯ୍ୟ, ଭାଗ୍ୟଶ୍ରୀ ସାହୁ, ସନ୍ତୋଷ କୁମାର ବେଉରିଆ, ପ୍ରତିଜ୍ଞା ସାହୁ, ଅମ୍ବିକା ପ୍ରସାଦ ସାମଲ, ଭାରତ ଭୂଷଣ ମଲ୍ଲିକ, ବୈଦ୍ୟନାଥ ଜେନା, ସଙ୍କର୍ଷଣ ଦାଶ, ସୁମନ ସାହୁ, ଦେବେନ୍ଦ୍ର ସାମଲ, ନିରଞ୍ଜନ ପାତ୍ର, ମାଧବାନନ୍ଦ ଦାସ ଓ ପ୍ରମୋଦ କୁମାର ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ବିନା ଡାକ୍ତରରେ ଚାଲିଛି ବରୁଆଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର




ବରୁଆଁ, ୧୮।୫(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ତଥା ମାର୍କଣ୍ଡପୁର ସିଏଚ୍‌ସି ଅଧୀନସ୍ଥ ବରୁଆଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନା ଡାକ୍ତରରେ ଚାଲିଛି ରୋଗୀ ସେବା। ୧୯୯୦ ମସିହାରେ ସରକାରୀ ଭାବେ ଉଦ୍‌ଘାଟିତ ହୋଇଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମୟରେ ନିୟମିତ ଭାବେ ଡାକ୍ତର ନ ରହିବା ଜଣାପଡ଼ିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ୫ଟି ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଚିକିତ୍ସା କ୍ଷେତ୍ରରେ ଅବହେଳିତ ହେଉଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଲୋକମାନେ ଜ୍ୱର, ଝାଡା, ବାନ୍ତି ସାପ କାମୁଡ଼ା ଓ ଦୁର୍ଘଟଣାରେ ଆହତ ହେଇଥିବା ବ୍ୟକ୍ତି ମାନେ ଚିକିତ୍ସା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଏପରିକି ବର୍ତ୍ତମାନ ଖରାର ତାତି ବଢୁଥିବାରୁ ଅଂଶୁଘାତ ସମସ୍ୟା ସୃଷ୍ଟି ହେଉଛି। କିନ୍ତୁ ଗତ ମାର୍ଚ୍ଚ ମାସରୁ ଏଠାରେ ଡାକ୍ତରଙ୍କ ଚୌକି ଖାଲିପଡ଼ିଛି। ଡାକ୍ତରଙ୍କ ଅନୁପସ୍ଥିତରେ ଫାର୍ମାସିଷ୍ଟ ରୋଗୀ ଚିକିତ୍ସା କରୁଛନ୍ତି। ଅପର ପକ୍ଷରେ ରାଜ୍ୟ ସରକାର କୌଣସି ଡାକ୍ତରଖାନାରେ ଡାକ୍ତର ଅଭାବ ରହିବ ନାହିଁ ବୋଲି ଡିଡିମ୍ବ ପିଟୁଥିବା ବେଳେ ବରୁଆଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ରାଜ୍ୟ ସରକାର ତୁରନ୍ତ ଏହି ପଦବୀକୁ ପୂରଣ କରି ଜନସାଧାରଣଙ୍କୁ ଉତ୍ତମ ରୋଗୀ ସେବା ଯୋଗାଇ ଦେବାକୁ ବହୁ ବୁଦ୍ଧିଜୀବୀ ଦାବି ଜଣାଇଛନ୍ତି।

# ବିଦ୍ୟୁତ୍ ତାର ଚୋରି କରି ୨ ଗିରଫ

ବିଞ୍ଝାରପୁର, ୧୮।୫(ସମିସ): ବିଞ୍ଝାରପୁର ଥାନା ପୁଲିସ ଏଲ୍‌ଆଣ୍ଡଟି କମ୍ପାନୀର ବିଦ୍ୟୁତ ତାର ଚୋରିଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ହୋଇଥିବା ଅଭିଯୁକ୍ତ ଦ୍ୱୟ ହେଲେ ସିଂହପୁର ଗ୍ରାମର ତ୍ରିନାଥ ପାତ୍ର (୨୮) ଓ ଜରୀବାଙ୍କ ଗ୍ରାମର ଅକୁଳ ମଲ୍ଲିକ (୩୨)। ପୁଲିସ ସେମାନଙ୍କ ନିକଟରୁ ବିପୁଳ ପରିମାଣର ବିଦ୍ୟୁତ ତାର ସହ ଚୋରୀ କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ଉପକରଣ ଜବତ କରିଥିବା ବେଳେ ପୁଲିସ ରେକର୍ଡ ଅନୁଯାୟୀ ଅକୁଳ ମଲ୍ଲିକଙ୍କ ନାମରେ ପୂର୍ବରୁ ବିଞ୍ଝାରପୁର ଥାନାରେ ୧୯୬/୧୯, ୧୮୪/୨୧, ୫୪/୨୩, ୨୩୨/୨୨, ୨୩୯/୨୦ ଓ ୧୩୮/୧୮ ନମ୍ବରର ମୋଟ ୬ଟି ମାମଲା ରହିଥିବା ବେଳେ ଏହି ବିଦ୍ୟୁତ ତାର ଚୋରି ଘଟଣା ଆଉ ବହୁ ସନ୍ଦିଗ୍ଧ ରହିଥିବା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି ଗତ ମେ' ୭ ତାରିଖ ଏଲ୍‌ଆଣ୍ଡଟି କମ୍ପାନୀ ଆଡମିନ୍ ଇନ୍‌ଚାର୍ଜ ତପସ ପଣ୍ଡା ବିଞ୍ଝାରପୁର ଥାନାରେ ପୁରୁଷୋତ୍ତମପୁର-କୋଦଣ୍ଡପୁର ଅଞ୍ଚଳରେ ଚାଲୁଥିବା ପ୍ରକଳ୍ପର ନିୟମିତ ଯାଞ୍ଚ ବେଳେ ବାଗମାରା ଗ୍ରାମ ନିକଟରୁ ପ୍ରାୟ ୩.୪୫ କିଲୋମିଟର ଦୈର୍ଘ୍ୟର ତିନୋଟି ବିଦ୍ୟୁତ ପରିବାହକ ତାର ଚୋରି ହୋଇଥିବାର ଲିଖିତ ଅଭିଯୋଗ କରିଥିଲେ। ଚୋରି ହୋଇଥିବା ତାରର ମୂଲ୍ୟ ୫ ଲକ୍ଷାଧିକ ଟଙ୍କା ହେବ ବୋଲି କମ୍ପାନୀ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଥିଲା। ବିଞ୍ଝାରପୁର ପୋଲିସ ଏହି ଅଭିଯୋଗକୁ ଗ୍ରହଣ କରି ୨୧୦/୨୬ ଏକ ଚୋରି ମାମଲା ରୁଜ କରି ତଦନ୍ତ କରୁଥିଲା।

# ବିଜେଡିରେ ଯୋଗଦେଲେ ପୂର୍ବତନ ସରପଞ୍ଚ



ବଡଚଣା, ୧୮।୫(ସମିସ): ଚଣ୍ଡିଖୋଲ ସ୍ଥିତ ବିଜୁ ଜନତା ଦଳର କାର୍ଯ୍ୟାଳୟରେ ରବିବାର ସନ୍ଧ୍ୟାରେ ଆୟୋଜିତ ମିଶ୍ରଣ ପର୍ବରେ ବଡ଼ଚଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗ୍ୟଧର ପ୍ରଧାନ ବିଜେପି ପରିତ୍ୟାଗ କରି ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି। ଶ୍ରୀଯୁକ୍ତ ମହାପାତ୍ର ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବ୍ଲକ ସଭାପତି ତାପସ ଚନ୍ଦ୍ର ରାୟ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ଜ୍ଞାନରଞ୍ଜନ ସାହୁ, ଦିଲ୍ଲୀପ କୁମାର ସାମଲ, ଆଶିଷ ରଞ୍ଜନ ଚୌଧୁରୀ, ସଞ୍ଜୟ ସ୍ୱାଇଁ, ଧୁଳେସ୍ୱର ଦାସ, ପ୍ରକାଶ ପ୍ରଧାନ, ପ୍ରଦୀପ୍ତ କୁମାର ମହାନ୍ତି, ଜଗନ୍ନାଥ ମୁଦୁଲି, ରବୀନ୍ଦ୍ର ବେହେରା, ସୁଶାନ୍ତ ନାୟକ ପ୍ରମୂଖ ସ୍ୱାଗତ ଜଣାଇଛନ୍ତି। ସେହିପରି ବଡ଼ଚଣା ଅଞ୍ଚଳର ଡା. ପବନେଶ୍ୱର୍ ଜେନା, ବିଜୟ କୁମାର ପ୍ରଧାନ, ନୀଳମଣି ଦାସ, ବଟକୃଷ୍ଣ ବଳ, ବୁଧିରାମ ବିଶ୍ୱାଳ, ଗୋପାଳ କିସ୍କୋ, ସ୍ମୃତି ରଞ୍ଜନ ପ୍ରଧାନ, ଶ୍ରୀଧର ବେହେରା, ଏ ଆନନ୍ଦ ସିଂ, ଶରତ ଚନ୍ଦ୍ର ମିଶ୍ର, ଶୁଭ୍ରାଂଶୁ ଶେଖର ସାହୁ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କ ସ୍ମୃତିସଭା

ବ୍ୟାସନଗର, ୧୮।୫(ସମିସ): ସିଆଇଟିୟୁର ସର୍ବଭାରତୀୟ ଉପସଭାପତି, ରାଜ୍ୟର ସାଧାରଣ ସମ୍ପାଦକ ଓ ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ବ୍ୟାସନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଜିଲ୍ଲା କମିଟି ସଭ୍ୟ ନିର୍ମଳ ରଥ, ସୁରେଶ ସାହୁ, ପନି କିସ୍କୁ, ମାଳତୀ ହାଁସଦା, ଜୟରାମ ମୁର୍ମୁ, ଲିଟା ଲାଗୁରୀ, ମନ୍ମଥ ରାୟ, ସମୀର ମୁଖି, ରଶ୍ମିତା ବିନ୍ଧାଣୀ, ଜଗା ମୁଣ୍ଡା, ରଶ୍ମିରେଖା ନାୟକ, କୁନି ପୂର୍ତ୍ତୀ ପ୍ରମୁଖ ନିଜର ବକ୍ତବ୍ୟରେ ଗଭୀର ଶୋକ ପ୍ରକାଶ ପ୍ରକାଶ କରିଥିଲେ। ବିଷ୍ଣୁ ମହାନ୍ତି ୧୯୫୧ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ଛାତ୍ର ଜୀବନରେ ଏସ୍‌ଏଫ୍‌ଆଇ ସହିତ ସଂଶ୍ଳିଷ୍ଟ ଥିବା ବିଷ୍ଣୁ ମହାନ୍ତି ପରବର୍ତ୍ତୀ ସମୟରେ ସିଆଇଟିୟୁରେ ଯୋଗ ଦେଇଥିଲେ। ସୁଦୂର ସୁନ୍ଦରଗଡ଼ ଜିଲ୍ଲାର ଖଣିଖାଦାନ ଭରା ଅଞ୍ଚଳକୁ ନିଜର କର୍ମକ୍ଷେତ୍ର ଭାବେ ଗ୍ରହଣ କରି ଶ୍ରମିକ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ସହିତ ଉକ୍ତ ଅଞ୍ଚଳରେ ସିଆଇଟିୟୁକୁ ସୁଦୃଢ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସଭାପତି ପ୍ରଫୁଲ୍ଲ ନାୟକ ନିଜର ବକ୍ତବ୍ୟରେ କହିଥିଲେ। ତାଙ୍କ ବିୟୋଗରେ ସୁନ୍ଦରଗଡ଼ ଜିଲ୍ଲା ସମେତ ସମଗ୍ର ରାଜ୍ୟର ଶ୍ରମିକ ଆନ୍ଦୋଳନରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା ଏହା ଏକ ଅପୂରଣୀୟ କ୍ଷତି ବୋଲି ସମସ୍ତେ ନିଜର ବକ୍ତବ୍ୟରେ କହିଥିଲେ।

# ବିଜେଡି ପକ୍ଷରୁ ସାଇକଲ ଶୋଭାଯାତ୍ରା



ଧର୍ମଶାଳା, ୧୮।୫(ସମିସ): ଧର୍ମଶାଳା ବିଜୁ ଜନତା ଦଳ ପକ୍ଷରୁ ସକାଳ ସମୟରେ ପେଟ୍ରୋଲ, ଡିଜେଲ ଓ ଜାଳେଣି ଗ୍ୟାସର ଅହେତୁକ ମୂଲ୍ୟ ବୃଦ୍ଧି ଓ ଅଭାବି ବିକ୍ରି ପ୍ରତିବାଦରେ ଆଜି ଏକ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ବ୍ଲକ ସଭାପତି ପ୍ରସନ୍ନ କୁମାର ରାଉତଙ୍କ ନେତୃତ୍ୱରେ ଏହି ସାଇକଲ ଶୋଭାଯାତ୍ରା ଶାନ୍ତିବଜାରରୁ ବାହାରି ଜାରକା ବଜାର ପରିକ୍ରମା କରି ନୂଆଗାଁସ୍ଥିତ ଦଳୀୟ କାର୍ଯ୍ୟାଳୟ ପହଞ୍ଚିଥିଲା। ଦଳୀୟ କର୍ମୀ ସୁବ୍ରତ କୁମାର ଧଳ, ମହେଶ୍ୱର ବିଶ୍ୱାଳ, ବିକାଶ ବେହେରା, ବିଜୟ କୁମାର ରାଉତ, ବୁଲୁ ବେହେରା ସମେତ ବହୁ ବିଜେଡି କର୍ମୀ ସାଇକଲ ଯୋଗେ ଶୋଭାଯାତ୍ରାରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତା ପାଇଁ ଆଜି ପେଟ୍ରୋଲ, ଡିଜେଲ ଓ ଜାଳେଣି ଗ୍ୟାସର ଅହେତୁକ ଦରଦାମ ଓ ଅଭାବୀ ବିକ୍ର ଦେଖାଦେଇଛି ବୋଲି ସେମାନେ ନାରାବାଜି କରିଥିଲେ। ତେଲ ସମସ୍ୟା ପାଇଁ ଅନେକ ପେଟ୍ରୋଲ ପମ୍ପ ବନ୍ଦ ରହିଛି। ଗାଡି, ମଟର, କାର ଓ ବାଇକ୍ ଆରୋହୀମାନେ ପେଟ୍ରୋଲ ପମ୍ପରେ ଘଣ୍ଟାଘଣ୍ଟା ଅପେକ୍ଷା କରି ତେଲ ପାଉନାହାନ୍ତି। ତେଲ ଅଭାବୀ ପାଇଁ ଗାଡି ମଟର ଠିଆ ହୋଇ ରହିଛି ବୋଲି ସେମାନେ ଅଭିଯୋଗ କରିଥିଲେ।

# ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ



ଧର୍ମଶାଳା, ୧୮।୫(ସମିସ): ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସରରେ ଆଜି ଆର୍ଟ ଅଫ ଗିଭିଂର ୧୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ସଂଯୋଜକ ତଥା କିଟ୍ ଆଇଟିଆଇର ସହ ପ୍ରଶିକ୍ଷଣ ଅଧିକାରୀ ମୋହନଲାଲ ବ୍ୟାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ପ୍ରେସ୍ କ୍ଲବ କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ସ୍ୱାଇଁ ଓ କଳିଙ୍ଗ ଟିଭି ଯାଜପୁର ପ୍ରତିନିଧି ଅବିନେଶ୍ୱର ଶତପଥୀ ଅତିଥ ଠିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦଘାଟନ କରିଥିଲେ। ଏହି ଅବସରରେ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାବିତମାନଙ୍କୁ ଖେଳ ଉପକରଣ ଓ ଟି-ସାର୍ଟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଗିରିଧାରୀ ବେହେରା, ମାନସ ରଞ୍ଜନ ଜେନା, କିଶୋର ରାଉତ, ସୁଶାନ୍ତ ଦାସ, ବରିଷ୍ଠ କ୍ରୀଡ଼ାବିତ ଚକ୍ରଧର ଲେଙ୍କା, ପ୍ରମୋଦ ସାମଲ, କିଟ୍ ସ୍କୁଲ ଅଫ ଡିଜାଇନ ବିଭାଗର ପ୍ରଫେସର ସାଇପ୍ରସାଦ ଓଝା, ସମାଜସେବୀ ବର୍ଷାରାଣୀ ପଣ୍ଡା, ଜେଏସଡବ୍ଲୁ ମ୍ୟାନେଜର କମେଶ୍ୱର ପଣ୍ଡା, ରଶ୍ମିରଞ୍ଜନ କର, ସୁବାସ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ବିଧବା ଭତ୍ତାରୁ ବଞ୍ଚିତ ହିତାଧିକାରୀ ମାମି



ଜେନାପୁର, ୧୮।୫(ସମିସ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ବୃଦ୍ଧବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଯୋଗାଇ ଦେଉଥିବା ବେଳେ କୋଟିକୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରୁଛନ୍ତି। ମାତ୍ର କିଛି ମୁନାଫାଖୋର ଅଧିକାରୀ ଓ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଆନ୍ତରିକ ମନୋଭାବ ଯୋଗୁଁ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏବଂ ତାଙ୍କ ପଛରେ ଆବେଦନ କରିଥିବା ଲୋକେ ଭତ୍ତା ହାତଉଥିବା ଦେଖିବାକୁ ମିଳୁଛି। ଯାହାର ଜ୍ୱଳନ୍ତ ଉଦାହରଣ ଧର୍ମଶାଳା ବ୍ଲକର ଅଧିକାଂଶ ପଞ୍ଚାୟତରେ ଦେଖିବାକୁ ମିଳୁଛି। ସେହିପରି ଧର୍ମଶାଳା ବ୍ଲକ ଜେନାପୁର ପଞ୍ଚାୟତ ଉତ୍ତର ଅରିମୂଳ ଗ୍ରାମର ଟୁନୁ ବିଶ୍ୱାଳଙ୍କ ସ୍ତ୍ରୀ ମାମି ବିଶ୍ୱାଳ (୫୦)ଙ୍କ କ୍ଷେତ୍ରରେ ଘଟିଛି। ପରିବାର କହିଲେ ସ୍ୱାମୀ ମୃତ୍ୟୁ ପରେ ୩ ପିଲାଙ୍କୁ ଧରି ବହୁତ କଷ୍ଟରେ ଚଳିଆସୁଛନ୍ତି। ରୋଜଗାରିଆ ସ୍ୱାମୀ ଗଲା ପରେ ଆଜିକା ଦରଦାମ ଯୁଗରେ ଉପବାସରେ ଦିନ କଟୁଛି। ସରକାରଙ୍କ ତରଫରୁ ଯାହା ରାସନ୍ କାର୍ଡରେ ୨୫ କେଜି ଚାଉଳ ମିଳେ। ଦୀର୍ଘ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ହେବ ନିୟମିତ ଭାବେ ଭତ୍ତା ପାଇବା ପାଇଁ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରି କସରତ ଚଲେଇଛନ୍ତି। ମାତ୍ର ପ୍ରତିଥର ବ୍ଲକରେ ଥିବା ଭତ୍ତା ବିଭାଗର ଅଧିକାରୀଙ୍କୁ ପ୍ରଚାରିବାରୁ ସେ କହୁଛନ୍ତି ଜିଲ୍ଲାପାଳ ଅଫିସରେ ଅଛି ଟାରଗେଟ୍ ଆସିଲେ ହେବ ଏପରି ଭୁଆଁ ବୁଲେଇ ଚାଲିଛନ୍ତି। କିନ୍ତୁ ଦୁଃଖ ପରିତାପର ବିଷୟ ତାଙ୍କ ପଛରେ ଆବେଦନ କରିଥିବା ଲେକେ ଭତ୍ତା ପାଇଛନ୍ତି ଯାହାକୁ ନେଇ ସେ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ସ୍ୱାମୀ ଗଲା ପରେ ବି ଏ ସମୟରେ ଭାଙ୍ଗି ପଡ଼ିଛନ୍ତି। ଏମିତି ଭତ୍ତା କରିବା ପାଇଁ ବାରମ୍ବାର ଜିଲ୍ଲାପାଳ କାର୍ଯ୍ୟାଳୟ ଓ ବ୍ଲକ ଯାଇ ନିରାଶ ହୋଇ ଫେରୁଛନ୍ତି। ତଥାପି ହାର ନମାନି ମାମି ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନକୁ ବିଧବା ଭତ୍ତା ପ୍ରଦାନ କରିବାକୁ ନେହୁରା ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ମାମିଙ୍କୁ ବିଧବା ଭତ୍ତା ପ୍ରଦାନ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଜଳ ସମସ୍ୟା ଓ ସ୍ୱାସ୍ଥ୍ୟସେବାକୁ ନେଇ ଅସନ୍ତୋଷ

ଯଖପୁରା, ୧୮।୫(ସମିସ)




ଦାନଗଦି ବ୍ଲକ ଅନ୍ତର୍ଗତ ଯଖପୁରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ମେ' ମାସର ପଞ୍ଚାୟତସ୍ତରୀୟ ମିଳିତ ଅଭିଯୋଗ ଜନଶୁଣାଣି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଦାନଗଦି ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ମୁଖ୍ୟ ଭାବେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକର ସିଧାସଳଖ ଶୁଣାଣି କରିଥିଲେ। ତାଙ୍କ ସହ ଯଖପୁରା ଜିପିର ପିଇଓ କଳ୍ପିତା ବିଶ୍ୱାଳ, ଏଡିଇଓ ସ୍ମୃତି ରଞ୍ଜନ ସ୍ୱାଇଁ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ରଶ୍ମିତା ନାଥ, ଦାନଗଦି ଏବିଇଓ ଏବଂ ଅଙ୍ଗନବାଡ଼ି ସୁପରଭାଇଜର ଦୀପ୍ତିମୟୀ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସମସ୍ୟା ଗୁଡ଼ିକର ସମୀକ୍ଷା କରିଥିଲେ। ଶୁଣାଣି କାଳରେ ମୋଟ ୧୧ଟି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ୪ଟି ଆବେଦନ ଆସିଥିଲା, ଯେଉଁଥିରେ ବସନ୍ତ କୁମାର ରାଉତରାୟ, ରାଧାଶ୍ୟାମ ବିଶ୍ୱାଳ, ନୃସିଂହ ଚରଣ ନାୟକ, ଲଳିତା ମଲ୍ଲିକ ଓ ଜୁଲୁକା ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ଏହା ସହିତ ଆୟୁଷ୍ମାନ କାର୍ଯ୍ୟକାରୀ ନହେବା ବା କାର୍ଡ ନମିଳିବା ଏବଂ ଏଲ୍‌ଆଇ ସେଣ୍ଟରରେ ଡାକ୍ତର ନଥିବା ନେଇ ଅଞ୍ଜନ ସାମଲ ଅଭିଯୋଗ କରିଥିଲେ। ଯଖପୁରା ପିଏଚ୍‌ସି ମେଡିକାଲରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ମଧ୍ୟ ଦୃଢ଼ ଦାବି ହୋଇଥିଲା। ଯଖପୁରା ପଞ୍ଚାୟତରେ ଉତ୍କଟ ଜଳାଭାବକୁ ନେଇ ଜନ ଅସନ୍ତୋଷ ଜୋର ଧରିବାରେ ଲାଗିଛି। ଏହି ସଭାରେ ସବୁଠାରୁ ମୁଖ୍ୟ ଓ ସମ୍ବେଦନଶୀଳ ପ୍ରସଙ୍ଗ ଥିଲା ଯଖପୁରା ଗ୍ରାମ ପଞ୍ଚାୟତର ୭ ନମ୍ବର ୱାର୍ଡ ଅନ୍ତର୍ଗତ ହରିଜନ ସାହିର ଉତ୍କଟ ପାନୀୟ ଜଳ ସମସ୍ୟା। ଶିଳ୍ପାଞ୍ଚଳ ମାନଚିତ୍ରରେ ଜଖପୁରା ଗାଁ ସବୁଠାରୁ ଆଗରେ ଥିଲେ ମଧ୍ୟ ଏଠାରେ ପାଣି ସମସ୍ୟା ଦିନକୁ ଦିନ ଭୟାନକ ରୂପ ଧାରଣ କରୁଛି। ଜନସାଧାରଣଙ୍କ ସମସ୍ତ ଅଭିଯୋଗ ଓ ଆପତ୍ତିକୁ ଗମ୍ଭୀରତାର ସହ ଶୁଣିବା ପରେ ଦାନଗଦି ବିଡିଓ ପ୍ରଦୀପ କୁମାର ସେଠୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଯଥାଶୀଘ୍ର କରାଯିବ ବୋଲି ସେ ଜନସାଧାରଣଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନର ଏହି ଆଶ୍ୱାସନା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସମାଧାନର ଆଶା ସଞ୍ଚାର ହୋଇଛି।

■ ପୁରୀ-କୋରାପୁଟ ଟ୍ରେନ୍‌କୁ ଜଗଦଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି

# କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର,୧୮ ।୫(ସମିସ) :

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂତନ ଭାବେ ସାପ୍ତାହିକ ୩ ଦିନ ପୁରୀ-କୋରାପୁଟ ଟ୍ରେନ ଚଳାଚଳ ନେଇ ଘୋଷଣା କରିଛନ୍ତି। କିନ୍ତୁ ଏହି ଟ୍ରେନର କୋରାପୁଟ ଠାରୁ ଛାଡିବା ଏବଂ ପହଞ୍ଚିବା ସମୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଥିନେଇ ପୋଡଶୀ ଚତିଶଗଡ ରାଜ୍ୟରେ ମଧ୍ୟ ଜନ ଅସନ୍ତୋଷ ଦେଖାଦେଇଥିବା ବେଳେ ବସ୍ତର ଜିଲ୍ଲାର ବ୍ୟବସାୟୀଙ୍କୁ ନେଇ ଗଠିତ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆଜି ଜଗଦଲପୁର ଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଗସ୍ତ ସମୟେ ଉକ୍ତ ଟ୍ରେନକୁ ଜଗଦଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି କରାଯାଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବସ୍ତର ଜିଲ୍ଲା ଚାମ୍ବର ଅଫ କମର୍ସର ସଭାପତି ଶ୍ୟାମ ସୋମାନୀଙ୍କ ସ୍ୱାକ୍ଷରିତ ଏହି ଦାବିପତ୍ରରେ ପୁରୀ-କୋରାପୁଟ ସପ୍ତାହରେ ୩ ଦିନ ଚଳାଚଳ କରିବାକୁ ଥିବା ନୂତନ ଟ୍ରେନ ଘୋଷଣାକୁ ସ୍ୱାଗତ କରିଥିଲେ। କିନ୍ତୁ ଏହି ଟ୍ରେନ କୋରାପୁଟ ଠାରେ ପହଞ୍ଚିବା ସମୟ ରାତି ସାଢେ ୧୧ ଏବଂ ଟ୍ରେନ ଯାତ୍ରା ଆରମ୍ଭ କରିବାର ସମୟରେ ଭୋର ୫ ଟା ହୋଇଥିବା ଯୋଗୁଁ ଏହି ଟ୍ରେନ ଚଳାଚଳ କଲେ ଦକ୍ଷିଣ ଓଡିଶାର ଜୟପୁର, ନବରଙ୍ଗପୁର, ମାଲକାନଗିରି ଜିଲ୍ଲା ସମେତ ଛତିଶଗଡ ରାଜ୍ୟର ଦକ୍ଷିଣାଞ୍ଚଳ ବସ୍ତର, ଦନ୍ତେୱାଡା, ସୁକୁମା, ବିଜାପୁର ପ୍ରମୁଖ ଜିଲ୍ଲାର ଯାତ୍ରୀ କୌଣସି ଅନ୍ୟାନ୍ୟ ଜିଲ୍ଲାର ଲୋକମାନେ କୌଣସି ସୁବିଧା କିମ୍ବା ଲାଭବାନ ହୋଇପାଇ ପାରିବେ ନାହିଁ। ତେଣୁ ତୁରନ୍ତ ଏହି ଟ୍ରେନକୁ ଜଗଦଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଲେ ଏହି ଜିଲ୍ଲାର ସାଧାରଣ ଜନତା ଏବଂ ଯାତ୍ରୀଙ୍କୁ ସୁବିଧା ହେବା ସହିତ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବ। ସେହିପରି ସମୟ ସାରଣୀର ପରିବର୍ତ୍ତନ କରାଯିବା ସହିତ ଅଯଥା ପଶ୍ଚିମ ଓଡିଶା ଦେଇ ଯାତ୍ରା କରିବା ଯୋଗୁଁ ଅଧିକ ସମୟ ଟ୍ରେନ ଯାତାୟାତରେ ଅପବ୍ୟୟ ହେବ। ତେଣୁ ଏହି ଟ୍ରେନକୁ ଚଗଦଲୁପର ଠାରୁ ପୁରୀକୁ ଭାୟ ପୋଡଶୀ ବିଜୟନଗର ଷ୍ଟେସନ ଦେଇ ଯାତ୍ରା କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଯାଇଛି। ଏଥିନେଇ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ ଏବଂ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଦାବିପତ୍ର ପ୍ରେରଣ କରାଯାଇଛି।

# ୧୧ ବର୍ଷ ପରେ ବାପା,ମା'ଙ୍କ ପାଖକୁ ଫେରିଲେ ନିଖୋଜ ଭାଇ ଭଉଣୀ



## ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କଲା ତାମିଲନାଡୁ ପୁଲିସ

କୋରାପୁଟ,୧୮।୫(ସମିସ): ଦୀର୍ଘ ୧୧ ବର୍ଷ ପରେ ପିତାମାତାଙ୍କ ନିକଟରେ ପହଞ୍ଚିଛନ୍ତି ନିଖୋଜ ଭାଇ ଭଉଣୀ। ଏକ ଅଭାବନୀୟ ଘଟଣାକ୍ରମରେ ଆଜିକୁ ୧୧ ବର୍ଷ ପୂର୍ବେ ଭାଇ ଭଉଣୀ ବାପା ମା'ଙ୍କ ଠାରୁ ବିଚ୍ଛେଦ ହୋଇଥିଲେ, ସେତେବେଳେ ତାମିଲନାଡୁ ପୁଲିସ ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଶିଶୁ ସୁରକ୍ଷା ସମିତିକୁ ହସ୍ତାନ୍ତର କରିଥିଲା। ଏତେଦିନ ପରେ ନିଜ ରକ୍ତର ସନ୍ତାନ ମାନଙ୍କୁ ପାଖରେ ପାଇ ବାପା ମା'ଙ୍କ ଆଖିରୁ ଖୁସି ଓ ଆଶ୍ୱସ୍ତିର ଲୁହ ଝରି ଏକ ଭାବପୂର୍ଣ୍ଣ ମିଳନ ହୋଇଥିବା କୋରାପୁଟରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ୨୦୧୫ରେ ବନ୍ଧୁଗାଁ ବ୍ଲକ ଜାମୁଗୁଡା ଗ୍ରାମର ଡାଲିଆ କୁଲେସିକା ଓ ତାଙ୍କ ସ୍ତ୍ରୀ ଇନ୍ଦ୍ରାବତୀ କୁଲେସିକା ତାମିଲନାଡୁର ତ୍ରିପୁର ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ରହୁଥିବା ବେଳେ ତାଙ୍କ ଦୁଇ ସନ୍ତାନ ନିଖୋଜ ହୋଇଯାଇଥିଲେ। ଭାଷାଗତ ସମସ୍ୟା ଯୋଗୁଁ ବହୁ ଖୋଜାଖୋଜି ସତ୍ତ୍ୱେ ପିଲାମାନଙ୍କ ସନ୍ଧାନ ମିଳିନଥିଲା। ପରେ ସେମାନେ ବନ୍ଧୁଗାଁ ଫେରି ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ପୁଅଝିଅଙ୍କ କୌଣସି ସନ୍ଧାନ ମିଳି ନଥିଲା। ଅନ୍ୟ ପକ୍ଷରେ ତାମିଲନାଡୁର କୋଏମ୍ବାଟୁର ଶିଶୁ ଯତ୍ନ ଅନୁଷ୍ଠାନରେ ସେମାନଙ୍କୁ ଥଇଥାନ କରାଯାଇଥିଲା। ସେମାନଙ୍କୁ ସ୍ଥାନୀୟ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ ପାଇଁ ବ୍ୟବସ୍ଥା କରା ଯାଇଥିଲା ବୋଲି ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଗାୟିତ୍ରୀ ଦେବୀ କହିଛନ୍ତି। ବର୍ତ୍ତମାନ ଝିଅଟି ନବମ ଶ୍ରେଣୀ ପାସ କରି ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପୁଅଟି ଅଷ୍ଟମ ଶ୍ରେଣୀ ପାସ କରି ନବମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ସେ କହିଛନ୍ତି। ବହୁ ତନାଘନା ପରେ ତାମିଲନାଡୁ ପୁଲିସ ଉଭୟଙ୍କ ପରିଚୟ ଠାବ କରି କୋଏମ୍ବାଟୁରର ସ୍ପେସିଆଲ ପୁଲିସ ଇନ୍ସପେକ୍ଟର ୟୁଶ୍ରବଣ କୁମାର, ଶିଶୁ ଯତ୍ନ ଅନୁଷ୍ଠାନର ଅଧିକ୍ଷକ ଗ୍ଲୋରୀ ଜାଛାରିୟା ଓ ସଦସ୍ୟ ଜାକ୍ରିୟା ଜେରୋଜ ଓ ଅନ୍ୟ ଅଧିକାରୀମାନେ କୋରାପୁଟରେ ପହଞ୍ଚି ଦୁଇ ପିଲାଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ନିକଟରେ ହସ୍ତାନ୍ତର କରିଥିଲେ। ପରେ ପିଲାମାନଙ୍କୁ ପରିବାର ବର୍ଗଙ୍କ ହାତରେ ସମର୍ପଣ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ପିଲାମାନଙ୍କୁ ପାଠ ପଢାଇବାର ବନ୍ଦୋବସ୍ତ କରାଯିବ ଓ ଏଥିସହ ଅନ୍ୟାନ୍ୟ ସାହାଯ୍ୟ ସହଯୋଗ କରାଯିବ ବୋଲି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି।

● ଯୁବକଙ୍କୁ ପଥରରେ ଛେଚି ହତ୍ୟା ଅଭିଯୋଗ

# ବଡ଼ବାପା ପୁଅ କୋର୍ଟ ଚାଲାଣ

ନନ୍ଦାହାଣ୍ଡି, ୧୮।୫(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ଥାନା ଅନ୍ତର୍ଗତ ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ଗ୍ରାମପଞ୍ଚାୟତର ଗୁରୁଜାନିଗୁଡା ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ୨୫ ବର୍ଷୀୟ ଯୁବ ଦେବେନ୍ଦ୍ର ଜାନୀଙ୍କ ସହ ତାଙ୍କ ବଡବାପା ପୁଅ ବିଳାସ ଜାନିଙ୍କର କୌଣସି ଘଟଣାକୁ ନେଇ ବଚସା ହୋଇଥିଲା ଏଥିରେ ଉତ୍‌କ୍ଷିପ୍ତ ହୋଇ ବିଳାସ ଏକ ପଥରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଦେବେନ୍ଦ୍ରଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଅବସ୍ଥା ସଂକଟାପନ୍ନ ଥିବାରୁ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦେବେନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଦେବେନ୍ଦ୍ରଙ୍କ ମା'ଚମ୍ପା ଜାନି ତେନ୍ତୁଳୀଖୁଣ୍ଟି ଥାନାରେ ଲିଖିତ ଅଭିଯୋଗ କରଥିଲେ। ଅଭିଯୋଗ ପରେ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପ୍ରଣବ କୁମାର ଟୁଡୁ ସାଇଣ୍ଟିଫିକ ଟିମ ସହ ପହଞ୍ଚି ତଦନ୍ତ କରି ବିଳାସ ଜାନିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି ତେନ୍ତୁଳୀଖୁଣ୍ଟି ଥାନା ଅଧିକାରୀ ପ୍ରଣବ ଟୁଡୁ। ଏନେଇ ତେନ୍ତୁଳିଖୁଣ୍ଟି ଥାନାରେ କେସ ନଂ ୧୦୫/୨୬ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ କରି ବିଳାସ୍‌ୁ କୋର୍ଟ ଚାଲାଣ କରାଯାଇଛି। ଏସଆଇ ମହେଶ୍ୱର କ୍ରିସାନି ଏହି ଘଟଣା ର ତଦନ୍ତ ଭାର ନେଇଛନ୍ତି।

■ ଅନିଶ୍ଚିତତା ଘେରରେ ୬୮ ଶୌଚାଳୟ ବିଲ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଠିକାଦାର ସଂଘ



କୁନ୍ଦୁରା,୧୮।୫(ସମିସ): କୋରାପୁଟ ଜିଲ୍ଲା ଅଧୀନରେ ରହିଥିବା ୫ ବ୍ଲକ ଜୟପୁର, କୁନ୍ଦୁରା, ବୋରିଗୁମ୍ମା, ବୈପାରୀଗୁଡା ଏବଂ କୋଟପାଡ଼ରେ ରହିଥିବା ୬୮ ଅଙ୍ଗନବାଡି କେନ୍ଦ୍ରରେ ଥିବା ଶୌଚାଳୟର ବିଲ ହୋଇନାହିଁ। ସେଥି ମଧ୍ୟରେ କୁନ୍ଦୁରା ବ୍ଲକ୍‌ରେ ୧୬ଟି ଶୌଚାଳୟ ବିଲପାସ ହେଉନି। ଅଙ୍ଗନବାଡି କେନ୍ଦ୍ରରେ ପାଠ ପଢୁଥିବା କୁନି କୁନି କୋମଳମତି ଛୁଆଙ୍କ ନିମନ୍ତେ ହୋଇଥିବା ଶୌଚାଳୟ ବିଲ ହେଉନଥିବା ଘଟଣା ଅଞ୍ଚଳରେ ପ୍ରଶାସନକୁ ସମାଲୋଚନା କଲେଣି ଲୋକେ। ଆର୍ଥିକ ବର୍ଷ ୨୦୨୩/୨୪ ମସିହାରୁ ଶୌଚାଳୟ ନିର୍ମାଣ କରି ବିଲ ପାଇଁ ବାର ଦୁଆର ଶୁଣ୍ଢି ପିଣ୍ଡା ହେଉଛନ୍ତି ଠିକାଦାର। ଏଣୁ ଆଜି ତଥା ସୋମବାର ଦିନ ବାଧ୍ୟ ହୋଇ ବୋରିଗୁମ୍ମା ଠାରେ ମିଳିତ ଜନ ଶୁଣାଣି ଶିବିରରେ କୋରାପୁଟ ଜିଲ୍ଲପାଳଙ୍କୁ ଅଭିଯୋଗ କରିଛନ୍ତି ଠିକାଦାର ସଂଘ। ଅଭିଯୋଗ ପରେ ଏ ନେଇ ବିଭାଗୀୟ ଅଧିକାରୀ ପିଏଆଇଟିଡିଏ ତୃପ୍ତି ବରାଇଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲପାଳ ଏହାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିବା ସହ ଠିକାଦାର ମାନଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରି ସମାଧାନ କରାଯିବ। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଅଙ୍ଗନବାଡି କେନ୍ଦ୍ର ଶୌଚାଳୟ ପାଚେରୀ, ବିଦ୍ୟୁତ ସଂଯୋଗ ଭଳି କାର୍ଯ୍ୟ କରି ଅକଳରେ ଠିକାଦାର। କିନ୍ତୁ ଠିକାଦାର ମାନେ ଜିଲ୍ଲପାଳଙ୍କୁ ଭେଟିବା ପରେ ଯେଉଁ ଆଶ୍ୱାସନା ମିଳିଛି ବିଳମ୍ବରେ ହେଉ ପଛେ ମିଳିବା ଆଶା ଉଜ୍ଜୀବିତ ହୋଇଥିବା ଉପସ୍ଥିତ ଠିକାଦାର ମାନେ କହିଛନ୍ତି।

## ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଉମରକୋଟ,୧୮।୫(ସମିସ): ବେପରୁଆ ବାଇକ୍ ଚଲାଇ ରାସ୍ତାରେ ଯାଉଥିବା ଜଣେ ପଥଚାରୀକୁ ଧକ୍କା ଦେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ବରଣ କରିଥିବା ଯୁବକ ଜଣକ ହେଲେ ଉମରକୋଟ ପୌର ପରିଷଦ ୱାର୍ଡ ନଂ ୧ ଦର୍ଗା ଗୁଡା ର ଗୁରୁବାରୁ ଭତ୍ରା (୨୫)। ସୂଚନା ଅନୁସାରେ ଗୁରୁବାରୁ ଗତକାଲି ରାତି ପ୍ରାୟ ୧୦ ଟା ସମୟରେ ଖାଇସାରି ବୁଲିବାକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଏକ ବାଇକ ଚାଳକ ବିପରିତ ଦିଗରୁ ଦ୍ରୁତ ଗତିରେ ବେପରୁଆ ଚଲାଇ ଆସି ଗୁରୁବାରୁକୁ ପଛପଟୁ ଧକ୍କା ଦେଇଥିଲା। ବାଇକ ଧକ୍କା ଦେବା ଫଳରେ ଗୁରୁବାରୁ ରାସ୍ତାରେ ଛିଟିକି ପଡିଯାଇଥିଲେ। ଫଳରେ ଗୁରୁବାରୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଗୁରୁବାରୁକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁବାରୁଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। କିନ୍ତୁ କୋରାପୁଟ ଯିବା ବାଟରେ ହିଁ ଗୁରୁବାରୁଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଦୁର୍ଘଟଣା ପରେ ବାଇକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି।

## ପବନ ବର୍ଷାରେ ଗଛ ଉପୁଡିଲା



କାକିରିଗୁମା,୧୮।୫(ସମିସ) : ସୋମବାର ଅପରାହ୍ନରେ ଅଚାନକ ପବନ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିବା ସହ ବିଭିନ୍ନ କ୍ଷୟ କ୍ଷତି ହୋଇଛି। ବିଶେଷ କରି ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ପଞ୍ଚଡ଼ା ପଞ୍ଚାୟତରେ ବର୍ଷା ପବନ ଯୋଗୁଁ ଅନେକ ସ୍ଥାନରେ ଗଛ ଭାଙ୍ଗିଛି। କୋରାପୁଟ ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର ଡି ପଞ୍ଚଡା ଛକ ନିକଟରେରେ ଏକ ଦୋକାନ ପାଶ୍ୱର୍ରେ ଥିବା ବିରାଟ ଗଛ ଭାଙ୍ଗି ପଡ଼ିଲା। କିନ୍ତୁ ଏଥିରେ କୌଣସି ଧନ ଜୀବନ କ୍ଷତି ହୋଇ ନଥିବା ଜଣା ପଡ଼ିଛି। ଦୋକାନୀ ଓ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗଛ ପଡ଼ି କିଛି ସମୟ ପାଇଁ ରାଜପଥ ଅବରୋଧ ହୋଇଥିଲା । କିନ୍ତୁ ସ୍ଥାନୀୟ ଲୋକେ ତୁରନ୍ତ ରାସ୍ତାରୁ ଗଛ ହଟାଇ ଯାତାୟାତ ବ୍ୟବସ୍ଥା କରିଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ: ୨ ମୃତ

ଗୁଣୁପୁର,୧୮।୫ (ସମିସ): ରାୟଗଡା ଜିଲ୍ଲା ପୁଟାସିଂ ଥାନା ଚିନାସାରି ଛକ ନିକଟବର୍ତ୍ତୀ ରାସ୍ତାରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଘଟଣାସ୍ଥଳରୁ ଦୁର୍ଘଟଣାର ଶିକାର ହୋଇଥିବା ତିନି ଜଣକୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ଆମ୍ବୁଲେନ୍ସ ଯୋଗେ ଅଣାଯାଇଥିଲା। ତିନି ଜଣ ମଧ୍ୟରୁ ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ମୃତକ ଦୁଇଜଣ ହେଲେ କୁଲୁସିଂ ପଞ୍ଚାୟତ କୁମ୍ବରି ସିଂ ଗ୍ରାମର ସୁବନ ଶବର (୫୦), ଚିନାସାରି ପଞ୍ଚାୟତ ରୁମ୍ବାତି ଗ୍ରାମର ଦୁଃଖିର ମଣ୍ଡଳ (୨୫)। ଦୁର୍ଘଟଣା ସ୍ଥଳରେ ପୁଟାସିଂ ପୁଲିସ ପହଞ୍ଚି ବାଇକ୍ ଦୁଇଟି ସହ ମେଡିକାଲ ଥିବା ଶବକୁ ଜବତ କରି ତଦନ୍ତ କରୁଛି। ଅନ୍ୟ ଜଣେ ଗୁରୁତର କୁଲୁସିଂ ପଞ୍ଚାୟତ ଖାଡାସି ଗ୍ରାମର ସିମନ ଶବରକୁ ପ୍ରାଥମିକ ଚିକିତ୍ସା ପରେ ପାରଳାଖେମୁଣ୍ଡି ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ କୁଲୁସିଂ ପଞ୍ଚାୟତ କୁମ୍ବରୁସିଂ ଗ୍ରାମର ସୁବନ ଓ ଖାଡାସି ଗ୍ରାମର ସିମନ କୌଣସି କାମର ଚିନାସାରିକୁ ଯାଇଥିଲେ। ସେମାନେ ଗୋଟିଏ ବାଇକ୍‌ରେ ନିଜଘରକୁ ଫେରୁଥିଲେ। ଅପର ଦିଗରୁ ଆଉ ଏକ ବାଇକ୍‌ର ଗୁଣୁପୁରରୁ ନିଜ ଘର ଚିନାସାରି ପଞ୍ଚାୟତର ରୁମ୍ବାତି ଗ୍ରାମରେ ନିଜ ଘରକୁ ଫେରୁଥିଲେ। ଉଭୟ ବାଇକ୍ ମଧ୍ୟର ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଥିଲା ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ପଡିରହିଥିଲେ। ପୁଟାସିଂ ପୁଲିସଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# ତେଲ ଓ କ୍ଷୀର ଦର ବୃଦ୍ଧିକୁ ନେଇ ମହିଳା କଂଗ୍ରେସର ବିକ୍ଷୋଭ




ଜୟପୁର,୧୮ ।୫(ସମିସ): ଦେଶରେ ପେଟ୍ରୋଲ, ଡିଜେଲ ଏବଂ ରାଜ୍ୟରେ କ୍ଷୀର ଦର ବୃଦ୍ଧି ପାଇଥିବା ଯୋଗୁଁ ବିଜେପି ସରକାରକୁ ବିରୋଧ କରାଯାଇ ମହିଳା କଂଗ୍ରେସ ପକ୍ଷରୁ ଜୟପୁର ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବାଙ୍କ ନିର୍ଦ୍ଦେଶ ଓ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ପାରାବଢା ଛକ ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଆୟୋଜିତ ହୋଇଥିଲା। ଏହି ବିକ୍ଷୋଭ ପ୍ରର୍ଦ୍ଦଶନରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ନଳନୀ ରଥ, ଅନିତା ନାୟକ, ସଞ୍ଜୁ ନାୟକ,, ବ୍ଲକ ସଭାପତି ବସନ୍ତ ନାୟକ, କାଉନସିଲର ପ୍ରଣବ କିଶୋର ନାୟକ ସମେତ ଅନ୍ୟାନ୍ୟ ହିଳା କଂଗ୍ରେସ ସଦସ୍ୟା ମାନେ ଉପସ୍ଥିତ ଥିଲେ ।

● ଜୟପୁର ପ୍ରିମିୟର ଲିଗ୍-୩

# ସନ୍‌ସାଇନ ସୁପର କିଙ୍ଗସ୍, ଜୟପୁର ଜାଗୁଆର ବିଜୟୀ

ଜୟପୁର,୧୮ ।୫(ସମିସ): ଜୟପୁର ଦଶହରା ପଡିଆ ଠାରେ ଚାଲିଥିବା ଜୟପୁର ପ୍ରିମିୟର ଲିଗ୍-୩ ର ଆଜିର ଦୁଇଟି ମ୍ୟାଚରେ ସନସାଇନ ସୁପର କିଙ୍ଗସ ଏବଂ ଜୟପୁର ଜାଗୁଆର ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଜୟପୁର ରୟାଲସ ଏବଂ ସନସାଇନ ସୁପର କିଙ୍ଗସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୟପୁର ରୟାଲସ ଦଳ ପ୍ରଥମେ ବ୍ୟାଟିଂ କରି ୧୯.୧ ଓଭରରେ ସମସ୍ତ ୱିକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଆଦିତ୍ୟ ରାଉତ ସର୍ବାଧିକ ୧୨ଟି ବଲରେ ୨୪ରନ ସଂଗ୍ରହ କରିଥିଲେ ଏବଂ ବିପକ୍ଷ ଦଳର ଅର୍ଜୁନ ଏବଂ କେ.ଗୌରି ଶଙ୍କର ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ବିଜୟ ଲକ୍ଷ୍ୟ ନେଇ ସନସାଇନ ଦଳ ମାତ୍ର ୧୫.୪ ଓଭରରେ ୧୨୯ ସଂଗ୍ରହ କରିବା ସହିତ ବିଜୟୀ ହୋଇଛନ୍ତି। ଦଳ ପକ୍ଷରୁ ଅର୍ଜୁନ ସର୍ବାଧିକ ୧୮ଟି ବଲରେ ୪୪ ରନ ସଂଗ୍ରହ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଜୟପୁର ଜାଗୁଆର ଓ ସନସାଇନ ସୁପର କିଙ୍ଗସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟି କରି ଜୟପୁର ଜାଗୁଆର ଦଳ ନିର୍ଦ୍ଧାରିତ ୧୯ ଓଭରରେ ୮ଟି ୱିକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ତିହ୍ନୟ ପଣ୍ଡା ୨୦ଟି ବଲରେ ୩୫ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳ ସନସାଇନ ସୁପର କଙ୍ଗିସ ଦଳ ୧୯ ଓଭରରେ ୭ଟି ୱିକେଟ ହରାଇ ହରାଇ ୧୫୯ ରନ ସଂଗ୍ରହ କରି ପରାଜୟ ହୋଇଥିଲେ। ଦଳ ପକ୍ଷରୁ ଅର୍ଜୁନ ୨୭ଟି ବଲରେ ୫୬ ସଂଗ୍ରହ କରିଥିଲେ। ଆଜି ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନଜୀବି ସଂଘର ସଭାପତି ବିଜୟ କୁମାର ରାୟ ଜେନାଦେଓ ଏବଂ ସମ୍ପାଦକ ସହଦେବ ପଟ୍ଟନାୟକ ଉପସ୍ଥିତ ରହି ପୁରସ୍କୃତ କରିଥିଲେ ।

## ଫୁଫୁଗାଁ ସରପଞ୍ଚଙ୍କ ଆତ୍ମହତ୍ୟା !



ଝରିଗାଁ,୧୮।୫(ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଫୁଫୁଗାଁ ପଞ୍ଚାୟତର ସରପଞ୍ଚ ଚୈତନ୍ୟ ଗଣ୍ଡ (୪୦) ସୋମବାର ସକାଳେ ଗାଁ ଠାରୁ କିଛି ଦୂରରେ ଥିବା ଜଙ୍ଗଲରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କର ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ଚୈତନ୍ୟ ଗଣ୍ଡଙ୍କ ସାନଭାଇ ଶବର ଗଣ୍ଡ ଘଟଣା ନେଇ ଝରିଗାଁ ଥାନାରେ ଲିଖିତ ଏତଲା ଦେବା ପରେ ଝରିଗାଁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଘଟଣା ସଳ ଥାନା ଅଧିକାରୀ ରଚିତା ମାଡକାମୀ, ଏଏସ୍ ଆଇ ପ୍ରଭାତ କୁମାର ଗରଡା, ମହେଶ ପଟ୍ଟନାୟକ ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ଏତଲା ପ୍ରକାରେ ପାଞ୍ଚ ଦିନ ହେବ ଚୈତନ୍ୟ ପାଗଳଙ୍କ ଭଳି ବ୍ୟବହାର କରୁଥିଲେ। ସୋମବାର ସକାଳ ୮ଟା ୩୦ ମିନିଟ ସମୟରେ ଚୈତନ୍ୟ ଘରୁ ବାହାରି ଥିଲେ। ତେବେ ଚୈତନ୍ୟଙ୍କ ଘରକୁ ଫେରିବାରେ ବିଳମ୍ବ ହୋଇଥିଲା। ଶବର ଗଣ୍ଡ ଓ ତାଙ୍କ ଦାଦା ପୁଅ ଭାଇ ଲଛମନ ଗଣ୍ଡ ଚୈତନ୍ୟଙ୍କୁ ଖୋଜୁଥିବା ବେଳେ ଗାଁ ନିକଟରେ ଥିବା ଶିଶିରିଆଗୁଡା ଜଙ୍ଗଲ ମଧ୍ୟରେ ଏକ ଗଛରେ ଫାଶୀ ହୋଇ ଛଟପଟ ସେ ହୋଇ ଛଟପଟ ଦେଉଥିବା ଦେଖିଥିଲେ। ସେମାନେ ଚୈତନ୍ୟଙ୍କୁ ଗଛରୁ ଓହ୍ଲାଇ ବାଇକ୍‌ରେ ଘରକୁ ଆଣିବା ସମୟରେ ରାସ୍ତାରେ ହିଁ ଚୈତନ୍ୟଙ୍କ ଜୀବନ ଚାଲିଯାଇଥିଲା। ତେବେ କଣ ପାଇଁ ଜଣେ ଯୁବ ସରପଞ୍ଚ ଏଭଳି ପଦକ୍ଷେପ ଗ୍ରହଣ କଲେ କାରଣ ଅସ୍ପଷ୍ଟ ରହିଛି। ଦେହାନ୍ତ ଖବର ପ୍ରସାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଝରିଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ, ବିଜେଡି ବରିଷ୍ଠ କର୍ମୀ ପ୍ରିୟରଞ୍ଜନ ଦାସ, ବ୍ଲକର ସମସ୍ତ ସରପଞ୍ଚଙ୍କ ସହ ଦଳୀୟ କର୍ମକର୍ତ୍ତା ଉପସ୍ଥିତି ରହିଥିଲେ।

# ଦୁର୍ନୀତି ଅଭିଯୁକ୍ତ ଏମ୍‌ଡିଙ୍କୁ କାର୍ଯ୍ୟରୁ ତଡ଼ିଲେ କମିଟି ସଦସ୍ୟ



## ଉଚ୍ଚ ନ୍ୟାୟାଳୟ ଚିଠି ଦେଖାଇଲେ!

କଲ୍ୟାଣସିଂହପୁର,୧୮।୫(ସମିସ): ରାୟଗଡା ବହୁ ଚର୍ଚ୍ଚିତ ଲ୍ୟାମ୍ପସ ଏମଡିଙ୍କ ଚାଷୀ ଓ ସାଧାରଣ ଲୋକଙ୍କ ଟଙ୍କା ଆତ୍ମସାତ କରିବା ଘଟଣାରେ ଆଜି କମିଟି ନିଷ୍ପତି କ୍ରମେ ତଡା ଖାଇଛନ୍ତି ପୂର୍ବତନ ଏମ୍‌ଡି ତାରିଣୀ ପ୍ରସାଦ ତ୍ରିପାଠୀ। ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ଏକମାତ୍ର ସମବାୟ ସମିତିରେ ୭୫ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ନିଜେ ଦାୟିତ୍ୱରେ ଥିବା ସମୟରେ ହଡ଼ପ କରିବା ସହ ନିଜ ପରିବାର ଓ ସମ୍ପର୍କୀୟଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ୧୫୫ପୃଷ୍ଠା ପ୍ରମାଣ ହୋଇଥିବା ଡ଼ିଆରସିଏସଙ୍କ ନିକଟରେ ରହିଛି। ଦୁର୍ନୀତିର ସମସ୍ତ ଘଟଣାକୁ ନେଇ ଲ୍ୟାମ୍ପସ ପରିଚାଳନା କମିଟି ସଦସ୍ୟ ଓ ସଦସ୍ୟାଙ୍କ ମଧ୍ୟରେ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ସଭାପତି ଶଙ୍କର ହୁଇକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ୭୫ଲକ୍ଷ ଟଙ୍କାରୁ ଅଧିକ ଦୁର୍ନୀତି ଗ୍ରସ୍ତ ଅର୍ଥ ଆତ୍ମସାତ କରିଥିବା ଏମଡି ତାରିଣୀ ପ୍ରସାଦ ତ୍ରିପାଠୀଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏଆରସିଏସ ଜନ୍ମଜୟ ମହାପାତ୍ର କମିଟି ଉପରେ କଣ ନିର୍ଣ୍ଣୟ ନେବେ ବୋଲି ଦାୟିତ୍ୱ ଦେଇଥିଲେ। ଗତ ୧୫ ତାରିଖ ଜରୁରୀ ବୈଠକରେ କେବଳ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ରିଜୁଲେସନ ହୋଇଥିଲା। କୁଆଡେ ଟଙ୍କା ଆତ୍ସାତ କରିଥିବା ଏମଡି କମିଟି ଓ ଜିଲ୍ଲା ସମବାୟ ଉପ ନିବନ୍ଧକଙ୍କ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟରେ ଲଢ଼ିବି ବୋଲି କାହି ଦାୟିତ୍ୱ ଦେଇ ନଥିଲେ। କେଶରେ ଜିତିବା ପର୍ଯ୍ୟନ୍ତ ଏମଡି ପଦ ଛାଡିବିନାହିଁ ବୋଲି ମନା କରିଦେଇଥିଲେ। ପରେ କମିଟି ସଦସ୍ୟଙ୍କଧରେ ପାଟିତୁଣ୍ଡ ହେବା ପରେ ଦାୟିତ୍ୱ ଦେବିବୋଲି ପାସ ବହି, ସାର ଲାଇସେନ୍ସ, ଚେକ ବହି ପ୍ରଦାନ କରିଥିବା ଜଣା ପଡିଛି। ୭୫ଲକ୍ଷ ଟଙ୍କା ଆତ୍ସାତ କରିଥିବା ପ୍ରମାଣ ମିଳିବା ପରେ ଦାୟିତ୍ୱ ହସ୍ତାନ୍ତର ପାଇଁ ବୈଠକ କରି ସାରି ଦେଇଥିଲେ। ଏତେ ଗୁଡ଼ାଏ ଟଙ୍କା ସମିତି ଓ କେସିସି ବ୍ୟାଙ୍କରୁ ବେଆଇନ ଭାବରେ ମିଥ୍ୟା ଗ୍ରହକ ଓ ମୃତବ୍ୟକ୍ତିଙ୍କ ନାମରେ ଉଠାଇ ନେବା ଘଟଣା ଏବେ ରାଜ୍ୟ ସରକାର, ଭିଜିଲାନ୍ସ, ଜିଲ୍ଲା ପ୍ରଶାସନ ଓ ସମବାୟ ସଚିବଙ୍କ ନିକଟରେ ପହଁଚିଛି। କିନ୍ତୁ ଟଙ୍କା ଆଦାୟ କରାଯାଇନଥିବା ଆଶ୍ଚର୍ଯ୍ୟ କରିଛି ସାଧାରଣ ଲୋକଙ୍କୁ। ସେତେବେଳେ ଏମଡି ତାରିଣୀ ପ୍ରସାଦ ତ୍ରିପାଠୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାପାଇଁ କହିଥିଲେ କମିଟି। କିନ୍ତୁ ସତଦିନ ସମୟ ମାଗିଥିଲେ ଓ ଗଡାଇ ଚାଲିଲେ ଏମଡି ତ୍ରିପାଠୀ। କିନ୍ତୁ ଆଜିଯାଏ ଦାୟିତ୍ୱ ହସ୍ତାନ୍ତର କରି ନଥିବାରୁ ୧୮ ଦିନହେବ ଲେମ୍ପ ଓ ବ୍ୟାଙ୍କ ରେ କୌଣସି କାର୍ଯ୍ୟ ହେଉନି। କୋ?ଣସି ଚାଷୀ, ଏସେଚଜି, ଜମାକାରୀ କାର୍ଯ୍ୟ ପାଇଁ ଗଲେ କିଏବି କର୍ମଚାରୀ ରହୁ ନାହାନ୍ତି। ସିଲା ନିରଞ୍ଜନଙ୍କୁ ଦାୟିତ୍ୱ ହାତନ୍ତ କରିବାର ଥିଲେ ମଧ୍ୟ ଦୁର୍ନୀତି ଅଭିଯୁକ୍ତ ଏମଡି ଲେଡଜର, ଫାଇଲ, ଜମା ଖାତା, ପାସ ବହି, ରସିଦ ଭଳି ଅନେକ ଗୁରୁତ୍ୱ ପୁର୍ଣ ନଥିପତ୍ର ପ୍ରଦାନ କରିନଥିବାରୁ ଲ୍ୟାମ୍ପସ ଓ ବ୍ୟାଙ୍କ ଏକ ରକମ ଅଚଳ ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଭିଜିଲାନ୍ସ ଜୟପୁର ଡିଭିଜନ କଲ୍ୟାଣସିଂହପୁର ଲ୍ୟାମ୍ପସରେ ତଦନ୍ତ କଲେ ଆହୁରି ଅଧିକ ତଥ୍ୟ ପଦାକୁ ଆସିବ ବୋଲି କୁହାଯାଉଛି। ଲ୍ୟାମ୍ପସ ଓ ବ୍ୟାଙ୍କକୁ ତଦାରଖ କରିବା ପାଇଁ ପ୍ରତିମାସରେ ଦୁଇଥର ଆସୁଥିବା ସୁପ୍ରଭାଇଜର ଆସି ତଦାରଖ କରିଥିଲେ ସିନା କେମିତି ଜାଣି ପାରିଲେ ନାହିଁ ବୋଲି ସନ୍ଦେହେ ପ୍ରକାଶ ପାଉଛି। ପୁଣି ଆଜି ସମସ୍ତ ପରିଚାଳନା କମିଟି ବୈଠକ କରି ଦାଇତ୍ୱ ଓ ଲେଜର ଦେବାପାଇଁ କହିଥିଲେ ମଧ୍ୟ ଦୁର୍ନୀତି ଗସ୍ତ ଏମଡି ତ୍ରିପାଠୀ ଦାଇତ୍ୱ ଦେବାପାଇଁ ଅମଙ୍ଗ ହୋଇଥିଲେ। ପରେ ଏକ ଉଚ୍ଚନ୍ୟାୟଳୟ ର ଏକ ଚିଠି ଦେଖାଇ ପୁଣି ପଦ ଛାଡ଼ିବି ନାହିଁ ବୋଲି କହିଥିଲେ। ଏହି ଚିଠିରେ ଏଆରସିଏସ ଜନ୍ମଜୟ ମହାପାତ୍ର, ସିଲା ନିରଞ୍ଜନ ଓ କମିଟିର ନାମ ଉଲେଖ ରହିଛି। ମୋ ବିରୁଦ୍ଧରେ ହୋଇଥିବା ଅଭିଯୋଗ ମିଥ୍ୟା ମୋଠାରୁ ବଳ ପ୍ରୟାଗ କରି କମିଟିର ଅନିଚ୍ଛା ସହ ଏଆରସିଏସ ଦାୟିତ୍ୱ ଛଡାଇ ନେଇଥିବା ଉଚ୍ଚନ୍ୟାୟଳୟ ଠାରେ ପିଟିସନରେ ଆଗତ କରିଛନ୍ତି ଏମଡି ତ୍ରିପାଠୀ। କିନ୍ତୁ ଉକ୍ତ ଚିଠି ଅସଲିକି ନକଲି ଆମେ ଜାଣିନୁ, ଟଙ୍କା ଲ୍ୟାମ୍ପସର ଓ ବ୍ୟାଙ୍କର ଖାଇଛୁ, ଜଲଦି ପଦ ତ୍ୟାଗକର ବୋଲି ଧମକାଇବା ପରେ କୁଆଡେ ଦାୟିତ୍ୱ ଦେଇଥିବା ଜଣେ କମିଟି ସଭ୍ୟ ପ୍ରକାଶ କରିଛନ୍ତି। ଚଳିତ ମାସ ୧୭ ତାରିଖ ମଧ୍ୟରେ ସମସ୍ତ ଟଙ୍କା ପ୍ରଦାନ ନ କଲେ ୧୮ ତାରିଖରେ ଏମଡିଙ୍କ ନାମରେ କଲ୍ୟାଣସିଂହପୁର ଥାନାରେ ଲିଖିତ ଏତଲା ଦିଆଯିବ ବୋଲି ଶ୍ରୀ କୌଶଲ୍ୟା ପ୍ରକାଶ କରିଛନ୍ତି। ଏହି ବୈଠକରେ ଉପ ସଭାପତି ପ୍ରମିଳା କାଡ୍ରାକା, ସୁନ୍ଦରରାଓ ବାଗ, ଆପଲସ୍ୱାମୀ କୌଶଲ୍ୟା, ରମାକାନ୍ତ ପରିଚ୍ଛା, କାମସିଙ୍ଗି ତିମାକା, ଧନସିଂ ଟିମକା ବିଆସି ସାଲା ନିରଞ୍ଜନ ଓ କର୍ମଚାରୀ ମାନେ ଉପସ୍ଥିତରେ ଜବରଦସ୍ତ ଦାୟିତ୍ୱରୁ ହଟାଇ ଦିଆଗଲା। ଜିଲ୍ଲାପାଳ ଓ ସମବାୟ ବିଭାଗ କଣ ଆଗକୁ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବା ପାଇଁ ଲୋକେ ଅପେକ୍ଷା କରିଛନ୍ତି।

# ଏନ୍‌ଏସଏଫ୍ ଷ୍ଟେଟ୍ ପାୱରଲିଫ୍ଟିଂ ଆସୋସିଏସନ୍ ବୈଠକ



## ନୂତନ କାର୍ଯ୍ୟକର୍ତ୍ତା ଚୟନ

ରାୟଗଡ,୧୮।୫(ସମିସ): ଏନଏସଏଫ୍ ଷ୍ଟେଟ ପାୱାର ଲିଫ୍‌ଟିଙ୍ଗ ଆସୋସିଏସନ ପକ୍ଷରୁ ରାଜ୍ୟ କମିଟି ବୈଠକ ରାୟଗଡ ଜିଲ୍ଲା ସଦର ମହକୁମାରେ ଆୟୋଜିତ ହୋଇଥିଲା। ଏହି ବୈଠକରେ ରାଜ୍ୟର ୧୨ଟି ଜିଲ୍ଲାର ପ୍ରତିନିଧି ଓ ସଦସ୍ୟମାନେ ଯୋଗ ଦେଇ ସଂଗଠନର ଆଗାମୀ କାର୍ଯ୍ୟପଦ୍ଧତି ଓ ପାୱରଲିଫ୍ଟିଙ୍ଗ ଖେଳର ବିକାଶ ନେଇ ଆଲୋଚନା କରିଥିଲେ। ବୈଠକରେ ନୂତନ ରାଜ୍ୟ କମିଟି ଗଠନ କରାଯାଇଥିଲା। ଏହା ଅନୁଯାୟୀ ରମେଶ ଚନ୍ଦ୍ର ବିଡିକାଙ୍କୁ ପାୱାରଲିଫଟିଙ୍ଗ ଏନଏସଏଫ ଓଡିଶା ମୁଖ୍ୟ ଉପଦେଷ୍ଟା ଭାବେ ଚୟନ କରାଯାଇଥିବା ବେଳେ ମନରଞ୍ଜନ ସତପଥିଙ୍କୁ ମିଡିଆ ଉପଦେଷ୍ଟା ଭାବେ ଦାୟିତ୍ୱ ଦିଆଯାଇଛି। ନୂତନ କମିଟରେ ସୁଦାମ ସାହୁ ସଭାପତି, ଦୋରା କଣ୍ଡାଗରୀ ସଂପାଦକ, ପ୍ରଭାକର ସେଠି ଓ ଅତ୍ୟତରାଣା ପ୍ରଧାନ ଉପସଭାପତି ଭାବେ ଚୟନ ହୋଇଛନ୍ତି। ସେହିପରି କାର୍ତ୍ତିକେଶ୍ୱର ଜେନା ଓ କାଡଗାଲା ଶ୍ରୀନୁଙ୍କୁ ଟେକ୍ନିକାଲ ଡିରେକଟର, ଡା. ରବୀନ୍ଦ୍ର ମହାରଙ୍କୁ କାର୍ଯ୍ୟକାରୀ ସଂପାଦକ ଓ ସତୀଶ ଏନୁମୁଲାଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚୟନ କରାଯାଇଛି।

## ୪୦ ଡିଗ୍ରୀ ଉପରେ ପାରଦ

# ବାରିପଦାରେ ଜନଜୀବନ ଅସ୍ତବ୍ୟସ୍ତ




ବାରିପଦା, ୧୮ ।୫(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ଗ୍ରୀଷ୍ମପ୍ରବାହର ପ୍ରକୋପ ବୃଦ୍ଧି ପାଇଛି । ବିଶେଷକରି ବାରିପଦା ସହରରେ ଅସହ୍ୟ ତାତି, ଗୁଳୁଗୁଳି ସାଙ୍ଗକୁ ଗରମ ପବନ ଯୋଗୁଁ ଜନଜୀବନ ପୂରାପୂରି ଅସ୍ତବ୍ୟସ୍ତ ହୋଇପଡ଼ିଛି । ଦିନ ୧୧ଟା ବେଳକୁ ତାପମାତ୍ରା ୪୦ ଡିଗ୍ରୀ ଉପରକୁ ଛୁଇଁଥିବାବେଳେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୮ ଡିଗ୍ରୀରେ ପହଞ୍ଚିଥିଲା । ଫଳରେ ମଧ୍ୟାହ୍ନ ବେଳକୁ ରାଜରାସ୍ତା ଜନଶୂନ୍ୟ ହୋଇପଡ଼ିଥିଲା । ଏଭଳି ସ୍ଥିତିର ମୁକାବିଲା କରିବାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଥିବାବେଳେ ସତର୍କତା ଜାରି କରାଯାଇଛି । କାର୍ଯ୍ୟବ୍ୟସ୍ତତା କାରଣରୁ ବାହାରକୁ ବାହାରୁଥିବା ଲୋକ ମୁଣ୍ଡରେ ଓଦା ଗାମୁଛା, ହାତରେ ଛତା ଓ ପାଣି ବୋତଲ ଧରି ଯାତାୟାତ କରୁଥିବା ଦେଖିବାକୁ ମିଳୁଛି ।

ଗରମ ଝାଞ୍ଜି ପବନ ଓ ପ୍ରଚଣ୍ଡ ଖରା ଯୋଗୁଁ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି । କେବଳ ଜନଜୀବନ ନୁହେଁ, ପ୍ରବଳ ତାତିର ପ୍ରଭାବ ପଶୁପକ୍ଷୀଙ୍କ ଉପରେ ମଧ୍ୟ ପଡ଼ିଛି । ବଜାର, ରାସ୍ତା ଓ ସାଧାରଣ ସ୍ଥାନରେ ଲୋକଙ୍କ ଭିଡ଼ କମିଥିବାବେଳେ ଖରା ପ୍ରକୋପରେ ସାରା ସହର ଅସ୍ତବ୍ୟସ୍ତ ପରିସ୍ଥିତି ଦେଖାଦେଇଛି । ବିଭିନ୍ନ ସ୍ଥାନରେ ପାନୀୟଜଳ ବ୍ୟବସ୍ଥା, ଛାୟା କେନ୍ଦ୍ର ଓ ସ୍ୱାସ୍ଥ୍ୟ ସେବାକୁ ସଜାଗ ରଖାଯାଇଛି । ଅଂଶୁଘାତର ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସାଳୟକୁ ଯିବା ପାଇଁ ପରାମର୍ଶ ଦିଆଯାଇଛି । ବିଶେଷକରି ଶ୍ରମିକ, ବୃଦ୍ଧ ଓ ଶିଶୁମାନଙ୍କ ପ୍ରତି ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି । ଅନ୍ୟପକ୍ଷରେ ଗ୍ରୀଷ୍ମପ୍ରବାହକୁ ନେଇ ଜିଲ୍ଲା ପ୍ରଶାସନ ସଜାଗ ରହିଛି । ସରକାରଙ୍କ ପ୍ରଦତ୍ତ ହିଟ୍‌ୱେଭ୍ ମାର୍ଗଦର୍ଶିକାକୁ କଡାକଡି ଭାବେ ଅନୁସରଣ କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ କାମ ନ ଥିଲେ ଘରୁ ବାହାରିବାକୁ ମନା କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ କହିଛନ୍ତି । ସେପଟେ ପାଣିପାଗ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରଶାସନ ପକ୍ଷରୁ ଲୋକଙ୍କୁ ପ୍ରଚୁର ପାଣି ପିଇବା, ହାଲୁକା ପୋଷାକ ପିନ୍ଧିବା ଓ ସୂର୍ଯ୍ୟ ତାପରୁ ଦୂରେ ରହିବା ପାଇଁ ସଚେତନ କରାଯାଉଛି । ଆଗାମୀ କିଛି ଦିନ ଯାଏଁ ଗ୍ରୀଷ୍ମପ୍ରବାହ ଜାରି ରହିବା ସମ୍ଭାବନା ଥିବାରୁ ସମସ୍ତଙ୍କୁ ସତର୍କ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ତେବେ ସନ୍ଧ୍ୟା ସମୟରେ କାଳବୈଶାଖି ପ୍ରଭାବରେ ପବନ, ଘଡଘଡି ଓ ବର୍ଷା ସାମାନ୍ୟ ଆଶ୍ୱସ୍ତି ଆଣିଛି ।

## ନିଶୁଳ୍କ ଖାଦ୍ୟ ଓ ପାନୀୟଜଳ ବଣ୍ଟନ




**ରାଇରଙ୍ଗପୁର, ୧୮।୫ (ସମିସ):** ଲୁପୁଙ୍ଗର ସନତ ବାଗାନ ସିରିଜ କ୍ଲବ ପକ୍ଷରୁ ନିଶୁଳ୍କ ଖାଦ୍ୟ ଓ ପାନୀୟଜଳ ବଣ୍ଟନ ବ୍ୟବସ୍ଥା କରାଯାଇଛି । ତିରିଂ ବ୍ଲକ ଅନ୍ତର୍ଗତ ଡାବ୍ରା ବୁରୁ ପାହାଡ଼ରେ ପ୍ରତିବର୍ଷ ଚାଷ ଉପଯୋଗୀ ବର୍ଷା ଓ ଜୀବଜଗତର ମଙ୍ଗଳ କାମନା କରି ପାରମ୍ପରିକ ଭାବେ ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ପୂଜା କରାଯାଇଥାଏ । ବଣ ଜଙ୍ଗଲର ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ପାଳନ କରାଯାଉଥିବା ଏହି ପୂଜାରେ ଏଠାକୁ ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟିଥାଏ । ଲୋକଙ୍କ ଭିଡ଼ ଓ ପ୍ରବଳ ଖରା, ତାତିକୁ ଦୃଷ୍ଟିରେ ରଖି କ୍ଲବ୍ ପକ୍ଷରୁ ଏ ପଦକ୍ଷେପ ଗ୍ରହଣ କରାଯାଇଛି । ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଶୁଳ୍କ ଖାଦ୍ୟ ବଣ୍ଟନ ଷ୍ଟଲକୁ ଉଦଘାଟନ କରିବା ସହ ଖାଦ୍ୟ ବଣ୍ଟନର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଲୁପୁଙ୍ଗ ସରପଞ୍ଚ ଦିଉଗୀ ହେମ୍ବ୍ରମ, ସମିତି ସଭ୍ୟ ଦୁର୍ଗୀ ଟୁଡୁ, ନାଏବ ସରପଞ୍ଚ ଗୋପାଳ ଟୁଡୁ, ପ୍ରାକ୍ତନ ନୌସେନା ଅଧିକାରୀ ରାଉତୁ ଟୁଡୁ, ନାଲକୋ କର୍ମଚାରୀ ନୁନାଥ ମାର୍ଣ୍ଡି, ଧନଞ୍ଜୟ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । କ୍ଲବ୍‌ର ସଭାପତି ସୁନ୍ଦର ଟୁଡୁ, ସମ୍ପାଦକ ନୁନାରାମ ମାର୍ଣ୍ଡି, ଉପସଭାପତି ଲେମ୍ବ ମାର୍ଣ୍ଡି, ସହସମ୍ପାଦକ ବୁଧରାୟ ମାର୍ଣ୍ଡି ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବିଶ୍ୱନାଥ ଟୁଡୁ, ସୁନୀଲ ମାର୍ଣ୍ଡି ଓ ରାଜୁ ବିନ୍ଧାଣୀ ପ୍ରମୁଖଙ୍କ ସହଯୋଗରେ ନିଃଶୁଳ୍କ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା ।

## ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ



**ବଡ଼ସାହି, ୧୮।୫(ସମିସ):** ବରିଷ୍ଠ ଓଡ଼ିଶା ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବିଶ୍ୱାଳ ବଡ଼ସାହି ବ୍ଲକର ନୂତନ ତହସିଲଦାର ଭାବେ ଯୋଗଦାନ କରିଛନ୍ତି । ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିଯୁକ୍ତି ପରେ ସୋମବାର ବଡସାହିସ୍ଥ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ବିଶ୍ୱାଳ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ଜରୁରିକାଳୀନ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ଏହାପୂର୍ବରୁ ସେ ରାଇରଙ୍ଗପୁର ତହସିଲଦାର ଭାବେ କାର୍ଯ୍ୟରତ ଥିଲେ । ଜଣେ ଦକ୍ଷ ତହସିଲଦାର ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ତାଙ୍କର ସକ୍ରିୟ ଯୋଗଦାନ ରହିଥିଲା । ଦାୟିତ୍ୱ ଗ୍ରହଣ କରିବା ଅବସରରେ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ବଡ଼ସାହି ବ୍ଲକ ଉନ୍ନତି ପାଇଁ ସଦା ଯତ୍ନଶୀଳ ରହିବେ ବୋଲି କହିଛନ୍ତି । ଏଥିପାଇଁ ସେ ବଡ଼ସାହି ବାସିନ୍ଦାଙ୍କ ଏକାନ୍ତ ସହଯୋଗ କାମନା କରିଛନ୍ତି ।

## କରଞ୍ଜିଆରେ କାଳବୈଶାଖୀ

**କରଞ୍ଜିଆ, ୧୮।୫(ସମିସ):** କରଞ୍ଜିଆ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳୁଛି । ପବନ ସହ ବିଜୁଳି ଘଡ଼ଘଡ଼ି ଓ ବର୍ଷା ଲୋକମାନଙ୍କ ମନରେ ଭୟ ସୃଷ୍ଟି କରିଛି । ସିଙ୍ଗଡ଼ା ସମେତ କରଞ୍ଜିଆର ଆଖପାଖ ଅଞ୍ଚଳରେ ଅନେକ ଗଛ ଉପୁଡ଼ି ପଡ଼ିଛି ।



ଏଥିସହ ପିଏମଶ୍ରୀ ସିଙ୍ଗଡ଼ା ସରକାରୀ ଉଚ୍ଚବିଦ୍ୟାଳୟର ବାଡ଼ ଭାଙ୍ଗିଯାଇଥିବାବେଳେ ସ୍କୁଲର ଆଜବେଷ୍ଟ ମଧ୍ୟ ଉଡ଼ିଯାଇଛି । ବିଦ୍ୟାଳୟ ଛୁଟି ଥିବାରୁ ବଡ଼ଧରଣର ଅଘଟଣରୁ ଛାତ୍ରଛାତ୍ରୀ ବର୍ତ୍ତିଯାଇଛନ୍ତି । ସକାଳେ ପ୍ରଧାନ ଶିକ୍ଷକ ମହେନ୍ଦ୍ର ନାଥ ନାୟକ ବିଦ୍ୟାଳୟରେ ପହଞ୍ଚି କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଥିଲେ । ସେ ଘଟଣା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିବା ସୂଚନା ମିଳିଛି ।

## ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ନୂତନ ଶିକ୍ଷାଧିକାରୀଙ୍କୁ ସ୍ୱାଗତ



**କପ୍ତିପଦା, ୧୮।୫ (ସମିସ):** ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ନୂତନ ଭାବେ ଯୋଗଦେଇଥିବା ବିଇଓ ନୀତିନ ଘୋଷଙ୍କୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ସଭାପତି ଅରୁଣ କୁମାର ସାହୁ, ସମ୍ପାଦକ ବିରଞ୍ଚି ନାରାୟଣ ଆଚାର୍ଯ୍ୟ, ସାଂଗଠନିକ ସମ୍ପାଦକ ଶିଶିର କୁମାର ପାଢ଼ୀ, ଉପସଭାପତି ସୂର୍ଯ୍ୟନାରାୟଣ ସେଠୀ, କାର୍ଯ୍ୟକାରୀ ସଭାପତି ସୁଦାମ ସେଠୀ, ଚନ୍ଦନେଶ୍ୱର ମହାନ୍ତି, ଭାଗୀରଥ ପୃଷ୍ଟି, ପ୍ରଶାନ୍ତ କୁମାର ବେହେରା, ନବୀନ ସେଠୀ ଓ ସଂଘର ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ । ଦୀର୍ଘଦିନ ଧରି ବିଇଓ ପଦବୀ ଫାଙ୍କା ରହିଥିବାବେଳେ ନୂତନ ଅଧିକାରୀ ସଠିକ ଢଙ୍ଗରେ କାର୍ଯ୍ୟଭାର ତୁଲାଇବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ଆମ୍ବୁଲାନ୍ସ ଚାଳକଙ୍କ ଦୌରାତ୍ମ୍ୟ

# ଦୋକାନୀଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ

**ବାରିପଦା, ୧୮ ।୫ (ସମିସ):** ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରରେ ଆମ୍ବୁଲାନ୍ସ ଚାଳକଙ୍କ ବେପରୁଆ କାର୍ଯ୍ୟକଳାପ ଓ ଦାଦାଗିରି ଚରମ ସୀମାରେ ପହଞ୍ଚିଛି । ବିଳମ୍ବିତ ରାତିରେ ଜଣେ ଦୋକାନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେବା ଭଳି ଏକ ସଂଗୀନ ଅଭିଯୋଗ ସାମ୍ନାକୁ ଆସିଛି । ଅଭିଯୋଗ ଅନୁଯାୟୀ, ରବିବାର ବିଳମ୍ବିତ ରାତି ପ୍ରାୟ ୨ଟା ୩୦ ମିନିଟ ସମୟରେ ୪ରୁ ୫ ଜଣ ଆମ୍ବୁଲାନ୍ସ ଚାଳକ ଭାରତ ମେଡିକାଲ ପାର୍ଶ୍ୱରେ ଥିବା ଏକ ଦୋକାନକୁ ଆସି ସାମଗ୍ରୀ ମାଗିଥିଲେ । ରାତି ଅଧିକ ହୋଇଥିବାରୁ ଦୋକାନୀ ଜଣକ ସାମଗ୍ରୀ ଦେବାକୁ ଅସମର୍ଥ ପ୍ରକାଶ କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ସମ୍ପୃକ୍ତ ଚାଳକମାନେ ଦୋକାନୀଙ୍କୁ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ କରିଥିଲେ । କେବଳ ସେତିକି ନୁହେଁ, ସେମାନେ ଦୋକାନୀଙ୍କ ସ୍ୱାମୀଙ୍କୁ ମାରିଦେବାକୁ ଧମକ ଦେବା ସହ ଦୋକାନ ଭାଙ୍ଗିଦେବା ପାଇଁ ମଧ୍ୟ ଭୟଭୀତ କରିଥିଲେ । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ଏହି ମାମଲାରେ ପୀଡ଼ିତା ୨ ମହିଳା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ପୁଲିସ ନିକଟରେ ଅନୁରୋଧ କରିଛନ୍ତି । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି । ତେବେ ସାଧାରଣ ଜନତାଙ୍କ ସେବା ପାଇଁ ଉଦ୍ଦିଷ୍ଟ ଆମ୍ବୁଲାନ୍ସର କର୍ମଚାରୀ ଯଦି ଏଭଳି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ, ତେବେ ସାଧାରଣ ଲୋକଙ୍କ ସୁରକ୍ଷା କେଉଁଠି ବୋଲି ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ମୃତିଚାରଣ ସଭା



**କପ୍ତିପଦା, ୧୮।୫ (ସମିସ):** କପ୍ତିପଦା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ସ୍ମୃତିଚାରଣ ସଭା କପ୍ତିପଦା ସଂସ୍କୃତି ଭାବନରେ ଆୟୋଜିତ ହୋଇଛି । ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ହରେକୃଷ୍ଣ ମହାନ୍ତି ଓ ଶିକ୍ଷକ ପଣ୍ଡିତ ଉମାକାନ୍ତ ସୁବୁଦ୍ଧି ମହାପାତ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା । ପ୍ରଫୁଲ୍ଲ ମହାଳିକ, ନିରଞ୍ଜନ ପରିଡ଼ା, ଯୁଗଳ ସାହୁ, କାର୍ତ୍ତିକ ଚନ୍ଦ୍ର ମିଶ୍ର, ଜୟଚନ୍ଦ୍ର ବେହେରା, ରାମନାଥ ପାଣିଗ୍ରାହୀ, ଶତ୍ରୁଘ୍ନ ମହାନ୍ତି, ତ୍ରିଲୋଚନ ସାହୁ, ଅନନ୍ତ ବାରିକ, ବାଇଧର ବେହେରା, ପ୍ରଦୀପ ଦାସ ଓ ଗୋଲାକ ଚନ୍ଦ୍ର ବେଜ ପ୍ରମୁଖ ସ୍ମୃତିଚାରଣ କରି ଅମର ଆତ୍ମାର ସ୍ଥିତି ନିମନ୍ତେ ପ୍ରାର୍ଥନା କରିଥିଲେ । ଶ୍ରୀ ମହିନ୍ତି ଓ ପଣ୍ଡିତ ସୁବୁଦ୍ଧି ମହାପାତ୍ରଙ୍କ ନୀତି, ଆଦର୍ଶ ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ

## ବାଘମରା ଗ୍ରାମରେ ନାମଯଜ୍ଞ

**କପ୍ତିପଦା, ୧୮।୫ (ସମିସ):** ଧର୍ମମାସ ବୈଶାଖରେ ପ୍ରତି ଗ୍ରାମରେ କୀର୍ତ୍ତନ, ହରିହାଟ, ଅଷ୍ଟପ୍ରହର ନାମଯଜ୍ଞ ହେଉଥିବାବେଳେ ବାଘମରା ଗ୍ରାମରେ ମଧ୍ୟ ନାମଯଜ୍ଞ କାର୍ଯ୍ୟକ୍ରମ ହୋଇଛି । ବୈଶାଖର ବିଦାୟ ପରେ ଏହା ଉଦଯାପିତ ହୋଇଛି । ରବିବାର ଏ ଉପଲକ୍ଷେ ଗ୍ରାମବାସୀଙ୍କୁ ନେଇ ପ୍ରାତଃରୁ ଏକ ଚୌପ୍ରହର ନାମଯଜ୍ଞ ଠାକୁର ଅଭିରାମ ପରମହଂସଙ୍କ ଉଦ୍ଦେଶ୍ୟରେ ପାଳିତ ହୋଇଥିଲା । ବାବାଜୀ ଜୀବନାନନ୍ଦ ଦାସମହାରାଜ ଓ ବାବାଜୀ ଜୟକୃଷ୍ଣ ଦାସମହାରାଜଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ନଗର କୀର୍ତ୍ତନ କରାଯାଇ ଉତ୍ସବ ଉଦ୍‌ଯାପିତ ହୋଇଥିଲା ।

# ଏସ୍‌ଆଇଆର୍ ପ୍ରକ୍ରିୟାର ସଚେତନତା ଓ ପରିଚାଳନା ପାଇଁ ବୈଠକ



**କରଞ୍ଜିଆ, ୧୮।୫(ସମିସ):** ଯଶିପୁର ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାକୁ ସଚେତନ ଓ ସୁଚାରୁ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ରବିବାର ପାଞ୍ଚପିଡ଼ ଉପ-ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଡଃ ଦୟାସିନ୍ଧୁ ପରିଡ଼ାଙ୍କ ଅଧ୍ୟକ୍ଷତାରେ ବିଶେଷ ବୈଠକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ ଆଗାମୀ ଜୁଲାଇ ୧ ତାରିଖ ସୁଦ୍ଧା କ୍ୱାଲିଫାଇଂ ଡେଟ୍ ଭାବେ ଧାର୍ଯ୍ୟ କରାଯାଇଥିବାବେଳେ, ଚଳିତ ମାସ ୨୦ରୁ ୨୯ ତାରିଖ ମଧ୍ୟରେ ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ସମ୍ପନ୍ନ କରାଯିବା ନେଇ ଆଲୋଚନା ହୋଇଥିଲା । ସେହିପରି ମେ' ୩୦ରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ନିର୍ଦ୍ଦିଷ୍ଟ ଫର୍ମରେ ଆବଶ୍ୟକ ତଥ୍ୟ ସଂଗ୍ରହ ଓ ପୂରଣ କରିବେ । ଜୁନ ୨୮ ତାରିଖ ସୁଦ୍ଧା ଭୋଟ ଗ୍ରହଣ କେନ୍ଦ୍ରର ରେସନାଲାଇଜେସନ୍ କାର୍ଯ୍ୟ ସମ୍ପନ୍ନ ହେବ । ଜୁଲାଇ ୫ ତାରିଖ ସୁଦ୍ଧା ଭୋଟର ତାଲିକାର ଚିଠା ପ୍ରକାଶ ପାଇବା ସହ ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଆପତ୍ତି ଓ ଅଭିଯୋଗ ଦାଖଲ କରାଯିବ । ପରେ ଅଭିଯୋଗର ଶୁଣାଣି ଓ ଖାରଜ ପ୍ରକ୍ରିୟା ସମ୍ପନ୍ନ କରି ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଥିଲା । ଉକ୍ତ ବୈଠକରେ କରଞ୍ଜିଆ କଂଗ୍ରେସ କମିଟି ସମ୍ପାଦକ ଲକ୍ଷ୍ମୀଧର ସିଂହ, ଭାରତୀୟ ଜନତା ପାର୍ଟିର ଜିଲ୍ଲା ଉପସଭାପତି ଆଶିଷ କୁମାର ମହାନ୍ତ, ବିଜୁ ଜନତା ଦଳର କରଞ୍ଜିଆ ନିର୍ବାଚନମଣ୍ଡଳୀ ଯୁବ ସଭାପତି ରୋହିତ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ସକ୍ରିୟ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଥିସହ କରଞ୍ଜିଆ ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ଆସିଷ୍ଟାଣ୍ଟ କଲେକ୍ଟର ତଥା ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନିହାର ରଞ୍ଜନ ସେଠୀ, ବିଭାଗୀୟ ଅଧିକାରୀ ଧୀରେନ କୁମାର ଭୋଇ, ବରିଷ୍ଠ ରାଜସ୍ୱ ସହାୟକ ଦିଲ୍ଲୀପ କୁମାର ପଲାଇଙ୍କ ସମେତ ସମ୍ପୃକ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ସରକାରୀ ଟିଟିଆଇରେ ଛାତ୍ରଙ୍କୁ ଶିକ୍ଷକଙ୍କ ମାଡ଼ ଓ ଜାତିଗତ ଆକ୍ଷେପ

# ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ ଛାତ୍ର

**ବାରିପଦା, ୧୮ ।୫ (ସମିସ):** ସ୍ଥାନୀୟ ତକତପୁର ବୈଷୟିକ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (ଟିଟିଆଇ)ରେ ଜଣେ ଦଳିତ ଛାତ୍ରଙ୍କୁ ଗାଳିଗୁଲଜ ଓ ମାଡ଼ ମାରି ଗୁରୁତର ଆହତ କରିବା ନେଇ ଜଣେ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ହୋଇଛି । ପୀଡ଼ିତ ଛାତ୍ର ଜଣକ ବାରିପଦା ଟାଉନ ଥାନାରେ ଏ ନେଇ ଏକ ଲିଖିତ ଅଭିଯୋଗ କରିଛନ୍ତି ।

କୁଳିଅଣା ଥାନା ଅନ୍ତର୍ଗତ ସୌରୀ ଗ୍ରାମର ରାହୁଲ ନାଏକ ଟିଟିଆଇରେ 'ଟର୍ଣ୍ଣର ଟ୍ରେଡ୍'ର ପ୍ରଥମ ବର୍ଷର ଛାତ୍ର । ଅସୁସ୍ଥତା କାରଣରୁ ସେ କିଛିଦିନ କ୍ଲାସକୁ ଯାଇପାରି ନ ଥିଲେ । ସୋମବାର ସେ କ୍ଲାସରେ ଯୋଗଦେବା ସମୟରେ ସମ୍ପୃକ୍ତ ଶିକ୍ଷକ ଜଣକ କୌଣସି କାରଣ ନ ଥାଇ ସମସ୍ତ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଜାତିକୁ ନେଇ ଆକ୍ଷେପ କରିଥିଲେ । ଛାତ୍ର ଜଣକ ଏହାର ପ୍ରତିବାଦ କରିବାରୁ ଶିକ୍ଷକ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଶିକ୍ଷାନୁଷ୍ଠାନ ଭଳି ଦଣ୍ଡମୁକ୍ତ ତଥା ପବିତ୍ର ସ୍ଥାନରେ ଶିକ୍ଷକଙ୍କ ଏଭଳି ଆଚରଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଛାତ୍ର ଜଣକ ନିଜର ସୁରକ୍ଷା ଓ ନ୍ୟାୟ ଦାବି କରି ଥାନା ଅଧିକାରୀଙ୍କୁ ନିବେଦନ କରିବା ସହ ଦୋଷୀ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ଅଭିଯୁକ୍ତ ଶିକ୍ଷକ କିମ୍ବା ଅଧ୍ୟକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ଉଈ ହୁଙ୍କାରେ ପଶିଲେ, ସ୍ୱଧର୍ମକୁ ଫେରିଲେ ଭାଟୁଙ୍କ ପରିବାର



**ଉଦଳା, ୧୮।୫(ସମିସ):** ଉଈ ହୁଙ୍କାରେ ପଶିଲେ ଓ ଭୋଜିଭାତ ଦେଇ ନିଜ ଧର୍ମକୁ ଫେରିଛନ୍ତି ଭାଟୁଙ୍କ ପରିବାର । ବାରମ୍ବାର ଶରୀର ଅସୁସ୍ଥ ହେଉଥିବାବେଳେ ଏହାର ସୁଯୋଗ ଉଠାଇଥିଲେ ଅନ୍ୟ ଧର୍ମର ଲୋକ । ଧର୍ମ ପରିବର୍ତ୍ତନ କଲେ ଦେହ ସୁସ୍ଥ ହେବା ସହିତ ସବୁ ଠିକ ହୋଇଯିବ କହି ଧର୍ମ ପରିବର୍ତ୍ତନ କରାଇଥିଲେ । ଶେଷରେ ଏହି ମିଛ ବାହାନାକୁ ବୁଝିପାରି ପୁଣି ନିଜ ଧର୍ମକୁ ଫେରିଛନ୍ତି ଭାଟୁ । କପ୍ତିପଦା ଥାନା ଅନ୍ତର୍ଗତ ଜଡିଦା ପଞ୍ଚାୟତର ପଥରଖଣି ଗ୍ରାମର ଭାଟୁ ମାରାଣ୍ଡି ନିଜ ପରିବାର ସହିତ ୩ ବର୍ଷ ପୂର୍ବେ ଅନ୍ୟ ଧର୍ମ ଗ୍ରହଣ କରିଥିଲେ । କିନ୍ତୁ ଧର୍ମ ପରିବର୍ତ୍ତନ ସମୟରେ ତାଙ୍କୁ କୁହାଯାଇଥିବା ସମସ୍ତ କଥା ମିଛ ବୋଲି ଜାଣିବା ପରେ ପୁଣି ନିଜ ଧର୍ମକୁ ଫେରିଛନ୍ତି । ନିଜ ଧର୍ମକୁ ଫେରିବା ପାଇଁ ଗାଁ ମୁଖିଆଙ୍କ ଉପସ୍ଥିତିରେ ସମସ୍ତ ନିୟମ ପାଳନ କରିଥିଲେ । ଗାଁର ନିୟମ ଅନୁସାରେ ଭୋଜିଭାତ ସହିତ ୩ଟି ହାଣ୍ଡିଆ ହାଣ୍ଡି, ୫ଟି କୁକୁଡ଼ା, ଛେଳି ଆଦି ଦେବା ସହିତ ଏକ ଉଈ ହୁଙ୍କା ଭିତରେ ପଶି ବାହାରିଥିଲେ ପୂରା ପରିବାର ଓ ପରେ ସେମାନେ ସାର୍ନା ଧର୍ମକୁ ଫେରିଥିବା ଜଣାପଡ଼ିଛି ।

# ପୌରାଞ୍ଚଳର ବର୍ଷାଜଳ ନିଷ୍କାସନ ପ୍ରକଳ୍ପ ଶିଳାନ୍ୟାସ

ରାଇରଙ୍ଗପୁର, ୧୮।୫(ସମିସ)



ରାଇରଙ୍ଗପୁର ପୌରପାଳିକା ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ସଠିକ ଭାବେ ହେଉ ନ ଥିବାରୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାର ସମାଧାନ କରିବା ନେଇ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଜଳ ସମ୍ପଦ ବିଭାଗ ଅଧୀନସ୍ଥ ଯଶିପୁର କ୍ଷୁଦ୍ର ଜଳସେଚନ ବିଭାଜନ ଆନୁକୂଲ୍ୟରେ ସୋମବାର ରାଇରଙ୍ଗପୁରସ୍ଥ ଲିଟିଲ ଫ୍ଲାୱାର ସ୍କୁଲ ନିକଟରେ ବର୍ଷାଜଳ ନିଷ୍କାସନ ନାଳର ଉନ୍ନତିକରଣ ପ୍ରକଳ୍ପ ସମ୍ବନ୍ଧିତ ଏକ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ନବଚରଣ ମାଝୀ ଯୋଗଦେଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଇରଙ୍ଗପୁର ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, କ୍ଷୁଦ୍ର ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଇଂ ପୂର୍ଣ୍ଣଚନ୍ଦ୍ର ରଥ ପ୍ରମୁଖ ଯୋଗ ଦେଇଥିଲେ ।

ରାଇରଙ୍ଗପୁର ସହରରେ ବର୍ଷାଜଳ ନିଷ୍କାସନକୁ ସୁନିଶ୍ଚିତ କରିବା ସହିତ ବର୍ଜ୍ୟଜଳକୁ ପୁନଃବ୍ୟବହାର କରିବା ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବର୍ଷାଦିନେ ଆଉ ପୂର୍ବଭଳି ନାଳର ଆବର୍ଜନା ପାଣି ସ୍ଥାନେ ସ୍ଥାନେ ରାସ୍ତା ଉପରକୁ ଆସିବ ନାହିଁ ବା ଜମିବ ନାହିଁ ଓ ସହର ସ୍ୱଚ୍ଛ ରହିବ । ଏତଦବ୍ୟତୀତ ଜଳ ପ୍ରଦୂଷଣ ରୋକିବା ଦିଗରେ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶାବ୍ୟକ୍ତ କରିଥିଲେ । କାରଣ ନାଳର ବର୍ଜ୍ୟ ଜଳକୁ ଉତ୍ତମ ପରିଚାଳନା ଦ୍ୱାରା ବିଶୋଧନ କରାଯାଇ ନଦୀକୁ ଛଡାଯିବ । ଯଦ୍ୱାରା ଏହି ଜଳ ଲୋକଙ୍କ ଦ୍ୱାରା ପୁନଃ ବ୍ୟବହାର ହୋଇପାରିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରକଳ୍ପ କାର୍ଯ୍ୟ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଆରମ୍ଭ କରାଯାଉଛି । ଏହାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଇରଙ୍ଗପୁର ପୌରପାଳିକା ପକ୍ଷରୁ ମଧ୍ୟ ଯୋଜନା ପ୍ରସ୍ତୁତ କରାଯାଉଛି । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ନବୀନ ରାମ, ସାଂସଦ ସଂଯୋଜକ ମନୋଜ କୁମାର ଦାସ, ଯଶିପୁର କ୍ଷୁଦ୍ର ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଇଂ ମାନସ ପ୍ରଧାନ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶକୁନ୍ତଳା ହାଁସଦା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ରାଇରଙ୍ଗପୁର କ୍ଷୁଦ୍ର ଜଳସେଚନ ବିଭାଗର ବିଭଗୀୟ ଅଧିକାରୀ, ପୌର କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ, ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# କଟକ ସିଟି





## କଟକ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

# ମାର୍ଚ୍ଚରୁ ନଭେମ୍ବର ଯାଏଁ ସକ୍ରିୟ ରହିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍



କଟକ,୧୮।୫(ସମିସ)

ଆଗାମୀ ବର୍ଷା ଋତୁ ତଥା ମୌସୁମୀ ସମୟରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ସ୍ଥିତିର ସଫଳ ମୁକାବିଲା ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଜୋରଦାର ହୋଇଛି। ଏହି କ୍ରମରେ ଆଜି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିପର୍ଯ୍ୟୟ ସମୟରେ ଜନଜୀବନ ଓ ଧନସମ୍ପତ୍ତିର ସୁରକ୍ଷା ନିମନ୍ତେ ବିଭିନ୍ନ ସରକାରୀ ବିଭାଗର ପ୍ରସ୍ତୁତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଛି। ଏହି ସମୀକ୍ଷା ବୈଠକରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଛବି ମଲ୍ଲିକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ପ୍ରଶାସନିକ ସ୍ତରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ ଓ କମଳଜିତ୍ ଦାସ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ମନସ୍ୱିନୀ ଦାସ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପୁଷ୍ପଶ୍ରୀ ସାଣ୍ଡିଲଙ୍କ ସମେତ ବିଭିନ୍ନ ବିଭାଗର ଯନ୍ତ୍ରୀ ଓ ଜରୁରୀକାଳୀନ ସେବା ସହ ଜଡ଼ିତ ଅଧିକାରୀମାନେ ଯୋଗଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଶିନ୍ଦେ ସମ୍ଭାବ୍ୟ ବିପର୍ଯ୍ୟୟର ସଫଳ ପରିଚାଳନା ପାଇଁ ଆନ୍ତଃ-ବିଭାଗୀୟ ସମନ୍ୱୟ ଏବଂ ଠିକ୍ ସମୟରେ ତ୍ୱରିତ ପଦକ୍ଷେପ ନେବା ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିଛନ୍ତି। ବୈଠକରେ ଜିଲ୍ଲାର ସମସ୍ତ ନଦୀବନ୍ଧର ତୁରନ୍ତ ମରାମତି କରିବା ସହ ନଦୀ ଓ କେନାଲ ବନ୍ଧରେ ଥିବା ଘାଇଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ଦୁର୍ବଳ ସ୍ଥାନଗୁଡ଼ିକର ସୁଦୃଢ଼ୀକରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଜଳର ସୁଗମ ନିଷ୍କାସନ ପାଇଁ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଡ୍ରେନେଜ୍ ବ୍ୟବସ୍ଥା ସଫା ରଖିବାକୁ ବିଡିଓ ଏବଂ ସିଏମସି ଅଧିକାରୀମାନଙ୍କୁ କୁହାଯାଇଛି। ଏଥିସହ ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀର ସ୍ଥିତି ଯାଞ୍ଚ କରି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ହୋଇଛି। ସୂଚନାର ଆଦାନପ୍ରଦାନ ପାଇଁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ, କଟକ ମହାନଗର ନିଗମ, ଉପଖଣ୍ଡ, ବ୍ଲକ ଏବଂ ତହସିଲସ୍ତରରେ ମାର୍ଚ୍ଚ ୧ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ଜରୁରୀକାଳୀନ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି। ବାତ୍ୟା ଓ ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ରିଲିଫ ସାମଗ୍ରୀ ଓ ଶୁଖିଲା ଖାଦ୍ୟ ମହଜୁଦ୍ ରଖିବା ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ଆଶଙ୍କା ଥିବା ରାସ୍ତାଗୁଡ଼ିକର ଜରୁରୀ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ଜନସାଧାରଣଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ଜଳ ଉତ୍ସଗୁଡ଼ିକର ବିଶୋଧନ ଏବଂ ଜରୁରୀକାଳୀନ ଡାକ୍ତରୀ ସେବା ପ୍ରସ୍ତୁତ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେଲେ ତୁରନ୍ତ ମରାମତି ପାଇଁ ବିଦ୍ୟୁତ ବିଭାଗ, ଚାଷୀମାନଙ୍କୁ ସଚେତନ କରିବା ପାଇଁ କୃଷି ବିଭାଗ ଏବଂ ଗୃହପାଳିତ ପଶୁମାନଙ୍କ ସୁରକ୍ଷିତ ସ୍ଥାନାନ୍ତର ଓ ରୋଗ ପ୍ରତିରୋଧକ ଟୀକାକରଣ ପାଇଁ ପ୍ରାଣୀସମ୍ପଦ ବିଭାଗ ପ୍ରସ୍ତୁତ ରହିବେ। ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ନିମନ୍ତେ ଆବଶ୍ୟକ ପରିବହନ ବ୍ୟବସ୍ଥା କରିବାକୁ ଜିଲ୍ଲା ପରିବହନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ଲାଗି ଓଡ୍ରାଫ, ଏନଡିଆରଏଫ ଏବଂ ଅଗ୍ନିଶମ ବାହିନୀକୁ ସମ୍ପୂର୍ଣ୍ଣ ଆଲର୍ଟ ବା ସତର୍କ ରହିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।

> ➤ ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା
> ➤ ନଦୀବନ୍ଧ ମରାମତି ଓ ଡ୍ରେନେଜ୍ ସଫା କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

## ଉତ୍କଳୀୟ ସଂକୀର୍ତ୍ତନ ସମନ୍ୱୟ ମେଳା



**କଟକ, ୧୮।୫(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ସଂସ୍କାର ଭାରତୀର ମିଳିତ ସହଯୋଗିତାରେ କଟକ ସହୀଦ ଭବନ ଠାରେ ଉତ୍କଳୀୟ ସଂକୀର୍ତ୍ତନ ସମନ୍ୱୟ ମେଳା ଆୟୋଜିତ ହୋଇଥିଲା। ମେ' ୧୭ ଓ ୧୮ ତାରିଖ ଦୁଇ ଦିନ ଧରି ଏହି ସଂକୀର୍ତ୍ତନ ମେଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀର ସର୍ବ ଅଧିକାରୀ ଦେବେନ୍ଦ୍ର କୁମାର ସାହୁ, ସୁରେଶ କୁମାର ସାହୁ, ସୁବାଷ ଚନ୍ଦ୍ର ସାହୁ, ବୀରେନ୍ଦ୍ର କୁମାର ସାହୁ, ପ୍ରଦୀପ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଂକୀର୍ତ୍ତନ ମେଳାକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ସମୃଦ୍ଧ ସଂକୀର୍ତ୍ତନ ସଂସ୍କୃତି ଉପରେ ଆଲୋକପାତ କରିବା ସହ କଳା ମାଧ୍ୟମରେ ସଂକୀର୍ତ୍ତନ ସାମାଜିକ ବାର୍ତ୍ତା ପ୍ରଦାନ କରେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏଥିସହ 'ସନାତନ ହିଁ ସମକାଳୀନ' ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ।ଉତ୍କଳୀୟ ସଂକୀର୍ତ୍ତନ ସମନ୍ୱୟ ମେଳାରେ ଅଂଶଗ୍ରହଣ କରିଥିବା ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀମାନେ ନଗର ପରିକ୍ରମା କରିଥିଲେ। ଏଥିସହ ସଂକୀର୍ତ୍ତନ ମଣ୍ଡଳୀ ସଞ୍ଚାର, ଦକ୍ଷିଣୀ, ନଦିଆ, ସମ୍ପ୍ରଦା, ଓଡ଼ିଶୀ ସଂକୀର୍ତ୍ତନ ଆଦି ପରିବେଷଣ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିଶ୍ୱନାଥ ପଣ୍ଡିତଙ୍କ ଶ୍ରାଦ୍ଧୋତ୍ସବ ପାଳିତ



**କଟକ, ୧୮।୫(ସମିସ):** ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ୨୪ତମ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମହାନଗର ନିଗମ ପରିସର, ବଡ଼ ମେଡ଼ିକାଲ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ, ବିକାଶ ଭବନଠାରେ ସ୍ୱର୍ଗତ ପଣ୍ଡିତଙ୍କ ପ୍ରତିମୂର୍ତ୍ତିରେ ଓ ରାଜାପଡ଼ାସ୍ଥିତ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ପ୍ରତ୍ୟୁଷରେ ମହାନଦୀ ତଟ ଗଡ଼ଗଡ଼ିଆ ଘାଟରେ ତିଳତର୍ପଣ କରାଯାଇଥିଲା। ସୁରେନ୍ଦ୍ରନାଥ ଛୋଟରାୟ ଶାନ୍ତିବାଣୀ ପାଠ କରିଥିଲେ। ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥ ପରିଷଦର କାର୍ଯ୍ୟାଳୟଠାରେ ଡାକ୍ତର ରବି ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଏକ ସର୍ବଧର୍ମ ପ୍ରାର୍ଥନା ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମେୟର ସୁବାସ ସିଂହ, ପୂର୍ବତନ ମନ୍ତ୍ରୀ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଶାନ୍ତ ନାୟକ, ଭିକାରୀ ଦାସ, ମନୋରଞ୍ଜନ ପଣ୍ଡା, ନିବାସ ଚନ୍ଦ୍ର ମିଶ୍ର, ସୁଶାନ୍ତ ପାଣି, ଦିଲ୍ଲୀପ ପ୍ରଧାନ, ବିଜୟ ବେହେରା, ରତ୍ନାକର ମୁଖୀ, ହରିବନ୍ଧୁ ନାୟକ, ଆଶିଷ ସାହୁ, ଧର୍ମେଶ ନାୟକ, ଶେଖ ହାଫିଜ, ରମେଶ ଚନ୍ଦ୍ର ବେହେରା, ଗୋପାଳ ଚନ୍ଦ୍ର ମିଶ୍ର, ନବଘନ ପରିଡ଼ା, ଉମେଶ ନାୟକ, ନକୁଳ ଚନ୍ଦ୍ର ମହାରଣା, ସୁନିତା ପଣ୍ଡିତ, ଚୌଧୁରୀ କାଶୀନାଥ ମଲ୍ଲିକ, ରୀତା ମହାପାତ୍ର, ନରେନ୍ଦ୍ର ନାୟକ, ସାକୀର ଖାନ୍, ଶେଖ୍ ହାସିମ୍, ଦେବେନ୍ଦ୍ର କାହାଳି, ପ୍ରଫୁଲ୍ଲ ବେହେରା, ଅଧ୍ୟାପକ ଅଶୋକ ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। କର୍ପୋରେଟର ଆରତୀ ସାହୁ ଧନ୍ୟବାଦ ଦେଇଥିଲେ।

### ମହିଳାଙ୍କ ଗହଣା ଲୁଟ୍ ଘଟଣା

## ବର୍ଷକ ପରେ ଧରାପଡ଼ିଲା ଯୁବକ

**କଟକ, ୧୮।୫(ସମିସ):** ସିଡିଏ ସେକ୍ଟର ୭ରେ ଲିଫ୍ଟ ଆଳରେ ଜଣେ ମହିଳାଙ୍କ ଠାରୁ ସୁନା ଅଳଙ୍କାର ଲୁଟ୍ କରିବା ଘଟଣାରେ ଜଣେ ଅଭିଯୁକ୍ତ ଗିରଫ ହୋଇଛି। ସେ ହେଉଛି ପୁରୀଘାଟ ଥାନା ରାଜାବଗିଚା ସିଟି କଲେଜ ଅଞ୍ଚଳର ଜଗନ ନାୟକ(୨୦)। ମର୍କତନଗର ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ତା ନିକଟରୁ ଚୋରି ହୋଇଥିବା ସୁନା ଅଳଙ୍କାର ଜବତ କରିଛି। ପୁଲିସ ସୂଚନା ଅନୁଯାୟୀ, ବର୍ଷକ ତଳେ ସିଡିଏ ସେକ୍ଟର ୭ ଅଞ୍ଚଳରେ ଜଣେ ମହିଳାଙ୍କୁ ଲିଫ୍ଟ ଦେବା ବାହାନାରେ ଜଗନ ତାଙ୍କ କାନ ଫୁଲ ଓ ମୋବାଇଲ ଚୋରି କରିନେଇଥିଲା। ଏ ନେଇ ମର୍କତନଗର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜଗନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ମର୍କତନଗର ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବିଗ୍ ବଜାରରୁ ତମ୍ବା ତାର ଚୋରି; ଚୋର ଗିରଫ

**କଟକ, ୧୮।୫(ସମିସ):** ବିଗ୍ ବଜାରରେ ଏସିର ତମ୍ବା ତାର ଓ ଗୋଟିଏ ଏସି ଆଉଟ୍‌ଡୋର ଚୋରି ମାମଲାରେ ଦରଘାବଜାର ଥାନା ପୁଲିସ ଜଣେ ପେସାଦାର ଚୋରକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା, ଅବଦୁଲ ମୋସିମ୍ ଓରଫ ଲାଲବଲ୍। ଦରଘାବଜାର କଦମରସୁଲରୁ ଅବଦୁଲକୁ ପୁଲିସ ଗିରଫ କରିବା ସହିତ ତା ନିକଟରୁ ସମସ୍ତ ଚୋରି ସାମଗ୍ରୀ ଜବତ କରାଯାଇଛି। ରବିବାର ରାତି ପ୍ରାୟ ୧୦ଟା ୫୦ରେ ବିଗବଜାର କୋଠାର ଛାତ ଉପରେ ତିନୋଟି ଏସିର ତମ୍ବା ତାର ଓ ଗୋଟିଏ ଏସି ଆଉଟଡୋର ଚୋରି ହୋଇଥିଲା। କୋଠାର ସୁପରଭାଇଜର ଉସମାନ ଖାଁ ଏ ସମ୍ପର୍କରେ ଅଭିଯୋଗ କରିବା ପରେ ପୁଲିସ ସିସି କ୍ୟାମେରା ଫୁଟେଜ ଯାଞ୍ଚ କରିଥିଲା। ଅବଦୁଲ ଏସବୁ ସାମଗ୍ରୀ ଚୋରି କରିଥିବା ଜଣାପଡ଼ିଥିଲା। ତାକୁ ଗିରଫ କରିବା ପରେ ତା ନିକଟରୁ ଚୋରି ହୋଇଥିବା ତିନୋଟି ଏସିର ତମ୍ବା ତାର ଓ ଏସି ଆଉଟଡୋର ଜବତ ହୋଇଛି। ଅଭିଯୁକ୍ତ ବିରୋଧରେ ଦରଘାବଜାର ଥାନାରେ ୫ଟି ଓ ସଦର ଥାନାରେ ଗୋଟିଏ ଅପରାଧିକ ମାମଲା ରହିଛି।

## ଜିଏସ୍‌ଟିଏଟି ବେଞ୍ଚ୍ ଉଦ୍‌ଘାଟିତ




**କଟକ, ୧୮।୫(ସମିସ):** ସାମଗ୍ରୀ ଏବଂ ସେବା କର ଆପିଲେଟ୍ ଟ୍ରିବ୍ୟୁନାଲ୍(ଜିଏସ୍‌ଟିଏଟି) ର କଟକ ବେଞ୍ଚ ଉଦ୍‌ଘାଟିତ ହୋଇଯାଇଛି। ଜିଏସ୍‌ଟିଏଟିର ସଭାପତି ତଥା ଅବସରପ୍ରାପ୍ତ ବିଚାରପତି ଡକ୍ଟର ସଞ୍ଜୟ କୁମାର ମିଶ୍ର ଏହି ବେଞ୍ଚକୁ ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷ ସୁଚିସ୍ମିତା ମିଶ୍ର ଏବଂ ରଞ୍ଜନ କୁମାର ସାହୁ, ବୈଷୟିକ ସଦସ୍ୟ (କେନ୍ଦ୍ର) ଏବଂ ଆନନ୍ଦ ଶତପଥୀ, ବୈଷୟିକ ସଦସ୍ୟ (ରାଜ୍ୟ), ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ବେଞ୍ଚକୁ ଆଧୁନିକ ଭିତ୍ତିଭୂମି ସହିତ ବିକଶିତ କରାଯାଇଛି ଏବଂ ଏହାକୁ ଏକାଧିକ କୋର୍ଟରୁମ୍, ରେଜିଷ୍ଟ୍ରି ଭିତ୍ତିଭୂମି, ବାର ସୁବିଧା, ଚାମ୍ବର, ପାଠାଗାର ସୁବିଧା ସହିତ ଏକ ପ୍ରଯୁକ୍ତିବିଦ୍ୟା-ସକ୍ଷମ ଏବଂ ମକଦ୍ଦମା-ଅନୁକୂଳ ପ୍ରତିଷ୍ଠାନ ଭାବରେ ପ୍ରତିଷ୍ଠା କରାଯାଇଛି।

## କଟକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି




**କଟକ, ୧୮।୫(ସମିସ):** କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ୍ କକ୍ଷଠାରେ ଆଜି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମୁଦାୟ ୩୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ଯାହା ମଧ୍ୟରେ ୩୬ଟି ବ୍ୟକ୍ତିଗତ ଏବଂ ୨ଟି ସାମୂହିକ ଅଭିଯୋଗ ରହିଥିଲା। ଭତ୍ତା, କୃଷି ଓ ଶିକ୍ଷା ସମ୍ପର୍କିତ ବିଭିନ୍ନ ସମସ୍ୟାର ଶୁଣାଣି କରି ଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜନଶୁଣାଣି ସମୟରେ ପୁଲିସ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଏବଂ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହିତ ଆଜି ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଅଭିଯୋଗ ଶୁଣାଣି କରାଯାଇଛି। ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଅଭିଯୋଗ ଶୁଣାଣି ସମୟରେ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ଏହା ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଆସନ୍ତା ୨୫ ତାରିଖ (ସୋମବାର) ଦିନ ବାରଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ପରବର୍ତ୍ତୀ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ସକାଳ ୭ଟାରୁ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

> ୩୮ଟି ଅଭିଯୋଗର ତ୍ୱରିତ ବିଚାର

## ଶେଷ ଠିକଣା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

**କଟକ, ୧୮।୫(ସମିସ):** ଗ୍ରୀଷ୍ମରେ ରକ୍ତ ଭଣ୍ଡାରରେ ରକ୍ତ ଅଭାବକୁ ଲକ୍ଷ୍ୟରେ ରଖି ସାମାଜିକ ସଂଗଠନ ଶେଷ ଠିକଣା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ପଞ୍ଚମୁଖୀ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅଭିମନ୍ୟୁ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୭୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ସ୍ଥାନୀୟ ରେଡକ୍ରସର ନିର୍ଦ୍ଦେଶକ ଡାକ୍ତର ଚନ୍ଦ୍ରିକା ପ୍ରସାଦ ଦାସ ଓ ତାଙ୍କ ଟିମଙ୍କ ଦ୍ୱାରା ଏହି ଶିବିରଟି ପରିଚାଳିତ ହୋଇ ରକ୍ତ ସଂଗୃହିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି ରକ୍ତଦାନ କରିବା ସହିତ ସହାୟତା କରିଥିଲେ। ଏହି ଅବସରରେ ସମସ୍ତ ରକ୍ତଦାତା ଓ ଏଥିରେ ସହାୟତା କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି।



## ପରଦାକୁ ଆସିଲା ଓଡ଼ିଆ ଚଳଚ୍ଚିତ୍ର 'ମେହେରମୁଣ୍ଡା'



**କଟକ, ୧୮।୫(ସମିସ):** ଜି ଆର ରେକର୍ଡସ ନିବେଦିତ ତଥା ଜିଆର ପ୍ରଡକ୍ସନ ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ମେହେରମୁଣ୍ଡା' ପରଦାକୁ ଆସିଛି। କଟକର ପ୍ରତିଷ୍ଠିତ ବୃନ୍ଦାବନ ହଲରେ ଏହି ଫିଲ୍ମର ଭବ୍ୟ ପ୍ରିମିୟର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଲକ୍ଷ ଲକ୍ଷ ବୁଣାକାରଙ୍କ ଜୀବନ-ଜୀବିକା, ପରିଚୟ ଏବଂ ସେମାନଙ୍କ ସଂଘର୍ଷର କାହାଣୀକୁ ସମାଜ ଓ ସରକାରଙ୍କ ସମ୍ମୁଖକୁ ଆଣିବା ଲକ୍ଷ୍ୟରେ ଏହି ଭିନ୍ନ ସ୍ୱାଦର ଚଳଚ୍ଚିତ୍ରଟି ନିର୍ମାଣ କରାଯାଇଛି। ସୋନପୁର ଓ ସମ୍ବଲପୁରର କିଛି ପ୍ରସିଦ୍ଧ ବୁଣାକାର ଗ୍ରାମରେ ଏହାର ସୁଟିଂ ହୋଇଥିବା ବେଳେ ଏହା ସମ୍ପୂର୍ଣ୍ଣ ଟିମ୍ ପାଇଁ ବେଶ୍ ଚ୍ୟାଲେଞ୍ଜିଂ ଥିଲା। ନିକୁଞ୍ଜ ହୋତାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ପ୍ରଯୋଜନା ଭାର ରାକେଶ ପାଢ଼ୀ ସମ୍ଭାଳିଛନ୍ତି। ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନେତା ଜ୍ୟୋତି, ଅଭିନେତ୍ରୀ ଆର୍ଲିନ, ରାକେଶ ପାଢ଼ୀ, ସୁଶାନ୍ତ ଦାଶ ମହାପାତ୍ରଙ୍କ ସହ ଅନେକ ନୂଆ ଯୁବ କଳାକାର ଅଭିନୟ କରିଛନ୍ତି। ସେହିପରି ଅମିତ ଯୁବରାଜ ଏବଂ ଚନ୍ଦ୍ରନୀଭ ସା ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତଗୁଡ଼ିକ ବେଶ୍ ହୃଦୟସ୍ପର୍ଶୀ ହୋଇଛି। ବୁଣାକାରଙ୍କ ସମସ୍ୟାକୁ ନେଇ ଗଢ଼ି ଉଠିଥିବା ଏହି ନିଆରା କାହାଣୀ ସିନେପ୍ରେମୀଙ୍କୁ ବେଶ୍ ପସନ୍ଦ ଆସିବ ବୋଲି ପ୍ରଯୋଜନା ସଂସ୍ଥା ଓ କଳାକାରମାନେ ଆଶାବାଦୀ ଅଛନ୍ତି।

## ଜନ ଭାଗୀଦାରୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**କଟକ, ୧୮।୫(ସମିସ):** ଜନ ଭାଗୀଦାରୀ ଅଭିଯାନ ଅନ୍ତର୍ଗତ ଜନଜାତି ଗରିମା ଉତ୍ସବ ପାଳନ ଅବସରରେ ଆଜି କଟକ ଜିଲ୍ଲାସ୍ତରୀୟ ଜନ ଭାଗୀଦାରୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅଭିଯାନ ଅଧୀନରେ କଟକ ଜିଲ୍ଲାରେ ଚିହ୍ନଟ ୨୧ଟି ଜନଜାତି ବହୁଳ ଗ୍ରାମରେ ଆଜି ଠାରୁ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷିରେ ଜିଲ୍ଲାପାଳ ଚିହ୍ନଟ ସମସ୍ତ ଗ୍ରାମଗୁଡିକୁ ସୌର ଶକ୍ତି ମାଧ୍ୟମରେ ବିଦ୍ୟୁତ୍‌କରଣ, ସ୍ୱାସ୍ଥ୍ୟ ଶିବିରର ଆୟୋଜନ, ସମସ୍ତ ଅଧିବାସୀମାନଙ୍କୁ ଆର୍ଥିକ ଅନ୍ତର୍ଭୂକ୍ତିକରଣ, ଗ୍ରାମଗୁଡିକୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରବେ। ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀମାନଙ୍କୁ ନିଜ ନିଜ ବିଭାଗର ଯୋଜନା ଗୁଡିକୁ ଚିହ୍ନିତ ଗ୍ରାମରେ ବିନିଯୋଗ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତି ଥିଲେ।

## ଇଦ୍-ଉଲ୍-ଜୁହା ପାଇଁ ସିଏମ୍‌ସିର ପ୍ରସ୍ତୁତି ବୈଠକ

କଟକ, ୧୮।୫(ସମିସ)



ଆସନ୍ତା ୨୮, ୨୯ ଓ ୩୦ ତାରିଖ ପ୍ରାୟ ୩ ଦିନ ଧରି ପାଳନ ହେବାକୁ ଥିବା ପବିତ୍ର ଇଦ୍-ଉଲ୍-ଜୁହା (ବକ୍ରିଦ୍) ଉତ୍ସବକୁ ସହରରେ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

> ସଫେଇ ଓ ନିରବଚ୍ଛିନ୍ନ ସେବା ଉପରେ ମେୟରଙ୍କ ଗୁରୁତ୍ୱ

କଟକ ମହାନଗର ନିଗମ ସମ୍ମିଳନୀ କକ୍ଷରେ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସହରର ବିଭିନ୍ନ ଅଞ୍ଚଳରୁ ଆସିଥିବା ମୁସଲିମ ସମ୍ପ୍ରଦାୟର ବହୁ ମୁରବୀ ଓ ଜନସାଧାରଣ ଯୋଗଦେଇଥିଲେ। ଉତ୍ସବ ସମୟରେ ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମଞ୍ଜୁଶ୍ରୀ ଏଜେନ୍ସି ପକ୍ଷରୁ ୧୫ଟି, ପ୍ରତ୍ୟୁଷ ଏଜେନ୍ସି ପକ୍ଷରୁ ୧୫ଟି, ଜାଗୃତି ପକ୍ଷରୁ ୨ଟି ଟ୍ରାକ୍ଟର ଏବଂ ସିଏମସି ପକ୍ଷରୁ ୧୮ଟି ଅଟୋ ଟ୍ରିପର ନିୟୋଜିତ କରାଯିବାକୁ ନିଷ୍ପତ୍ତି ହୋଇଛି। ମୁସଲିମ ବହୁଳ ଅଞ୍ଚଳ ଏବଂ ମସଜିଦ ଆଖପାଖରେ ଦୁଇ ବେଳା ରାସ୍ତାଘାଟ ସଫେଇ ସହ ନିରବଚ୍ଛିନ୍ନ ବିଦ୍ୟୁତ ସେବା, ଆଲୋକୀକରଣ ଏବଂ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ପବିତ୍ର ଇଦ୍ ଦିନ ସମସ୍ତ କୁରବାନୀ ପର୍ବ ଅପରାହ୍ନ ୪ଟା ସୁଦ୍ଧା ଶେଷ କରିବାକୁ ମେୟର ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏହି ବୈଠକରେ ସିଏମସି କମିଶନର ସୁଶ୍ରୀ କିରଣଦୀପ କୌର ସହୋତା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଏ. ଶ୍ରୀଦେବୀ, ଦୀପ୍ତିମୟୀ ମୂଳିଆ, ମୋନାଲିସା ଦାସ ଏବଂ ବହୁ କର୍ପୋରେଟର ଯୋଗ ଦେଇଥିଲେ। ଏଥିସହ ଉପ-ଆୟୁକ୍ତ ଜୁବୁଲି ଚରଣ ବେହେରା, ସ୍ୱାସ୍ଥ୍ୟ ଅଧିକାରୀ ନୃପେନ୍ଦ୍ର ଶତପଥୀ, ୱାଟକୋ (ଡଇଞ୍ଜଉଡ଼) ଓ ବିଦ୍ୟୁତ ବିଭାଗର ଅଧିକାରୀ ଏବଂ ମୁସଲିମ ସମ୍ପ୍ରଦାୟର ନେତୃତ୍ୱ ନେଉଥିବା ରମଜାନ ଖାନ, ଲିଆକତ ଅହମଦ, ସୟଦ ଏକ୍ରାମ ହୁସେନ ଓ ମହମ୍ମଦ ସକିଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

କାଳବୈଶାଖୀ ତାଣ୍ଡବ

# ଭାଙ୍ଗିଲା ଘର, ଉଡିଗଲା ଦୋକାନ ଆଜ୍‌ବେଷ୍ଟସ୍

ବଣାଇଁ, ୧୮।୫(ସମିସ)





ଆଜି ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ବର୍ଷା ଓ ପବନରେ କେନ୍ଦ୍ରିକଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗଛ ଭାଙ୍ଗି ପଡ଼ିବା ସହ ଘର ଓ ଦୋକାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଉପରପଡ଼ା ମଧ୍ୟପୁର ଅଞ୍ଚଳରେ ବୁଟୁ କିସାନ ଓ ନିତ୍ୟାନନ୍ଦ ପଟେଲଙ୍କ ଘର ଉପରେ ଗଛ ପଡ଼ି ଘରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସେହିପରି ବାବୁନୁଆଗାଁ ଛକ ଠାରେ ମଧ୍ୟ ଅନେକ ଗଛ ଭାଙ୍ଗି ପଡ଼ିଥିବା ବେଳେ ଗ୍ରାମର ଅଶିନୀ ଦେଓଙ୍କ ଘର ଉପରେ ଏକ ବଡ଼ ଆମ୍ବ ଗଛ ପଡ଼ିଯାଇଥିଲା। ଫଳରେ ଘରର ଛାତ ଓ ଆସବାବପତ୍ର କ୍ଷତି ଘଟିଛି। ଅନ୍ୟପଟେ ଦରଭେଇକଲା ଛକ ନିକଟରେ ଥିବା ବିଭିନ୍ନ ଦୋକାନର ଟିଣ ପ୍ରବଳ ପବନରେ ଉଡ଼ିଯାଇଥିବା ବେଳେ ବ୍ୟବସାୟୀମାନେ କ୍ଷତି ସହିଛନ୍ତି। ବାବୁନୁଆଗାଁ ଅଞ୍ଚଳରେ ୧୦୦ରୁ ଅଧିକ ଶାଗୁଆନ ଗଛ ଭାଙ୍ଗି ପଡ଼ିଥିବା ସୂଚନା ମିଳିଛି। ହଠାତ୍ ଝଡ଼ ଓ ବର୍ଷାରେ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି।



## ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ; ଗଛ ଉପୁଡ଼ି ରାସ୍ତା ଅବରୋଧ

**ଲହୁଣୀପଡ଼ା, ୧୮।୫(ସମିସ):** ଲହୁଣୀପଡ଼ା ବ୍ଲକ ପଞ୍ଚ ସୁକପାଲି ଗ୍ରାମ ଆରତି ରାସ୍ତାରେ କାଳ ବୈଶାଖୀରେ ଏକ ବିଶାଳ ଗଛ ଉପୁଡ଼ି ପଡ଼ି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି। ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥିବା ଯୋଗୁଁ ଗ୍ରାମରେ ବିଦ୍ୟୁତ୍ ସରବରାହ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ରହିଥିବା ଜଣାପଡ଼ିଥିଲା। ବିଦ୍ୟୁତ୍ ଯୋଗାଣ ନିମନ୍ତେ ବିଭାଗ ପକ୍ଷରୁ ଜୋରଦାର ଉଦ୍ୟମ ଚଳାଇଥିବା ଜଣାପଡ଼ିଛି। ବ୍ଲକକୁ ସଂଯୋଗ କରୁଥିବା ରାସ୍ତା ଉପରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବା ଯୋଗୁଁ ଛୋଟ ଚାରି ଚକିଆ ତଥା ବାଇକ ଚଳାଚଳରେ ସମସ୍ୟା ହୋଇଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ରାସ୍ତା ଉପରୁ ଗଛ କାଟିବା ପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

## 'ଆଇଏନଏସଏ ଆସୋସିଏଟ୍ ଫେଲୋସିପ୍' ସମ୍ମାନ ପାଇବେ ଭାସ୍କର କୁଣ୍ଡୁ

**ରାଉରକେଲା, ୧୮।୫(ସମିସ):** ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ରାଉରକେଲା(ଏନଆଇଟି)ର ପୃଥିବୀ ଏବଂ ବାୟୁମଣ୍ଡଳ ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ଭାସ୍କର କୁଣ୍ଡୁଙ୍କୁ ଭାରତର ବୈଜ୍ଞାନିକମାନଙ୍କର ସର୍ବୋଚ୍ଚ ସଂସ୍ଥା ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ (ଆଇଏନଏସଏ) ପକ୍ଷରୁ ୨୦୨୬ ବର୍ଷ ପାଇଁ ଆଇଏନଏସଏ ଆସୋସିଏଟ୍ ଫେଲୋ (ଆଇଏଏଫ) ସମ୍ମାନ ପାଇବାକୁ ମନୋନୀତ କରାଯାଇଛି। ପ୍ରଫେସର କୁଣ୍ଡୁଙ୍କୁ କଠିନ ପୃଥିବୀ ଭୂ-ଭୌତିକ ବିଜ୍ଞାନରେ, ବିଶେଷକରି ଗତିଶୀଳ ଏବଂ ଗତିଶୀଳ ମଡେଲିଂ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସ୍ୱୀକୃତି ଦିଆଯାଇଛି। ତାଙ୍କ ଗବେଷଣା ମଧ୍ୟ ଭାରତରେ ବିଭିନ୍ନ ଭୂ-ଗତିଗତ ଏବଂ ଭୂ-ଭୌତିକ ପ୍ରକ୍ରିୟାଗୁଡ଼ିକର ବୁଝାମଣାକୁ ଯଥେଷ୍ଟ ଆଗକୁ ବଢ଼ାଇଛି। ତାଙ୍କର ବୈଜ୍ଞାନିକ ଅନୁସନ୍ଧାନ ମାଧ୍ୟମରେ ସେ ଭାରତୀୟ ଉପମହାଦେଶ ସହିତ ପ୍ରାସଙ୍ଗିକ ପୃଥିବୀ ପ୍ରଣାଳୀ ବିଜ୍ଞାନ ଏବଂ ଭୂ-ଭୌତିକ ଅଧ୍ୟୟନରେ ଜ୍ଞାନକୁ ସୁଦୃଢ଼ କରିବାରେ ଯଥେଷ୍ଟ ଅବଦାନ ଦେଇଛନ୍ତି। ପ୍ରଫେସର କୁଣ୍ଡୁ ଜଣେ 'ହମ୍ବୋଲ୍ଟ ରିସର୍ଚ୍ଚ ଫେଲୋ' ଭାବରେ ଜିଓଫିଜିକ୍ସରେ ପିଏଚଡି ହାସଲ କରିଛନ୍ତି ଏବଂ ଶିକ୍ଷାଗତ ଉତ୍କର୍ଷତା, ପ୍ରଭାବଶାଳୀ ପ୍ରକାଶନ ଏବଂ ଶିକ୍ଷାଦାନ ଏବଂ ବୈଜ୍ଞାନିକ ଉନ୍ନତିରେ ଅବଦାନ ମାଧ୍ୟମରେ ନିଜକୁ ଜଣେ ଅଗ୍ରଣୀ ଗବେଷକ ଭାବରେ ପ୍ରତିଷ୍ଠିତ କରିଛନ୍ତି। ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ (ଡିଏସଟି) ଅଧୀନରେ ୧୯୩୫ ମସିହାରେ ପ୍ରତିଷ୍ଠିତ ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ (ଆଇଏନଏସଏ), ଦେଶର ସର୍ବୋଚ୍ଚ ବୈଜ୍ଞାନିକ ସଂସ୍ଥା ଯାହା ବିଜ୍ଞାନ ଏବଂ ପ୍ରଯୁକ୍ତିର ସମସ୍ତ ଶାଖାକୁ ପ୍ରତିନିଧିତ୍ୱ କରେ। ୨୦୨୪ ମସିହାରେ ଆରମ୍ଭ ହୋଇଥିବା 'ଆଇଏନଏସଏ ଆସୋସିଏଟ୍ ଫେଲୋ (ଆଇଏଏଫ)' କାର୍ଯ୍ୟକ୍ରମ ବିଜ୍ଞାନ, ଇଞ୍ଜିନିୟରିଂ, ଔଷଧ ଏବଂ ପ୍ରଯୁକ୍ତିବିଦ୍ୟାରେ ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍କୃଷ୍ଟ ମଧ୍ୟ-କ୍ୟାରିୟର ବୈଜ୍ଞାନିକମାନଙ୍କୁ ସ୍ୱୀକୃତି ପ୍ରଦାନ କରେ। ପ୍ରତିବର୍ଷ, ସ୍ୱତନ୍ତ୍ର ଆଇଏନଏସଏ ବିଭାଗୀୟ କମିଟି ଦ୍ୱାରା ପରିଚାଳିତ ଏକ କଠୋର ମୂଲ୍ୟାଙ୍କନ ପ୍ରକ୍ରିୟା ମାଧ୍ୟମରେ ସର୍ବାଧିକ ୨୦ ଜଣ ବୈଜ୍ଞାନିକଙ୍କୁ ଚୟନ କରାଯାଏ। ଏହି ଉଲ୍ଲେଖନୀୟ ସଫଳତା ପାଇଁ ପ୍ରଫେସର କୁଣ୍ଡୁଙ୍କୁ ଅଭିନନ୍ଦନ ଜଣାଇ ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି ୨୦୨୬ ପାଇଁ ଆଇଏନଏସଏ ଆସୋସିଏଟ୍ ଫେଲୋ ଭାବରେ ପ୍ରଫେସର ଭାସ୍କର କୁଣ୍ଡୁଙ୍କ ଚୟନ ପ୍ରତିଷ୍ଠାନ ପାଇଁ ଗର୍ବର ବିଷୟ। ପୃଥିବୀ ଏବଂ ବାୟୁମଣ୍ଡଳୀୟ ବିଜ୍ଞାନରେ ଗବେଷଣାକୁ ଆଗକୁ ବଢ଼ାଇବା ପାଇଁ ତାଙ୍କର ଉତ୍ସର୍ଗୀକୃତତା ଏବଂ ଭୂଭୌତିକ ଅଧ୍ୟୟନରେ ତାଙ୍କର ପ୍ରଭାବଶାଳୀ ଅବଦାନ ଏନଆଇଟି ରାଉରକେଲାରେ ବଜାୟ ରହିଥିବା ଶିକ୍ଷାଗତ ଏବଂ ବୈଜ୍ଞାନିକ ଉତ୍କର୍ଷତାର ଉଚ୍ଚ ମାନଦଣ୍ଡକୁ ପ୍ରତିଫଳିତ କରେ।



## ବଣାଇଁରେ ଜିଓ ନେଟ୍‌ୱର୍କ ସେବା ପ୍ରଭାବିତ

**ବଣାଇଁ, ୧୮।୫(ସମିସ):** ବଣାଇଁ ଅଞ୍ଚଳରେ ଗତ ଦୁଇ ଦିନ ଧରି ହେଉଥିବା କାଳବୈଶାଖୀ ବର୍ଷା ପରେ ଜିଓ ନେଟୱାର୍କ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ବର୍ଷା ଆରମ୍ଭ ହେବାମାତ୍ରେ ଅନେକ ସ୍ଥାନରେ ମୋବାଇଲ ନେଟୱାର୍କ ସମ୍ପୂର୍ଣ୍ଣ ଭାବେ କଟି ଯାଉଥିବାରୁ ସାଧାରଣ ଜନତା ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ବିଶେଷ କରି ଅନଲାଇନ କାର୍ଯ୍ୟ, ବ୍ୟାଙ୍କିଂ ସେବା, ଛାତ୍ରଛାତ୍ରୀଙ୍କ ପଢ଼ାଶୁଣା ଓ ଦୈନିକ ଯୋଗାଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ଗ୍ରାମାଞ୍ଚଳରେ ପରିସ୍ଥିତି ଆହୁରି ଗୁରୁତର ଥିବା ବେଳେ ଅନେକ ସ୍ଥାନରେ କଲ୍ କରିବା ଓ ରିସିଭ କରିବାରେ ମଧ୍ୟ ସମସ୍ୟା ଦେଖାଦେଉଛି। ଜରୁରୀ କାର୍ଯ୍ୟରେ ଯୋଗାଯୋଗ ସମସ୍ୟା ହେଉଥିବାରୁ ସାଧାରଣ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦାମାନେ ଶୀଘ୍ର ନେଟୱାର୍କ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଜିଓ କମ୍ପାନୀ ନିକଟରେ ଦାବି କରିଛନ୍ତି।

## 'ଉତ୍କଳୀୟ ସଂସ୍କୃତି ପରମ୍ପରରେ ସାବିତ୍ରୀ ବ୍ରତର ମହତ୍ତ୍ୱ' ଆଲୋଚନାଚକ୍ର



**ରାଉରକେଲା, ୧୮।୫(ସମିସ):** ଫର୍ଟିଲାଇଜର ସ୍ଥିତ ଚିନ୍ମୟ ଏକାଡେମୀ ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସାରନଗରୀ ଶାଖା, ରାଉରକେଲାର ମିଳିତ ଆନୁକୂଲ୍ୟରେ ଆୟୋଜିତ ମାସିକ ସାରସ୍ୱତ ସମାବେଶରେ 'ଉତ୍କଳୀୟ ସଂସ୍କୃତି ପରମ୍ପରାରେ ସାବିତ୍ରୀ ବ୍ରତର ମହତ୍ତ୍ୱ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶାଖାର କାର୍ଯ୍ୟକାରୀ ସଭାପତି ତଥା ଚିନ୍ମୟ ଏକାଡେମୀର ନିର୍ଦ୍ଦେଶକ ତ୍ରିନାଥ ଦାଶ ମୋହିନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଶାନ୍ତନୁ ମୁଦାଲି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ ବେହେରା, ଅନ୍ୟତମ ବକ୍ତା ଭାବେ ଚିନ୍ମୟ ଏକାଡେମୀର ସମ୍ପାଦକ ପ୍ରତିଭା ଦାଶ ମୋହିନୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ମୁଦାଲି ସା ଅର୍ଥ ସର୍ବଗୁଣ ସମ୍ପନ୍ନ, ବି ଅର୍ଥ ବିଦ୍ୟାବତୀ ଓ ତ୍ରୀ ଅର୍ଥ ତିନି କୂଳକୁ ହିତ ବୋଲି କହିଥିଲେ। ବିଇଓ ଶ୍ରୀ ବେହେରା ଆମ ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିଲେ ଆମେ ସମାଜକୁ ଏକ ସୁସ୍ଥ ନାରୀ ବା ମା ଟିଏ ଦେଇପାରିବା। ନାରୀର ସ୍ଥିତି ନଥିଲେ ସୁସ୍ଥ ସମାଜ ଗଠନ ଅସମ୍ଭବ ବୋଲି କହିଥିଲେ। ଚିନ୍ମୟ ଏକାଡେମୀର ସମ୍ପାଦକ ପ୍ରତିଭା ଦାଶ ମୋହିନୀ ସାବିତ୍ରୀ ବ୍ରତ ପାଳନର ମହତ୍ତ୍ୱ ଓ ଆମ ସଂସ୍କୃତି ତଥା ପରମ୍ପରାରେ ଏହାର ଗୁରୁତ୍ୱ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶାଖାର ନଗରପାଳକ କୁଞ୍ଜବିହାରୀ ରାଉତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସମ୍ପାଦିକା ଶ୍ୱେତାଲିନା ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶାଖାର ଉପସଭାପତି ସୁବାସ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟତମ ସହ ସମ୍ପାଦିକା ଶୁଚିସ୍ମିତା ପଣ୍ଡା ଓ ଶ୍ୱେତଲିନା ଶତପଥୀଙ୍କ ସଂଯୋଜନାରେ ମା' ସମ୍ପର୍କିତ କବିତା ପାଠ କରାଯାଇଥିଲା। ପ୍ରଭାସ କୁମାର ନାୟକ, ସାହିଲ ପ୍ରଧାନ, ଲକ୍ଷ୍ମୀ ପଣ୍ଡା, ସବିତା ଦାସ, ଅକ୍ଷୟ ମଲ୍ଲିକ, କୁଞ୍ଜବିହାରୀ ରାଉତ, ଶ୍ୱେତଲିନା ଶତପଥୀ ଓ ଶୁଚିସ୍ମିତା ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଚିନ୍ମୟ ଏକାଡେମୀ ତରଫରୁ ସମାଜରେ ଅନନ୍ୟ ସେବା ପାଇଁ ନାରୀ ଶକ୍ତି ଜନକଲ୍ୟାଣ ସେବା ସମିତିକୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନ୍ନପୂର୍ଣ୍ଣା ଦାସ, ସ୍ୱାଗତିକା ରାଉତରାୟ, ଜୟନ୍ତୀ ଡିଗ୍ଗି, ଛାୟାରାଣୀ ନାୟକ, ବବିତା ଜେନା, ପ୍ରଭାସିନୀ ଧଳ, ଅନୁପମା ହରିଚନ୍ଦନ, ସବିତା ମହାକୁଳ, ସସ୍ମିତା ସାହୁ, ଉଷାରାଣୀ ସାହୁ, ସୁଲଚନା ଜେନା, ଶୁଭଲକ୍ଷ୍ମୀ ପଣ୍ଡା, ମନୋଜ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶାଖାର ସାଧାରଣ ସମ୍ପାଦକ ମନୋଜ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ଦ୍ୱାରା ବୀମା ରାଶି ପ୍ରଦାନ

**ବଣାଇଁ, ୧୮।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ୍ ଲହୁଣୀପଡ଼ା ଶାଖା ଖୁଣ୍ଟଗାଁ ଲ୍ୟାମ୍ପ ଆନୁକୂଲ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ସୋମବାର ପାଞ୍ଚ ଲକ୍ଷ ଟଙ୍କା ବୀମା ରାଶି ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଛି। ଲ୍ୟାମ୍ପ ନିର୍ଦ୍ଦେଶକ ଚୂଡ଼ାମଣି ମହାପାତ୍ରଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ତାଙ୍କ ପରିବାରକୁ ଏହି ବୀମା ରାଶି ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ୍ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇ ଲ୍ୟାମ୍ପସ୍‌ର ପ୍ରତ୍ୟେକ ଋଣ ଗ୍ରହୀତା ଏହାର ଲାଭ ଉଠାଇବା ପାଇଁ କହିଥିଲେ। ବ୍ୟାଙ୍କ୍ ଓ ଲ୍ୟାମ୍ପସର ଏହି ଜେପିଏ ଯୋଜନା ବଳରେ ମୃତ ଋଣ ଗ୍ରହୀତାଙ୍କ ପରିବାରଙ୍କୁ ସହାୟତା ମିଳୁଥିବା ଉପରେ ଆଲୋକପାତ କରିଥିଲେ। ଲ୍ୟାମ୍ପ ସଭାପତି ଅଜୟ ନାଏକ ସଭାପତିତ୍ୱ କରିଥିଲେ। ବ୍ୟାଙ୍କ୍ ଶାଖା ପରିଚାଳକ ରଶ୍ମି ରଞ୍ଜନ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବ୍ୟାଙ୍କ୍‌ର ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୁଣ୍ଟଗାଁ ଲ୍ୟାମ୍ପସ୍‌ର ନିର୍ଦ୍ଦେଶକ କେଦାର ମହନ୍ତ, ହରିହର ମାଝୀ, ସୁବାସ ପଟ୍ଟନାୟକ, ଉପସଭାପତି ବାରୁଆଁ ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶକ ବସନ୍ତ ପଲେଇ ଏବଂ ଅଗ୍ରଣୀ ଚାଷୀମାନେ ଉପସ୍ଥିତ ଥିଲେ। ମୃତ ଚୂଡ଼ାମଣି ମହାପାତ୍ର ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ପତ୍ନୀ ଗୌରୀ ମହାପାତ୍ରଙ୍କୁ ୫ ଲକ୍ଷ ଟଙ୍କା ବୀମା ରାଶି ବୀମା କମ୍ପାନ ଦ୍ୱାରା ବ୍ୟାଙ୍କ୍ ମାଧ୍ୟମରେ ପ୍ରଦାନ କରାଯାଇଛି।

## 'ସାଇବର ଆଇନ୍ ଓ ଡିଜିଟାଲ ଗଭର୍ଣ୍ଣାସ' ଆଲୋଚନାଚକ୍ର





**ରାଉରକେଲା, ୧୮।୫(ସମିସ):** ରାଉରକେଲା ଓକିଲ ସଂଘ ଓ କଳିଙ୍ଗ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ 'ସାଇବର ଆଇନ୍ ଓ ଡିଜିଟାଲ ଗଭର୍ଣ୍ଣାସ' ଶୀର୍ଷକ ଏକ ଆଲୋଚନାଚକ୍ର ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଓଜିଲ ସଂଘର ସଭାପତି ସଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୋଚକ ଭାବେ ବରିଷ୍ଠ ଆଇନଜୀବୀ ସୁଜୟ କୁମାର ପାଣି, ରବିଶଙ୍କର ମିଶ୍ର, ପୂର୍ବତନ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, କଳିଙ୍ଗ ବିଶ୍ୱବିଦ୍ୟାଳୟ, ରାୟପୁରର ଆଇନ ବିଭାଗ ଆସୋସିଏଟ ପ୍ରଫେସର ବଂଶିକା କପୁର ପ୍ରମୁଖ ଯୋଗଦେଇ ସାଇବର ଆଇନ୍ ଓ ସାଇବର ଅପରାଧ ସହ ଡିଜିଟାଲ ଗଭର୍ଣ୍ଣାସ ଉପରେ ବ୍ୟାପକ ଆଲୋଚନା କରିଥିଲେ। ସରକାରଙ୍କ ପକ୍ଷରୁ ସାଇବର ଅପରାଧ ରୋକିବା ପାଇଁ ବ୍ୟାପକ ଜନସଚେତନତା କରିବାର ଆବଶ୍ୟକତା ରହିଛି। ସାଇବର ଅପରାଧର ଅଧିକାଂଶ ମାମଲା ବର୍ଷ ବର୍ଷ ଧରି ତଦନ୍ତ ପ୍ରକ୍ରିୟା ସରୁନାହିଁ, ଫଳରେ ବହୁ ମାମଲା ବିଚାର ନହୋଇ ପଡ଼ି ରହିଛି। ସେଥିପାଇଁ ସାଇବର ଠକେଇର ଶିକାର ହେଉଥିବା ବ୍ୟକ୍ତି ଓ ଅନୁଷ୍ଠାନ ଆଇନଗତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣୁ ସାଇବର ଥାନା ଅଧିକ ଖୋଲିବା ସହିତ ଦକ୍ଷ ତଦନ୍ତକାରୀ ଅଧିକାରୀଙ୍କୁ ନିୟୋଜିତ କରି ପାରିଲେ ମୋକଦ୍ଦମା ଗୁଡିକର ବିଚାର ଶୀଘ୍ର ହୋଇପାରିବ ଏବଂ ଠକେଇର ଶିକାର ହେଉଥିବା ବ୍ୟକ୍ତି ବିଶେଷ ତ୍ୱରିତ ନ୍ୟାୟ ପାଇପାରନ୍ତେ ବୋଲି ଆଲୋଚକମାନେ ମତପ୍ରକାଶ କରିଥିଲେ। ଡିଜିଟାଲ ଗଭର୍ଣ୍ଣାସ ଦ୍ୱାରା ସାଧାରଣ ଜନତା ବହୁ ଉପକୃତ ହୋଇ ପାରୁଛନ୍ତି ଏହାର ଅଧିକ ସଫଳ ରୂପାୟନ ପାଇଁ ସଚେତନତା କାର୍ଯ୍ୟକ୍ରମ ସରକାର ନିଜ ହାତକୁ ନେବା ଆବଶ୍ୟକତା ଅଛି ବୋଲି ମଧ୍ୟ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ବିଶ୍ୱ ବିଦ୍ୟାଳୟର ଉପ-ପରିଚାଳିକା ବନଜା ଦଳେଇ ସାଗତ ଭାଷଣ ଦେଇଥିବା ବେଳେ ରାଉରକେଲା ଓକିଲ ସଂଘର ସମ୍ପାଦକ ଦେବାନନ୍ଦ ତନ୍ତୀ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ଏମ୍. ମାଲେଶ୍ୱରମ, ଅନନ୍ତ ନାରାୟଣ ସାହୁ ଏବଂ ପ୍ରଦୀପ୍ତ କୁମାର ରାଉତ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଆଇନଜିବୀ ଏମ୍‌ଏସ୍ ପୁରଣ, ତାପସ ପରିଡ଼ା, ପବିତ୍ର ଜେନା, ସୁମିତା ନନ୍ଦ, ଅନୁସୂୟା ପଣ୍ଡା, ରାଜଶ୍ରୀ ମିଶ୍ର, ଲକ୍ଷ୍ମୀ ମାଝୀ, ହରି ଲିଙ୍ଗମ୍ ଦୋରା, ଜସ୍ମିତା ପ୍ରଧାନ, ବିଦ୍ୟାନନ୍ଦ ପ୍ରଧାନ, ଚନ୍ଦ୍ରଭାନୁ ଦାସ, ପ୍ରୀୟା ବାରିକ, ସ୍ନିଗ୍ଧା ଦାସ, ପୂନମ ଓରାମ, ଅରୁଣ କୁଶଲ, ସୁବ୍ରତ ମଲ୍ଲିକ, ବୁଦ୍ଧିରାମ ସାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଆଇନଜୀବୀ ଜଗଦୀଶଙ୍କୁ ଓଡ଼ିଶା ଆଇନ୍ ରତ୍ନ ସମ୍ମାନ



**ରାଉରକେଲା, ୧୮।୫(ସମିସ):** ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟରତ ରାଉରକେଲାର ଆଇନଜୀବୀ ଜଗଦୀଶ ବିଶ୍ୱାଳ ଆଇନ୍ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଟକ ନୃତ୍ୟୋତ୍ସବ-୨୦୨୬ ପାଳନ ଅବସରରେ ଓଡ଼ିଶା ଆଇନ୍ ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ ହୋଇ ରାଉରକେଲା ପାଇଁ ଗୌରବ ଅର୍ଜନ କରିଛନ୍ତି। ଶ୍ରୀ ବିଶ୍ୱାଳ ପ୍ରାୟ ୧୦ ବର୍ଷ ଧରି ଏହି ପ୍ରତିଷ୍ଠିତ ବୃତ୍ତିରେ ଜୀବନ ଉତ୍ସର୍ଗ କରି ଅଭାବୀ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

## କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ



**ରାଉରକେଲା, ୧୮।୫(ସମିସ):** ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ଏବଂ ରାଉରକେଲା ଇସ୍ପାତ କାରଖାନାର ମିଳିତ ଆନୁକୂଲ୍ୟରେ ରବିବାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ରାଉରକେଲାର ସେକ୍ଟର-୫ ସ୍ଥିତ ଭଞ୍ଜ ଭବନ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଆରଏସପିର ମୁଖ୍ୟ ମହାପ୍ରବନ୍ଧକ (ଏଲଆଣ୍ଡଡି) ପ୍ରମୋଦ କୁମାର ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟିକ ପ୍ରତିଭା ଉପରେ ଆଲୋଚନା କରିବା ସହ 'ବୈଦେହୀଶ ବିଳାସ' ଏବଂ ଅନ୍ୟାନ୍ୟ କାଳଜୟୀ କୃତିରେ ରଚନା ଶୈଳୀର ଚମତ୍କାରିତା, ଭାଷାଗତ ଦକ୍ଷତା ଏବଂ ଅଳଙ୍କାର ଓ ଛନ୍ଦର ଜଟିଳ ପ୍ରୟୋଗକୁ ଅତି ସୁନ୍ଦର ଭାବେ ବିଶ୍ଳେଷଣ କରିଥିଲେ। ଏହା ପୂର୍ବରୁ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ଏବଂ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ପିକେ ସାହୁ 'ଓଡ଼ିଆ ଅସ୍ମିତା' ରକ୍ଷା କରିବା ଦିଗରେ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ଏବଂ ଆରଏସପିର ପ୍ରୟାସକୁ ପ୍ରଶଂସା କରିଥିଲେ। ଭଞ୍ଜ କଳା କେନ୍ଦ୍ରର କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟର ଉପସଭାପତି ତଥା ଆର୍‌ଏସ୍‌ପିର ମୁଖ୍ୟ ମହାପ୍ରବନ୍ଧକ (ଏଚ୍‌ଆର) ମାନସ ରଞ୍ଜନ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କବି ସମ୍ରାଟଙ୍କ ପ୍ରତି ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଥିଲା। ଭଞ୍ଜ କଳା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ, ସହ 'ଓଡ଼ିଶୀ ସଙ୍ଗୀତ ସମାରୋହ' ଆୟୋଜିତ ହୋଇଥିଲା। ଏଥିରେ ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀମାନଙ୍କ ସୁମଧୁର କଣ୍ଠଦାନ କବିଙ୍କ ଅମର କବିତାଗୁଡ଼ିକୁ ଜୀବନ୍ତ କରି ମନୋରମ ପରିବେଶ ସୃଷ୍ଟି କରିଥିଲା। ଏହି ଅବସରରେ ବିସିଟିର ଟ୍ରଷ୍ଟିଙ୍କ ସମେତ ବହୁ ସଂଖ୍ୟାରେ ଭଞ୍ଜ ସାହିତ୍ୟ ପ୍ରେମୀ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିସିସିର ଟ୍ରଷ୍ଟି ଆଲୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭଦର୍ଶିନୀ ଦାସ ସଂଯୋଜନା କରିଥିଲେ।

# ଆଇଜିଏଚ୍‌ରେ ଅପସ୍ମାର ରୋଗୀଙ୍କ ବିରଳ ଅସ୍ତ୍ରୋପଚାର

ରାଉରକେଲା, ୧୮।୫(ସମିସ)



ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ (ଆଇଜିଏଚ)ର ଡାକ୍ତରମାନେ ଏକ ଉଲ୍ଲେଖନୀୟ ଚିକିତ୍ସା ସଫଳତା ହାସଲ କରିଛନ୍ତି। ବିରଳ ଅପସ୍ମାର ରୋଗରେ ପୀଡିତ ୫୦ ବର୍ଷୀୟ ରୋଗୀଙ୍କ ଏକ ଜଟିଳ ୩୬୦-ଡିଗ୍ରୀ ମେରୁଦଣ୍ଡ ଆଘାତର ସଫଳ ଅସ୍ତ୍ରୋପଚାର କରିଛନ୍ତି। ସୂଚନାଯୋଗ୍ୟ, ବ୍ରହ୍ମାନନ୍ଦ ସାହୁ ନାମକ ଏହି ରୋଗୀ ଜଣଙ୍କୁ ଅପସ୍ମାର ଆକ୍ରମଣ ସମୟରେ ଗୁରୁତର ମେରୁଦଣ୍ଡ ଆଘାତ ଲାଗିଥିଲା। ତାଙ୍କ ପରିବାର ସଦସ୍ୟ ତାଙ୍କୁ ଗୁରୁତର ଅବସ୍ଥାରେ ଆଇଜିଏଚରେ ଭର୍ତ୍ତି କରିଥିଲେ। ରୋଗୀ ଜଣକ ପ୍ରାୟ ଏକ ମାସ ଧରି ବେକ ତଳେ ପକ୍ଷାଘାତଗ୍ରସ୍ତ ଥିଲେ ଏବଂ ତାଙ୍କୁ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ଭର୍ତ୍ତି କରାଯାଇଥିଲା। ଭର୍ତ୍ତି ହେବା ସମୟରେ ତାଙ୍କର ଚାରିଟି ଅଙ୍ଗ ସମ୍ପୂର୍ଣ୍ଣ ଅଚଳ ଥିବା ବେଳେ ସେ ବେକ ଏବଂ ଶରୀରରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିବା ସହ ବସି ପାରୁନଥିଲେ। ରୋଗୀଙ୍କୁ ପ୍ରାରମ୍ଭରେ ସ୍ନାୟବିକ ଶଲ୍ୟଚିକିତ୍ସା ବିଭାଗର ବରିଷ୍ଠ ପରାମର୍ଶଦାତା ଡା. ମନୋଜ କୁମାର ଦେଓ ଏବଂ ମେଡିସିନ୍ ବିଭାଗର ବରିଷ୍ଠ ପରାମର୍ଶଦାତା ଡା. ମୋନାଲିସା ମହାନ୍ତି ଚିକିତ୍ସା କରିଥିଲେ। ଡା. ଦେଓଙ୍କ ଦ୍ୱାରା କରାଯାଇଥିବା ଏକ ବିସ୍ତୃତ ଡାକ୍ତରୀ ପରୀକ୍ଷାରୁ ତାଙ୍କର ସି୪-ସି୫ ସ୍ତରରେ ସର୍ଭାଇକାଲ୍ ମେରୁଦଣ୍ଡର ଗ୍ରେଡ୍-୩ ସ୍ଥାନଚ୍ୟୁତି ହୋଇଥିଲା ବୋଲି ଜଣାପଡ଼ିଥିଲା। ଏହା ଜୀବନ ପାଇଁ ହାନିକାରକ ହୋଇଥିବା ବେଳେ ଏକ ବିପଦଜନକ ଅବସ୍ଥା ଯାହା ସ୍ଥାୟୀ ପକ୍ଷାଘାତ, ଶ୍ୱାସକ୍ରିୟା ବିଫଳତା, ଚାପ ଦ୍?ାରା କ୍ଷତ ଏବଂ ତୁରନ୍ତ ଚିକିତ୍ସା ଅଭାବରୁ ମୃତ୍ୟୁର ମଧ୍ୟ ଆଶଙ୍କା ଦେଇଥିଲା। ରୋଗୀଙ୍କ ସମ୍ପର୍କୀୟଙ୍କ ସହ ବିସ୍ତୃତ ଆଲୋଚନା ଏବଂ ସୂଚିତ ସମ୍ମତି ପାଇବା ପରେ ଏକ ଉଚ୍ଚ-ବିପଦପୂର୍ଣ୍ଣ ଏବଂ ବୈଷୟିକ ମେରୁଦଣ୍ଡ ଅସ୍ତ୍ରୋପଚାର କରାଯାଇଥିଲା। ପରେ ଡା. ମନୋଜ କୁମାର ଦେଓଙ୍କ ଦ୍ୱାରା ଜଟିଳ ୩୬୦-ଡିଗ୍ରୀ ସର୍ଭାଇକାଲ୍ ମେରୁଦଣ୍ଡ ସ୍ଥିରୀକରଣ ପ୍ରକ୍ରିୟା ପ୍ରାୟ ଆଠ ଘଣ୍ଟା ଧରି ସଫଳତାର ସହିତ ସମ୍ପାଦିତ ହୋଇଥିଲା। ଯେଉଁଥିରେ ପୂର୍ବ ଏବଂ ପରବର୍ତ୍ତୀ ଅସ୍ତ୍ରୋପଚାର ପଦ୍ଧତି ଅନ୍ତର୍ଭୁକ୍ତ ଥିଲା। ଅସ୍ତ୍ରୋପଚାର ସମୟରେ ଆନାସ୍ଥେସିଆ ସହାୟତା ଅତିରିକ୍ତ ସିଏମ୍‌ଓ (ଆନାସ୍ଥେସିଆ) ଡା. ମନୋରଞ୍ଜନ ସାମନ୍ତରାୟ ଏବଂ ବରିଷ୍ଠ ପରାମର୍ଶଦାତା (ଆନାସ୍ଥେସିଆ) ଡା. ସ୍ମିତା କୁଜୁର ପ୍ରଦାନ କରିଥିଲେ। ଅପରେସନ୍ ଥିଏଟର ପରିଚାଳନା ନର୍ସ ଅଧିକାରୀ ସିଷ୍ଟର ଗୋଧୂଳି ଏବଂ ସିଷ୍ଟର ଲିପିକା ଦକ୍ଷତାର ସହିତ ପରିଚାଳନା କରିଥିଲେ। ଅସ୍ତ୍ରୋପଚାର ପରବର୍ତ୍ତୀ ସେବା ସିଷ୍ଟର ଗୌରୀ, ସିଷ୍ଟର ଜସ୍ମିତା, ସିଷ୍ଟର ସୋନିଆ, ସିଷ୍ଟର ମନୀଷା, ସିଷ୍ଟର ନମିତା ଏବଂ ଅନ୍ୟ ନର୍ସ କର୍ମଚାରୀମାନେ ପ୍ରଦାନ କରିଥିଲେ। ପ୍ରେମାନନ୍ଦ ସ୍ୱାଇଁ ଏବଂ ତାଙ୍କ ଦଳ ଦ୍ୱାରା ଫିଜିଓଥେରାପି ପୁନର୍ବାସନ ସହାୟତା ପ୍ରଦାନ କରାଯାଇଥିଲା। ଅସ୍ତ୍ରୋପଚାର ପରେ, ରୋଗୀଙ୍କ ଅବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଛି। ଯେଉଁଥିରେ ତାଙ୍କର ଉପର ଏବଂ ତଳ ଅଙ୍ଗର କଠୋରତାରେ ଉନ୍ନତି ଆସିବା ସହିତ ସେ ହାଲୁକା ଅଙ୍ଗ ସଞ୍ଚାଳନ ମଧ୍ୟ କରିପାରୁଛନ୍ତି।

## ବଜ୍ରାଘାତରେ ନାବାଳକ ମୃତ

**ଲହୁଣୀପଡ଼ା/ବଣାଇଁ, ୧୮।୫(ସମିସ):** ଲହୁଣୀପଡ଼ା ଥାନା ରାଜା ମୁଣ୍ଡା ପଞ୍ଚାୟତ ଲୁର୍ଥୁବା ଗ୍ରାମରେ ବଜ୍ରାଘାତରେ ଜଣେ ନାବାଳକର ମୃତ୍ୟୁ ହୋଇଛି। ମୃତକ ନାବାଳକ ଜଣକ ସଞ୍ଜିବ କିଷାନ (୧୫) ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ସାଢେ ୫ ଟା ବେଳେ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଲୁର୍ଥୁବା ଗ୍ରାମର ସଞ୍ଜିବ କିଷାନ (୧୫) କୌଣସି କାମରେ ନଦୀକୁ ଯାଇ ଫେରିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଥାଉକି, ରାଉରକେଲା ବେଦବ୍ୟାସ ସ୍ଥିତ ଗୁରୁକୁଳ ବିଦ୍ୟାଳୟରୁ ଏବର୍ଷ ଦଶମ ଶ୍ରେଣୀରେ ପାସ କରି ସଞ୍ଜୀବ ଘରକୁ ଆସିଥିଲେ। ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଛି। ଏନେଇ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରିଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

# ତେଲକୋଇରେ ମିଳିତ ଅଭିଯୋଗ ଶୁଣାଣି






## ଆସିଲେନି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ, ନିରାଶ ଅଭିଯୋଗକାରୀ

ତେଲକୋଇ,୧୮।୫(ସମିସ)

ତେଲକୋଇ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ପାନୀୟ ଜଳ, ଭତ୍ତା, ସାମାଜିକ ସୁରକ୍ଷା , ଗମନା ଗମନ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ଯୋଜନା ଓ ତାର ପ୍ରାପ୍ୟ, ବାଲି ଚୋରା ଚାଲାଣ ଆଦି ସମସ୍ୟାକୁ ନେଇ ୧୧୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ତେବେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତି ତେଲକୋଇ ଅଞ୍ଚଳବାସୀଙ୍କୁ ନିରାଶ କରିଥିଲା। ଯାହାକୁ ନେଇ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ସହିତ ଅଭିଯୋଗ ଶୁଣାଣି ପ୍ରହସନ ବୋଲି ମତ ପ୍ରକାଶ ପାଇଛି। ସେହିପରି ଜୁଆଙ୍ଗ ଜନଜାତିଙ୍କୁ ସରକାର ଅଣଦେଖା କରୁଥିବା ନେଇ ଜୁଆଙ୍ଗଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ଜୁଆଙ୍ଗ ସମାଜ ପାରମ୍ପରିକ ଗୀତ ଗାଇବା ସହିତ ଚାଙ୍ଗୁ ବଜାଇ ଉପସ୍ଥିତ ଅଧିକାରୀଙ୍କୁ ଅଭିଯୋଗ ଦାଖଲ କରିଥିଲେ। ଉପାନ୍ତ ଗୁଡ଼ିନର୍ଦ୍ଦା ଗ୍ରାମକୁ ନୀତି ଦିନିଆ ରାସ୍ତା, ବିଦ୍ୟୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଦାବି ହୋଇଥିଲା। ଏହା ସହିତ ଟୁଙ୍ଗୁରୁ ବାହାଳ ଜୁଆଙ୍ଗ ସାହିକୁ ନିତିଦିନିଆ ରାସ୍ତା ତୁରନ୍ତ ନିର୍ମାଣ କରିବାକୁ ଦାବି ହୋଇଥିଲା। ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଦାବି ଜଣାଇ ଥିଲେ। ସେହିପରି ତେଲକୋଇସ୍ଥିତ ସମାକୋଇ ନଦୀର ବିଭିନ୍ନ ଘାଟରୁ ବେଆଇନ ବାଲି ଚୋରା ଚାଲାଣ ଏବଂ ଗୋଚର ଜମିରୁ ବାଲି ଚୋରା ଚାଲାଣକୁ ନେଇ ଅଭିଯୋଗ ହୋଇଛି। ବେଆଇନ ବାଲି ଚାଲାଣ ଯୋଗୁଁ ନଦୀର ଗତିପଥ ବଦଳୁ ଥିବାରୁ ତେଲକୋଇ ତଳସାହିକୁ ବିପଦ ମାଡ଼ି ଆସୁଥିବା ଅଭିଯୋଗ ହେଉଛି। ଏହାକୁ ବନ୍ଦ କରିବା ପାଇଁ ସାହିବାସୀ ଦାବି କରିଛନ୍ତି। ଏହା ସହିତ ୬ ଜଣ ଭିନ୍ନକ୍ଷମ ଙ୍କୁ ସରକାର ଙ୍କ ପକ୍ଷରୁ ବ୍ୟାଟେରୀ ଚାଳିତ ଚାରି ଚକିଆ ସାଇକେଲ ପ୍ରଦାନ କରାଯାଇଛି। ପଞ୍ଜୀକୃତ ହୋଇଥିବା ଅଭିଯୋଗର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଅନୁଷ୍ଠିତ ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ, ଡିଏସ୍‌ପି ଉଲ୍ଲାସ ମାଝୀଙ୍କ ସମେତ ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ।

# 'ସା ନି ଧା ପା'ର ବାର୍ଷିକ ଉତ୍ସବ



ଆନନ୍ଦପୁର,୧୮।୫(ସମିସ): ସ୍ଥାନୀୟ ଏକ ହୋଟେଲରେ 'ସା ନି ଧା ପା'ର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ଶାସ୍ତ୍ରୀୟ ସଂଗୀତ ଆସର ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ମଦନ ପାଣିଙ୍କ ଅଧ୍ୟକ୍ଷତା ଓ ଗାୟିକା ଖିରାବ୍ଠଧ ତନୟା ପଣ୍ଡାଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ପଣ୍ଡିତ ଜିତୁ ଦାଶ, ଉତ୍କଳ ସଂଗୀତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ ଦାସ, ଶିକ୍ଷାବିତ ଡ. ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଶାସ୍ତ୍ରୀୟ ସଂଗୀତ ଜୀବନର ଭାବଧାରାକୁ ସଠିକ ପଥରେ ନେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁବାଶିଷ ଶତପଥି ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଗାୟିକା ଅଭିଲିପ୍ସା ତ୍ରିପାଠୀ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଗୀତ ଗୁରୁ ହରିହର ଜେନା, ସନ୍ତୋଷ ପରିଡ଼ା, ସୁବାଶିଷ ଶତପଥୀଙ୍କ ତତ୍ତ୍ୱାବଧାନରେ ହିନ୍ଦୁସ୍ତାନ ଭୋକାଲ ଓଡ଼ିଶୀ ଓ ତବଲା ବାଦନର ଶାସ୍ତ୍ରୀୟ ଆସରରେ ଅନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଚନ୍ଦ୍ରଶେଖର ସାହୁ, ବିଜୟ ତ୍ରିପାଠୀ, ନିମାଇଁ ହରିଚନ୍ଦନ ଜେନା, ହରିହର ମିଶ୍ର, କୁନାଲ ସାହୁ, ଅମିୟ ନାଥ, ଦୀପକ ସ୍ୱାଇଁ, ସୁତପା ନାଥ ଓ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟୋଲ୍ ପ୍ଲାଜା ଅଚଳ




ତୁରୁମୁଙ୍ଗା,୧୮।୫(ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଖିରେଇଟାଙ୍ଗିରୀ ଟୋଲ ଗେଟ୍ ରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟୋଲ ଗେଟ୍‌ର କ୍ୟାମେରା ଗାଡିର ନମ୍ବର ପ୍ଲେଟ୍ ରିଡ଼ ହୋଇ ନପାରି ବେରିୟର ଖୋଲି ନଥିଲା। ଫଳରେ ଟୋଲ ଗେଟ୍‌ର ଉଭୟ ପାର୍ଶ୍ୱରେ ଭାରୀଯାନ, ବସ ଓ କାର ଅଟକି ରହିଥିଲା। ଟୋଲ ଗେଟ୍‌ରେ ଲାଗିଥିବା ସ୍ୱୟଂଚାଳିତ କ୍ୟାମେରାରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଦୀର୍ଘ ସମୟ ଧରି ଗାଡ଼ି ଅଟକି ରହିବାରୁ ଯାତ୍ରୀ ଓ ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରାୟ ୪୫ ମିନିଟ ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ବଢୁଛି ଟ୍ରାଫିକ୍ ସମସ୍ୟା

# ସ୍ଲରୀ ପାଇପ୍ ବିଛାଇବା ପାଇଁ ରାସ୍ତାଖୋଳା

ଯୋଡ଼ା,୧୮।୫(ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାର ଯୋଡ଼ା ମାର୍କେଟ ମୁଖ୍ୟ ରାସ୍ତାକୁ ସ୍ଲରୀ ପାଇପ ବିଛାଇବା ପାଇଁ ଖୋଳି ଛାଡ଼ିଦେଇଛି କମ୍ପାନୀ।ଆଜକୁ ପ୍ରାୟ ମାସେ ହେଲାଣି ଯୋଡ଼ା ମାର୍କେଟ ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସ୍ଲରୀ ପାଇପ ବିଛାଇବା ନିମନ୍ତେ ରାସ୍ତା ଉପରେ ପ୍ରାୟ ୧୫/୨୦ ଫୁଟର ଗର୍ତ୍ତ କରି କାର୍ଯ୍ୟ କରାଯାଉଥିବା ବେଳେ ଉଭୟ ପାର୍ଶ୍ୱରୁ ରାସ୍ତାକୁ ବ୍ଲକ କରି ଦିଆ ଯାଇଛି। ଯାହା ଦ୍ୱାରା ବଡ଼ବିଲରୁ ଯୋଡ଼ା ଅଭିମୁଖେ ଆସୁଥିବା ଯାତ୍ରୀବାହୀ ବସଗୁଡ଼ିକ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାକୁ ନେଇ ରାସ୍ତା ସର୍ବଦା ଜାମ ରହି ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଏହି ରାସ୍ତାଟି ଜନସାଧାରଣଙ୍କ ଯାତାୟାତ ନିମନ୍ତେ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଦୈନିକ ହଜାର ହଜାର ଲୋକ ଦୁଇ ଚକିଆ, ଚାରି ଚକିଆ ଯାନ ଦ୍ୱାରା ଯିବା ଆସିବା କରି ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଚୁପ ହୋଇ ବସିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ଆଗରୁ ଯୋଡ଼ା ଅବବାହିକା ରେ ପ୍ରବାହିତ ତଥା ଯୋଡ଼ା ବାସୀଙ୍କ ଜୀବନ ରେଖା କୁହାଯାଉଥିବା ସୁନା ନଦୀର ଛାତି କୁ ଚିରି ଉକ୍ତ କମ୍ପାନୀ ସ୍ଲରୀ ପାଇପ ବିଛାଇ ନଦୀ ଜଳ ପ୍ରବାହିତରେ



ବାଧା ଉପୁଜାଇ ନଦୀ ଟିର ଅବସ୍ଥା ଶୋଚନୀୟ କରି ପକାଇଥିବା ବେଳେ ଏବେ ଯୋଡ଼ା ସହରର ମୁଖ୍ୟ ରାସ୍ତାକୁ ଖୋଳି ସ୍ଲରୀ ପାଇପ ବିଛାଇବା କାର୍ଯ୍ୟ କରୁଥିବା ସାଧାରଣ ଲୋକ କୁ ବ୍ୟଥିତ କରିଛି। ଏକ ମାସରୁ ଊର୍ଦ୍ଧ୍ୱ ହେଲାଣି ରାସ୍ତା ଖୋଳି କାର୍ଯ୍ୟ ଚାଲିଥିବା ନେଇ ସାଧାରଣ ଲୋକ ଭାରି ଅସୁବିଧାରେ ପଡ଼ିଛନ୍ତି। ଦିନକୁ ଦିନ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ନେଉଥିବା ବେଳେ କର୍ମଜୀବୀ ଓ ଦୈନିକ ଯାତ୍ରୀ ନାକେଦମ ହେଉଛନ୍ତି। ସହରର ମୁଖ୍ୟ ରାସ୍ତାକୁ ଖୋଳା ଯିବାରୁ ଯାନଚଳାଚଳ ବାଧାପ୍ରାପ୍ତ ହେଉଛି। ସକାଳ ଓ ସନ୍ଧ୍ୟା ସମୟରେ ଦୀର୍ଘ ଟ୍ରାଫିକ ଜାମ୍ ଦେଖିବାକୁ ମିଳୁଛି। ତେବେ ପ୍ରଶାସନର ହସ୍ତକ୍ଷେପ ଦ୍ୱାରା ସ୍ଲରୀ ପାଇପ କାର୍ଯ୍ୟ ତ୍ୱରାନ୍ୱିତ କରି ରାସ୍ତାର ପୁନଃରୁଦ୍ଧାର ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ଦେଓଗାଁରେ ଏନ୍‌ଏସ୍‌ଡିର ଶିଶୁନାଟ୍ୟ କର୍ମଶାଳା



ଆନନ୍ଦପୁର,୧୮।୫(ସମିସ): ଘସିପୁରା ବ୍ଲକ୍ ଦେଓଗାଁରେ ନେସନାଲ ସ୍କୁଲ ଡ୍ରାମା ପକ୍ଷରୁ ଶିଶୁନାଟ୍ୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏନ୍‌ଏସ୍‌ଡିର ରେଜିଷ୍ଟ୍ରାର ପ୍ରଦୀପ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କୁଶଳେଶ୍ୱର ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ଏହି କର୍ମଶାଳାକୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଉଦ୍‌ଘାଟନ କରିଥିଲେ। ଅମ୍ବିକା ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ସହକାରୀ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସୈନିକ ସଂଘ ସଭାପତି ତ୍ରିଲୋଚନ ଦାଶ, ଓଷ୍କାର ସମ୍ପାଦକ ରଞ୍ଜନ ଘଡ଼େଇ, ପ୍ରଧାନଶିକ୍ଷକ ପ୍ରକାଶ କୁମାର ପଣ୍ଡା, ସିଆର୍‌ସିସି ପ୍ରସନ୍ନ କୁମାର ସା, ମୋ ସ୍କୁଲ ସଭାପତି ବିପିନ ବିହାରୀ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନ ଶକ୍ତିର ବିକାଶ ଦିଗରେ ଏହି କର୍ମଶାଳା ବେଶ ଉପାଦେୟ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁମ୍ବାଇରୁ ଆସିଥିବା ନାଟ୍ୟ ନିର୍ଦ୍ଦେଶକ ଅବିନାଶ ଦେଶପାଣ୍ଡେ ଓ ସହକାରୀ ନିର୍ଦ୍ଦେଶକ ଦେବାନନ୍ଦ ନାୟକ ଏହି କର୍ମଶାଳା ସମ୍ପର୍କରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

# ହାତୀ-ମଣିଷ ଲଢ଼େଇର ପ୍ରଶମନ ଅଭିଯାନରେ ସାମିଲ ହେଲେ ଛାତ୍ରଛାତ୍ରୀ



କେନ୍ଦୁଝର,୧୮।୫(ସମିସ): ସୋମବାର କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ଓ କେନ୍ଦୁଝର ବନଖଣ୍ଡସ୍ଥ କେନ୍ଦୁଝର ବନାଞ୍ଚଳର ମିଳିତ ସହଯୋଗରେ ଚାଲିଥିବା "ହାତୀ-ମଣିଷ ଲଢ଼େଇର ପ୍ରଶମନ ଅଭିଯାନରେ ସାମିଲ୍ ହୋଇଛନ୍ତି ଛାତ୍ରଛାତ୍ରୀ।

"ମୈଦାନକେଲ ପଞ୍ଚାୟତର ହରିହରପୁର, ବାସୁଦେବପୁର, ବାଘୁଆ ସାହି ଅଞ୍ଚଳରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧରଣୀଧର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ୧୨ ଜଣ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡିଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଅଭିଯାନକୁ, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ସମ୍ପାଦକ ତଥା କେନ୍ଦୁଝର ନାଗରିକ ମଞ୍ଚ ଉପସଭାପତି ଭକ୍ତବତ୍ସଳ ମହାନ୍ତି ଓ ବନାଞ୍ଚଳ ଅଧିକାରୀ ଅଜିତ କୁମାର ଦାସ ସଂଯୋଜନା କରିଥିଲେ। ଦୀର୍ଘ ଦିନ ଧରି ଚାଲି ଥିବା, ହାତୀ-ମଣିଷ ଲଢେଇକୁ ପ୍ରସମିତ କରବା ପାଇଁ, କ୍ଷେତ୍ର ଅଧିକାରୀ ଭାଗୀରଥି ମହାନ୍ତି, ପ୍ରଗତିଫାଉଣ୍ଡେସନ ଟ୍ରଷ୍ଟର ରଞ୍ଜୁଲତା ମହାନ୍ତ, କାଞ୍ଚନବାଳା ମହାନ୍ତ ସହିତ ଛାତ୍ର ଛାତ୍ରଛାତ୍ରୀ ସାମିଲ ହୋଇ ଗୋଷ୍ଠୀସ୍ତରରେ କ୍ଷେତ୍ରୀୟଜ୍ଞାନ ଆହରଣ କରିବା ସହିତ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି। ଶାନ୍ତ ସରଳ ବନ୍ୟପ୍ରାଣୀଙ୍କୁ ବାଣ ଫୁଟେଇ, ନିଆଁ ଗେଞ୍ଜି ଓ ଲଙ୍ଗୁଡ଼ ଟାଣି ବିରକ୍ତି ନ କରିବା, ଜଙ୍ଗଲ ମଧ୍ୟରେ ହାଣ୍ଡିଆ ମହୁଲି ମଦ ନ ରାନ୍ଧିବା, ଜଙ୍ଗଲବିଭାଗ ଓ ପଂଚାୟତ ମାଧ୍ୟମରେ ପୁଷ୍କରିଣୀ ଖୋଳି ବନ୍ୟପ୍ରାଣୀଙ୍କ ପାଇଁ ପିଇବାପାଣି ବ୍ୟବସ୍ଥା କରିବା, ଜଙ୍ଗଲରେ ବର, ଅଶ୍ୱତଥ, ଚାର, ବାଉଁଶ, ଆମ୍ବ, ପଣସ, କେନ୍ଦୁ ଗଛ ଲଗାଇବା ପାଇଁ ଆଦିବାସୀ ଓ ବନବାସୀଙ୍କୁ ବୁଲି ବୁଲି ବୁଝାଉଛନ୍ତି। ଜଙ୍ଗଲ ବିଭାଗ ଦ୍ୱାରା ପ୍ରସ୍ତୁତ, ମନୁଷ୍ୟ -ହାତୀ ସହଅବସ୍ଥାନ ମାର୍ଗଦର୍ଶିକା ପୁସ୍ତିକା ସଚେତନତା ପାଇଁ ବଣ୍ଟନ କରୁଛନ୍ତି। ଜଙ୍ଗଲ ଅଧିକାର ସୁରକ୍ଷା କମିଟି, ବନସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟ ସଦସ୍ୟା ଏବଂ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ, ଅନ୍ତରିକ୍ଷ ଫାଉଣ୍ଡେସନ, ସ୍ୱସ୍ତି ଫାଉଣ୍ଡେସନ ର ସ୍ୱେଚ୍ଛାସେବୀ ମାନେ ଅଭିଯାନରେ ଛାତ୍ର ଛାତ୍ରୀଙ୍କ ସହିତ ମିଶି କରି ସଚେତନତା କରୁଛନ୍ତି। କେଡି ଟ୍ରଷ୍ଟର ପରିବେଶବିତ ଡକ୍ଟର ବିମ୍ବାଧର ବେହେରା, ଅଧ୍ୟକ୍ଷା ଜଗଜିତା ଦାସ ଓ କୋଷାଧ୍ୟକ୍ଷ ଅଧିବକ୍ତା ସଂଜୀବ ଅଭିଯାନରେ ଜନସାଧାରଣ ସାମିଲ ହେବାକୁ ଅନୁରୋଧ କରିଛନ୍ତି।

# ପାଟପାଣି ଘାଟିରାସ୍ତା ମରାମତି ଦାବି

କେନ୍ଦୁଝର,୧୮।୫(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କୁସୁମିତା ନିକଟବର୍ତ୍ତୀ ବିନିନ୍ଦାର ପାଟପାଣି ଘାଟି ରାସ୍ତା ଦୁଇ ବର୍ଷ



ହେଲାଣି ମେଣ୍ଟାଲ ପକ୍କାଯାଇ ପିଚୁ ପକ୍କା କରାଯାଉନାହିଁ। ଫଳରେ ଲୋକେ ଯାତାୟାତବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଜନତା ବାଇକ କାର ଆଦି ଧରି ଯା'ଆସ କଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ୧୦୮ ଆମ୍ବୁଲାନ୍ସ ରୋଗୀଯାନ ସେହି ଅଞ୍ଚଳକୁ ଗଲାବେଳେ ନାକେ ଦମ୍ ହେବାକୁ ପଡୁଛି। ରାସ୍ତା ସମସ୍ୟା ଯୋଗୁଁ ଲୋକେ ଦୁର୍ଘଟଣାର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ପାଟପାଣି ଘାଟି ଜଙ୍ଗଲ ମଝିରେ ରହିଥିବାରୁ ରାତ୍ର ସମୟରେ ଦୁଇ ଚକିଆ ଓ ଚାରି ଚକିଆ ଛୋଟ ବଡ଼ ଗାଡ଼ି ଯିବା ଆସିବାକୁ ଅସୁବିଧା ହେଉଛି। ଅଭିଯୋଗ ହୋଇ ଆସୁଥିଲେ ହେଁ ଠିକାଦାର ଚୁପ୍ ବସିଛି। ଏହାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ରାସ୍ତାରେ ପିଚୁ ପକାଇବାକୁ ଦାବି ହେଉଛି।

# ୧୩ ରୋଡ୍ ରୋମିଓ ଓ ମଦ୍ୟପ ଅଟକ




ଚମ୍ପୁଆ,୧୮।୫(ସମିସ): ଚମ୍ପୁଆ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ଚମ୍ପୁଆ ପୁଲିସ ପକ୍ଷରୁ ଅସାମାଜିକ ତତ୍ତ୍ୱ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ସ୍ଥାନୀୟ ପୁଲିସ। ବିଭିନ୍ନ ସ୍ଥାନରୁ ୧୩ ଜଣ ମଦ୍ୟପଙ୍କୁ ଅଟକ ରଖାଯିବା ସହିତ ମଟରସାଇକଲ ଜବତ କରାଯାଇଛି। ଚମ୍ପୁଆର ନିଛାଟିଆ ଅଞ୍ଚଳ ସହିତ ବିଭିନ୍ନ ପଡ଼ିଆ, ଯାତାୟତ ପଥରେ ଥିବା କଲଭର୍ଟ ଆଦି ଉପରେ ସଞ୍ଜ ନଇଁଲେ ମଦ୍ୟପଙ୍କ ଆଡ୍ଡା ଜମୁଥିବା ବେଳେ ବିନା ଦ୍ୱିଧାରେ ମଦର ଆସର ଜମୁଛି। ଖବରପାଇ ଚମ୍ପୁଆ ଆଇଆଇସି ସ୍ୱରୂପ ରଞ୍ଜନ ନାୟକ ଚମ୍ପୁଆ ଅଞ୍ଚଳର ଜାଗର ପଡ଼ିଆ, ରାମଲା-ଫଗୁ ରାସ୍ତା ସହିତ ବସଷ୍ଟାଣ୍ଡ ଆଦି ସ୍ଥାନରେ ଚଢ଼ଉ କରି ୧୩ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଆଗାମୀ ଦିନରେ ରୋଡ୍ ରୋମିଓଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

## ଆନନ୍ଦପୁର ଡାକ୍ତରଖାନାରେ କର୍ମଚାରୀ ଅଭାବ

# ଧାଡ଼ି ଯନ୍ତ୍ରଣାରେ ଛଟପଟ ରୋଗୀ

ଆନନ୍ଦପୁର,୧୮।୫(ସମିସ): ଆନନ୍ଦପୁର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ବହୁଦିନ ଧରି ଆବଶ୍ୟକ ଡାକ୍ତର, ଷ୍ଟାଫ୍ ନର୍ସ ଓ ଲାବୋରେଟୋରୀ ଟେକ୍‌ନିସିଆନ ପଦବୀ ଖାଲି ପଡ଼ିଥିବା ଯୋଗୁଁ ରୋଗୀ ସେବା ଦିନକୁ ଦିନ ବ୍ୟାହତ ହେଉଛି। ଅନେକ ବିଶେଷଜ୍ଞ ପଦବୀ ପୂରଣ ହୋଇ ପାରୁ ନାହିଁ। ବିକଳ୍ପ ସ୍ୱରୂପ ଡିଏମ୍‌ଏଫ୍ ଅନୁଦାନ ସହାୟତାରେ ନ୍ୟୁରୋ ବିଭାଗର ୩ ଜଣ ଡାକ୍ତର ଓ ଚର୍ମ ରୋଗ ବିଶେଷଜ୍ଞ ପ୍ରତି ମାସ ବିଭିନ୍ନ ସପ୍ତାହରେ ଆସୁଥିବା ବେଳେ ପ୍ରାୟ ଦୁଇ



ମାସ ଧରି ଆସୁନାହାନ୍ତି। ଅସ୍ଥିଶଲ୍ୟ ବିଭାଗ ଡାକ୍ତରଙ୍କ ବଦଳି ପରେ ସେହି ପଦବୀ ଖଣଲି ପଡ଼ିଛି। କେନ୍ଦୁଝର ଜିଲ୍ଲା ସମେତ ସୀମାନ୍ତବର୍ତ୍ତି ଯାଜପୁର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର ଓ ଢେଙ୍କାନାଳ ଆଦି ଜିଲ୍ଲାର ଲୋକେ ଉକ୍ତ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବାବେଳେ ଏଠାରେ କର୍ମଚାରୀ ଅଭାବ ଯୋଗୁଁ ଲୋକେ ଧାଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିବା ଅଭିଯୋଗ ହେଉଛି। ରୋଗୀ ସେବା ପାଇଁ ଆବଶ୍ୟକ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟ ନିଯୁକ୍ତି ପାଇଁ ସମାଜସେବୀ ବୁଲୁ ପଟ୍ଟନାୟକ ଓ ସମାଜସେବୀ ଦେବ ରଞ୍ଜନ ସାହୁ ଦାବି ଜଣାଇଛନ୍ତି।

## ଧରଣୀଧର ବିଶ୍ୱ ବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ

# ହରିହର ସାହୁ ଶ୍ରେଷ୍ଠ ଗ୍ରାଜୁଏଟ୍

କେନ୍ଦୁଝର,୧୮।୫(ସମିସ)

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ବିଶ୍ୱ ବିଦ୍ୟାଳୟରେ ପରିଗଣିତ ହେବା ପରେ ପ୍ରଥମ ଥର ସ୍ନାତକ ପରୀକ୍ଷା-୨୦୨୬ ଫଳାଫଳ ସୋମବାର ପ୍ରକାଶ ପାଇଛି। ଯୁକ୍ତ ୩ରେ କଳା, ବାଣିଜ୍ୟ ଓ ବିଜ୍ଞାନରେ ଶତକଡା ୯୧.୧୭ ପ୍ରତିଶତ ଫଳାଫଳ ହୋଇଥିବାବେଳେ ଯୁକ୍ତ ୩ କଳାରେ ୯୧.୭୭ ପ୍ରତିଶତ, ବିଜ୍ଞାନରେ ୯୨.୬୮ ପ୍ରତିଶତ, ବାଣିଜ୍ୟରେ ୮୧.୦୪ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। +୩ କଳାରେ ୩୭୫୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୪୨୬ ଜଣ, ବିଜ୍ଞାନରେ ୧୩୬୨ ଜଣଙ୍କ ମଧ୍ୟରୁ ୧୨୫୫ ଜଣ, ବାଣିଜ୍ୟରେ ୪୩୦ ଜଣଙ୍କ ମଧ୍ୟରୁ ୩୪୨ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ଚଳିତବର୍ଷ ତାରିଣୀ ଠାକୁରାଣୀ ଡିଗ୍ରୀ ମହାବିଦ୍ୟାଳୟ ଘଟଗାଁର ଯୁକ୍ତ ୩ ପ୍ରାଣୀ ବିଜ୍ଞାନ ସମ୍ମାନ ଛାତ୍ର ହରିହର ସାହୁ ୨୭୫୦ ରୁ ୨୫୨୮ ନମ୍ବର ରଖି ଶ୍ରେଷ୍ଠ ଗ୍ରାଜୁଏଟ୍ ବିବେଚିତ ହୋଇଛନ୍ତି। ସେହିଭଳି କଳାରେ ସରକାରୀ ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ସମ୍ମାନ ଛାତ୍ରୀ ମଧୁସ୍ମିତା ମହାକୁଡ ଏବଂ ବାଣିଜ୍ୟରେ ଧରଣୀଧର ବିଶ୍ୱ ବିଦ୍ୟାଳୟର ଛାତ୍ରୀ ସାୟଲି ପ୍ରିୟଦର୍ଶିନୀ ପାତ୍ର ବିଶ୍ୱ ବିଦ୍ୟାଳୟର ଶ୍ରେଷ୍ଠ ଗ୍ରାଜୁଏଟ୍ ଭାବେ ବିବେଚିତ ହୋଇଛନ୍ତି। ନୃତତ୍ତ୍ୱ ଅନର୍ସରେ ଡିଡି ବିଶ୍ୱ ବିଦ୍ୟାଳୟର ଛାତ୍ରୀ ରଶ୍ମିତା ନାୟକ ୧୪୦୦ ରୁ ୧୨୬୩ ନମ୍ବର ରଖି ପ୍ରଥମ ହୋଇଛନ୍ତି। ଅର୍ଥନୀତି ସମ୍ମାନରେ ଡିଡି ବିଶ୍ୱ ବିଦ୍ୟାଳୟର ଦିବ୍ୟଜିତା ସାହୁ ୧୪୦୦ରୁ ୧୧୭୦ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ଏଜୁକେଶନ ଅନର୍ସରେ ଆଞ୍ଚଳିକ ମହାବିଦ୍ୟାଳୟ ହାଟଡିହିର ଛାତ୍ରୀ ସାଇସ୍ମିତା ପରିଡ଼ା ୧୪୦୦ ରୁ ୧୨୩୯ ନମ୍ବର ରଖି ପ୍ରଥମ ହୋଇଛନ୍ତି। ଇଂରାଜୀ ସମ୍ମାନରେ ସିଏସ୍ କଲେଜ ଚମ୍ପୁଆର ଫଲକ ଆରା ପ୍ରଥମ ହୋଇଛନ୍ତି। ହିନ୍ଦୀ ସମ୍ମାନରେ ବଡ଼ବିଲ କଲେଜର ଭାଗ୍ୟଶ୍ରୀ ଖମାଣିଆ ପ୍ରଥମ, ଇତିହାସ ସମ୍ମାନରେ ବିବି ମହାବିଦ୍ୟାଳୟ ହରିଚନ୍ଦନପୁରର ପ୍ରିୟା କୁମାରୀ ପ୍ରଥମ, ଗୃହ ବିଜ୍ଞାନ ସମ୍ମାନରେ ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ମଧୁସ୍ମିତା ମହାକୁଡ ପ୍ରଥମ ହୋଇଛନ୍ତି। ଓଡ଼ିଆ ସମ୍ମାନରେ ଟିଟି ମହାବିଦ୍ୟାଳୟ ଘଟଗାଁର ସାଇନା ପଲେଇ ପ୍ରଥମ ହୋଇଥିବାବେଳେ ଦର୍ଶନଶାସ୍ତ୍ର ସମ୍ମାନରେ ଡିଡି ୟୁନିଭରସିଟିର ମେଘାରାଣୀ ସାହୁ, ରାଜନୀତି ବିଜ୍ଞାନ ସମ୍ମାନରେ ପତିତପାବନ ମହାବିଦ୍ୟାଳୟ ସାଇଁକୁଳର ଅଫସନା ଖାତୁନ୍, ସଂସ୍କୃତ ସମ୍ମାନରେ ଡିଡି ୟୁନିଭରସିଟିର ସୁନୀତା ମହାନ୍ତ, ସମାଜ ବିଜ୍ଞାନ ସମ୍ମାନରେ ଛାତ୍ରୀ ସାଇପ୍ରଭା କର ପ୍ରଥମ ହୋଇଛନ୍ତି। ସେହିପରି ବିଜ୍ଞାନ ବିଭାଗର ଉଦ୍ଭିଦ ବିଜ୍ଞାନ ସମ୍ମାନରେ ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ଛାତ୍ରୀ ବନଜା ବାସିନୀ ମହାନ୍ତ ପ୍ରଥମ ହୋଇଥିବାବେଳେ ରସାୟନ ବିଜ୍ଞାନରେ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ରେକୁଟିଆର ଛାତ୍ରୀ ସୁମିତ୍ରା ପଲେଇ, ଭୂତତ୍ତ୍ୱ ବିଜ୍ଞାନରେ ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ଶୁଭଶ୍ରୀ ସାହୁ, ଗଣିତ ସମ୍ମାନରେ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ରେକୁଟିଆର ସୁଚିତ୍ରା ପାତ୍ର, ପଦାର୍ଥ ବିଜ୍ଞାନ ସମ୍ମାନରେ ଡିଡି ୟୁନିଭରସିଟିର ମନସ୍ୱିନୀ ରାଉତ, ପ୍ରାଣୀ ବିଜ୍ଞାନ ସମ୍ମାନରେ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟ ଘଟଗାଁର ହରିହର ସାହୁ ପ୍ରଥମ ହୋଇଛନ୍ତି। କମ୍ପ୍ୟୁଟର ସାଇନ୍ସରେ ଡିଡି ୟୁନିଭରସିଟିର ଶୁଭଲକ୍ଷ୍ମୀ ବେଜ୍ ପ୍ରଥମ ହୋଇଛନ୍ତି। ଅନ୍ୟପକ୍ଷରେ ବାଣିଜ୍ୟ ସମ୍ମାନରେ ଧରଣୀଧର ବିଶ୍ୱ ବିଦ୍ୟାଳୟର ଛାତ୍ରୀ ସାୟଲି ପ୍ରିୟଦର୍ଶିନୀ ପାତ୍ର ପ୍ରଥମ ହୋଇଛନ୍ତି। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ପ୍ରଦୀପ କୁମାର ବେହେରା, ଉପ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ରୁଦ୍ରକାନ୍ତ ମାଝୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

■ ଚିହ୍ନଟ ପରେ ବି ଅଭିଯୁକ୍ତଙ୍କୁ ଛାଡ଼ିଦେଲା ପୁଲିସ

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ଅଭିଯୋଗକାରୀ

ଧର୍ମଗଡ଼,୧୮ ।୫(ସମିସ): ଚୋରି ମାମଲାରେ ସନ୍ଧାନୀ କୁକୁର ସାହାଯ୍ୟରେ ଅଭିଯୁକ୍ତଙ୍କୁ ଧରିବା ପରେ ମଧ୍ୟ ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ ନକରି ଛାଡ଼ି ଦେଇଥିବା ଭଳି ଏକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି । ଗୋଲାମୁଣ୍ଡା ପୁଲିସର ଏଭଳି କାର୍ଯ୍ୟକଳାପ ପ୍ରତି ଅସନ୍ତୋଷ ପ୍ରକାଶ କରି ଆଜି ଅଭିଯୋଗକାରୀ ନ୍ୟାୟ ପାଇଁ କଳାହାଣ୍ଡି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ଅନୁଯାୟୀ, ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧିନସ୍ଥ ସାରସଗୁଡା ଗ୍ରାମର ନିରଞ୍ଜନ ଅଘରିଆଙ୍କ ଘରେ ଗତ ୦୮ ରିଖ ଦିନ ଏକ ବଡ଼ଧରଣର ଚୋରି ହୋଇଥିଲା । ପ୍ରବଳ ଗୁଳୁଗୁଳି ଯୋଗୁଁ ନିରଞ୍ଜନଙ୍କ ପରିବାର ଲୋକେ ଛାତ ଉପରେ ଶୋଇଥିବା ସମୟରେ ଲୁଟ୍ ହୋଇଥିଲା । ଚୋରମାନେ ଘରୁ ୨ ଭରି ସୁନା, ୫୦ହଜାର ଟଙ୍କାର ରୁପା ଗହଣା ଏବଂ ନଗଦ ୨ ଲକ୍ଷ ଟଙ୍କା ଚୋରି କରି ନେଇଥିଲେ । ପରିବାର ଲୋକେ ଚୋରି ସମ୍ପର୍କରେ ଜାଣିବା ପରେ ଦଶପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଦଶପୁର ଫାଣ୍ଡି ପୁଲିସମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲା । ସନ୍ଧାନୀ କୁକୁର ସାରସଗୁଡା ଗ୍ରାମର ଦୁଇ ଜଣ ସନ୍ଦିଗ୍ଧ ଅଭିଯୁକ୍ତଙ୍କ ପାଖକୁ ଯାଇ ସେମାନଙ୍କୁ ଚିହ୍ନଟ କରିଥିଲା । ଏହା ପରେ ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରିଥିଲା । ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ସନ୍ଧାନୀ କୁକୁର ଦ୍ୱାରା ଅଭିଯୁକ୍ତ ଚିହ୍ନଟ ହେବା ପରେ ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିବା କଥା । ମାତ୍ର ଗୋଲାମୁଣ୍ଡା ପୁଲିସ କୋର୍ଟ ଚାଲାଣ କରିବା ପରିବର୍ତ୍ତେ ଉଭୟ ଅଭିଯୁକ୍ତଙ୍କୁ ଥାନାରୁ ଛାଡ଼ି ଦେଇଛି । ପୁଲିସର ଏଭଳି ରହସ୍ୟଜନକ ଭୂମିକାକୁ ନେଇ ଅଭିଯୋଗକାରୀ ନିରଞ୍ଜନ ଅଘରିଆ ଆଜି କଳାହାଣ୍ଡି ଏସ୍‌ପିଙ୍କୁ ଲିଖିତ ପତ୍ର ମାଧ୍ୟମରେ ଜଣାଇଛନ୍ତି । ଏଥିସହ ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର କରିବା ଏବଂ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

## ସିଡି ଭୁଶୁଡ଼ି ଶ୍ରମିକଙ୍କ ମୃତ୍ୟୁ

କେସିଙ୍ଗା,୧୮ ।୫(ସମିସ):କେସିଙ୍ଗା ବ୍ଲକ୍ କଣ୍ଡୁପଡ଼ା ଗ୍ରାମରେ ଘରକାମ ଚାଲିଥିବା ବେଳେ ନିମ୍ନମାନର ସିଡି କାମ ଯୋଗୁଁ ସିଡି ଭୁଶୁଡ଼ି ଜଣେ କାର୍ଯ୍ୟରତ ଶ୍ରମିକର ମୃତ୍ୟୁ ଘଟିଥିବା ସୂଚନା ମିଳିଛି ।ସୂଚନା ଅନୁଯାୟୀ କଣ୍ଡୁପଡ଼ା ଗ୍ରାମର ଜଣେ ଜୈନିକ ବ୍ୟକ୍ତିଙ୍କ ଘର କାମ କରୁଥିବା ବେଳେ ନୂତନ ଘରେ ତିଆରି ହୋଇଥିବା ସିଡି ଅଚାନକ ଭୁଶୁଡ଼ି ପଡ଼ି ସିଡି ତଳେ ଥିବା କଣ୍ଡୁପଡ଼ା ପଞ୍ଚାୟତ ସିଂଝରଣଗ୍ରାମ ରଣାପଡ଼ାର ସୁଶାନ୍ତ ରଣା (୧୯)ଙ୍କ ଉପରେ ସିଡି ପଡ଼ି ସିମେଣ୍ଟ, ଛଡ଼, ଇଟା ଭିତରେ ପୋତି ହୋଇ ଯାଇଥିଲେ ।ପରେ କେସିଙ୍ଗା ଦମକଳ କେନ୍ଦ୍ରକୁ ଫୋନ୍ କରିବା ପରେ ପୁଲିସର ଉପସ୍ଥିତିରେ ସଫା କରି ସୁଶାନ୍ତ ରଣାକୁ ବାହାର କରିଥିଲେ ହେଲେ ସୂଚନା ଅନୁଯାୟୀ ଘଟଣା ସ୍ଥଳରେ ହିଁ ସୁଶାନ୍ତ ଙ୍କ ଜୀବନ ଚାଲି ଯାଇଥିଲା । ମୃତକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତ ବାହାରୁଥିବା ଦେଖାଯାଇଥିଲା ।ପରେ ପୁଲିସ ମୃତଦେହକୁ କେସିଙ୍ଗା ମେଡିକାଲକୁ ଆଣି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା ।

## କଲେଜ ପଢ଼ିବା ପୂର୍ବରୁ ଛାତ୍ର ନିଖୋଜ

ଭବାନୀପାଟଣା,୧୮ ।୫(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ବଜାରପଡାର ସିଦ୍ଧାର୍ଥ(ଓମ)ସାହୁ ନାମକ ଜଣେ ଛାତ୍ର ରବିବାର ସନ୍ଧ୍ୟାରୁ ନିଖୋଜ ହୋଇଯାଇଛନ୍ତି । ଏହାକୁ ନେଇ ତାଙ୍କ ବାପା ଦିଲୀପ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସିଦ୍ଧାର୍ଥ ଚଳିତ ମାଟ୍ରିକ ପରୀକ୍ଷାରେ ପାସ କରିଥିବା ବେଳେ ଏବେ କଲେଜରେ ପଢିଥାନ୍ତେ । ଅତି ନମ୍ର ଓ ସରଳ ସ୍ୱଭାବର ଛାତ୍ର ହୋଇଥିଲେ ମଧ୍ୟ ହଠାତ୍ ଏଭଳି ନିଖୋଜ ହେବା ପଛର କାରଣ ଜଣାପଡ଼ିନାହିଁ । ତେବେ ଶେଷ ଥର ପାଇଁ ତାଙ୍କୁ ରବିବାର ସନ୍ଧ୍ୟାରେ ଭବାନୀପାଟଣା ବସ୍‌ଷ୍ଟାଣ୍ଡରେ ଲୋକ ଦେଖିବାକୁ ପାଇଥିବା ବେଳେ ସେତେବେଳେ ଠାରୁ ସେ ନିଖୋଜ ଅଛନ୍ତି । ତାଙ୍କ ନିଖୋଜ ହେବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି । ସିସି କ୍ୟାମେରା ଆଧାରରେ ଖୋଜୁଥିବା ପ୍ରକାଶ ।



## ୧୧ ତୋଳା ସୁନା ଓ ୩୦ ତୋଳା ରୁପା ଲୁଟ୍

ଗୋଲାମୁଣ୍ଡା,୧୮ ।୫(ସମିସ):ଗୋଲାମୁଣ୍ଡା ଥାନା କଣ୍ଟାମାଳ ଗ୍ରାମରେ ଡକାୟତି ଘଟଣା ଘଟିଛି । ମଧ୍ୟରାତ୍ରିରେ ଦୁର୍ବୃତ୍ତ ଦକ୍ଷ ସାହୁଙ୍କ ଘରେ ପ୍ରବେଶ କରି ୧୧ ତୋଳା ସୁନା ଓ ୩୦ ତୋଳା ରୁପା ଲୁଟି ନେଇଛନ୍ତି । ସୂଚନା ଅନୁଯାୟୀ,ରବିବାର ମଧ୍ୟରାତ୍ରିରେ ଘର ମାଲିକ ସମେତ ପରିବାର ଲୋକେ ଘରେ ଶୋଇଥିବା ଥିବା ବେଳେ କିଛି ଦୁର୍ବୃତ୍ତ ଦକ୍ଷ ସାହୁଙ୍କ ଘରେ ପ୍ରବେଶ କରିଥିଲେ । ଘରୁ ୧୧ତୋଳା ସୁନା ଓ ୩୦ ତୋଳା ରୁପା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିଲେ । ଡକାୟତି ସଂପର୍କରେ ପରିବାର ଲୋକେ କେଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଏତଲା ପାଇବା ପରେ କେଗାଁ ପୁଲିସ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା କେଗାଁ ଥାନା ଆଇଆଇସି ସଂଗୀତା ବେକ ପ୍ରକାଶ କରିଛନ୍ତି ।

## ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ଡେଙ୍ଗୁ ଦିବସ

ସିନାପାଲି,୧୮ ।୫(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରର ସଭାଗୃହରେ ଜାତୀୟ ଡେଙ୍ଗୁ ଦିବସ ପାଳନ ହୋଇଯାଇଛି । ଗୋଷ୍ଠି ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀମାନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ମନସ୍ୱିନୀ ପଟ୍ଟନାୟକ, ପିଏଚଇଓ ଅଙ୍ଗଦରାମ ମାଝୀ,ବିପିଏମ ରତ୍ନମଣୀ ଭୁଏ,ଭିବିଡିଟିଏସ ଦିବ୍ୟ ରଞ୍ଜନ ନାଏକ,ବିଏମ ଶୁଭ୍ରାଂଶୁ ଦଣ୍ଡସେନା,ବିଡିଏମ ବୈଷ୍ଣୋୟାନ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ର ବିଷୟ ବସ୍ତୁ 'ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସମୁଦାୟର ସହଭାଗିତା:ନିରୀକ୍ଷଣ କରନ୍ତୁ, ପରିଷ୍କାର କରନ୍ତୁ ଏବଂ ଘୋଡାଇ ରଖନ୍ତୁ' । ଏମଆରଏ ଡିଙ୍ଗର ଦଳପତି, ରିଖିରାଜ ନାଏକ,ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ତଥା ସ୍ୱାସ୍ଥ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

**ପେଟ୍ରୋଲ ଓ ଡିଜେଲ ସଙ୍କଟ**

# ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ, ଏସ୍‌ପି

ଭବାନୀପାଟଣା,୧୮ ।୫ (ସମିସ)



କଳାହାଣ୍ଡି ଜିଲ୍ଲାରେ ପେଟ୍ରୋଲ ଓ ଡିଜେଲର ସଙ୍କଟ ଖବର ପ୍ରସାର ଏବଂ ପ୍ରଚାର ହେବାପରେ ପରିସ୍ଥିତି ଅଣାୟତ୍ତ ହୋଇଯାଇଛି । ପ୍ରତ୍ୟେକ ଟାଙ୍କିରେ ତେଲ ପାଇଁ ଅପେକ୍ଷାର ବିକଳ ଚିତ୍ର ସମସ୍ତଙ୍କୁ ବ୍ୟଥିତ କରିଛି । ରବିବାର ସୁଦ୍ଧା ବାଇକ୍ ପାଇଁ ୨୦୦ଟଙ୍କାର ପେଟ୍ରୋଲ ମିଳିଥିବା ବେଳେ ଚାରି ଚକିଆ ଯାନକୁ ମାତ୍ର ୧୦୦୦ଟଙ୍କାର ତେଲ ଟାଙ୍କିରୁ ଦିଆଯାଉଥିଲା । ପ୍ରଧାନମନ୍ତ୍ରୀ ଦେଖି ଚାହିଁ ଇନ୍ଧନର ବ୍ୟବହାର ପାଇଁ ଜ୍ଞାନ ବାଣ୍ଟୁଥିବା ବେଳେ ବିଜେପି ମନ୍ତ୍ରୀ କହୁଛନ୍ତି ତେଲର ଅଭାବ ନାହିଁ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭକରି ଅନ୍ୟମନ୍ତ୍ରୀମାନେ କିଏ କେଉଁ ଢଙ୍ଗରେ ଜୀବନଶୈଳୀରେ ପରିବର୍ତ୍ତନ କରିଛନ୍ତି । କଳାହାଣ୍ଡି ଜିଲ୍ଲାରେ ମଧ୍ୟ କେତେକ ଟାଙ୍କି ତେଲ ସରିଯିବାରୁ ବନ୍ଦ ହେବା ପୁଣି ଖୋଲିବା ଏଭଳି ହାହାକାର ଅବସ୍ଥା ଜନସାଧାରଣଙ୍କୁ ଅଡୁଆରେ ପକାଇଛି । ଆଜି ପରିସ୍ଥିତି ଟିକେ ସୁଧୁରି ଆସୁଛି । ତେବେ ପେଟ୍ରୋଲ ଓ ଡିଜେଲ ଅଭାବ ସମ୍ପର୍କିତ ଅଭିଯୋଗର ସତ୍ୟତା ଜାଣିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇଛି ।ତୈଳ ଯୋଗାଣ ବିତରଣରେ ଅନିୟମିତତା ହେଉଥିବାର ଅଭିଯୋଗ କ୍ରମେ ସୋମବାର ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଓ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ ମିଳିତ ଭାବରେ ଭବାନୀପାଟଣା ସହରର ବିଭିନ୍ନ ପେଟ୍ରୋଲ ପମ୍ପ ଉପରେ ଅଚାନକ ଚଡଉ କରିଥିଲେ ।

ଚଡଉ ସମୟରେ ପଣ୍ଡା ଫ୍ୟୁଏଲସରେ ୧୨୮୯୧ଲିଟର ଡିଜେଲ ଏବଂ ୧୩୨୪୫ ଲିଟର ପେଟ୍ରୋଲ ଗଚ୍ଛିତ ଥିବା ଜଣାପଡିଥିଲା । ସେହିପରି ପ୍ରଧାନ ଫ୍ୟୁଏଲସରେ ୫୦୩୮ ଲିଟର ଡିଜେଲ ଏବଂ ୬୮୮୦ ଲିଟର ପେଟ୍ରୋଲ ଗଚ୍ଛିତ ଥିବା ଜଣା ପଡିଥିଲା । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୪୫୦୮୨୫ ଲିଟର ଡିଜେଲ ଏବଂ ୬୧୩୯୬୮ ଲିଟର ପେଟ୍ରୋଲ ଗଚ୍ଛିତ ଅଛି । ଯଥେଷ୍ଟ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ଥିବା ଓ ନିୟମିତ ଯୋଗାଣ ଜାରି ରହିଥିବାରୁ ଜିଲ୍ଲାପାଳ, ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ ଓ ଆତଙ୍କିତ ହୋଇ ପେଟ୍ରୋଲ ପମ୍ପମାନଙ୍କରେ ଭିଡ ନ ଜମାଇବା ପାଇଁ ଅନୁରୋଧ କରିଥିଲେ । ତୈଳ ମହଜୁଦକାରୀ ଓ କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଆଇନ ୧୯୫୫ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ଯୋଗାଣ ଅଧିକାରୀ, ସମସ୍ତ ବିଡିଓ ଓ ତହସିଲଦାର ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

■ ଅନ୍‌ଲାଇନ୍ ଔଷଧ କାରବାରକୁ ବିରୋଧ

## ୨୦ରେ କଳାହାଣ୍ଡି ସମେତ ସାରା ଦେଶରେ ଔଷଧ ଦୋକାନ ବନ୍ଦ

ଭବାନୀପାଟଣା,୧୮ ।୫(ସମିସ): ବର୍ତ୍ତମାନ ଜୀବନ ଜିଇଁବା ପାଇଁ ଔଷଧର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ହୋଇପଡିଛି ।ଏବେ ଔଷଧ ଗୁଡ଼ିକର ଅହେତୁକ ମୂଲ୍ୟବୃଦ୍ଧି କାରଣରୁ ନିୟମିତ ଔଷଧ ବ୍ୟବହାରକାରୀ ବ୍ୟକ୍ତିମାନଙ୍କ ପାଇଁ ଏକ ପ୍ରକାର ଆର୍ଥିକ ବୋଝ ପାଲଟିଛି । ଅନଲାଇନ ଔଷଧ ବିକ୍ରି ଆରମ୍ଭ ହେବା ଦ୍ୱାରା ଔଷଧ ସେବନକାରୀ କିଛି ପରିମାଣରେ ଆଶ୍ୱସ୍ତି ଅନୁଭବ କରିଛନ୍ତି । କାରଣ ଅନଲାଇନ୍ ଔଷଧରେ ଡିସ୍‌କାଉଣ୍ଟ ମିଳୁଛି ଏବଂ ଔଷଧ ଘରେ ଆସି ପହଞ୍ଚି ଯାଉଛି । ତେବେ ଏହି ଅନଲାଇନ୍ ଔଷଧ କାରବାରକୁ ଔଷଧ ଦୋକାନୀମାନେ ସହଜରେ କେହି ହଜମ କରିପାରିନାହାନ୍ତି । ତେଣୁ ଆସନ୍ତା ୨୦ରେ ସମଗ୍ର ଭାରତ ବର୍ଷରେ ଔଷଧ ଦୋକାନ ବନ୍ଦ ରଖିବାକୁ ସଂଘ ବଡ଼ ନିଷ୍ପତ୍ତି ନେଇଛି । ବନ୍ଦ ସଂକ୍ରାନ୍ତରେ ଜିଲ୍ଲା ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସଂଘ କର୍ମକର୍ତ୍ତାଗଣ ପ୍ରକାଶ କରିଛନ୍ତି । ଅନଲାଇନ୍‌ରେ ଔଷଧ ବିକ୍ରି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ବିଭିନ୍ନ ଦାବି ସଂଘ ରଖିଛି । ଯେତେବେଳେ କଳାହାଣ୍ଡି ଜିଲ୍ଲା ସମେତ ଦେଶରେ ଯେଉଁ ଔଷଧ ଦୋକାନ ବନ୍ଦ ଡାକରା ଦିଆଯାଇଛି ତାହା ଗୁରୁତର ରୋଗୀଙ୍କୁ ପ୍ରଭାବିତ କରିବା ଆଶଙ୍କା ରହିଛି ।ଏହି ପରିପ୍ରେକ୍ଷୀରେ ଔଷଧ ଦୋକାନୀମାନଙ୍କର ଏଭଳି ଚରମ ନିଷ୍ପତ୍ତିକୁ ନେଇ ସୋମବାର ଭବାନୀପାଟଣାସ୍ଥିତ ଏକ ଘରୋଇ ହୋଟେଲ୍‌ରେ "କଳାହାଣ୍ଡି କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍' ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଂଘର ଅଭିଯୋଗ ଅନୁଯାୟୀ, ବେଆଇନ ଭାବେ ଚାଲିଥିବା ଇ-ଫାର୍ମାସି ବା ଅନଲାଇନ୍ ଔଷଧ ବ୍ୟବସାୟ ଯୋଗୁଁ ପାରମ୍ପରିକ ଔଷଧ ବ୍ୟବସାୟୀମାନେ ଜୀବିକା ହରାଇବା ନିଶ୍ଚିତ ବୋଲି ସମ୍ମିଳନୀରେ କୁହାଯାଇଥିଲା । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଅଶୋକ ରାଉତ, ସମ୍ପାଦକ ନିକୁଞ୍ଜ ଦତ୍ତଙ୍କ ସମେତ ସଂଘର ବହୁ ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ଆଗାମୀ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

## ମା' ମାଣିକେଶ୍ୱରୀ ପ୍ରିଣ୍ଟ ମିଡିଆ ସାମ୍ବାଦିକ ସଂଘ ଗଠିତ

ଥୁଆମୂଳରାମପୁର,୧୮ ।୫ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍‌ରେ କାର୍ଯ୍ୟରତ ପ୍ରିଣ୍ଟ ମିଡିଆ ସାମ୍ବାଦିକମାନଙ୍କୁ ନେଇ ନୂତନ ସଂଘ ଗଠିତ ହୋଇଯାଇଛି । ମାଁ ମାଣିକେଶ୍ୱରୀଙ୍କ ପବିତ୍ର ପୀଠର ଗାରିମାକୁ ଆଧାର କରି ସର୍ବସହମତି କ୍ରମେ ଏହି ସଂଘର ନାମ "ମା'ମାଣିକେଶ୍ୱରୀ ପ୍ରିଣ୍ଟ ମିଡିଆ ସାମ୍ବାଦିକ ସଂଘ, ଥୁଆମୂଳରାମପୁର" ରଖାଯାଇଛି । ରବିବାର ଦିନ ସ୍ଥାନୀୟ ବରଙ୍ଗା ତୋଟାଠାରେ ଅନୁଷ୍ଠିତ ବୈଠକରେ ବ୍ଲକର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଏକାଠି ହୋଇ ନୂତନ ସଂଗଠନର ସୂତ୍ରପାତ କରିଛନ୍ତି । ବୈଠକରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତି ଓ ସର୍ବସହମତି ଆଧାରରେ ସଂଘର ସୁପରିଚାଳନା ପାଇଁ ନୂତନ ପଦାଧିକାରୀ ଚୟନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ବଳଭଦ୍ର ବାଗଙ୍କୁ ସଂଘର ସଭାପତି ଭାବେ ଚୟନ କରାଯାଇଥିବା ବେଳେ ରବି ନାରାୟଣ ସିଂଙ୍କୁ ଉପସଭାପତି, ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ପଣ୍ଡାଙ୍କୁ



ସମ୍ପାଦକ, କୀର୍ତ୍ତିଚନ୍ଦ୍ର ଦୁର୍ଗା (ଦୁର୍ଗା କୀର୍ତ୍ତି)ଙ୍କୁ ସହସମ୍ପାଦକ ଏବଂ ଭାନୁପ୍ରତାପ ମୁଣ୍ଡଙ୍କୁ କୋଷାଧ୍ୟକ୍ଷ ଭାବେ ଗୁରୁଦାୟିତ୍ୱ ଅର୍ପଣ କରାଯାଇଛି ।

ସମସ୍ତ ନବନିର୍ବାଚିତ ପଦାଧିକାରୀ ଅଞ୍ଚଳର ହିତ ସାଧନ ପାଇଁ ମାଁ ମାଣିକେଶ୍ୱରୀ ଦେବୀଙ୍କ ନାମରେ ସଂକଳ୍ପ କରି ଗୁରୁତ୍ୱପୂର୍ଣ୍ଣ ଶପଥ ପାଠ କରିଥିଲେ ।କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ପ୍ରତିଷ୍ଠିତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ଛତ୍ରିଆ, ଅଙ୍ଗଦ ନାଏକ, ଯୁବ ସାମ୍ବାଦିକ ତଥା ଆଇନଜୀବୀ ମନୋରଞ୍ଜନ ନାଏକ, ଯୁବ ସାମ୍ବାଦିକ ବୀର ବଜ୍ରଙ୍ଗ ଚାରୁ ମଜୁମଦାର ନାଏକ, ଯୁବ ସାମ୍ବାଦିକ ରଥ ଦୁରିଆ, ସାମ୍ବାଦିକ ପ୍ରଶାନ୍ତ ନାଏକ, ସାମ୍ବାଦିକ ସୁଶାନ୍ତ ନାଏକ ଏବଂ ସୁଶାନ୍ତ କୁମାର ନାଏକ ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟାକୁ ସ୍ୱାଗତ କରିବା ସହ ଶପଥ ଗ୍ରହଣ କରିଥିଲେ । ଗଣମାଧ୍ୟମର ସଠିକ୍ ଭୂମିକା ଓ ସାମ୍ବାଦିକତାର ମୂଲ୍ୟବୋଧକୁ ଆଗାମୀ ଦିନରେ ଅକ୍ଷୁର୍ଣ୍ଣ ରଖାଯିବ ବୋଲି ନେତୃବୃନ୍ଦ ପ୍ରକାଶ କରିଛନ୍ତି । ବୈଠକର ଶେଷ ପର୍ଯ୍ୟାୟରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସାମୂହିକ ଭାବେ ଶପଥ ନେଇ ସଂଘର ଭବିଷ୍ୟତକୁ ସୁଦୃଢ଼ ଓ ଉଜ୍ଜ୍ୱଳ କରିବା ପାଇଁ ସଂକଳ୍ପ କରିଥିଲେ ।

## କୋମନା ବ୍ଲକ୍‌ରେ ମିଳିତ ଅଭିଯୋଗ ଶୁଣାଣି

କୋମନା,୧୮ ।୫(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି ।ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସିଧାସଳଖ ଶୁଣାଣି କରିଥିଲେ ।ତାଙ୍କ ସହ ବନଖଣ୍ଡ ଅଧିକାରୀ ପ୍ରାନ୍ତୀୟ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଡ. ଦ୍ୱାରିକାନାଥ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ । ଡେପୁଟୀ ଜିଲ୍ଲାପାଳ ଚିନ୍ମୟ ସାଗର ଶିବିର ପରିଚାଳନାରେ ପ୍ରମୁଖ ସହଯୋଗ କରିଥିଲେ ।ଶିବିରରେ ମୋଟ ୫୯ଟି ସଙ୍ଗୀନ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୫୦ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିବାବେଳେ ୯ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା । ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗକୁ ଗମ୍ଭୀରତାର ସହ ଶୁଣିବା ସହ ସେଗୁଡ଼ିକର ତୁରନ୍ତ ଏବଂ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।



ଏହି ଅବସରରେ ଜଣେ ସହସା ଅସହାୟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ତତ୍କାଳୀନ ଭାବେ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।ଅଭିଯୋଗ ଶୁଣାଣି ଶିବିର ଉପଲକ୍ଷେ ବ୍ଲକ୍ ପରିସରରେ ବହୁମୁଖୀ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ତଥା 'ଆୟୁଷ୍ମାନ ଆରୋଗ୍ୟ ଶିବିର'ଅନୁଷ୍ଠିତ ହୋଇ ଚିକିତ୍ସା ଓ ସେବା ଯୋଗାଇ ଦିଆଯାଇଥିଲା । ଗୃହପାଳିତ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ "ପ୍ରାଣୀ ପାଇଁ ଦିନଟିଏ'ସ୍ୱତନ୍ତ୍ର ପଶୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା ।

## ବାଲି ବୋଝେଇ ଗାଡ଼ି ଅଟକ



ଗୋଲାମୁଣ୍ଡା,୧୮ ।୫(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ପୁଲିସ ପକ୍ଷରୁ ଏକ ବାଲି ବୋଝେଇ ଗାଡ଼ିକୁ ଜବତ କରାଯାଇଛି ।ସୂଚନା ଅନୁସାରେ ଏକ ହାଇୱା ଗାଡ଼ିରେ ବାଲି ଚୋରା ଚାଲାଣ କରି ନେଉଥିବା ସମୟରେ ଗୋଲାମୁଣ୍ଡା ପୁଲିସ ଖବର ପାଇ ଗାଡ଼ିକୁ ଜବତ କରି ପଚରାଉଚରା ପରେ ଥାନାକୁ ନେଇଥିଲା । ଗାଡ଼ିଟିକୁ ସିଜ୍ କରି ୬୯ /୨୦୨୫ନମ୍ବରରେ କେସ ରୁଜୁ କରି ଗାଡ଼ି ଚାଳକକୁ ଗିରଫ କରିଥିବା କଥା ଗୋଲାମୁଣ୍ଡା ଥାନା ଆଇଆଇସି ଯଶୋବନ୍ତ ସେଲମା ପ୍ରକାଶ କରିଛନ୍ତି ।

● ତାଳଗୁଡ଼ରେ ଦଳିତ ନିର୍ଯାତନା ଘଟଣା

## ଜିଲ୍ଲାପାଳଙ୍କୁ ଭେଟିଲେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



ଭବାନୀପାଟଣା,୧୮ ।୫(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ତାଳଗୁଡଠାରେ ଗୋମାଂସ କାଟୁଥିବା ଅଭିଯୋଗରେ ଦଳିତମାନଙ୍କ ଉପରେ ବର୍ବରୋଚିତ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି । ଏହି ଘଟଣାରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି ସତ କିନ୍ତୁ ଗୋରକ୍ଷା ନାମରେ ଦଳିତଙ୍କ ଉପରେ ନିର୍ଯାତନା ତଥା ଆଇନକୁ ହାତକୁ ନେବା ଘଟଣାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି । ଏସବୁ ଅଭିଯୋଗ ପରେ ବିଜୁ ଜନତା ଦଳର ଏକ ୨୦ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଜୟପାଟଣା ବ୍ଲକ୍ ତାଳଗୁଡ଼ ଗସ୍ତ କରିଥିଲେ । ସୋମବାର ଟିମ୍ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରିଥିଲେ ।ଏହାସହିତ ଦୋଷୀ କିଭଳି ଉପଯୁକ୍ତ ଦଣ୍ଡ ପାଇବେ ଓ ପୀଡିତ ପରିବାର କିଭଳି ନ୍ୟାୟ ପାଇବେ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ଅଧ୍ୟକ୍ଷ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସହିତ ବିଜେଡି ଜିଲ୍ଲା ଉପ ସଭାପତି ଧର୍ମେନ୍ଦ୍ର ନାଏକ, କୃଷକ ନେତା ସାମନ୍ତ ଖମାରୀ, ଯୁବନେତା ଗଣେଶ ବାଗ, ଓବିସି ନେତା ପ୍ରସନ୍ନ ସାହୁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ ।

**ଗାଇ ଚରାଳିଙ୍କୁ ଛତିଶଗଡ଼ ଫରେଷ୍ଟ କର୍ମଚାରୀଙ୍କ ମାଡ଼ ଘଟଣା**

# ପୀଡ଼ିତଙ୍କ ପରିବାରକୁ ଭେଟିଲେ କଂଗ୍ରେସ ଟିମ୍

ନୂଆପଡା,୧୮ ।୫(ସମିସ)



ମୈନପୁର ଫରେଷ୍ଟ ଡିଭିଜନର ବନବିଭାଗ କର୍ମଚାରୀମାନଙ୍କ ଗୁଣ୍ଡାଗର୍ଦ୍ଦି ଯୋଗୁଁ ବିନା ଦୋଷରେ ବେନିୟମ ଭାବରେ ଗିରଫ ହୋଇ ମୈନପୁର ବନବିଭାଗ କାର୍ଯ୍ୟାଳୟରେ ଅମାନୁଷିକ ନିର୍ଯାତନାର ଶୀକାର ହୋଇଥିବା ବୋଡ଼େନ ବ୍ଲକ୍‌ର ଜଳନ୍ଧର ବଗର୍ତ୍ତୀଙ୍କୁ ଜିଲ୍ଲା କଂଗ୍ରେସ ଟିମ୍ ଭେଟିଛନ୍ତି । ବରିଷ୍ଠ ନେତା ତଥା ପୂର୍ବତନ ଖଡ଼ିଆଳ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି ବଗର୍ତ୍ତି ଘରକୁ ଯାଇଥିଲେ । କିପରି ବନବିଭାଗର କର୍ମଚାରୀମାନେ ଜଣେ ନିରୀହ ବ୍ୟକ୍ତିକୁ ଭୁଲରେ ଉଠାଇ ନେଇ ଅକଥନୀୟ ଶାରୀରିକ, ମାନସିକ ଓ ଆର୍ଥିକ ନିର୍ଯାତନା ଦେଇଥିଲେ । ଏହା ଉପରେ ନୂଆପଡା ଜିଲ୍ଲା ପୁଲିସ ବିଭାଗ ଗୁରୁତ୍ୱର ସହ ବିଚାର କରି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି । ନଚେତ କଂଗ୍ରେସ ତରଫରୁ ଏସ୍‌ପି ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ ବୋଡେନ ଥାନା କୁସୁମଖୁଣ୍ଟାଗାଁର ଜଳନ୍ଧର ବଗର୍ତ୍ତୀ ନାମକ ଜଣେ ଗାଇ ଚରାଳୀଙ୍କୁ ଛତିଶଗଡ଼ ବନ ବିଭାଗ କର୍ମଚାରୀମାନେ ଗାଁରେ ଗାଈ ଚରାଉଥିବା ସମୟରେ ଟେକିନେଇ ନିସ୍ତୁକ ମାଡ଼ ମାରିବା ପରେ ଛାଡିଦେଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ଶ୍ରୀତାଣ୍ଡୀ ବୋଡ଼େନ ଥାନାରେ ସବ ଇନ୍ସପେକ୍ଟର ଶ୍ରୀମତୀ ଖାଡ଼ଙ୍ଗାଙ୍କୁ ମଧ୍ୟ ସାକ୍ଷାତ କରି ଆଲୋଚନା କରିଛନ୍ତି । ଶ୍ରୀମତୀ ଖାଡ଼ଙ୍ଗା ଏହା ନେଇ ଏକ ଜିରୋ ଏଫଆଇଆର କରାଯାଇଥିବା କହିଲେ । ଛତିଶଗଡ଼ ପୁଲିସର ପରବର୍ତ୍ତୀ ପଦକ୍ଷେପକୁ ସେମାନେ ଅପେକ୍ଷା କରିଥିବା ଜଣାପଡ଼ିଛି । ଏହା ପରେ ମୈନପୁରକୁ ଯାଇ ସେଠାକାର ଥାନାର ଏସଡିପିଓଙ୍କୁ ତଥା ଟାଉନ୍ ଅଧିକାରୀ ଶ୍ରୀ ସିଭ ହୁର୍ରାଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି । ଯେତେବେଳ ପର୍ଯ୍ୟନ୍ତ ନୂଆପଡ଼ା ଏସ୍‌ପିଙ୍କ ତରଫରୁ ତାଙ୍କ ଏସ୍‌ପିଙ୍କ ପାଖକୁ ଅଫିସିଆଲ ଲେଟର ନ ଆସିବ କି ଏସପି ଏ ନେଇ ସେମାନଙ୍କୁ ଆଦେଶ ନ ଦେବେ

### କାର୍ଯ୍ୟାନୁଷ୍ଠାନ ନ ହେଲେ ଏସ୍‌ପି ଅଫିସ ଘେରିବେ

ସେମାନେ କିଛି ପଦକ୍ଷେପ ନେବାକୁ ଅସମର୍ଥ ବୋଲି ଉପରୋକ୍ତ ଅଧିକାରୀମାନେ କହିଥିଲେ । ମାତ୍ର ଥରେ ଆଦେଶ ଆସିଲେ ସେମାନେ ମଧ୍ୟ ନୀରିହ ବ୍ୟକ୍ତିଙ୍କୁ ନ୍ୟାୟ ଦେବାରେ କୌଣସି ହେଳା କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଛତିଶଗଡ଼ର ପ୍ରଶାସନିକ ବିଭାଗମାନଙ୍କ ଦ୍ୱାରା ଏହା ପ୍ରଥମ ଘଟଣା ନୁହେଁ । ପୂର୍ବରୁ ମଧ୍ୟ ସେମାନଙ୍କ ଗୁଣ୍ଡାଗର୍ଦ୍ଦି ଯୋଗୁଁ ଶହ ଶହ ଥର ଏପରି ଘଟଣା ଘଟିସାରିଛି । ଏପରିକି ଲୋକଙ୍କ ପ୍ରାଣ ମଧ୍ୟ ଯାଇଛି । ଜଳନ୍ଧର ବଗର୍ତ୍ତୀଙ୍କୁ ଆଗାମୀ ସାତ ଦିନ ମଧ୍ୟରେ ନ୍ୟାୟ ନ ମିଳିଲେ ଜିଲ୍ଲାପାଳ ଓ ଏସ୍‌ପି ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ଲାଞ୍ଜିରେ 'ଆର୍ଟ ଅଫ୍ ଗିଭିଂ' ଉପଲକ୍ଷେ ସଚେତନତା ସଭା



ଲାଞ୍ଜିଗଡ଼,୧୮ ।୫(ସମିସ):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଲାଞ୍ଜିପଞ୍ଚାୟତରେ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଉପଲକ୍ଷେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି ।ପ୍ରଫେସର ଅଚ୍ୟୁତ ସାମନ୍ତ ଯୁବ ପିଢ଼ିଙ୍କ ପାଇଁ ଆଜିର ଯୁଗରେ ଦେବାର କଳାକୁ ଗୁରୁତ୍ୱ ଦେବାରେ ପ୍ରୟାସ ଜାରି ରଖିଛନ୍ତି । ଦେବାରେ ଯେଉଁ ଆନନ୍ଦ ଥାଏ ପାଇବାରେ ତାହା ଆନନ୍ଦ ନ'ଥାଏ ।କିସ୍ ପୁରାତନ ଛାତ୍ର ସନାତନ ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ କିସ୍ ଛାତ୍ରୀ ପଞ୍ଚୁ ମାଝୀ ଆର୍ଟ ଅଫ୍ ଗିଭିଂ ସମ୍ପୂର୍ଣ୍ଣ ବିବରଣୀ ପଠନ କରିଥିବା ବେଳେ ଦଶମୀ ମାଝୀ ନିଜ ବିଷୟରେ ଉପସ୍ଥାପନା କରିଥିଲେ ।ମୁଖ୍ୟ ଅତିଥିଭାବେ ଆଦିବାସୀ କଲ୍ୟାଣ ମହାସଂଘ ସଭାପତି ପରମାନନ୍ଦ ମାଝୀ,ସମ୍ମାନିତ ଅତିଥିଭାବେ ଲାଞ୍ଜି ପଞ୍ଚାୟତ ସରପଞ୍ଚ ଯମୁନା ମାଝୀ,ବେନଗାଁ ସରପଞ୍ଚ ପୁରାଣା ମାଝୀ,ସମାଜ ସେବୀ ତ୍ରିଲୋଚନ ପାଣିଗ୍ରାହୀ,କୈଳାଶ ମାଝୀ,ରାଶି ମାଝୀ ଜିପିଡିଓ ମ. ରାମପୁର,ପିଇଓ ଜୁନାଗଡ଼ ମୁକୁନ୍ଦ ଦୋରା,ଶଗଡା ପୂର୍ବତନ ସରପଞ୍ଚ ରୁକ୍ମଣୀ ମାଝୀ,ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ ଉପେନ୍ଦ୍ର ମାଝୀ,ତେନ୍ତୁଳିପଙ୍ଗା ପ୍ରଧାନ ଶିକ୍ଷକ ମନୋଜ କୁମାର ଧଙ୍ଗଡାମାଝୀ ପ୍ରମୁଖ ଉପସ୍ଥିତ ଥିଲେ । କିସ୍ ଓ କିଟର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ଥାନୀୟ ବୃଦ୍ଧବୃଦ୍ଧାଙ୍କୁ ଛତା ଓ ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଜୟନ୍ତ ମାଝୀ ଓ ଝସକେତନ ମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ସୁରେନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



# ଭୁବନେଶ୍ୱର + କଟକ

## କମିସନରେଟ୍ ପୁଲିସର ଦାୟିତ୍ୱହୀନତା

# ସିସିଟିଭିରେ ଉପଲବ୍ଧ ହେଉନି ଅଡିଓ ରେକର୍ଡିଂ

କଟକ, ୧୮ ।୫(ସମିସ)

ଏତେ ସବୁ ନିୟମ ପରେ ବି ଚେତୁ ନାହିଁ କମିଶନରେଟ୍ ପୁଲିସ। ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କ ଉପରେ ହୋଇଥିବା ନିର୍ଯ୍ୟାତନା ଘଟଣା ପରେ କଟକ ୟୁପିଡି ଅନ୍ତର୍ଗତ ପ୍ରତ୍ୟେକ ଥାନାରେ ଲାଗିଥିବା ସିସିଟିଭି ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ପ୍ରତ୍ୟେକ ଥାନାରେ ସିସିଟିଭି ଲାଗିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହେଉଛି କି ନାହିଁ ତାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି। ପୂର୍ବରୁ କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ପ୍ରତ୍ୟେକ ଥାନାରେ ସିସିଟିଭି ଲଗାଯିବା ବାଧ୍ୟତାମୂଳକ କରାଯାଇଛି। ଏହି ବ୍ୟବସ୍ଥାରେ କେବଳ ଭିଡିଓ ନୁହେଁ ଅଡିଓ ରେକର୍ଡିଂ କରିବା ଜରୁରୀ ବୋଲି ନିୟମ ରହିଛି। ଉଭୟ ଅଡିଓ ଏବଂ ଭିଡିଓ ଗୁଡ଼ିକର ବ୍ୟାକ୍‌ଅପ୍ ୧୮ ମାସ ପର୍ଯ୍ୟନ୍ତ ହାର୍ଡ ଡ୍ରାଇଭ୍‌ରେ ରଖାଯିବାକୁ ନିର୍ଦ୍ଦେଶ ରହିଛି। ଥାନାର ମୁଖ୍ୟ ପ୍ରବେଶ ଦ୍ୱାର, ବୈଠକ ଘର, ଅଫିସ ଚାମ୍ବର, ପ୍ରସ୍ଥାନ ବାଟ ଏବଂ ଥାନା ଅଧିକାରୀଙ୍କ ଚାମ୍ବରରେ କ୍ୟାମେରା ଗୁଡ଼ିକ ଲଗାଯିବା ଜରୁରୀ। ତଦନୁଯାୟୀ କଟକ କମିଶନରେଟ୍ ପୁଲିସ ପକ୍ଷରୁ ସମସ୍ତ ଥାନାରେ ସିସିଟିଭି ଲଗାଯାଇଛି ସତ ହେଲେ କେତେକ ଥାନାରେ ଅଡିଓ ରେକର୍ଡିଂ ହେଉନଥିବା ଅଭିଯୋଗ ଉଠିଛି।

ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସିସିଟିଭି କ୍ୟାମେରାରେ ଉଭୟ ଭିଡିଓ ଓ ଅଡିଓ ରେକର୍ଡିଂ ସ୍ୱଷ୍ଟ ଭାବେ ହେବାର ବ୍ୟବସ୍ଥା ରହିଛି। ତେବେ କେଉଁ କାରଣରୁ ଅଧିକାଂଶ ଥାନାରେ ଅଡିଓ ରେକର୍ଡିଂ ହୋଇ ପାରୁନାହିଁ, ତାହାର ସନ୍ତୋଷଜନକ ଉତ୍ତର କମିଶନରେଟ୍ ପୁଲିସ ନିକଟରେ ନାହିଁ। ୨୦୨୦ ଡିସେମ୍ବର ୨ ତାରିଖଠାରୁ ପ୍ରତ୍ୟେକ ଥାନାରେ ଉଭୟ ଅଡିଓ ଓ ଭିଡିଓ ରେକର୍ଡିଂ କରାଯିବାକୁ ନିୟମ କଡ଼ାକଡ଼ି ଭାବେ ଲାଗୁ କରାଯାଇଲା। ହେଲେ ଏପର୍ଯ୍ୟନ୍ତ କଟକ କମିଶନରେଟ୍ ପୁଲିସରେ ସଠିକ୍ ଢଙ୍ଗରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ପାରି ନାହିଁ। ଏ ସଂକ୍ରାନ୍ତରେ କମିଶନରେଟ୍ ପୁଲିସର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ସବୁ ଥାନାରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ଯଦି ବ୍ୟାକ୍‌ଅପ୍(ସଂରକ୍ଷିତ) ବ୍ୟବସ୍ଥା କରାଯାଉ ନାହିଁ ବା ବ୍ୟାକ୍‌ଅପ୍ ରଖିବାରେ କୌଣସି ସମସ୍ୟା ସୃଷ୍ଟି ହେଉଛି, ତାହା ଉପରେ ଏକ ସର୍ଭେ କରାଯିବ। ଅନ୍ୟପଟେ ଅଡିଓ ରେକର୍ଡିଂ ପାଇଁ କାହିଁକି ସମସ୍ୟା ଉପୁଜୁଛି ବୋଲି ପ୍ରଶ୍ନ କରିବାରୁ ସେ କହିଲେ ଯେ, ଆଗାମୀ ଦିନରେ ଉନ୍ନତମାନର କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଉଛି। ଯେଉଁଥିରେ ଉଭୟ ଭିଡିଓ ଓ ଅଡିଓ ରେକର୍ଡିଂ ସଠିକ୍ ଢଙ୍ଗରେ କରାଯାଇ ପାରିବ।

ଏଠାରେ ସୂଚନାଯୋଗ୍ୟ, କଟକ ସହରର କେତେକ ଥାନାରେ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ଯୋଗୁଁ ରେକର୍ଡିଂ ହେବାରେ ସମସ୍ୟା ସୃଷ୍ଟି ହେଉଛି। କରେଣ୍ଟ୍ ଚାଲିଯିବା ପରେ ବ୍ୟାଟେରୀ ବ୍ୟାକ୍‌ଅପ୍ ରହୁନଥିବାରୁ କ୍ୟାମେରାରେ ରେକର୍ଡିଂ ବାଧାପ୍ରାପ୍ତ ହେଉଥିବା ଜଣାପଡ଼ିଛି। ହ୍ୟୁମାନ୍ ରାଇଟସ୍ ଆକ୍ଟ-୧୯୯୩, ଧାରା ୧୭/୧୮ ଅନୁସାରେ, ଥାନାର ପ୍ରତ୍ୟେକ କାର୍ଯ୍ୟକଳାପର ଭିଡିଓ ଓ ଅଡିଓ ରେକର୍ଡିଂ କରାଯିବା ବାଧ୍ୟତାମୂଳକ। ଏହା ଉଲ୍ଲଙ୍ଘନ ହେଉଥିବା ବେଳେ ଏହା ଉପରେ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ଉଠିଛି। ସାଧାରଣତଃ ଥାନାରେ ଥିବା ହାଜତ ଭିତର ଓ ବାହାରେ ସିସିଟିଭି କ୍ୟାମେରା ଖଞ୍ଜାଯିବାକୁ ନିର୍ଦ୍ଦେଶ ରହିଛି। କେତେକ ଥାନାରେ ହାଜତ ଭିତରେ ସିସିଟିଭି ଆଦୌ ଲଗା ଯାଇ ନାହିଁ। ଥାନା ମଧ୍ୟରେ ସାଧାରଣ ଲୋକ ଓ ପୁଲିସର କଥାବାର୍ତ୍ତା, ଅଭିଯୁକ୍ତର କାର୍ଯ୍ୟକଳାପ, ପୁଲିସର ବ୍ୟବହାର ଏବଂ ପ୍ରତି ମୁହୂର୍ତ୍ତରେ ଘଟୁଥିବା ଦୃଶ୍ୟକୁ ରେକର୍ଡିଂ କରାଯିବା ପାଇଁ କମିଶନରେଟ୍ ପୁଲିସକୁ ବିଭାଗୀୟ ଉଚ୍ଚ ପଦାଧିକାରୀ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ଏହାର ସୁଫଳ ମିଳିପାରିନାହିଁ।

**■ ଭରତପୁର ଥାନା ଘଟଣା ପରେ ଥାନାୱାରୀ ହୋଇଥିଲା ତନାଘନା: ଏବେ ସ୍ଥାଣୁ ପାଲଟିଛି ପୁଲିସ ଯାଞ୍ଚ ପ୍ରକ୍ରିୟା**

**■ ୧୮ ମାସର ରେକର୍ଡିଂ ବ୍ୟାକ୍‌ଅପ୍ ବାଧ୍ୟତାମୂଳକ ଥିବା ବେଳେ ଏହାକୁ ପାଳନ କରୁନି ପୁଲିସ**



## ପୁରୁଣା ଫଟୋ : ପୁରୁଣା ସ୍ମୃତି



ଭୁବନେଶ୍ୱର, ୧୮।୫(ସମିସ): ପୁରୁଣା ଫଟୋ ଅତୀତର ଅଭୁଲା ସ୍ମୃତି ପରି ସବୁବେଳେ ସତେଜ। ଯିଏ ମନେପକାଇ ଦିଏ ଚାଲିଯାଇଥିବା ସମୟ, ମଣିଷ ଏବଂ ଫେରେଇନିଏ କିଛି ସ୍ମୃତିର ଠିକଣା ସ୍ଥାନକୁ। ସମୟ ସହ ରାଜଧାନୀ ଭୁବନେଶ୍ୱରରେ ଅନେକ ପରିବର୍ତ୍ତନ ଆସିଛି। ସହରର ଉନ୍ନତିକରଣ ସଙ୍ଗେ ସଙ୍ଗେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ମଧ୍ୟ ପରିବର୍ତ୍ତନ ହୋଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ପ୍ରକାରର ଆଲୋକିକରଣ, ସୁବିଧା ଓ ସାଜସଜ୍ଜା ଆଦି ପରିଲକ୍ଷିତ ହେଉଛି। ଯାହା ସମୟ ସହ ବଡ ପରିବର୍ତ୍ତନ ଆଣିଛି। ହେଲେ ଅନେକ ବର୍ଷ ପୂର୍ବରୁ ଏସବୁ ସୁବିଧା ଏବଂ ସାଜସଜ୍ଜା ନଥିଲା, ନା ଥିଲା ଯାତାୟତର ସେତେ ସୁବିଧା। ସେହିଭଳି ଏକ ସମୟର ପୁରୁଣା ଫଟୋଟି ଅନେକଙ୍କ ସ୍ମୃତି ସାଇତିଛି।

ସାଇତା ସ୍ମୃତି, ସ୍ୱର୍ଦ୍ଧିତ ଐତିହ୍ୟର ଡାକକୁ କେମିତି ଶୁଣି ପାରିବ ଏ ନୂଆ ପିଢ଼ିର ମଣିଷ। ତା ପାଇଁ ତ ମାଧ୍ୟମ କେବଳ ଆଉ କେବଳ ସେ ସମୟର ସ୍ଥିର ଚିତ୍ର। ସେହିପରି ୧୭୦ ବର୍ଷ ପୁରୁଣା ଫଟୋରେ ରାଜାରାଣୀ ମନ୍ଦିରର ଏକ ଦୃଶ୍ୟ ଦେଖିବାକୁ ମିଳୁଛି। ଏହି ମନ୍ଦିରଟି ଏକାଦଶ ଶତାବ୍ଦୀରେ ସୋମବଂଶୀ ରାଜାଙ୍କ ଶାସନ ସମୟରେ ନିର୍ମିତ ହୋଇଥିଲା। ଫଟୋରେ ଏବେ ଭଳି ସାଜସଜ୍ଜା ନୁହଁ ବରଂ ମନ୍ଦିରର ଚାରିପାଖ ଅନାବନା ଗଛରେ ପରିପୂର୍ଣ୍ଣ ଥିଲା। ସେହି ସମୟରେ ଜେମସ୍ ଫୋରଗୁସନ୍ ପ୍ରାୟ ୧୭୦ ବର୍ଷ ତଳେ ଏହି ଫଟୋଟି କଏଦ କରିଥିଲେ।

## ରାସ୍ତା କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତ୍ରିଶୂଳିଆ, ୧୮।୫(ସମିସ): ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତା ବେରେଣା ଗ୍ରାମ ନିକଟ ରାସ୍ତା କଡ଼ରୁ ସୋମବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବାରଙ୍ଗ ଥାନା ପୁଲିସ ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ମୃତ ଯୁବକଙ୍କ ପରିଚୟ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲ୍ଲାର ବୃର୍ତାଜୟ ସିଂ (୩୨) ବୋଲି ଜଣାପଡ଼ିଛି। ସେ ରାମଦାସପୁର ଅଞ୍ଚଳର ଏକ ଘରୋଇ ମସଲା କମ୍ପାନୀରେ କାର୍ଯ୍ୟ କରୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ସୂଚନା ପାଇଛି। ସୂଚନା ଅନୁଯାୟୀ, ବୃର୍ତାଜୟ ରାସ୍ତା କଡ଼ରେ ଦୀର୍ଘ ସମୟ ଧରି ଚେତାଶୂନ୍ୟ ଅବସ୍ଥାରେ ପଡ଼ିରହିଥିବା ଦେଖି ସ୍ଥାନୀୟ ଲୋକେ ପ୍ରଥମେ ତାଙ୍କୁ ଅସୁସ୍ଥ ଭାବି ନିକଟକୁ ଯାଇଥିଲେ। ମାତ୍ର ତାଙ୍କ ଶରୀରରେ କୌଣସି ପ୍ରତିକ୍ରିୟା ନ ଦେଖିବାରୁ ସେମାନେ ତୁରନ୍ତ ଗୋଡିସାହି ଫାଣ୍ଡି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ଗୋଡିସାହି ଫାଣ୍ଡି ଓ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରୁ ମୃତକଙ୍କ କିଛି ସାମଗ୍ରୀ ଜବତ କରିବା ସହ ସେ କେଉଁ ପରିସ୍ଥିତିରେ ସେଠାକୁ ଆସିଲେ ଏବଂ ତାଙ୍କ ମୃତ୍ୟୁର ପ୍ରକୃତ କାରଣ କଣ, ସେ ନେଇ ସବୁ ଦିଗରୁ ଖୋଳତାଡ଼ ଚଳାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ପ୍ରକାଶ କରିଛି।

## ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟର ପ୍ରତିଷ୍ଠା ଦିବସ



କଟକ, ୧୮।୫(ସମିସ): ଅତୀତ ଉତ୍କଳର ସମୃଦ୍ଧ ଓ ଗୌରବମୟ ନୌବାଣିଜ୍ୟ ପରମ୍ପରାର ସ୍ମୃତିକୁ ବହନ କରିଥିବା ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ଆଜି ବିଂଶତମ ବର୍ଷରେ ପଦାର୍ପଣ କରିଛି। ୨୦୦୭ ମସିହା ମେ' ୧୮ ତାରିଖରେ ଏକ ମହତ ଜାତୀୟ ଉଦ୍ଦେଶ୍ୟ ନେଇ ଏହି ସଂଗ୍ରହାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ସଂଗ୍ରହାଳୟର ବିଭିନ୍ନ ଗ୍ୟାଲେରୀରେ ପ୍ରାଚୀନ ଓଡ଼ିଶାର ଜଳମାର୍ଗ, ନୌକା ନିର୍ମାଣ କୌଶଳ, ପୁରୁଣା ବନ୍ଦର ଏବଂ ନୌବାଣିଜ୍ୟ ସମ୍ବନ୍ଧିତ ପ୍ରାଚୀନ ତଥ୍ୟ, ପୋଥିଚିତ୍ର ଓ ଭାସ୍କର୍ଯ୍ୟ ପ୍ରଦର୍ଶିତ ହେଉଛି। ଏହା ସହିତ ଏଠାରେ ଥିବା ଜାତୀୟସ୍ତରର ଆକ୍ୱାରିୟମ୍, ୪ଡି ସିନେମା ହଲ୍, ମିରର୍ ମେଜ୍ ଏବଂ ଇଣ୍ଡୋନେସିଆ ଗ୍ୟାଲେରୀ ପରିଦର୍ଶକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଛି। ଐତିହ୍ୟର ସଂରକ୍ଷଣ ଓ ପ୍ରଚାର ପ୍ରସାର କରୁଥିବା ଏହି ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ଅନୁଯାୟୀ ପ୍ରଥମ ଥର ପାଇଁ କଲେଜ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ୪ଟି କଲେଜରୁ ଶହେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଛନ୍ତି। ଆଜି ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ପୂଜାପାଠ କାର୍ଯ୍ୟକ୍ରମରେ ସଂଗ୍ରହାଳୟର ସହକାରୀ ସଂଗ୍ରାହକ ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ତାପସ ରଞ୍ଜନ ଦାସ ପ୍ରମୁଖ

## କିଟ୍‌ରେ ଭାରତୀୟ ଭାଷାରେ ବୈଷୟିକ ଓ ଉଚ୍ଚଶିକ୍ଷା ଉପରେ ଜାତୀୟ ଇଏସି ବୈଠକ



ଭୁବନେଶ୍ୱର,୧୮।୫(ସମିସ): ଭାରତୀୟ ଭାଷାରେ ବୈଷୟିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ଦିଗରେ କିଟ୍ ବିଶ୍ୱବିଦ୍ୟାଳୟରେ ୫ଦିନିଆ ବିଶେଷଜ୍ଞ ପରାମର୍ଶଦାତା କମିଟି ବୈଠକ ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧୀନରେ ଥିବା ବୈଜ୍ଞାନିକ ଏବଂ ବୈଷୟିକ ଶବ୍ଦାବଳୀ (ସିଏସଟିଟି) ପକ୍ଷରୁ ଚଳିତ ମାସ ୨୨ ତାରିଖ ପର୍ଯ୍ୟନ୍ତ ଚଳିବାକୁ ଥିବା ଏହି ଜାତୀୟସ୍ତରର ବୈଠକ ଇଲେକ୍ଟ୍ରୋନିକ୍ସ ଓ ରାଜନୀତି ବିଜ୍ଞାନର ମୌଳିକ ଶବ୍ଦକୋଷକୁ ଇଂରାଜୀ, ହିନ୍ଦୀ, ଓ ଓଡିଆ ଭାଷାରେ ଅଧିକ ସରଳ, ସଠିକ୍ ଓ ପ୍ରୟୋଗଯୋଗ୍ୟ କରିବା ହେଉଛି ବୈଠକର ମୁଖ୍ୟ ଲକ୍ଷ୍ୟ। ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷାରେ ମାତୃଭାଷାର ବ୍ୟବହାର ବଢ଼ାଇବା ସହ ଜାତୀୟ ଶିକ୍ଷା ନୀତି ୨୦୨୦କୁ ସଫଳ କରିବା ନେଇ ଏଠାରେ ବିସ୍ତୃତ ଭାବେ ଆଲୋଚନା କରାଯିବ। ଇଲେକ୍ଟ୍ରୋନିକ୍ସ ବିଷୟର ପ୍ରାୟ ୨୮୩୩ଟି ଓ ରାଜନୀତି ବିଜ୍ଞାନର ପ୍ରାୟ ୪ ହଜାର ପ୍ରଯୁକ୍ତିଗତ ଶବ୍ଦ ପାଇଁ ମାନକ ଓଡ଼ିଆ ଶବ୍ଦାବଳୀ ପ୍ରସ୍ତୁତ କରାଯାଉଛି। ପ୍ରତିଦିନ ୭୦୦ ରୁ ୯୦୦ ପର୍ଯ୍ୟନ୍ତ ପ୍ରାଯୁକ୍ତିକ ଶବ୍ଦକୁ ଓଡ଼ିଆରେ ରୂପାନ୍ତର କରିବା ଲକ୍ଷ୍ୟ ରଖାଯାଇଛି। କିଟ୍, ଆଇଆଇଟି ଭୁବନେଶ୍ୱର, ଆଇଆଇଆଇଟି, କିସ ଓ ଓୟୁଟିଆର ସହ ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାର ଭାଷା ବିଶେଷଜ୍ଞ, ଶିକ୍ଷାବିତ, ଗବେଷକ ଓ ବିଷୟ ବିଶେଷଜ୍ଞମାନେ ଏହି ବୈଠକରେ ଯୋଗଦେଇଛନ୍ତି। ଆଜିର ଏହାର ଉଦ୍ଘାଟନୀ ଅବସରରେ କିଟ୍ ଉପସଭାପତି ଡ. ଅଜୟ ପ୍ରଧାନ, କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ମାତୃଭାଷାରେ ପ୍ରାଯୁକ୍ତିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ପ୍ରଫେସର ତଥା ସିଏସ ନିର୍ଦ୍ଦେଶକ ପ୍ରଫେସର ବେଣୁ ଗୋପାଳ ମହାପାତ୍ର, କିଟ୍ ଇଲେକଟ୍ରୋନିକ୍ସ ବିଭାଗ ପ୍ରଫେସର ସୁଧାକର ସାହୁ, ରାଜନୀତି ବିଜ୍ଞାନ ପାଇଁ ଡ. ରୁଦ୍ର ନାରାୟଣ ମହାନ୍ତି, ଦିଲ୍ଲୀରୁ ସିଏସଟିଟିର ସହକାରୀ ନିର୍ଦ୍ଦେଶକ ଜେ ଏସ ରାୱତ, ଡ. ଏସ ଏ ଅନସାରି ପ୍ରମୁଖ ଯୋଗଦେଇ ଶବ୍ଦାବଳୀ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ।

■ ଭୁବନେଶ୍ୱର ବିଜେପିର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

## ଦଳ ଓ ସଂଗଠନକୁ ସଶକ୍ତ କର: ନିତିନ

ଭୁବନେଶ୍ୱର,୧୮।୫(ସମିସ): ସରକାର ଗଠନ ପାଇଁ ସଂଘର୍ଷ ଆବଶ୍ୟକ। ଅନ୍ୟ ପକ୍ଷରେ ସରକାର ଚଲାଇବା ପାଇଁ ସମର୍ପଣ ଆବଶ୍ୟକ। ଆମ ସମସ୍ତଙ୍କୁ ଲମ୍ବା ସମୟର ସଂଘର୍ଷ ଓ ସମର୍ପଣ ମନୋଭାବ ଆବଶ୍ୟକ। କେବଳ ଶାସନ ଓ କ୍ଷମତା ହାସଲ କରିବା ଏକମାତ୍ର ଲକ୍ଷ୍ୟ ନୁହେଁ; ବର୍ତ୍ତମାନ ଆମକୁ ସଂଘର୍ଷ ସହିତ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଭୁବନେଶ୍ୱର ବିଜେପି ସାଂଗଠନିକ ଜିଲ୍ଲା ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ରେ ଯୋଗ ଦେଇ ବିଜେପିର ରାଷ୍ଟ୍ରୀୟ ଅଧକ୍ଷ ନିତିନ ନବୀନ କହିଛନ୍ତି।



ନୀତିନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବର୍ଷ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ୨୦୪୭ ସୁଦ୍ଧା ଦେଶକୁ ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ଲକ୍ଷ୍ୟ ନେଇ ସେ କାର୍ଯ୍ୟ କରୁଛନ୍ତି। ରାଷ୍ଟ୍ର ସମ୍ମୁଖରେ ଥିବା ଆହ୍ୱାନ ଓ ଏହାର ନିରାକରଣ ହେଉଛି ଆମ ସମସ୍ତଙ୍କ ମୂଳ କର୍ତ୍ତବ୍ୟ। ଆତଙ୍କବାଦ, ଅନୁପ୍ରବେଶକାରୀ, ସୀମା ବିବାଦ, ତସ୍କରୀ ଭଳି ବାହ୍ୟଶତ୍ରୁଙ୍କ ଆହ୍ୱାନକୁ ପ୍ରଧାନମନ୍ତ୍ରୀ ସଫଳତାର ସହ ମୁକାବିଲା କରୁଛନ୍ତି। ସାଂସ୍କୃତିକ ରାଷ୍ଟ୍ରବାଦ ସୁରକ୍ଷା ପ୍ରତି ବଡ ବିପଦକୁ ସାମ୍ନା କରିବା ଆମ ସମସ୍ତଙ୍କ ପାଇଁ ବଡ ଆହ୍ୱାନ। ସଂସ୍କୃତିକୁ ଆଧାର କରି ବିକାଶ ହେବା ଉଚିତ୍। ଦେଶର ଉଭୟ ଆନ୍ତରୀଣ ଓ ବାହ୍ୟ ସୁରକ୍ଷା ସହ କୌଣସି ସାଲିସ କରାଯିବନାହିଁ। ପ୍ରଶିକ୍ଷଣ ହେଉଛି ଏକ ନିରନ୍ତର ପ୍ରକ୍ରିୟା। ଅଧ୍ୟୟନ ପ୍ରକ୍ରିୟା ଜାରି ରଖିବା। ଦଳ ଓ ସଂଗଠନକୁ ସଶକ୍ତ କରିବା ହେଉଛି ଆମ ସମସ୍ତଙ୍କ ମୂଳ ଉଦ୍ଦେଶ୍ୟ ବୋଲି ନୀତିନ ନବୀନ କହିଛନ୍ତି। ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ଚାଲିବାକୁ ଥିବା ପ୍ରଶିକ୍ଷଣ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, କେନ୍ଦ୍ରୀୟ ପ୍ରଶିକ୍ଷଣ ଟୋଲିର ସହସଂଯୋଜିକା ତଥା ସାଂସଦ କବିତା ପଟିଦାର, କ୍ଷେତ୍ରୀୟ ସଂଯୋଜକ ଅଧ୍ୟାପକ ଦିନେଶାନନ୍ଦ ଗୋସ୍ୱାମୀ ଏବଂ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହାରାଜ କ୍ରିକେଟ୍ ପକ୍ଷରୁ ନୂତନ ସଭ୍ୟ ଗ୍ରହଣ ସମାରୋହ

ଯାଁଳା, ୧୮।୫(ସମିସ): ପାତ୍ରପଡ଼ାସ୍ଥିତ ମହାରାଜା କ୍ରିକେଟ୍ ଆସୋସିଏସନ୍ (ଏମ୍‌ସିଏ) ପକ୍ଷରୁ ନୂତନ ସଭ୍ୟ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ସଂଧ୍ୟାରେ ଉଭୟ ପାତ୍ର ପଡ଼ା ଭଗବାନପୁର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର ୫୦ରୁ ଅଧିକ ଉତ୍ସାହୀ ଯୁବକ ମାନେ ଏମ୍‌ସିଏ ଅଫିସ୍ ସମ୍ମୁଖରେ ଏକତ୍ରିତ ହୋଇ ଥିଲେ। ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ ସଂଘର ନିୟମାବଳୀ (ସମ୍ବିଧାନ) ସମ୍ପର୍କେ ସୂଚନା ଦେଇ ଥିବା ସ୍ଥଳେ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ (୫୦) ନୂତନ ସଭ୍ୟଙ୍କୁ ଶପଥ ପାଠ କରାଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟସାଣୀ ଯୋଗଦେଇଥିବା ସ୍ଥଳେ ପୂର୍ବତନ ସରପଞ୍ଚ ଚନ୍ଦ୍ର ଶେଖର ଗୁମାନସିଂ, ସଂଘର କାର୍ଯ୍ୟକାରୀଣି ବୋଡ଼୍ର୍ର ବରିଷ୍ଠ ସଭ୍ୟ ଦୁଃଶାସନ ରଥ, ଜୟନ୍ତ କୁମାର ଦାସ, ମାନସ ପାଇକରାୟ, ଶ୍ୟାମଳେନ୍ଦୁ ସାମନ୍ତରାୟ କଁ ବ୍ୟତୀତ ଯୁବାବହିନୀ ସଦସ୍ୟ ମାନେ ଉପସ୍ଥିତି ଥିଲେ। ଏହି ବର୍ଷ ପାତ୍ର ପଡ଼ା ରଜ ମହୋତ୍ସବକୁ ଧୁମ୍ ଧାମରେ ଓ ଶୃଙ୍ଖଳା ମଧ୍ୟରେ ପାଳନ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା।

## କୋରିଆରେ 'ଇଣ୍ଡିଆ ଡେ' ଉତ୍ସବରେ ଅଞ୍ଜେଲିନାଙ୍କ ଓଡ଼ିଶୀ ନୃତ୍ୟ

ଭୁବନେଶ୍ୱର, ୧୮।୫(ସମିସ): ନୃତ୍ୟାନ୍ତର ଓଡ଼ିଶୀ ଗ୍ରୁପର ଓଡିଆ ନୃତ୍ୟଶିଳ୍ପୀ ଅଞ୍ଜେଲିନା ଦକ୍ଷିଣ କୋରିଆର ସିଓଲରେ ଆୟୋଜିତ 'ଇଣ୍ଡିଆ ଡେ ୨୦୨୬' ଉତ୍ସବରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମଟି ସିଓଲସ୍ଥିତ ଭାରତୀୟ ଦୂତାବାସ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଓଡିଶୀ ଦଳରେ ଆଶ୍ୱାସନା, ଅଞ୍ଜେଲିନା, ଶ୍ରେୟାଶୀ ଏବଂ ୫ ବର୍ଷୀୟା ଛୋଟ ଶିଳ୍ପୀ ମିହିକା ମାହନୂର ଅନ୍ତର୍ଭୁକ୍ତ ଥିଲେ। ନୀଳ ଆକାଶ ତଳେ ହାନ୍ ନଦୀ କୂଳରେ ସେମାନଙ୍କର ମନୋମୋହନୀୟ ନୃତ୍ୟ ପ୍ରଦର୍ଶନ ଦର୍ଶକମାନଙ୍କୁ ମୁଗ୍ଧ କରିଦେଇଥିଲା। ସୁନ୍ଦର ପରିବେଶ ଓ ଉଜ୍ଜ୍ୱଳ ସୂର୍ଯ୍ୟକିରଣ ମଧ୍ୟରେ ନୃତ୍ୟର ମାୟା ଅଧିକ ଆକର୍ଷଣୀୟ ହୋଇଉଠିଥିଲା।



ଲୋକମାନେ ଅଟକି ଯାଇ ସଙ୍ଗୀତ ଓ ନୃତ୍ୟର ମାଧୁର୍ଯ୍ୟ ଉପଭୋଗ କରୁଥିଲେ ଏବଂ ଧୀରେଧୀରେ କାର୍ଯ୍ୟକ୍ରମ ସ୍ଥଳୀକୁ ଆସି ଭିଡ଼ ଜମାଉଥିଲେ। ଦକ୍ଷିଣ କୋରିଆରେ ଭାରତୀୟ ଦୂତାବାସ ପକ୍ଷରୁ ଆୟୋଜିତ ଏହା ପ୍ରଥମ 'ଇଣ୍ଡିଆ ଡେ' କାର୍ଯ୍ୟକ୍ରମ ଥିଲା। କାର୍ଯ୍ୟକ୍ରମ ସ୍ଥଳୀର ଦୁଇ ପାର୍ଶ୍ୱରେ ଭାରତର ୨୮ଟି ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ଷ୍ଟଲ୍ ସଜାଯାଇଥିଲା। ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ଭାରତର ସଂସ୍କୃତିକୁ ନଦୀ କୂଳରେ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା। ବର୍ତ୍ତମାନ ପ୍ରାୟ ୧୮ ହଜାର ଭାରତୀୟ ଦକ୍ଷିଣ କୋରିଆରେ ବସବାସ କରୁଥିବାବେଳେ ଭାରତରେ ବସବାସ କରୁଥିବା କୋରିଆନ୍‌ମାନଙ୍କ ସଂଖ୍ୟା ତୁଳନାମୂଳକ ଭାବେ କମ୍ ରହିଛି। ଅଞ୍ଜେଲିନା କହିଥିଲେ, ବିଶ୍ୱରେ ଶକ୍ତିର ସମୀକରଣ ପରିବର୍ତ୍ତିତ ହେଉଥିବା ସମୟରେ ଭାରତ ଆଉ ଦୂର ଦେଶ ଭାବେ ରହିନାହିଁ। ଓଡିଶୀ ନୃତ୍ୟ ପ୍ରଦର୍ଶନ ସମୟରେ ଆମେ ଏକ କୋରିଆନ୍ କେ-ପପ୍ ଦଳ ସହ ଭେଟିଥିଲୁ। ଆଶ୍ଚର୍ଯ୍ୟର କଥା ହେଲା, ସେହି ଦଳର ଜଣେ ପ୍ରମୁଖ ସଦସ୍ୟ ମୋର ରାଜ୍ୟର ରାଉରକେଲା ସହରର ଥିଲେ। ଆମେ କିଛି ସୁନ୍ଦର ମୁହୂର୍ତ୍ତ ସହ କାଟିଲୁ। ଗଛଛାୟା ତଳେ ଲୋକମାନେ ଭାରତୀୟ ପାରମ୍ପରିକ ବାଦ୍ୟଯନ୍ତ୍ରର ସୁର ଉପଭୋଗ କରୁଥିଲେ। ଭାରତୀୟ ରାଜଦୂତ ଗୋକର୍ଣ୍ଣଲ ଦାସ କହିଥିଲେ, ମନ ସହ ମନ ଯେତେବେଳେ ଯୋଡ଼ାଯାଏ, ସେତେବେଳେ ସଂସ୍କୃତିର ସତ୍ୟ ସମ୍ମିଳନ ଘଟେ। ଆଜିର ଏହି ସମାବେଶ କୋରିଆ ଓ ଭାରତୀୟ ସଂସ୍କୃତିର ଏକତାର ପ୍ରତୀକ।

**ଓହଳି ପଡ଼ିଛି ବିଦ୍ୟୁତ୍ ତାର**

## ମରଣ ଛକିଛି ମଝି ରାସ୍ତାରେ

ଭୁବନେଶ୍ୱର, ୧୮ ।୫(ସମିସ): ବିପଦ ସଂକୁଳ ଅବସ୍ଥାରେ ବିଦ୍ୟୁତ୍ ତାରଗୁଡ଼ିକ ଝୁଲି ରହିଛି। ସେତ ଲାଗୁଛି ଯେମିତି ମରଣ ମଝି ରାସ୍ତାରେ ଛକି ରହିଛି। ଏଭଳି ବିପଦପୂର୍ଣ୍ଣ ପରିସ୍ଥିତି ରାଜଧାନୀର କଳିଙ୍ଗ ବିହାର କେ-୪ ରେ ଥିବା ଭାରତୀୟ ଜନ ଔଷଧି କେନ୍ଦ୍ର ପାଖରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ପ୍ରାୟ ଦୁଇ ବର୍ଷ ହବ ବିଦ୍ୟୁତ୍ ତାର ସବୁ ରାସ୍ତା ଉପରକୁ ଓହଳି ରହିଛି। ବିଦ୍ୟୁତ୍ ଖୁଣ୍ଟ ପାଖକୁ ଲାଗି ଜନ ଔଷଧି ଥିବାରୁ ସକାଳ ଓ ସନ୍ଧ୍ୟାରେ ଲୋକେ ଔଷଧି କିଣିବା ପାଇଁ ଏହି ସ୍ଥାନକୁ ଆସିଥାନ୍ତି ଏବଂ ଅନେକ ଲୋକ ମଧ୍ୟ ଏହି ରାସ୍ତାରେ ଯିବା ଆସିବା କରିବା ସହିତ ସନ୍ଧ୍ୟା ହେଲେ ପିଲାମାନେ ଖେଳାବୁଲା କରିଛନ୍ତି। ଏଥିସହିତ କେବେ କେବେ ବଡ଼ବଡ଼ ଗାଡ଼ି ହଉ ଅବା ବାହଘର ସମୟରେ ପ୍ରସେସନ ଗାଡ଼ି ଏହି ରାସ୍ତା ଦେଇ ଯାତାୟତ କରିବା କଷ୍ଟକର ହୋଇପଡୁଛି। ହେଲେ ଝୁଲି ରହିଥିବା ଏହି ବିଦ୍ୟୁତ୍ ତାର କେତେବେଳେ ଯେ ଦୁର୍ଘଟଣା ନଘଟାଇ ଦବ ଏହାକୁ ନେଇ ସ୍ଥାନୀୟ ଲୋକମାନେ ଭୟ ଆଶଙ୍କା କରୁଛନ୍ତି। ଏ ବିଷୟ ନେଇ କଳିଙ୍ଗ ବିହାର ଇଲେକ୍ଟ୍ରି ଅଫିସ୍‌କୁ ବାରମ୍ବାର ଅଭିଯୋଗ କରିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

ଏଥିସହିତ ଆବାସିକ କଲ୍ୟାଣ ସଂଘର ଜଣେ ସଦସ୍ୟ କୁହନ୍ତି କି ସଂଘ ପକ୍ଷରୁ ମଧ୍ୟ ଇଲେକ୍ଟ୍ରି ଅଫିସ୍‌ରେ ଅନେକ ବାର ଅଭିଯୋଗ କରିଯାଇଛି। ହେଲେ ସୁଫଳ କିଛି ମିଳୁନାହିଁ। ଯଦି କିଛି ଅଘଟଣ ଘଟେ ତେବେ କିଏ ଦାୟି ରହିବ। କେତେଥର ଅଭିଯୋଗ କରିଲେ ଏ ବିଦ୍ୟୁତ୍ ତାରକୁ ଠିକ୍ କରାଯିବ ବୋଲି କ୍ଷୋଭର ସହିତ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି କି ଏଥିପ୍ରତି ବିଭାଗୀୟ ଅଧିକାରୀ ଯଥାଶିଘ୍ର ଦୃଷ୍ଟି ନିକ୍ଷେପ କରି ଏହାର ସମାଧାନ କରନ୍ତୁ ବୋଲି ସେ ସଂଘ ପକ୍ଷରୁ ନିବେଦନ କରିଛନ୍ତି।



ସକାଳ THE SAKALA



## ଛଟେଇ ପ୍ରତିବାଦରେ ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ



**ଅନୁଗୋଳ,୧୮।୫ (ସମିସ):** ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିସିଓଡିଏଲ୍ ଅନୁଗୋଳ ଡିଭିଜନ୍‌ରେ କାର୍ଯ୍ୟରତ ମିଟର ରିଡର, ବିଲ୍ କଲେକ୍ଟରଙ୍କ ସମେତ କେତେକ ବିଦ୍ୟୁତ୍ କର୍ମଚାରୀଙ୍କୁ କଷ୍ଟ କଟିଙ୍ଗ୍ ନାଁରେ ଛଟେଇ ନୋଟିସ୍ ପ୍ରଦାନ କରାଯାଇଥିବାରୁ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘବର୍ଷ ଧରି ବିଦ୍ୟୁତ୍ ଭଳି ଏକ ଅତ୍ୟାବଶ୍ୟକ ସେବାରେ କର୍ମଚାରୀମାନେ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଟିପିସିଓଡିଏଲ୍ କର୍ତ୍ତୃପକ୍ଷ ଜାଣିଶୁଣି କର୍ମଚାରୀଙ୍କ ପେଟରେ ନାତ ମାରୁଛନ୍ତି ବୋଲି ଅଭିଯୋଗ କରି ଆଜି ପୂର୍ବାହ୍ନରେ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ, ଅନୁଗୋଳ ପକ୍ଷରୁ ଟିପିସିଓଡିଏଲ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ଦୀପକ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ କାର୍ଯ୍ୟକାରୀ ସଭାପତି ମାନସ ପାଳ, ଏଆଇୟୁଟିୟୁସି କାର୍ଯ୍ୟକର୍ତ୍ତା ତୀର୍ଥବାସୀ ଭୋଇ, ନବକିଶୋର ପ୍ରଧାନ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଛଟେଇର ନୋଟିସ୍ ପ୍ରତ୍ୟାହାର କରି କର୍ମଚାରୀମାନଙ୍କୁ କାର୍ଯ୍ୟ କରିବାର ସୁଯୋଗଦେବାସହ ସ୍ଥାୟୀ କର୍ମଚାରୀର ମାନ୍ୟତା ଦେବାକୁ ଦାବି କରିଥିଲେ। ସ୍ମାର୍ଟ ମିଟର ଲଗାଇ ଶୋଷଣ ନୀତି ଗ୍ରହଣ କରିବାସହ କର୍ମଚାରୀଛଟେଇ କରିବା ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ବୋଲି ମତବ୍ୟକ୍ତ କରିଥିଲେ। ବିକ୍ଷୋଭ ସ୍ଥଳରୁ ଏକ ପ୍ରତିନିଧି ଦଳ କର୍ତ୍ତୃପକ୍ଷଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିବାସହ ତାର ନକଲ ଜିଲ୍ଲାପାଳ, ଶକ୍ତିମନ୍ତ୍ରୀ ଏବଂ ସ୍ଥାନୀୟ ବିଧାୟକମାନଙ୍କୁ ମଧ୍ୟ ପଠାଇଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକର୍ତ୍ତା ସୁକାନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ମୋହନ ସାହୁ, ଦିଲ୍ଲୀପ ସାସମଲ, ପ୍ରସନ୍ନ ସେନାପତି, ସତ୍ୟସୁନ୍ଦର ସାହୁ, ବିକାଶ ଗଡନାୟକ, ମନୋଜ ସାହୁ, ଦିଲ୍ଲୀପ ବିଶ୍ୱାଳ, ସାଫଲ୍ୟ ତ୍ରିପାଠୀ, ପ୍ରକାଶ ବେହେରା, ବୈକୁଣ୍ଠ ସାହୁ ପ୍ରମୁଖ ସାମିଲ ଥିଲେ।

## ପରଲୋକରେ କବି କୁମୁଦ ଚନ୍ଦ୍ର

**ଅନୁଗୋଳ,୧୮।୫(ସମିସ):** ଅନୁଗୋଳ ଜିଲ୍ଲାର ଅନ୍ୟତମ ବରିଷ୍ଠ ସାରସ୍ୱତ ସାଧକ, ଗବେଷକ, ସମାଲୋଚକ, କବି କୁମୁଦ ଚନ୍ଦ୍ର ଦାଶଙ୍କ ରବିବାର ରାତିରେ ପରଲୋକ ଘଟିଛି।



ସେ କିଛିଦିନ ହେବ ପକ୍ଷାଘାତ ହୋଇ ଶଯ୍ୟାଶାୟୀ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ସାରସ୍ୱତ ପ୍ରେମୀ, ଛାତ୍ରଛାତ୍ରୀ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସ୍ଥାନୀୟ ସୋମନାଥପୁର ଶାସନରେ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୭୮ ରୁ ସେ ବିଭିନ୍ନ କଲେଜ୍ ରେ ଅଧ୍ୟାପନା ଆରମ୍ଭ କରିଥିଲେ।୧୯୭୬ ରେ ତାଙ୍କର ପ୍ରଥମ କବିତା ପୁସ୍ତକ ମୁହୂର୍ତ୍ତ ଓ ଅନ୍ୟ ପୃଥିବୀ ପ୍ରକାଶିତ ହୋଇଥିଲା।୨୦୦୪ ରେ ଶବ୍ଦାନ୍ତର କବିତା ପୁସ୍ତକ ପ୍ରକାଶିତ ହୋଇଥିଲା।୨୦୦୯ ରେ ତାଙ୍କର ଆଉ ଗୋଟିଏ କବିତା ପୁସ୍ତକ କାବ୍ୟାଲୋକ ପ୍ରକାଶିତ ହୋଇଥିଲା। ବହୁ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କ ପରଲୋକରେ ଓଡ଼ିଶାର ବହୁ ସାହିତ୍ୟିକ, ଆଲୋଚକ ଶୋକ ପ୍ରକାଶ କରିଛନ୍ତି। ଅପରାହ୍ନରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି।

## ଖମାର ସିଏଚ୍‌ସି ଅଧିକାରୀଙ୍କ ଗାଡ଼ି ଧକ୍କାରେ ବୃଦ୍ଧା ଗୁରୁତର

**ପାଲଲହଡ଼ା,୧୮।୫ (ସମିସ):** ସୋମବାର ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶଶୀକାନ୍ତ ବେହେରାଙ୍କ ସରକାରୀ ଗାଡ଼ି ଧକ୍କାରେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇ ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପାଲଲହଡା ଥାନା ସହରଗୁରୁଜାଙ୍ଗ ଗ୍ରାମର ସାବିତ୍ରୀ ବେହେରା କୋର୍ଟ କାମରେ ପାଲଲହଡା ଆସିଥିବାବେଳେ ଏହି ସମୟରେ ପାଲଲହଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଚାଲିଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶଶିକାନ୍ତ ବେହେରା ନିଜ ସରକାରୀ ଗାଡ଼ିରେ ଆସୁଥିଲେ। ତେବେ ଗାଡିକୁ ପାର୍କିଂ କରିବା ସମୟରେ ସେଠାରେ ବସିଥିବା ଜଣେ ବୃଦ୍ଧାଙ୍କୁ ପଛପଟୁ ଗାଡିଟି ଧକ୍କା ଦେଇଥିଲେ। ଗୁରୁତର ଆହତ ବୃଦ୍ଧା ମହିଳାଙ୍କୁ ଡାକ୍ତର ବେହେରା ପାଲଲହଡା ଡାକ୍ତରଖାନାରେ ଛାଡ଼ିଦେଇ ସେଠାରୁ ଚାଲିଯାଇଥିଲେ। ଗୁରୁତର ଆହତଙ୍କ ପରିବାର ପକ୍ଷରୁ ଏ ନେଇ ପାଲଲହଡା ଥାନାରେ ଅଭିଯୋଗ କରାଯାଇଛି। ମହିଳା ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

## ନାବାଳିକା ନିଖୋଜ ଅଭିଯୋଗ

**ଅନୁଗୋଳ,୧୮।୫(ସମିସ):** ଅନୁଗୋଳ ଜିଲ୍ଲା ନାଲକୋ ନଗର ଆଦର୍ଶ ଥାନା ଅଞ୍ଚଳରୁ ମହିଳା, ଯୁବତୀ ଏପରିକି ନାବାଳିକା ଅନେକ ସମୟରେ ନିଖୋଜ ହେଉଥିବା ଘଟଣା ଥାନାରେ ଅଭିଯୋଗ ହେଉଥିବା ସଂଖ୍ୟା ଠାରୁ ବାସ୍ତବ ରେ ଅଧିକ ହେବ। ୧୪ ବର୍ଷୀୟ ଜଣେ ନାବାଳିକା ଗତ ଏପ୍ରିଲ ୨୯ ତାରିଖରୁ ଘର ପରିବାର ଲୋକଙ୍କୁ ନ କହି ଘରୁ କୁଆଡେ ଚାଲିଯାଇଛି। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ପାରିନାହାନ୍ତି। ସେ ଘରୁ ଯିବା ବେଳେ ପାଇଜାମା ସହ କଳା ରଙ୍ଗର ଟି-ସାର୍ଟ ପିନ୍ଧିଥିଲେ। ଏ ନେଇ ୧୭ ତାରିଖରେ ନାବାଳିକା ନିଖୋଜ ହୋଇଥିବା ଘଟଣାକୁ ପରିବାର ଲୋକଙ୍କ ପକ୍ଷରୁ ନାଲକୋ ନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। କିଛିଦିନ ପୂର୍ବେ ଉକ୍ତ ନାବାଳିକା ନିଖୋଜ ହୋଇଥିଲା ଏବଂ ନାଲକୋ ନଗର ପୁଲିସ ସହାୟତାରେ ଉଦ୍ଧାର ହୋଇଥିଲା ବୋଲି ଅଭିଯୋଗ ରେ ଦର୍ଶା ଯାଇଛି।ଜଣେ ନାବାଳିକା ଦୁଇଥର ନିଖୋଜ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ରୋଚକ ଘଟଣା ପାଲଟିଛି।

## ଜଳିଗଲା ଡାକ୍ତରଖାନାର ଏସି ତାର

**ଅନୁଗୋଳ,୧୮।୫(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ଅପରାହ୍ନରେ ସର୍ଟସର୍କିଟରୁ ଏସି ତାର ଜଳିଯାଇଛି। ଫଳରେ ପ୍ରସୂତି କକ୍ଷ ଧୂଆଁମୟ ହୋଇଯାଇଥିଲା। ଶୀତତାପ ନିୟନ୍ତ୍ରିତ ଯନ୍ତ୍ର(ଏସି) ପାଇଁ ଲାଗିଥିବା ବିଦ୍ୟୁତ୍ ବୋର୍ଡରେ ଅଚାନକ ତାର ପୋଡ଼ି ଧୂଆଁ ହେବା ନିଆଁ ଲାଗିଥିଲା। ଏହି ଘଟଣା ଜଣାପଡ଼ିବା ପରେ ସେଠାରେ ଥିବା ଲୋକଙ୍କୁ ବାହାରକୁ ଚାଲିଯିବାକୁ କୁହାଯାଇଥିଲା। ଏକ ବଡ଼ ଧରଣର ବିପଦ ଆଶଙ୍କା କରି ଲୋକମାନେ ପ୍ରଥମ ମହଲାରୁ ତଳକୁ ଦୌଡ଼ିବାକୁ ଲାଗିଥିଲେ। ଡାକ୍ତରଖାନାରେ ଅଗ୍ନିକାଣ୍ଡ ଘଟିଲେ ଲୋକଙ୍କ ଜୀବନ ଚାଲିଯାଉଥିବା ଘଟଣା କଟକରେ ଘଟିଥିଲା। ଏହାକୁ ନଜରରେ ରଖି ଲୋକମାନେ ଅଧିକ ଭୟଭୀତ ହୋଇପଡ଼ିଥିଲେ। ପ୍ରସୂତି ମହିଳାଙ୍କ ସମ୍ପର୍କୀୟମାନେ ମଧ୍ୟ ଘଟଣା ସମ୍ପର୍କରେ ଜାଣି ବ୍ୟସ୍ତ ହୋଇପଡ଼ିଥିଲେ। ସେଠାରେ ଥିବା ଜଣେ କର୍ମଚାରୀ ଅଗ୍ନି ନିର୍ବାପକ ଯନ୍ତ୍ରରେ ନିଆଁ ବ୍ୟାପିବା ଆଗରୁ ଲିଭାଇ ଦେଇଥିଲେ। ଫଳରେ ବଡ଼ ଅଗ୍ନିକାଣ୍ଡରୁ ସମସ୍ତେ ଅଳ୍ପକେ ବର୍ତ୍ତି ଯାଇଥିଲେ।

# ବଢୁଛି ଅପରାଧ, ବିଗୁଡୁଛି ଆଇନଶୃଙ୍ଖଳା

**ପାଲଲହଡ଼ା,୧୮।୫ (ସମିସ):**




ଦିନକୁ ଦିନ ରାଜ୍ୟରେ ଅପରାଧ ବଢୁଥିବାବେଳେ ଆଇନଶୃଙ୍ଖଳା ବିଗିଡ଼ିବାରେ ଲାଗିଛି। ଯାହାର ପ୍ରତିବାଦ କରି ବିଜୁ ଜନତା ଦଳ ପାଲଲହଡା ପକ୍ଷରୁ ସୋମବାର ପୂର୍ବତନ ବିଧାୟକ ମୁକେଶ ପାଳଙ୍କ ନେତୃତ୍ୱରେ ଶତାଧିକ ମହିଳା ଏବଂ ବିଜେଡି କାର୍ଯ୍ୟକର୍ତ୍ତା ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦେଇଛନ୍ତି। ସେହିପରି ମହିଳା ସଂରକ୍ଷଣ ଅଧିନିୟମର ଲାଗୁ ଓ ମହିଳାମାନଙ୍କ ପ୍ରତି ବଢିଚାଲିଥିବା ନୃଶଂସ ନିର୍ଯାତନାକୁ ତୁରନ୍ତ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଉପଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ପାଲଲହଡ଼ା ଶରତଚନ୍ଦ୍ର କ୍ଲବ ଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ପାଲଲହଡା ପୂର୍ବତନ ବିଧାୟକ ମୁକେଶ ପାଳ ଯୋଗଦେଇ ଥିଲେ। ଓଡ଼ିଶା ରାଜ୍ୟରେ ପଞ୍ଚାୟତରାଜ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରି କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁ ପଟ୍ଟନାୟକ ଇତିହାସ ସୃଷ୍ଟି କରିଯାଇଛନ୍ତି। ବିଜୁ ବାବୁଙ୍କ ଆଦର୍ଶରେ ନବୀନ ପଟ୍ଟନାୟକ ସରକାର ପଞ୍ଚାୟତରାଜ ଓ ପୌରସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତ ବୃଦ୍ଧି କରିଥିଲେ। ୨୦୧୯ ଓ ୨୦୨୪ ନିର୍ବାଚନରେ ଲୋକସଭା ପାଇଁ ବିଜୁ ଜନତା ଦଳ ମହିଳାମାନଙ୍କୁ ୩୩ ପ୍ରତିଶତ ଟିକେଟ ମଧ୍ୟ ଦେଇଥିଲେ। ମହିଳା ସଂରକ୍ଷଣ ବିଲ୍ ୨୦୨୩କୁ ପାର୍ଲାମେଣ୍ଟରେ ବିଜୁ ଜନତା ଦଳ ଦୃଢ଼ ଭାବରେ ନିସର୍ତ୍ତ ସମର୍ଥନ କରିଥିଲା। ମାତ୍ର ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ଲୁକ୍କାୟିତ ଭାବରେ ମହିଳା ସଂରକ୍ଷଣ ବିଲ୍ ନାଁରେ ପାରିତ କରିବାର ଅପଚେଷ୍ଟା ଓ ହୀନ ଚକ୍ରାନ୍ତ ଭାରତୀୟ ଜନତା ପାର୍ଟି ସରକାର କରିଥିଲେ। ସେହିପରି ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ଆଜି ମହିଳା ହିଂସା ଓ ଅପରାଧର ପେଣ୍ଠସ୍ଥଳୀ ପାଲଟିଗଲାଣି। ଯୌନ ନିର୍ଯାତନା କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ। ଗଣଦୁଷ୍କର୍ମ ଓ ମହିଳାଙ୍କୁ ହତ୍ୟା ଭଳି ବର୍ବରୋଚିତ, ଅମାନୁଷିକ ହିଂସା, ଯୌନ ଉତ୍ପୀଡନ ବୃଦ୍ଧି ପାଇବାରେ ଲାଗି ଲାଗିଛି। ଏହିପରି ସମ୍ବେଦନହୀନ କାର୍ଯ୍ୟଶୈଳୀ ରାଜ୍ୟସରକାରଙ୍କ ପ୍ରଶାସନିକ ଚରମ ଅବହେଳା ଓ ଉତ୍ତରଦାୟିତ୍ୱ ହୀନତାକୁ ଦର୍ଶାଉଛି। ଢେଙ୍କାନାଳର ଭାପୁରରେ ମହିଳାଙ୍କୁ ଦୁଷ୍କର୍ମ କରି ମୁହଁକୁ ପଥରରେ ଛେଚି ଦିଆଗଲା, ହିଞ୍ଜିଳିରେ ଜଣେ ଗର୍ଭବତୀ ମହିଳାଙ୍କୁ ତିନି ବର୍ଷର ଶିଶୁ କନ୍ୟା ସାମ୍ନାରେ ହତ୍ୟା କରାଗଲା, ବରଗଡ଼ରେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କୁ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଯୌନ ନିର୍ଯାତନା ଦିଆଗଲା। ବାଲିଅନ୍ତାରେ ବୃଦ୍ଧା ମାଆଙ୍କ ଏକମାତ୍ର ପୁତ୍ରକୁ ପୁଲିସ ସମ୍ମୁଖରେ ପିଟିପିଟି ମାରି ଦିଆଗଲା। ବାଲିପାଟଣାରେ ଯୁବକଙ୍କୁ ନିର୍ମମ ହତ୍ୟା କରାଯିବା ଭଳି ହିଂସା ଘଟଣାରେ ସରକାରଙ୍କ ଉପରୁ ଜନସାଧାରଣ ଙ୍କ ଆସ୍ଥା ଓ ବିଶ୍ୱାସ ଉଠିଯାଉଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଣୁ ୨୦୨୩ ମସିହାରେ ପାର୍ଲାମେଣ୍ଟରେ ଗୃହୀତ ହୋଇ ଆଇନରେ ପରିଣତ ହୋଇଥିବା ମହିଳା ସଂରକ୍ଷଣ ବିଲ୍‌କୁ ତୁରନ୍ତ ଲାଗୁ କରାଯାଇ ୩୩ ପ୍ରତିଶତ ବିଧାନସଭାରେ ମହିଳା ସଂରକ୍ଷଣ ଲାଗୁ କରାଯାଉ, ଓଡିଶାରେ ଗତ ଦୁଇବର୍ଷ ଭିତରେ କ୍ରମାଗତ ଭାବରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା ଉପରେ ରୋକ ଲଗାଇବାକୁ ଦୃଢ ଓ ଦୃଷ୍ଟାନ୍ତମୂଳକ ପଦ ପଦକ୍ଷେପ ଗ୍ରହଣ କରାଯାଉ ବୋଲି

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ବିଜେଡି

ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଜୁ ଜନତା ଦଳର ମହିଳା ନେତ୍ରୀ ବବିତା ପ୍ରଧାନ, ସତ୍ୟଭାମା ପ୍ରଧାନ, ନିହାର ନଳିନୀ ପ୍ରଧାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବ୍ଲକ ସଭାପତି ରଞ୍ଜିତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ଜିଲ୍ଲାସ୍ତରୀୟ 'ଆର୍ଟ ଅଫ୍ ଗିଭିଂ ଦିବସ' ପାଳିତ

**ଅନୁଗୋଳ,୧୮।୫(ସମିସ):** ଅନୁଗୋଳରେ ଜିଲ୍ଲା ସ୍ତରରେ "ଆର୍ଟ ଅଫ୍ ଗିଭିଂ ଦିବସ' ମୁନିସିପାଲିଟି ଟାଉନ ହଲ ପରିସରରେ ପାଳିତ ହୋଇଯାଇଛି। ସମାଜରେ ପରସ୍ପର ସହଯୋଗ, ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ ବାଣ୍ଟିବା



ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ଅତିଥି ଓ ସମାଜସେବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ଯୋଗଗୁରୁ ଅଭୟ ରାୟ,ସମାଜସେବୀ ପର୍ଶୁରାମ ଦାସ, ସମାଜସେବୀ ବାପି ମହାନ୍ତି, ସମାଜସେବୀ ବାଣୀ ଦେବ, ସାଥୀ ପରିବାରର ସିଦ୍ଧାର୍ଥ ପ୍ରଧାନ, ସାମ୍ବାଦିକ ଅଜିତ ଧର, ପ୍ରସନ୍ନ ବେହେରା, ନିରୋଦ ସାହୁ ଓ ଅନ୍ୟାନ୍ୟ ଉପସ୍ଥିତ ରହିଥିଲେ।ଏହି ଅବସରରେ ଅତିଥିମାନଙ୍କୁ ଆୟୋଜକ ପକ୍ଷରୁ ସମ୍ବର୍ଦ୍ଧନା ଜଣାଯାଇଥିଲା। କଳିଙ୍ଗ ଟିଭିର ଜିଲ୍ଲା ପ୍ରତିନିଧି ମାନସ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ସଫଳ ସଂଚାଳନ କରିଥିଲେ।୨୦୧୩ ମସିହାରୁ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କଓଓଙ୍ଗ ଓ କଓଏସଏ ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ବିଶ୍ୱବ୍ୟାପୀ "ଆର୍ଟ ଅଫ୍ ଗିଭିଂ'ର ପ୍ରୟାସ ଜାରିରହିଛି। ସମାଜରେ ଖୁସି, ସୌହାର୍ଦ୍ଦ୍ୟ ବଜାୟ ରଖିବା ଏବଂ ଲୋକଙ୍କୁ ସେବା ଓ ଦାନ କରିବା ପାଇଁ ପ୍ରେରଣା ଯୋଗାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ରହିଥିଲା। ଏବର୍ଷର ବିଷୟବସ୍ତୁ ସେୟାର୍ ଟୁ ସାଇନ୍ ରହିଥିବା ବେଳେ ୧୩ ତମ ଆର୍ଟ ଅଫ୍ ଗିଭିଂ ଦିବସ ଜିଲ୍ଲାର ସମସ୍ତ ବ୍ଲକ ସ୍ତରରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ୨୨୨ଟି ଦେଶରେ ଆର୍ଟ ଅଫ୍ ଗିଭୀଙ୍ଗ କାଯ୍ୟକ୍ରମ ପାଳନ କରାଯାଉଛି। ଆର୍ଟ ଅଫ୍ ଗିଭୀଙ୍ଗ ର ଚଳିତ ବର୍ଷର ଥିମ ସେୟାର ଟୁ ସାଇନ୍ ର ଉଦ୍ଦେଶ୍ୟ କୁ ଉପସ୍ଥିତ ଅତିଥି ମାନେ ଜନସାଧାରଣ ଙ୍କ ଉଦ୍ଦେଶ୍ୟ ରେ ଉପସ୍ଥାପିତ କରିଥିଲେ।। ଚଳିତ ବର୍ଷର ଥିମ୍ 'ସେୟାର ଟୁ ସାଇନ୍' ରଖାଯାଇଥିଲା। ଏହି ଅବସରରେ କିଟ୍ ଜିଲ୍ଲା ସଂଯୋଜକ ଅଜୟ ସାହୁ ଧନ୍ୟବାଦ ଜଣାଇଥିଲେ। କିଟ୍ ସହଯୋଗୀ ପ୍ରଦ୍ୟୁମ୍ନ ପ୍ରଧାନ, ବିଜୟ ପ୍ରଧାନ, ଶିଶିର ସାହୁ, ବିପିନ କଁହର, ନରେଶ ସାହୁ, ସୁଧାକର ସାହୁ, ପ୍ରଦୀପ, ରଣଜିତ, ଜଙ୍ଗଲ ପୃଷ୍ଟି, ଶୂନ୍ୟବାସୀ ସେଠି ଓ ଅନ୍ୟମାନେ କାର୍ଯ୍ୟକ୍ରମକୁ ସଫଳ ରୂପେ ରୂପାୟନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଜଣାଯାଇଛି ଯେ, "ଆର୍ଟ ଅଫ୍ ଗିଭିଂ' ଦିବସ ସମାଜରେ ମାନବିକ ମୂଲ୍ୟବୋଧ ଓ ସେବା ଭାବନାକୁ ଆହୁରି ସୁଦୃଢ଼ କରୁଛି।

## ୭୯ତମ ରାଜ୍ୟ ପୁଲିସ କବାଡ଼ି ଓ ହ୍ୟାଣ୍ଡବଲ୍ ପ୍ରତିଯୋଗିତା

**ଅନୁଗୋଳ,୧୮।୫ (ସମିସ):** ସ୍ଥାନୀୟ ପୁଲିସ ଟ୍ରେନିଂ କଲେଜ୍ ପରିସରରେ ମେ ୧୮ ତାରିଖ ରୁ ୨୨ ତାରିଖ ଯାଏ୭୯ ତମ ରାଜ୍ୟ ପୋଲିସ କବାଡି ଏବଂ ୧୧ ତମ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉତ୍ତର କେନ୍ଦ୍ରାଞ୍ଚଳଆଇ ଜି ସତ୍ୟବ୍ରତ ଭୋଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବାଣ ଓ ଆକର୍ଷଣୀୟ ବ୍ୟାଣ୍ଡ ର ତାଳ ରେ ଖେଳାଳୀ ମାନେ ମୁଖ୍ୟ ଅତିଥି ଙ୍କୁ ଅଭିବାଦନ ଜଣାଇଥିଲେ।ସ୍କୁଲ ଛାତ୍ର ଛାତ୍ରୀ ମାନେ ରଙ୍ଗିନ ଗ୍ୟାସ ବେଲୁନ ଆକାଶ କୁ ଛାଡି ଥିଲେ ଯାହା ବେଶ



ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଅନୁଗୋଳ ଏସ ପି ରାହୁଲ ଜୈନ ଯୋଗ ଦେଇ ସମସ୍ତ ଖେଳାଳୀ ମାନେ ଖେଳ ଭାବନା ନେଇ ଖେଳିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ






ଚିତ୍ତାକର୍ଷକ ଦୃଶ୍ୟ ଥିଲା।ମୁଖ୍ୟ ଅତିଥି ଶ୍ରୀ ଭୋଇ କ୍ରୀଡ଼ାରେ ଶୃଙ୍ଖଳା ଓ ଭାଇ ଚାରା ପ୍ରଥମ ଜିତିବା ହାରିବା ବଡ଼ କଥା ନୁହେଁ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ ଓ ଜିଲ୍ଲାର ବହୁ ପଦସ୍ଥ ପୋଲିସ ଅଧିକାରୀ ଯୋଗ ଦେଇଥିଲେ।ଅଙ୍କିତା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଡି ଆଇ ବି ମୁଖ୍ୟ ଉପାସନା ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ପାଲଲହଡ଼ା,୧୮।୫(ସମିସ):** ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅବଦଲ୍ ଏମ୍ ଅଖତର୍ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ସମୁଦାୟ ୭୦ ଗୋଟି ଅଭିଯୋଗ ଶୁଣାଣି କରାଯାଇଥିଲା। ଉକ୍ତ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ



ଭାବରେ ୫୪ଟି ମାମଲା ଓ ସାମୂହିକ ରୂପେ ୧୪ଟି ମାମଲାର ଶୁଣାଣି କରାଯାଇଥିଲା। ଉପରୋକ୍ତ ମାମଲା ମଧ୍ୟରୁ ୧୨ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଏହା ସହିତ ୨ ଜଣ ଅଭାବୀ ଲୋକଙ୍କୁ ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଉପଖଣ୍ଡ ଆରକ୍ଷୀ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ତହସିଲଦାର ଆକାଂକ୍ଷା ମହାପାତ୍ର ସମେତ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବାମୁର ପଞ୍ଚାୟତରେ ଜନଶୁଣାଣି

**କିଶୋରନଗର,୧୮।୫(ସମିସ):** କିଶୋରନଗର ବ୍ଲକ ବାମୁର ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ



ବିଡିଓ ଶୁଭକାନ୍ତ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାର ସମାଧାନ କରିଥିଲେ।ଏଥିରେ ଏବିଡିଓ ଦୀଲିପ ପ୍ରଧାନ ,ସରପଞ୍ଚ ସଞ୍ଜୀବ ପ୍ରଧାନ ,ଓଏଲ ଏମ ର ବିପିସି ସୁଜିତ ପ୍ରଧାନ, ବିଏସ ଏସ ଓ ଝସକେତନ ସାହୁ, ଡିଇଓ(ଆରସିଏମ୍)ସରୋଜ ପ୍ରଧାନ ପ୍ରମୁଖ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ର ଅଧିକାରୀ, ବାମୁର ପିଇଓ, ଏଡିଇଓ ଉପସ୍ଥିତ ଥିଲେ।

**● ଭିଏତ୍‌ନାମରେ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା**

## ଅନୁଗୋଳର 'ନ୍ୟୁ କ୍ରିଏସନ' ଛାତ୍ରୀଙ୍କ କୃତିତ୍ୱ

**ଅନୁଗୋଳ,୧୮।୫(ସମିସ):** ଗତ ୧୧ ରୁ ୧୫ ତାରିଖ ଯାଏ ଭିଏତ୍‌ନାମର ରାଜଧାନୀ ହାନୋଇ ଠାରେ 'ନୃତ୍ୟାଧାମ କଳା ସମିତି, ଭିଲାଇ' ଆନୁକୂଲ୍ୟରେ ବିଭିନ୍ନ ପ୍ରକାରର ନୃତ୍ୟ, ବାଦ୍ୟ, ସଙ୍ଗୀତର ପ୍ରତିଯୋଗିତା ଭାରତ ବର୍ଷର ସମଗ୍ର ରାଜ୍ୟରୁ ମୋଟ ୮୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ଅନୁଗୋଳ ନ୍ୟୁ କ୍ରିଏସନ




ଡାନ୍ସ ଏକାଡେମୀ ଛାତ୍ରୀ ସୁଶ୍ରୀ ସ୍ମୃତିରେଖା ଚାନ୍ଦ, ଶର୍ମିଷ୍ଠା ନାଥ, ଆରୁନି ଅପରୂପା ଓଡିଶୀ ନୃତ୍ୟରେ ପ୍ରଥମସ୍ଥାନ ଅଧିକାର କରି "କଳା ନିଧି ହୀରକ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତାହା ସହିତ ସୁମିତା ମହାରଣା ଏବଂ ସୋନାଲି ପ୍ରଧାନ ଦ୍ୱୈତ ଲୋକନୃତ୍ୟ ପରିବେଷଣ କରି "କଳାନିଧି ସ୍ୱର୍ଣ୍ଣ' ଏବଂ ଦୁଷ୍ମନ୍ତ କୁମାର ଚାନ୍ଦଙ୍କୁ ଉତ୍କୃଷ୍ଟ ସେବା ନିମନ୍ତେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ନୃତ୍ୟ ଗୁରୁ ଅନିତା ରାଜଗୁରୁଙ୍କୁ "ନୃତ୍ୟ ଶ୍ରମନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶ୍ରୀ ସ୍ମୃତିରେଖା ନିଜ ହାତରେ ରାକ୍ଷୀ ରୟେଙ୍କ ଚିତ୍ର ଅଙ୍କନକରି ଉପହାର ଦେଇଥିଲେ। ଏଥିପାଇଁ ନ୍ୟୁ କ୍ରିଏସନ ସଭାପତି, ସେକ୍ରେଟାରୀ ପଙ୍କଜ ସାମଲ ଏବଂ ଅଭିଭାବକମାନେ ଗୁରୁ ଅନିତା ରାଜଗୁରୁଙ୍କୁ ଏବଂ ସମସ୍ତ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।

## ଚକାଫାଟି ଓଲଟିଲା ଟାଟା ଏସିଇ; ୧୫ରୁ ଊର୍ଦ୍ଧ୍ୱ ଆହତ

**କାମାକ୍ଷାନଗର,୧୮।୫(ସମିସ):** ବିବାହରେ ଯୋଗ ଦେବାପାଇଁ ଆସୁଥିବା ବେଳେ ଚକାଫାଟି ଓଲଟିପଡ଼ିଲା ଟାଟା ଏସିଇ ଗାଡ଼ି। ଫଳରେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସମସ୍ତେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ କେଉଁଝର ଜିଲ୍ଲା ଘଷିପୁରା ଥାନା ବରବାହାଳି ଗ୍ରାମରୁ ଏକ ଟାଟା ଏସିଇ ଗାଡ଼ି ଯୋଗେ ପ୍ରାୟ ୨୦ ରୁ ଊର୍ଦ୍ଧ୍ୱ ଲୋକ କଙ୍କଡ଼ାହାଡ଼ ଥାନା କଳସପୁର ଗ୍ରାମକୁ ଏକ ବିବାହରେ ଯୋଗ ଦେବାପାଇଁ ଆସୁଥିଲେ। ମାତ୍ର କଙ୍କଡ଼ାହାଡ଼ ଥାନା କାଠପାଳ ନିକଟରେ ଗାଡ଼ିଟି ଆସୁଥିବା ବେଳେ ହଠାତ ପଛଚକା ଫାଟି ଯାଇଥିଲା। ଫଳରେ ଗାଡ଼ିଟି ରାସ୍ତା ପାଶ୍ୱର୍ରେ ଥିବା ଏକ ଗଛ ସହ ପିଟିହୋଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଏଥିରେ ଗାଡ଼ିରେ ଥିବା ୧୫ ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ବେଳେ ସମସ୍ତଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ଅନେକ ଲୋକଙ୍କ ହାତ, ଗୋଡ଼ ଓ ଛାତିରେ ଗଭୀର ଆଘାତ ଲାଗିଥିଲା ବେଳେ ସମସ୍ତଙ୍କ ଚିକିତ୍ସା ଜାରି ରହିଛି। ତେବେ ଶେଷ ଖବର ସୁଦ୍ଧା ଦୁଇଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ସେମାନଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

## ବ୍ରାଉନ୍‌ସୁଗର୍ ଜବତ, ୨ କୋର୍ଟଚାଲାଣ

**କାମାକ୍ଷାନଗର,୧୮।୫(ସମିସ):** କାମାକ୍ଷାନଗର ସହରର ରେଲୱେସାଇଡ୍ ଅଞ୍ଚଳରେ ବ୍ରାଉନ୍‌ସୁଗର୍ କାରବାର ଚାଲୁଥିଲାବେଳେ ଦୁଇଜଣଙ୍କୁ ଗିରଫ କରିବା ସହିତ ୪୧ ଗ୍ରାମ ବ୍ରାଉନସୁଗର ଜବତ କରିଛି କାମାକ୍ଷାନଗର ପୁଲିସ। ଗିରଫ ଦୁଇଜଣ ହେଲେ କାମାକ୍ଷାନଗର ସହରର ମୁଣ୍ଡିଦେଉଳି ସାହିର ଅୟସକାନ୍ତ ଶର୍ମା ଓ ବସୁଲେଇ ଗ୍ରାମର ବିକାଶବାରିକ। ସୂଚନା ଅନୁସାରେ ପୁଲିସ ଟିମ୍ ଏକ ଭ୍ୟାନରେ ପାଟ୍ରୋଲିଂ କରୁଥିବାବେଳେ ରେଲୱେ ସାଇଡ ଅଞ୍ଚଳରେ ବ୍ରାଉନସୁଗର କାରବାର ହେଉଥିବା ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚିଥିଲା। ସେଠାରେ ଅୟସକାନ୍ତ ଓ ବିକାଶ ବ୍ରାଉନସୁଗର କାରବାର କରୁଥିବା ଦେଖି ପୁଲିସ ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୪୧ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏ ନେଇ ପୁଲିସ କାମାକ୍ଷାନଗର ଥାନାରେ ନିଜ ଆଡୁ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି।

# ବ୍ୟାଙ୍କ ସ୍ଥାନାନ୍ତରଣକୁ ଚାଷୀଙ୍କ ତୀବ୍ର ବିରୋଧ

**କଣିହାଁ,୧୮।୫(ସମିସ):**




ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ବିଜିଗୋଳସ୍ଥିତ ଏୟୁସିସି ବ୍ୟାଙ୍କ କଣିହାଁ ଶାଖାକୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବା ପ୍ରସ୍ତାବକୁ ବିରୋଧ କରି ସୋମବାର ଶତାଧିକ ଚାଷୀ, ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଆନ୍ଦୋଳନରେ ସାମିଲ ହୋଇଥିଲେ। ବିଜିଗୋଳ ପଞ୍ଚାୟତ ସରପଞ୍ଚ ରୁକ୍ମଣୀ ପ୍ରଧାନଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ଲୋକେ ବ୍ୟାଙ୍କ ସ୍ଥାନାନ୍ତରଣକୁ ବିରୋଧ କରି ନାରାବାଜି କରିଥିଲେ। ପରେ ଆନ୍ଦୋଳନକାରୀ କଣିହାଁ ବିଡିଓଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିବାବେଳେ ବ୍ୟାଙ୍କ ପରିଚାଳକଙ୍କୁ ମଧ୍ୟ ଅଲଗା ଦାବିପତ୍ର ଦେଇଥିଲେ। ପ୍ରତିବାଦକାରୀମାନେ କହିଥିଲେ, ଯେତେବେଳେ କଣିହାଁ ଅଞ୍ଚଳରେ ରାସ୍ତାଘାଟ ଓ ଯୋଗାଯୋଗ ବ୍ୟବସ୍ଥା ସୁବିଧାଜନକ ନଥିଲା, ସେତେବେଳେ ଏହି ବ୍ୟାଙ୍କ ଚାଷୀଙ୍କ ଭରସାର କେନ୍ଦ୍ର ଥିଲା। ଏହି ବ୍ୟାଙ୍କ ମାଧ୍ୟମରେ ଚାଷୀମାନେ ସାର, ଔଷଧ, ଉନ୍ନତମାନର ବିହନ, ଟ୍ରାକ୍ଟର ଓ ପାୱାର ଟିଲର ଭଳି କୃଷି ସାମଗ୍ରୀ ସୁଲଭ ମୂଲ୍ୟରେ ପାଇଆସୁଥିଲେ।ତେବେ ବର୍ତ୍ତମାନ କିଛି ଅଧିକାରୀଙ୍କ ଚକ୍ରାନ୍ତରେ ବ୍ୟାଙ୍କକୁ ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ସ୍ଥାନାନ୍ତର କରିବା ପାଇଁ ମସୁଧା ଚାଲିଥିବା ଅଭିଯୋଗ ହୋଇଛି। ଆନ୍ଦୋଳନକାରୀମାନଙ୍କ କହିବା ଅନୁସାରେ, ଯେଉଁ ସ୍ଥାନକୁ ବ୍ୟାଙ୍କକୁ ନେବାକୁ ଯୋଜନା ହେଉଛି ସେଠାରେ ଦିନରାତି କୋଇଲା ଓ ପାଉଁଶ ବୋଝେଇ ଭାରୀଯାନ ଚଳାଚଳ କରୁଥିବାରୁ ଚାଷୀ ଓ ଜମାକାରୀମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଏହାସହ ଭାରୀଯାନ ଚଳାଚଳ ଯୋଗୁଁ ବଜାର ଅଞ୍ଚଳର ଅନେକ ଦୋକାନୀଙ୍କ ବେପାର ବଣିଜ ପ୍ରଭାବିତ ହୋଇଥିବା ଏବଂ ଅନେକ ଦୋକାନ ବନ୍ଦ ହୋଇଯାଇଥିବା ସେମାନେ କହିଥିଲେ। ଚାଷୀଙ୍କୁ କୃଷିସେବା ଯୋଗାଇବା ପରିବର୍ତ୍ତେ ବ୍ୟାଙ୍କକୁ ବ୍ୟବସାୟିକ ଲାଭ ଦିଗକୁ ନେବାର ଚେଷ୍ଟା ହେଉଥିବା ଅଭିଯୋଗ କରି ଆନ୍ଦୋଳନକାରୀମାନେ କହିଥିଲେ, ବ୍ୟାଙ୍କର ଚୁକ୍ତି ଅବଧି ଶେଷ ପୂର୍ବରୁ ସ୍ଥାନାନ୍ତରଣ କରାଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ। ଏନେଇ ସେମାନେ ବ୍ୟାଙ୍କ ଅଧିକାରୀଙ୍କୁ ରୋକଠୋକ ଚେତାବନୀ ଦେଇଛନ୍ତି।



# କର୍ମଚାରୀ ଆନ୍ଦୋଳନ; ଗଡ଼ିଲାନି 'ଆମ ବସ୍'

ଭୁବନେଶ୍ୱର, ୧୮।୫(ସମିସ): କମ୍ପ୍ରେହେନ୍ସିଭ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଦ୍ୱାରା ପରିଚାଳିତ 'ଆମ ବସ୍' କର୍ମଚାରୀମାନେ ଆଜି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭୁବନେଶ୍ୱର ଭଗବାନପୁର, ପାତ୍ରପଡ଼ା ସ୍ଥିତ ଆମ ବସ୍ ଡିପୋରେ ଡ୍ରାଇଭର ଓ କର୍ମଚାରୀମାନେ ୪ ଦଫା ଦାବି ନେଇ ଏହି ପ୍ରତିବାଦ କରିଛନ୍ତି। ଫଳରେ ଡିପୋରୁ କୌଣସି ବସ୍ ବାହାରି ନଥିବା ବେଳେ ୪୫ଟି ରୁଟ୍‌ରେ ୧୧୭ଟି ବସ୍ ଚଳାଚଳ ବନ୍ଦ ରହିଥିଲା। ଠିକ୍ ସମୟରେ ଦରମା ପ୍ରଦାନ, କର୍ମଚାରୀଙ୍କୁ ସୁରକ୍ଷା, ଇପିଏଫ୍ ଏବଂ ଇଏସ୍‌ଆଇ ସୁବିଧା ଯୋଗାଇ ଦେବା ଆଦି ଦାବି ରଖିଛନ୍ତି ବସ୍ ଡ୍ରାଇଭର ଓ କର୍ମଚାରୀ। ଦୀର୍ଘ ସମୟ ଧରି ଆନ୍ଦୋଳନରେ ବସିବା ପରେ ୨ ଜଣ ମହିଳା କର୍ମଚାରୀ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ଚିକିତ୍ସା ସହ ସାଲାଇନ୍ ଦିଆଯିବା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା।

## ବସ୍‌କୁ ଅପେକ୍ଷା କରି ୪୫ରୁଟ୍‌ରେ ଯାତ୍ରୀ ହନ୍ତସନ୍ତ
## ଆନ୍ଦୋଳନରତ ଦୁଇ ମହିଳା କର୍ମଚାରୀ ଅସୁସ୍ଥ





ସୂଚନା ଅନୁସାରେ, ଭଗବାନପୁର ଡିପୋରୁ କଟକ, ଭୁବନେଶ୍ୱର, ପୁରୀ ଓ ଖୋର୍ଦ୍ଧାର ୪୫ଟି ରୁଟରେ ପ୍ରତିଦିନ ୧୧୭ଟି ବସ୍ ଚଳାଚଳ କରେ। ଆଜି ଆନ୍ଦୋଳନ ଯୋଗୁଁ ଯାତ୍ରୀମାନେ ନିଜ ଗନ୍ତବ୍ୟ ସ୍ଥଳକୁ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ସକାଳ ସମୟରୁ ଆମ ବସ୍‌ରେ କାର୍ଯ୍ୟରତ ଶତାଧିକ ଡ୍ରାଇଭର ଓ କର୍ମଚାରୀମାନେ ଡିପୋ ନିକଟରେ ଏକତ୍ରିତ ହୋଇ ହୋହାଲ୍ଲା କରିବା ସହ କ୍ରୁଟ୍ ଦ୍ୱାରା ଟେଣ୍ଡର ନେଇଥିବା ଏଜେନ୍ସି ଏହି ଅବହେଳା କରୁଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଉତ୍ତେଜନା ପରିସ୍ଥିତି ପାଇଁ ତମଣ୍ଡୋ ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଏନେଇ ଜଣେ ଡ୍ରାଇଭର କହିଛନ୍ତି, ପ୍ରତି ମାସରେ ଠିକ୍ ତାରିଖରେ ଦରମା ଆସୁନାହିଁ। ସେହିପରି ଯାତ୍ରୀମାନେ ଟିକେଟ୍ ନ କଲେ ଆମକୁ ଜୋରିମାନା ଦେବାକୁ କୁହାଯାଉଛି। ଏପରିକି ୫ ଟଙ୍କା ଟିକେଟ୍ ପାଇଁ ଆମକୁ ୫ ହଜାର ଜୋରିମାନା ଦଣ୍ଡ ଦିଆଯାଉଛି। ସେହିପରି ଦରମାରୁ ଇପିଏଫ୍ ପାଇଁ ଟଙ୍କା କଟୁଥିବା ବେଳେ ମୋବାଇଲକୁ ମେସେଜ୍ ଆସୁନାହିଁ। ଏକାଧିକ ଥର ଅଭିଯୋଗ ପତ୍ର ଦେବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏବାବଦରେ ଯିଏ ପ୍ରତିବାଦ କରିବାକୁ ସାମ୍ନାକୁ ଆସୁଛି ତା ଡ୍ୟୁଟି ବନ୍ଦ କରିଦିଆଯାଉଛି। ସେହିପରି ଜଣେ ମହିଳା କଣ୍ଡକଟର କହିଛନ୍ତି, ଏଠାରେ ଆମେ ଘରଭଡ଼ା ନେଇ ରହୁଛୁ। କିନ୍ତୁ ଠିକ୍ ସମୟରେ ଦରମା ମିଳୁନଥିବାରୁ ଘର ମାଲିକ ବାରମ୍ବାର ତାଗିଦ କରୁଛନ୍ତି। ଏମିତିକି ପ୍ରତି ମାସରେ ଏଭଳି ସମସ୍ୟା ହେଲେ ଘର ଛାଡ଼ିବାକୁ ମଧ୍ୟ ଧମକ ଦେଉଛନ୍ତି। ଏହାସହ ନିଜର ଇଏମଆଇ(କିସ୍ତି) ଟଙ୍କା ଠିକ୍ ସମୟରେ ଦେଇପାରୁ ନଥିବାରୁ ଫାଇନ୍ ମଧ୍ୟ ଦେବାକୁ ପଡୁଛି। ଏଭଳି ସମସ୍ୟା ପାଇଁ ଏକପ୍ରକାର ମାନସିକ ନିର୍ଯାତନାର ଶିକାର ହେବାକୁ ପଡୁଥିବା ମହିଳା କର୍ମଚାରୀ କହିଛନ୍ତି। ଯେପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇନାହିଁ, ସେପର୍ଯ୍ୟନ୍ତ ଆମେ ନ ଖାଇ ନ ପିଇ ଧାରଣାରେ ବସିବୁ ବୋଲି ଅନ୍ୟ ମର୍କଚାରୀମାନେ ପ୍ରତିକ୍ରିୟା ଦେଇଥିବା ବେଳେ ଧାରଣା ସ୍ଥଳରେ କ୍ରୁଟ ମ୍ୟାନେଜର ପହଞ୍ଚି ଅପରାହ୍ଣ ସୁଧା ସମସ୍ତଙ୍କର ଦରମା ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ



କର୍ମଚାରୀ। ସୂଚନା ଅନୁସାରେ, ଆଜି ନ୍ଧ୍ୟା ସୁଧା ସମସ୍ତ ଗାଇଡ ମାନଙ୍କ ଖାତାକୁ ଦରମା ଆସିଛି। ପ୍ରୋଡେଣ୍ଟ ଫଣ୍ଡ ଜମା ପାଇଁ ସମ୍ପୃକ୍ତ ଏଜେନ୍ସିକୁ କୁହାଯିବା ସହ ବକେୟା ଥିବା ପ୍ରୋଭିଡେଣ୍ଟ ଫଣ୍ଡ ଖୁବଶିଘ୍ର ଜମା କରାଯିବ ଏବଂ ଅନ୍ୟ ଦାବି ଗୁଡ଼ିକ ଉପରେ ସରକାରୀ ନିୟମ ଅନୁସାରେ ବିଚାର କରାଯିବ ବୋଲି କ୍ରୁଟ ମ୍ୟାନେଜର କହିଛନ୍ତି। ତେବେ ଅପରାହ୍ଣ ୩ଟା ବେଳକୁ ସମସ୍ତ ୪୫ଟି ରୁଟ୍ ରେ ୧୧୭ଟି ଆମବସ୍ ଚଳାଚଳ କରିଥିଲା।

# ଘରେ ପଶି ଯୁବତୀଙ୍କୁ ଦୁଷ୍କର୍ମ



■ ବାଲିପାଟଣାରୁ ଧରାପଡ଼ିଲା ଅଭିଯୁକ୍ତ
■ ୩ ମାସର ଗର୍ଭବତୀ ଅଛନ୍ତି ପୀଡ଼ିତା

ଭୁବନେଶ୍ୱର, ୧୮।୫ (ସମିସ): ରାଜଧାନୀରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। କେହି ନ ଥିବାବେଳେ ଘରେ ପଶି ଯୁବତୀଙ୍କୁ ଦୁଷ୍କର୍ମ କରିଛି ପ୍ରେମିକ। ଖାଲି ଦୁଷ୍କର୍ମ ନୁହେଁ, ପୀଡ଼ିତା ଜଣକ ଗର୍ଭବତୀ ହୋଇ ଯାଇଛନ୍ତି। ଖଣ୍ଡଗିରି ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲିପାଟଣା ଥାନା ଗିରିଙ୍ଗୋ ଗାଁର ଗୌର ଭୋଇ ଓରଫ୍ ଲିଙ୍କୁ (୨୧)।

ପୁଲିସ ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ଅଞ୍ଚଳର ଜଣେ ୨୦ ବର୍ଷୀୟା ଯୁବତୀ ବାଲିପାଟଣା ଥାନା ଅଞ୍ଚଳରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ସେଠାରେ ରହିବା ମଧ୍ୟରେ ଲିଙ୍କୁ ସହ ତାଙ୍କର ପରିଚୟ ହେବା ସହ ଉଭୟ ମୋବାଇଲ ନମ୍ବର ଦିଆନିଆ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିବା ସହ ଲିଙ୍କୁ ତାଙ୍କୁ ବିବାହ କରିବ ବୋଲି କହିଥିଲା।

ଦିନେ ପରିବାର ଲୋକେ ବାହାରକୁ ଯାଇଥିବା ବେଳେ ଯୁବତୀ ଜଣକ ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ଲିଙ୍କୁ ତାଙ୍କ ଘରକୁ ଆସିଥିଲା। ରୁମକୁ ପଶିବା ପରେ ହଠାତ୍ ଭିତର ପଟରୁ କବାଟ ବନ୍ଦ କରି ଦେଇଥିଲା। ଯୁବତୀ ଜଣକ କିଛି ବୁଝିବା ଆଗରୁ ଲିଙ୍କୁ ତାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ଯୁବତୀ ଜଣକ ବିରୋଧ କରିଥିଲେ ମଧ୍ୟ ସେ ଶୁଣି ନଥିଲା। ଏହାର କିଛିଦିନ ପରେ ପୀଡ଼ିତା ଗର୍ଭବତୀ ହୋଇ ଯାଇଥିଲେ। ଲିଙ୍କୁକୁ ଏହି ବିଷୟରେ କହିବାରୁ ସେ ବିବାହ କରିବ ନାହିଁ ବୋଲି ମନା କରିଦେଇଥିଲା। ଏଥିସହିତ ଆଉ ଯୋଗାଯୋଗ କରିଲେ ଜୀବନରେ ମାରିଦେବ ବୋଲି ଧମକ ଦେଇଥିଲା। ପୀଡ଼ିତା ଏନେଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ୩ ମାସର ଗର୍ଭବତୀ ଥିବା ଅଭିଯୋଗରେ ଦର୍ଶାଇଥିଲେ। ତାଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ କରି ତଦନ୍ତ କରୁଥିବା ପୁଲିସ ସୋମବାର ବାଲିପାଟଣାରେ ଚଢ଼ଉ କରି ଲିଙ୍କୁକୁ ଗିରଫ କରିଛି।

## ବସ୍ ଡିପୋରେ 'ଆର୍ଟ ଅଫ ଗିଭିଂ'



ନନ୍ଦନକାନନ, ୧୮।୫(ସମିସ): ଆର୍ଟ ଅଫ ଗିଭିଂ ଉପଲକ୍ଷେ ପଟିଆ ଷ୍ଟେସନରୋଡ ବସ ଡିପୋ ନିକଟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ ଇଲେକ୍ଟ୍ରିକାଲ ଇଞ୍ଜିନିଅରିଂ ବିଭାଗର ଆସୋସିଏଟେ ପ୍ରଫେସର ଅଭୟ ବେହେରା ପୌରୋହିତ୍ୟ କରିଥିଲାବେଳେ ପ୍ରଶାନ୍ତ ବେହେରା, ସାମ୍ବାଦିକ ଦୁଷ୍ମନ୍ତ ଜେନା, ସଚ୍ଚିଦାନନ୍ଦ ବିଶ୍ୱାଳ, ଆଲୋକ ଜେନା, ଜ୍ୟୋତିରଞ୍ଜନ ସ୍ୱାଇଁ, ବିଷ୍ଣୁ ଚରଣ ପରିଡ଼ା, ମୁକୁଳ ପଟ୍ଟନାୟକ ଯୋଗଦେଇଥିଲେ।

## ସାଲିଆ ସାହିରେ ଓଜେସିର କର୍ମୀ ସମ୍ମିଳନୀ



ଭୁବନେଶ୍ୱର, ୧୮।୫(ସମିସ): ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦଳର ମୁଖପାତ୍ର ସୋମନାଥ ରାଉତଙ୍କ ନେତୃତ୍ୱରେ ସାଲିଆସାହି ଅଞ୍ଚଳର କର୍ମକର୍ତ୍ତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଆଲୋକ ସାହାଣୀ, ବିନୋଦ ବାରିକ, ରାମକୃଷ୍ଣ ବେହେରା, ବିଜୟ ଦିଗଲ, ରାମଚନ୍ଦ୍ର ନାୟକ, ସନାତନ ମାରାଣ୍ଡି, ଆଶାରାଣୀ ନାୟକ ଓ ଅକ୍ଷୟ ନାୟକ ପ୍ରମୁଖ ଅନେକ କର୍ମକର୍ତ୍ତା ଏହି କର୍ମୀ ସମ୍ମିଳନୀରେ ଭିନ୍ନଭିନ୍ନ ଦଳ ଛାଡି ଓଜେସିରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତା ପ୍ରଧାନ, ପ୍ରଦୀପ ନାୟକ, ମାନସ ଦିଗଲ, ପଦ୍ମନାଭ ଦିଗଲ, ସାଗର ନାୟକ, ମମତା ନାୟକ, ଚନ୍ଦ୍ରକାନ୍ତ ଦିଗଲ, ଦେବାଶିଷ ନାୟକ ଉପସ୍ଥିତ ଥିଲେ।

● ୬୦ ପ୍ରେକ୍ଷାଳୟରେ ମୁକ୍ତିଲାଭ କଲା 'ମେହେରମୁଣ୍ଡା'

## ସିନେମାରେ ୨୬ ଲକ୍ଷ ବୁଣାକାରଙ୍କ ଜୀବନ, ଜୀବିକା

ଭୁବନେଶ୍ୱର, ୧୮।୫(ସମିସ): ପରଦାକୁ ଆସିଲା ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'। ଜିଆର ରେକର୍ଡସ ନିବେଦିତ ଜୀବନ ଜୀବିକା ଓ ସଂଘର୍ଷକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ରରେ ରଙ୍ଗ ଓ ତନ୍ତର ସୁକ୍ଷ୍ମତମ ଆବେଗ ପ୍ରତିଫଳିତ ହୋଇଛି। ରାକେଶ ପାଢ଼ୀଙ୍କ



ଏହି ଚଳଚ୍ଚିତ୍ର ୬୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ସ୍ୱାତିରେ ଏହାର ସ୍ପେଶାଲ ସ୍କ୍ରିନିଂ ହୋଇଥିବା ବେଳେ କେଶରୀ ଏବଂ କଟକର ବୃନ୍ଦାବନ ଟକିଜ୍‌ରେ ପ୍ରିମିୟର ଶୋ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳଚ୍ଚିତ୍ରର କଳାକାର ଟେକ୍ନିସିଆନଙ୍କ ସମେତ ଶତାଧିକ ବୁଣାକାର ଯୋଗ ଦେଇଥିଲେ। ତେବେ ସ୍ପେଶାଲ ସ୍କ୍ରିନିଂ ଓ ପ୍ରିମିୟର ସୋର ଆକର୍ଷଣ ଥିଲା ସାଜସଜାରେ ବିପୁଳ ସମ୍ବଲପୁରୀ ଶାଢୀର ବ୍ୟବହାର, ତନ୍ତ ଓ ଅରଟ ସହିତ ୨୦୦ ବୁଣାକାରଙ୍କ ଉପସ୍ଥିତି। ୨୬ଲକ୍ଷ ବୁଣାକାରଙ୍କ ପ୍ରଯୋଜିତ ତଥା ନିକୁଞ୍ଜ ହୋତାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଜ୍ୟୋତି ରଞ୍ଜନ ନାୟକ ରହିଥିବା ବେଳେ ନାୟିକା ଭାବେ ଅର୍ଲିନ ଅଙ୍କିତା ରହିଛନ୍ତି। ସେହିପରି ଅନ୍ୟ ପ୍ରମୁଖ ଚରିତ୍ରରେ ରାକେଶ କୁମାର ପାଢ଼ୀ, ସୁଶାନ୍ତ ଦାସ ମହାପାତ୍ରଙ୍କ ଅଭିନୟକୁ ଦର୍ଶକମାନେ ମଧ୍ୟ ବେଶ୍ ପ୍ରଶଂସା କରିବା ସହ ସିନେମାରେ ଅମିତ ଯୁବରାଜ ସୂତାରେ ସୂତାରେ ସଙ୍ଗୀତ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବା ଦେଖିବାକୁ ମିଳିଛି। ତେବେ ସିନେମାଟି ସମସ୍ତ ବର୍ଗର ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

# ଫମ୍ପା ମାଠିଆରେ ବିଏମ୍‌ସି ଜଳଛତ୍ର

ଭୁବନେଶ୍ୱର, ୧୮।୫(ସମିସ): ପ୍ରଚଣ୍ଡ ଖରାରୁ ରକ୍ଷା ପାଇବାକୁ ବିଏମ୍‌ସି ପକ୍ଷରୁ ସହରରେ ଗଳିକନ୍ଦିରେ ଜଳଛାତ୍ର ବ୍ୟବସ୍ଥାର ଆୟୋଜନ କରାଯାଇଛି। ଏଥିପାଇଁ ଲୋକଙ୍କ ଟଙ୍କାକୁ ବିଏମ୍‌ସି ପାଣି ଭଳି ଖର୍ଚ୍ଚ କରୁଛି। କହିବାକୁ ଗଲେ ଦୈନିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏହାକୁ କିଭଳି ସୁରୁଖୁରୁରେ କରାଯାଇ ପାରିବ, ପୂର୍ବବର୍ଷ ଯେଉଁଭଳି ଅବହେଳା ହୋଇଥିଲା ସେସବୁକୁ କିଭଳି ରୋକା ଯାଇ ପାରିବ ସେସମ୍ପର୍କରେ ଆରମ୍ଭରୁ ଆଲେଚନା ହେଲା। ଚଳିତବର୍ଷ ଉତ୍ତମ ପରିଚାଳନା କରାଯିବ ବୋଲି ବଡ଼ ବୈଠକ ଡକାଇ ଏହାର ଘୋଷଣା କରାଗଲା। ବିଏମସିର ଅଧିକାଂଶ ଘୋଷଣା ଯେଭଳି ଫମ୍ପା, ଜଳଛତ୍ର ବ୍ୟବସ୍ଥା ବି ସେଭଳି ଫମ୍ପା ହୋଇଯାଇଛି।

ପ୍ରତ୍ୟେକ ୱାର୍ଡରେ ୫ରୁ୬ଟି ଅସ୍ଥାୟୀ ଜଳଛତ୍ର କେନ୍ଦ୍ର ସ୍ଥାପନ ହୋଇଛି। ବାଉଁଶ ବହ୍ଲାରେ ନିର୍ମିତ ଏହି ଅସ୍ଥାୟୀ ଘରରେ ମାଳ ମାଳ ପୋଷ୍ଟର ଆଉ ବ୍ୟାନର। ଆଉ ପ୍ରତ୍ୟେକ ବ୍ୟାନରେ ମାଳ ମାଳ ମାଠିଆର ଚିତ୍ର। ମାଟିର ନିର୍ମିତ ମାଠିଆ ବି ଏହି ଷ୍ଟଲ ଗୁଡ଼ିକରେ ରଖାଯାଇଛି। ଖରା ବେଳେ ଷ୍ଟଲ ଗୁଡ଼କରେ କିଭଳି ଜଳ ବଣ୍ଟନ କରାଯିବ ସେଥିପାଇଁ ଏଠାରେ ଜଣେ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। ଷ୍ଟଲ ଗୁଡ଼ିକରେ ସବୁ ରହିଛି କେବଳ ପାଣି ଆଉ ଲୋକ ରହୁ ନାହାନ୍ତି। ମାଠିଆ ଚିତ୍ର ଦେଖି ଖରାବେଳେ ଧାଇଁ ଆସୁଥିବା ଶୋଷିଲା ଯାତ୍ରୀଙ୍କ ଜଣଙ୍କ ନିରୁତ୍ସାହିତ ହୋଇ ଫେରୁଛି। ପାଣି ନଥିବା ଫମ୍ପା ମାଠିଆ ଦେଖି ବିଏମ୍‌ସିକୁ ବହେ ଗାଳି ଦେଉଛି। ଏମାନେ ସବୁ ଖାଇଯିବେ। ପାଣି ଟୋପେ ବି ଠିକ୍ ଭାବେ ଦେଉ ନାହାନ୍ତି କହି ଚାଲି ଯାଉଛି।

## ଚିତ୍ର ଦେଖାଇ ସୃଷ୍ଟି କରୁଛି ପାଣିର ଭ୍ରମ




ରାଜଧାନୀର ଜୟଦେବ ବିହାର, ରସୁଲଗଡ଼, ନୟାପଲ୍ଲୀ ଭଳି ସ୍ଥାନରେ ଜାତୀୟ ରାଜପଥ ଥିବାରୁ ବହୁ ଲୋକ ଯାତାୟତ କରୁଛନ୍ତି। ହେଲେ ଏହି ସ୍ଥାନରେ ଖରାବେଳେ ପାଣି ଟୋପେ ମିଳୁ ନାହିଁ। ବସ୍ତି ଏବଂ ଅଭ୍ୟନ୍ତରୀଣ ଭୁବନେଶ୍ୱର କଥା କିଏ ପଚାରେ।

ଭୁବନେଶ୍ୱରରେ ସୋମବାର ଅନୁଭୂତ ତାପମାତ୍ର ପ୍ରାୟ ୫୦ ଡିଗ୍ରୀ ଛୁଇଁ ଯାଇଥିଲା। ରାସ୍ତାରେ ଯାତ୍ରୀ ରୌଦତାପ ଆଉ ଜଳକଷ୍ଟରେ ଆଉଟୁ ପାଉଟୁ ହେଉଥିଲେ। ଏଭଳି ଖରାରେ ରାକେଶ ମହାନ୍ତି ନାମକ ଜଣେ ବୃଦ୍ଧ ବିଡ଼ିଏ ଅଫିସ ନିକଟରୁ ଜୟଦେବ ବିହାର ଦେଇ ତାଙ୍କ ଘର କଳିଙ୍ଗ ବିହାରକୁ ଯାଉଥିଲେ। ଶୋଷ ଲାଗିବାରୁ ଜୟଦେବ ବିହର ସ୍ଥିତ ବିଏମ୍‌ସିର ଜଳସେବା କେନ୍ଦ୍ର ନିକଟରେ ପହଁଞ୍ଚି ଯାଇଥିଲେ ପାଣି ପିଇବାକୁ। ମାଳ ମାଳ ମାଠିଆ ଚିତ୍ର ଭିତରେ ରଖାଯାଇଥିବା ଜଳବିହୀନ ଏକ ଫମ୍ପା ମାଠିଆ ତାଙ୍କ ଶୋଷ ମେଣ୍ଟାଇ ପାରି ନଥିଲା। ରାକେଶଙ୍କ ଶୋଷ ମେଣ୍ଟିବ କଣ ଓଲଟା ତାଙ୍କ ରାଗ ବଢ଼ି ଯାଇଥିଲା। ଶେଷରେ ବିଏମ୍‌ସିକୁ ଗାଳି କରି ସେ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ଏହାକୁ ତୁରନ୍ତ ବ୍ୟବସ୍ଥିତ କରିବାକୁ ଦାବି କରାଯାଇଛି।

## ଫୁଡ୍ କୋର୍ଟରେ ଅଗ୍ନିକାଣ୍ଡ; ୪ ଦୋକାନ ଭସ୍ମ



ଭୁବନେଶ୍ୱର, ୧୮।୫(ସମିସ): ଜାଗମରା ଜଗମୋହନନଗରରେ ଥିବା ଫୁଡ୍ କୋର୍ଟରେ ସୋମବାର ଭୋର ୩ଟାରେ ଅଗ୍ନିକାଣ୍ଡ ଘଟି ୪ଟି ଫାଷ୍ଟଫୁଡ୍ ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି। ତମାଣ୍ଡୋ ଅଗ୍ନିଶମ ବାହିନୀର ୨ଟି ଗାଡିରେ ୧୨ କର୍ମଚାରୀ ଘଣ୍ଟାଏ ନିକିମା ହୋଇ ନିଆଁକୁ ଆୟତ୍ତ କରିଛନ୍ତି। ତେବେ ଏହି ଅଗ୍ନିକାଣ୍ଡରେ ପ୍ରାୟ ୫ ଲକ୍ଷରୁ ଅଧିକ ଟଙ୍କାର ସାମଗ୍ରୀ ଜଳିପୋଡି ପାଉଁଶ ହୋଇ ଯାଇଥିବା ଜଣାପଡ଼ିଛି।

ଅଗ୍ନିଶମ ବାହିନୀ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜଗମୋହନନଗରରେ ଥିବା ଅକ୍ଷୟ ମହାପାତ୍ରଙ୍କ ଫୁଡ୍ କୋର୍ଟରେ ଗତକାଲି ରାତି ପ୍ରାୟ ୧୧ଟାରେ ସମସ୍ତ ଦୋକାନ ବନ୍ଦ ହୋଇ ଯାଇଥିଲା। ଦୋକାନୀମାନେ ଘରକୁ ପଳାଇଥିଲେ। ରାତି ପ୍ରାୟ ୩ଟାରେ ହଠାତ୍ ଏକ ଫାଷ୍ଟ?ଫୁଡ୍ ଦୋକାନରେ ନିଆଁ ଲାଗିଥିଲା। ଚାହୁଁଚାହୁଁ ପାଖକୁ ପାଖ ଲାଗିଥିବା ୪ଟି ଦୋକାନ ଜଳିବାକୁ ଲାଗିଥିଲା। ସ୍ଥାନୀୟ ଲୋକେ ଭୋର ପ୍ରାୟ ୪ଟାରେ ଦମ୍‌କଳ ବାହିନୀକୁ ଖବର ଦେଇଥିଲେ। ତମାଣ୍ଡୋ ଅଗ୍ନିଶମ ବାହିନୀର ଗୋଟିଏ ଗାଡି ପ୍ରଥମେ ଯାଇ ନିଆଁ ଲିଭା କାର୍ଯ୍ୟରେ ଲାଗିଥିଲା। ପରେ ଆଉ ଏକ ଗାଡି ପହଞ୍ଚିଥିଲା। ପ୍ରାୟ ଘଣ୍ଟାଏ ପରେ ନିଆଁ ଆୟତ୍ତ ହୋଇଥିଲା। ଦୋକାନମାନଙ୍କରେ ଥିବା ଫ୍ରିଜ୍ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଜଳି ପାଉଁଶ ହୋଇ ଯାଇଥିଲା। ତେବେ ବିଦ୍ୟୁତ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଜଳି ଯାଇଥିବା ସମ୍ପତ୍ତିର ମୂଲ୍ୟ ଆନୁମାନିକ ୫ ଲକ୍ଷ ଟଙ୍କା ହେବ ବୋଲି ଫାୟାର ଅଫିସର ଜ୍ଞାନେନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ଆମ ରାଜଧାନୀ ଆମ ଐତିହ୍ୟ

# ପଞ୍ଚରଥ ଶୈଳୀରେ ନିର୍ମିତ ସୁବର୍ଣ୍ଣଜଳେଶ୍ୱର ମନ୍ଦିର



ଭୁବନେଶ୍ୱର, ୧୮।୫(ସମିସ): ଇତିହାସ ମନେ ପକାଏ ଆମ ଓଡ଼ିଶାର ଐତିହ୍ୟ ଓ ଗୌରବର ଗାଥା। ଯାହାକୁ ଦେଖି ମନେ ପଡ଼ିଯାଏ ଓଡ଼ିଶାର ପୁରାତନ କିର୍ତ୍ତିରାଜି। ସାଇତି ରହିଥିବା ଏହି ଇତିହାସ ହିଁ ଆମକୁ ଜଣାଏ ପୁରାତନ କାଳର ଜୟ ପରାଜୟର ଗାଥା। ଲିପିବଦ୍ଧ ହୋଇଥିବା ଏହି ପୃଷ୍ଠାରୁ ହିଁ ଆଗାମୀ ପିଢି ଜାଣିପାରନ୍ତି ପୁରାତନ ଇତିହାସ ବିଷୟରେ। ଏପରି ଅନେକ ଐତିହ୍ୟ ମନ୍ଦିର ରାଜଧାନୀରେ ଦେଖିବାକୁ ମିଳେ। ସେଥିମଧ୍ୟରୁ ଅନ୍ୟତମ ହେଉଛି ସୁବର୍ଣ୍ଣଜଳେଶ୍ୱର ମନ୍ଦିର। ଯାହାକି ସୋମବଂଶୀ ରାଜାଙ୍କ ସମୟର ବୋଲି ଅନୁମାନ କରାଯାଏ।

ଏହି ମନ୍ଦିରଟି କୋଟିତୀର୍ଥ ଗଳିରେ ଥିବା ଏକ ଶୈବ ପୀଠ। ପଞ୍ଚରଥ ଶୈଳୀରେ ନିର୍ମିତ ଏହି ମନ୍ଦିରର ପ୍ରମୁଖ ଭାଗ ଭଗ୍ନାବଶେଷରୁ ପୁନରୁଦ୍ଧାର କରାଯାଇଛି। ସୁବର୍ଣ୍ଣଜଳେଶ୍ୱର ମନ୍ଦିରରେ ରହିଥିବା କାରୁକାର୍ଯ୍ୟର ବୈଶିଷ୍ଟ୍ୟ ହେଉଛି ଅଙ୍ଗଶିଖର ସମୂହ ଯାହାକି ରାଜାରାଣୀ ମନ୍ଦିରରେ ବହୁଳ ଭାବରେ ଦେଖାଯାଇଥାଏ। ଏହି ମନ୍ଦିରରେ କେବଳ ବିମାନ ସହିତ ପ୍ରବେଶ ସଂଲଗ୍ନ ଏକ ଆବଦ୍ଧ ବାରଣ୍ଡା ରହିଛି। ଏହାର ବିଶେଷ କାରୁକାର୍ଯ୍ୟ ନଥିଲେ ହେଁ ଦ୍ୱାରବନ୍ଧର ଉଭୟପାର୍ଶ୍ୱରେ ମହାଦେବ ଓ ପାର୍ବତୀ ଖୋଦିତ ଚିତ୍ର ଓ ମୂର୍ତ୍ତି ରହିଛି। ଯାହା ନବମରୁ ଦଶମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିବା ଇତିହାସ ପୃଷ୍ଠାରୁ ଜଣାଯାଏ। ଏହା ଏକ ଶୈବ ପୀଠ ହୋଇଥିବାରୁ ଶିବଙ୍କ ପ୍ରମୁଖ ପର୍ବ ଏଠାରେ ପାଳନ କରାଯାଇଥାଏ। ଏକଦା ଏହି ଅଞ୍ଚଳରେ ରହୁଥିବା ସୁନା କାରିଗରମାନଙ୍କ ସହ ମନ୍ଦିରଟି ଜଡିତ ଥିବାରୁ ଏହି ମନ୍ଦିରର ନାମକରଣ ଏପରି ହୋଇଥିବାର ବିଶ୍ୱାସ କରାଯାଏ। ସବୁର୍ଣ୍ଣ ଶବ୍ଦର ଅର୍ଥ ଏଠାରେ ସୁନା। ମନ୍ଦିରର ଗୋଟିଏ ପାର୍ଶ୍ୱରେ ପଥରର ଶିବଲିଙ୍ଗ ଥିବାବେଳେ ଏହାର ଅନ୍ୟ ଏକ ପାର୍ଶ୍ୱରେ ମା ତାରିଣୀଙ୍କୁ ପୂଜା କରାଯାଉଥିବା କୁହାଯାଏ।

### ଏବେ କେମିତି ରହିଛି



ଏହି ମନ୍ଦିରଟିର ରକ୍ଷଣାବେକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ କରୁଛି। ଏହି ମନ୍ଦିରର ପ୍ରମୁଖ ଭାଗ ଭଗ୍ନାବଶେଷରୁ ପୁନରୁଦ୍ଧାର କରାଯାଇଛି। ତେଣୁ ଏହା ବିଶେଷଭାବେ ରକ୍ଷଣାବେକ୍ଷଣ ଆବଶ୍ୟକ କରୁଛି। ମନ୍ଦିରର ବାହାରପାର୍ଶ୍ୱ ଗଛଲତା ମାଡିବା ପରିଲକ୍ଷିତ ହେଉଛି। ପ୍ରାକୃତିକ କାରଣରୁ ଏହାର ରଙ୍ଗ ପରିବର୍ତ୍ତନ ହେବା ସହିତ ଆଖପାଖରେ ଅନାବନା ଗଛ ମଧ୍ୟ ମାଡିଗଲାଣି। ଏହି ମନ୍ଦିର ହେଉଛି ଓଡ଼ିଶାର ଐତିହ୍ୟ ଓ ଗୌରବର ପରିଚୟ। ତେଣୁ ଏହାକୁ ବିଶେଷଭାବେ ରକ୍ଷଣାବେକ୍ଷଣ ଆବଶ୍ୟକ କରୁଛି ବୋଲି ସ୍ଥାନୀୟବାସିନ୍ଦା ମତ ଦେଇଛନ୍ତି।



## ଭୁବନେଶ୍ୱର ସିଟି

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ଘରୋଇ ମସଲା ବ୍ୟବସାୟ

ଭୁବନେଶ୍ୱର, ୧୮।୫(ସମିସ): ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରୀ ବଢ଼ାଇବାକୁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଫର୍ମାଲାଇଜେସନ୍ ଅଫ୍ ମାଇକ୍ରୋ ଫୁଡ୍ ପ୍ରୋସେସିଂ ଏଣ୍ଟରପ୍ରାଇଜେସ୍ ସ୍କିମ୍ (ପିଏମଏଫ୍ଏମଇ) ଅଧୀନରେ ରାଜ୍ୟର ପ୍ରଥମ ଏନଜିଓ ଭାବେ ଡିଆଇସି ଅଭିକ୍ଷା ବ୍ୟାଙ୍କରୁ ଲୋନ୍ ରୋଜଗାରକ୍ଷମ ହୋଇପାରିଛନ୍ତି। ସ୍ଥାନୀୟ ପାଣ୍ଡରା ସ୍ଥିତ କିମ୍ବୀରିଆ ବସ୍ତିର ପ୍ରାୟ ୧୦ ଜଣ

**ହାତ ତିଆରି ମସଲା ପାଇଁ ଜମୁଛି ଭିଡ଼**



ମହିଳା ମସଲା ପ୍ରସ୍ତୁତ କରି ମାସକୁ ପ୍ରାୟ ୬ରୁ ୮ ହଜାର ଟଙ୍କା ରୋଜଗାର କରୁଛନ୍ତି। ସେମାନେ ସ୍ୱାବଲମ୍ବୀ ହେବା ସହ ସ୍ଥାନୀୟ ଲୋକଙ୍କୁ ଘର ତିଆରି ମସଲା ପହଞ୍ଚାଇବାରେ ବେଶ୍ ସୁନାମ ଅର୍ଜନ କରିଛନ୍ତି।

ସୂଚନା ଅନୁସାରେ, ପୂର୍ବରୁ ଏହି ମହିଳାମାନେ ବାବୁ ଘରେ କାମ କରୁଥିବା ବେଳେ ଅନେକ ଗୃହିଣୀ ଅଟନ୍ତି। ପରିବାର ଜଣେ ପୁରୁଷଙ୍କ ରୋଜଗାରକୁ ନିର୍ଭର କରିବା ବଦଳରେ ପରିବାର ଆର୍ଥିକ ବୋଝକୁ ହାଲୁକା କରିବାକୁ ସେମାନେ ଅଣ୍ଟା ଭିଡିଥିଲେ। ସେମାନଙ୍କ ଉତ୍ସାହକୁ ଦେଖି ସ୍ଥାନୀୟ ଅଭିକ୍ଷା ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ମାନସୀ ଶତପଥୀ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହଯୋଗରେ ୮ଲକ୍ଷ ଟଙ୍କାର ଲୋନ୍ ଆଣି ମେସିନ୍ ଏବଂ କଞ୍ଚାମାଲ ଆଦି ଯୋଗାଇ ଦେଇଥିଲେ। ମସଲା ପ୍ରସ୍ତୁତି ପାଇଁ ମହିଳାମାନେ ଟ୍ରେନିଂ ମଧ୍ୟ ନେଇଥିଲେ। ବର୍ତ୍ତମାନ ମହିଳାମାନେ ପ୍ରତିଦିନ ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏ ଟ୍ରଷ୍ଟର କାର୍ଯ୍ୟାଳୟ ପରିସରରେ ସମଲା ପ୍ରସ୍ତୁତ କରୁଛନ୍ତି। ଗହମ ଅଟା, ମାଣ୍ଡିଆ ଅଟା, ବେସନ, ବିଭିନ୍ନ ଡାଲି, ଡାଲିର ପାଉଡର୍ ସମେତ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜୀରା ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଗୁଣ୍ଡ ଆଦି ପ୍ରସ୍ତୁତ କରିବା ସହ ଏହାର ପ୍ୟାକେଟିଂ କରିଥାନ୍ତି। ସେହିପରି ବିଭିନ୍ନ ଗୋଟା ମସଲା ମଧ୍ୟ ଏଠାରେ ଉପଲବ୍ଧ ରହିଛି। ଏହାର ବଜାରୀକରଣ ଦିଗରେ ସ୍ଥାନୀୟ ରିଟେଲର ମାନଙ୍କୁ ସମସ୍ତ ସାମଗ୍ରୀ ଦିଆଯାଇ ବଡ଼ବଡ଼ ସପିଂ ମଲ ଓ ଗ୍ରୋସରୀ ସପ୍‌ରେ ଯୋଗାଇ ଦିଆଯାଉଛି। ଏହାଦ୍ୱାରା ମହିଳାମାନେ ପ୍ରତିମାସରେ ୬ରୁ ୮ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା କହିଛନ୍ତି। ତେବେ ପୂର୍ବରୁ ପରିବାରରେ ଆର୍ଥିକ ସମସ୍ୟା ରହିଥିବା ବେଳେ ମେସାନଙ୍କ ରୋଜଗାର ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥିବା ମହିଳାମାନେ କହିଛନ୍ତି। ରୋଜଗାର କରିବାର ବିଭିନ୍ନ ମାଧ୍ୟମ ରହିଥିବା ବେଳେ ରାଜ୍ୟ ଓ କେନ୍ଦ୍ର ସରକାର ମଧ୍ୟ ଏଥିପାଇଁ ସହଯୋଗ କରୁଥିବାରୁ ସେମାନେ ଖୁସି ବ୍ୟକ୍ତ କରିଛନ୍ତି। ଏଠାରେ ସ୍ଥାନୀୟ ଲୋକମାନେ ମଧ୍ୟ ବିଭିନ୍ନ ହାତ ତିଆରି ସମଲା କିଣିବାକୁ ଆସୁଥିବା ଦେଖିବାକୁ ମିଳିଛି।





ନକ୍ସଲମୁକ୍ତ ଓଡ଼ିଶା ଅବସରରେ ଜଗଦଲପୁରଠାରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା ପୁଲିସ ପୁରସ୍କୃତ

# ନୂଆଦିଲ୍ଲୀରେ ସୋଆକୁ ସିଏସ୍ଆର୍ ସମ୍ମାନ




ଭୁବନେଶ୍ୱର, ୧୮।୫(ସମିସ):ଶିକ୍ଷା ଓ ଅନୁସନ୍ଧାନ (ସୋଆ)କୁ ଇଂରାଜୀ ପତ୍ରିକା 'କମ୍ପିଟିସନ୍ ସକ୍‌ସେସ୍ ରିଭ୍ୟୁ' ପକ୍ଷରୁ ସିଏସ୍ଆର୍ ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଠାରେ ଆୟୋଜିତ ସିଏସ୍ଆର୍ ସମ୍ମାନ ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକଙ୍କୁ 'ସିଏସ୍ଆର୍ ଏମିନେଣ୍ଟ ଫାଉଣ୍ଡିଙ୍ଗ୍ ଡାଇରେକ୍ଟର ଅଫ୍ ଲିଡିଙ୍ଗ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟକୁ 'ସିଏସ୍ଆର୍ ଏକ୍ସିଲେନ୍ସ ଇନ୍ ଏଜୁକେସନ୍' ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)କୁ 'ସିଏସ୍ଆର୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଫର ଏକ୍ସିଲେନ୍ସ ଇନ୍ କ୍ୟାରିୟର ଡେଭଲପମେଣ୍ଟ' ସମ୍ମାନ, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)କୁ 'ସିଏସ୍ଆର୍ ଟପ୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସମ୍ମାନ', ସୋଆର ଫ୍ୟାକଲ୍ଟି ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ସୋଆ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସଏଚ୍ଏମ୍)କୁ 'ସିଏସଆର ଟପ୍ ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତିଙ୍କ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ପ୍ରୀତମ ନାୟକ ସିଏସ୍ଆର୍‌ର ପରିଚାଳନା ନିର୍ଦ୍ଦେଶିକା ବନ୍ଦନା ବଧୱାରଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ସିଏସ୍ଆର୍ ଗ୍ରୁପ୍‌ର ଅଧ୍ୟକ୍ଷ ଏସ୍.କେ. ସଚଦେବ ଉପସ୍ଥିତ ଥିଲେ।

# ଆର୍ଟ ଅଫ ଗିଭିଙ୍ଗର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୮।୫(ସମିସ): ଆର୍ଟ୍ ଅଫ ଗିଭିଙ୍ଗର ୧୩ ତମ ପ୍ରତିଷ୍ଠା ଦିବସ ଅବସରରେ ଆଇଡଲ୍ ଇଣ୍ଡିଆ ଫାଉଣ୍ଡେସନ ଓ ସାମାଜିକ ଅନୁଷ୍ଠାନ ସ୍କାଉଟ ଗାଇଡ ଫେଲୋସିପ, ଜାତୀୟ ଯୁବ ପ୍ରକଳ୍ପ, ହେଲପିଂ ହ୍ୟାଣ୍ଡ, ଗଡ୍, ଜୟ ଭାରତ ଫାଉଣ୍ଡେସନ ପକ୍ଷରୁ ଆର୍ଟ ଅଫ ଗିଭିଙ୍ଗ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇଏଫ୍‌ର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ସଭାରେ ମେୟର ସୁଲୋଚନା ଦାସ, ବିରୂପାକ୍ଷ ତ୍ରିପାଠୀ, ପ୍ରଫେସର ଶଶାଙ୍କ ଚୂଡ଼ାମଣି, ଡ ସୌରେନ୍ଦ୍ର ମହାପାତ୍ର, ପ୍ରବୋଧ ମହାନ୍ତି, କସ୍ତୁରୀ ମହାପାତ୍ର, ରକ୍ଷକ ନାୟକ, ପ୍ରବୀଣ ଅଗ୍ରୱାଲା, ପ୍ରମୁଖ ଯୋଗ ଦେଇଥିଲେ। ଆର୍ଟ ଅଫ ଗିଭିଁଙ୍ଗ ଅନୁଷ୍ଠାନରର ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତ ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି। ଦେବାରେ ମହା ଆନନ୍ଦ, ଏହି ବର୍ଷର ଥିମ୍ ସେୟାର ଟୁ ସାଇନ୍। ଦାନ କରିବା ମହାନ୍ କାର୍ଯ୍ୟ ଦାନ କଲେ ପୁଣ୍ୟ ମିଳେ ଏହି ମହତ୍ କାର୍ଯ୍ୟ ସମ୍ପର୍କରେ ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ ବକ୍ତବ୍ୟରେ କହିଥିଲେ। ୧୧ ଟି ସାମାଜିକ ଅନୁଷ୍ଠାନ ଓ ୨୨ ଜଣ ସମାଜସେବୀଙ୍କୁ ପ୍ରଫେସର୍ (ଡ) ଅଚ୍ୟୁତ ସାମନ୍ତ ସେବା ସମ୍ମାନ -୨୦୨୬ ରେ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ଥିବା ସଫେଇ କର୍ମଚାରୀ ଓ ବୃଦ୍ଧାଶ୍ରମର ଅନ୍ତେବାସୀ ମାନଙ୍କୁ ବସ୍ତ୍ର ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟ କ୍ରମର ଆବାହକ ଡ, ରଘୁନାଥ ମଣ୍ଡଳ ଓ ପ୍ରତାପ ମିଶ୍ର ଉପସ୍ଥିତ ଥିଲେ।

# ଜଳଛତ୍ରରେ ଦହିପଣା ବଣ୍ଟନ



ବାଲିପାଟଣା, ୧୮।୫(ସମିସ): ପ୍ରଚଣ୍ଡ ଖରାରେ ପଥଚାରୀମାନଙ୍କ ଶୋଷ ମେଣ୍ଟାଇବାକୁ ପୂର୍ବାହ୍ଣରେ ବନମାଳୀପୁର, ସରିପୁର ଛକ ଓ ଦୂର୍ଲଭା ଦେବୀ ମନ୍ଦିର ଠାରେ ୩ଟି ଜଳଛତ୍ର କେନ୍ଦ୍ରରେ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସମାଜସେବୀ ସୁବ୍ରତ ମହାନ୍ତିଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି ଜଳଛତ୍ର କେନ୍ଦ୍ର ଗୁଡିକ ଆଗାମୀ ଦିନରେ ଖରା ଦିନ ଶେଷ ପର୍ଯ୍ୟନ୍ତ ଚାଲୁ ରହି ଦହିପଣା ବଣ୍ଟନ କରିବ ବୋଲି ସେ ସୂଚନା ଦେଇଛନ୍ତି। ବନମାଳୀପୁର ଠାରେ ସରପଞ୍ଚ ଲିଲିପ୍ରୀୟା ସାହୁ ଫିତା କାଟି ଜଳ ବଣ୍ଟନ କେନ୍ଦ୍ର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ରମେଶ ଚନ୍ଦ୍ର ସାହୁ, ସୁଶାନ୍ତ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାହ୍ନୁ ଚରଣ ଦାସ ଓ ଅରବିନ୍ଦ ସାହୁ ଉପସ୍ଥିତ ଥିଲେ। ସରିପୁର୍ ଛକ ଠାରେ ପୂର୍ବତନ ସମିତି ସଭ୍ୟ ପ୍ରତାପ କେଶରୀ ନାୟକ, ମାନସ ପଣ୍ଡା, ସତ୍ୟପୀର ସେଠୀ, ବାବୁଲି ରାଉତ, ସତ୍ୟଜିତ୍ ରାୟ, ବସନ୍ତ ଦାଶ, ଅଲେଖ ସାହୁ, ସୁକାନ୍ତ ବେହେରା, ମଙ୍ଗରାଜ ମହାପାତ୍ର, ସୋମନାଥ ବେହେରା ଓ ବାଲକାଟି ଠାରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅମରେନ୍ଦୁ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ସଂଗୋଷ୍ଠୀ ଓ 'ନବ ଉତ୍କଳ ଭାରତୀ' ପତ୍ରିକାର ଲୋକାର୍ପଣ



ଭୁବନେଶ୍ୱର, ୧୮।୫(ସମିସ): ନବୋଦୟ ସାହିତ୍ୟ ସଂସ୍କୃତି ସମିତି ଆୟୋଜିତ ଏକ ଦିବସୀୟ ରାଷ୍ଟ୍ରୀୟ ସଙ୍ଗୋଷ୍ଠୀ ଏବଂ ସମିତିର ମୁଖପତ୍ର 'ନବ ଉତ୍କଳ ଭାରତୀ'ର ପ୍ରଥମାଙ୍କର ଲୋକାର୍ପଣ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଡ. ଚିତ୍ତରଞ୍ଜନ ନାହକଙ୍କ ଦ୍ୱାରା ସଙ୍କଳିତ 'ମାତାଙ୍କ ସ୍ମୃତି' ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସମିତିର ଅଧ୍ୟକ୍ଷ ଡ. ଅବ୍ଦୁଲ ଉସ୍ମାନ ଖାନ ଯୋଗଦେଇ ଉଦ୍ଘାଟନ କରିଥିବା ବେଳେ ସୁଧାଂଶୁ ବାଳା ସାହୁ ଓ ରୀନା ରାଣୀ ପ୍ରଧାନଙ୍କ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟଅତିଥିଙ୍କ ମଧ୍ୟରେ ଡ. ଅଜୟ କୁମାର ପଟ୍ଟନାୟକ, ସୁଦର୍ଶନ ତରାଇ, ନବୀନ ଚନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର ଉତୋରତ୍ତର କାମନା କରିଥିଲେ। ପ୍ରାରମ୍ଭରେ ସମିତିର ସଂରକ୍ଷକ ଓ ହାଓଡ଼ା ହିନ୍ଦୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ଦାମୋଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରି ସମାରୋହର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରତିମା ନଳିନୀ ପତି ପରିଚାଳନା କରିଥିବା ବେଳେ ଉପସଭାପତି ଡ. ଚିତ୍ତରଞ୍ଜନ ନାହକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ସୁଶ୍ରୀ ଅଞ୍ଜଳି ରାଣୀ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଦଶାବତାର ନୃତ୍ୟ ପରିବେଷଣ କରିଥିଲେ। ଡ. ଅଜୟ କୁମାର ପଟ୍ଟନାୟକ ଙ୍କୁ ସାହିତ୍ୟ ଶ୍ରୀ ସମ୍ମାନ, ସୁଦର୍ଶନ ତରାଇଙ୍କୁ ରାଷ୍ଟ୍ରଭାଷା ସେବା ସମ୍ମାନ, ଗଣେଶ ପ୍ରସାଦ ଶର୍ମା ଓ ଡଃ ଦୁଃଶାସନ ଓଝାଙ୍କୁ ସୃଜନ ଶ୍ରୀ ସମ୍ମାନ ଏବଂ ନବୀନ ଚନ୍ଦ୍ର ସିଂହଙ୍କୁ ହିନ୍ଦୀ ଶିକ୍ଷଣ ଶ୍ରୀ ସମ୍ମାନପ୍ରଦାନ କରାଯାଇଥିଲା। ଏହାପରେ ଡ. ସୁଧାଂଶୁ କୁମାର ନାୟକଙ୍କ ଅଧ୍ୟକ୍ଷତାରେ 'ଭାରତୀୟ ଜ୍ଞାନ ପରମ୍ପରା ଓ ହିନ୍ଦୀ-ଓଡ଼ିଆ ସାହିତ୍ୟ' ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଦାମୋଦର ମିଶ୍ର ସମଗ୍ର ସଙ୍ଗୋଷ୍ଠୀ ଓ ପରିଚର୍ଚ୍ଚାର ସଫଳତା ଉପରେ ଆଲୋକପାତ କରିଥିଲେ।

# ଲଣ୍ଡନରେ ଓଡ଼ିଆ ପ୍ରବାସୀ ସମୁଦାୟଙ୍କ ବିଶେଷ ସମାବେଶ

ଭୁବନେଶ୍ୱର, ୧୮।୫(ସମିସ): ଲଣ୍ଡନ ସ୍ଥିତ ଚିଲିକା ରେଷ୍ଟୁରାଣ୍ଟରେ ଓଡ଼ିଶା ପ୍ରବାସୀ ସମୁଦାୟଙ୍କ ଏକ ବିଶେଷ ସମାବେଶ ଓଏସୟୁକେ ସିଆଇସି ଦ୍ୱାରା ଆୟୋଜିତ ହୋଇଛି। ଏଥିରେ ଓଡ଼ିଶାର ପୂର୍ବତନ



କ୍ୟାବିନେଟ୍ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଏବଂ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁକ୍ତରାଜ୍ୟରେ ବସବାସ କରୁଥିବା ୫୦ରୁ ଅଧିକ ଓଡ଼ିଆ ପ୍ରବାସୀ ସଦସ୍ୟ ଯୋଗ ଦେଇଥିଲେ। ଓଡ଼ିଶାର ବିକାଶ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର କଥାକୁ ପହଞ୍ଚାଇବା ପାଇଁ ଓଡ଼ିଆ ସମୁଦାୟର ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଏହି ଅବସରରେ ଆଲୋଚନା ହୋଇଛି। ଦୁଇ ପୂର୍ବତନ ମନ୍ତ୍ରୀ ଓଡ଼ିଶାର ଉନ୍ନୟନ, ଶାସନ ଏବଂ ଭବିଷ୍ୟତ ସୁଯୋଗ ସମ୍ପର୍କରେ ନିଜର ଅନୁଭବ ଏବଂ ଦୃଷ୍ଟିକୋଣ ରଖିଥିଲେ। ଏହି ସମାବେଶକୁ ଆହୁରି ସ୍ମରଣୀୟ କରିବା ନିମିତ୍ତ ଏଥିରେ ଓଡ଼ିଆ ଖାଦ୍ୟ ପରମ୍ପରାର ସମୃଦ୍ଧ ବୈଭବକୁ ଉଜ୍ଜୀବିତ କରିବା ପାଇଁ ଏଥିରେ ଓଡ଼ିଆ ଖାଦ୍ୟ ପରସା ଯାଇଥିଲା। କାର୍ଯ୍ୟକ୍ରମରେ ଓଏସୟୁକେ ସିଆଇସି ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇଥିଲା। ଏଥିସହିତ ବିଶ୍ୱବ୍ୟାପୀ ଓଡ଼ିଆ ସମୁଦାୟ ଏବଂ ଓଡ଼ିଶା ମଧ୍ୟରେ ଅର୍ଥପୂର୍ଣ୍ଣ ସହଯୋଗ ଓ ସାଂସ୍କୃତିକ ସମ୍ପର୍କ ମାଧ୍ୟମରେ ସଂଯୋଗକୁ ଆହୁରି ମଜଭୁତ କରିବା ପାଇଁ ନିଜର ପ୍ରତିବଦ୍ଧତା ପୁନଃନିଶ୍ଚିତ କରିଥିଲା।

# ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରୁଛି ଏଫପିଓ

ଭୁବନେଶ୍ୱର, ୧୮।୫(ସମିସ): ସୁନ୍ଦରଗଡ଼ ଜିଲ୍ଲାର ଲେଫ୍ରିପାରା ବ୍ଲକରେ କୃଷି, ଅଧିକାଂଶ ଗ୍ରାମୀଣ ପରିବାରଙ୍କ ପ୍ରମୁଖ ଜୀବିକା। ଏଠାକାର ଚାଷୀମାନେ ପାରମ୍ପରିକ ଭାବେ ଛୋଟ ଜମିରେ ପନିପରିବା, ବାଜରା ଏବଂ ଡାଲି ପରି ବିଭିନ୍ନ ଫସଲ ଚାଷ କରିଥାନ୍ତି। ୨୦୨୬ ମସିହାରେ 'ଛେଦଲ୍‌ଗାଓ ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ୍' ଗଠନ ହୋଇଥିଲା। ଏକ ଶକ୍ତିଶାଳୀ କୃଷକ-ନେତୃତ୍ୱାଧୀନ ସଂଗଠନର ମୂଳ ଲକ୍ଷ୍ୟ ଥିଲା ଚାଷୀଙ୍କୁ ସାମୂହିକ ଶକ୍ତି ଦ୍ୱାରା ଆର୍ଥିକ ଭାବେ ସଶକ୍ତ କରିବା। ଆରମ୍ଭରେ କେବଳ ୧୦ ଜଣ ସଦସ୍ୟ ଥିବାବେଳେ ବର୍ତ୍ତମାନ ୫୧ଟି ଗ୍ରାମ ମଧ୍ୟରେ ୧, ୦୨୦ ଜଣ ଚାଷୀ ଏହା ସହିତ ଜଡିତ ଅଛନ୍ତି। ସଂଗଠନ ମୂଲ୍ୟ ସଂଯୋଜନ ଉପରେ ବିଶେଷ ଗୁରୁତ୍ୱ ଦେଇ ବାଜରା ପ୍ରକ୍ରିୟାକରଣ ୟୁନିଟ୍, ଡାଲି ଓ ମସଲା ପ୍ରକ୍ରିୟାକରଣ ୟୁନିଟ୍ ସହିତ ବେକରୀ ୟୁନିଟ୍ ସ୍ଥାପନ କରିଛି। କାର୍ଯ୍ୟକାରୀ ସଂସ୍ଥା ଭାବେ ନାବାର୍ଡ ଓ ସିବିବିଓ ଭାବେ ସେୱକ ଚାଷୀମାନଙ୍କୁ ଏକତ୍ରିତ କରିବା, ବ୍ୟବସାୟ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକ୍ଷମ ସଯଯୋଗ ପ୍ରଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏହା ସହିତ ନବକିସାନ ଏବଂ ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନ ସହିତ ମଧ୍ୟ ସଂସ୍ଥାଗତ ସଂଯୋଗ ଗଢ଼ି ଉଠିଛି, ଯାହା ଋଣ ଏବଂ ବ୍ୟବସାୟିକ ଆର୍ଥିକ ସହାୟତା ପ୍ରାପ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଛି। ଓୟୁଏଟି ଦ୍ୱାରା ପରିଚାଳିତ ସେଣ୍ଟର ଅଫ ଏକ୍ସଲେନ୍ସ ମାଧ୍ୟମରେ ବୈଷୟିକ ଏବଂ କ୍ଷମତା-ନିର୍ମାଣ ସହାୟତା ପ୍ରଦାନ କରାଯାଇଛି। ଓୟୁଏଟି ତରଫରୁ ଶ୍ରେଷ୍ଠ ଏଫପିଓ



ପୁରସ୍କାର ଏବଂ କୃଷକମାନଙ୍କ ଜୀବିକାକୁ ସୁଦୃଢ଼ କରିବା ସହିତ ସ୍ଥାୟୀ କୃଷି ବିକାଶକୁ ପ୍ରୋତ୍ସାହନ ଦେବାରେ ସଂଗଠନର ପ୍ରୟାସକୁ ନାବାର୍ଡ ପକ୍ଷରୁ ମଧ୍ୟ ସ୍ୱୀକୃତି ମିଳିଛି।

# 'ପାଇକ ବିଦ୍ରୋହ ସ୍ମାରକୀ' ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା

ଭୁବନେଶ୍ୱର,୧୮।୫(ସମିସ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଖୋର୍ଦ୍ଧା ଜିଲ୍ଲା ବରୁଣେଇ ଠାରେ 'ପାଇକ ବିଦ୍ରୋହ ସ୍ମାରକୀ' ସ୍ଥଳ ପରିଦର୍ଶନ କରିବା ସହ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବ୍ରିଟିଶ ଶାସନ ବିରୁଦ୍ଧରେ ହୋଇଥିବା ଏହି ସଶସ୍ତ୍ର ଗଣବିଦ୍ରୋହ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଏହା ଓଡ଼ିଆ ଜାତିର ସ୍ୱାଭିମାନ, ଅସ୍ମିତା ଓ ଗୌରବର ଏକ ଅନନ୍ୟ ପ୍ରତୀକ। ଏହି ମାଟିର ବୀରମାନଙ୍କ ବଳିଦାନ ସମଗ୍ର ଦେଶକୁ ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରେରିତ କରିଥିଲା। ବରୁଣେଇ ପାହାଡ଼ ପାଦଦେଶରେ ନିର୍ମାଣ ହେଉଥିବା ଏହି ଭବ୍ୟ ସ୍ମାରକୀ ସ୍ଥଳ ଆଗାମୀ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ଜାତିର ବୀରତ୍ୱ ଓ ବିଜୟଗାଥାକୁ ସାରା ବିଶ୍ୱରେ ପ୍ରତିପାଦିତ କରିବ। ଓଡ଼ିଶାର ଅଦମ୍ୟ ସାହସର ମୂକସାକ୍ଷୀ ହୋଇ ରହିବାକୁ

**■ 'ପାଇକ ବିଦ୍ରୋହ' ଓଡ଼ିଆ ଜାତିର ସ୍ୱାଭିମାନର ଅନନ୍ୟ ପ୍ରତୀକ- ଧର୍ମେନ୍ଦ୍ର ପ୍ରଧାନ**

ଥିବା ଏହି ପ୍ରକଳ୍ପ ଆଗାମୀ ଦିନରେ ଆମ ଯୁବପିଢ଼ିଙ୍କୁ ନିଜ ସଂସ୍କୃତି ଓ ଦେଶପ୍ରେମରେ ସର୍ବଦା ଅନୁପ୍ରାଣିତ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଗୌରବମୟ ଇତିହାସକୁ ବିଶ୍ୱ ଦରବାରରେ ସଠିକ୍ ପରିଚୟ ଦେବା ପାଇଁ ସଦାସର୍ବଦା ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ପୁଲିସକୁ 'ଶିଶୁ ସୁରକ୍ଷାର ଆବଶ୍ୟକତା' ତାଲିମ

ଭୁବନେଶ୍ୱର, ୧୮।୫(ସମିସ): ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାର 'ସେଣ୍ଟର ଫର ଚାଇଲ୍ଡ ରାଇଟ୍ସ' ଏବଂ ଓଡ଼ିଶା ପୁଲିସର ମହିଳା ଓ ଶିଶୁ ଅପରାଧ ଶାଖାର ମିଳିତ ଆନୁକୂଲ୍ୟରେ 'ଶିଶୁ ସୁରକ୍ଷାର ଆବଶ୍ୟକତା' ଶୀର୍ଷକ ନେଇ ଏକ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଓଡ଼ିଶା ପୁଲିସରେ କାର୍ଯ୍ୟ କରୁଥିବା ପୁଲିସ କର୍ମଚାରୀ ଏବଂ ମହିଳା ଓ ଶିଶୁ ଅପରାଧ ଶାଖାର ପୁଲିସ ଅଧିକାରୀମାନଙ୍କୁ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନଗତ ନିୟମ ବିଷୟରେ ଅବଗତ କରାଇବା ସହ ସେମାନଙ୍କ ମଧ୍ୟରେ ଏକ ଶିଶୁ-ଅନୁକୂଳ ମନୋଭାବ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଅଟେ। ମେ ୧୮ ଏବଂ ୧୯ ତାରିଖ (ଦୁଇ ଦିନ) ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନ ଭୁବନେଶ୍ୱରର ପୁଲିସ ଭବନସ୍ଥିତ କନଭେନସନ ହଲ୍‌ଠାରେ ହୋଇଥିବା ବେଳେ ଦ୍ୱିତୀୟ ଦିନ ରସୁଲଗଡ଼ ସ୍ଥିତ ସିଏଡବ୍ଲ୍ୟୁଆଣ୍ଡସିଡବ୍ଲ୍ୟୁ ମୁଖ୍ୟାଳୟଠାରେ ଅନୁଷ୍ଠିତ ହେବ। ଏହି ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ପୁଲିସର ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ୍‌ମାନେ ଯୋଗଦେଇ ପ୍ରଶିକ୍ଷଣ ନେଉଥିବା ଅଧିକାରୀମାନଙ୍କୁ ସମ୍ବୋଧିତ ଓ ମାର୍ଗଦର୍ଶନ କରିଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର ପ୍ରଶିକ୍ଷଣ ନେଉଥିବା ଅଧିକାରୀମାନଙ୍କୁ ସମ୍ବୋଧିତ କରି ଥାନାସ୍ତରରେ ଏହାର ସଠିକ୍ ପ୍ରୟୋଗ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେ ନିଜ




ଅଭିଭାଷଣରେ କହିଥିଲେ ଯେ, ଆଜିକାଲି ପିଲାମାନେ ଡିଜିଟାଲ ଦୁନିଆରେ ବହୁତ ମାତ୍ରାରେ ଜଡ଼ିତ ରହୁଛନ୍ତି। ଏହି ପରିପ୍ରେକ୍ଷୀରେ ପିଲାମାନଙ୍କର ଡିଜିଟାଲ ସୁରକ୍ଷା, ସାଇବର ସୁରକ୍ଷା, ସାଇବର ବୁଲିଂର ପ୍ରତିକାର ଏବଂ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ଅନଲାଇନ୍ ଫିଙ୍ଗିଂ ଏବଂ ମନସ୍ତାତ୍ୱିକ ଅବକ୍ଷୟ ରୋକିବା ସହ କୌଣସି କାରଣରୁ ଅପରାଧ ଦିଗକୁ ମୁହାଁଇଥିବା ପିଲାମାନଙ୍କୁ ସୁଧାରି ସେମାନଙ୍କୁ ପୁନର୍ବାର ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ଦିଗରେ ପୋଲିସର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଶାଇନି ଏସ୍, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମହିଳା ଓ ଶିଶୁ ଅପରାଧ ଶାଖା) ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶିଶୁ ସୁରକ୍ଷା ମାମଲାରେ ସର୍ବଦା ଅଧିକ ସମ୍ବେଦନଶୀଳ ଓ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଫେସର ଡଲି ଜବଲ (ଡିନ୍, ଏକାଡେମିକ୍ସ, ଏନ୍ଏଲ୍ୟୁ) ସମସ୍ତ ଅତିଥି ଓ ପୁଲିସ କର୍ମଚାରୀଙ୍କୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ବିରାଜ ସ୍ୱାଇଁ (ନିର୍ଦ୍ଦେଶକ, ସେଣ୍ଟର ଫର ଚାଇଲ୍ଡ ରାଇଟ୍ସ, ଏନ୍ଏଲ୍ୟୁଓ) ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ ଏବଂ ସାମ୍ପ୍ରତିକ ସମାଜରେ ଏହାର ପ୍ରାସଙ୍ଗିକତା ଉପରେ ବିସ୍ତୃତ ଆଲୋଚନା କରିଥିଲେ।

# ୨୭ରେ ୨୯ ତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ

ଭୁବନେଶ୍ୱର, ୧୮।୫(ସମିସ): ରାଜ୍ୟସ୍ତରୀୟ ୨୯ ତମ ଶିଶୁ ମହୋତ୍ସବ (କଳିଙ୍ଗ) ବୁଦ୍ଧ ମନ୍ଦିରଠାରେ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆକର୍ଷଣୀୟ ପ୍ରତିଯୋଗିତା ଆୟୋଜିତ ହେବ। ନର୍ସରୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ବକ୍ତୃତା, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଆୟୋଜନ ହେବ। ଏନେଇ ଆସନ୍ତା ମେ ୧୫ଠାରୁ ଶିଶୁ ମହୋତ୍ସବ କାର୍ଯ୍ୟାଳୟଠାରେ ନାମ ପଞ୍ଜିକରଣ ଆରମ୍ଭ ହୋଇଛି। ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ମଧ୍ୟ ନାମ ପଞ୍ଜୀକରଣ କରିହେବ ବୋଲି ଶିଶୁ ମହୋତ୍ସବ କମିଟି ତରଫରୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରାଯାଇଛି। କୃତୀ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଆୟୋଜକ ସଂଘ ପକ୍ଷରୁ କୁହାଯାଇଛି।

## ଟ୍ରକ୍ ସହ ପିକ୍‌ଅପ୍ ଧକ୍କା; ଚାଳକ ଆହତ

**ପାଣିକୋଇଲି,୧୮।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମହିନ୍ଦ୍ରା ସୋ'ରୁମ ନିକଟରେ ଆଜି ଏକ ଟ୍ରକ୍ ସହ ପିକଅପ ଧକ୍କା ହୋଇଥିବା ବେଳେ ପିକଅପ ଚାଳକ ଅଳ୍ପକେ ବର୍ତ୍ତି ଯାଇଛି। ପ୍ରକାଶଯେ ୧୬ ନମ୍ବର ଜାତୀୟ ରାଜପଥରେ ବଡ଼ବିଲରୁ ଲୁହାପଥର ନେଇ ଏକ ଟ୍ରକ୍ (ଓଡ଼ି୦୫୦୭୩୮୭) ପାରାଦୀପ ଅଭିମୁଖେ ଯାଉଥିବା ବେଳେ ପାଣିକୋଇଲି ମହିନ୍ଦ୍ରା ସୋ'ରୁମ ନିକଟରେ ଏକ ପିକ୍‌ଅପ (ଓଡି ୩୪ଏକ୍ସ ୯୦୫୧) ରଙ୍ଗରୁଟରେ ସମ୍ମୁଖ ଭାଗରୁ ଆସି ଧକ୍କା କରିଥିଲା। ଫଳରେ ଦୁଇଟି ଗାଡ଼ି ଦୁର୍ଘଟଣା ହେବା ସହ ପିକ୍‌ଅପ୍ ଚାଳକ ଯାଜପୁର ଟାଉନ ଅଞ୍ଚଳର ମହମ୍ମଦ ଅଜବୁଲ ଅଲ୍ଲୀ ଆହତ ହୋଇଥିଲେ। ଖବରପାଇ ଘଟଣାସ୍ଥଳେ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ପୁଲିସକୁ ଘଟଣା ଜଣାଇବା ସହ ଆହତ ପିକ୍‌ଅପ୍ ଚାଳକକୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଥାନାଧିକାରୀ ରଞ୍ଜିତ ମହାନ୍ତି ଘଟଣାସ୍ଥଳେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି।

## ବାଇକ୍ ସହ କାର୍ ଧକ୍କା, ୨ ଆହତ

**ପାଣିକୋଇଲି,୧୮।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଶର୍ମା ପେଟ୍ରୋଲ ପମ୍ପ ନିକଟରେ ବାଇକ ସହ କାର୍ ଧକ୍କା ହେବାରୁ ବାଇକ୍ ଚାଳକ ସହ ସହଯାତ୍ରୀ ଆହତ ହୋଇଛନ୍ତି। ପ୍ରକାଶଯେ ବାଲେଶ୍ୱରରୁ କଟକ ଯାଉଥିବା ଏକ କାର୍ ସହ ଗୋଳେଇପୁର ପଞ୍ଚାୟତ ହାଟସାହି ଗ୍ରାମର ବିଜୟ ମଲ୍ଲିକ ଓ ଅଚ୍ୟୁତାନନ୍ଦ ମଲ୍ଲିକଙ୍କର ଧକ୍କା ହୋଇଥିଲା। ଫଳରେ ବିଜୟ ଓ ଅଚ୍ୟୁତାନନ୍ଦ ଆହତ ହୋଇଥିଲେ। ଦୁର୍ଘଟଣା ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ଆହତ ମାନଙ୍କୁ ଚିକିତ୍ସା କରାଇଥିବା ବେଳେ କାରଟି ପଳାଇଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଜାତୀୟ ରାଜପଥରେ ଚାଲିଛି ଚୋରା ତେଲ ବେପାର



**ଧର୍ମଶାଳା,୧୮।୫(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦ୍ୱୀପ ୫୩ନଂ ଜାତୀୟ ରାଜପଥ ବ୍ରହ୍ମପୁର ନିକଟରେ ରାସ୍ତା ପାଶ୍ୱର୍ରେ ଏକ କେବିନ ପକାଇ ଜୈନିକ ବ୍ୟକ୍ତି ପ୍ରତିଦିନ ହଜାର ହଜାର ଲିଟର ପେଟ୍ରୋଲ ଓ ଡିଜେଲ ବିଭିନ୍ନ ଗାଡି ଗୁଡ଼ିକରୁ ଚୋରାରେ କାଢ଼ି ବିକ୍ରି କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ବ୍ୟକ୍ତି ଜଣକ ବ୍ରହ୍ମପୁର ନିକଟସ୍ଥ ୫୩ନଂ. ରାଜପଥ କଡ଼ରେ ଦୀର୍ଘ ଏକମାସ ହେବ ଏକ କେବିନ ପକାଇ ରାଜପଥରେ ଯାତାୟାତ କରୁଥିବା ତେଲ ଟ୍ୟାଙ୍କର ସହ ବିଭିନ୍ନ ଗାଡ଼ି ଗୁଡିକରୁ ଡ୍ରାଇଭରମାନଙ୍କୁ ହାତକରି ଖୋଲାମଖୁଲା ଭାବରେ ଦିନ ଓ ରାତି ନିର୍ଭୟରେ ଚୋରାରେ ପେଟ୍ରୋଲ ଓ ଡିଜେଲ କାଢ଼ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଜାତୀୟ ରାଜପଥର କଣ୍ଟିଗଡ଼ିଆ, ବ୍ରହ୍ମପୁର ଓ ଶ୍ରୀରାମପୁର ଛକ ଗୁଡିକରେ ଗାଡ଼ି ଛିଡା କରି ତେଲ ସଂଗ୍ରହ କରି ସ୍ଥାନୀୟ ଅଞ୍ଚଳର ଟ୍ରାକ୍ଟର ମାଲିକଙ୍କ ସହ ବିଭିନ୍ନ ସ୍ଥାନରେ ତେଲ ବିକ୍ରି ବିକୁଛନ୍ତି। ଏଥିଲାଗି ସେ କିଛି ଲୋକଙ୍କୁ ନିଯୁକ୍ତି ଦେଇ ମୋଟା ଅଙ୍କର ଦରମା ଦେଇ ଏହି ଚୋରା ତେଲ ବେପାର ଚଳାଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଦେଶରେ ତେଲ ଅଭାବ ସମୟରେ ବ୍ୟକ୍ତି ଜଣକ ହଜାର ହଜାର ଲିଟର ଚୋରା ତେଲ ବ୍ୟବସାୟ କରୁଥିବା ସାଧାରଣରେ ଆଲୋଚନା ହେଉଛି। ପୁଲିସ ପ୍ରଶାସନ ତରଫରୁ ପାଟ୍ରୋଲିଂ ଜାରି ରହିଥିବା ବେଳେ ଏପରି ଖୋଲମଖୁଲା ଭାବେ କେବିନ ଓ ରାସ୍ତା ଉପରେ ବଡ଼ବଡ଼ ଡବା ରଖି ବ୍ୟକ୍ତି ଜଣକ କିପରି ଚୋରା ତେଲ ବେପାର କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି। ଏଥିପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଯାଜପୁର ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



କୋରେଇ ବ୍ଲକ ଖରସ୍ରୋତା ନଦୀର ଖଣ୍ଡିତର ନିକଟରେ ଏକ କୁମ୍ଭୀର ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### ଦଶରଥପୁରରେ ବିଜେଡିର ନାରୀ ଅଧିକାର ଅଭିଯାନ

# ମହିଳାମାନେ ନିଜ ସୁରକ୍ଷା ପାଇଁ ତ୍ରାହି ତ୍ରାହି ଡାକିଲେଣି






**ଦଶରଥପୁର,୧୮।୫(ସମିସ):**

ରାଜ୍ୟରେ ଏବେ ମହିଳାମାନେ ନିଜ ସୁରକ୍ଷା ପାଇଁ ତ୍ରାହି ତ୍ରାହି ଡାକିଲେଣି। ଘରେ ଘରେ ମହିଳା ନିଜକୁ ଅସୁରକ୍ଷିତ ମଣିଲେଣି। ପ୍ରତିଦିନ ନାରୀ ହିଂସା, ହତ୍ୟାକାଣ୍ଡ, ଧର୍ଷଣ ଘଟିବାରେ ଲାଗିଛି। ଅପରାଧୀ ସୁରକ୍ଷିତ, ପୀଡ଼ିତ ନିଜକୁ ଅସୁରକ୍ଷିତ ମଣୁଛି। ଏଭଳି ପରିସ୍ଥିତିରେ ଡବଲ ଇଞ୍ଜିନ ସରକାର ମହିଳାଙ୍କ ନାଁରେ ଶସ୍ତା ରାଜନୀତି କରୁଥିବା ଅଭିଯୋଗ କରିଛି ବିଜୁ ଜନତା ଦଳ। ଯାଜପୁର ଜିଲ୍ଲା ଦଶରଥପୁରଠାରେ ଆୟୋଜିତ ମହିଳା ଅଧିକାର ଅଭିଯାନରେ ଯୋଗ ଦେଇ ବିଜେଡି ନେତାମାନେ ଡବଲ ଇଞ୍ଜିନ ସରକାରଙ୍କୁ ସମାଲୋଚନା କରିଥିଲେ। ଜିଲ୍ଲା ସଭାପତି ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ଦଶରଥପୁର ମହିଳା ସଭାନେତ୍ରୀ ରଞ୍ଜିତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ, ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ, ରାଜ୍ୟ ମହିଳା ଉପସଭାପତି ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରମୁଖ ଯୋଗ ଦେଇ ପୂର୍ବରୁ ସଂସଦରେ ୩୩ ପ୍ରତିଶତ ମହିଳା ଆରକ୍ଷଣ ବିଲ୍ ପାସ ହୋଇଥିବା ବେଳେ କେନ୍ଦ୍ର ସରକାର ତାକୁ ଲାଗୁ ନ କରି ପୁଣି ଥରେ ବିଲ୍ ଆଣି ଭେଳିକି କରୁଥିବା ଅଭିଯୋଗ କରିଥିଲେ। ନାରୀ ମାନଙ୍କୁ ଆଗକୁ ଆସିବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଉଦ୍ୟମ ସର୍ବାଗ୍ରେ ରହିବ। ଏହି ବାର୍ତ୍ତା ପ୍ରତି ଘରେ ଘରେ ପହଞ୍ଚାଇବା ପାଇଁ ବିଜେଡି ପକ୍ଷରୁ ଏଭଳି ନାରୀ ଅଧିକାର ଯାତ୍ରା କରାଯାଉଛି ଏବଂ ଡବଲ ଇଞ୍ଜିନ ସରକାରଙ୍କ ଡବଲ ଧୋକ୍କା ବିଷୟରେ ଘରେ ଘରେ ବାର୍ତ୍ତା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦଶରଥପୁର ବ୍ଲକରେ ନାରୀ ଅଧିକାର ଅଭିଯାନ ନେଇ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଓ ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ୩୫ ପଞ୍ଚାୟତରୁ ଆସିଥିବା ଦଳର ହାଜର ହଜାର ସଂଖ୍ୟାରେ ସଂଖ୍ୟାରେ ମହିଳା ସମର୍ଥକ କୁଆଖିଆ-କୟାଁଗୋଲା ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ ଦଶରଥପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖ ପଡିଆରେ ପହଞ୍ଚିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ନିନାରାଣୀ ସାମଲ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରଞ୍ଜିତା ରାଉତ, ବ୍ଲକ ସଭାପତି ଅଜୟ ମହାନ୍ତି ପ୍ରମୁଖ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହେବା ସହିତ ନାରୀ ନିର୍ଯାତନା ନିୟନ୍ତ୍ରଣରେ ସରକାରଙ୍କ ଅସମର୍ଥତା ଓ ସୁଭଦ୍ରା ସହାୟତା ନାଁରେ ମହିଳାଙ୍କୁ ଭଣ୍ଡେଇବା ନେଇ ସରକାରଙ୍କୁ ସମାଲୋଚନା କରିଥିଲେ। ସମାବେଶରେ ମହିଳା ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ବିଜୟଲକ୍ଷ୍ମୀ ଶତପଥୀ, ସସ୍ମିତା ଧଳ, ରଶ୍ମିତା ଦାସ, ରଞ୍ଜିତା ଦାସ, କାଞ୍ଚନବାଳା ପରିଡା, ରାଜଶ୍ରୀ ସାମଲ, ରଞ୍ଜିତା ଯେନା, ସମିତିସଭ୍ୟା ଗାୟତ୍ରୀ ରାଉତଙ୍କ ସମେତ ସରପଞ୍ଚ ହିମାଂଶୁ ନାୟକ, କୁଞ୍ଜବିହାରୀ ଦାସ, ନିରାକାର ସାହୁ, ପ୍ରଦୀପ ଯେନା, ସେକ ନାଦର, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ସନ୍ତୋଷ ରାୟ, ବିଶ୍ୱଜିତ ରାୟ, ଛାମୁଆ ନେତା ମନୋଜ ରାଉତ, ଜ୍ୟୋତିରଞ୍ଜନ ପରିଡା, ଅମୀୟ ଜେନା, ମହେଶ୍ୱର ସାହୁ, ଚନ୍ଦ୍ରକାନ୍ତ ମହାପାତ୍ର, ଲକ୍ଷ୍ମୀନାରାୟଣ ସୁନ୍ଦରାୟ, ପୀତାମ୍ବର ଦାସ, ଅଶୋକ ନାୟକ, ଓଡ଼ିଶାରେ ନାରୀ ନିର୍ଯାତନା ବୃଦ୍ଧିରେ ବ୍ରେକ ଦେବାରେ ସରକାରଙ୍କ ବିଫଳତା ଉପରେ ବର୍ଷିଥିଲେ। ପରେ ସଭା ସ୍ଥଳରୁ ଏକ ଶୋଭାଯାତ୍ରାରେ ବିଧାୟିକା ପ୍ରମିଳା ମଲ୍ଲିକ, ସୁଜାତା ସାହୁ ଓ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀଙ୍କ ନେତୃତ୍ୱରେ ବିଜେଡିର ଏକ ମହିଳା ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନାରୀ ଅଧିକାର ସମ୍ପର୍କିତ ଏକ ଦାବିପତ୍ର ଦଶରଥପୁର ବ୍ଲକର ଏବିଡିଓ ତ୍ରିଲୋଚନ ସେଠୀଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ।

## ପେଟ୍ରୋଲ ଡିଜେଲ ଯୋଗାଣ ସ୍ଥିତି ସମୀକ୍ଷା



**ଯାଜପୁର,୧୮।୫(ସମିସ):** ଜିଲ୍ଲାରେ ପେଟ୍ରୋଲ, ଡିଜେଲ ତୈଳ ଯୋଗାଣର ସମୀକ୍ଷା ପାଇଁ ଏକ ଜିଲ୍ଲାସ୍ତରୀୟ ବିପତ୍ତି ପରିଚାଳନା କମିଟିର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ମାର୍କେଟ ଇନ୍ସପେକ୍ଟର ଏବଂ ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ତୈଳ ଯୋଗାଣର ବର୍ତ୍ତମାନ ସ୍ଥିତି, କେତେ ଷ୍ଟକ୍ ଉପଲବ୍ଧ ରହିଛି, କେତୋଟି ପେଟ୍ରୋଲ ପମ୍ପ ବନ୍ଦ ରହିଛି, ମାସିକ ଆବଶ୍ୟକତା ସମ୍ପର୍କରେ ଜିଲ୍ଲାପାଳ ପଚାରି ବୁଝିଥିଲେ। ରାତି ୮ଟା ପରେ ପେଟ୍ରୋଲ ପମ୍ପ କାହିଁକି ବନ୍ଦ ରହୁଛି ବୋଲି ଜିଲ୍ଲାପାଳ ପ୍ରଶ୍ନ କରିଥିଲେ। ଗତ ମାସରେ ଚାହିଦା ବୃଦ୍ଧି ଯୋଗୁଁ ଯୋଗାଣରେ ବାଧା ଉପୁଜିଥିଲା। ଯାଜପୁର ଏକ ଖଣି ଏବଂ ଶିଳ୍ପ ଅଞ୍ଚଳ ହୋଇଥିବାରୁ ଡିଜେଲ ଚାହିଦା ମଧ୍ୟ ଅଧିକ ରହିଛି। ତୈଳ କମ୍ପାନୀଙ୍କ କହିବା ଅନୁଯାୟୀ ଗତ କିଛି ଦିନ ପେଟ୍ରୋଲ ଯୋଗାଣରେ ଅସୁବିଧା ହେବା ପରେ ଜିଲ୍ଲାରେ ବର୍ତ୍ତମାନ ପେଟ୍ରୋଲ ଯୋଗାଣ ସ୍ଥିତି ସ୍ୱାଭାବିକ ରହିଛି। କିନ୍ତୁ ଡିଜେଲ ଯୋଗାଣରେ ସୁଧାର ଆସିବା ପାଇଁ ଆଉ କିଛି ସମୟ ଲାଗିପାରେ ବୋଲି ସେମାନେ ମତାମତ ରଖିଥିଲେ। ଏହାସହ ଆମ୍ବୁଲାନ୍ସ, ଜରୁରୀକାଳୀନ ଯାନବାହାନଗୁଡିକୁ ପେଟ୍ରୋଲ ଏବଂ ଡିଜେଲ ଦିଆଯାଉଛି ବୋଲି କମ୍ପାନୀ ପ୍ରତିନିଧିମାନେ କହିଥିଲେ। ପ୍ରତ୍ୟେକ ଫିଲିଙ୍ଗ ଷ୍ଟେସନ୍ ଏବଂ ପେଟ୍ରୋଲ ପମ୍ପଗୁଡିକୁ ପରିଦର୍ଶନ କରି ଯାଞ୍ଚ କରିବା ସହ ସ୍ଥିତି ସମୀକ୍ଷା କରିବା ପାଇଁ ମାର୍କେଟ ଇନ୍ସପେକ୍ଟର ଏବଂ ତହସିଲଦାରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଲୋକେ ଯେମିତି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେନେଇ ଜିଲ୍ଲା ପ୍ରଶାସନର ଗୁରୁତ୍ୱ ରହିଛି।

## ରିଲାଏନ୍ସ ମାର୍ଟ କର୍ମଚାରୀଙ୍କ ଆନ୍ଦୋଳନ

**ବ୍ୟାସନଗର,୧୮।୫(ସମିସ):** ଚୋରଦା ସ୍ଥିତ ରିଲିଆନ୍ସ ମାର୍ଟ ଅଧୀନରେ କାର୍ଯ୍ୟ କରୁଥିବା ଭେଣ୍ଡର ଗ୍ରାବ ଇଣ୍ଡିଆ ଦ୍ୱାରା ୮୦ରୁ ଊର୍ଦ୍ଧ୍ୱ ଡେଲିଭରି କର୍ମଚାରୀ ପ୍ୟାକେଟ ପିଛା ୨୭ ଟଙ୍କା ପାଇଆସୁଥିବା ବେଳେ ଗତ ୧୦ ତାରିଖରୁ ଏହାକୁ ଦର ପରିବର୍ତ୍ତନ କରି ୧୫ ଟଙ୍କାକୁ ହ୍ରାସ କରିଥିବାରୁ ଅସନ୍ତୋଷ ଦେଖା ଦେଇଥିଲା। ଏହାକୁ ସମର୍ଥନ କରି ଯାଜପୁର ରୋଡ ଶିଳ୍ପଶ୍ରମିକ ସଂଘର ସଭାପତି ବିଦ୍ୟାଧର ମହାନ୍ତି ଶ୍ରମବିଭାଗ ଓ ସ୍ଥାନୀୟ ପୁଲିସଙ୍କ ଠାରେ ଅଭିଯୋଗ କରି ଆଜି ଶତାଧିକ କର୍ମଚାରୀ ମହଲ ଆଗରେ ପ୍ରତିବାଦ କରିବା ପରେ ଏହାକୁ ନେଇ ଉଚ୍ଚ କର୍ତ୍ତୃପକ୍ଷ ପହଞ୍ଚି ଲିଖିତ ଭାବେ ଅଭିଯୋଗ ଦେଇ ସମସ୍ତେ କର୍ମଚାରୀ କାମରେ ଯୋଗ ଦେବା ସହିତ ପୂର୍ବ ରେଟ ଦେବାକୁ ସହମତ ପ୍ରକାଶ କରିଥିଲେ। ଏହାର ସ୍ଥାୟୀ ସମାଧାନ କରିଥିଲେ। ମିଳିତ ଆଲୋଚନାରେ ଯାଜପୁର ରୋଡ ଆଇଆଇସି ଆଶିଷ କୁମାର ସାହୁ, ସହ- ଶ୍ରମ ଅଧିକାରିଣୀ ସୁଶ୍ରୀ ସଂଗୀତା ସ୍ୱାଇଁ ଓ ଗ୍ରାବଇଣ୍ଡିଆରେ ଏରିଆ ମ୍ୟାନେଜର ରଜନିଶ ତ୍ରିପାଠୀ ଓ ଶ୍ରମିକ ନେତା ବିଜୟ କୁମାର ବାରିକ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ।

## ୬୮ ଜଣ ସ୍ଥାନୀୟ ସଶକ୍ତ କଲା ଟାଟା ଷ୍ଟିଲ୍




**ଦାନଗଦି,୧୮।୫(ସମିସ):** ସାମାଜିକ-ଅର୍ଥନୈତିକ ସଶକ୍ତିକରଣ ପାଇଁ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବିସ୍ଥାପିତ ପରିବାରର ଯୁବକ ଓ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇଛି। କମ୍ପାନୀର ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ (ଟ୍ରେନିଂ) ବିଭାଗ ପକ୍ଷରୁ ବର୍ତ୍ତମାନ ବିସ୍ଥାପିତ ପରିବାରର ୩୦ ଜଣ ଯୁବତୀଙ୍କୁ 'ହାଉସକିପିଂ' ଏବଂ ୧୪ ଜଣ ଯୁବକଙ୍କୁ 'ଗ୍ୟାସ୍ କଟିଂ' କାର୍ଯ୍ୟର ତାଲିମ ପ୍ରଦାନ କରାଯାଉଛି। ଏହା ପୂର୍ବରୁ ତାଲିମ ନେଇଥିବା ୭ ଜଣ ଯୁବକଙ୍କୁ ବର୍ତ୍ତମାନ ପ୍ଲାଣ୍ଟ ସାଇଟ୍‌ରେ 'ଗ୍ୟାସ୍ କଟର' ଭାବେ ନିୟୋଜିତ କରାଯାଇଛି। ସେହିପରି ଆଉ ୧୭ ଜଣ ପ୍ରାର୍ଥୀ ସଫଳତାର ସହ ସ୍କାଫୋଲଡିଂ ତାଲିମ ସମାପ୍ତ କରିଛନ୍ତି ଏବଂ ସେମାନଙ୍କର ଗେଟ୍ ପାସ୍ ଦସ୍ତାବିଜ ପ୍ରକ୍ରିୟା ଚାଲିଥିବାରୁ ଆସନ୍ତା ସପ୍ତାହରେ ସେମାନେ ଆନୁଷ୍ଠାନିକ ଭାବେ କାର୍ଯ୍ୟରେ ଯୋଗ ଦେବେ। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରର ଅନ୍ୟ ୧୭ ଜଣ ଯୁବକ ଟାଟା ଷ୍ଟିଲର ଏକ ସହଯୋଗୀ କମ୍ପାନୀ 'ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍'ରେ ଯୋଗ ଦେଇଛନ୍ତି। ସେମାନେ ଫିଟର, ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ କ୍ଷେତ୍ରରେ ତାଲିମ ଗ୍ରହଣ କରିବା ପରେ ଟାଟା ଷ୍ଟିଲ୍ କଳିଙ୍ଗନଗରରେ ନିଯୁକ୍ତି ପାଇସାରିଛନ୍ତି। ଏହି ସୁଯୋଗ ମାଧ୍ୟମରେ ସମୁଦାୟ ୬୮ ଜଣ ସ୍ଥାନୀୟ ବାସିନ୍ଦା ଦକ୍ଷତା ତାଲିମ ନେଇ ନିଜର ଜୀବିକା ନିର୍ବାହ କରିପାରୁଛନ୍ତି।

## ହିଙ୍ଗୁଳା କମିଟି ଦାୟିତ୍ୱ ନେବାକୁ ନେଇ ଆକ୍ରମଣ

**ପାଣିକୋଇଲି,୧୮।୫(ସମିସ):** ପାଣିକୋଇଲିମା ହିଙ୍ଗୁଳା କମିଟିର ଦାୟିତ୍ୱକୁ ନେଇ ବିବାଦ ଘନେଇବାର ଲାଗିଛି। ରାଜନୈତିକ ପଶାପାଲିରେ ବଳି ପଡିଛନ୍ତି ମା' ହିଙ୍ଗୁଳା କମିଟି। ହିଙ୍ଗୁଳା ପୂଜାରେ ଅତିଥି ମାନଙ୍କୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ହିଙ୍ଗୁଳା କମିଟିର ଦାୟିତ୍ୱ ନେବାକୁ ଅଳତିରି ଗ୍ରାମର ଅଜୟ ମଲ୍ଲିକ କହିଥିଲେ। ଦାୟିତ୍ୱରେ ଥିବା ବ୍ୟକ୍ତି ମାନେ ସମୂହ ଗ୍ରାମବାସୀ ବସିଲେ ଦାୟିତ୍ୱ ଦିଆଯିବ ବୋଲି କହିଥିଲେ। ମାତ୍ର ଅଜୟଙ୍କ ଜାତି ଭାଇମାନେ ତାଙ୍କୁ ସମର୍ଥନ ନ କରିବାରୁ ଅଜୟ ଓ ତାଙ୍କ ସମର୍ଥକ କାର୍ତ୍ତିକ, ଦୀପକ ଓ ପ୍ରଦୀପ ମିଳିତ ଭାବେ ସେମାନଙ୍କୁ ଅଶ୍ରାବ୍ୟ ଗାଳିଗୁଲଜ କରିବା ସହ ମହିଳାଙ୍କୁ ମାଡ଼ ମାରିବା ଓ ଧମକ ଦେବାର ଅଭିଯୋଗ ଥାନାରେ କରାଯାଇଛି। ଅପରପକ୍ଷେ ଅଜୟ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ପୁଲିସ ଉଭୟଙ୍କ ଅଭିଯୋଗକୁ ଭିତ୍ତକରି ତଦନ୍ତ ଜାରି ରଖିଛି।

## ଶ୍ରମିକ ଛଟେଇକୁ ନେଇ ଜଟିଆ ଷ୍ଟିଲରେ ଆନ୍ଦୋଳନ



**ଦାନଗଦି,୧୮।୫(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଜଟିଆ ଷ୍ଟିଲ କାରଖାନାରେ ଶ୍ରମିକ ଛଟେଇକୁ ନେଇ ଆଜି ସକାଳୁ ଆନ୍ଦୋଳନ ଜାରି ରହିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଶ୍ରମିକ ମାନେ କାରଖାନା ଫାଟକ ସମ୍ମୁଖରେ ଧାରଣାରେ ବସିରହିଛନ୍ତି। ସୂଚନା ମୁତାବକ କାରଖାନାର ଠିକାଦାର ମଦନ ମୋହନ ଶର୍ମାଙ୍କ ଅଧୀନରେ ଦୀର୍ଘ ଏକ ବର୍ଷ ଧରି ପ୍ରାୟ ୭୫ ଜଣ ଶ୍ରମିକ କାମ କରି ଆସୁଥିଲେ। ସମ୍ପୃକ୍ତ ଠିକାଦାର ଶ୍ରମିକ ମାନଙ୍କୁ ଦିନକୁ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା ଧରି କାମ କରାଉଥିଲେ। ଏବେ କୌଣସି କାରଣ ନ ଥାଇ ସେମାନଙ୍କ ପିଏଫ୍, ଇଏସ୍ଏଇ ଓ ଫୁଲ ଆଣ୍ଡ ଫାଇନାଲ ଟଙ୍କା ନ ଦେଇ ହଠାତ ଗତକାଲିଠାରୁ କାମ ବନ୍ଦ କରି ଦେଇଛି। ଯାହାଫଳରେ ଆଜି ସମସ୍ତ ଶ୍ରମିକ ମାନେ ଏକତ୍ରିତ ହୋଇ କାରଖାନା ଫାଟକ ସମ୍ମୁଖରେ ଧାରଣାରେ ବସିରହିଛନ୍ତି। ଘଟଣା ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷଙ୍କ ଶହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ୍ ଉଠାଇ ନ ଥିଲେ। ପରେ ଖବର ପାଇ ଯଖପୁରା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ଶହ ଆଲୋଚନା କରିଥିଲେ ମଧ୍ୟ ସେମାନେ ନିଜ ଜିଦରେ ଅଟଳ ଅଛନ୍ତି। ପ୍ରଖର ଉତ୍ତାପ ସତ୍ତ୍ୱେ ଶ୍ରମିକମାନେ ଦିନ ତମାମ କାରଖାନା ଫାଟକ ନିକଟରେ ବସିରହିଛନ୍ତି।

**● ମୃତ୍ୟୁର ୯ ଦିନ ପରେ**

## ମାଟି ତଳୁ ଶିଶୁର ମୃତଦେହ ଉଦ୍ଧାର

**ଧର୍ମଶାଳା,୧୮।୫(ସମିସ):** ଧର୍ମଶାଳା ଥାନା କୋତପୁର ଫାଣ୍ଡି ଅନ୍ତର୍ଗତ କୋତପୁର ପଞ୍ଚାୟତ ଗେହ୍ଲେଇ ଗ୍ରାମରେ ମାଟି ତଳୁ ଏକ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି। ମୃତ୍ୟୁର ୯ ଦିନ ପରେ ହତ୍ୟା ଅଭିଯୋଗ କ୍ରମେ ପୁଲିସ ମାଜିଷ୍ଟ୍ରେଟ ଉପସ୍ଥିତିରେ ଅଢ଼େଇ ବର୍ଷ ଶିଶୁର ମୃତଦେହକୁ ମାଟି ତଳୁ ଖୋଳି ବାହାର କରଛି। ସୂଚନା ଅନୁଯାୟୀ ନଅ ଦିନ ପୂର୍ବରୁ ପରିବାର ଲୋକଙ୍କ ଅଜାଣତରେ ଘର ପାଖ କେଲୁଅ ନଦୀରେ ଛୋଟ ପିଲାଟି ବୁଡ଼ି ଯାଇଥିଲା। ପରିବାର ଲୋକେ ତାକୁ ପାଣିରୁ ଉଦ୍ଧାର କରି ତୁରନ୍ତ ଧର୍ମଶାଳା ମେଡିକାଲକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ଧର୍ମଶାଳା ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ୧୮/୨୬ରୁଜୁ କରାଯାଇଥିଲା। ହେଲେ ପରିବାର ଲୋକେ ଶବ ବ୍ୟବଚ୍ଛେଦ ନିମନ୍ତେ ମନା କରିବାରୁ ପୁଲିସ୍ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିଲା। ପରିବାର ଲୋକେ ଘର ନିକଟ ନଦୀ ପଠାରେ ଶିଶୁଟିକୁ ହିନ୍ଦୁ ରୀତି ନୀତି ଅନୁଯାୟୀ ସମାଧି ଦେଇଥିଲେ। ମୃତ ଶିଶୁର ମାମୁ କୃପାସିନ୍ଧୁ ମହାନ୍ତି ଥାନାରେ ଗତକାଲି ଅଭିଯୋଗ କରିଥିଲେ ଯେ ତାଙ୍କ ଭଣଜାକୁ କେହି ଗାଡ଼ି ବାଡେଇ ମାରି ନଈରେ ଫିଙ୍ଗି ଦେଇ ହତ୍ୟା କରିଛନ୍ତି। ତେଣୁ ତାଙ୍କ ଅଭିଯୋଗ କ୍ରମେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆଜି ପୁଲିସ ମାଟି ଖୋଳି ଶିଶୁର ମୃତଦେହକୁ ବାହାର କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମେଡିକାଲ୍‌କୁ ପଠାଇ ଘଟଣାର ତଦନ୍ତ ଚଳାଇଛି ବୋଲି କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସୂଚନା ଦେଇଛନ୍ତି।

# ୨୦ ଟନ୍ ଗୋରୁ ଚମଡ଼ା ବୋଝେଇ ଟ୍ରକ୍ ଜବତ; ୨ ଗିରଫ

**ବାଲିଚନ୍ଦ୍ରପୁର,୧୮।୫(ସମିସ):**




୨୦ ଟନ୍‌ରୁ ଅଧିକ ଗୋରୁ ଚମଡ଼ା ବୋଝେଇ ଏକ ଟ୍ରକକୁ ବାଲିଚନ୍ଦ୍ରପୁର ପୁଲିସ ଜବତ କରିଛି। ଏଥି ସହିତ ଜବତ ଟ୍ରକ୍‌ର ଡ୍ରାଇଭର ଓ ହେଲପରକୁ ମଧ୍ୟ ପୁଲିସ ଗିରଫ କରିଛି। ତେବେ ଏତେ ଟନର ଗୋରୁ ଚମଡ଼ା ଜବତ ହେବା ଘଟଣା ବାଲିଚନ୍ଦ୍ରପୁର ଥାନାରେ ପ୍ରଥମ ବୋଲି କୁହାଯାଉଛି। ଥାନା ସୂତ୍ରରୁ ପ୍ରକାଶଯେ, ଗତକାଲି ବିଳମ୍ବିତ ରାତିରେ ଏହି ଥାନା ଅନ୍ତର୍ଗତ ଚାରିନଙ୍ଗଳ ଠାରୁ ଏକ ଟ୍ରକ୍ (ଓଡ଼ି୦୯ବି ୭୩୮୭) ୧୬ ନମ୍ବର ଜାତୀୟ ରାଜପଥ ଦେଇ କଲିକତା ଅଭିମୁଖେ ଯାଉଥିଲା। ତେବେ ଏ ସଂକ୍ରାନ୍ତୀୟ ଖବର ପାଇ ବଜରଙ୍ଗ ଦଳର ସଦସ୍ୟମାନେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଏହି ରାଜପଥର ଭାକୁଡ଼ ଛକ ନିକଟରେ ଚମଡ଼ା ବୋଝେଇ ଟ୍ରକଟିକୁ ଅଟକାଇଥିଲେ। ପରେ ଜବତ ଟ୍ରକକୁ ଥାନାକୁ ଆଣି ପୁଲିସ କାଗଜପତ୍ର ଯାଞ୍ଚ କରିଥିଲେ। ତେବେ ଯାଞ୍ଚ ସମୟରେ ଚାରିନଙ୍ଗଳ ଓ ନଳିପୁର ଗ୍ରାମର ଅପ୍ରୋଜ ଖାଁ ଓ ସେକ ୱାଜିଦ ସେମାନଙ୍କୁ ଗୋରୁ ଚମଡ଼ା ବିକ୍ରି କରିଥିବା ପୁଲିସ ଜାଣିବାକୁ ପାଇଥିଲେ। ସେମାନେ ଦେଇଥିବା ଜିଏସ୍‌ଟି ବ୍ରିରେ ଦୁଇ ଜଣ ବିକ୍ରି କରିଥିବା ଉଲ୍ଲେଖ ରହିଥିବା ବେଳେ ସରକାରୀ ଭାବେ ଚାରିନଙ୍ଗଳ କିମ୍ବା ନଳିପୁର ଠାରେ କୌଣସି ଲାଇସେନ୍ସ ପ୍ରାପ୍ତ ଚମଡ଼ା ଗୋଦାମ ନାହିଁ ବୋଲି ପୁଲିସ ସୂଚନା ଦେଇଛି। ତେବେ ୨୦ ଟନର ଗୋରୁ ଚମଡ଼ା ଏଠାରୁ କିପରି ବିକ୍ରି କରାଗଲା ତାହା ପୁଲିସକୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ତେବେ ଏନେଇ ଥାନା କେଶ ନମ୍ବର ୧୭୯/୨୬ରେ ଏକ ମାମଲା ରୁଜୁ କରାଯାଇ ଗିରଫ ଡ୍ରାଇଭର ଭଦ୍ରକ ଜିଲ୍ଲା ବଟସାହି ଅଞ୍ଚଳର ସେକ୍ ସାହିଦ ଓ ଚାନ୍ଦବାଲି ଥାନା ଅନ୍ତର୍ଗତ ମତୋ ପରମାଣିକପୁର ଗ୍ରାମର ହେଲପର ନବାବ ଖାଁଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ଦିଲ୍ଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି। ତେବେ ଆଜି ଦର୍ପଣର ଅତିରିକ୍ତ ତହସିଲଦାର ବିରଜା ରାୟଙ୍କ ଉପସ୍ଥିତିରେ ଟ୍ରକଟିକୁ ଜବତ କରାଯାଇଥିଲା।

ବଲାଙ୍ଗିରରେ ଆରମ୍ଭ ହୋଇନି ରବି ଧାନକିଣା

# ରବିରେ ଖରିଫ୍ ଧାନ ବିକ୍ରି ଆଶଙ୍କା, ଆଗୁଆ ବ୍ୟବସ୍ଥା ଦାବି

- ଏବେବି ଅନେକ ଚାଷୀଙ୍କ ପାଖରେ ଅଛି ଖରିଫ ଧାନ
- ଚଳିତ ରବିରେ ୧୭୩୦୪ ଚାଷୀ ବିକିବେ ଧାନ
- ୧୨୯ ମଣ୍ଡି ବ୍ୟବସ୍ଥା

ବଲାଙ୍ଗିର,୧୮ ।୫(ସମିସ)

ବଲାଙ୍ଗିର ଜିଲ୍ଲାରେ ଚଳିତବର୍ଷ ଆରମ୍ଭ ହୋଇନାହିଁ ରବି ଧାନ କିଣା । ରବି ଧାନକିଣା ପାଇଁ ଚାଷୀ ପଞ୍ଜୀକରଣ ସରିଥିବାବେଳେ ଗତ ଖରିଫ ଭଳି ରବିରେ ମଧ୍ୟ ଧାନକିଣା ବିଳମ୍ବ ହେବାର ସମ୍ଭାବନା ପ୍ରକାଶ ପାଇଛି । ଗୋଟିଏ ପଟେ ଖରିଫରେ ଶତାଧିକ ବଡ଼ଚାଷୀ ସବୁତକ ଧାନ ବିକ୍ରି କରିପାରି ନ ଥିବାବେଳେ ଏପଟେ ଜିଲ୍ଲାରେ ରବି ଧାନ ଅମଳ ଆରମ୍ଭ ହେବାରେ ଲାଗିଛି । ଗତ ଖରିଫରେ ବହୁ ଅନିୟମିତତା ଖବର ସାମ୍ନାକୁ ଆସିଥିବାବେଳେ ରବି ଧାନକିଣା ଉପରେ ସମସ୍ତଙ୍କ ନଜର ରହିଛି । ଗତ ରବିରେ ବହୁ ନକଲି ଚାଷୀ ଧାନ ବିକ୍ରି କରିଥିବା ଅଭିଯୋଗ ହୋଇଥିବାବେଳେ ଚଳିତବର୍ଷ ମଧ୍ୟ ସେହିଭଳି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ତେଣୁ ରବି ଧାନକିଣା ପୂର୍ବରୁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିବା ସହ କେମିତି ଅସଲି ରବି ଚାଷୀ ଧାନ ସହଜରେ ବିକ୍ରି କରିବେ ତାହା ଏବେ ଅଲୋଚନାର ବିଷୟ ପାଲଟିଛି ।

ବଲାଙ୍ଗିର ଜିଲ୍ଲାରେ ଗତ ଖରିଫରେ ଅନେକ ବିଭ୍ରାଟ ସାମ୍ନାକୁ ଆସିଥିଲା । ମିଲରମାନଙ୍କ ପାଖରେ ପୂର୍ବ ଖରିଫ ଓ ରବିର ଧାନ ମହଜୁଦ ଥିବାବେଳେ ବାଧ ବାଧକତା ଭିତରେ ଖରିଫ ସମୟରେ ମିଲରମାନେ ଧାନ ଉଠାଇଥିଲେ । ଗତ ଖରିଫରେ ପ୍ରାୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପ୍ରାୟ ୪୪ ଲକ୍ଷ କ୍ୱିଣ୍ଟାଲ ଧାନ ବିକ୍ରି କରିଥିଲେ । ତଥାପି ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ବଡ଼ଚାଷୀ ଧାନ ବିକିପାରି ନ ଥିବା ଅଭିଯୋଗ କରିଥିଲେ । ଚାଷୀ ପ୍ରତି ସର୍ବାଧିକ ୩ଟି ଟୋକନ ପର୍ଯ୍ୟନ୍ତ ଧାନ ବିକିବାକୁ ଅନୁମତି ଦିଆଯାଇଥିବା ବେଳେ ଗୋଟିଏ ଟୋକନରେ ମାତ୍ର ୭୫ କ୍ୱିଣ୍ଟାଲ ଧାନ ବିକ୍ରି ଅନୁମତି ରହିଥିଲା । ଫଳରେ ଅନେକ ଚାଷୀଙ୍କ ପାଖରେ ବହୁ ପରିମାଣର ଧାନ ଏବେବି ପଡ଼ିରହିଥିବାବେଳେ ଚଳିତବର୍ଷ ରବି ଧାନ କିଣା ମଧ୍ୟ ଆରମ୍ଭ ହୋଇନାହିଁ । ବିଶେଷ କରି ଏହା ମେ' ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଆରମ୍ଭ ହୋଇଯିବା କଥା ହେଲେ ଚଳିତବର୍ଷ ତାହା ୨୫ରେ ହେବ ବୋଲି ଜଣାପଡ଼ିଛି । ଗୋଟିଏ ପଟେ ଚାଷୀମାନେ ଧାନ ଅମଳ ଆରମ୍ଭ କରିଛନ୍ତି । ଅନ୍ୟପଟେ ଦିନେ ଦୁଇ ଦିନ ରେ କାଳବୈଶାଖୀ ଭୟ ରହୁଥିବାରୁ ଯେତେ ଶୀଘ୍ର ଧାନ ବିକ୍ରି ହେବ ଚାଷୀ ଆଶ୍ୱସ୍ତ ହେବ । କିନ୍ତୁ ଧାନକିଣା ବିଳମ୍ବ ଚାଷୀଙ୍କ ଆଶଙ୍କାକୁ ପଦାରେ ପକାଇଛି । ଅନ୍ୟପଟେ ଗତ ଖରିଫରେ ବିକ୍ରି ହୋଇନଥିବା ଧାନ ରବିରେ ବିକ୍ରି କରିବାକୁ ଚାଷୀମାନେ ଉଦ୍ୟମ ଆରମ୍ଭ କରିଛନ୍ତି । ବିଭାଗୀୟ ସୂଚନା ଅନୁସାରେ ଚଳିତ ରବିରେ ସମୁଦାୟ ୧୭ ହଜାର ୩୦୪ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି । ଯେଉଁଥିରେ ୮୭୩୧ ନୂତନ ପଞ୍ଜିକୃତ ଚାଷୀ ରହିଥିବା ବେଳେ ୮୫୭୩ ପୁରୁଣା ଚାଷୀ ରହିଛନ୍ତି । ସେହିପରି ୧୨୯ ମଣ୍ଡି (୧୧୯ ପାକ୍ସ ଓ ୧୦ ଏସଏଚଜି) ରେ ଧାନକିଣା ଯିବା ପାଇଁ ବ୍ୟବସ୍ଥା କରାଯାଇଛି । ତେବେ ଗତ ଖରିଫ ଓ ରବି ଭଳି ଚଳିତ ରବି ଧାନକିଣାରେ ମଧ୍ୟ ଅନିୟମିତତା ଆଶଙ୍କା ରହିଥିବାରୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆଗୁଆ ବ୍ୟବସ୍ଥା କରିବାକୁ ଦାବି ହୋଇଛି । ଅସଲ ଚାଷୀ କେମିତି ନିଜେ ଉପାର୍ଜିତ କରିଥିବା ଧାନକୁ ସୁବିଧାରେ ବିକ୍ରି କରିପାରିବ ତାହା ସୁନିଶ୍ଚିତ କରିବାକୁ ଚାଷୀ ସଙ୍ଗଠନମାନେ ଦାବି କରିଛନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଗାଈ ଗୁହାଳ ଟଙ୍କା ପାଇଁ ବ୍ଲକ୍ ସମ୍ମୁଖରେ ଧାରଣା

କଣ୍ଟାବାଞ୍ଜି,୧୮ ।୫(ସମିସ): ଓଡ଼ିଶା ସରକାର ଗରିବ ଲୋକମାନଙ୍କୁ ସାହାଯ୍ୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ସେହି ଟଙ୍କା ଯାହା ପାଖକୁ ପହଞ୍ଚିବା କଥା ବର୍ଷବର୍ଷ ବିତିଲେ ମଧ୍ୟ ମିଳିପାରିନାହିଁ । ଏପରି ଅଭିଯୋଗ ଆସିଛି ବଙ୍ଗୋମୁଣ୍ଡା ବ୍ଲକରୁ ।




ସୂଚନା ଅନୁଯାୟୀ ବଙ୍ଗୋମୁଣ୍ଡା ବ୍ଲକ୍ ଖଇରା ପଞ୍ଚାୟତ ଲୁକପଡା ଗାଁର ବୃଷବ ମାଝୀ ଗତ ୨୦୨୩/୨୪ ଆର୍ଥିକ ବର୍ଷ ଏକ ଗାଈ ଗୁହାଳ ପାଇଁ ୮୦ ହଜାର ଟଙ୍କା ବ୍ଲକ ତରଫରୁ ୱାର୍କ ଅର୍ଡର ପାଇ ଗୁହାଳ ନିର୍ମାଣ କରିଥିଲେ । ହେଲେ ଗତ ଦୁଇ ବର୍ଷ ବିତି ଯାଇଥିଲେ ସୁଦ୍ଧା ତାଙ୍କ ପ୍ରାପ୍ତ ଟଙ୍କା ଏପର୍ଯ୍ୟନ୍ତ ପାଇନାହାନ୍ତି । ସାହୁକାର ଠାରୁ ସୁଧ ଆଣି ଗୁହାଳ ନିର୍ମାଣ କରିଥିବା କହିଛନ୍ତି । ସରପଞ୍ଚଙ୍କ ଠାରୁ ବିଡିଓଙ୍କୁ ବୃଷବ ମାଝୀ ଗୁହାରି କରିଥିଲେ ମଧ୍ୟ ଫଳ ଶୂନ । ଟଙ୍କା ପାଇବା ପାଇଁ ଆଜି ସେ ବ୍ଲକ୍ ସମ୍ମୁଖରେ ଧାରଣାରେ ବସିଛନ୍ତି । ଯେପର୍ଯ୍ୟନ୍ତ ଟଙ୍କା ପଡ଼ିନାହିଁ ସେ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି କହିଛନ୍ତି ବୃଷବ ମାଝୀ । ତାଙ୍କୁ ସମର୍ଥନ ଜଣାଇ ବିଜେପି ନେତା ଥବିର ବାଗ ମଧ୍ୟ ଧାରଣା ଦେଇଛନ୍ତି ।

## ସୋଲାର ତାର ଚୋରି ଅଭିଯୋଗରେ ୩ ଗିରଫ

ପାଟଣାଗଡ଼,୧୮ ।୫ (ସମିସ): ସୋଲାର ପ୍ଲାଣ୍ଟରୁ ତାର ଚୋରି ଅଭିଯୋଗରେ ପାଟଣାଗଡ଼ ପୁଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପାଟଣାଗଡ଼ ଥାନା ଟିକପାଲିର ଜିତେନ୍ଦ୍ର ମାଝୀ ଓ ଜଗନ୍ନାଥ ମହାକୁଡ଼ ଏବଂ ଉଲବା ଗାଁର ମୌସମ ପଧାନ । ପାଟଣାଗଡ଼ ବ୍ଲକ ଧୂବଲପଡା ଠାରେ ଏକ ସୋଲାର ପ୍ଲାଣ୍ଟ ରହିଛି । ଉକ୍ତ ସୋଲାର ପ୍ଲାଣ୍ଟରୁ ଷ୍ଟୋଲେନ କେବୁଲ ଚୋରି ହୋଇଥିଲା । ଏନେଇ ପ୍ଲାଣ୍ଟର ସିକ୍ୟୁରିଟି ଇନଚାର୍ଜ ରାଜେନ୍ଦ୍ର ପଧାନ ପାଟଣାଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପାଟଣାଗଡ଼ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା । ସୋମବାର ତାର ଚୋରି ଅଭିଯୋଗରେ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥୁବା ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି ।

## ଆର୍ଟ ଅଫ୍ ଗିଭିଙ୍ଗ୍ ଦିବସ ପାଳିତ

ଦେଓଗାଁ,୧୮ ।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଡୁମେରପିଟା, ଆମ୍ବଘାଟ, ରତନପୁର, ବଗଡା, ଗୌରଗୋଠ,ମାଲପଡା, ବୁଦେଲଗୁମା ଆଦି ୮ଟି ଗାଁରେ ଆର୍ଟ ଅଫ୍ ଗିଭିଙ୍ଗ ଦିବସ ପାଳିତ ହୋଇଯାଇଛି । ଡୁମେରପିଟା ପଞ୍ଚାୟତ ମୁଖ୍ୟାଳୟସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଆଦିବାସୀ ସଂଘ ସଭାପତି ସୁରଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ପଟେଲ ଯୋଗଦେଇଥିଲେ । କିସ୍ ଓ କିଟ୍ ସଂସ୍ଥାର ମୁଖ୍ୟ ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆୟୋଜିତ ଆର୍ଟ ଅଫ ଗିଭିଙ୍ଗ ସପ୍ତାହ ପାଳନ ବିଷୟରେ ଅବଗତ କରାଯାଇଥିଲା ।

## ଜିଲ୍ଲାପାଳଙ୍କ ପେଟ୍ରୋଲ ଟାଙ୍କି ଯାଞ୍ଚ

ବଲାଙ୍ଗିର,୧୮ ।୫(ସମିସ): ବଲାଙ୍ଗିର ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ଓ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ସୋମବାର ବେଲପଡ଼ାର ବିଭିନ୍ନ ପେଟ୍ରୋଲ ପମ୍ପରେ ଇନ୍ଧନର ମହଜୁଦ ସ୍ଥିତି ଓ ବିକ୍ରୟ ପ୍ରକ୍ରିୟାର ସରଜମିନ ଯାଞ୍ଚ କରିଛନ୍ତି । ଯାଞ୍ଚ ସମୟରେ ସମସ୍ତ ପେଟ୍ରୋଲ ପମ୍ପରେ ପର୍ଯ୍ୟାପ୍ତ ପରିମାଣର ଇନ୍ଧନ ମହଜୁଦ ରହିଥିବା ଓ ସେଗୁଡ଼ିକ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି । କୌଣସି ପ୍ରକାରର ଇନ୍ଧନ ସଙ୍କଟ କିମ୍ବା ଅଭାବ ନାହିଁ । ଜନସାଧାରଣଙ୍କୁ ଆତଙ୍କିତ ନହେବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି । ଏହି ଯାଞ୍ଚ ସମୟରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପୁଷ୍ପଲତା ଦାସ ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।



## ଅବହେଳିତ ସଇଁତଳା ଗାଁ; ବାଟ ପାଉନି ବିକାଶ

ସଇଁତଳା,୧୮ ।୫(ସମିସ): ସଇଁତଳା ଗାଁରେ ଆଜିବି ମୌଳିକ ସୁବିଧା ଲୋକଙ୍କ ପାଇଁ ସାତସପନ । ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଗାଁରେ ପକ୍କା ରାସ୍ତାର ଅଭାବ ଦେଖାଯାଇଛି । ଯୁଆଡେ ଦେଖିଲେ କାଦୁଅ ପଚପଚ ରାସ୍ତା । ସାଧାରଣ ଲୋକ ନାନା ସମସ୍ୟାର ଭୋଗୁଛନ୍ତି । ବର୍ଷାଦିନେ ପରିସ୍ଥିତି ଦୟନୀୟ ହୋଇପଡୁଛି । ଛାତ୍ରଛାତ୍ରୀମାନେ ସ୍କୁଲକୁ ଯିବା ଏବଂ ରୋଗୀମାନଙ୍କୁ ହସ୍ପିଟାଲକୁ ନେବା ମଧ୍ୟ କଷ୍ଟସାଧ ହେଉଛି । ଅନେକ ସମୟରେ କାଦୁଅ ରାସ୍ତାରେ ଦୁଇଚକିଆ ଓ ଚାରିଚକିଆ ଯାନ, ତଥା ପଥିକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ସମସ୍ୟା ସମ୍ପର୍କରେ ବହୁବାର ପ୍ରଶାସନଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ । ନିର୍ବାଚନ ସମୟରେ ନେତାମାନେ ରାସ୍ତା ନିର୍ମାଣର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ପରେ ସେଥିରେ କାମ ହେଉନାହିଁ ବୋଲି ସେମାନେ କହିଛନ୍ତି । ଗ୍ରାମର ଉନ୍ନତି ପାଇଁ ତୁରନ୍ତ ରାସ୍ତା ନିର୍ମାଣ ସହ ଆବଶ୍ୟକ ମୌଳିକ ସୁବିଧା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



## ଦିନ ଦ୍ୱିପ୍ରହରରେ ସିନ୍ଧି ଚୋରି ଉଦ୍ୟମ

ମୁରିବାହାଲ,୧୮ ।୫(ସମିସ)

ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅଞ୍ଚଳରେ ଆଜି ଦିନ ଦ୍ୱିପ୍ରହରରେ ଏକ ବଡ଼ଧରଣର ଚୋରି ଉଦ୍ୟମ ପଣ୍ଡ ହୋଇଯାଇଛି । ସ୍ଥାନୀୟ ଏକ ମୋବାଇଲ୍ ରିପାରିଂ ଦୋକାନର ପଛପଟ କାନ୍ଥ ତାଡ଼ି ଦୁର୍ବୃତ୍ତମାନେ ଲୁଟ୍ କରିବାକୁ ଚେଷ୍ଟା କରିଥିବାବେଳେ ଏଥିରେ ସେମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ସୌଭାଗ୍ୟବଶତଃ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସାମଗ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଚଣାବାହାଲ ପଞ୍ଚାୟତ କୁମ୍ଭାରୀ ଗ୍ରାମର ଯଜ୍ଞେଶ୍ୱର ଖେତୀ (୩୦) ମୁରିବାହାଲ ରାଧାକୃଷ୍ଣ ଏବଂ ଶିବମନ୍ଦିର ମାର୍କେଟ୍ କମ୍ପ୍ଲେକ୍ସର ଷ୍ଟଲ୍ ନମ୍ବର-୬ ରେ ୨୦୧୭ ମସିହାରୁ "ଜେ.କେ ମୋବାଇଲ୍' ନାମକ ଏକ ମୋବାଇଲ୍ ରିପାରିଂ ଦୋକାନ କରି ଆସୁଛନ୍ତି । ପ୍ରତିଦିନ ଭଳି ରବିବାର ମଧ୍ୟ ସେ ଦୋକାନ ଖୋଲିଥିଲେ ଏବଂ ମଧ୍ୟାହ୍ନ ପ୍ରାୟ ୧ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଖାଇବାକୁ ଯାଇଥିଲେ । ଅପରାହ୍ନ ପ୍ରାୟ ୩ଟା ୨୦ ମିନିଟ୍ ସମୟରେ ଯଜ୍ଞେଶ୍ୱର ପୁନର୍ବାର ଦୋକାନକୁ ଖୋଲିବାକୁ ଆସିଥିବାବେଳେ ଏହି ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଥିଲା । ସେ ଦୋକାନ ଭିତରକୁ ଯାଇ ଦେଖିବାକୁ ପାଇଥିଲେ ଯେ, ପଛପଟ କାନ୍ଥ ଅର୍ଥାତ୍ ମନ୍ଦିର ପ୍ରାଙ୍ଗଣ ପଟୁ କେହି ଦୁର୍ବୃତ୍ତ ଶାବଳ ସାହାଯ୍ୟରେ ଇଟା ଫୋଡ଼ି ଏକ ବଡ଼ ସିନ୍ଧି କାଟିଛନ୍ତି । ଦୁର୍ବୃତ୍ତମାନେ ସେହି ସିନ୍ଧି ଦେଇ ଦୋକାନ ଭିତରକୁ ପଶି ଚୋରି କରିବାକୁ ଉଦ୍ୟମ କରିଥିଲେ ମଧ୍ୟ କୌଣସି କାରଣବଶତଃ ସେମାନେ ସାମଗ୍ରୀ ଲୁଟିବାରେ ସଫଳ ହୋଇପାରି ନଥିଲେ । ଜେ.କେ ମୋବାଇଲ୍ ଦୋକାନରେ ପ୍ରାୟ ୭ ରୁ ୮ ଲକ୍ଷ ଟଙ୍କାର ବିଭିନ୍ନ ମଡେଲର ନୂତନ ମୋବାଇଲ୍ ପାର୍ଟସ, ଗ୍ରାହକମାନଙ୍କର ମରାମତି ପାଇଁ ଥିବା ମୋବାଇଲ୍ ଏବଂ ଅନ୍ୟାନ୍ୟ ଦାମୀ ଯନ୍ତ୍ରାଂଶ ରହିଥିଲା । ମାତ୍ର ଚୋରମାନେ ସେଥିରୁ କିଛି ବି ନେଇପାରି ନାହାନ୍ତି, ସମସ୍ତ ସାମଗ୍ରୀ ସୁରକ୍ଷିତ ରହିଛି । ଏହି ଘଟଣା ସମ୍ପର୍କରେ ଦୋକାନ ମାଲିକ ଯଜ୍ଞେଶ୍ୱର ଖେତୀ ସ୍ଥାନୀୟ ମୁରିବାହାଲ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ମାତ୍ରେ ମୁରିବାହାଲ ପୁଲିସ ତତ୍କାଳ ସକ୍ରିୟ ହୋଇ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି । ଦିନ ଦ୍ୱିପ୍ରହରରେ ଜନଗହଳିପୂର୍ଣ୍ଣ ମନ୍ଦିର ପ୍ରାଙ୍ଗଣ ନିକଟରେ ଏଭଳି ସାହାସିକ ସିନ୍ଧି ଚୋରି ଉଦ୍ୟମ ସ୍ଥାନୀୟ ବ୍ୟବସାୟୀ ସଙ୍ଘ ଓ ସାଧାରଣ ଜନତାଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ଏବଂ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୁଲିସ ଏହି ମାମଲାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବାସହ ସେମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ସୂଚନା ମିଳିଛି ।



## ହରିଶଙ୍କର ମନ୍ଦିର ପରିଚାଳନା ସବ୍‌କମିଟିର ସମୀକ୍ଷା ବୈଠକ



ଖପ୍ରାଖୋଲ,୧୮ ।୫ (ସମିସ): ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ବ୍ଲକ୍ ହରିଶଙ୍କର ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ହରିଶଙ୍କର ମନ୍ଦିର ପରିଚାଳନା ସବ୍‌କମିଟିର ସମୀକ୍ଷା ବୈଠକ କମିଟି ସଭାପତି ବିପ୍ର ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଗତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ସେହିପରି ଆଗାମୀ ଶୀତଳଷଷ୍ଠୀ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ବୈଠକରେ ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ଦେବୋତ୍ତର କମିଟି ସଦସ୍ୟ ଶଶି ପୁଝାରୀ, ଅଭୟ ତ୍ରିପାଠୀ, ପଦ୍ମ କୁମାର ସିଂ ବରିହା, ରୋହିତ ପଟେଲ, ସବ କମିଟି ସଦସ୍ୟ ବଳରାମ ବେହେରା, ସୁଶୀଲ କୁମାର ଗୁରୁ, ଇନ୍ଦ୍ରମଣୀ ସାହୁ, ଟିକେସ୍ୱର ଧରୁଆ, ଶତ୍ରୁଘ୍ନ ନାଏକ, ଗଜ ନାଗ, ଧରମ ସିଂ ଧରୁଆ, ଗୋପାଳ ପାତ୍ର, ମହିନାଥ ସୁନା, ସରୋଜ ମିଶ୍ର, ଜ୍ୟୋତିରଞ୍ଜନ ପଣ୍ଡା, ସନ୍ତୋଷ ପଧାନ, ପଞ୍ଚମ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଶୀତଳଷଷ୍ଠୀ ପାଇଁ ବିଂଝାଲ ସମାଜର କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା ହୋଇଥିଲା ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ବଲାଙ୍ଗିର,୧୮ ।୫(ସମିସ)

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବେଲପଡ଼ା ପଞ୍ଚାୟତ ବୈଠକ ଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ସାଧାରଣ ଲୋକମାନେ ନିଜ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ସିଧାସଳଖ ଭାବରେ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ । ଏଥିରେ ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ଶୁଣିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣାଣି କରି, ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଶିବିରରେ ମୋଟ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିରୁ ୫୨ଟି ବ୍ୟକ୍ତିଗତ ଏବଂ ୨୦ଟି ସାମୂହିକ ଅଭିଯୋଗ ଥିଲା । ସେଥି ମଧ୍ୟରୁ ୯ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା, ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ଶୀଘ୍ର ନିଷ୍ପତ୍ତି ପାଇଁ ସମ୍ପର୍କିତ ବିଭାଗକୁ ପଠାଯାଇଛି । ଏହି ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ, ପୁଷ୍ପାଞ୍ଜଳି ମିଶ୍ର, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ନିବେଦିତା ସ୍ୱାଇଁ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ, ଅତିରିକ୍ତ ଶିକ୍ଷାଧିକାରୀ ପ୍ରବୀର କୁମାର ପଣ୍ଡା, ବେଲପଡା ଗୋଷ୍ଠୀଉନ୍ନୟନ ଅଧିକାରୀ ରାଜେଶ କୁମାର ମେହେର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।




## ଜନଭାଗିଦାରୀ ଅଭିଯାନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ବଲାଙ୍ଗିର,୧୮ ।୫(ସମିସ): ଜନଜାତୀୟ ଗରିମା ଉତ୍ସବ-୨୦୨୬ ଅନ୍ତର୍ଗତ "ଜନ ଭାଗିଦାରୀ ଅଭିଯାନ'ର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ ବେଲପଡ଼ାରେ ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ । ବଲାଙ୍ଗିର ଜିଲ୍ଲାର ୨୫୬ଟି ଅନୁସୂଚିତ ଜନଜାତି ଅଧ୍ୟୁଷିତ 'ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ' ଗ୍ରାମରେ ଜାରି ରହିବ । ଜନଜାତି ସମ୍ପ୍ରଦାୟର ସଶକ୍ତିକରଣ, ଜନଜାତି ଐତିହ୍ୟର ସମୃଦ୍ଧି ଏବଂ ଜନଜାତି ଅଧିକାର ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ପୃକ୍ତ ଗ୍ରାମଗୁଡ଼ିକରେ ସାମୁଦାୟୀକ ଅଂଶଗ୍ରହଣକୁ ବୃଦ୍ଧି କରାଯିବ । ଲୋକମାନଙ୍କ ସମସ୍ୟାଗୁଡ଼ିକୁ ଶୁଣିବା ଏବଂ ସେଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନିଆଯିବ । ସମ୍ପୃକ୍ତ ଗ୍ରାମଗୁଡ଼ିକରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସିକିଲସେଲ, ଯକ୍ଷ୍ମା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ଏହା ସହିତ ଲୋକମାନଙ୍କୁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନ କରାଯାଇ ବିଶେଷତଃ ଜନଜାତି ସମ୍ପ୍ରଦାୟଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରାଯିବ । ଜିଲ୍ଲାପାଳ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି, ସମସ୍ତ ବିଭାଗଙ୍କୁ ସମନ୍ୱୟ ରକ୍ଷା କରି ଏହାକୁ ସଫଳତାର ସହିତ ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ସହିତ ଅନ୍ୟାନ୍ୟ ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆଦ୍ୟାଶକ୍ତି ନାରୀ ସଂଗଠନରେ ମାତୃ ଦିବସ ପାଳିତ



ବଲାଙ୍ଗିର,୧୮ ।୫(ସମିସ): ବଲାଙ୍ଗିରର ସ୍ୱେଚ୍ଛାସେବୀ ନାରୀ ଅନୁଷ୍ଠାନ ଆଦ୍ୟାଶକ୍ତି ନାରୀ ସଂଗଠନ ତରଫରୁ କ୍ଲବପଡ଼ା ସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ଠାରେ ସଭାପତି ମାଳତୀ ଉଦ୍‌ଗାତାଙ୍କ ସଭାପତିତ୍ୱରେ ମାତୃ ଦିବସରେ ନାରୀ ସମାଜର ଉତ୍‌ଥାନ ଏବଂ ନାରୀ ଜାଗରଣରେ ରାଷ୍ଟ୍ରର ବିକାଶ ଉପରେ ଆଲୋଚନା କରାଯାଇଥିଲା । ଏହି ସଭାରେ ଆରତୀ ମିଶ୍ର ଅତିଥି ପରିଚୟ ଏବଂ ସଂପାଦିକା କସ୍ତୁରୀ ରଥ ମାତୃ ଦିବସ ର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ । ସଭାରେ ଯଶୋବନ୍ତୀ ମିଶ୍ର, ମିନତୀ ପାଣିଗ୍ରାହୀ, ନିହାରିକା ମିଶ୍ର, ଶୋଭିନୀ ମହାଲିଙ୍ଗ, ରଶ୍ମୀ ପାତ୍ର, ଚିନ୍ମୟୀ ଉଦ୍‌ଗାତା, ସୌଦାମିନୀ ମିଶ୍ର, ରାଜଶ୍ରୀ ତ୍ରିପାଠୀ, ସଂଯୁକ୍ତା ମିଶ୍ର, ବାସନୀ କାଲସାଏ, ସୁଲୋଚନା ଷାଣ୍ଢେ, କାମିନୀ ମହାର, ଅଞ୍ଜଳି ବେହେରା, ସୁଶାନ୍ତ ବେହେରା ଓ ସଂଯୁକ୍ତା ମିଶ୍ର ଉପସ୍ଥିତ ରହିଥିଲେ । ଆରତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ବଲାଙ୍ଗିରରେ ସୁଧୁରୁନି ସ୍ଥିତି

# ପ୍ରାଶାସନିକ ଅଧିକାରୀଙ୍କ ଆଗରେ ସବୁ ଠିକ୍; ପରେ କଟକଣା

ବଢୁଛି ଖାଉଟି ସାମଗ୍ରୀ ଦର

ବଲାଙ୍ଗିର,୧୮ ।୫(ସମିସ): ବଲାଙ୍ଗିର ଜିଲ୍ଲାରେ ପେଟ୍ରୋଲ, ଡିଜେଲକୁ ନେଇ ଦେଖାଦେଇଛି ଅଭାବ ସ୍ଥିତି । ଗୋଟିଏ ପଟେ ପର୍ଯ୍ୟାପ୍ତ ପରିମାଣର ଇନ୍ଧନ ମହଜୁଦ ଥିବାନେଇ ପ୍ରଶାସନ ଆଶ୍ୱାସନା ଦେଉଛି । ପ୍ରଶାସନିକ ଅଧିକାରୀ ମାନେ ପେଟ୍ରୋଲ ଟାଙ୍କି ବୁଲି ଯାଞ୍ଚ କରୁଛନ୍ତି କିନ୍ତୁ ଅଭାବ ସ୍ଥିତି ନିୟନ୍ତ୍ରଣାଧୀନ ହେଉନଥିବା ଦେଖିବାକୁ ମିଳିଛି । ପ୍ରଶାସନିକ ଅଧିକାରୀଙ୍କୁ ଦେଖିଦେଲେ ପେଟ୍ରୋଲ ଟାଙ୍କି କର୍ମଚାରୀମାନେ ପେଟ୍ରୋଲ, ଡିଜେଲ ଥିବା କହି ଗାଡ଼ିରେ ଦେଉଛନ୍ତି ସତ କିନ୍ତୁ ଯିବା ପରେ ପୁଣି ଡିଜେଲ ଦେବାରେ କଟକଣା ଲଗାଉଥିବା ଦେଖିବାକୁ ମିଳିଛି । ଏଯାବତ ଯାଞ୍ଚ ପରେ ବି କୌଣସି ଟାଙ୍କି ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଫଳରେ ଟାଙ୍କି ମାନଙ୍କରେ ସ୍ୱାଭାବିକ ଭାବେ ତେଲ ମିଳୁନଥିବା ବେଳେ ନିର୍ଦ୍ଦିଷ୍ଟ ପରିମାଣର ଇନ୍ଧନରେ ଏହିଭଳି କଟିବ ବୋଲି ଲୋକେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ବଲାଙ୍ଗିର ଜିଲ୍ଲାରେ ଡିଜେଲ ଓ ପେଟ୍ରୋଲ ଯୋଗାଣରେ ଅଭାବୀ ସ୍ଥିତି ଦେଖିବାକୁ ମିଳିଛି । ଅନେକ ପେଟ୍ରୋଲ ଟାଙ୍କିରେ ବିଶେଷ କରି ଡିଜେଲ ମହଜୁଦ ନଥିବା ଦର୍ଶାଇ ମେସିନ ବନ୍ଦ କରିଦେଇଥିବା ବେଳେ ଆଉ କିଛି ଟାଙ୍କି ମାନଙ୍କରେ ଡିଜେଲ ଥାଇ ମଧ୍ୟ ଜରୁରୀକାଳୀନ ସ୍ଥିତି ପାଇଁ ମହଜୁଦ ଥିବା ଦର୍ଶାଇ ମେସିନ ବନ୍ଦ ପଡ଼ିଥିବା ଅଭିଯୋଗ ହୋଇଛି । ବିଶେଷ କରି ବ୍ୟବସାୟିକ ଗାଡ଼ି ବସ୍, ଟ୍ରକ୍, ଟ୍ରାକ୍ଟର, କାର ପାଇଁ ଡିଜେଲ ମିଳୁ ନଥିବାବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଡିଜେଲ ଅଭାବ ଯୋଗୁ ଅନେକ ଗାଡ଼ି ବନ୍ଦ ପଡ଼ିଥିବାବେଳେ ଏହାର ପ୍ରଭାବ ଖାଉଟି ବଜାର ଉପରେ ମଧ୍ୟ ପଡ଼ିବା ଆରମ୍ଭ ହୋଇଛି । ଗୋଟିଏ ପଟେ ଏହିଭଳି ସ୍ଥିତି ଯୋଗୁଁ ଲୋକଙ୍କ ଦୈନିନ୍ଦିନ ଜୀବନ ପ୍ରଭାବିତ ହେଉଥିବାବେଳେ ଡିଜେଲ ପେଟ୍ରୋଲ ପାଇଁ ଲୋକେ ଚିନ୍ତା ନ କରିବାକୁ ପ୍ରଶାସନ ଆଶ୍ୱସନା ଦେଇଛି । ମାତ୍ର ବାସ୍ତବିକ ଚିତ୍ର ଯଥା ପୂର୍ବଂ ତଥା ପରଂ ରହିଥିବା ଅଭିଯୋଗ ହୋଇଛି । ବଲାଙ୍ଗିର ଜିଲ୍ଲାରେ କିଛି ଦିନ ହେଲା ପ୍ରଶାସନିକ ଅଧିକାରୀ ମାନେ ଅଚାନକ ପେଟ୍ରୋଲ ଟାଙ୍କିକୁ ଯାଇ ପେଟ୍ରୋଲ, ଡିଜେଲର ଷ୍ଟକ ଯାଞ୍ଚ କରିବା ସହ ତେଲ ଦେବାରେ କୌଣସି କଟକଣା ନ କରିବାକୁ ନିର୍ଦ୍ଦେଶ ଦେଉଥିବା ଦେଖିବାକୁ ମିଳିଛି । ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ପ୍ରଶାସନିକ ଅଧିକାରୀ ମାନେ ଟାଙ୍କିରୁ ଚାଲିଆସିଲା ପରେ ପୁଣି ଟାଙ୍କି ମାନଙ୍କରେ କଟକଣା ଲଗାଯାଉଥିବା ଅଭିଯୋଗ ହୋଇଛି ।

ଆଗଲପୁରରେ ଥିବା ପେଟ୍ରୋଲ ଟାଙ୍କିରେ ସ୍ଥାନୀୟଲୋକେ ଓ ଟାଙ୍କି ମାଲିକ ମୁହାଁମୁହିଁ ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା । ଗୋଟିଏ ପଟେ ପ୍ରଶାସନ ଏହି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିପାରି ନ ଥିବାବେଳେ ଅନ୍ୟପଟେ ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଦର ମଧ୍ୟ ବଢିଚାଲିଥିବା ଦେଖିବାକୁ ମିଳିଛି । ବଲାଙ୍ଗିର ବଜାରକୁ ପୂର୍ବଭଳି ଦୈନନ୍ଦିନ ସାମଗ୍ରୀ, ରାସନ, ପରିବା ଗାଡ଼ି ଆସୁ ନ ଥିବାବେଳେ ଉକ୍ତ ଗାଡ଼ି ସଂଖ୍ୟା କମିଛି । ଯାହାଫଳରେ ସାମଗ୍ରୀ ଅଭାବ ଯୋଗୁ ବ୍ୟବସାୟୀ ମାନେ ଦର ବଢାଇ ଗ୍ରାହକମାନଙ୍କୁ ଶୋଷଣ କରିବା ଆରମ୍ଭ କରିଥିବା ଅଭିଯୋଗ ହୋଇଛି । ଏଥିପ୍ରତି ପ୍ରଶାସନିକ ଅଧିକାରୀମାନଙ୍କ କୌଣସି ଦୃଷ୍ଟି ନ ଥିବାବେଳେ ଏହାର ସିଧାସଳଖ ପ୍ରଭାବ ସାଧରଣ ଲୋକଙ୍କ ଜୀବନ ଉପରେ ପଡୁଥିବା ଅଭିଯୋଗ ହୋଇଛି । ତେବେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

# ଡକାୟତି ଯୋଜନା ବେଳେ ୫ ଗିରଫ

ବ୍ରହ୍ମପୁର,୧୮ ।୫(ସମିସ)

ହାଇୱେ ଏବଂ ବାଇପାସ୍ ରୋଡ୍‌ରେ ଡକାୟତି ଓ ରାହାଜାନୀ ଯୋଜନା କରୁଥିବା ଏକ ଗ୍ୟାଙ୍ଗ୍‌ର ୫ ସଦସ୍ୟଙ୍କୁ ବଡ଼ବଜାର ଥାନା ପୁଲିସ ଗିରଫ କରିଛି। ଏହି ଗ୍ୟାଙ୍ଗର ୨ ନାବାଳକରହିଥିଲେ। ଅଭିଯୁକ୍ତ ରୁଦ୍ର ନାରାୟଣ ଗୌଡ଼(୧୯), ଆକାଶ ଭୂୟାଁ (୨୪), ଲକ୍ଷ୍ମଣ ଘଡ଼େଇ (୨୪)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ୨ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ।



ସୂଚନାପ୍ରକାରେ, ସୋମବାର ଭୋର ପ୍ରାୟ ୨ଟା୪୫ ମିନିଟ୍ ସମୟରେ ବଡବଜାର ଥାନା ଅନ୍ତର୍ଗତ ଓମ୍ ନଗର ସ୍ଥିତ ନବନିର୍ମିତ କଲ୍ୟାଣ ମଣ୍ଡପ ନିକଟ ଏକ ନିଛାଟିଆ ସ୍ଥାନରେ କିଛି ଦୁର୍ବୃତ୍ତ ମାରଣାସ୍ତ୍ର ସହ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ପୁଲିସକୁ ଖବର ମିଳିଥିଲା। ଏହାପରେ ଥାନାର ଏକ ସ୍ୱତନ୍ତ୍ର

## ବୋମା, ଲୁହା ପଞ୍ଚ ଓ ଖଣ୍ଡା ଜବତ

ଦଳ ତୁରନ୍ତ ସେହି ସ୍ଥାନରେ ଚଢଉ କରିଥିଲା। ପୁଲିସ ଘଟଣାସ୍ଥଳରୁ ୨ଟି ଧାରୁଆ ଖଣ୍ଡା, ଗୋଟିଏ ଲୁହା ରଡ୍, ଗୋଟିଏ ଲୁହା ପଞ୍ଚ, ୨ଟି ନମ୍ବର ପ୍ଲେଟ୍ ନଥିବା ବାଜାଜ୍ ପଲସର ମୋଟରସାଇକେଲ୍, ୨ଟି ଜୀବନ୍ତ ହାତତିଆରି ବୋମା, ମଦ ବୋତଲ ଏବଂ ଲଙ୍କାଗୁଣ୍ଡ ପ୍ୟାକେଟ୍ ଜବତ କରିଥିଲା। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଅଭ୍ୟାସଗତ ଅପରାଧୀ।

ସେମାନେ ପୂର୍ବରୁ ବ୍ରହ୍ମପୁର ସହରରେ ରାହାଜାନୀ, ଦାଦାବଟି ଆଦାୟ, ଗାଡ଼ି ଚୋରି ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ଜଡ଼ିତ ଅଛନ୍ତି ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଆଗକୁ ମଧ୍ୟ 'ଜିରୋ ଟଲରେନ୍ସ' (ଶୂନ୍ୟ ସହନଶୀଳତା) ନୀତି ଏବଂ ପାଟ୍ରୋଲିଂ ଜାରି ରହିବ ବୋଲି ବ୍ରହ୍ମପୁର ପୁଲିସ ପକ୍ଷରୁ କୁହାଯାଇଛି।

# ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ

ବ୍ରହ୍ମପୁର,୧୮ ।୫(ସମିସ)

ଜଣେ ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରିବା ଅଭିଯୋଗରେ ଗୋପାଳପୁର ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଉକ୍ତ ଥାନା ଅଂଚଳର ଏମ.ଶିବା(୨୩) ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଉକ୍ତ ଥାନା ଅଞ୍ଚଳରେ ରହୁଥିବା ଏମ.ଶିବା ଚଳିତ ବର୍ଷ ଜାନୁଆରୀ ମାସରେ ଜଣେ ନାବାଳିକାକୁ ଅପହରଣ କରି ନେଇ ଯାଇଥିବା ପରିବାର ପକ୍ଷରୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ପ୍ରକାରେ ପୁଲିସ ଏକ ରୁଜୁ କରି ଖୋଜା ଖୋଜି ଆରମ୍ଭ କରିଥିଲା। କୌଣସି ସୂତ୍ରରୁ ଖବର ପାଇଁ ଗୋପାଳପୁର ପୁଲିସ ଏକ ଟିମ ତେଲେଙ୍ଗାନା ରାଜ୍ୟର ୱାରାଙ୍ଗଲ ଜିଲ୍ଲାର ମେଦାରାମ ଗ୍ରାମରୁ ଉଭୟଙ୍କୁ କାବୁ କରି ଥାନାକୁ ଆଣିଥିଲେ । ତଦନ୍ତ ବେଳେ

## ତେଲେଙ୍ଗାନାରୁ ଯୁବକ ଗିରଫ

ଅଭିଯୁକ୍ତ ଶିବା ନାବାଳିକାକୁ ଅପହରଣ ପରେ ଶାରୀରିକ ସମ୍ପର୍କ ରଖିଥିବା ଜାଣିବାକୁ ପାଇଁ ଥିଲା। ଆଜି ନାବାଳିକାର ବୟାନ ରେକର୍ଡ କରି ଅଭିଯୁକ୍ତ ଶିବାକୁ କୋର୍ଟଚାଲାଣ କରାଯାଇଥିବା ବେଳେ ନାବାଳିକାକୁ ବାଳାଶ୍ରମକୁ ପଠାଯାଇଥିବା ପୁଲିସ କହିଛି।

# ନାବାଳିକାଙ୍କୁ ଅସଦଚାରଣ; ବୃଦ୍ଧଙ୍କୁ ୩ ବର୍ଷ ଜେଲ୍

ବ୍ରହ୍ମପୁର, ୧୮ ।୫ (ସମିସ): ଜଣେ ନାବାଳିକାଙ୍କୁ ଅସଦାଚାରଣ ମାମଲାରେ ଜଣେ ୬୨ବର୍ଷୀୟ ବୃଦ୍ଧଙ୍କୁ ୩ବର୍ଷ ଜେଲ ଦଣ୍ଡ ହୋଇଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ସୋରଡା ଥାନା ଅଞ୍ଚଳର ବିଜୟ କୁମାର ସାହୁ। ତାଙ୍କୁ ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜୋରିମାନା ଅନାଦେୟ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଫାଷ୍ଟଟ୍ରାମ ପୋକେସା ଅଦାଲତର ଜଜ ରୋହିତ ଲାଲ ପଣ୍ଡା ନିଜ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପିଡିତା ନାବାଳିକାଙ୍କୁ ୧ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୮ ମେ ୧୪ ତାରିଖରେ ସୋରଡା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକା ନଳକୂପକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ବିଜୟ ନାବାଳିକାଙ୍କୁ ଏକୁଟିଆ ପାଇ ଅସଦାଚାରଣ କରିଥିଲା। ଘଟଣାକୁ ନେଇ ନାବାଳିକା ଜଣଙ୍କ ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଜୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାରଣ ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଦାଲତର ଜଜ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ. ଶିବପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ।

# ବ୍ରହ୍ମପୁରରେ ପାଳନ ହେଲା ଆର୍ଟ ଅଫ ଗିଭିଂ

ବ୍ରହ୍ମପୁର,୧୮ ।୫(ସମିସ)

ସରକାରୀ ଶିଳ୍ପ ତାଲିମ୍ କେନ୍ଦ୍ରର ପ୍ରେକ୍ଷାଳୟରେ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଯାଇଛି। କଳିଙ୍ଗ ଟିଭିର ଦକ୍ଷିଣ ଓଡ଼ିଶା ମୁଖ୍ୟ ପ୍ରକାଶ ପଟ୍ଟନାୟକ ଓ କିସର ଡ. ସୀମାଞ୍ଚଳ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମନ୍ମଥ ପାଢ଼ୀ, ଗଛର ମଣିଷ ସୁବାଷ ମହାରଣା, ସଂସ୍କୃତି ପ୍ରେମୀ ଜାମିନିକାନ୍ତ ଦାଶ, ସମାଜସେବୀ



ତଥା ବିଜେପି ନେତା କାହ୍ନୁଚରଣ ପତି ଯୋଗଦାନ କରିଥିଲେ। ଅତିଥି ମାନେ ଡ. ଅଚ୍ୟୁତ ସାମନ୍ତଙ୍କର ସମାଜ ପାଇଁ ଏପରି ମାର୍ଗଦର୍ଶନକୁ ଭୂୟସୀ ପ୍ରଶଂସା କରିବା ସହ ଆର୍ଟ ଅଫ ଗିଭିଂର ଏହି ବିଚାର ଧାରାକୁ ଆହୁରି ଅଧିକରୁ ଅଧିକ ଲୋକଙ୍କ ନିକଟକୁ ପହଞ୍ଚାଇବା ପାଇଁ ଅତିଥି ମାନେ ଆହ୍ୱାନ ଦେଇଥିଲେ। ଏହିକ୍ରମରେ ସମାଜସେବୀ ଦେବାଶିଷ ମିଶ୍ର, ଏସ. ଅଜିତ ପାତ୍ର, ଉଷା ରାଣୀ ମହାପାତ୍ର, କାହ୍ନୁଚରଣ ବେହେରା ପ୍ରମୁଖଙ୍କୁ ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୁନି କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥଲା। କିସର ଛାୟା କାନ୍ତ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଅଶୋକ କୁମାର ମିଶ୍ର, ଶ୍ରୀକାନ୍ତ କୁମାର ମିଶ୍ର, ଭଗବାନ ମଲ୍ଲିକ, ଶିବ ପ୍ରସାଦ ପାଢ଼ୀ, ଦିଲ୍ଲୀପ କୁମାର ଆଚାର୍ଯ୍ୟ, ବିଜୟ ପାତ୍ର ଓ ସୁଶାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଅଁଳା ଗୁଣ ଜ୍ଞାନ ଓ ସ୍ୱାସ୍ଥ୍ୟ ଶିବିର



ବ୍ରହ୍ମପୁର,୧୮ ।୫(ସମିସ): ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନରେ ଅଁଳା ଗୁଣ ଜ୍ଞାନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଯୋଗଦେଇ ଅଁଳା ମଁଳା ଅମୃତ ସର୍ବ ଋତୁରେ ଔଷଧି ରୂପେ ବ୍ୟବହାରକୁ ନେଇ ଲୋକଙ୍କୁ ସଚେତନତା କରିଥିଲେ। ଗ୍ରୀଷ୍ମ ଋତୁରେ ଏହା ଆବଶ୍ୟକ ସହ ରସ, ଚୂର୍ଣ୍ଣ ବ୍ୟବହାର କଲେ ଅଂଶୁଘାତ, ତୃଷା, ଅଜୀର୍ଣ୍ଣ, ଅମ୍ଳପିତ୍ତ, ରକ୍ତପିତ୍ତ,ଦନ୍ତ, ନାସାରୁ ରକ୍ତପଡ଼ିବା, ଶ୍ୱାସ, ଯକ୍ଷ୍ମା, ପ୍ରମେହ, ପରିସ୍ରା ଜ୍ୱାଳା, ଦୁର୍ବଳତା, ଚକ୍ଷୁ ଓ କେଶ ରୋଗ ଭଲ ହୁଏ ବୋଲି କହିଥିଲେ। ଏ ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ। ଡି. ଶ୍ରୀନିବାସ ରାଓ ଶିବିରର ପରିଚାଳନାରେ ସହଯୋଗ କରିଥିଲେ।

# ଅଟୋ ଚାଳକଙ୍କୁ ଆକ୍ରମଣ ଓ ଲୁଟ; ୨ ଗିରଫ

ବ୍ରହ୍ମପୁର,୧୮ ।୫(ସମିସ): ଜଣେ ଅଟୋ ଚାଳକଙ୍କୁ ଆକମଣ ଓ ଲୁଟ ମାମଲାରେ ଗୋଷାଣୀନୂଆଗାଁ ଥାନା ପୁଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିଶାଳ ଶର୍ମା(୧୯) ଓ ସନ୍ତୋଷ ରଣା(୨୦)। ସୂଚନାପ୍ରକାରେ, ଆଙ୍କୁଲି ଲକ୍ଷ୍ମୀନାରାୟଣ ନଗରର ପ୍ରମୋଦ କୁମାର ସେଠୀ ଗତକାଲି ଉତ୍ତରେଶ୍ୱର ମନ୍ଦିର ନିକଟକୁ କିଛି ଯାତ୍ରୀଙ୍କୁ ଧରି ଯାଇଥିଲେ। ସେ ନିଜ ଅଟୋରେ ବସିଥିବା ବେଳେ ଅଭିଯୁକ୍ତ ବିଶାଳ ଓ ସନ୍ତୋଷ ତାଙ୍କ ନିକଟକୁ ଆସି ତାଙ୍କ ମୋବାଇଲ ଲୁଟ କରିବା






ସହ ତାଙ୍କୁ ମାଡ ମାରିଥିଲେ। ଘଟଣାକୁ ନେଇ ପ୍ରମୋଦ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଆଜି ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସାହିତ୍ୟ ସଂସଦର ମାସିକ ଆସର

ବ୍ରହ୍ମପୁର,୧୮ ।୫(ସମିସ): ଉତ୍କଳ ଆଶ୍ରମ ସ୍ଥିତ ପାଠାଗାର କକ୍ଷରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ଇଂ. ଆଶୁତୋଷ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉପ ସଭାପତି ଡ଼. ଲକ୍ଷ୍ମୀ ନାରାୟଣ ପଣ୍ଡା ସାହିତ୍ୟ ଆସରର ଆଭିମୁଖ୍ୟ ସମ୍ପର୍କରେ ବକ୍ତ୍ୟବ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ରାମକୃଷ୍ଣ ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସଂସଦର ପରାମର୍ଶଦାତା ଜ୍ୟୋତ୍ସ୍ନା ରାଣୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦିକା ପଦ୍ମିନୀ ମିଶ୍ର, ପ୍ରମୋଦ କୁମାର ପଣ୍ଡା, ଇଂ. ଗଙ୍ଗାଧର ମହାକୁଡ଼, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ବଂଶୀଧର ସେଠୀ, ବି. ସତ୍ୟମ ଆଚାରୀ, ଚନ୍ଦ୍ରଶେଖର ମହାପାତ୍ର, ଇଂ. ନୁର ମହମ୍ମଦ, ବୁଦ୍ଧଦେବ ପାତ୍ର, ସୁନୀଲ କୁମାର ପ୍ରଧାନ, ରମେଶ ଚନ୍ଦ୍ର ପଣ୍ଡା, ଶିକ୍ଷାବିତ ସୁବାଷ ଚନ୍ଦ୍ର ନାୟକ, ସ୍ୱର୍ଣ୍ଣପ୍ରଭା ପାଢ଼ୀ ଓ ଆର. ସୁନନ୍ଦା ସାହୁ ଯୋଗଦେଇ ଗଳ୍ପ, କବିତା ଓ ସାହିତ୍ୟ କୃତି ପରିବେଷଣ କରିଥିଲେ।



# ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ : ପ୍ଲାଷ୍ଟିକ ମୁକ୍ତ ଲାଗି ନୂଆ ପଦକ୍ଷେପ

ବ୍ରହ୍ମପୁର,୧୮ ।୫(ସମିସ): ଗଞ୍ଜାମ ଜିଲ୍ଲାକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ "ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ" ଅଭିଯାନ ଆରମ୍ଭ ହେବାକୁ ଯାଉଛି। "ମିଶନ ଜିରୋ ପ୍ଲାଷ୍ଟିକ ଭିଜିବିଲିଟି" ନାମରେ ଏହା ଜାରି ରହିବ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଜିଲ୍ଲାରୁ ପ୍ଲାଷ୍ଟିକ ବ୍ୟବହାର କମାଇବା ଓ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା। ବିଶେଷ କରି ଗ୍ରାମାଞ୍ଚଳରେ ସବୁଠି ସ୍ୱଚ୍ଛତା ନେଇ ସଚେତନତା ବଢ଼ାଇବାକୁ ପ୍ରଶାସନ ବିଭିନ୍ନ କାର୍ଯ୍ୟକ୍ରମ ହାତେଇଛି। ଏହି ଅଭିଯାନରେ ସାଧାରଣ ଲୋକଙ୍କ ଭୂମିକାକୁ ସବୁଠାରୁ



ଅଧିକ ଗୁରୁତ୍ୱ ଦିଆଯାଇଛି। ଘର, ଦୋକାନ, ରାସ୍ତା ଓ ସାର୍ବଜନୀନ ସ୍ଥାନରେ ପ୍ଲାଷ୍ଟିକ ଫିଙ୍ଗିବାକୁ ନିଷେଧ କରାଯିବା ସହ କପଡ଼ା ବ୍ୟାଗ ଓ ପୁନଃ ବ୍ୟବହାରଯୋଗ୍ୟ ସାମଗ୍ରୀ ବ୍ୟବହାର ପାଇଁ ଲୋକଙ୍କୁ ପ୍ରେରିତ କରାଯିବାକୁ ଯୋଜନା କରାଯାଇଛି। ବିଶେଷ କରି ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କୁ ଏହି ଅଭିଯାନ ସହ ଯୋଡ଼ି ସ୍ୱଚ୍ଛତାର ସନ୍ଦେଶ ପ୍ରତ୍ୟେକ ଘରକୁ ପହଞ୍ଚାଇବା ଉଦ୍ୟମ ହେଉଛି। କେବଳ ଏତିକି ନୁହେଁ ପ୍ଲାଷ୍ଟିକ ପ୍ରଦୂଷଣରୁ ଗାଁ ମୁକ୍ତି ସମେତ ପରିବେଶ ଓ ପଶୁପକ୍ଷୀ ସୁରକ୍ଷା ଲାଗି ଏହି ଅଭିଯାନ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଏଥିଲାଗି ଏକ ପୋଷ୍ଟର ଜାରି ହୋଇଛି। ପ୍ରତ୍ୟେକ ମଙ୍ଗଳବାର ଆମ ଗାଁ ପାଇଁ ବୋଲି ଏକ ନୂତନ ସ୍ୱଚ୍ଛତା ଢାଞ୍ଚା ଆରମ୍ଭ ହେବାକୁ ଯାଉଛି।

ଏହିକ୍ରମରେ ମଙ୍ଗଳବାର ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଏହି କାର୍ଯ୍ୟକ୍ରମ ହେବ ବୋଲି ଜଣାପଡ଼ିଛି। ଏହା କେବଳ ଏକ ଅଭିଯାନ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ସୁସ୍ଥ ଓ ସୁନ୍ଦର ପରିବେଶ ଗଢ଼ିବାର ଏକ ସମୂହ ପ୍ରୟାସ। ଯଦି ପ୍ରତ୍ୟେକ ନାଗରିକ ନିଜ ଦାୟିତ୍ୱ ବୁଝି ପ୍ଲାଷ୍ଟିକ ବ୍ୟବହାର କମାଇବେ, ତେବେ ଗଞ୍ଜାମ ନିଶ୍ଚିତ ଭାବେ ଏକ ସ୍ୱଚ୍ଛ ଓ ଆଦର୍ଶ ଜିଲ୍ଲାରେ ପରିଣତ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଗୁଣିଗାରେଡ଼ି ସନ୍ଦେହରେ ମହିଳାଙ୍କୁ ଆକ୍ରମଣ

## ଗ୍ରାମରେ ଉତ୍ତେଜନା; ପହଞ୍ଚିଲା ପୁଲିସ

ବ୍ରହ୍ମପୁର,୧୮ ।୫(ସମିସ):

ଗୋପାଳପୁର ଥାନା ଅନ୍ତର୍ଗତ ନୁଆଁ ଗୋଲାବନ୍ଧ ଗ୍ରାମରେ ଜଣେ ମହିଳା ଗୁଣି ଗାରେଡି କରୁଥିବା ସନ୍ଦେହରେ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ସୂଚନା ପ୍ରକାରେ ଉକ୍ତ ଗ୍ରାମରେ କିଛି ଦିନ ହେଲା ଜଣେ ମହିଳା ଛୋଟ ପିଲାମାନଙ୍କୁ ଗୁଣି ଗାରେଡି କରୁଥିବା ସନ୍ଦେହ କରି ଆଜି ତାକୁ କାବୁ କରି ମାରପିଟ କରିବା ସହ ଏକ କୋଠରୀରେ ବନ୍ଦି କରି ରଖିଥିଲେ। ଏନେଇ ପୁଲିସକୁ ଖବର ମିଳିବା ପରେ ପୁଲିସର ଏକ ଟିମ ଯାଇ ସେଠାକର ଲୋକଙ୍କୁ ବୁଝାସୁଝା କରିଥିଲେ। ସେମାନେ ନ ମାନିବାରୁ ଗୋପାଳପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ଓ ଟିମ ପହଞ୍ଚି ସେଠାରୁ ଉକ୍ତ ମହିଳା ଜଣକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମେଡିକାଲ ପଠାଇ ଥିଲେ। ପରେ ବ୍ରହ୍ମପୁର ଏସପି ଡ଼ା.ସର୍ବଣା ବିବେକ ଏମ, ସଦର ଏସଡ଼ିପିଓ ଶୁଭ୍ରଂଶୁ ଶେଖର ପରିଡ଼ା ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡ଼ିଛି।

# କ୍ଷୁଦ୍ର ଚଳଚ୍ଚିତ୍ର 'ଅଦମ୍ୟ' ଏବଂ 'ପାଣି' ପୁରସ୍କୃତ



ବ୍ରହ୍ମପୁର,୧୮ ।୫(ସମିସ): ଔରଙ୍ଗାବାଦର ମୌଲାନା ଅବଦୁଲ କଲାମ ଆଜାଦ ରିସର୍ଚ୍ଚ ସେଣ୍ଟରଠାରେ ରବିବାର ଆୟୋଜିତ ରିଲ୍ସ (ରିଲସ୍) ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ହିଞ୍ଜିଳିକାଟୁରେ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର 'ଅଦମ୍ୟ'କୁ ତିନୋଟି ବର୍ଗରେ ଅନ୍ତର୍ଜାତୀୟ ଫିଲ୍ମ ପୁରସ୍କାର ମିଳିଛି। ଆନ୍ତର୍ଜାତୀୟ ପୁରସ୍କାର ପ୍ରାପ୍ତ ଫିଲ୍ମ ନିର୍ମାତା କ୍ରିଷ୍ଣା ଡିକେଙ୍କୁ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ବର୍ଗରେ, ଖ୍ୟାତନାମା ଲେଖକ ସୀମାଞ୍ଚଳ ମହାରଣାଙ୍କୁ ଶ୍ରେଷ୍ଠ ପଟ୍ଟକଥା ଲେଖକ ଭାବେ ଏବଂ ଅଭିନେତା ବିବେକ କୁମାର ଡାକୁଆଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାର ବିଭିନ୍ନ ଲୋକ କଳା, ପରମ୍ପରା ଓ ସଂସ୍କୃତି ଉପରେ ଫିଲ୍ମ ଅଦମ୍ୟର କାହାଣୀ ପ୍ରସ୍ତୁତ ହୋଇଛି। ଏହା ସହ ସାମାଜିକ ସଚେତନ ଧର୍ମୀ ଫିଲ୍ମ 'ପାଣି' ପାଇଁ ଫିଲ୍ମ ନିର୍ମାତା ଅରୁଣ କୁମାର ମହାରଣାଙ୍କୁ ଶ୍ରେଷ୍ଠ ଫିଲ୍ମ ବର୍ଗରେ ପୁରସ୍କୃତ କରାଯାଇଛି। ମଡେଲ ଗାୟତ୍ରୀ ରୋହଙ୍କର ଏବଂ ନିତୁ କୋଇରାଲା ଓ ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ତଥା ଏଡିଟର୍ ରୁନା ଲେଲା ସମାରୋହରେ ଅତିଥି ଭାବେ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ମହୋତ୍ସବରେ ଭାରତ ସମେତ ବହୁ ଦେଶର ଫିଲ୍ମ ପ୍ରଦର୍ଶିତ ହୋଇଥିଲା।

## ବିନା ଯୋଗ୍ୟତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍କୁଲ୍ ଅଫ ଏଜୁକେସନ୍‌ରେ ପ୍ରାଧ୍ୟାପକ ନିଯୁକ୍ତି ପ୍ରସଙ୍ଗ

# ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନେବାକୁ କୁଣ୍ଠକୁଣ୍ଠ

ବ୍ରହ୍ମପୁର,୧୮ ।୫(ସମିସ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧିନରେ ଚାଲିଥିବା ସେଲ୍ଫ ଫାଇନାନ୍ସ କୋର୍ସ 'ସ୍କୁଲ ଅଫ ଏଜୁକେସନ'ରେ ଗତ ୪ବର୍ଷ ଧରି ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥାଇ ଦୁଇଜଣଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲାଞ୍ଚ ନେଇ ପ୍ରାଧ୍ୟାପକ ଭାବେ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ସତ୍ତ୍ୱେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଞ୍ଚା ଦେଉଥିବା ଘଟଣା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଇତି ମଧ୍ୟରେ ସ୍କୁଲ ଅଫ ଏଜୁକେସନରେ ଗତ ୨୦୧୬ ମସିହାରୁ ୨୦୧୯ ପର୍ଯ୍ୟନ୍ତ ଦୀର୍ଘ ୪ବର୍ଷ ଧରି ଜନୈକ ସରୋଜ ପରମଗୁରୁ ମହାପାତ୍ର ସହକାରୀ ପ୍ରାଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ। ପରେ ସେ ପୁଣିଥରେ ଗତ ୨୦୨୫ ମସିହାରେ ସହକାରୀ ପ୍ରାଧ୍ୟାପକ ପଦବୀ ନିମନ୍ତେ ଆବେଦନ କରିଥିଲେ, ବିଜ୍ଞାପନ ଅନୁଯାୟୀ ଶିକ୍ଷକତା କରୁଥିବା ପ୍ରମାଣପତ୍ର ମାଗିବାରୁ ତାଙ୍କୁ ସେହି ସମୟରେ ସେଠାରେ ଦାୟିତ୍ୱରେ ଥିବା ତତ୍କାଳୀନ ବିଭାଗୀୟ କୋର୍ଡିନେଟର କୁଆଡେ ୨ଲକ୍ଷ ଟଙ୍କା ଦାବି କରିଥିଲେ ଏବଂ ଦାବି ଅର୍ଥ ନଦେବାରୁ ତାଙ୍କୁ ପ୍ରମାଣପତ୍ର ମିଳିନଥିଲା।

ଏହାସହିତ ପ୍ରଧାପକ ସାକ୍ଷାତକାର ସମୟରେ ଜାଣିଶୁଣି ତାଙ୍କୁ ନିଯୁକ୍ତି ପ୍ରଦାନରୁ ବାଦ୍ ଦିଆଯାଇଥିଲା ବୋଲି ସରୋଜ ଗୁରୁତର ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ସ୍କୁଲ ଅଫ ଏଜୁକେସନର ବିଭାଗରେ ବିଭୁ କଲ୍ୟାଣ ସାମନ୍ତ ପ୍ରଧାପକ ଭାବରେ କାର୍ଯ୍ୟ କରୁଥିଲେ, କିନ୍ତୁ ଗତ କିଛିମାସ ପୂର୍ବେ ତାଙ୍କୁ ଜୈନିକ ସହକାରୀ ପ୍ରଫେସର ୪ଲକ୍ଷ ଟଙ୍କା ମାଗିବା ସହ ଟଙ୍କା ନଦେଲେ ପୁନଃ ନିଯୁକ୍ତି ଦିଆଯିବ ନାହିଁ ବୋଲି କୁଆଡେ ରୋକଠୋକ କହିଥିବା ଅଭିଯୋଗ ହୋଇଛି। ପରେ ବିଭୁ ମଧ୍ୟ ଅନୁରୂପ ଭାବେ ଦାବି ଅର୍ଥ ଦେବାକୁ ଅସମର୍ଥ ହେବାରୁ ତାଙ୍କୁ ବି ନିଯୁକ୍ତି ମିଳିନଥିବା ଅଭିଯୋଗ ହୋଇଛି। କିନ୍ତୁ ଗତ ୪ବର୍ଷ ଧରି ଦୁଇଜଣ ବିନା ଶିକ୍ଷାଗତ ଯୋଗ୍ୟତାରେ ସେଠାରେ ଚାକିରୀ କରି ଆସୁଛନ୍ତି। ଜନୈକ ପ୍ରଧାପକଙ୍କ ସମ୍ପର୍କୀୟ ହୋଇଥିବା ବେଳେ ତାଙ୍କର କେବଳ ଏମଏ, ବିଇଡି ଶିକ୍ଷାଗତ ଯୋଗ୍ୟତା ଥିବା ବେଳେ ଅନ୍ୟଜଣେ ମହିଳା ପୂର୍ବତନ କୁଳପତିଙ୍କ ସମ୍ପର୍କୀୟ ହୋଇଥିବା ବେଳେ ତାଙ୍କର ଶିକ୍ଷାଗତ ଯୋଗ୍ୟତା କେବଳ ଏମଏ ଥିବା ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ ଯେ 'ସ୍କୁଲ ଅଫ ଏଜୁକେସନ' ରେ ଶିକ୍ଷକ ଭାବେ ନିଯୁକ୍ତି ପାଇବା ନିମନ୍ତେ ଏମଏ, ବିଇଡି ସହ ନିଟ କିମ୍ବା ପିଏଚଡି ଏବଂ ଏମଇଡି ଶିକ୍ଷାଗତ ଯୋଗ୍ୟତା ଜରୁରୀ ବୋଲି ଗାଇଡଲାଇନ ରହିଛି ।

ତେବେ ନିର୍ଦ୍ଧାରିତ ମାର୍ଗଦର୍ଶିକାକୁ ଖିଲାପ କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କିଭଳି ଗତ ୪ବର୍ଷ ହେଲା ଏଭଳି ବେନିୟମ ନିଯୁକ୍ତି ଦିଆଯାଇଛି ତାକୁ ନେଇ ଉଠିଛି ପ୍ରଶ୍ନ। ନିଯୁକ୍ତି ପାଇଥିବା ଏହି ଶିକ୍ଷକମାନେ ମାସିକ ୩୫ହଜାର ଟଙ୍କା ଦରମା ସହ ଶିକ୍ଷାଗତ ଯୋଗ୍ୟତା ନଥାଇ ସୁଦ୍ଧା ବିଇଡି ପାଠ ପଢୁଥିବା ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହା ନେଇ ଭାରପ୍ରାପ୍ତ କୁଳପତି ଦାୟିତ୍ୱରେ ଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସିମା ସାହୁଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ନିଯୁକ୍ତିରେ ଯଦି କିଛି ଅନିୟମିତତା ହୋଇଥିବ ତେବେ ନିଶ୍ଚିତ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅଭିଯୋଗ ଆଧାରରେ ଭାରପ୍ରାପ୍ତ କୁଳପତି ସମ୍ପୃକ୍ତ ଦୁଇ ପ୍ରଧାପକଙ୍କ ନିଯୁକ୍ତି ସମ୍ପର୍କିତ ସମସ୍ତ ଫାଇଲ ମଗାଇ ତଦନ୍ତ କରିଥିବା ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଆଡ଼େ ଦୁଇ ସହକାରି ପ୍ରଧାପକଙ୍କୁ ଚାକିରି ଛାଡ଼ି ଦେବାକୁ ମୌଖିକ ଭାବେ କୁହା ଯାଉଥିଲେ ହେଁ ଉଭୟ ନିଜ ପକ୍ଷରୁ ଚାକାରି ଛାଡ଼ି ଯିବେ ନାହିଁ ବୋଲି ରୋକଠୋକ କହୁଥିବା ଆଲୋଚନା ହେଉଛି। ଏଣୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କଣ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଉପରେ ରହିଛି ବୁଦ୍ଧିଜୀବୀଙ୍କ ନଜର।

## ସାଇକଲ ଚଲାଇ ଜନଶୁଣାଣିକୁ ଗଲେ ଜିଲ୍ଲାପାଳ



ବାଲେଶ୍ୱର,୧୮।୫(ସମିସ): ମଧ୍ୟ ପ୍ରାଚୀର ଯୁଦ୍ଧ ଫଳରେ ଭାରତ ଉପରେ ତାର ସିଧାସଳଖ ପ୍ରଭାବ ପଡିଛି। ଏପରିକି ପେଟ୍ରୋଲ, ଡିଜେଲ ସାଙ୍ଗକୁ ଗ୍ୟାସର ସଙ୍କଟ ସୃଷ୍ଟି ହୋଇଛି। ଏହାକୁ କମ୍ କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ବାର୍ତ୍ତା ଦେଇଥିଲେ। ଏପରିକି ପେଟ୍ରୋଲ ବଂଚାଇବା ପାଇଁ ଇଲେକଟ୍ରୋନିକ ଗାଡି ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାକୁ ନେଇ ସରକାରୀ ସ୍ତରରେ ମଧ୍ୟ ଦେଖିବାକୁ ମିଳିଛି। ଆଜି ରେମୁଣା ଠାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସହ ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ସହ ଅନ୍ୟ ଅଧିକାରୀମାନେ ସାଇକଲ ଯୋଗେ ସେଠାକୁ ଯାଇଥିବା ଦେଖିବାକୁ ମିଳିଛି। ଜନଶୁଣାଣି ସାରି ପୁଣିଥରେ ସାଇକେଲ ଯୋଗେ ଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟକୁ ଫେରିଥିବା ଦେଖିବାକୁ ମିଳିଛି।

## ଜନ ଆକ୍ରୋଶ ମହିଳା ପଦଯାତ୍ରା

ଜଳେଶ୍ୱର,୧୭।୫ (ସମିସ) : ଉତ୍ତର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଭାରତୀୟ ଜନତା ପାର୍ଟି ଜଳେଶ୍ୱର ନଗର ମଣ୍ଡଳ ପକ୍ଷରୁ ଜଳେଶ୍ୱର ଡାକ ବଙ୍ଗଳା ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ବିଶାଳ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦିକା ସୁମତି ଦେ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଇନ୍ଦୁମତୀ ଗିରି, ଜିଲ୍ଲା ସମ୍ପାଦିକା ଦେବଯାନୀ ଅଣ୍ଡିଆ, ନଗର ସଭାପତି ଶିବ ନାରାୟଣ ମହାପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲ୍ଗୁନି ପାଣିଗ୍ରାହୀ, ତପନ ବିଶ୍ୱାଳ, ଅନନ୍ତ ଦାସ, ସୁମତି ରଣା, ନମିତା ଦାସ, ସୁଭଦ୍ରା ବେହେରା, ଗୀତାଞ୍ଜଳି ବେହେରା, ସୁବାସୀନ ଜେନା, ଶାନ୍ତିଲତାଦତ୍ତ, ରୁବି ସେନ, ସୁମିତା ବେହେରା, ସତ୍ୟ ନାରାୟଣ କର, ଏକା ଦୁସିପାଳ ପ୍ରମୁଖ ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଯୋଗ ଦେଇଥିଲେ।

# ତାମୁଲିଆ ଉଡ଼ନ୍ତା ପୋଲ ଶୋଚନୀୟ

ବାଲେଶ୍ୱର,୧୮।୫ (ସମିସ)





- ସାତ ବର୍ଷ ମଧ୍ୟରେ ଶତାଧିକ ଥର ମରାମତି
- କଂକ୍ରିଟ୍ ଉଠି ଲୁହା ଛଡ ବାହାରିଲାଣି, ଫୁଟପାଥ୍ ରେ ଟାଇଲ୍ ଭାଙ୍ଗି ବାଲି ପଡ଼ିଆ

ମଝିରେ ମଝିରେ ବଡ଼ ବଡ଼ ଗାତ। ଏଥିସହିତ ଲୁହା ରଡ୍ ବି ବାହାରକୁ ଦିଶିଲାଣି। ଖାଲି ସେତିକି ନୁହେଁ ଦୁଇ ପାଶ୍ୱର୍ରେ ତିଆରି ହୋଇଥିବା ଫୁଟପାଥ ଏବେ ଭଗ୍ନ ଅବସ୍ଥାରେ। ଟାଇଲ୍ ସବୁ ଭାଙ୍ଗି ବାଲି ପଡିଆ ପାଲଟିଛି। ତେଣୁ ନା ପାଦଚଲା ନା ସୁବିଧା ନା ଗାଡ଼ି ଯାତାୟାତ ପାଇଁ ସହଜ। ଏ ହେଉଛି ବାଲେଶ୍ୱର ସହରକୁ ଆସିବାର ପ୍ରଥମ ତାମୁଲିଆ ରେଳ ଉଡ଼ନ୍ତା ପୋଲ୍। ଯାହା ଆଜି ମୃତ୍ୟୁ ଫାନ୍ଦ ପାଲଟିଛି। ଉଦଘାଟନର ମାତ୍ର ୭ ବର୍ଷ ମଧ୍ୟରେ ବ୍ରିଜ୍‌ର ଅବସ୍ଥା ଜରାଜୀର୍ଣ୍ଣ ହୋଇପଡିଛି। ବ୍ରିଜ୍ ଉପର ରାସ୍ତାର କଂକ୍ରିଟ୍ ସ୍ଲାବ୍ ଫାଟି ଭିତର ଲୁହା ଛଡ ଖୋଲା ହୋଇପଡିଛି। ସେହିପରି ପାଦଚାରୀଙ୍କ ପାଇଁ କରାଯାଇଥିବା ଫୁଟପାଥ୍ ଟାଇଲ୍ ଭାଙ୍ଗି ବାଲି ଓ ମାଟି ବାହାରି ପଡିଛି। ଫଳରେ ଦୁଇଚକିଆ ଗାଡି ଚାଳକ ଓ ପାଦଚାରୀଙ୍କ ପାଇଁ ବଡ ବିପଦ ସୃଷ୍ଟି ହୋଇଛି। କାରଣ ପ୍ରତିଦିନ ଏହି ପୋଲ ଦେଇ ହଜାର ହଜାର ଗାଡି ଯାତାୟତ କରେ। ତାମୁଲିଆ ହେଉଛି ବାଲେଶ୍ୱର ସହର ମେନ୍ ଏଣ୍ଟ୍ରି ପଏଣ୍ଟ। ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପଡୋଶୀ ଜିଲ୍ଲାରୁ ଆସୁଥିବା ବସ୍, ଟ୍ରକ୍, ଦ୍ରୁତଗାମୀ ଗାଡି ସବୁ ଏହି ବ୍ରିଜ୍ ଦେଇ ସହର ଭିତରକୁ ପ୍ରବେଶ କରନ୍ତି। କିନ୍ତୁ ବର୍ଷ ବର୍ଷ ଧରି ମରାମତି ଅଭାବରୁ ବ୍ରିଜ୍ ଜରାଜୀର୍ଣ୍ଣ ହୋଇପଡିଛି।

ସୂଚନାଯୋଗ୍ୟ, ୨୦୧୯ ଫେବୃଆରୀ ୧ ରେ ଏହି ବ୍ରିଜ୍ ଉଦ୍‌ଘାଟନ ହୋଇଥିବାବେଳେ ନିର୍ମାଣରେ ୬୩୫୪.୯୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାକୁ ଓଡିଶା ସରକାରର ପୂର୍ତ୍ତ ବିଭାଗ ନିର୍ମାଣ କରିଥିଲା। ମାତ୍ର ୭ ବର୍ଷ ମଧ୍ୟରେ ପୋଲର ଏକପ୍ରକାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏ ନେଇ ବାରମ୍ବାର ଅଭିଯୋଗ ଓ ଦାବି ପରେ ପ୍ରତିଥର ଠିକାଦାର ପୋଲର ମରାମତି କାମ କରୁଥିଲେ ହିଁ କିଛି ଦିନ ପରେ ପୁଣି ଖରାପ ହୋଇଯାଉଛି ବ୍ରିଜ୍। ପ୍ରତିଥର କାମର ମାନ ନିମ୍ନମାନର ହେଉଥିବାରୁ ତାହା ବେଶୀ ଦିନ ରହୁନାହିଁ। ବର୍ତ୍ତମାନ ବ୍ରିଜ୍ ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଗଲାଣି। ଯାତାୟାତ କରିବା କଷ୍ଟକର ହୋଇପଡୁଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। କଂକ୍ରିଟ୍ ଉଠି ଲୁହା ଛଡ ଖୋଲା ହେବା ମାନେ ବ୍ରିଜ୍‌ର ଲୋଡ୍ ବହନ କ୍ଷମତା କମିଯାଇଛି। ଖୋଲା ଲୁହା ଜଙ୍ଗ୍ ଧରି ଆହୁରି ଦୁର୍ବଳ ହେଉଛି। ବର୍ଷା ଆସିଲେ ସ୍ଥିତି ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି। ସ୍ଥାନୀୟ ଲୋକେ ବହୁବାର ଅଭିଯୋଗ କଲେ ମଧ୍ୟ ପୂର୍ତ୍ତ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ମରାମତି କରାଯାଇନାହିଁ। କେବଳ ଅସ୍ଥାୟୀ ଭାବେ ତାରକୋଲ୍ ପକାଇ ଦିଆଯାଉଛି, ଯାହା କିଛି ଦିନରେ ପୁଣି ଉଠିଯାଉଛି। ସ୍ଥାନୀୟ ବାଇକ୍ ଚାଳକ ରାଜେଶ କୁମାର କହିଛନ୍ତି, ରାତିରେ ଗାତ ସବୁ ଦେଖାଯାଏ ନାହିଁ। ବହୁତ ଥର ଗାଡି ସ୍ଲିପ୍ ହୋଇ ବର୍ତ୍ତିଛି। ଫୁଟପାଥ୍ ଭାଙ୍ଗିଥିବାରୁ ଲୋକେ ରାସ୍ତା ମଝିରେ ଚାଲନ୍ତି, ଯେକୌଣସି ମୁହୂର୍ତ୍ତରେ ଦୁର୍ଘଟଣା ହୋଇପାରେ। ସେହିପରି ଜଣେ ଅଟୋ ଚାଳକ କହିଛନ୍ତି, ବ୍ରିଜ୍ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା। ମାତ୍ର ୭ ବର୍ଷରେ ବ୍ରିଜ୍ ଏମିତି ହୋଇଗଲା। କାମର ଗୁଣବତ୍ତା କ'ଣ ଥିଲା ତାହା ଏଥିରୁ ବୁଝାପଡୁଛି। ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ମହଲ ଦାବି କରିଛନ୍ତି ଯେ, ତୁରନ୍ତ ବ୍ରିଜ୍‌ର ଷ୍ଟ୍ରକଚରାଲ୍ ଅଡିଟ୍ କରାଯାଉ, ଖୋଲା ଲୁହା ଛଡ ଓ ଭଙ୍ଗା ଫୁଟପାଥ୍ ମରାମତି କରାଯାଉ ଏବଂ ଦୋଷୀ କଣ୍ଟ୍ରାକ୍ଟରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉ। ତାମୁଲିଆ ଓଭରବ୍ରିଜ୍ ଦେଇ ଯିବାକୁ ଏବେ ସହରବାସୀଙ୍କୁ ଭୟ ଲାଗୁଛି। କେତେବେଳେ କ'ଣ ଦୁର୍ଘଟଣା ଘଟିବ କାହାକୁ ଜଣାନାହିଁ। ଅନ୍ୟପଟେ ବିଭାଗୀୟ କର୍ତ୍ତୃପକ୍ଷ ତଥା ଜିଲ୍ଲା ପ୍ରଶାସନ ନିଦାବିଷ୍ଟ ସାଜିଛନ୍ତି। ଅନେକ ସମୟରେ ସମସ୍ତ ସରକାରୀ ଅଧିକାରୀ, ଜନ ପ୍ରତିନିଧି ସମସ୍ତେ ଏହି ଓଭରବ୍ରିଜ୍ ଦେଇ ଯିବାଆସିବା କରୁଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି।

## ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ଛଟେଇ ବିରୋଧରେ ସିଆଇଟିୟୁ ପକ୍ଷରୁ ଧାରଣା



ଜଳେଶ୍ୱର ୧୮।୫ (ସମିସ): ଉତ୍ତର ଓଡିଶା ଠିକା ବିଦ୍ୟୁତ୍ କର୍ମଚାରୀ ସଂଘ ତରଫରୁ ଟାଟା ପାୱାର ଦ୍ୱାରା ଅନ୍ୟାୟ ଛଟେଇ ପ୍ରତିବାଦରେ ଜଳେଶ୍ୱର ଡିଭିଜନ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ସକାଳ ୧୦ଟାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଥମେ ଶତାଧିକ ଠିକା ବିଦ୍ୟୁତ୍ କର୍ମଚାରୀ ମାନଙ୍କର ଏକ ଶୋଭାଯାତ୍ରା ଟାଟା ପାୱାର ଏସ୍.ଡି.ଓ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ସହର ପରିକ୍ରମା କରି ଡିଭିଜନ ଅଫିସ ସମ୍ମୁଖରେ ପହଂଚି ଥିଲେ। ପରେ ସେଠାରେ ୮ଘଣ୍ଟିଆ ଧାରଣାରେ ବସିଥିଲେ। ଆଜକୁ ଛଅ ବର୍ଷ ଧରି ମାତ୍ର ୧୦ରୁ ୧୨ହଜାର ଟଙ୍କା ଦରମାରେ କାର୍ଯ୍ୟ କରିବା ପରେ ଟାଟା କମ୍ପାନୀ ଏହି କର୍ମଚାରୀ ମାନଙ୍କୁ ଛଟେଇ କରିବା ଅନ୍ୟାୟ ଓ ଅବିବେକି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। କର୍ମଚାରୀ ମାନଙ୍କର ଚାକିରି ପାଇବା ବୟସ ଅତିକ୍ରାନ୍ତ ପରେ ସେମାନଙ୍କୁ ଛଟେଇ କରିବା କର୍ମଚାରୀ ମାନଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେବା ସମାନ ତେଣୁ ଛଟେଇ କର୍ମଚାରୀ ମାନଙ୍କୁ ପୁନଃ ନିଯୁକ୍ତି, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା, ସର୍ବନିମ୍ନ ମାସିକ ଦରମା ୨୬୦୦୦ଟଙ୍କାକୁ ବୃଦ୍ଧି କରିବା, ଟାଟା ପାୱାରକୁ ହଟାଇ ବିଦ୍ୟୁତ୍ ବିଭାଗକୁ ରାଜ୍ୟ ବିଦ୍ୟୁତ୍ ବୋର୍ଡ ଅଧିନରେ ରଖିବା, ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା, କର୍ମଚାରୀ ସୁରକ୍ଷା, ଚାରୋଟି ଶ୍ରମ କୋର୍ଡ ବାତିଲ ଇତ୍ୟାଦି ଦାବୀରେ ବିକ୍ଷୋଭ କରିବା ସହିତ ଟ୍ରେଡ ୟୁନିୟନ ପକ୍ଷରୁ ଭୁବନେଶ୍ୱର ଠାରେ ଚାଲିଥିବା ଧାରଣାକୁ ସମର୍ଥନ କରିଥିଲେ। ଏହି ପ୍ରତିବାଦ ସଭାରେ କାର୍ଯ୍ୟକାରୀ ସଭାପତି ଜାହ୍ନବୀ କୁମାର ମଣ୍ଡଳ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ରତନ ଦାସ, ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତୀମାନ ଅଚାର୍ଯ୍ୟ, ପଲ୍ଟୁ ଦାସ, ମନୋରଂଜନ ଜେନା, ଡିଭିଜନ କୋଡିନେଟର ସୌମ୍ୟରଂଜନ ଗିରି, ସିତାରାମ ଦାସ, ରଂଜନ ମହାନ୍ତି, ସଂଜୀବ ଜେନା, ସଂଜୟ ମିର୍ଦ୍ଧା, ଅସିଆ ଖାତୁନ, ସପନ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଟାଟା ପାୱାରର ଏପରି କାର୍ଯ୍ୟକୁ ସମାଲୋଚନା କରିବା ସହିତ ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବୀ କରିଛନ୍ତି। ଶେଷରେ ଟାଟା ପାୱାରର ଜଳେଶ୍ୱର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ଟାଟା ପାୱାର ସିଇଓଙ୍କୁ ବାଦୀପତ୍ର ପ୍ରଦାନ କରାଯାଇଥିଲା।

## ତିନୋଟି ପରିବାରର ସାତ ବଖରା ପୋଡ଼ି ପାଉଁଶ

ସିମୁଳିଆ, ୧୮।୫ (ସମିସ): କଳସ ଗ୍ରାମର ମାଆ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଚାଲିଥିବାବେଳେ ବିଦ୍ୟୁତ ସର୍ଟ ସର୍କିଟରେ ଅଗ୍ନିକାଣ୍ଡ ଘଟି ତିନୋଟି ପରିବାର ସାତ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଅବର୍ଝୁଣା ପଞ୍ଚାୟତର କଳସପୁର ଗ୍ରାମର ରଘୁନାଥ ମହାକୁଡ଼, ରମେଶ ମହାକୁଡ଼ ଓ ଭାଗିରଥି ଲେଙ୍କାଙ୍କ ପରିବାର ଗ୍ରାମରେ ମା ଦାଣ୍ଡ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଚାଲିଥିବା ବେଳେ ହଠାତ ବିଦ୍ୟୁତ ସର୍ଟ ସର୍କିଟ ହୋଇ ଅଗ୍ନିକାଣ୍ଡ ଘଟି ସାତ ବଖରା ଘର ପୋଡି ଯାଇଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ବାସନ କୁସନ, ଲୁଗାପଟା, ସୁନା ଗହଣା ଓ ଆସଭାବପତ୍ର ପୋଡି ପାଉଁଶ ହୋଇଯାଇଛି। ବିଶେଷ କରି ରମେଶ ମହାକୁଡ଼ ନିଜ ଝିଅ ବିବାହ ନିମନ୍ତେ ବିବାହ ସାମଗ୍ରୀ, ସୁନା ଗହଣା, ଓ ନଗଦ ଏକ ଲକ୍ଷ ଟଙ୍କା ପୋଡି ପାଉଁଶ ହୋଇଯାଇଥିବା ଜଣାଯାଇଛି। ଖବର ପାଇ ଭଦ୍ରକ ଓ ଅଡା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳକୁ ସବୁ ପୋଡି ପାଉଁଶ ହୋଇଯାଇଛି।

### ଓଡ଼ିଶା ସମବାୟ ନ୍ୟାୟାଧିକରଣର ନିର୍ଦ୍ଦେଶ

## ଈଶ୍ୱରପୁର ସେବା ସମବାୟ ସମିତି ସଭାପତିଙ୍କ ପୁନଃ ଯୋଗଦାନ



ପଞ୍ଚଲିଙ୍ଗେଶ୍ୱର,୧୮।୫ (ସମିସ): ଔପଦା ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ସେବା ସମବାୟ ସମିତିର ବିବାଦର ଅନ୍ତଃ ହୋଇଛି। ଏହି ସମିତିରେ ସଭାପତି ଭାବେ ଭାଗବତ ଖିଲାର ଲଗାତାର ଦୁଇ ଥର ନିର୍ବାଚିତ ହୋଇ ସମିତିର ବହୁ ଉନ୍ନତିମୂଳକ କାର୍ଯ୍ୟ କରି ଆସୁଛନ୍ତି। ସେ ତାଙ୍କ ଉଦ୍ୟମରେ ସମିତି ର ନିଜସ୍ୱ କାର୍ଯାଳୟ କରିବା ଚାଷୀ ଙ୍କ ସୁବିଧା ପାଇଁ ଦୁଇଟି ଜାଗାରେ ଧାନମଣ୍ଡି ଖୋଲିବା ବିଶେଷ କରି ୨୦୨୪-୨୫ ଆର୍ଥିକ ବର୍ଷରେ ନୀଳଗିରି ରେ ସମିତି କୁ ଲାଭାଂଶ ପ୍ରଦାନ କରିବା ସହିତ ୨ୟ ସ୍ଥାନ ଅଧିକାର କରିବା ଏବଂ ଚାଷୀ ମାନଙ୍କ ହିତ ପାଇଁ କାର୍ଯ୍ୟ କରିଆସୁଛନ୍ତି ଏଣୁ ଶ୍ରୀ ଖିଲାର ଙ୍କ ମତ ଅନୁଯାୟୀ ତାଙ୍କ ର ସେବାକାର୍ଯ୍ୟରେ ଅସହ୍ୟ ହୋଇ ଆକ୍ରୋଶ ମୂଳକ ଭାବେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସ୍ଥାନୀୟ ନେତା ଙ୍କ ଚାପରେ ତା୨୮/୦୧/୨୦୨୬ ରିଖ ଚିଠି ସଂଖ୍ୟା ୩୧୦ ମୂଳେ ବାଲେଶ୍ୱର ସେବା ସମବାୟ ସମିତି ସମୂହ ର ଉପ ନିବନ୍ଧକ ପରିଚାଳନା କମିଟି ଏବଂ ସଭାପତିଙ୍କୁ ବହିଷ୍କୃତ ଆଦେଶ ଦେଇଥିଲେ। ଏହା ବିରୋଧରେ ସଭାପତି ଶ୍ରୀ ଖିଲାର ଏବଂ ପରିଚାଳନା କମିଟି ସଦସ୍ୟ ମାନେ ବାଲେଶ୍ୱର ଏବଂ ପରେ ପରେ ଭୁବନେଶ୍ୱର ସ୍ଥିତ ସମବାୟ ନ୍ୟାୟାଧିକରଣ ନିକଟରେ ଆବେଦନ କରିଥିଲେ। ନ୍ୟାୟାଧିକରଣ ବିଚାର କରି ତା ୧୨/୫/୨୬ ଆବେଦନ ଆଦେଶ ସଂଖ୍ୟା ୦୯ ମୂଳେ ଶ୍ରୀ ଖିଲାରଙ୍କ ବହିଷ୍କୃତ ଆଦେଶ କୁ ରଦ୍ଦ କରି କାର୍ଯ୍ୟ ରେ ଯୋଗଦାନ କରିବା ଏବଂ ସମସ୍ତ ପ୍ରତିପକ୍ଷଙ୍କୁ କାର୍ଯ୍ୟ ରେ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ତେବେ ଏନେଇ ଶ୍ରୀ ଖିଲାର ଏବଂ ପରିଚାଳନା ସଦସ୍ୟ ସମୂହ ତା ୧୮/୫ ରିଖ ରେ ଈଶ୍ୱରପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ର ଭାରପ୍ରାପ୍ତ ସମ୍ପାଦକ ଅଶୋକ ଜେନାଙ୍କୁ ନ୍ୟାୟାଧିକରଣ ଙ୍କ ଆଦେଶ କୁ ବିଧିବଦ୍ଧ ଭାବେ ଦେଇ କାର୍ଯ୍ୟ ରେ ଯୋଗଦାନ କରିଥିଲେ। ଏହି ସମୟରେ ପରିଚାଳନା ସଦସ୍ୟ, ଚାଷୀ କମିଟି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସ୍ୱପ୍ନଜ୍ୟୋତି ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ



ରେମୁଣା, ୧୭।୫ (ସମିସ): ରେମୁଣାର ଭାବକ୍ଷେତ୍ରରେ ବିରାଜିତ ମହାପ୍ରଭୁ ସ୍ୱପ୍ନଜ୍ୟୋତି ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇଅଛି। ସ୍ଥାୟୀ ସଭାପତି ଇଂ. ଦୟାଳ ଚନ୍ଦ୍ର ଦାସଙ୍କ ଅନୁପସ୍ଥିତିରେ ଉପସଭାପତି ଗଜେନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ସଭାକୁ ସଞ୍ଚାଳନ କରିଥିଲେ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର। ଏଥିରେ କମିଟି ସମ୍ପାଦକ କାହ୍ନୁଚରଣ ବେହେରା, ବରିଷ୍ଠ ସଦଶ୍ୟ ଭାଗବତ ରଣା, କୋଷାଧ୍ୟକ୍ଷ ବୀରେନ୍ଦ୍ର ବେହେରା, ସହସମ୍ପାଦକ ଅବିନାଶ ପଟ୍ଟନାୟକ, ସହକୋଷାଧ୍ୟକ୍ଷ ନଳିନୀ କୁମାର ବାରିକ, ପ୍ରସନ୍ନ କୁମାର ବେହେରା, ଜୟଶ୍ରୀ ମିଶ୍ର, ଲବଙ୍ଗଲତା ମହାରଣା, ପ୍ରମୁଖ ବିଭିନ୍ନ କମିଟିର ସଭ୍ୟ ସଭ୍ୟା ମାନେ ଯୋଗଦେଇ ରଥଯାତ୍ରାକୁ ସରସ ସୁନ୍ଦର କରିବାପାଇଁ ନିଜ ନିଜ ମତ ଦେଇଥିଲେ। ପ୍ରାରମ୍ଭରେ ଗତବର୍ଷର ହିସାବପତ୍ର ଉପସ୍ଥାପନ କରାଯାଇଥିଲା। ଏହାପରେ ଚଳିତ ବର୍ଷ ରଥଯାତ୍ରା ପାଇଁ ବିଭିନ୍ନ କମିଟିମାନ ଗଠନ କରାଯାଇ ସେଥିରେ ମନୋନୀତ ସଭ୍ୟସଭ୍ୟା ମାନଙ୍କୁ ସ୍ଥାନିତ କରାଯାଇଥିଲା। ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ କ୍ରମରେ ଏବର୍ଷ ୧୭/୭/୨୬ଦିବା ୨ ଘଟିକା ସମୟରେ ରଥଟଣା ଆରମ୍ଭ କରାଯିବାର ସର୍ବ ସମ୍ମତି ସିଦ୍ଧାନ୍ତ କରାଗଲା। ପୂର୍ବ ବର୍ଷ ମାନଙ୍କ ଭଳି ସମ୍ବର୍ଦ୍ଧନା ପର୍ବ, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନହେବାର ସ୍ଥିର ହେଲା। ଏତଦବ୍ୟତୀତ ସଙ୍ଗୀତ, ଚିତ୍ରାଙ୍କନ, ଜଣା ଅଜଣା ତଥା କବି ସମ୍ମିଳନୀ ହେବାର ସ୍ଥିର ହେଲା। ପୂର୍ବବର୍ଷ ଭଳି ଏବର୍ଷ ମଧ୍ୟ ଗତବର୍ଷ ଚାନ୍ଦାକୁ ସ୍ଥିର ରଖାଯାଇଥିଲା। ଆବଶ୍ୟକ ପଡିଲେ ମନ୍ଦିର ପରିଚାଳନା କମିଟି ମେମ୍ବର ମାନେ ଅଧିକା ଚାନ୍ଦା ଦେବାପାଇଁ ନିଜ ନିଜ ମତପ୍ରକାଶ କରିଥିଲେ। ପରିଶେଷରେ ମନ୍ଦିର ପରିଚାଳନା କମିଟିର କର୍ଣ୍ଣଧାର ସତ୍ୟ ମହାରଣା ସମସ୍ତ କର୍ମକର୍ତ୍ତା ମାନଙ୍କୁ ସହଯୋଗ କାମନା କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଉକ୍ତସଭାରେ ଆମମାନଙ୍କ ମଧ୍ୟରେ ସଂଗଠନ ସମ୍ପାଦକ ଡମ୍ବୁରୁ ଧର କମିଳା , ବରିଷ୍ଠ ସଭ୍ୟ ବିଧାନ ଚନ୍ଦ୍ର ରାୟ ଯୋଗଦେଇ କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଗ୍ରୀଷ୍ମକାଳୀନ କମ୍ୟୁନିଟି ଓରିଏଣ୍ଟେସନ ପ୍ରୋଗ୍ରାମ



ଜଳେଶ୍ୱର,୧୮।୫ (ସମିସ): ସରକାରଙ୍କ ଉଚ୍ଚ ଶିକ୍ଷାବିଭାଗର ନୂତନ ଶିକ୍ଷାନୀତି ନିର୍ଦ୍ଦେଶ ଅନୁସାରେ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ,ଜଳେଶ୍ୱରର ରାଜନୀତି ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀ ଏବଂ ମୁଖ୍ୟ ଅଧ୍ୟାପକ ତଥା ପ୍ରୋଗ୍ରାମ ଅଫିସର ଶ୍ରବଣ କୁମାର ନାଥ ଦ୍ୱାରା ଗ୍ରୀଷ୍ମ କାଳୀନ କମ୍ୟୁନିଟି ଓରିଏଣ୍ଟେସନ ପ୍ରୋଗ୍ରାମ(ଫିଲ୍ଡ ୱାର୍କ) ନିକଟସ୍ଥ ଶାନ୍ତିଆ ଗ୍ରାମର ୧୦ ନଂ ୱାର୍ଡରେ "ମେ ଆଇ ହେଲ୍ପ ଇୟୁ ମୋ ପରିବାର" ସ୍ୱେଚ୍ଛାସେବୀ ସଂଗଠନ ସହଯୋଗରେ ଚଳିତ ମେ ମାସ ୧୪ତାରିଖରୁ ଆରମ୍ଭ ହୋଇ ଯାଇଛି। ଅନୁଷ୍ଠାନର ମୁଖ୍ୟ ଜଗନ୍ନାଥ ପରିଡ଼ା ଏବଂ ସହଯୋଗୀ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଶ୍ରବଣ କୁମାର ନାଥ ଉକ୍ତ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ଧାରଣ ପ୍ରଦାନ କରିଥିଲେ ଏବଂ ଏହି କାର୍ଯ୍ୟକ୍ରମ ଏକ ମାସ ଅର୍ଥାତ୍ ଚଳିତ ବର୍ଷ ଜୁନ ମାସ ୧୨ତାରିଖ ପର୍ଯ୍ୟନ୍ତ ଦୈନନ୍ଦିନ ୪ଘଣ୍ଟା କରି ପର୍ଯ୍ୟାୟ କ୍ରମେ ପୂର୍ବ ନିର୍ଦ୍ଧାରିତ ସୂଚି ଅନୁସାରେ ବିଭିନ୍ନ ଜନହିତକର କାର୍ଯ୍ୟ କରିବାର ଯୋଜନା ଅଛି ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଛାତ୍ର ଛାତ୍ରୀମାନଙ୍କ ମଧ୍ୟରୁ ଅଲିଭା ଗାନ୍ଧୀ, ମୌସୁମି ଜେନା, ବର୍ଷା ରାଣୀ ବେହେରା, ଶିବୁନ ରାଉତ, ସୁଭମ୍ ନାଥ, ସୁଷମା ମୁର୍ମୁ ଆଦି ଶିକ୍ଷା ବ୍ୟବସ୍ଥାରେ ଏପରି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ନରହରି ବେହେରା, ଶିବସୁନ୍ଦର ଜେନା, କିଶୋର ହୋତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭାଗର ସହକାରୀ ଅଧ୍ୟାପିକା ଶୁଭଶ୍ରୀ ଦାସ ଛାତ୍ର ଛାତ୍ରୀମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଲିପିକା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋଲୁନି ଧାନମଣ୍ଡି; ବଢୁଛି ଚାଷୀଙ୍କ ଅସନ୍ତୋଷ

କାଳିପଦା, ୧୮।୫ (ସମିସ)



**ମିଲରଙ୍କ ମନମାନୀ**

ରବି ଧାନ ଅମଳ ଏବେ ଶେଷ ପର୍ଯ୍ୟାୟରେ ଆସି ପହଂଚିଲାଣି। ପାଖାପାଖି ସତୁରି ପ୍ରତିଶତ ଚାଷୀଙ୍କ ଧାନ ଅମଳ କ୍ଷେତରୁ ସରିଲାଣି। ମାତ୍ର ଧାନ ମଣ୍ଡି ଖୋଲିବା ନେଇ ଅଦ୍ୟାବଧି ସରକାରୀ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଇ ନାହିଁ। ଧାନ ବିକିବା ନେଇ ଚାଷୀ ମାନଙ୍କ ପାଖକୁ ଅଦ୍ୟାବଧି ସମସ୍ତ ଟୋକାନ ମଧ୍ୟ ଆସି ନାହିଁ। ସମବାୟ ସମିତି ଗୁଡିକ ମଧ୍ୟ ଏନେଇ କୌଣସି ଉତ୍ତର ମଧ୍ୟ ଦେଉ ନାହାଁନ୍ତି। କେଉଁ ମିଲର କେଉଁ ସମବାୟ ସମିତିରୁ କେତେ ଟାର୍ଗେଟ ପରିମାଣର ଧାନ କିଣିବେ ସେ ନେଇ କୌଣସି ସୂଚନା ମିଳୁ ନାହିଁ। ବାଲିଆପାଳ ବ୍ଲକର ବାଲିଆପାଳ, ବଡ଼ାପାଳ, ଜାମାକୁଣ୍ଡା, ମଧୁପୁରା, ଦେଭୋଗ, ନେପୁରା, ଲଙ୍ଗଳେଶ୍ୱର, ପ୍ରତାପପୁର, ବୋଲଂ, ବଣିଆଡିହା ଆଦି ସେବା ସମବାୟ ସମିତିକୁ ମଣ୍ଡି ଖୋଲିବା ନେଇ ଅଦ୍ୟା ବଧି କୌଣସି ସୂଚନା ଆସି ନ ଥିବା ପ୍ରକାଶ। ଏନେଇ ଚାଷୀ ମହଲରେ ହତାଶା ଭାବ ଦେଖା ଦେଇଛି। ଗତ ବର୍ଷ ମିଲର ମାନଙ୍କ ମନମାନୀ ଯୋଗୁଁ ପ୍ରକୃତ ଚାଷୀମାନେ ଉପକୃତ ହେବା ବଦଳରେ ଦଲାଲମାନେ ଫାଇଦା ନେଇଗଲେ। ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀ କିଛି କରି ପାରିଲେ ନାହିଁ। ଅନ୍ୟ ପକ୍ଷରେ ଏବେ ଅନେକ ଚାଷୀ କ୍ଷେତରୁ ଧାନ ଅମଳ କରି କୁଇଣ୍ଟାଲ ପ୍ରତି ୧୭/୧୮ ଶହ ଟଙ୍କାରେ ଆନ୍ଧ୍ର, ତାମିଲନାଡୁ, ପଶ୍ଚିମବଙ୍ଗ ଅଞ୍ଚଳର ଦଲାଲ ମାନଙ୍କୁ ବିକ୍ରି କରି ଦେଉଛନ୍ତି। ଯୋଗାଣ ବିଭାଗର କୌଣସି ଆଙ୍କୁଶ ନ ଥିବାରୁ ଅବାଧରେ ପ୍ରତିଦିନ ଟ୍ରକ ଯୋଗେ ବାହାରକୁ କୁଇଣ୍ଟାଲ କୁଇଣ୍ଟାଲ ଧାନ ଚାଲାଣ ହେଉଛି। କଟିଙ୍ଗ ଛଟିଙ୍ଗ ନେଇ ଏ କ୍ଷେତ୍ରରେ କୌଣସି ଝିନ ଝଟ ମଧ୍ୟ ନାହିଁ। ଚଳିତ ବର୍ଷ ରବି ଧାନ ଚାଷ ଖୁବ ଭଲ ହୋଇଛି। ଜଣେ ଜଣେ ଚାଷୀ ପାଖରେ ଅନ୍ୟୁନ ୨୦/୩୦ କୁଇଣ୍ଟାଲ ଧାନ ଅମଳ ହୋଇ ଏବେ ପଡି ରହିଛି। ଧାନ ରଖିବା ପାଇଁ ଜାଗା ର ମଧ୍ୟ ଅଭାବ ଦେଖା ଦେଇଛି। କେତେକ ଚାଷୀ ଖରିଫ ଧାନ ଚାଷ ପାଇଁ ରବି ଧାନକୁ ଅଳ୍ପ ଦାମରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହି ଅଭାବୀ ଧାନ ବିକ୍ରିକୁ ରୋକିବା ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ମଙ୍ଗଳି ଚରଣ ଦାସ, ମୁକୁନ୍ଦ କୁମାର ଟୁଡୁ, ରାଜେନ୍ଦ୍ର କୁମାର ସି, ଗଗନ କୁମାର ବେହେରା, ଗୁଣାକର ବାରିକ, ସାଲ ଖାନ ସିଂ, ବାଇଧର ଜେନା, ସୁମନ୍ତ କୁମାର ରାଉତ, ସ୍ୱରାଜ କାନ୍ତ ବେହେରା, ତନ୍ମୟ କୁମାର ପାଳ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

## କମ୍ୟୁନିଟି କେନ୍ଦ୍ରର ଭିତ୍ତିପ୍ରସ୍ତର



ରେମୁଣା, ୧୮।୫ (ସମିସ): ରେମୁଣା ଏନ.ଏ.ସି. ଅନ୍ତର୍ଗତ ୮ ନମ୍ବର ୱାର୍ଡ ନରହରିପୁର ଲାକବଦ୍ରା କମ୍ୟୁନିଟି କେନ୍ଦ୍ରର ପୂର୍ଣ୍ଣାଙ୍ଗ କରଣର ଶୁଭ ଭିତ୍ତିପ୍ରସ୍ତର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନିରୁଦ୍ଧ ଲେଙ୍କା ସଭାପତିତ୍ୱ କରିଥିଲେ। ଉଦଘାଟକ ଭାବେ ଏନ.ଏ.ସି. ଅଧ୍ୟକ୍ଷା ତନୁଜା ଗିରି, ଉପାଧ୍ୟକ୍ଷ ତଥା ଏନ.ଏ.ସି. ବିଜେଡି ସଭାପତି ଆୟସନ ଖାଁ, ସମ୍ମାନିତ ଅତିଥି ଭାବେ ୮ନମ୍ବର ୱାର୍ଡ କାଉନସିଲର କୁନ୍ତଳା ତରେଇ ଯୋଗ ଦେଇ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ ଉତ୍ସବ ରେ ଗ୍ରାମ ର ଶତାଧିକ ଲୋକ ଉପସ୍ଥିତ ଥିଲେ। ରାମ ବେହେରା, ସଞ୍ଜୟଗୋପାଳ ବେହେରା, ରବି ପତି, କାର୍ତ୍ତିକ ରଣା, ରମେଶ ସିଂ, ଆପୁ ସିଂ, ବିଜୟ ମହାରଣା, ଜୟ ସିଂହ, ଦେବେନ୍ଦ୍ରନାଥ ବେହେରା, ପରମାନନ୍ଦ ଜେନା, ସୁନୀଲ ଲେଙ୍କା, ଚୈତନ୍ୟ ମାଝୀ, କପିଳେନ୍ଦ୍ର ବେହେରା, ସନ୍ତୋଷ ମହାରଣା ପ୍ରମୁଖଙ୍କ ସହ ଆଦିବାସୀ ବାଦ୍ୟର ତାଳରେ ନୃତ୍ୟ କରି ଲାକୋବଦ୍ରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସହଯୋଗ କରିଥିଲେ। ଦୁଷ୍ମନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ୫୩ନଂ ଜାତୀୟ ରାଜପଥ କାମ ନିମ୍ନମାନର ଅଭିଯୋଗ

# ରାଜପଥ କର୍ତ୍ତୃପକ୍ଷଙ୍କ ପାଞ୍ଚଜଣିଆ ଟିମ୍‌ର ଯାଞ୍ଚ

କେନ୍ଦ୍ରାପଡ଼ା,୧୮।୫(ସମିସ)



ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ ନିର୍ମାଣାଧୀନ ୫୩ନଂ ଜାତୀୟ ରାଜପଥର କାମକୁ ନେଇ ଉଠିଥିବା ଅଭିଯୋଗ ପରେ ରାଜପଥ କର୍ତ୍ତୃପକ୍ଷ ସକ୍ରିୟ ହୋଇଛନ୍ତି। ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଦର୍ଶୀ ପ୍ରକାଶଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ କେନ୍ଦ୍ରାପଡ଼ାରେ ପହଞ୍ଚି ରାସ୍ତା ନିର୍ମାଣ କାମର ମାନ ପରଖିଛନ୍ତି। ଏହି ଟିମ୍ ଦୁହୁରିଆ, ଶ୍ୟାମସୁନ୍ଦରପୁର, ଗୋପ ଛକ ଓ ଛ'ଘରିଆ ଆଦି ସ୍ଥାନକୁ ଯାଇ ନିର୍ମାଣାଧୀନ ରାସ୍ତାର ତଦନ୍ତ କରିଛି। ବିଶେଷକରି ଶ୍ୟାମସୁନ୍ଦରପୁର ଅଞ୍ଚଳରେ ପ୍ରାୟ ଦୁଇମାସ ପୂର୍ବରୁ ଭୁଶୁଡ଼ି ପଡିଥିବା ରାସ୍ତା ଅଂଶକୁ ଯାଞ୍ଚ କରାଯାଇଥିଲା। ଏ ସମୟରେ ଠିକାସଂସ୍ଥାକୁ କଡ଼ା ତାଗିଦ କରାଯାଇ ଭବିଷ୍ୟତରେ ଏଭଳି ତ୍ରୁଟିର ପୁନରାବୃତ୍ତି ନ ହେବାକୁ ସତର୍କ କରାଯାଇଛି।

ସୂଚନା ମୁତାବକ, ହଜାର ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ଜାତୀୟ ରାଜପଥର ଗୁଣମାନକୁ ନେଇ ଦୀର୍ଘଦିନ ଧରି ସାଧାରଣ ଲୋକ ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରଶ୍ନ ଉଠୁଥିଲା। କେନ୍ଦ୍ରାପଡ଼ା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ସଭାପତି ସ୍ମୃତିରଞ୍ଜନ ଜେନା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ଯେ ଦୁହୁରିଆ ଛକ ନିକଟରେ ଅତ୍ୟନ୍ତ ନିମ୍ନମାନର କାମ ହେଉଛି। ରାସ୍ତାର ବିଭିନ୍ନ ଅଂଶ ଫାଟିଯିବା ସହ କେତେକ ସ୍ଥାନରେ ରାସ୍ତା ଭୁଶୁଡ଼ି ପଡୁଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି ହୋଇଛି। ନିର୍ମାଣ କାମରେ ନିମ୍ନମାନର ପଦାର୍ଥ ବ୍ୟବହାର କରାଯାଇଥିବା ସହ ନିର୍ଦ୍ଦିଷ୍ଟ ପ୍ରାବଧାନକୁ ମଧ୍ୟ ଉଲ୍ଲଙ୍ଘନ କରାଯାଇଛି। ନିର୍ମାଣ କାମର ତଦାରଖ କରୁଥିବା ସରକାରୀ ସଂସ୍ଥାର କିଛି ଅଧିକାରୀ ନିଜ କର୍ତ୍ତବ୍ୟ ପାଳନରେ ଅବହେଳା କରୁଥିବାରୁ ଜନସାଧାରଣଙ୍କ ଟିକସ ଅର୍ଥର ଅପଚୟ ହେଉଥିବା ଅଭିଯୋଗ ମଧ୍ୟ ଉଠିଥିଲା। ଏହି ଅଭିଯୋଗକୁ ଗୁରୁତ୍ୱ ଦେଇ ଭୁବନେଶ୍ୱରସ୍ଥ ଜାତୀୟ ରାଜପଥ କର୍ତ୍ତୃପକ୍ଷର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଡେପୁଟୀ ଜେନେରାଲ ମ୍ୟାନେଜର (ଟେକ୍ନିକାଲ) ଅମିତ କୁମାର ଗୁପ୍ତା ଚଣ୍ଡିଖୋଲ ପ୍ରକଳ୍ପ କାର୍ଯ୍ୟାଳୟକୁ ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ପ୍ରକଳ୍ପ ନିର୍ଦ୍ଦେଶକ ଦର୍ଶୀ ପ୍ରକାଶଙ୍କ ନେତୃତ୍ୱରେ ଏକ ଟିମ୍ କେନ୍ଦ୍ରାପଡାରେ ପହଞ୍ଚି ଉଭୟ ଅଭିଯୋଗର ଯାଞ୍ଚ କରିଥିଲା। ତଦନ୍ତ ରିପୋର୍ଟ ରାଜ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଦିଆଯିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଆଘାତରେ କାଠ ମିସ୍ତ୍ରିଙ୍କ ମୃତ୍ୟୁ



ଡେରାବିଶ,୧୮।୫(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଗୋଲରାହାଟ ଗ୍ରାମର ପ୍ରଫୁଲ ସାହୁଙ୍କ ଘରେ କାଠ କାମ କରିବାକୁ ଆସିଥିବା ମିସ୍ତ୍ରିଙ୍କର ବିଦ୍ୟୁତ୍ ଆଘାତରେ ଆଜି ମୃତ୍ୟୁ ଘଟିଥିବା ନେଇ ଡେରାବିଶ ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣକ ବାଲିଆ ପଞ୍ଚାୟତ ୱାଉଖଣ୍ଡ ଗ୍ରାମର ଗୋକନ କୁମାର ମହାରଣା। ଗୋକନ ପ୍ରଫୁଲ୍ଲଙ୍କ ଘରେ କାଠ କାମ କରୁଥିବା ସମୟରେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତକଙ୍କ ଭାଇ ଗୋପିନାଥ ମହାରଣା ଡେରାବିଶ ଥାନାରେ ଅଭିଯୋଗ କରିଥିବାବେଳେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ସନ୍ଧ୍ୟା ହୋଇଯିବାରୁ ବ୍ୟବଚ୍ଛେଦ ହୋଇ ନ ଥିବା ଜଣାପଡ଼ିଛି।

## ଡାକ୍ତର ଗୋଲେଖ ନାଉରୀଙ୍କ ପରିବାରକୁ ଭେଟିଲେ ଡା. ସୌଭାଗ୍ୟ ପରିଡ଼ା

ମହାକାଳପଡ଼ା, ୧୮।୫(ସମିସ): ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତର ଡାକ୍ତର ଗୋଲେଖ ନାଉରୀଙ୍କ ହତ୍ୟା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଡାକ୍ତର ନାଉରୀଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଦୁଃଖଦ ଘଟଣା ପରେ ଡା. ସୌଭାଗ୍ୟ ପରିଡ଼ା ମୃତ ଡାକ୍ତରଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି। ସେ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଛନ୍ତି। ଡାକ୍ତର ନାଉରୀଙ୍କୁ ହତ୍ୟା କରିଥିବା ଅପରାଧୀଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି। ଡାକ୍ତର ଗୋଲେଖ ନାଉରୀ କେବଳ ଜଣେ ଡାକ୍ତର ନୁହଁନ୍ତି, ସେ ସାଧାରଣ ଲୋକଙ୍କ ପାଇଁ ଜଣେ ଭରସାର ପ୍ରତୀକ ଥିଲେ ବୋଲି ଡାକ୍ତର ପରିଡ଼ା କହିଛନ୍ତି। ଏଥିସହ ମୃତକଙ୍କ ପତ୍ନୀ, ଛୋଟ ଝିଅ ଓ ପରିବାରକୁ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରିବାକୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।



### ଚାନ୍ଦୋଲ ବଜାରରୁ ଯୁବକଙ୍କ ମୃତଦେହ ଜବତ

## ପରିବାର ଆଣିଲେ ହତ୍ୟା ଅଭିଯୋଗ; ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଡେରାବିଶ, ୧୮।୫(ସମିସ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଥିବା ଏକ ବ୍ୟବସାୟିକ କମ୍ପ୍ଲେକ୍ସ ପାଚେରୀ କଡ଼ରେ ଆଜି ସକାଳୁ ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ମୃତ ଯୁବକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡେଇ ଗ୍ରାମର ଆଶିଷ ମିତ୍ର (୨୯)। ଏ ସଂକ୍ରାନ୍ତରେ ମୃତ ଯୁବକଙ୍କ ବାପା ସଞ୍ଜୀବ ମିତ୍ର ତାଙ୍କ ପୁଅକୁ ପ୍ରାୟୋଜିତ ଭାବେ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ପହଞ୍ଚି ଶବକୁ ଜବତ କରିବା ସହ ପାରିପାର୍ଶ୍ୱିକ ଅବସ୍ଥାର ଅନୁଧ୍ୟାନ କରିଥିଲେ। ପରେ ଘଟଣାସ୍ଥଳରେ ମନୋରମା ରାଉତଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତକୁ ଆଗେଇ ନେଇଛନ୍ତି। ସଞ୍ଜୀବଙ୍କ ଅଭିଯୋଗ ଅନୁଯାୟୀ ଆଶିଷ ଗତକାଲି ରାତି ୧୦ଟା ୩୦ ମିନିଟ୍ ସମୟରେ ତା'ର ସାଙ୍ଗ ସୋନୁ ସହ ତାଙ୍କ ଘରକୁ ଆସିଥିଲେ। ଘରେ ଉଭୟଙ୍କ ପାଇଁ ଖାଦ୍ୟ ପ୍ୟାକ୍ କରି ସୋନୁ ଘରେ ଆଜି ରାତିରେ ରହିବେ ଓ ସେଠାରେ ଖାଇବେ ବୋଲି କହି ଯାଇଥିଲେ। ଏପରିକି ଏକଘଣ୍ଟା ପରେ ଫୋନ୍ ଯୋଗେ ତା'ର ଭଉଣୀକୁ ପଚାରିଥିଲା କି ପାର୍ଶଲରେ କି କି ଖାଦ୍ୟ ଦେଇଛୁ ବୋଲି କହିଥିଲେ। ତେବେ ଆଜି ସକାଳୁ ପୁଅ ଆଶିଷର ମୃତଦେହ ଚାନ୍ଦୋଳ ବଜାରରେ ଥିବା ଏକ ମୋଟର ସାଇକେଲ୍ ସୋରୁମ୍ କଡ଼ରୁ କ୍ଷତାକ୍ତ ଅବସ୍ଥାରେ ମିଳିଛି। ସୋନୁର ଘର କୁଜାନଗରୀ ଥାନା ଅନ୍ତର୍ଗତ ଭାରିଗୋଳ ଗ୍ରାମରେ ହୋଇଥିବାବେଳେ ସେ ଦୁର୍ଘଟଣା ଘଟିଥିବା କମ୍ପ୍ଲେକ୍ସର ମାଲିକଙ୍କ ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନରେ ବିକ୍ରେତା ଭାବେ କାର୍ଯ୍ୟ କରୁଥିଲା ଓ ତାଙ୍କ କମ୍ପ୍ଲେକ୍ସରେ ରହୁଥିଲା। ପୋଲିସ୍ ସୋନୁକୁ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ସଞ୍ଜୀବଙ୍କ ଅଭିଯୋଗ ଆଧାରରେ କେନ୍ଦ୍ରାପଡ଼ା ସଦର ଥାନାରେ ୩୦୯/୨୬ରେ ଏକ ମାମଲା ରୁଜୁ କରାଯିବା ସହିତ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



### ଜିଲ୍ଲାପାଳଙ୍କ ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

## ସମସ୍ୟା ସମାଧାନ ନିମନ୍ତେ ନେଲେ ପଦକ୍ଷେପ



ଡେରାବିଶ,୧୮।୫(ସମିସ): ନହଙ୍ଗ ପଞ୍ଚାୟତ ଅଧୀନ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ ସେବାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଦୈନିକ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫୦ରୁ ଊର୍ଦ୍ଧ୍ୱ ରୋଗୀ ନିଜର ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ଅଛନ୍ତି। ଏଠାରେ ଅବସ୍ଥାପିତ ଜଣେ ଡାକ୍ତରଙ୍କ ସମେତ ଅଳ୍ପ କେତେଜଣ କର୍ମଚାରୀରେ ସ୍ୱାସ୍ଥ୍ୟସେବା ଚାଲୁଥିବାରୁ ସମସ୍ୟା ଦେଖାଦେଇଛି। ଅଧିକ କର୍ମଚାରୀ ଯୋଗାଇ ଦେବା ସହ ରୋଗୀଙ୍କ ପାଇଁ ନିରାମୟ ଯୋଜନାରେ ଆବଶ୍ୟକ ଔଷଧ ଯୋଗାଇ ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପାଖରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ଜିଲ୍ଲା କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାରୁ ରୋଗୀ ଓ ସାଧାରଣରେ ଗଭୀର ଅସନ୍ତୋଷ ଦେଖାଦେଇଥିଲା। ସୋମବାର ଡେରାବିଶ ବ୍ଲକ୍ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିରରେ ସାମାଜିକ କର୍ମୀ ଭବାନୀ ପ୍ରସାଦ ଓଝାଙ୍କ ନେତୃତ୍ୱରେ ନାରାୟଣ ଲେଙ୍କା, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, କୁଞ୍ଜବିହାରୀ ଦାସ, ଅଭିମନ୍ୟୁ ରାଉତ, ଅଧ୍ୟାପକ ପ୍ରଭାକର ସାମଲଙ୍କ ସମେତ ବହୁ ବ୍ୟକ୍ତି ଜିଲ୍ଲାପାଳଙ୍କୁ ଭେଟି ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଜଣେ ଡାକ୍ତର ସକାଳ ୮ଟାରୁ ରାତି ୮ଟା ଯାଏ ସେବା ପ୍ରଦାନ କରୁଥିବାବେଳେ ଏଠାରେ ଅବସ୍ଥାପିତ ହୋଇଥିବା ଫାର୍ମାସିଷ୍ଟଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା କହିଥିଲେ। ନୂଆ କରି ଆସିଥିବା ଫାର୍ମାସିଷ୍ଟ ଅନୁପସ୍ଥିତ ରହିଛନ୍ତି। ସେହିପରି ମହିଳା ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଏଠାରେ ମହିଳା ସେବିକା ନ ଥିବା, ୱାଚ୍‌ମ୍ୟାନ୍ ପଦ ଖାଲିପଡ଼ିଥିବା ସହ ନିରାମୟ କେନ୍ଦ୍ରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଆବଶ୍ୟକ ଔଷଧ ନ ଦେବା ଆଦି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ରଘୁରାମ ଆର୍ ଆୟର ଆଜି ସନ୍ଧ୍ୟାରେ ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ବିଷୟରେ ସେଠାରେ ଉପସ୍ଥିତ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଗିରି, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ୟାମସୁନ୍ଦର ଟୁଡୁ ଓ ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଧର୍ମେନ୍ଦ୍ର ସିଂହଙ୍କ ସହ ଆଲୋଚନା କରିଥିଲେ। ରୋଗୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିରାମୟ କେନ୍ଦ୍ରକୁ ଆବଶ୍ୟକ ଔଷଧ ଯୋଗାଣ, ଏଠାକୁ ବଦଳି ହୋଇ ଆସି କାର୍ଯ୍ୟରେ ଅନୁପସ୍ଥିତ ରହୁଥିବା ଫାର୍ମାସିଷ୍ଟ ବଦଳରେ ଅନ୍ୟଜଣେ ଫାର୍ମାସିଷ୍ଟଙ୍କୁ ନିଯୁକ୍ତ କରିବା, ଖାଲିପଡ଼ିଥିବା ମହିଳା ସେବିକା ପଦବୀ ପୂରଣ କରିବା ଓ ଆବଶ୍ୟକ ହେଉଥିବା ଅନ୍ୟ କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି ପାଇଁ ଜିଲ୍ଲାପାଳ ଆୟାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଭିତରକନିକା ଜାତୀୟ ଉଦ୍ୟାନରେ ଟ୍ରାପିଙ୍ଗ କ୍ୟାମେରା ଲାଗିବା ନେଇ ପ୍ରଶିକ୍ଷଣ

ରାଜନଗର, ୧୮।୫(ସମିସ): ଭିତରକନିକା ଜାତୀୟ ଉଦ୍ୟାନରେ ଲାଗିବ ଟ୍ରାପିଙ୍ଗ କ୍ୟାମେରା। ଏ ନେଇ ଲୁଣା ଜଙ୍ଗଲ ବନ୍ୟଜୀବ ବନଖଣ୍ଡ ରାଜନଗର ଅଧୀନସ୍ଥ କନିକା ବନାଞ୍ଚଳରେ ଏଆଇଟିଇ (ଏଆଇଟିଇ) ସର୍ଭେ ସମ୍ବନ୍ଧୀୟ କ୍ୟାମେରା ଟ୍ରାପିଂ ସେଟିଂ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ସହକାରୀ ବନ ସଂରକ୍ଷକ ମାନସ ଦାସ, ସହକାରୀ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ୍ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷକ ସୁଶୀଲ ଦେଓ (ଏସିଏଫ୍, ଶିମିଳିପାଳ) ଜଙ୍ଗଲ ମଧ୍ୟରେ କିପରି କ୍ୟାମେରା ଲାଗିବ, ଜୀବଜନ୍ତୁଙ୍କ ସହ ଶିକାରୀଙ୍କ ଗତିବିଧି ଉପରେ କିପରି ଏହି କ୍ୟାମେରା ମାଧ୍ୟମରେ ନଜର ରଖି ହେବ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାଜନଗର ବନଖଣ୍ଡ ଅନ୍ତର୍ଗତ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଫରେଷ୍ଟର ବିଜୟ ପାତ୍ର, ରଞ୍ଜନ ପାଣି, ବିଭୁତି ତରାଇ, ଫରେଷ୍ଟ ଗାର୍ଡ ଓ ବନ କର୍ମଚାରୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ।



## ନୃସିଂହନାଥ ବିଦ୍ୟାପୀଠରେ ପୁରାତନ ଛାତ୍ର ସଂସଦ ଗଠିତ

ରାଜକନିକା,୧୮।୫(ସମିସ): ରାଜକନିକା ବ୍ଲକ ସିହୋପଡା ପଞ୍ଚାୟତର ଭାମଣ୍ଡାସ୍ଥ ନୃସିଂହନାଥ ଉଚ୍ଚ ବିଦ୍ୟାପୀଠର ବିକାଶ ପାଇଁ ଆଜି ପୁରାତନ ଛାତ୍ର ସଂସଦ ଗଠନ କରାଯାଇଛି। ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ସମାଜରେ ପ୍ରତିଷ୍ଠିତ ହୋଇଥିବା ପୁରାତନ ଛାତ୍ରଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବାର ପ୍ରୟାସ ନେଇ ପୁରାତନ ଛାତ୍ର ସନ୍ତୋଷ ନାୟକଙ୍କ ଆବାହକତ୍ୱରେ ଆଜି ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଉପସ୍ଥିତ ପୁରାତନ ଛାତ୍ରଙ୍କ ସହମତିରେ ପୁରାତନ ଛାତ୍ର ସଂସଦ ଗଠନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରି ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସହକାରୀ ଶିକ୍ଷକ ବିମଳ ନାୟକ ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ପୁରାତନ ଛାତ୍ର ସଂସଦର ପରିଚାଳନା ପାଇଁ ସର୍ବସମ୍ମତି କ୍ରମେ ୧୨ଜଣିଆ କମିଟି ଚୟନ କରାଯାଇଛି। ପୁରାତନ ଛାତ୍ର ସଂସଦର ଗାରିମା ବଢ଼ାଇବାକୁ ଡାକ୍ତର ନିମାଇଁ ଚରଣ ନାୟକ ସଭାପତି ଓ କାମଲଲୋଚନ ରାୟଙ୍କୁ ଉପସଭାପତି ଚୟନ କରାଯାଇଛି।



## ବିନା ତାଲିମ ଓ ସୂଚନାରେ ଅଙ୍ଗନବାଡି କର୍ମୀଙ୍କୁ ଅଗ୍ନି ନିର୍ବାପକ ସାମଗ୍ରୀ ବଣ୍ଟନ



ରାଜକନିକା,୧୮।୫(ସମିସ): ଦୀର୍ଘଦିନ ହେବ ସମସ୍ତ କାର୍ଯ୍ୟରେ ବହୁ ଅନିୟମିତତା କରି ଚର୍ଚ୍ଚାରେ ରହି ଆସୁଥିବା ରାଜକନିକା ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ କାର୍ଯ୍ୟାଳୟ ପୁଣି ଆଉଏକ ବିବାଦରେ ଛନ୍ଦି ହୋଇଛି। କୌଣସି ଆଗୁଆ ସୂଚନା ନ ଦେଇ ଓ ଖୋଦ ସିଡିପିଓ ଅନୁପସ୍ଥିତ ଥିବାବେଳେ ଆଜି ତରବରିଆ ଭାବେ ୩ ଶହରୁ ଊର୍ଦ୍ଧ୍ୱ ଅଙ୍ଗନବାଡି କର୍ମୀଙ୍କୁ ଦୁଇଟି ନିଆଁ ଲିଭା ପାଇଁ ବାଲି ରଖିବାକୁ ବାଲଟି ଓ ବ୍ୟାଗରେ ଏକ କପଡା ଦିଆଯାଇଛି। ଏ ବାବଦକୁ କେତେ ପରିମାଣର ଅର୍ଥ ମଞ୍ଜୁର ହୋଇଛି, କେଉଁ ଏଜେନ୍ସି କେଉଁ ମାନର କ'ଣ କ'ଣ ସାମଗ୍ରୀ ଦେବ, ସେ ବାବଦରେ ଅଙ୍ଗନବାଡି କର୍ମୀ କୌଣସି ସୂଚନା ମଧ୍ୟ ପାଇନାହାନ୍ତି। ଅଙ୍ଗନବାଡି କର୍ମୀଙ୍କୁ ତଳିଆ କର୍ମଚାରୀ ରେଜିଷ୍ଟରରେ ଦସ୍ତଖତ କରାଇ ଏହି ଜିନିଷ ଧରାଇ ଦେଉଥିବାବେଳେ ସେମାନେ ଏହାର ବ୍ୟବହାର ପାଇଁ କୌଣସି ତାଲିମ ମଧ୍ୟ ନେଇ ନ ଥିବା କହିଛନ୍ତି। ଅତୀତରେ ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ଅଞ୍ଚଳର ବିଭିନ୍ନ ଏଜେନ୍ସି ଦ୍ୱାରା ବ୍ରୁଟୁଥ, ରାକ, ଖେଳନା, ଓଜନ ଯନ୍ତ୍ର ଭଳି ବହୁ ସାମଗ୍ରୀ ପ୍ରଦାନ ବେଳେ ନିମ୍ନମାନର ସାମଗ୍ରୀ ଦେଇ ଠକିଥିବା ଗୁରୁତର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ତଦନ୍ତ କରାଯାଇନାହିଁ। ଏଠାରେ ଦୀର୍ଘ ଦିନ ହେବ ସ୍ଥାୟୀ ସିଡିପିଓ ନ ରହିବା, ଆଳି ସିଡିପିଓ ଚାର୍ଜରେ ରହିବା କାରଣରୁ ଦୁଇଜଣ ସୁପରଭାଇଜର ସବୁ କଥାରେ ନିଜର ମନମାନୀ ଚଳାଇ ଆସିବା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ସରକାରୀ ଅର୍ଥରେ କର୍ମୀଙ୍କ ଦସ୍ତଖତରେ ବିଭିନ୍ନ ସାମଗ୍ରୀ କ୍ରୟ ପାଇଁ ଅର୍ଥ ପ୍ରଦାନ କରାଯାଉଥିବାବେଳେ କର୍ମୀ କିଛି ଜାଣୁ ନ ଥିବାରୁ ଏଥିରେ ସିଧାସଳଖ ଦୁର୍ନୀତି ହେଉଥିବା ସ୍ପଷ୍ଟ ହୋଇଛି। ତେବେ ଛୋଟ ଛୋଟ ପିଲାଙ୍କ ପାଇଁ ଥିବା ସରକାରୀ ବ୍ୟବସ୍ଥା ଓ କାର୍ଯ୍ୟକ୍ରମରୁ ସିଂହଭାଗ ଲୁଟି ଏଜେନ୍ସି ଓ ଅଧିକାରୀ ମାଲେମାଲ ହେଉଥିବାବେଳେ ବିଚରା କର୍ମୀ ହାତକାଟି ଲେଖି ଦେଇ ଚୁପ ରହିବାକୁ ବାଧ୍ୟ ହୋଇଛି। ରାଜକନିକା ଶିଶୁ ବିକାଶ ପ୍ରକଳ୍ପରେ ଜାରି ରହିଥିବା ବିବିଧ ଆର୍ଥିକ ଅନିୟମିତତା ଭଳି ଫାୟାର ସେଫଟି କିଟ୍ ପ୍ରଦାନରେ ଥିବା ଅନ୍ଧାରି ଦିଗ ସମ୍ପର୍କରେ ଜିଲ୍ଲାପାଳ ତଦନ୍ତ କରିବାକୁ ଦାବି ହୋଇଛି।

### ଡେରାବିଶ ବ୍ଲକ୍‌ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୫୪ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ଡେରାବିଶ, ୧୮।୫(ସମିସ): ଡେରାବିଶ ବ୍ଲକ୍ କାର୍ଯ୍ୟାଳୟରେ ସୋମବାର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ଏସ୍‌ପି ସିଦ୍ଧାର୍ଥ କାଟାରିଆ ଉପସ୍ଥିତ ରହି ୫୪ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରେ ୧୦ ସାମୂହିକ ଓ ୪୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଯୋଗାଣ ବିଭାଗ ଓ ରାଶନକାର୍ଡରେ ନାମ ପଞ୍ଜିକରଣ, ବାସଗୃହ, ବିଭିନ୍ନ ଭତ୍ତା ଯୋଜନାରୁ ବଞ୍ଚିତ ହିତାଧିକାରୀ, ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ପାନୀୟଜଳ ଯୋଗାଣ ପ୍ରମୁଖ ଅଭିଯୋଗ ଆସିଥିଲା। ତେବେ ଆଜିର ଏହି ଶିବିରରେ ୨ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନବକିଶୋର ଜେନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଳିକ, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକଙ୍କ ସମେତ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



## ବାର୍‌ହା ଧରିବାକୁ ଯାଇ ବନ କର୍ମଚାରୀ ଆହତ



ରାଜନଗର, ୧୮।୫(ସମିସ): ରାଜନଗର ବ୍ଲକ୍ ଖମାରସାହି ଗ୍ରାମର ପ୍ରଦୀପ ଦାସଙ୍କ ବାଡ଼ିରେ ରବିବାର ଦିନ ଏକ ବାର୍‌ହା ବୁଲୁଥିବା ପରିବାର ଲୋକ ଦେଖିଥିଲେ। ଏ ନେଇ ବନ ବିଭାଗକୁ ଖବର ଦେବା ପରେ କନିକା ରେଞ୍ଜ କାର୍ଯ୍ୟାଳୟର କର୍ମଚାରୀ ପ୍ରଦୀପଙ୍କ ବାଡ଼ିରେ ବୁଲୁଥିବା ବାରହା ଧରିବାକୁ ପହଞ୍ଚିଥିଲେ। ବାର୍‌ହାକୁ ଦେଖି ତାକୁ ଧରିବାକୁ ଜାଲ ବିଛାଇଥିଲେ। ମାତ୍ର ବାର୍‌ହା ଧରା ହେବା ପୂର୍ବରୁ ଅସ୍ଥାୟୀ କର୍ମଚାରୀ ରମାକାନ୍ତ ଦାସଙ୍କ ହାତକୁ କାମୁଡ଼ି ଦେଇ ବାଡ଼ି ଭିତରକୁ ଚାଲିଯାଇଥିଲା। ବାର୍‌ହାକୁ ବନ କର୍ମଚାରୀ କାବୁ କରିବାରେ ସଫଳ ନ ହୋଇ ଫେରିଥିଲେ। ଆହତ ଶ୍ରୀ ଦାସଙ୍କୁ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିବା ସୂଚନା ମିଳିଛି।

## ଶିକ୍ଷକ ନିରାକାର ଦାସଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୧୮।୫(ସମିସ): ବଲୁରିଆ ହାଇସ୍କୁଲର ପୂର୍ବତନ ଛାତ୍ର ବତ୍ସଳ ଶିକ୍ଷକ ନିରାକାର ଦାଶ (୮୧)ଙ୍କ ରବିବାର ତାଙ୍କ ନୂଆଡିଆସ୍ଥ ବାସଭବନରେ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ପୁରାତନ ଛାତ୍ର ରମେଶ ଦାଶ, ଗୋଲକ ପାତ୍ର, ପାର୍ଥସାରଥୀ ଦାଶ, ସଚ୍ଚିତ୍ର ବେହୁରା, କୁଳମଣି ମଳିକ, ସିଦ୍ଧାର୍ଥ ଦାସ ଓ ଏସକେ ହାଇସ୍କୁଲର ଶିକ୍ଷକମାନେ ଶେଷ ଦର୍ଶନ କରିଥିଲେ। ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ପୁଅ ଦେବଦାସ ପ୍ରିୟଦର୍ଶୀ ଅଧିକାରୀ ମୁଖାଗ୍ନି ଦେଇଛନ୍ତି। ତାଙ୍କ ବିୟୋଗରେ ସମଗ୍ର ଧୋୟାଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜିଲ୍ଲା ଦଳିତ ବିକାଶ ମହାସଂଘ ବୈଠକ

ରାଜନଗର, ୧୮।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଦଳିତ ବିକାଶ ମହାସଂଘ ବୈଠକ ରାଜନଗରସ୍ଥ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦଳିତ ମହାସଂଘର ଆବାହକ ବସନ୍ତ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲା ଭୀମ ଆର୍ମୀର ସଭାପତି ନଗେନ୍ଦ୍ର ଜେନା ଯୋଗଦେଇ ଜିଲ୍ଲାରେ ଦଳିତମାନଙ୍କ ଉପରେ ଅତ୍ୟାଚାର ଓ ଆକ୍ରମଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଦଳିତଙ୍କ ଉପରେ ହେଉଥିବା ଆକ୍ରମଣ ଓ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ ଜାରି ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସର୍ବସମ୍ମତି କ୍ରମେ ଜିଲ୍ଲା ଦଳିତ ବିକାଶ ମହାସଂଘର କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ବସନ୍ତ ସେଠୀ, ଉପ ସଭାନେତ୍ରୀ ଭାବେ ସାଗରିକା ମଲିକ, ସାଧାରଣ ସମ୍ପାଦକ ଭାବେ ବାଣୀପ୍ରସାଦ ସେଠୀ, ସମ୍ପାଦକ ଭାବେ ସଞ୍ଜୟ ସେଠୀ, ସହସମ୍ପାଦିକା ଭାବେ ପୁଷ୍ପଲତା ଜେନା, କୋଷାଧ୍ୟକ୍ଷ ଭାବେ ଅନିରୁଦ୍ଧ ସେଠୀ, ଉପଦେଷ୍ଟା ଭାବେ ନଗେନ୍ଦ୍ର ଜେନା, ପ୍ରଦୀପ ଦାସ, ବ୍ରଜକିଶୋର ସେଠୀ, କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ବିଘ୍ନେଶ୍ୱର ସେଠୀ, ସୂର୍ଯ୍ୟକାନ୍ତ ଦାସଙ୍କୁ ଚୟନ କରଯାଇଥିଲା।



# ହାଟପାଟଣା କେନାଲବନ୍ଧ-ତୋଟାସାହି ରାସ୍ତାର ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ,୧୮।୫(ସମିସ)



କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ପଞ୍ଚାୟତରେ ଜଳ ସମ୍ପଦ ବିଭାଗ ପକ୍ଷରୁ ନବନିର୍ମିତ ନୂଆପାଟଣା ସେତୁ ଉଦଘାଟିତ ହୋଇଯାଇଛି। ଏ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସେତୁର ଉଦଘାଟନ କରିଥିଲେ। ଏଥିସହ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟରେ ହାଟପାଟଣା କେନାଲବନ୍ଧ-ତୋଟାସାହି ଭାୟା ଜେନାସାହି ରାସ୍ତାର ଶିଳାନ୍ୟାସ କରାଯାଇଛି। ଏ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରାସ୍ତାର ଶିଳାନ୍ୟାସ କରିଛନ୍ତି। ହାଟପାଟଣାଠାରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଶ୍ରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ୭ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ମଧୁଛନ୍ଦା ମହାନ୍ତି, ୧୫ନଂ ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସୁବାସ ଥାଟୋଇ, ରଶ୍ମିରଞ୍ଜନ ଗିରି, କେଶପୁର ସରପଞ୍ଚ କଲ୍ୟାଣୀ ମଲ୍ଲିକ, ନୀଳକଣ୍ଠପୁର ପଞ୍ଚାୟତ ଭାରପ୍ରାପ୍ତ ସରପଞ୍ଚ ମାତାଜୀ ବାରିକ, ସମିତି ସଭ୍ୟା ପଦ୍ମଜା ପ୍ରିୟଦର୍ଶିନୀ କର ଓ କେଶପୁର ସମିତି ସଦସ୍ୟା ବାସନ୍ତୀ ବେହେରା ପ୍ରମୁଖ ଯୋଗଦେଇ ବିଧାୟକ ଶ୍ରୀ ବେହେରାଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ନୀଳକଣ୍ଠପୁର ଓ କେଶପୁର ପଞ୍ଚାୟତର ଜନସାଧାରଣଙ୍କ ଦୀର୍ଘଦିନର ଦାବି ପୂରଣ ହେବା ସହିତ ଉତ୍ତମ ଗମନାଗମନ ସୁବିଧା ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରି ବିଧାୟକ ଶ୍ରୀ ବେହେରାଙ୍କୁ ସାଧୁବାଦ ଜଣାଇଥିଲେ। ଏହି ସଭାରେ ନୀଳକଣ୍ଠପୁର ଓ କେଶପୁର ପଞ୍ଚାୟତର ଜନସାଧାରଣଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ। ଶେଷରେ ତପନ ଦାସ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ନେତୃବୃନ୍ଦ ସରପଞ୍ଚ ପ୍ରତିନିଧି ପ୍ରମୋଦ ମଲିକ, ତପନ ଦାସ, ଜ୍ୟୋତି ପ୍ରକାଶ ରାଉତ, ହୃଷିକେଶ ପରିଡା, ବିଜୟ ଦାସ, ନିରଞ୍ଜନ ସାହାଣୀ, ମନୋରଞ୍ଜନ ଧଳ ପ୍ରମୁଖ ଯୋଗଦେଇ ଉଦଘାଟନ ଓ ଶିଳାନ୍ୟାସ ଉତ୍ସବ ପରିଚାଳନା କରିଥିଲେ।

୧୮/୫/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୩୭,୧୦୫/- ସୁନା:୦୦.୧୫୦ ଗ୍ରାମ୍ ରୁପା: ୨୨.୮୦୦ ଗ୍ରାମ୍





# ଆଚାର୍ଯ୍ୟ ହରିହର ଛକରୁ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଗାଏବ !



ପୁରୀ,୧୮।୫(ସମିସ): ପୁରୀ ସହରର ପ୍ରମୁଖ ଛକ ଆଚାର୍ଯ୍ୟ ହରିହର ଛକରେ ସ୍ଥାପିତ ଥିବା ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ହଠାତ୍ ଗାଏବ ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ରାସ୍ତା ପ୍ରଶସ୍ତୀକରଣ ଓ ସୌନ୍ଦର୍ଯ୍ୟକରଣ ନାଁରେ ପୂଜ୍ୟପୂଜାଙ୍କ ପ୍ରତିମୂର୍ତ୍ତିକୁ ଉଠାପକା କରାଯାଉଥିବା ଅଭିଯୋଗ କରି ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସମୁଦ୍ର ନିକଟ ଆଚାର୍ଯ୍ୟ ହରିହର ଛକ। ଆଚାର୍ଯ୍ୟ ହରିହରଙ୍କ ନାଁରେ ଏହି ଛକର ନାମକରଣ ହୋଇଥିବାବେଳେ ଏଠାରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ହେଲେ ରାତାରାତି ଆଚାର୍ଯ୍ୟ ହରିହର ଛକରୁ ପ୍ରତିମୂର୍ତ୍ତି ହଟାଇ ଦିଆଯିବା ପରେ ବୁଦ୍ଧିଜୀବୀମାନେ ପ୍ରଶାସନ ନିକଟରୁ ଜାଣିବାକୁ ଚାହିଁଥିଲେ। ପ୍ରତିମୂର୍ତ୍ତି କୁଆଡ଼େ ଗଲା ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ଏ ନେଇ ପୁରୀ ମହାନଗର ନିଗମ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା କହିଛନ୍ତି, ଦିଗବାରେଣୀ ବହୁତଳ ପାର୍କିଂକୁ ଯିବା ପାଇଁ ଏହି ରାସ୍ତା ଚଉଡ଼ା କରାଯିବ। ସେଥିପାଇଁ ରାସ୍ତା ପାଶ୍ୱର୍ରେ ଥିବା ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ସେଠାରୁ କଢ଼ାଯାଇଛି। ତାଙ୍କ କହିବା ଅନୁସାରେ, ରାସ୍ତା କାମ ସରିବା ପରେ ସମୁଦ୍ରକୂଳ ଥାନା ସମ୍ମୁଖରେ ଯେଉଁଠି ପୂର୍ବରୁ ଜଳଫୁଆରା ଥିଲା ସେହି ସ୍ଥାନରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ କରାଯିବ। ଏଥିପାଇଁ ଜଳ ପୂର୍ବ ଜାଗାରେ ଅର୍ଥାତ୍ ଜଳଫୁଆରା ଥିବା ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ତେବେ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି, ସୌନ୍ଦର୍ଯ୍ୟକରଣ ଓ ରାସ୍ତା ପ୍ରଶସ୍ତୀକରଣ ପାଇଁ ପୂଜ୍ୟପୂଜାଙ୍କ ପ୍ରତିମୂର୍ତ୍ତିକୁ ବାରମ୍ବାର ପୁନଃ ସ୍ଥାପନ କରାଯିବ। କିନ୍ତୁ ପ୍ରଶାସନର ଏହି ପ୍ରତିଶ୍ରୁତି ବାସ୍ତବରେ କାର୍ଯ୍ୟକାରୀ ହେଉଛି ନା ନାହିଁ, ତାହା ସମୟ ହିଁ କହିବ। ପୂର୍ବରୁ ମଧ୍ୟ ସୌନ୍ଦର୍ଯ୍ୟକରଣ ନାଁରେ ପ୍ରତିମୂର୍ତ୍ତି ହଟାଇ ସେଠାରେ ଜଳ ଫୁଆରା

## ସୌନ୍ଦର୍ଯ୍ୟକରଣ, ରାସ୍ତା ପ୍ରଶସ୍ତୀକରଣ ପାଇଁ ପୂଜ୍ୟପୂଜାଙ୍କୁ ଉଠାପକା

ଫୁଆରାକୁ ମଧ୍ୟ ହଟାଇ ଦିଆଯାଇଛି। ଅନ୍ୟପକ୍ଷରେ ବୁଦ୍ଧିଜୀବୀମାନେ କହିଛନ୍ତି, କିଛିବର୍ଷ ତଳେ ବର୍ତ୍ତମାନ ଯେଉଁଠି ଜଳ ଫୁଆରା ଥିଲା, ସେହି ଜାଗାରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ରହିଥିଲା। ସୌନ୍ଦର୍ଯ୍ୟକରଣ ପାଇଁ ସେତେବେଳେ ପ୍ରତିମୂର୍ତ୍ତି ହଟାଇ ନିକଟ ରାସ୍ତା ପାଶ୍ୱର୍ରେ ସ୍ଥାପନ କରାଯାଇଥିଲା। ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଥିବା ଜାଗାରେ ଜଳ ଫୁଆରା କରାଯାଇଥିଲା। ଏବେ ପୁଣି ରାସ୍ତା ପ୍ରଶସ୍ତୀକରଣ ନାଁରେ ସେହି ପ୍ରତିମୂର୍ତ୍ତିକୁ ହଟାଇ ଦିଆଯାଇଛି। ପ୍ରଶାସନ ପକ୍ଷରୁ କୁହାଯାଉଛି, କାମ ସରିଲେ ପୁଣି ଉଠାପକା କରାଯିବା କେତେ ଯୁକ୍ତିଯୁକ୍ତ? ସେମାନଙ୍କ କହିବା କଥା, ବିକାଶ ନାଁରେ ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା ଉଚିତ୍ ନୁହେଁ। ପ୍ରତିମୂର୍ତ୍ତି ହଟାଇବା ଆଗରୁ ପ୍ରଶାସନ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲା କି ନାହିଁ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଯୁଗ୍ମ କମିଶନର ଶ୍ରୀ ବେହେରା କହିଛନ୍ତି, ଦିଗବାରେଣୀ ବହୁତଳ ପାର୍କିଂ ଲାଗି ରାସ୍ତା ଚଉଡ଼ା କରିବା ଜରୁରୀ। ସେଥିପାଇଁ ପ୍ରତିମୂର୍ତ୍ତି କଢ଼ାଯାଇ ରଖାଯାଇଛି। କାମ ସରିବା ପରେ ଏହାକୁ ଜଳ ଫୁଆରା ସ୍ଥାନରେ କରାଯାଇଥିଲା। ଏବେ ପୁଣି ସେହି ଘଟଣାର ପୁନରାବୃତ୍ତି ହୋଇଛି। ଲୋକଙ୍କ ମନରେ ପ୍ରଶ୍ନ ଆଚାର୍ଯ୍ୟ ହରିହର ଛକ ପୁରୀର ଏକ ପରିଚୟ। ଏଠାରେ ଥିବା ପ୍ରତିମୂର୍ତ୍ତି କେବଳ ଏକ ପଥର ମୂର୍ତ୍ତି ନୁହେଁ ବରଂ ଲୋକଙ୍କ ଭାବାବେଗ ସହ ଜଡ଼ିତ। ବାରମ୍ବାର ଏହାକୁ ହଟାଇବା ଦ୍ୱାରା ଅସନ୍ତୋଷ ବଢୁଛି। ବୁଦ୍ଧିଜୀବୀମାନେ ଦାବି କରିଛନ୍ତି, ବିକାଶ କାମ କରିବା ଆଗରୁ ସାଂସ୍କୃତିକ ପ୍ରତୀକଙ୍କ ସମ୍ମାନ ରକ୍ଷା କରାଯାଉ। ନଚେତ୍ ବିକାଶ ନାଁରେ ପରମ୍ପରା ହରାଇବା ଅର୍ଥ ହେବ ନିଜ ପରିଚୟକୁ ହରାଇବା।

■ ନିର୍ମାଣ ଦୁର୍ଘଟଣାରେ ଶ୍ରମିକ ମୃତ୍ୟୁ ଘଟଣା

# ଓଏଚ୍ଆର୍ସିଙ୍କ ଦ୍ୱାରସ୍ଥ ହେଲା ସଚେତନ ନାଗରିକ ମଞ୍ଚ

ପୁରୀ,୧୮।୫(ସମିସ): ଚକ୍ର ତୀର୍ଥ ରୋଡ୍ସ୍ଥିତ ଏକ ଲଜ୍ର ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ କାନ୍ଥ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସଚେତନ ନାଗରିକ ମଞ୍ଚ ଓଡ଼ିଶା ମାନବାଧିକାର ଆୟୋଗ(ଓଏଚ୍ଆର୍ସି)ଙ୍କ ଦ୍ୱାରସ୍ଥ ହୋଇଛି। ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ କହିଛନ୍ତି, ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଅଞ୍ଚଳର ଶିଶିର ଦଳାଇ (୩୮) ଦୁର୍ଗା ଲଜ୍ର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। କାମ ସମୟରେ କାନ୍ଥ ପଡ଼ି ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ମଧ୍ୟ ବାସେଳିସାହି ଥାନା ଅଞ୍ଚଳରେ ୫ ମହଲା ବିଶିଷ୍ଟ ନିର୍ମାଣାଧୀନ କୋଠା ଛାତରୁ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ପୁରୀ ଏକ ପର୍ଯ୍ୟଟନ ସହର ଓ ତୀର୍ଥକ୍ଷେତ୍ର ହୋଇଥିବାରୁ ଏଠାକୁ ଦୈନିକ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ଆସିଥା'ନ୍ତି। ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟକ୍ତି ମନଇଚ୍ଛା ବେଆଇନ ଘର, ଲଜ୍ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟ ପୂର୍ବରୁ ଅନେକ ଅନୁମତି ନେଉନାହାନ୍ତି। ଏଥିସହ ନିର୍ମାଣରେ ନିୟୋଜିତ ଶ୍ରମିକଙ୍କ ସୁରକ୍ଷା ପାଇଁ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ଆଇନଜୀବୀ ଶ୍ରୀ ଦାଶ ଆୟୋଗଙ୍କ ନିକଟରେ ୪ ଦଫା ଦାବି ରଖିଛନ୍ତି। ସେଥିମଧ୍ୟରେ ଦୁର୍ଗା ଲଜ୍ର ପିକେଡିଏ, ବିଦ୍ୟୁତ୍ ବିଭାଗ, ପ୍ରଦୂଷଣ ବିଭାଗ, ଅଗ୍ନିଶମ ବିଭାଗର ଅନୁମତି ଥିଲା କି ନାହିଁ ତାହାର ତଦନ୍ତ, ଶ୍ରମ କମିଶନରଙ୍କ ଅନୁମତି ଥିଲା କି ନାହିଁ ତାହାର ଯାଞ୍ଚ, ଲଜ୍ ନିର୍ମାଣ କାର୍ଯ୍ୟ ନେଇଥିବା ଠିକାଦାରଙ୍କ ଲାଇସେନ୍ସ ଓ ଶ୍ରମିକ ନିୟୋଜନର ବୈଧତା ପ୍ରମାଣପତ୍ର ତଦନ୍ତ ଏବଂ ମୃତ ଶିଶିରଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଉ। ଏଥିସହ ଏହି ମାମଲାରେ ଆୟୋଗ ହସ୍ତକ୍ଷେପ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ; ୨ ଯୁବକ ଗିରଫ

ପୁରୀ,୧୮।୫(ସମିସ): ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ସମୁଦ୍ର କୂଳ ଥାନା ପୁଲିସ ଓ ଚନ୍ଦନପୁର ଥାନା ପୁଲିସ ଜଣେ ଲେଖାଏଁ ଯୁବକଙ୍କୁ ଗିରଫ କରିଛନ୍ତି। ସମୁଦ୍ର କୂଳ ଥାନା ପୁଲିସ ଗିରଫ କରିଥିବା ଯୁବକ ହେଉଛନ୍ତି ବ୍ରହ୍ମଗିରି ହାତିଆର ସନ୍ତୋଷ ଦଳେଇ (୩୩)। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୦ ଏପ୍ରିଲ୍ ମାସରେ ଫୋନ୍ ମାଧ୍ୟମରେ ସନ୍ତୋଷଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଥିଲେ। ପରେ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ ସିଟି ରୋଡ୍ର ପ୍ରଶାନ୍ତ ଗେଷ୍ଟ ହାଉସ୍ରେ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ୨୦୨୫ ନଭେମ୍ବର ମାସରେ ପୀଡ଼ିତା ଜାଣିବାକୁ ପାଇଥିଲେ ଯେ, ସନ୍ତୋଷଙ୍କ ଅନ୍ୟ ଜଣେ ଯୁବତୀଙ୍କ ସହ ବିବାହ ସ୍ଥିର ହୋଇଛି। ଏହା ପରେ ଉଭୟ ପରିବାର ବ୍ରହ୍ମଗିରିର ପାଦୁକାଇ ଠାକୁରାଣୀ ପୀଠରେ ବସି ଆଲୋଚନା କରିଥିଲେ। ଆଲୋଚନାରେ ସନ୍ତୋଷ ଫୋନ୍ କରି ଜଣାଇବେ ଏବଂ କିଛି ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦୁଇଦିନ ପରେ ଅର୍ଥାତ୍ ୩ ତାରିଖ ଅପରାହ୍ଣରେ ପୀଡ଼ିତା ସନ୍ତୋଷଙ୍କ ଘର ଆଗରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସନ୍ତୋଷ ତାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇ ଚିକିତ୍ସା କରାଇଥିଲେ। ଚିକିତ୍ସା ସମୟରେ ସନ୍ତୋଷ ତାଙ୍କୁ ଧମକ ଦେଇଥିଲେ ଯେ ଯଦି ଏ କଥା କାହାକୁ କହିବ ତେବେ ତାଙ୍କୁ ଓ ତାଙ୍କ ପରିବାରକୁ ମାରି ଦେବେ। ଏ ନେଇ ରବିବାର ପୀଡ଼ିତା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ସୋମବାର ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରିଛି। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

ସେହିପରି ଚନ୍ଦନପୁର ଥାନା ପୁଲିସ ଗିରଫ କରିଥିବା ଯୁବକ ହେଉଛନ୍ତି କଟକ ବୈଦେଶ୍ୱର ଥାନା କଳାପଥରର ନିଲୁ ସ୍ୱାଇଁ। ତଳଜଙ୍ଗ ଅଞ୍ଚଳର ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ନିଲୁ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପୀଡ଼ିତା ଯେତେବେଳେ ନିଲୁ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ, ସେ ସବୁ ସମ୍ପର୍କ ଛିନ୍ନ କରି ମୋବାଇଲ୍ ନମ୍ବର ବ୍ଲକ୍ କରି ଦେଇଥିଲେ। ତଦନ୍ତ ବେଳେ ଅଭିଯୁକ୍ତ ପୂର୍ବରୁ ବିବାହିତ ଏବଂ ତାଙ୍କର ସନ୍ତାନ ମଧ୍ୟ ଅଛନ୍ତି। ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପାଇଁ ସେ ଏପରି କରିଥିଲେ। ବର୍ତ୍ତମାନ ଅଭିଯୁକ୍ତ ପୀଡ଼ିତାଙ୍କୁ ବିବାହ କରିବାକୁ ମଧ୍ୟ ମନା କରି ଦେଇଛନ୍ତି। ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୀଡ଼ିତା ଓ ଅଭିଯୁକ୍ତ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ପରେ ଅଭିଯୁକ୍ତ ନିଲୁଙ୍କୁ ଗିରଫ କରି କୋର୍ଟରେ ହାଜର କରିଛି ପୁଲିସ।

କନେଷ୍ଟବଳ, ହାବିଲ୍ଦାରଙ୍କୁ ମିଳୁନି ଟିଏ

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଦୁର୍ନୀତିର ଗନ୍ଧ ବାରିଲା ଆପ୍

ପୁରୀ,୧୮।୫(ସମିସ): ପୁରୀ ଜିଲ୍ଲା ଆମ୍ ଆଦ୍ମୀ ପାର୍ଟି ପକ୍ଷରୁ ସୋମବାର ଦଳୀୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁଲିସ ବିଭାଗରେ ହୋଇଥିବା ଟିଏ ବିଲ୍ ଦୁର୍ନୀତି ସମ୍ପର୍କରେ ଅଭିଯୋଗ ଆଣିଛନ୍ତି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ କାହାକୁ ଅଛପା ନାହିଁ। ଗୁଣ୍ଡାଙ୍କ ସଂଖ୍ୟା ବଢ଼ିବା, ପୁଲିସ ପ୍ରତି ଭୟ ନ ରହିବା ଏହାର କାରଣ ବ୍ୟତୀତ ଅନ୍ୟ ଏକ କାରଣ ହେଉଛି ଖୋଦ୍ ପୁଲିସ ମାନସିକସ୍ତରରେ ଦୁର୍ବଳ ହୋଇପଡ଼ିଛି। ସେ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ପ୍ରାୟ ୨ ମାସକୁ ଥରେ ଟିଏ ବିଲ୍ ପେମେଣ୍ଟ କରାଯାଉଥିଲା। ହେଲେ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ କନେଷ୍ଟବଳ ଓ ହାବିଲ୍ଦାର୍ମାନେ ଟିଏ ବିଲ୍ ପାଇନାହାନ୍ତି। ପୁରୀ ଜିଲ୍ଲାରେ ଏଭଳି ବ୍ୟତିକ୍ରମ ନିଶ୍ଚିତ ଆଶ୍ଚର୍ଯ୍ୟଜନକ ଓ ଦୁଃଖଦ। ସରକାରୀ କର୍ମଚାରୀଙ୍କ ଟଙ୍କା ଟ୍ରେଜେରୀରୁ ଯାଇ ବ୍ୟାଙ୍କ ଆକାଉଣ୍ଟରେ ପଡ଼ିବା କଥା। କିନ୍ତୁ ହାତଗଣତି କେତେ ଜଣଙ୍କୁ କ୍ୟାସ୍ ଏବଂ ଫୋନ୍ ପେ' ମାଧ୍ୟମରେ ଏ ବାବଦ ଟଙ୍କା ଦିଆଯାଇଛି।

## ଅଧିକାରୀମାନେ ଜାଣି ଚୁପ୍ କାହିଁକି?

## ଉଚ୍ଚସ୍ତରୀୟ ତଦନ୍ତ ଦାବି

ଯେଉଁମାନେ ଅଫିସରଙ୍କ ପାଖରେ ଅଛନ୍ତି ଏବଂ ଅଭିଯୋଗ କରୁଛନ୍ତି ସେମାନଙ୍କୁ ଟଙ୍କା ଦିଆଯାଇଛି। ହେଲେ ଅନ୍ୟମାନଙ୍କୁ ଦିଆଯାଇ ନ ଥିବାରୁ ସେମାନଙ୍କ ଭିତରେ ବିଭେଦ ସୃଷ୍ଟି କରୁଛି।

ଶ୍ରୀ ମହାନ୍ତିଙ୍କ କହିବା ଅନୁସାରେ, ଏହି ଦୁର୍ନୀତିର ପରିମାଣ ପ୍ରାୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସବୁଠାରୁ ବଡ଼ କଥା ହେଉଛି ଅଧିକାରୀମାନେ ଜାଣି ମଧ୍ୟ ଏହି ଘଟଣାକୁ ଚାପି ଦେଇଛନ୍ତି। ନୂଆ ସରକାରରେ ଖୋଦ୍ ମୁଖ୍ୟମନ୍ତ୍ରୀ ନିଜେ ଗୃହ ବିଭାଗ ଦାୟିତ୍ୱରେ ଅଛନ୍ତି। ହେଲେ ପୁରୀ ଜିଲ୍ଲାରେ ପୁଲିସ ବିଭାଗରେ ଏଭଳି ବ୍ୟତିକ୍ରମ ତାଙ୍କ ପାଖରେ ସୂଚନା ନ ରହିବା ସବୁଠୁ ଆଶ୍ଚର୍ଯ୍ୟର ବିଷୟ। ଏ ଅବସରରେ ସଞ୍ଜୀବ ଦଳ ପକ୍ଷରୁ ଏହି ଘଟଣାର ଦୃଢ଼ ନିନ୍ଦା କରିବା ସହ କେତେକ ଦାବି ଉପସ୍ଥାପନ କରିଥିଲେ। ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଏହାର ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ ହେଉ। ଦୁର୍ନୀତିରେ ଯିଏ ବି ସାମିଲ୍ ଅଛନ୍ତି, ସେମାନଙ୍କୁ ତୁରନ୍ତ ବରଖାସ୍ତ କରାଯାଉ। ଗୃହମନ୍ତ୍ରୀଙ୍କୁ ମଧ୍ୟ ଏଥିରେ ସାମିଲ୍ କରିବାକୁ ଦାବି କରାଯାଇଛି। ସେହିପରି ଟିଏ ପାଇ ନ ଥିବା ପୁଲିସ କର୍ମଚାରୀଙ୍କୁ ତୁରନ୍ତ ଟଙ୍କା ଦେବା ସହ ଏଥିରେ ଯେଉଁ ମନ୍ତ୍ରୀ ସାମିଲ୍ ଅଛନ୍ତି, ତାଙ୍କୁ ଖୋଜି ବାହାର କରାଯାଉ। ଯଦି ଏହି ତଦନ୍ତକୁ ଗଡ଼ାଇ ଦିଆଯାଏ, ତେବେ ଆମେ ରାଜରାସ୍ତାରେ ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବୁ ବୋଲି ସେ ଚେତାବନୀ ଦେଇଛନ୍ତି। ପୁରୀରେ ଆଇନଶୃଙ୍ଖଳା ପୂର୍ବପରି ରହିବା ପାଇଁ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ଶ୍ରୀମନ୍ଦିର ଉପରେ ଉଡୁଥିବା ଡ୍ରୋନ୍ ଜବତ




ପୁରୀ, ୧୮।୫(ସମିସ): ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଛି ଡ୍ରୋନ୍। ଏହି ଡ୍ରୋନ୍ ଉଡ଼ାଉଥିବା ଯୁବକଙ୍କୁ ପୁଲିସ କାବୁ କରିବା ସହ ଡ୍ରୋନ୍କୁ ମଧ୍ୟ ଜବତ କରିଛି। ଅପରାହ୍ଣ ପ୍ରାୟ ୫ଟା ୫୫ରେ ଗୋଟିଏ ଡ୍ରୋନ୍ ଶ୍ରୀମନ୍ଦିର ଉପରେ ଉଡୁଥିବା ଦେଖିବାକୁ ମିଳିଥିଲା। ଖବର ପାଇବା ପରେ ପୁଲିସ ତ୍ୱରିତ ଭାବେ ପଦକ୍ଷେପ ଗ୍ରହଣ କରିଥିଲା। ସିଂହଦ୍ୱାର ଥାନା ପୁଲିସ ଏବଂ ଏକ ସ୍ୱତନ୍ତ୍ର ଟିମ୍ ଡ୍ରୋନ୍ଟିକୁ କାବୁ କରିବା ପାଇଁ ଅନୁସରଣ କରିଥିଲା। ଏହି ଅଭିଯାନ ମଧ୍ୟରେ ଧାନକୁଟି ସାହି ଗଳି ଅଞ୍ଚଳରୁ ଜଣେ ଯୁବକ ଡ୍ରୋନ୍ଟିକୁ ଅପରେଟ୍ କରୁଥିବାବେଳେ ଚିହ୍ନଟ ହୋଇଥିଲେ। ସମ୍ପୃକ୍ତ ଯୁବକଙ୍କୁ ପୁଲିସ କାବୁ କରିଥିଲା। ତାଙ୍କ ଡ୍ରୋନ୍ ମଧ୍ୟ ଜବତ କରାଯାଇଛି। ସେ ହେଉଛନ୍ତି ଝାଡ଼ଖଣ୍ଡର ଦିପୁ କୁମାର ଯାଦବ (୨୫) ବୋଲି ଜଣାପଡ଼ିଛି। ତାଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।



ରୂପକାର ସେବକମାନେ ସାଲ ଗୁଜ ଏବଂ ତୀଖ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି।

# 'ସ୍ୱଚ୍ଛ ପରିବେଶ ସୁସ୍ଥ ଶରୀର' ଅଭିଯାନ

ପୁରୀ,୧୮।୫(ସମିସ): ମାଟିତୋଟା ନୂଆସାହି ଅଞ୍ଚଳରେ ଭାରତୀୟ ଯୋଗ ସଂସ୍ଥାନ ମାଟିତୋଟା ଯୋଗ କେନ୍ଦ୍ରର ସମସ୍ତ ସାଧକ ସାଧିକା ସଚେତନତା ରାଲି ସହ ସଫେଇ କାର୍ଯ୍ୟକ୍ରମ କରିଥିଲେ। ପରିବେଶକୁ ସଫା ରଖିଲେ ଆମେ ସୁସ୍ଥ ରହିବା ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ସ୍ୱଚ୍ଛ ସବାରୀ ଗାଡ଼ିରେ ଦେବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଇବା ସହ ସାଧକ ସାଧିକାମାନେ ସାହିର ଗଳିକନ୍ଦି ସଫା କରିଥିଲେ। ପରିବେଶକୁ ସଫା ରଖିବା, ପରିମଳ ବ୍ୟବସ୍ଥାରେ ସୁଧାର, ଆବର୍ଜନା ମୁକ୍ତ ସହର ଗଢ଼ିବାର ନାରା ଦେଇଥିଲେ। ସ୍ୱଚ୍ଛତା ଏକ ଅଭିଯାନ ଏହାକୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ, ପ୍ରତ୍ୟେକ ପକ୍ଷ ଓ ପ୍ରତ୍ୟେକ ବର୍ଷ ପିଢ଼ି ପରେ ପିଢ଼ି ଆଗେଇନେବା ଆବଶ୍ୟକ। ପରିବେଶ ଆମେ ସଫା କରିବା ଘରେ ଘରେ ଆମେ ସୁସ୍ଥ ରହିବାର ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ମାଟିତୋଟା ଯୋଗକେନ୍ଦ୍ରର ବରିଷ୍ଠ ସାଧକ ବାବୁଲା ବେହେରା, ଦୁର୍ଯ୍ୟୋଧନ ବିଶ୍ୱାଳ, ମାନସ ମହାପାତ୍ର, ସନ୍ତୋଷ ମହାପାତ୍ର, ସୁକାନ୍ତ ସ୍ୱାଇଁ, ତ୍ରିଲୋଚନ ସାହୁ ଓ ବରିଷ୍ଠ ସାଧିକା ଚିନ୍ମୟୀ ଗଜେନ୍ଦ୍ର, ସସ୍ମିତା ରାଉତରାୟ, ମମତା ପରିଡ଼ା, ମାମୁନୀ ମହାରଣା, ସଂଯୁକ୍ତା ଦାସ, ବାସନ୍ତୀ ମଲ୍ଲିକଙ୍କ ସମେତ ସମସ୍ତ ସାଧକ ସାଧିକା ଭାଗନେଇଥିଲେ।




ଆର୍ଟ ଅଫ୍ ଗିଭିଂର ତ୍ରୟୋଦଶ ବାର୍ଷିକ ଉତ୍ସବ

# 'ଦେବାର କଳା ରହିଲେ ଦାନ ସରେ ନାହିଁ'

ପୁରୀ,୧୮।୫(ସମିସ): ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବାର ପୁରୀରେ ଆର୍ଟ ଅଫ୍ ଗିଭିଂର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେବାର କଳା ରହିଲେ ଦାନ ସରେ ନାହିଁ ବରଂ ଚରମ ଆତ୍ମତୃପ୍ତି ମିଳିଥାଏ ବୋଲି କହିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ ମହାପାତ୍ର। ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉତ୍ସବରେ ପ୍ରାଧ୍ୟାପକ ସୁକାନ୍ତ ମହାନ୍ତି, ସମାଜସେବୀ ତଥା କଥାକାର ବଦ୍ରି ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କିଟ୍ ଓ କିସ୍ ମାନବ ସମ୍ବଳ ବିଭାଗ ମହାନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର, ପ୍ରଧାନଶିକ୍ଷକ ସୁବାସ ସାହୁ ପ୍ରମୁଖ ଯୋଗଦେଇ ଡ. ଅଚ୍ୟୁତ ସାମନ୍ତଙ୍କ ଏଭଳି ପ୍ରଚେଷ୍ଟାକୁ ଭୂୟସୀ ପ୍ରଶଂସା କରିଥିଲେ। ଯୁଗେ ଯୁଗେ ଦାନର ମହତ୍ତ୍ୱ ରହିଆସିଛି। ସମାଜରେ ଦୁଃଖୀ, ଦରିଦ୍ର, ଅସହାୟଙ୍କ ସେବା ଓ ଦାନଠାରୁ ଆଉ ବଡ଼ କିଛି ନାହିଁ। ଆଜି ଆର୍ଟ ଅଫ୍ ଗିଭିଂ ତ୍ରୟୋଦଶ ସଂସ୍କରଣରେ ଯୁବପିଢ଼ିଙ୍କ ମଧ୍ୟରେ ପରିବର୍ତ୍ତନର ସମୟ ଆସିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଭଲିବଲ୍ ପ୍ରତିଯୋଗିତାରେ ବିଜେତା ଓ ରନର୍ସ ଅପ୍ ଟିମ୍କୁ ପୁରସ୍କୃତ କରାଯାଇଥିଲା। କିଟ୍ ମିଡିଆ ବିଭାଗ ସହକାରୀ ପ୍ରଫେସର ପ୍ରଦ୍ୟୁମ୍ନ ସାଥୁଆ କାର୍ଯ୍ୟକ୍ରମ ସଂଯୋଜନ କରିଥିବାବେଳେ କଳିଙ୍ଗ ଟିଭି ପୁରୀ ସିନିୟର ରିପୋର୍ଟର ଶୈଳେନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କିଟ୍ ଓ କିସ୍ର ବିଜୟ ରଥ, ବିଜୟ ଶତପଥୀ, ଦିବ୍ୟରଞ୍ଜନ ସାହୁ, ବିଦ୍ୟୁତ୍ ମହାରଣା, ରାଜକିଶୋର ଦାସ ପ୍ରମୁଖ ସହଯୋଗ କରିଥିଲେ।

# 'ଆଜିର ରେବତୀ' କାହାଣୀକାର ବଦ୍ରି ମିଶ୍ରଙ୍କୁ ବାଣୀଚିତ୍ର ସମ୍ମାନ




ପୁରୀ,୧୮।୫(ସମିସ): ନାରୀ ଶିକ୍ଷା ଓ ମହିଳା ସଶକ୍ତୀକରଣ ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର 'ଆଜିର ରେବତୀ'ର କାହାଣୀକାର ଡ. ବଦ୍ରି ମିଶ୍ରଙ୍କୁ ମିଳିଛି ବାଣୀଚିତ୍ର ସମ୍ମାନ। ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ବିଶେଷକରି ଦୀର୍ଘ ୫୭ ବର୍ଷ ଧରି ଓଡ଼ିଆ ଚଳଚ୍ଚିତ୍ର ସମ୍ମାନ ପ୍ରଦାନ କରୁଥିବା ବାଣୀଚିତ୍ର ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ଚଳିତବର୍ଷ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରେଷ୍ଠ ଅଭିନେତା ଭାବେ 'ଅନନ୍ତା'ର ସବ୍ୟସାଚୀ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ 'ପାଦେ ଆକାଶ'ର ଅର୍ଚ୍ଚିତା ସାହୁଙ୍କୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ସଞ୍ଜୟ ନାୟକ, ପ୍ରାକ୍ତନ ପ୍ରଶାସକ ରବି ନାରାୟଣ ସେନାପତି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସମ୍ପାଦକ ଭାସ୍କର ଜେନା। ଏହି ଅବସରରେ ଉମେଶ ଖିଲାରଙ୍କ ଗୀତିକବିତା ପୁସ୍ତକ 'ଜହ୍ନ ହଜିଗଲା ବଉଦ ତଳେ' ଉନ୍ମୋଚନ ହୋଇଥିଲା।

## ଉନ୍ନତ ଭେଣ୍ଟିଲେଟର, ଇକୋ ମେସିନ୍ ନାହିଁ

# 'ଗୋଲ୍ଡେନ ଆୱାର'ରେ ବିପଦରେ ଜୀବନ

ପୁରୀ,୧୮।୫(ସମିସ): ଭାରତର ଏକ ପ୍ରମୁଖ ଆଧ୍ୟାତ୍ମିକ କ୍ଷେତ୍ର ଓ ପର୍ଯ୍ୟଟନ ସହର ପୁରୀ। ପ୍ରତିଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଏଠାକୁ ଆସନ୍ତି। ଏଭଳି ଏକ ସମ୍ବେଦନଶୀଳ ସହର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ବି ଗୁରୁତର ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ଆବଶ୍ୟକ ଉନ୍ନତ ଭେଣ୍ଟିଲେଟର ଓ ଇକୋ ମେସିନ୍ ଭଳି ଉପକରଣ ନାହିଁ। ଫଳରେ 'ଗୋଲ୍ଡେନ ଆୱାର' ମଧ୍ୟରେ ଚିକିତ୍ସା ନ ମିଳି ଅନେକ ଜୀବନ ରାସ୍ତାରେ ହିଁ ଚାଲିଯାଉଛି।

ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ହୃଦ୍ଘାତ, ଶ୍ୱାସକଷ୍ଟ, ସଡ଼କ ଦୁର୍ଘଟଣା ଓ ଅନ୍ୟ ଜଟିଳ ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ଆଇସିୟୁ ଶଯ୍ୟା ଓ ଉନ୍ନତ ଭେଣ୍ଟିଲେଟର ସୁବିଧା ନାହିଁ। ଏଠାରେ ଇକୋ କିମ୍ବା ଏକ୍ମୋ ମେସିନ ଭଳି ଉନ୍ନତ ଜୀବନରକ୍ଷକ ଯନ୍ତ୍ର ମଧ୍ୟ ଉପଲବ୍ଧ ନୁହେଁ। ଫଳରେ ସଂକଟାପନ୍ନ ରୋଗୀଙ୍କୁ ଭୁବନେଶ୍ୱର ଏମ୍ସ, କ୍ୟାପିଟାଲ ହସ୍ପିଟାଲ କିମ୍ବା କଟକ ଏସ୍ସିବି ମେଡିକାଲ ସ୍ଥାନାନ୍ତର କରିବାକୁ ପଡୁଛି। ଆମ୍ବୁଲାନ୍ସରେ ଯିବାଆସିବା ସମୟ ମଧ୍ୟରେ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇଯାଉଛି। 'ଗୋଲ୍ଡେନ ଆୱାର'ରେ ଠିକ୍ ଚିକିତ୍ସା ନ ମିଳିବାରୁ ରାସ୍ତାରେ ହିଁ ଅନେକ ମୂଲ୍ୟବାନ ଜୀବନ ଚାଲିଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା

## ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୁଧାର ଆସିବ କେବେ?

ହେଉଛି ପୁରୀ ଏକ ପର୍ଯ୍ୟଟନ ଓ ତୀର୍ଥ ସହର। ବଡ଼ଦାଣ୍ଡ, ସମୁଦ୍ର କୂଳ ସମେତ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପ୍ରତିଦିନ ଭିଡ଼ ଲାଗିଥାଏ। ଏଭଳି ସ୍ଥିତିରେ ହଠାତ୍ ହୃଦ୍ଘାତ, ହିଟ୍ ଷ୍ଟ୍ରୋକ୍, ଦୁର୍ଘଟଣା କିଛି ନୂଆ ନୁହେଁ। ହେଲେ ଗୁରୁତର ରୋଗୀଙ୍କୁ ତୁରନ୍ତ ଚିକିତ୍ସା ଦେବାର ବ୍ୟବସ୍ଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମ୍ଭବ ହେଉନାହିଁ। ଏଠାରେ ଉନ୍ନତ ଆଇସିୟୁ ଓ କ୍ରିଟିକାଲ କେୟାର ସୁବିଧା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ସହରବାସୀ, ସାମାଜିକ ସଂଗଠନ ଓ ରୋଗୀ କଲ୍ୟାଣ ସମିତି ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଅଖିଳ ଭାରତ ହିନ୍ଦୁ ମହାସଭା ଏବେ ପୁଣି ଏହି ପ୍ରସଙ୍ଗ ଉଠାଇଛି। ସଂଗଠନ ପକ୍ଷରୁ ରାଜ୍ୟ ସରକାର ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି।




ସଂଗଠନ ପକ୍ଷରୁ ଦାବି କରାଯାଇଛି ଯେ, ତୁରନ୍ତ ଏକ୍ମୋ ଓ ଇକୋ ମେସିନ ସହ ଆଡ୍ଭାନ୍ସ ଭେଣ୍ଟିଲେଟର ସହିତ ଆଇସିୟୁ ୟୁନିଟ୍ ସ୍ଥାପନ କରାଯାଉ। ଏହା ହେଲେ ଗୁରୁତର ହୃଦ୍ଘାତ, ଶ୍ୱାସକଷ୍ଟ ରୋଗୀଙ୍କୁ ଏଠାରେ ଚିକିତ୍ସା ମିଳିପାରିବ। ୨୪ ଘଣ୍ଟିଆ କ୍ରିଟିକାଲ କେୟାର ସ୍ପେଶାଲିଷ୍ଟ ଓ ପଲ୍ମୋଲୋଜିଷ୍ଟ ନିଯୁକ୍ତି କରାଯାଉ। ବର୍ତ୍ତମାନ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଯୋଗୁଁ ରୋଗୀଙ୍କୁ ବାହାରକୁ ପଠାଇବାକୁ ପଡୁଛି। ରଥଯାତ୍ରା ପୂର୍ବରୁ ସ୍ୱତନ୍ତ୍ର ଟ୍ରମା କେୟାର ଓ କାର୍ଡିଓ କେୟାର ୟୁନିଟ୍ କାର୍ଯ୍ୟକ୍ଷମ ହେଉ। ରଥଯାତ୍ରା ସମୟରେ ଦୁର୍ଘଟଣା ଓ ହୃଦ୍ଘାତ ଘଟଣା ବଢ଼ିଥାଏ। ଏହି ସମୟରେ ସ୍ୱତନ୍ତ୍ର ୟୁନିଟ୍ ଜୀବନ ବଞ୍ଚାଇପାରିବ।

ସଂଗଠନ କହିଛି, ଜଗନ୍ନାଥ ଧାମକୁ ଆସୁଥିବା ପ୍ରତ୍ୟେକ ଭକ୍ତ ଓ ସ୍ଥାନୀୟ ଜନତାଙ୍କ ଜୀବନ ସୁରକ୍ଷା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ ତେବେ ଅଖିଳ ଭାରତ ହିନ୍ଦୁ ମହାସଭା ଆନ୍ଦୋଳନ କରିବାକୁ ବାଧ୍ୟ ହେବ। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ। ବିଦେଶୀ ପର୍ଯ୍ୟଟକ ମଧ୍ୟ ଏଠାକୁ ବହୁ ସଂଖ୍ୟାରେ ଆସନ୍ତି। ଏଭଳି ସ୍ଥିତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତ କ୍ରିଟିକାଲ କେୟାର ସୁବିଧା ନ ଥିବା ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ହୃଦ୍ଘାତ, ଗୁରୁତର ଶ୍ୱାସକଷ୍ଟ ଓ ଦୁର୍ଘଟଣା କ୍ଷେତ୍ରରେ ପ୍ରଥମ ଏକ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ। ଏହି 'ଗୋଲ୍ଡେନ ଆୱାର' ମଧ୍ୟରେ ଉନ୍ନତ ଭେଣ୍ଟିଲେଟର ଓ ଏକ୍ମୋ ସୁବିଧା ମିଳିଲେ ମୃତ୍ୟୁହାର ଯଥେଷ୍ଟ କମାଇ ହେବ। ପୁରୀ ଭଳି ସହରରେ ଯଦି ମୌଳିକ ଜୀବନ ରକ୍ଷକ ସୁବିଧା ନ ଥାଏ ତେବେ ଏହା କେବଳ ସ୍ଥାନୀୟ ଲୋକଙ୍କ ପାଇଁ ନୁହେଁ ସମଗ୍ର ଦେଶରୁ ଆସୁଥିବା ଭକ୍ତଙ୍କ ପାଇଁ ମଧ୍ୟ ବିପଦ। ଆଗକୁ ରଥଯାତ୍ରା। ଏହି ସମୟରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବ। ତେଣୁ ସରକାର ଯଦି ଏବେ ପଦକ୍ଷେପ ନ ନିଅନ୍ତି ତେବେ କୌଣସି ବଡ଼ ଅଘଟଣ ଘଟିବାର ଆଶଙ୍କା ରହିଛି। ପୁରୀ ଭଳି ପବିତ୍ର ସ୍ଥାନରେ ଚିକିତ୍ସା ଅଭାବରୁ ଜୀବନ ହାରିବା ଘଟଣା ଲଜ୍ଜାଜନକ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ଡା. ଅକ୍ଷୟ କୁମାର ଶତପଥୀ କହିଛନ୍ତି, ଆମର ୬ ଶଯ୍ୟା ବିଶିଷ୍ଟ ଆଇସିୟୁରେ ଭେଣ୍ଟିଲେଟର ରହିଛି। କିନ୍ତୁ ଇକୋ ସୁବିଧା ନାହିଁ। ସରକାର ଜଣେ କାର୍ଡିଓଲୋଜିଷ୍ଟଙ୍କୁ ନିଯୁକ୍ତି ଦେଇଥିଲେ। ହେଲେ ସେ ଯୋଗଦେଇନାହାନ୍ତି ବୋଲି କହିଛନ୍ତି।

ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

# ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ

ଜଗତସିଂହପୁର,୧୮।୫(ସମିସ)



ଆଜି ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଜଗତସିଂହପୁର ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ୱୀକୃତିପ୍ରାପ୍ତ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲାର ୪ ନିର୍ବାଚନ ମଣ୍ଡଳୀର ପଞ୍ଜୀକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ (ବାଲିକୁଦା ଏରସମା), ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା (ପାରାଦୀପ), ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ (ତିର୍ତ୍ତୋଲ), ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ (ଜଗତସିଂହପୁର), ଡେପୁଟି କଲେକ୍ଟର ନିର୍ବାଚନ ପ୍ରଶାନ୍ତ କୁମାର ସେଠୀ, କୁଞ୍ଜିତା ସାମଲ ଏବଂ ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ ଦୀର୍ଘ ୨୪ ବର୍ଷ ପରେ ରାଜ୍ୟରେ ହେବାକୁ ଯାଉଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ପ୍ରକ୍ରିୟା, ବିଭିନ୍ନ ଫର୍ମ ଏବଂ ସଂଶୋଧନ କାର୍ଯ୍ୟକ୍ରମର ବିଭିନ୍ନ ପର୍ଯ୍ୟାୟ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଜଗତସିଂହପୁର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପୂର୍ବ ପ୍ରସ୍ତୁତି ଅନ୍ତର୍ଗତ ୯୭.୨୫ ପ୍ରତିଶତ ମ୍ୟାପିଂ କାର୍ଯ୍ୟ ସଫଳତାର ସହ ଶେଷ କରିଥିବାରୁ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ବୈଠକରେ ଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ, ଦାବି ଓ ଆପତ୍ତି ଦାଖଲ ପ୍ରକ୍ରିୟା, ବୁଥ ସ୍ତରୀୟ ପ୍ରତିନିଧି ନିଯୁକ୍ତି ଏବଂ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଧାରିତ ସମୟସୀମା ସମ୍ପର୍କରେ ରାଜନୈତିକ ଦଳମାନଙ୍କୁ ଅବଗତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସମ୍ବିତ କୁମାର ରାଉତ ସମସ୍ତ ରାଜନୈତିକ ଦଳକୁ ତୁରନ୍ତ ବୁଥ ସ୍ତରୀୟ ପ୍ରତିନିଧି ନିଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ବୁଥସ୍ତରୀୟ ପ୍ରତିନିଧି ମାନେ ମଧ୍ୟ ରାଜନୈତିକ ଦଳମାନଙ୍କ ପ୍ରତିନିଧିଙ୍କ ଦ୍ୱାରା ଉଠାଯାଇଥିବା ପ୍ରଶ୍ନ ଓ ପରାମର୍ଶଗୁଡ଼ିକର ଉତ୍ତର ଅଧିକାରୀ ମାନଙ୍କଦ୍ୱାରା ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ ଓ ସୁଚାରୁ ଭାବେ ସମ୍ପାଦନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ବେନାମୀ ଘାଟରୁ ବାଲି ଚୋରାଚାଲାଣ

# ଚଢ଼ଉ ବେଳେ ପୁଲିସ-ବାଲିମାଫିଆ ହାତାହାତି

ବିରିଡ଼ି,୧୮।୫(ସମିସ): ବେନାମୀ ଘାଟରୁ ବାଲି ଚୋରାଚାଲାଣ ବେଳେ ଚଢ଼ଉ କରିଛି ପୁଲିସ୍। ଫଳରେ ପୁଲିସ-ବାଲିମାଫିଆଙ୍କ ମଧ୍ୟରେ ହାତାହାତି ଅବସ୍ଥା ସୃଷ୍ଟି ହୋଇଥିଲା। ଏଥିରେ ପୁଲିସ କର୍ମଚାରୀ ଆହତ ହୋଇଥିବା ବେଳେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅନ୍ୟ ସମ୍ପୃକ୍ତ ୩ ଜଣ ଫେରାର ହୋଇଯାଇଛି। କୋର୍ଟଚାଲାଣ କରାଯାଇଥିବା ଯୁବକ ହେଲେ ପ୍ରତାପ ବାରିକ ଓ ବିମଳ ବାରିକ।

ଗତକାଲି ବିଳମ୍ବିତ ରାତିରେ ବିରିଡ଼ି ଥାନା ଅଧୀନ ବେନାମୀ ଚାଷୀଖଣ୍ଡ ଘାଟ ନିକଟରେ ବାଲି ଚୋରାଚାଲାଣ ହେଉଥିବା କବର ପାଇ ବିରିଡି ପୁଲିସ ଚଢ଼ଉ କରିଥିଲା। ସବଇନ୍ସପେକ୍ଟର ମାନସିଂ ହେମ୍ବ୍ରମଙ୍କ ନେତୃତ୍ୱରେ କନଷ୍ଟେବଲ ତାପସ ମଲ୍ଲିକ, ସତ୍ୟସୁନ୍ଦର ରାଉତ, ଅଭିନାଶ ପଟ୍ଟନାୟକ ପ୍ରମୁଖ ରାତ୍ରୀକାଳୀନ ଡିଉଟିରେ ଥିବା ବେଳେ ବାଲିମାଫିଆ ଚାଷୀଖଣ୍ଡ ଘାଟରୁ ଟ୍ରାକ୍ଟର ଯୋଗେ ବାଲି ଉଠାଉଥିବା ଖବର ପାଇଥିଲେ। ସେମାନେ ଘାଟ ଉପରେ ଚଢ଼ଉ କରିବା ସହ ୨ଟି ଟ୍ରାକ୍ଟରକୁ ଜବତ ମଧ୍ୟ କରିଥିଲେ। ମାତ୍ର ସେଠାରେ ଉପସ୍ଥିତ ଥିବା ଟ୍ରାକ୍ଟର ମାଲିକ ଓ ଅନ୍ୟ କିଛି ଯୁବକ ଉତ୍କ୍ଷିପ୍ତ ହୋଇ ପୁଲିସ ସହିତ ଯୁକ୍ତିତର୍କ କରିଥିଲେ। ଏମିତିକି ପୁଲିସ ସହିତ ଧସ୍ତାଧସ୍ତି ହୋଇଥିଲେ। ଟ୍ରାକ୍ଟରକୁ ଯୋର ଜବରଦସ୍ତ ପୁଲିସ ହାତରୁ ଖସାଇ ନେବାରେ ସକ୍ଷମ ହୋଇଥିଲେ। ପରେ ହୋହାଲ୍ଲା ଶୁଣି ଗାଁରୁ ମଧ୍ୟ କିଛି ଲୋକ ଠେଙ୍ଗା ବାଡ଼ି ଧରି ଆସି ପୁଲିସକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଏସ୍‌ଆଇ ମାନସିଂ ହେମ୍ବ୍ରମଙ୍କ ସମେତ ଅନ୍ୟ ତିନି ପୁଲିସ କର୍ମଚାରୀ ଆହତ ହୋଇଥିବା ସୂଚନା ମିଳିଛି। ଏହି ଘଟଣାରେ ପୁଲିସକୁ ଆକ୍ରମଣ କରିଥିବା ସମ୍ପୃକ୍ତ ୫ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ପୁଲିସ ବାନ୍ଧିବା ସହ କୋର୍ଟଚାଲାଣ କରିଛି। ଅନ୍ୟ ସମ୍ପୃକ୍ତ ୩ଜଣ ଫେରାରଥିବାରୁ ତାଙ୍କୁ ଧରିବା ପାଇଁ ପୁଲିସ ତନାଘନା ଆରମ୍ଭ କରିଛି।

## 'ଆରୋଗ୍ୟ ସେବା' ସ୍ୱାସ୍ଥ୍ୟ ଶିବିର ଆୟୋଜିତ




ପାରାଦୀପ,୧୮।୫(ସମିସ): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ଚକ୍ରଧରପୁର ଗ୍ରାମରେ ଅବସ୍ଥିତ ଏହାର ପାରାଦୀପ ଟାଉନସିପ୍ ପ୍ରକଳ୍ପ ସ୍ଥଳୀରେ ୧୦୦ରୁ ଅଧିକ କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀଙ୍କ ପାଇଁ ଏକ "ଆରୋଗ୍ୟ ସେବା' ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଅଂଶଗ୍ରହଣକାରୀମାନଙ୍କର ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ଅତ୍ୟାବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା। ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟତୀତ, ଅଂଶଗ୍ରହଣକାରୀମାନଙ୍କୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ମଧ୍ୟ ପରାମର୍ଶ ଦିଆଯାଇଥିଲା। ଏହି ଶିବିରକୁ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଆସେଟ୍‌ର ଏଚ୍‌ଆର ଓ ଆଇଆର ବିଭାଗ ମୁଖ୍ୟ ସୁନୀଲା ଦାସ କର୍ମଚାରୀ ଏବଂ କେଏମଭି ପ୍ରୋଜେକ୍ଟସର ସହଯୋଗୀ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ପାରାଦୀପ ପେଲେଟ୍ ପ୍ଲାଣ୍ଟର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜେଶ ମିଶ୍ର ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସିଏସଆର ବିଭାଗ ଡା. ନିରଞ୍ଜନ ଦ୍ୱିବେଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା।

## ଅଗ୍ନିବିପନ୍ନଙ୍କୁ ଭେଟିଲା ଯାଦବ ମହାସଭା

ବାଲିକୁଦା,୧୮।୫(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ତିତିରା ପଞ୍ଚାୟତର ବରିମୂଳ ଗ୍ରାମରେ ବିଦ୍ୟୁତ୍ ସଟ୍‌ସର୍କିଟ ଯୋଗୁଁ ଯୁଧିଷ୍ଠିର ଦାସଙ୍କ ଚାଳଘରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଯାହା ଫଳରେ ଯୁଧିଷ୍ଠିରଙ୍କର ୬ ବଖରା ଚାଳଘର ସମେତ ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ଭାବେ ପୋଡ଼ି ଜଳି ପାଉଁଶ ହୋଇଯାଇଥିଲା। ଏହି ଦୁଃଖଦ ଖବର ପାଇ ବାଲିକୁଦା ବ୍ଲକ ଯାଦବ ମହାସଭା, ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭା ଓ ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ଲଉଡ଼ି ନୃତ୍ୟ ପରିଷଦର କର୍ମକର୍ତ୍ତାମାନେ ତାଙ୍କ ବରିମୂଳ ସ୍ଥିତ ବାସଭବନକୁ ଯାଇ ଘଟଣା ସମ୍ପର୍କରେ ପଚାରି ବୁଝିବା ସହିତ ସମବେଦନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ସଭାପତି ହେମନ୍ତ କୁମାର ଦାସ, ସାଧାରଣ ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ଜଗତସିଂହପୁର ଜିଲା ଯାଦବ ମହାସଭା ଲଉଡ଼ି ନୃତ୍ୟ ପରିଷଦର ସଭାପତି ବିଶ୍ୱନାଥ ପରିଡ଼ା, କୋଷାଧ୍ୟକ୍ଷ ସ୍ମୃତିରଞ୍ଜନ ଦାସ, ଯୁବ ଯାଦବ ମହାସଭାର ବିକାଶ କୁମାର ପରିଡା, ନିରଞ୍ଜନ ଦାସ, ନରୋତ୍ତମ ଦାସ, ରାହୁଲ କୁମାର ଦାସ, ଶରତ ଚନ୍ଦ୍ର ଦାସ, ଅରବିନ୍ଦ ଦାସ, ଗୋପାଳ ଦାସ, ବିକାଶ ଦାସ ପ୍ରମୁଖ ଭେଟିବା ସହିତ ରାସନ ସାମଗ୍ରୀ ଓ ପିନ୍ଧା ବସ୍ତ୍ର ପ୍ରଦାନ କରାଯାଇଛି।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର,୧୮।୫(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୯୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୭ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୭ଟି, ଆବାସ ଯୋଜନା ସମ୍ପର୍କୀୟ ୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ଟି, ଭତ୍ତା ପାଇବା ପାଇଁ ୭ଟି, ପୁଲିସ ସହାୟତା ପାଇବା ପାଇଁ ୭ଟି ଏବଂ ଅନ୍ୟାନ୍ୟ ୧୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜଗତସିଂହପୁର ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର ଅଜୟ କୁମାର ମହାନ୍ତି, ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ପୌର ପରିଷଦ, ଜଗତସିଂହପୁର ସନ୍ଦିପ ସିଂ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

## ସତ୍ୟସାଇ ସେବା ସମିତର ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର



ଜଗତସିଂହପୁର,୧୮।୫(ସମିସ): ଜଗତସିଂହପୁର ଜିଲ୍ଲାର ଶ୍ରୀସତ୍ୟସାଇ ସେବା ସମିତି ପୁନଙ୍ଗ ଆନୁକୂଲ୍ୟରେ ଦୁଇଦିନିଆ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଆଧ୍ୟାତ୍ମିକ ସଂଯୋଜିକା ଡା. ପୁଷ୍ପାମିତ୍ରା ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତାକୁ ଉଦ୍‌ଜୀବିତ କରିବା ବିଷୟରେ ମୁଖ୍ୟତଃ ଆଲୋକପାତ କରାଯାଇଥିଲା। ଏଥିରେ ସୁଚିତ୍ରା ମହାନ୍ତି, ଚିତ୍ତରଞ୍ଜନ ଜେନା, ମନୋରଞ୍ଜନ ମାଝୀ, ବସନ୍ତ କୁମାର ଲେଙ୍କା, କବିଚନ୍ଦ୍ର ବେହେରା ଯୋଗଦାନ କରି ବିଭିନ୍ନ ପର୍ଯ୍ୟାୟରେ ଆଲୋଚନାରେ ଭାଗ ନେଇଥିଲେ। ପରିଶେଷରେ ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ ଉଦ୍‌ଯାପନୀ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁନଙ୍ଗ ସମିତିର ପ୍ରତାପ ମହାନ୍ତି, ରଜନୀକାନ୍ତ ଚୌଧୁରୀ, କୃଷ୍ଣଚନ୍ଦ୍ର ଦାସ, ଶଶିରେଖା ବେହେରା, ଗୌରୀ ବେହେରା, ମନସ୍ମିତା ମହାନ୍ତି, ଜୟନ୍ତୀ ମହାନ୍ତି, ରାମକୃଷ୍ଣ ଦାସ, ମହେନ୍ଦ୍ର ମଲ୍ଲିକ, ସୁପ୍ରଭା ଦେଇ ସହଯୋଗ କରିଥିଲେ। ଦୈନିକ ୩୦ରୁ ଊର୍ଦ୍ଧ୍ୱ ଯୁବ ଭାଇ ଓ ଭଉଣୀ ମାନେ ପ୍ରଶିକ୍ଷଣ ନେଇଥିବା ବେଳେ ସମିତିର ଯୁବ ସଂଯୋଜକ ସାଇକୃଷ୍ଣ ମହାନ୍ତି ଏବଂ ସଂଯୋଜିକା ରଶ୍ମିତା ଦାସ ଶିବିର ପରିଚାଳନାରେ ସହାୟତା କରିଥିଲେ।

## ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ପାରାଦୀପ,୧୮।୫(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନ ଏବଂ ଏନସିସି କ୍ୟାଡେଟ ମାନଙ୍କ ମିଳିତ ଉଦ୍ୟମରେ ଚାଲିଥିବା ଦହି ପାଣି ବଣ୍ଟନ କାର୍ଯ୍ୟକ୍ରମର ୯ମ ଦିନ ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକାର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଧାରଣ ଲୋକଙ୍କୁ ଦହି ପାଣି ବଣ୍ଟନ କରିଥିଲେ। ଏହା ସହିତ ଆଲୁମ୍ନି ଆସୋସିଏସନ ଦ୍ୱାରା ନିୟମିତ ଭାବେ କରାଯାଉଥିବା ସମୁଦ୍ର ବେଳାଭୂମି ସଫେଇ ଅଭିଯାନ, ନିଶା ଛାଡ଼ନ୍ତୁ ସଚେତନତା କାର୍ଯ୍ୟକ୍ରମ, ପ୍ଲାଷ୍ଟିକ ବର୍ଜନ କରନ୍ତୁ ଅଭିଯାନ, ରକ୍ତଦାନ ଶିବିର, ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ଗ୍ରୀଷ୍ମ ସମୟରେ ପକ୍ଷୀମାନଙ୍କ ପାଇଁ ପାଣି ଓ ଖାଦ୍ୟ ବ୍ୟବସ୍ଥା ଭଳି ଜନହିତକର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଆଲୁମ୍ନି ଆସୋସିଏସନର ଉପଦେଷ୍ଟା ଲେଫ୍ଟେନାଣ୍ଟ କମାଣ୍ଡର ଏସି ମିଶ୍ର ଏବଂ ସଭାପତି ଅମ୍ବିକା ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ପଦ୍ମନାଭ ଦାସ, ହରପ୍ରିୟା ପଟ୍ଟନାୟକ, ବିକ୍ରମ ସିଂହ ମହାରଣା, ନିଳିମା ମହାପାତ୍ର, ଅନାଦି ସେନାପତି, ବିବେକାନନ୍ଦ ମହାପାତ୍ର, ପିକୁନ ସେନାପତି, ବିଜୟ ଘଡେଇ, କୋମଳିକା ଦାସ, ଶୁଭଲକ୍ଷ୍ମୀ ବିଶ୍ୱାଳ, ସୁମିତ୍ରା ଗେଡି, ସୁମାଲି ସାସମଲ, ଶୁଭସ୍ମିତା ମହାପାତ୍ର, ତେଜସ୍ୱିନୀ ମହାନ୍ତି ଏବଂ ସମସ୍ତ ଏନ୍‌ସିସି କ୍ୟାଡେଟ ସକ୍ରିୟ ଭାବେ ଯୋଗଦେଇଥିଲେ।

## ଜିଲ୍ଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ



ଜଗତସିଂହପୁର,୧୮।୫(ସମିସ): ଜଗତସିଂହପୁର ସଦରମହକୁମା ସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିସ୍ସର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆର୍ଟ ଅଫ ଗିଭିଂର ଜିଲ୍ଲା ସଂଯୋଜକ ବିଜୟ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଆଥଲେଟିକ ଆସୋସିଏସନର ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଦୋଳଗୋବିନ୍ଦ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ଯୋଗଦେଇଥିଲେ। ଏହି ଅବସରରେ ଜଗତସିଂହପୁର ଜିଲ୍ଲାର ୪୦ରୁ ଊର୍ଦ୍ଧ୍ୱ ଭଲିବଲ ଟିମକୁ ନେଟ୍ ଓ ବଲ ବଣ୍ଟନ କରାଯାଇଥିଲା। ପ୍ରାରମ୍ଭରେ ସାମ୍ବାଦିକ ଶୁଭଙ୍କର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଅନୁପ କୁମାର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ ଅନୁଷ୍ଠାନର ସଂଜୀବ ମହାନ୍ତି, ଅଞ୍ଜନ ମିତ୍ର, କମଳ ଲୋଚନ ମହାନ୍ତି, ଗୋବିନ୍ଦ କୁମାର ସାହୁ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବହୁ ମାନ୍ୟଗଣ ବ୍ୟକ୍ତି, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଖେଳାଳି ଏବଂ ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ।

## ବିଦେଶୀ ମଦ ଜବତ; ମହିଳା ଗିରଫ

ତିର୍ତ୍ତୋଲ,୧୮।୫(ସମିସ): ତିର୍ତ୍ତୋଲ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ ସହ ମହିଳାଙ୍କୁ ଗିରଫ କରିଛି। କୌଣସି ସୂତ୍ରରୁ ଖବର ପାଇ ତିର୍ତ୍ତୋଲ ପୁଲିସ ତିର୍ତ୍ତୋଲ ଥାନା ଅଧୀନ ନାଳିବର ନିକଟ ସାଇଲୋ ସ୍ଥିତ ରାସ୍ତା ପାଶ୍ୱର୍ ଏକ ଦୋକାନରେ ଚଢ଼ଉ କରିଥିଲା। ପୁଲିସ ଦୋକାନରୁ ଚୋରା ମଦ ବ୍ୟବସାୟୀ ଯାଜ୍ଞସିନୀ ସ୍ୱାଇଁ (ମିକିନା)ଙ୍କୁ ଗିରଫ କରିବା ସହ ୧୨୯ ବୋତଲ ବିଦେଶୀ ମଦ ଯାହାର ପରିମାଣ ୪୮.୧୩୫ ଲିଟର ଜବତ୍ କରିଥିଲା। ଏଥିସହିତ ଚୋରା ମଦ ପାଇଁ ବ୍ୟବହୃତ ଏକ ବଡ଼ ଫ୍ରିଜ ଓ ଏକ ଫ୍ରିଜର ସହ ନଗଦ ୩୩୮୦ ଟଙ୍କା ଜବତ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯାଜ୍ଞସିନୀକୁ ଅଦାଲତ ଚାଲାଣ କରିଥିବା ନେଇ ତିର୍ତ୍ତୋଲ ଥାନା ଅଧିକାରୀ ବଂଶୀଧର ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।

## ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାଲିକୁଦା,୧୮।୫(ସମିସ): ମହାବୀର କ୍ରିକେଟ କ୍ଲବ୍ ଖାଲଗାଁ ଆନୁକୂଲ୍ୟରେ ଆୟୋଜିତ ୭ମ ବାର୍ଷିକ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମହାବୀର ପଡିଆରେ ଉଦଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଟସ୍ ଜିତି ମାଛଗାଁ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୨ ୱିକେଟ ହରାଇ ୧୨୨ ରନର ଏକ ବିଶାଳ ସ୍କୋର କରିଥିଲେ। ଏହାର ଜବାବରେ ମହାବୀର କ୍ରିକେଟ କ୍ଲବ ଖାଲଗାଁ ୩ ୱିକେଟ ହରାଇ ୯୭ ରନ ସ୍କୋର କରି ପରାସ୍ତ ହୋଇଥିଲା। ଫଳରେ ମାଛଗାଁ ଟିମ୍ ଚାମ୍ପିଅନ ହୋଇଥିଲା। ମ୍ୟାଚରେ ଅମ୍ପାୟାର ଭାବେ ଡ୍ୟାନସିଂ ଅମ୍ପାୟାର ସନ୍ତୋଷ ନାୟକ ଓ ପ୍ରକାଶ ନାୟକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ସ୍କୋରିଂରେ ରିତନ ବିଶ୍ୱାଳ ଓ ଗୁଡୁ ସ୍ୱାଇଁ ସହଯୋଗ ପ୍ରଦାନ କରିଥିଲେ। ମ୍ୟାଚର ଧାରାବିବରଣୀ ପିଣ୍ଟୁ ମହାରଣା, କାହ୍ନା ଓ ସଂଗ୍ରାମ ପାଳ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ତଟିନା ସ୍ୱାଇଁ, ସରପଞ୍ଚ ପ୍ରତିନିଧି ଧ୍ରୁବଚରଣ ଓଝା, ସମାଜସେବୀ ପ୍ରକାଶ ସ୍ୱାଇଁ ଯୋଗ ଦେଇ ଉଭୟ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମ୍ୟାଚରେ ମ୍ୟାନ୍ ଅଫ ଦି ମ୍ୟାଚ ରାହୁଲ ସେଠୀ, ମ୍ୟାନ ଅଫ ଦି ସିରିଜ ବଳିଆ ଦାସ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ସନ୍ତୋଷ ସ୍ୱାଇଁ, ଶ୍ରେଷ୍ଠ ବୋଲର ଆୟୁଷ ଜେନା, ଶ୍ରେଷ୍ଠ କ୍ଷେତ୍ରରକ୍ଷକ କାହ୍ନା ସ୍ୱାଇଁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ଲବର ସଦସ୍ୟ ଜ୍ୟାକସନ ସ୍ୱାଇଁ, ରଞ୍ଜନ ସ୍ୱାଇଁ, ଜଗା ଦାସ, ବିଶ୍ୱରଞ୍ଜନ ସାହୁ, ମିତ୍ରଭାନୁ ସାହୁ ଙ୍କ ସମେତ ସମେତ ସମସ୍ତ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ।

ପାରାଦୀପ ପୋର୍ଟ ମଜଦୂର ସଙ୍ଘ ଛାଡ଼ିଲେ ଶହ ଶହ ଶ୍ରମିକ

# ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘରେ ସାମିଲ

ପାରାଦୀପ,୧୮।୫(ସମିସ)



ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ପାରାଦୀପ ପୋର୍ଟ ମଜଦୂର ସଙ୍ଘରୁ ଆଜି ଶହ ଶହ ଶ୍ରମିକ ବାହାରି ଆସି ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲଙ୍କ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘରେ ସାମିଲ ହୋଇଛନ୍ତି। ଅପରାହ୍ନରେ ପିଆଇସିଟିରେ କାମ କରୁଥିବା ପାଖାପାଖି ୩୭୦ ଜଣ ଶ୍ରମିକ ସଙ୍ଘ କାର୍ଯ୍ୟାଳୟରେ ପହଞ୍ଚି ସଂଘର ସମ୍ପାଦକ ସମୀର ବିଶ୍ୱାଳଙ୍କୁ ସାକ୍ଷାତ କରି ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘରେ ସାମିଲ ହେବେ ବୋଲି କହିଥିଲେ।

ପାରାଦୀପରେ ବହୁ ଶ୍ରମିକ ସଂଗଠନ ଗଢି ଉଠିଛି। ହେଲେ ଶ୍ରମିକଙ୍କ ସମସ୍ୟା ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ନ୍ୟାୟ ତ ଦୂରର କଥା କେବଳ ଶୋଷଣ ହେଉଛନ୍ତି। ଜାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ପିଆଇସିଟିରେ କାର୍ଯ୍ୟ କରୁଥିବା ଏହି ଶ୍ରମିକଙ୍କ କ୍ଷେତ୍ରରେ। ପିଆଇସିଟିର ଫର୍ଟିଲାଇଜର ବିଭାଗରେ ହାଉସକିପିଙ୍ଗରେ କାର୍ଯ୍ୟ କରୁଥିବା ଏହି ୩୭୦ ଶ୍ରମିକ ପୂର୍ବରୁ ପାରାଦୀପ ପୋର୍ଟ ମଜଦୁର ସଙ୍ଘରେ ସଦସ୍ୟ ଭାବେ ରହିଥିଲେ। ବାରମ୍ବାର ସେମାନଙ୍କର କମ୍ପାନୀରେ ଘଟୁଥିବା ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ସଙ୍ଘର ସଭାପତି ପ୍ରକାଶ ତ୍ରିପାଠୀ ଏବଂ ସମ୍ପାଦକ ଅଭିମନ୍ୟୁ ବେହେରାଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଏହାର କିଛି ସୁଫଳ ମିଳିବା ପରିବର୍ତ୍ତେ ଓଲଟା ଗାଳି ଗୁଲଜ ଶୁଣୁଥିବା ନେଇ ଶ୍ରମିକମାନେ ଅଭିଯୋଗ ଆଣିଛନ୍ତି। ଏନେଇ ମନ୍ତ୍ରୀଙ୍କୁ ମଧ୍ୟ ଭେଟି ସବୁକଥା ଜଣାଇଥିଲେ। କିଛିଦିନ ହେବ ଡିୟୁଟିକୁ ନେଇ ବାରମ୍ବାର ଗୁହାରି କରୁଥିଲେ ମଧ୍ୟ ଉଭୟ ନେତା କର୍ଣ୍ଣପାତ ନ କରି। ଫଳରେ ଏହି ଶ୍ରମିକ ମାନେ ପୂର୍ବ ସଂଗଠନ ଛାଡ଼ି ବାପି ସର୍ଖେଲଙ୍କ ହାତ ଧରିଛନ୍ତି। ପୂର୍ବରୁ ଯଦି ମାସକ ଯାକ କାମ ନଥାଏ; ତେବେ କମ୍ପାନୀ କର୍ତ୍ତୃପକ୍ଷ ୧୦ଟି ହାଜିରାର ପଇସା ଦେବା ନେଇ ବାପି ସର୍ଖେଲ କମ୍ପାନୀ ସହିତ ଚୁକ୍ତି କରିଥିଲେ। ହେଲେ ଆଜି ସେ ଚୁକ୍ତି ଅନୁଯାୟୀ କମ୍ପାନୀ ପଇସା ଦେଉ ନଥିବା ଅଭିଯୋଗ କରିଛନ୍ତି ଶ୍ରମିକ ମାନେ। ସଙ୍ଘର ସମ୍ପାଦକ ସମୀର ବିଶ୍ୱାଳଙ୍କ ଉପସ୍ଥିତରେ ସେମାନେ ସାମିଲ ହୋଇଥିଲେ। ପରେ ପିଆଇସିଟି କମ୍ପାନୀ ସହିତ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର ଆଲୋଚନାରେ କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ପ୍ରତି ମାସରେ କାମ ନଥିଲେ ୧୦ ଦିନର ହାଜିରା ଦିଆଯିବା ସହିତ ବର୍ଷକୁ ନେସନାଲ ହଲିଡେ ଓ ଫେଷ୍ଟିଭାଲ ହଲିଡେ ବାବଦକୁ ୧୦ ଦିନର ହାଜିରା ମିଳିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ଭାବେ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର ସମ୍ପାଦକ ସମୀର ବିଶ୍ୱାଳଙ୍କୁ ଦେଇଛନ୍ତି।

# ଚରମ୍ପା ଗୁଣ୍ଠୁଣିଆ ବଜାର ହତ୍ୟା ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ଭଦ୍ରକ,୧୮।୫(ସମିସ): ଭଦ୍ରକ ଚରମ୍ପା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କୁ ଛୁରୀ ଭୁସି ହତ୍ୟା କରି ଫେରାର୍ ଥିବା ମୁଖ୍ୟ ଅଭିଯୁକ୍ତ ବିଶ୍ୱନାଥ ଧଡ଼ାକୁ ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରୁ ଭଦ୍ରକ ଟାଉନ ପୁଲିସ ଧରିବାରେ ସଫଳ ହୋଇଛି। ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲା ଚରମ୍ପା ଅଞ୍ଚଳର ବହୁ ଚର୍ଚ୍ଚିତ ଗୁଣ୍ଠୁଣିଆ ବଜାର ନିକଟରେ ଗତ ମାର୍ଚ୍ଚ ୮ ତାରିଖ ରାତିରେ କଥା କଟାକଟିକୁ ନେଇ ଯୁବ କ୍ରିକେଟର କୁମାର ସ୍ୱାମୀଙ୍କୁ ଛୁରୀ ଭୁସି ହତ୍ୟା କରିଥିଲେ ୪ ଜଣ ଯୁବକ। ଏହି ଘଟଣାର ୧୫ ଦିନ ମଧ୍ୟରେ ୩ଜଣ ଅଭିଯୁକ୍ତଙ୍କୁ ଟାଉନ ପୁଲିସ ଧରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ବିଶ୍ୱନାଥ ଧଡ଼ା ଫେରାର୍ ହୋଇଯାଇଥିଲା। ରବିବାର ଟାଉନ ପୁଲିସ ଖବର ପାଇଥିଲା ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ ବିଶ୍ୱନାଥ ବୁଲୁଛି। ତୁରନ୍ତ ଟାଉନ ପୁଲିସର ଏକ ଟିମ୍ ସୋର ଅଞ୍ଚଳକୁ ଯାଇ ଲୁଚି ରହିଥିବା ମୁଖ୍ୟ ଅଭିଯୁକ୍ତ ବିଶ୍ୱନାଥ ଧଡ଼ାକୁ ଧରିବାରେ ସଫଳ ହୋଇଛି। ତାକୁ ଭଦ୍ରକ ଟାଉନ ଥାନାକୁ ଆଣିବା ସହ ସୋମବାର ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ତାକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଟାଉନ ପୁଲିସ ସୂଚନା ଦେଇଛି।

# ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଲେ ଅମିତ ମଲ୍ଲିକ



ଧାମନଗର,୧୮।୫(ସମିସ): ଧାମନଗରର ପୂର୍ବତନ ବିଧାୟକ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକଙ୍କ ସୁଯୋଗ୍ୟ ସନ୍ତାନ, ଦୈନିକ ଖବରକାଗଜ "ସକାଳ'ର ପ୍ରକାଶକ ତଥା ନନ୍ଦିଘୋଷ ଟିଭିର ଡାଇରେକ୍ଟର ଅମିତ କୁମାର ମଲ୍ଲିକ ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳ ପରିଦର୍ଶନ କରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ମଲ୍ଲିକ ପରିବାରର ଯୁବ ନେତୃତ୍ୱ ହୋଇଥିବାରୁ ତାଙ୍କୁ ନେତା ଓ କର୍ମୀମାନଙ୍କ ତରଫରୁ ବିପୁଳ ସ୍ୱାଗତ କରାଯାଇଥିଲା। ସୋମବାର ସନ୍ଧ୍ୟା ସମୟରେ ସହରାଞ୍ଚଳ ପରିଦର୍ଶନ କରି ଖାନକା ସରିଫ୍ ପୀରବାବାଙ୍କୁ ଦର୍ଶନ ପରେ ବାବାଙ୍କ ସାନ ନାତି ଆଲହଜ ସୟଦ ଅହେମ୍ମଦ ରଜା ହବିବି (ମସ୍ତାନ-ଏ ମିଲ୍ଲତ)ଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ, କୁମାରେଶ ଖିଲାରଙ୍କ ସମେତ ଶିକ୍ଷକ ସୟଦ ଅବ୍‌ଦୁଲ ମାନ୍ନାନ୍, ସେକ୍ କାଦିର, ସେକ୍ ମକଦୁମ, ସେକ୍ ସିରାଜ, ମୀର୍ ଇସ୍‌ଲାମ, ସେକ୍ ଆଲାମ ଏହି ସାକ୍ଷାତ ଆଲୋଚନା ସମୟରେ ଉପସ୍ଥିତ ଥିଲେ। ସେହିପରି ଧାମନଗର ବ୍ଲକ୍ ଅନ୍ତର୍ଗତ କୋଠାର, ଆସୁରାଳି, ଧୂଷୁରୀ, ବମକୁରା, ଦୋବଲ, ଧାମନଗର ସହର ଆଦି ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସୂଚନା ମିଳିଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଟ୍ରକ୍-ଟିପ୍ପର ମାଲିକ ସଂଘର ଧାରଣା

ଭଦ୍ରକ,୧୮।୫(ସମିସ): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଟ୍ରକ୍-ଟିପ୍ପର ମାଲିକ ସଂଘ ପକ୍ଷରୁ ସୋମବାର ଧାରଣା ଦିଆଯାଇଥିଲା। ଧାମରା ପୋର୍ଟରେ ଭଦ୍ରକ ଜିଲ୍ଲାର ଟ୍ରକ୍ ଓ ଟିପ୍ପର ମାଲିକ ସଂଘର କୌଣସି ଟ୍ରକ୍‌କୁ ବନ୍ଦରରେ ସାମଗ୍ରୀ ପରିବହନ କରିବା ପାଇଁ ସୁଯୋଗ ଦିଆଯାଉ ନ ଥିବା ପ୍ରତିବାଦ କରି ଏହି ଧାରଣା ଦିଆଯାଇଛି। ଗତ କିଛି ମାସ ହେଲାଣି ସଂଘ ପକ୍ଷରୁ ଧାମରା ରେଲରୋକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା, ପ୍ରତିବାଦ ସଭା, ବିକ୍ଷୋଭ କରାଯାଇଥିଲା। ଜିଲ୍ଲାପାଳ ଏହି ଟ୍ରକ୍ ଓ ଟିପ୍ପର ମାଲିକଙ୍କ ସମସ୍ୟା ସମାଧାନ ନିମନ୍ତେ ଅତୀତରେ ପ୍ରତିଶ୍ରୁତି ଦେଇଥିଲେ।



କିନ୍ତୁ ପ୍ରଶାସନ ପକ୍ଷରୁ ସମାଧାନ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ କି ସେମାନଙ୍କ ଟ୍ରକ୍ ଓ ଟିପ୍ପର ଆଜି ପର୍ଯ୍ୟନ୍ତ ବନ୍ଦରରେ ଲାଗି ନାହିଁ। ବିକ୍ଷୋଭରତ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା କହିଛନ୍ତି, ବହୁ ବର୍ଷ ତଳୁ ଭଦ୍ରକ ଧାମରା ଆସିଥିବା କିଛି ବାଂଲାଦେଶୀଙ୍କ ଟ୍ରକ୍ ଆଉ ଟିପ୍ପର ଭଡ଼ାରେ ଲାଗିଛି। କିନ୍ତୁ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରାଯାଉଛି। ଦାବି ପୂରଣ ନ ହେଲେ ଟ୍ରକ୍ ମାଲିକମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ପରେ ଘଟଣାସ୍ଥଳକୁ ଭଦ୍ରକ ପୁଲିସ ଆସି ଆନ୍ଦୋଳନକାରୀ ଟ୍ରକ୍ ମାଲିକମାନଙ୍କୁ ବୁଝାସୁଝା କରିଥିଲା। ସଂଘର କର୍ମକର୍ତ୍ତାମାନେ ପୁଣିଥରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ କହିଛନ୍ତି, ଟ୍ରକ୍ ମାଲିକ ସଂଘର ଦାବି ଉପରେ ସେ ସଚେତନ ଅଛନ୍ତି। ଏନେଇ ଉଚ୍ଚକର୍ତ୍ତୃପକ୍ଷ ଓ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ। ଏହି ବିକ୍ଷୋଭ ପ୍ରଦର୍ଶନରେ ସଂଘର ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର, ଜ୍ୟୋତି ପ୍ରକାଶ ମହାନ୍ତିଙ୍କ ସମେତ ବହୁ ଟ୍ରକ୍ ମାଲିକ ଯୋଗଦେଇଥିଲେ।

## ପଞ୍ଚାୟତ ନିର୍ବାଚନ ପାଇଁ ରଣହୁଙ୍କାର

# ଡବଲ ଇଞ୍ଜିନ ବିପରୀତ ଦିଗରେ ଚାଲୁଛି: ପ୍ରମିଳା





- ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଲେ ବିଜେଡି ନେତୃତ୍ୱ
- ମାଲଦାଠାରେ ନାରୀ ଅଧିକାର ଅଭିଯାନ ସମାବେଶ

ବାରିକପୁର,୧୮।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ୨୪ନଂ ଜୋନ୍ ମାଲଦାଠାରେ ନାରୀ ଅଧିକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ରଣହୁଙ୍କାର ଦିଆଯାଇଛି। ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସମାବେଶରେ ମୁଖ୍ୟ ଅତିଥି ଭାବେ ବିଞ୍ଝାରପୁର ବିଧାୟିକା ତଥା ରାଜ୍ୟ ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ରାଜ୍ୟରେ ଡବଲ ଇଞ୍ଜିନ ସରକାର ବିପରୀତ ଦିଗରେ ଗତି କରୁଥିବା କହିଥିଲେ। ନାରୀମାନଙ୍କୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗକୁ ଆଣିଥିବାବେଳେ ବିଜେପି କେବଳ ମହିଳାମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବ୍ୟୋମକେଶ ରାୟ, ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀଧର ମହାନ୍ତି, ଜିଲ୍ଲା ମହିଳା ନେତ୍ରୀ ବିଦ୍ୟୁତ୍‌ଲତା ନାୟକ, ଦେବୀଲତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଜେଡି ସଦାସର୍ବଦା ମହିଳାମାନଙ୍କୁ ଆଗକୁ ଆଣୁଛି ବୋଲି ବକ୍ତବ୍ୟ ମାଧ୍ୟମରେ ଜଣାଇଥିଲେ। ସମାବେଶରେ ବରିଷ୍ଠ ବିଜେଡି ନେତା ସଞ୍ଜୀବ ପରିଡ଼ା, ସ୍ଥାନୀୟ ସରପଞ୍ଚ ମିନତୀ ପରିଡ଼ା, ସମିତିସଭ୍ୟା ରୀତାଞ୍ଜଳି ସାମଲ, ବ୍ଲକ୍ ଯୁବ ସଭାପତି ଲଳିତ ରାଉତ, ବ୍ଲକ୍ ଛାତ୍ର ସଭାପତି ଜଗତ ଜୀବନ ବାରିକ, ଦିପ୍ତୀସୂର୍ଯ୍ୟ ବିଶ୍ୱାଳ, ସରପଞ୍ଚ ସାଧନାଞ୍ଜଳି ମହାପାତ୍ର, ସୁଜାତା ସାହୁ, ବର୍ଷାରାଣୀ ଜେନା, କମଳା ଜେନା, ଲାଲା ସ୍ୱାଇଁ, ସତ୍ୟସାଧନ ବେଜ ପ୍ରମୁଖ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆୟୋଜିତ ସମାବେଶରେ ୭ଟି ପଞ୍ଚାୟତରୁ ଶତାଧିକ ମହିଳା ଯୋଗଦେଇଥିଲେ।

# ଭଦ୍ରକରେ ଏସ୍‌ଆଇଆର୍-୨୦୨୬ ନେଇ ସର୍ବଦଳୀୟ ବୈଠକ



ଭଦ୍ରକ,୧୮।୫(ସମିସ): ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍‌ଆଇଆର୍)- ୨୦୨୬ ସମ୍ପର୍କରେ ଆଲୋଚନା ପାଇଁ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ସୋମବାର ପୂର୍ବାହ୍ନ ୧୧ଟା ୩୦ରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି।

ଏହି ବୈଠକରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବିଜେପି, ବିଜେଡି, କଂଗ୍ରେସ, ବହୁଜନ ସମାଜ ପାର୍ଟି, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ, ଆମ୍ ଆଦମୀ ପାର୍ଟି ଓ ନ୍ୟାସନାଲ୍ ପିପୁଲ୍ସ ପାର୍ଟିର ଜିଲ୍ଲା ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଜୋର୍‌ଦାର୍ ଭାବେ ଆରମ୍ଭ ହୋଇଛି। ଏହି ସଂଶୋଧନ ପାଇଁ ଯୋଗ୍ୟତା ତାରିଖ ୧.୭.୨୦୨୬ ନିର୍ଦ୍ଧାରିତ ହୋଇଥିବାବେଳେ, ୨୦ ମେ'ରୁ ୨୯ ମେ' ୨୦୨୬ ପର୍ଯ୍ୟନ୍ତ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ସମ୍ପାଦିତ ହେବ।

୩୦ ମେ'ରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବିଏଲ୍‌ଓମାନେ ଘର ଘର ପରିଦର୍ଶନ କରି ଭୋଟରଙ୍କ ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବେ। ଏହା ସହିତ ୨୮ ଜୁନ୍ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ କରାଯିବ। ଖସଡ଼ା ଭୋଟର ତାଲିକା ଆସନ୍ତା ଜୁଲାଇ ୫ରେ ପ୍ରକାଶ ପାଇବ। ଏହାପରେ ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଦାବି ଓ ଆପତ୍ତିର ନିଷ୍ପତ୍ତି ଆସନ୍ତା ସେପ୍ଟେମ୍ବର ୨ ସୁଦ୍ଧା କରାଯିବା ପରେ ସେପ୍ଟେମ୍ବର ୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ।

ଜିଲ୍ଲାପାଳ କହିଛନ୍ତି ଯେ, ବୁଥ୍ ଲେଭୁଲ ଅଫିସର, ବୁଥ୍ ଲେଭୁଲ ଏଜେଣ୍ଟ ଓ ସମସ୍ତ ରାଜନୈତିକ ଦଳଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ସଫଳ କରାଯିବ। ସାଧାରଣ ଭୋଟରମାନେ ମଧ୍ୟ ନିଜ ନାମ ଭୋଟର ତାଲିକାରେ ସଠିକ୍ ଭାବେ ରହିଛି କି ନାହିଁ ଯାଞ୍ଚ କରିବା ସହ ସଂଶୋଧନ ପ୍ରକ୍ରିୟାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଅଧିକ ସୂଚନା ପାଇଁ ଭୋଟରମାନେ ଝକ୍ଟଗ୍ରରକ୍ସଗ୍ଟ ରମସ.ଶକ୍ଟଙ୍ଖ.ସଭ କିମ୍ବା। ରଉଓଘରଞ୍ଜ ଇକ୍ଟକ୍ଟ ବ୍ୟବହାର କରିପାରିବେ। ଭୋଟର ତାଲିକାର ସଠିକତା ଓ ସ୍ୱଚ୍ଛତା ବଜାୟ ରଖିବା ସହିତ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ନେଇ ଏସ୍‌ଆଇଆର୍-୨୦୨୬ କାର୍ଯ୍ୟକ୍ରମର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି ଆଲୋଚନାଚକ୍ରରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ରବିନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ୧୨୭ ଅଭିଯୋଗ

# ପାନୀୟ ଜଳ, ଭତ୍ତାକୁ ନେଇ ଉଦ୍‌ବେଗ ପ୍ରକାଶ



ବାରିକପୁର,୧୮।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହ ମଧ୍ୟରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୧୨୭ଟି ଅଭିଯୋଗ ଆଗତ ହୋଇଥିଲା। ବିଶେଷ କରି ଗ୍ରାମ୍ୟ ଉନ୍ନୟନ ବିଭାଗର ବିପଦସଂକୁଳ ରାସ୍ତା ବିଷୟରେ ରାଜେନ୍ଦ୍ରପୁର ଗ୍ରାମବାସୀ ଅଭିଯୋଗ କରିଥିଲେ। ଜରାଜୀର୍ଣ୍ଣ ପୂର୍ତ୍ତ ରାସ୍ତାକୁ ନେଇ ମଞ୍ଜୁରୀରୋଡ୍ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଥିବାବେଳେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଜଣାଇଥିଲେ। ସମ୍ପ୍ରତି ବ୍ୟାଙ୍କରେ ଖାତା ଥିବା ଭତ୍ତା ହିତାଧିକାରୀମାନେ ଅଙ୍ଗୁଳି ଛାପ ସମସ୍ୟା ଯୋଗୁଁ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଭତ୍ତାରୁ ସେମାନେ ବଞ୍ଚିତ ହେଉଛନ୍ତି। ହାତାହାତି ଭତ୍ତା ପ୍ରଦାନ ପାଇଁ ଅନେକ ହିତାଧିକାରୀ ଲିଖିତ ଭାବେ ଜଣାଇଥିଲେ। ବ୍ଲକ୍ ଅଞ୍ଚଳରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଥିବା ବେଳେ ବିଭାଗୀୟ ଅଧିକାରୀମାନେ ସମସ୍ୟା ସମାଧାନ ଦିଗରେ ବିଫଳ ହୋଇଥିବା ଲୋକେ ଜଣାଇଥିଲେ। ଏହାଛଡ଼ା ରାସନ କାର୍ଡ, ବିଦ୍ୟୁତ୍, ମୃତ୍ତିକା ସଂରକ୍ଷଣ, କୃଷି, ଜଳସମ୍ପଦ, ଡ୍ରେନେଜ୍ ବାବଦରେ ଅନେକ ଆପତ୍ତି ଅଭିଯୋଗ ହୋଇଥିଲା। ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଉପସ୍ଥିତ ରହି ଆସିଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ସମେତ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶୁଭେନ୍ଦୁ ସାମଲ, ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦତ୍ତ, ଜିଲ୍ଲା ଚିକିତ୍ସାଧିକାରୀ, ବିଡିଓ ଦେବଦତ୍ତ ଦାସ, ତହସିଲ୍‌ଦାର ରୋଜାଲିନ୍ ବେହେରା ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ,୧୮।୫(ସମିସ): ପ୍ରକୃତ ମଣିଷଟିଏ ମୃତ୍ୟୁ ପର୍ଯ୍ୟନ୍ତ ଜ୍ଞାନ ଆହରଣ କରିଥାଏ। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛନ୍ତି ଭଦ୍ରକ ଜିଲ୍ଲାପାଳ। ପ୍ରଶାସନିକ ବ୍ୟବସ୍ଥାର ଗୁରୁଦାୟିତ୍ୱ ତୁଲାଇ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସରେ ଏବେ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ସମସ୍ତ ଚାପ ରହିବା ସତ୍ତ୍ୱେ ଜ୍ଞାନ ଆହରଣ ପ୍ରତି ଆଗ୍ରହ ତାଙ୍କୁ ଏହି ସଫଳତାର ଶୀର୍ଷରେ ପହଞ୍ଚାଇଛି। ତାଙ୍କର ଏହି ସଫଳତା ଯୁବପିଢ଼ିଙ୍କ ପାଇଁ ଏକ ବାର୍ତ୍ତା। ପରିସ୍ଥିତି ଯେତେ ଜଟିଳ ହେଉନା କାହିଁକି, ଇଚ୍ଛାଶକ୍ତି ଅଧ୍ୟବସାୟ ଥିଲେ ସ୍ୱପ୍ନ ସାକାର ହୁଏ ବୋଲି ସୋମବାର ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମତ ପ୍ରକାଶ ପାଇଛି। ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ ଡକ୍ଟରେଟ୍ ଉପାଧି ପାଇବା ପରେ ସୋମବାର ସଦ୍‌ଭାବନା ଗୃହରେ ମହାସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଭାରେ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ସମ୍ବର୍ଦ୍ଧନା ଉତ୍ତରରେ ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଲେ ଯେ ଏହି ସମ୍ବର୍ଦ୍ଧନାକୁ ମୁଁ ଆଶୀର୍ବାଦ ଭାବେ ଗ୍ରହଣ କରୁଛି। ବରିଷ୍ଠମାନଙ୍କ ଆଶୀର୍ବାଦ ଓ ଜିଲ୍ଲାବାସୀଙ୍କ ଶ୍ରଦ୍ଧା ସ୍ନେହ ମୋର ଏହି ସଫଳତାର ଶ୍ରେୟ ବୋଲି ସେ ମତପ୍ରକାଶ କରିଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ସିଏସ୍‌ଆର୍ ପାଣ୍ଠିରେ ନିର୍ମାଣ ହେବାକୁ ଥିବା ଜିଲ୍ଲା ସଦର ମହକୁମାରେ ସିନିୟର ସିଟିଜେନ୍ ମଲ୍ଟି ହବ୍ ପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ସରିଛି। ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ ପ୍ରଶସ୍ତୀପତ୍ର ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀରଞ୍ଜନ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ବିଦୁଶଙ୍କର ନାୟକ, ଅଜୟ ନାୟକ, ଇଂ ଅଖିଳ ମୋହନ ପାଢ଼ୀ, ଶଶିକାନ୍ତ ପାଢ଼ୀ, ଏସ୍.ଏମ୍. ଫାରୁକ, ଶାନ୍ତନୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜସ୍ୱ ନା ମଦୁଆ ସୃଷ୍ଟି ପ୍ରତିଯୋଗିତା !

# ୫ ବର୍ଷରେ ଅବକାରୀ ଟାର୍ଗେଟ୍ ଆକାଶଛୁଆଁ

ଦୋବଲ,୧୮।୫(ସମିସ)

- ଧାମନଗର ବ୍ଲକ୍‌ରେ ମଦ ମାଫିଆ ସୃଷ୍ଟିର ଆଶଙ୍କା
- ସରକାରଙ୍କ ଅବକାରୀ ନୀତି ବିରୋଧରେ ଆନ୍ଦୋଳନ ପାଇଁ ସଜ ହେଲେଣି ସଚେତନ ନାଗରିକ

ସରକାରୀ ରାଜସ୍ୱ ବୃଦ୍ଧି ନା ସ୍ଥାନୀୟ ଅଞ୍ଚଳରେ ମଦୁଆଙ୍କ ସଂଖ୍ୟା ବଢ଼ାଇବାର ଚକ୍ରାନ୍ତ? ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ରେ ସରକାରୀ ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନଗୁଡ଼ିକ ପାଇଁ ସରକାର ଧାର୍ଯ୍ୟ କରିଥିବା ନୂତନ ଲକ୍ଷ୍ୟ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚର୍ଚ୍ଚା ଓ ଅସନ୍ତୋଷର ବିଷୟ ପାଲଟିଛି। ୨୦୨୧ ମସିହା ତୁଳନାରେ ୨୦୨୬ରେ ସରକାରଙ୍କ ଅବକାରୀ ନୀତି ଓ ଟାର୍ଗେଟ୍‌ରେ ଯେଉଁ ଅହେତୁକ ବୃଦ୍ଧି ଘଟିଛି, ତାହା ସାଧାରଣ ଲୋକଙ୍କୁ ଚକିତ କରିଛି। ପରିମାଣ ବଦଳରେ କେବଳ ମୋଟା ଅଙ୍କର ନଗଦ ଟଙ୍କା ଆଦାୟ କରିବାକୁ ସରକାର ଯେଉଁ ବାଧ୍ୟତାମୂଳକ ନିୟମ ଆଣିଛନ୍ତି, ତାହା ପରୋକ୍ଷରେ ଗ୍ରାମାଞ୍ଚଳରେ ମଦର ବନ୍ୟା ଛୁଟାଇବାକୁ ସରକାରୀ ପ୍ରୋତ୍ସାହନ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି।

୨୦୨୧ରେ ସରକାରୀ ନୀତି ଅନୁଯାୟୀ, ମଦ ଦୋକାନଗୁଡ଼ିକୁ 'ସର୍ବନିମ୍ନ ଗ୍ୟାରେଣ୍ଟିପ୍ରାପ୍ତ ପରିମାଣ'(ଏମ୍‌ଜିକ୍ୟୁ) ଆଧାରରେ ମାସିକ କେତେ ଲିଟର ବା ବୋତଲ ମଦ କିଣିବା ବା ବିକ୍ରି କରିବାକୁ ହେବ, ତାହାର ଏକ ସୀମିତ କୋଟା ରହୁଥିଲା। ସେତେବେଳେ ମାସିକ କୌଣସି ନିର୍ଦ୍ଦିଷ୍ଟ ଟଙ୍କାର ଲକ୍ଷ୍ୟ ନ ଥିଲା। ମାତ୍ର ୨୦୨୬ର ନୂତନ ଅବକାରୀ ନୀତିରେ ସରକାର ସମ୍ପୂର୍ଣ୍ଣ ଆର୍ଥିକ ଟାର୍ଗେଟ୍ ଅର୍ଥାତ୍ 'ସର୍ବନିମ୍ନ ଗ୍ୟାରେଣ୍ଟିପ୍ରାପ୍ତ ଅବକାରୀ ରାଜସ୍ୱ' (ଏମ୍‌ଜିଇଆର୍) ଧାର୍ଯ୍ୟ କରିଛନ୍ତି। ଏହାର ଅର୍ଥ ହେଉଛି, ଦୋକାନୀଙ୍କୁ ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କାର ମଦ ସରକାରଙ୍କଠାରୁ ଉଠାଇବାକୁ କିମ୍ବା ସେହି ଅନୁଯାୟୀ ରାଜସ୍ୱ ଦେବାକୁ ବାଧ୍ୟ କରାଯାଉଛି। ସରକାରଙ୍କ ଧାର୍ଯ୍ୟ ଟାର୍ଗେଟ୍ ଅନୁସାରେ ଧୂଷୁରୀ ମଦ ଦୋକାନ ସବୁଠାରୁ ଆଗରେ ରହିଛି। ୨୦୨୧ରେ ମାସିକ ସର୍ବନିମ୍ନ ୩୬୦୦ ବଲ୍କ ଲିଟର (ପ୍ରାୟ ୫,୫୩୮ ବୋତଲ) ବିୟର ଏବଂ ୨,୪୦୦ ଲଣ୍ଡନ ପ୍ରୁଫ୍ ଲିଟର (ପ୍ରାୟ ୪,୨୬୬ ବୋତଲ) ବିଦେଶୀ ମଦ ବିକ୍ରିର ଲକ୍ଷ୍ୟ ଥିଲା। ଏଥିରେ କସନ୍ ମନି ଥିଲା ୬୩ ହଜାର ୩୬୦ ଟଙ୍କା। ୨୦୨୬ରେ ଗ୍ରାମାଞ୍ଚଳରେ ଥିବା ଏହି ଦୋକାନ ଉପରେ ସରକାର ଏବେ ମାସିକ ଧାର୍ଯ୍ୟ କରିଛନ୍ତି ସର୍ବାଧିକ ୬୬ ଲକ୍ଷ ୨୮ ହଜାର ଟଙ୍କା। ୨୦୨୧ର ପ୍ରାରମ୍ଭିକ ଆଧାର ତୁଳନାରେ ଏହା ପ୍ରାୟ ୧୦୪.୬୧ ଗୁଣା ଅଧିକ।

ସେହିପରି ଧାମନଗର ମଦ ଦୋକାନରେ ୨୦୨୧ରେ ବିୟର ଟାର୍ଗେଟ୍ ୪,୫୦୦ ବଲ୍କ ଲିଟର (୬,୯୨୩ ବୋତଲ) ଓ ବିଦେଶୀ ମଦ ୩୦୦୦ ଏଲ୍‌ପିଏଲ୍ (୫,୩୩୩ ବୋତଲ) ଥିଲା। କସନ୍ ମନି ଥିଲା ୭୯ ହଜାର ୨୦୦ ଟଙ୍କା। ୨୦୨୬ରେ ଏହି ଦୋକାନ ପାଇଁ ମାସିକ ସର୍ବନିମ୍ନ ରାଜସ୍ୱ ଲକ୍ଷ୍ୟ ୫୬ ଲକ୍ଷ ୧୭ ହଜାର ଟଙ୍କା କରାଯାଇଛି। ଦୋବଲ୍ ବିଦେଶୀ ମଦ ଦୋକାନର ୨୦୨୧ରେ ବିୟର ଟାର୍ଗେଟ୍ ୩,୬୦୦ ବଲ୍କ ଲିଟର (୫,୫୩୮ ବୋତଲ) ଧାର୍ଯ୍ୟ କରାଯାଇଥିଲା। ବିଦେଶୀ ମଦ ୨,୪୦୦ ଲଣ୍ଡନ ପ୍ରୁଫ୍ ଲିଟର (୪,୨୬୬ ବୋତଲ) ଧାର୍ଯ୍ୟ ହୋଇଥିଲା। ୨୦୨୧ରେ ଦୋକାନ ପାଇଁ କସନ୍ ମନି ୬୩ ହଜାର ୩୬୦ ଟଙ୍କା ରହିଥିଲା। ୨୦୨୬ ମସିହାର ନୂତନ ସରକାରୀ ଗାଇଡ୍‌ଲାଇନ୍ ଅନୁଯାୟୀ, ଏବେ ବୋତଲ ବା ଲିଟର ପରିବର୍ତ୍ତେ 'ସର୍ବନିମ୍ନ ଗ୍ୟାରେଣ୍ଟିପ୍ରାପ୍ତ ଅବକାରୀ ରାଜସ୍ୱ' ବା ମାସିକ କେତେ ଟଙ୍କାର ମଦ କିଣିବାକୁ ହେବ, ତାହାର କଠୋର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଏହାର ମାସିକ ସର୍ବନିମ୍ନ ରାଜସ୍ୱ ଲକ୍ଷ୍ୟ ହେଉଛି ୩୮ ଲକ୍ଷ ୬୦ ହଜାର ଟଙ୍କା। ୫ ବର୍ଷ ପରେ ଉଭୟ ଦୋକାନର କସନ୍ ମନି ବୃଦ୍ଧି ପାଇ ସମାନ ଭାବେ ୧ ଲକ୍ଷ ୩୩ ହଜାର ଟଙ୍କାରେ ପହଞ୍ଚିଛି। ଏହାର ନୂତନ ଟାର୍ଗେଟ୍ ୨୦୨୧ ମସିହା ତୁଳନାରେ ପ୍ରାୟ ୬୦.୯୨ ଗୁଣା ଅଧିକ।

ଅସୁରାଳି ମଦ ଦୋକାନରେ ୨୦୨୧ରେ ବିୟର ଟାର୍ଗେଟ୍ ୩,୬୦୦ ବଲ୍କ ଲିଟର (୫,୫୩୮ ବୋତଲ), ବିଦେଶୀ ମଦ ୨,୪୦୦ ଲଣ୍ଡନ ପ୍ରୁଫ୍ ଲିଟର (୪,୨୬୬ ବୋତଲ) ଥିଲା। ସେହି ସମୟରେ ଲାଇସେନ୍ସଧାରୀଙ୍କ କସନ୍ ମନି ୬୩ ହଜାର ୩୬୦ ଟଙ୍କା ଧାର୍ଯ୍ୟ ହୋଇଥିଲା। ୨୦୨୬ରେ ଏହି ଦୋକାନ ପାଇଁ ମାସିକ ସର୍ବନିମ୍ନ ରାଜସ୍ୱ ଲକ୍ଷ୍ୟ ୫୬ ଲକ୍ଷ ୧୭ ହଜାର ଟଙ୍କା ରଖାଯାଇଛି। କସନ୍ ମନି ମଧ୍ୟ ଦୁଇ ଗୁଣରୁ ଅଧିକ ବୃଦ୍ଧି ପାଇ ୧ ଲକ୍ଷ ୩୩ ହଜାର ଟଙ୍କାରେ ପହଞ୍ଚିଛି। ପୂର୍ବଥର ଅପେକ୍ଷା ଏଥର କାରବାର ଲକ୍ଷ୍ୟ ପ୍ରାୟ ୮୮ ଗୁଣରୁ ଅଧିକ ବୃଦ୍ଧି ପାଇଛି। ଏଥର ଆବେଦନ ଦେୟ ଅତ୍ୟଧିକ ବୃଦ୍ଧି କରାଯାଇଛି ଏବଂ ଏହା ସମ୍ପୂର୍ଣ୍ଣ ଭାବେ 'ଅଣ ଫେରସ୍ତଯୋଗ୍ୟ' ବୋଲି ଧାର୍ଯ୍ୟ ହୋଇଛି। ଆବେଦନ ଦେୟ ଫେରସ୍ତ ମିଳିବାକୁ ନ ଥିବାରୁ ଏବଂ ଆର୍ଥିକ ରିସ୍କ ଅଧିକ ଥିବାରୁ ସାଧାରଣ ବା ନୂତନ ବ୍ୟବସାୟୀମାନେ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବାକୁ ଆଦୌ ଆଗ୍ରହ ଦେଖାଉ ନାହାନ୍ତି। ଫଳରେ ଯେଉଁମାନଙ୍କର ପୂର୍ବରୁ ଭିତ୍ତିଭୂମି ରହିଛି ଏବଂ ଯେଉଁ ପୁରୁଣା ପ୍ରଭାବଶାଳୀ ଲୋକମାନେ ମଦ ଲାଇସେନ୍ସ ପାଇଥିଲେ, ସେମାନେ ହିଁ କେବଳ ଚଳିତ ବର୍ଷ ଆବେଦନ କରୁଛନ୍ତି। ବୁଦ୍ଧିଜୀବୀ ମହଲର ଅଭିଯୋଗ ଅନୁଯାୟୀ, ସରକାରଙ୍କ ଏହି ନୀତି ଯୋଗୁଁ ବଜାରରେ କିଛି ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ଗୋଷ୍ଠୀଙ୍କର ଏକଚାଟିଆ ଅଧିକାର ସୃଷ୍ଟି ହେବ, ଯାହା ଆଗାମୀ ଦିନରେ ଅଞ୍ଚଳରେ ଭୟଙ୍କର 'ମଦ ମାଫିଆ' ସୃଷ୍ଟି ହେବାର ଆଶଙ୍କାକୁ ବଢ଼ାଇ ଦେଇଛି। ପ୍ରଶ୍ନ ଉଠୁଛି, ରାଜସ୍ୱ ବାହାନାରେ ସରକାର ନିଜର ଆଭ୍ୟନ୍ତରୀଣ ପାଣ୍ଠି ବଢ଼ାଇବାକୁ ଯାଇ ଧାମନଗର ଭଳି ଏକ ସାଂସ୍କୃତିକ ଅଞ୍ଚଳକୁ ମଦୁଆଙ୍କ ଗଡ଼ରେ ପରିଣତ କରିବାକୁ ଚାହୁଁଛନ୍ତି କି? ସରକାରଙ୍କ ଏହି ଜନବିରୋଧୀ ଅବକାରୀ ନୀତି ବିରୋଧରେ ଆଗାମୀ ଦିନରେ ସ୍ଥାନୀୟ ମହିଳା ସଂଗଠନ ଓ ସଚେତନ ନାଗରିକମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।

# କବି ଓ ଶିକ୍ଷାବିତ୍ ଅଚ୍ୟୁତାନନ୍ଦ ସାମଲଙ୍କ ସ୍ମୃତିସଭା




ଭଦ୍ରକ,୧୮।୫(ସମିସ): ସୋମବାର ବିଶିଷ୍ଟ କବି, 'ସାମ୍ମୁଖ୍ୟ'ର ପ୍ରତିଷ୍ଠାତା ସମ୍ପାଦକ, ସାହିତ୍ୟ ସଂଗଠକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ, ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା କାନ୍ତ ସାହିତ୍ୟ ପରିଷଦ, ଧାମନଗର ପୂର୍ବତନ ସଭାପତି ଦିବଂଗତ ଅଚ୍ୟୁତାନନ୍ଦ ସାମଲଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରେମନଗରଠାରେ ଉଭୟ "ପ୍ରେମ ପୃଥିବୀ ପରିବାର' ଏବଂ "କବି ବସନ୍ତ ମୁଦୁଲି ସ୍ମୃତି ସଂସଦ' ଦ୍ୱାରା ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉଭୟ କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ତଥା ପ୍ରେମ ପୃଥିବୀ ପରିବାରର ସଭାପତି କଥାକାର ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସର୍ବଶ୍ରୀ ଅଜୟ ନାୟକ, ପ୍ରାଧ୍ୟାପକ ବାସୁଦେବ ବାରିକ, ଅରୁଣ ଖିଲାର, ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ, ସୁଧାକର ରାଉତ, କୈଳାସ ଚନ୍ଦ୍ର ପଣ୍ଡା, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ, ଶାନ୍ତନୁ କୁମାର ରାଉତ, ନିର୍ମଳ ଚନ୍ଦ୍ର ରାଉତ, ଅଧ୍ୟାପକ ନାସିର ବକ୍ସ, ଗୟାଧର ପଣ୍ଡା, ଅଧ୍ୟାପକ ନିହାର ରଞ୍ଜନ କର, ବିପ୍ଳବ ହୋତା, ଶରତ ନାୟକ, ସଂଯୁକ୍ତା ବଳ, ଗୌତମ ମହାରଣା, ହରମୋହନ କୁଅଁର, ଗୌରାଙ୍ଗ ବାରିକ୍, ମନୋରଞ୍ଜନ ଦାସ, କୈଳାସ ମହାପାତ୍ର, ଅଜୟ କୁମାର କର, ଭାସ୍କର ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ସ୍ମୃତିଚାରଣ କରିଥିଲେ। ଶେଷରେ କବି କିଶୋର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ଜବତ ବ୍ୟବସାୟୀ ଗିରଫ



ଗଁଦିଆ,୧୮ ।୫ (ସମିସ) : ଗଁଦିଆ ଥାନା ଅନ୍ତର୍ଗତ ଷଡ଼ଙ୍ଗୀ ଗ୍ରାମ ପଞ୍ଚାୟତ ଅଧୀନ ପାଳଗାଣ୍ଡୁଆ ଗ୍ରାମରେ ଦୀର୍ଘ ଦିନ ଧରି ଚାଲିଥିଲା ରନ୍ଧା ଦେଶୀ ମଦର ଚୋରା କାରବାର। ଖବର ପାଇ ଆଜି ଭୋର ସମୟରେ ଗଁଦିଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାରିପଟେ ବେଆଇନ ଭାବରେ ଜାରକିନରେ ଗଚ୍ଛିତ ଥିବା ୪୦୦ଲିଟର ରନ୍ଧା ଦେଶୀ ମଦ ଜବତ କରିବା ସହିତ ଏକ ସ୍କୁଟି ଗାଡି ନଂ ଓଡି ୦୬ ଏଚ ୭୬୫୯ ଜବତ କରିଛି । ଏଥିରେ ସମ୍ପୃକ୍ତ ଥିବା ଉକ୍ତ ପାଳଗାଣ୍ଡୁଆ ଗ୍ରାମର ଶିବ ପ୍ରସାଦ ଘଡେଇଙ୍କର ପୁଅ ବାଦଲ ଘଡେଇ ୨୪ ବର୍ଷକୁ ପୋଲିସ ଗିରଫ କରିବା ସହିତ କେସ ନଂ ୨୩୭ ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ଚୋରା ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ



ଗଁଦିଆ,୧୮ ।୫ (ସମିସ): ଗଁଦିଆ ଥାନା ଷଡ଼ଙ୍ଗୀ ଗ୍ରାମ ପଞ୍ଚାୟତର ପାଳଗାଣ୍ଡୁଆ ଗ୍ରାମରେ ବେଆଇନ ଭାବରେ ଏକ ଦେଶୀ ବନ୍ଧୁକ ରଖିଥିବାର ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। କୌଣସି ସୂତ୍ରରୁ ଖବର ପାଇ ଗଁଦିଆ ପୁଲିସ ଷଡ଼ଙ୍ଗୀ ଗ୍ରାମ ପଞ୍ଚାୟତର ପାଳଗାଣ୍ଡୁଆ ଗ୍ରାମର ଧୁଶା ଖଟୁଆର ପୁଅ ଶ୍ୟାମ ଖଟୁଆ ୪୪ବର୍ଷ ନିଜର ଘରେ ବେଆଇନ ଭାବରେ ଏକ ଦେଶୀ ବନ୍ଧୁକ ରଖିଥିବାର ଖବର ପାଇ ତାର ଘର ଖାନତାଲସି କରିଥିଲା। ଘରର ତାଜା ଉପରେ ଉକ୍ତ ବନ୍ଧୁକ ଥିବାର ଦେଖିଥିଲେ । ଉକ୍ତ ବନ୍ଧୁକକୁ ଜବତ କରିବା ସହିତ ଶ୍ୟାମ ଖଟୁଆକୁ ପୁଲିସ ଗିରଫ କରି କେସ ନଂ ୨୩୮/୨୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ।

## ପଣ୍ଡିତ ଦୀନଦୟାଲ ପ୍ରଶିକ୍ଷଣ ଉଦ୍‌ଯାପିତ



ଖଜୁରିଆକଟା, ୧୮ ।୫ (ସମିସ) : ହିନ୍ଦୋଳ ନିର୍ବାଚନ ମଣ୍ଡଳି ବିଜ୍ଞାପିତ ପରିଷଦ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ହିନ୍ଦୋଳ ନଗର ମଣ୍ଡଳ ଆନୁକୂଲ୍ୟରେ ଚାଲିଥିବା ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ବର୍ଗ ପ୍ରମୁଖ ସନ୍ତୋଷ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନିତ ଅତିଥିଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉକ୍ତ ଶିବିରରେ ବୈଚାରିକ ଅଧିଷ୍ଠାନ, ପାର୍ଟିର ଇତିହାସ ଏବଂ ବିକାଶ, କାର୍ଯ୍ୟବିସ୍ତାର ପାଇଁ ଦୃଷ୍ଟିକୋଣ, ଆମର କାର୍ଯ୍ୟପଦ୍ଧତି, ସରକାରଙ୍କ ସଫଳତା ଏବଂ କାର୍ଯ୍ୟାନ୍ୱୟନ, ସାମାଜିକ ଗଣମାଧ୍ୟମ, ଏଆଇ ନମୋ ଆପ୍, ସରଳ ଆପ୍, ବୁଥ ପରିଚାଳନା ସହ ମନ୍‌କିବାତ୍ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ବକ୍ତା ଭାବେ ଯଶସ୍ୱିନି ରାଉତ, ସହଦେବ ପୃଷ୍ଟି, ଇତିଶ୍ରୀ ସାହୁ, ଦୁଷ୍ମନ୍ତ ବେହେରା ପ୍ରମୁଖ ଯୋଗଦେଇ ଶିବିରାର୍ଥି ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉଦଯାପନି ସମାରୋହରେ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ ସାଂଗଠନିକ ଅଭିବୃଦ୍ଧି ସଂପର୍କରେ ଆଲୋକ ପାତ କରିଥିଲେ। ଶେଷରେ ମନୋରନ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶଶୁର ଉପରେ ଗରମ ତେଲ ଢାଳିଦେଲା ବୋହୂ



ପରଜଙ୍ଗ,୧୮।୫(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ମୁଣ୍ଡେଇଲୋ ପଞ୍ଚାୟତ ନାଉପାଳ ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଶଶୁର ଉପରେ ପାଣି ସହ ତେଲ ମିଶାଇ ଗରମ କରି ଢାଳି ଦେବାରୁ ଶଶୁର ଗୁରୁତର ଆହତ ହୋଇ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ କୌଣସି ଏକ କଥାକୁ ନେଇ ଘରେ ଥିବା ବିଧବା ବୋହୂ କୁସ୍ମିତା ଭୂତିଆ ଗରମ ପାଣି ସହ ରିଫାଇନ ତେଲ ମିଶାଇ ଗ୍ୟାସରେ ଗରମ କରି ଶଶୁର ଶ୍ରୀକାନ୍ତ ଭୂତିଆ (୮୦) ଙ୍କ ଉପରେ ଢାଳି ଦେବାରୁ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ପଡ଼ୋଶୀଙ୍କ ଠାରୁ ଖବର ପାଇ ତାଙ୍କୁ ଉଦ୍ଧାର କରି ପୁଲିସ ତଦନ୍ତ ଆରମ୍ଭ କରିଛି। ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପରଜଙ୍ଗ ଥାନା ଏଏସଆଇ ଜୋସେଫ୍ ପଟ୍ଟନାୟକ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

# ଗାଁକୁ ନାହିଁ ପକ୍କା ରାସ୍ତା; ଗୁହାରି ଶୁଣୁନି ପ୍ରଶାସନ

ହିନ୍ଦୋଳ, ୧୮ ।୫ (ସମିସ)







ଆମ ଦେଶ ୭୭ ବର୍ଷ ହେବ ସ୍ୱାଧୀନ ହେଲାଣି, ଦେଶ ମଧ୍ୟ ଆଜାଦି କା ମହୋତ୍ସବ ପାଳନ କରିଛି, ହେଲେ ଆଜି ମଧ୍ୟ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ ମୌଳିକ ସୁବିଧା ରୁ ବଞ୍ଚିତ ରହିଥିବା ଦେଖିବାକୁ ମିଳିଛି ହିନ୍ଦୋଳ ଉପଖଣ୍ଡ ରେ ଦରକାର ନଥିବା ଜାଗାରେ ନିର୍ମାଣ ହେଉଛି ପକ୍କା ରାସ୍ତା, ଏପରିକି ଜଙ୍ଗଲ ଓ ପୋଖରୀ ହୁଡାରେ ନିର୍ମାଣ ହେଉଛି ପକ୍କା ରାସ୍ତା, ରାଜ୍ୟରେ ଆସିଥିବା ନୂତନ ସରକାର ବିକଶିତ ଓଡିଶା ମାଧ୍ୟମରେ ପ୍ରତେକ ପଞ୍ଚାୟତକୁ ବାର୍ଷିକ ୨୪ ଲକ୍ଷ ଅନୁଦାନ ମଞ୍ଜୁର ହେଉଥିବା ବେଳେ ଅଞ୍ଚଳରେ ଥିବା କୁଜି ନେତାଙ୍କୁ ଖୁସିକରିବା ପାଇଁ ସେମାନଙ୍କ ଠାରୁ ହାତଗୁଞ୍ଜା ନେଇ ଦରକାର ନଥିବା ଜାଗାରେ ରାସ୍ତା ନିର୍ମାଣ କରାଯାଉଛି ହେଲେ ହିନ୍ଦୋଳ ବ୍ଲକରେ ଏଭଳି କିଛି ଗାଁ ରହିଛି ଏବେବି ଗାଁ କୁ ଯିବା ପାଇଁ ପକ୍କା ରାସ୍ତା ଟିଏ ନାହିଁ । ଉପଖଣ୍ଡର ଏଭଳି ଏକ ଗାଁ ହାତୁରା ପଞ୍ଚାୟତର ଜୈପଙ୍ଗା, ଗ୍ରାମରେ ୩୦୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବା ବେଳେ ଗ୍ରାମକୁ ଯିବା ପାଇଁ ପକ୍କା ସଡକ ଟିଏ ନାହିଁ। ଅସରାଏ ବର୍ଷାରେ ଗାଁ କୁ ଯାଇପାରୁନି ଆମ୍ବୁଲାନ୍ସ, ପିଲାମାନେ ପାଠ ପଢିବା ପାଇଁ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ନଥିବା ବେଳେ ପାଠ ପଢ଼ିବା ପାଇଁ ଗ୍ରାମର ଛାତ୍ରଛାତ୍ରୀ ନିକଟସ୍ଥ ପଡା ଓ ହାତୁରା ଗ୍ରାମକୁ ଯିବାକୁ ପଡିଥାଏ। ଯାହାକି ସେହି ରାସ୍ତା ଦେଇ ପିଲା ମାନେ ଦୈନିକ ପାଠ ପଡିବା ପାଇଁ ଯିବା ଆସିବା କରନ୍ତି। ଗ୍ରାମଠାରୁ ପ୍ରାୟ ଦେଢ଼ କିଲୋମିଟର ରୁ ଅଧିକ ରାସ୍ତା ହେବ, ହାତୁରା, ନିକଟସ୍ଥ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ସେହି ରାସ୍ତା ଦେଇ ଦେଢ଼ କିଲୋମିଟର ଦୂର ଏହି ଗ୍ରାମ ବର୍ଷା ହେଲେ ଗ୍ରାମବାସୀ ମାନେ ନାହିଁ ନଥିବା ହୀନସ୍ଥା ହେଉଥିବା ଦେଖିବାକୁ ମିଳୁଛି। ଖରା ଏବଂ ଶୀତ ଦିନରେ କଷ୍ଟେମଷ୍ଟେ ଗ୍ରାମକୁ ଯାଇହେଉଥିବା ବେଳେ ବର୍ଷା ଦିନରେ ଗ୍ରାମକୁ ଗୋଟିଏ ଆମ୍ବୁଲାନ୍ସ ଯିବାପାଇଁ କଷ୍ଟ ହୋଇପଡେ। ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଗ୍ରାମ ଦେଢ଼ କିଲୋମିଟର ରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ସଡକ ଯୋଜନା ମାଧ୍ୟମରେ ଗ୍ରାମକୁ ଏକ ପକ୍କା ସଡକ ନିର୍ମାଣ କରିବା ପାଇଁ ଗ୍ରାମବାସୀମାନେ ଦୀର୍ଘ ଦିନ ହେବ ଦାବି କରିଆସୁଛନ୍ତି। ହେଲେ ଗ୍ରାମବାସୀଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି ବିଭାଗୀୟ ଅଧିକାରୀ, ପ୍ରଶାସନ। ଏପରିକି ବାର୍ଷିକ ବିଭିନ୍ନ ଯୋଜନାରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ସରକାରୀ ଅନୁଦାନ ଆସୁଥିବା ବେଳେ ଅଧିକାରୀଙ୍କ ନଜର ପଡୁନି ସେହି ଗ୍ରାମକୁ, ଏପରିକି ନିର୍ବାଚନ ଆସିଲେ ବିଭିନ୍ନ ପ୍ରକାର ପ୍ରତିଶୃତିମିଳେ ରାଜନୈତିକ ନେତାଙ୍କ ଠାରୁ ଖୁବ ଶୀଘ୍ର ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦିଅନ୍ତି, ହେଲେ ନିର୍ବାଚନ ସରିଗଲେ ଗ୍ରାମବାସୀଙ୍କୁ ଭୁଲି ଯାଆନ୍ତି ନିର୍ବାଚିତ ପ୍ରତିନିଧି ମାନେ ବୋଲି କ୍ଷୋଭ ସହିତ ପ୍ରକାଶ କରନ୍ତି ଗ୍ରାମବାସୀ, ରାଜ୍ୟରେ ଦୀର୍ଘ ଦିନ ପରେ ସରକାର ବଦଳିଛି ହିନ୍‌ଦୋଳ ନିର୍ବାଚନ ମଣ୍ଡଳୀରେ ମଧ୍ୟ ନୂତନ ଭାବେ ସରକାର ଆସିଛି ଏବେ ଗ୍ରାମବାସୀ ନୂତନ ପକ୍କା ସଡକ ନିର୍ମାଣ କରିବା ପାଇଁ ଲିଖିତ ଜଣାଇଥିବାବେଳେ କେହି ଗୁହାରି ଶୁଣୁ ନଥିବା ଅଭିଯୋଗ କରିଛନ୍ତି।

## ହାତୀଲୁଚାଣି ଉଦ୍ୟାନ ଭବନରେ ମିଳୁନି ବିହନ; ଚିନ୍ତାରେ ଚାଷୀ



ପରଜଙ୍ଗ, ୧୮ ।୫ (ସମିସ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ହାତୀଲୁଚାଣି ଉଦ୍ୟାନ ଭବନରେ ବିହନ ଅଭାବ ଏକ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ଯାହା ଚାଷୀମାନଙ୍କୁ ପ୍ରଭାବିତ କରିଛି । ଚଳିତ ବର୍ଷ ବର୍ଷା ଅଭାବରୁ ଫସଲ ନଷ୍ଟ ହୋଇଛି ଏବଂ ଅଧିକାଂଶ ଚାଷୀ ବିହନ ପାଇଁ ସରକାରୀ ସହାୟତା ଉପରେ ନିର୍ଭର କରିଥାନ୍ତି । କିନ୍ତୁ, ଉଦ୍ୟାନ ଭବନରୁ ବିହନ ନ ମିଳିବା କାରଣରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ହାତୀଲୁଚାଣି ଉଦ୍ୟାନ ଭବନକୁ ସାଧାରଣ ଚାଷୀ ଯେତେବେଳେ ବିହନ ଆଣିବାପାଇଁ ଯାଇଥାଏ ସବୁସମୟରେ ତାହା ତାଲା ପଡ଼ିଥାଏ ଏବଂ କୌଣସି ଅଧିକାରୀଙ୍କ ଦେଖା ମିଳେନାହିଁ ବୋଲି ଜଣା ପଡିଛି। ଆଜି ସକାଳ ୭ ଘଟିକା ସମୟରେ ଆଦିତ୍ୟ ମହାନ୍ତି ,ଶିଶିର ଭୋଇ,ସିଲୁ ନାୟକ,ବିକାଶ ମହାନ୍ତି,ବାଦଲ ନାୟକ,ରାଜେଶ ଜେନା ଏବଂ ଅନ୍ୟ ୨୦/୩୦ ଚାଷୀ ହାତୀଲୁଚାଣି ଉଦ୍ୟାନ ଭବନକୁ ଆସି ସକାଳ ୧୨ ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ମଧ୍ୟ କୌଣସି ଅଧିକାରୀଙ୍କ ଦେଖା ମିଳିନଥିଲା। ଏହି ସମସ୍ୟା କୃଷି କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ ସୃଷ୍ଟି କରୁଛି ଏବଂ ଚାଷୀମାନଙ୍କ ଜୀବିକା ଉପରେ ଏହାର ପ୍ରଭାବ ପଡୁଛି । ବିଶେଷ କରି, ଯେଉଁ ଚାଷୀମାନେ ଅଧିକାଂଶତଃ ଧାନ ଏବଂ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ ଉତ୍ପାଦନ ଉପରେ ନିର୍ଭର କରନ୍ତି, ସେମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଉଦ୍ୟାନ ଭବନରେ ବିହନର ଅଭାବ, ସ୍ଥାନୀୟ କୃଷି ବିକାଶ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରଭାବିତ କରିଛି । ଚାଷୀ ନିଜର ଆଗାମୀ ଫସଲ ପାଇଁ କୌଣସି ବିକଳ୍ପ ପାଉନାହାଁନ୍ତି ଏବଂ ଏହି ପରିସ୍ଥିତି ସେମାନଙ୍କୁ ଆର୍ଥିକ ସଙ୍କଟ ଆଡକୁ ଠେଲି ଦେଉଛି । ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ଆବଶ୍ୟକ, ନଚେତ୍ ଏହା କୃଷି କ୍ଷେତ୍ରରେ ଏକ ବଡ଼ ଧରଣର ବିପର୍ଯ୍ୟୟ ଆଣିପାରେ । ଏହାଛଡ଼ା, ବିହନର ଅଭାବ ଯୋଗୁଁ ଅନେକ ଚାଷୀ ଅଧିକ ଦାମରେ ବାହାରୁ ବିହନ କିଣିବାକୁ ବାଧ ହେଉଛନ୍ତି, ଯାହା ସେମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପକାଉଛି ।କେବଳ ଏତିକି ନୁହେଁ, ବରଂ ଗୁଣବତ୍ତା ବିହନ ଅଭାବରୁ ବାଧ ହୋଇ ଚାଷୀମାନେ ନକଲି ବିହନ କିଣିବାକୁ ବାଧ ହେଉଛନ୍ତି, ଯାହାଫଳରେ ଅମଳ ଉପରେ ଏକ ବଡ଼ ପ୍ରଭାବ ପଡୁଛି। ଅନେକ ସମୟରେ ବିହନଗୁଡ଼ିକ ଠିକ୍ ଭାବରେ ଗଜା ହେଉ ନାହିଁ କିମ୍ବା ରୋଗଗ୍ରସ୍ତ ହେଉଛି, ଯାହା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଉଛି।

## ଜନଶୁଣାଣି ଶିବିରରେ ୯୦ ହଜାର ଟଙ୍କା ସହାୟତା



ଖଜୁରିଆକଟା, ୧୮ ।୫ (ସମିସ) : ଓଡ଼ାପଡ଼ା ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ଜନ ଶୁଣାଣୀ ଶିବିର ରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ଉପଜିଲ୍ଲାପାଳ ପଦ୍ମଚରଣ ସାହୁ, ଗ୍ରାମ ଉନ୍ନୟନ ଅଧିକାରୀ ଦିପ୍ତିରଞ୍ଜନ ସେଠୀ , ଜିଲ୍ଲା କୃଷି ଅଧିକାରୀ, ବିଶ୍ୱନାଥ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ କୁମାର ମହାପାତ୍ର , ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ତହସିଲଦାର ମନୋଜ କୁମାର ମାଝୀ ଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣ ଙ୍କ ଠାରୁ ଅଭିଯୋଗ ଶୁଣିବା ପରେ ସେହି ସବୁ ସମସ୍ୟାର ସମାଧାନ କରିବା ପାଇଁ ବିଭିନ୍ନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯୋଗ ଶୁଣାଣୀ ଶିବିର ରେ ମୋଟ ୬୦ ଗୋଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୮ ଗୋଟିର ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା। ୩୮ ଗୋଟି ବ୍ୟକ୍ତିଗତ ୧୬ ଗୋଟି ଗ୍ରାମ ସାମୁହିକ ସମସ୍ୟା ୫ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଓ ଗୋଟିଏ ରେଡକ୍ରସ ପାଣ୍ଠିରୁ ସହାୟତା ପାଇବା ପାଇଁ ଆବେଦନ କରିଥିଲେ। ସେ ବାବଦରେ ୯୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ ପରିଚାଳନା କରୁଥିବା ବେଳେ ବ୍ଲକ ର କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ଉତ୍କୋଚ, ଆର୍‌ଆଇଙ୍କୁ ୨ ବର୍ଷ କାରାଦଣ୍ଡ

ଢେଙ୍କାନାଳ,୧୮।୫(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନରେ ରାଜସ୍ୱ ନିରୀକ୍ଷକ ଭାବରେ କାର୍ଯ୍ୟକରୁଥିବା ପ୍ରଭାତୀ ସ୍ୱାଇଁଙ୍କୁ ଜନୈକ ବ୍ୟକ୍ତିଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ର ତଦନ୍ତ ପାଇଁ ଲାଞ୍ଚମାଗିବା ଘଟଣାରେ ଢେଙ୍କାନାଳ ଭିଜିଲାନ୍ସ ସ୍ପେଶାଲ ଜଜ୍ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି। ଗଁଦିଆ ତହସିଲ ଷଡ଼ଙ୍ଗୀ ରେଞ୍ଜରେ କାର୍ଯ୍ୟକରୁଥିବା ପୂର୍ବତନ ରାଜସ୍ୱ ନିରୀକ୍ଷକ ପ୍ରଭାତୀ ସ୍ୱାଇଁ ଜନୈକ ବ୍ୟକ୍ତିଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ର ତଦନ୍ତ ଏବଂ ପ୍ରଦାନ ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଘଟଣାରେ ସେ ଧରାପଡ଼ିବା ସହିତ ତାଙ୍କ ନାମରେ ଓଡିଶା ଭିଜିଲାନ୍ସରେ ଏକ ମାମଲା ରୁଜୁ କରାଯିବା ସହିତ ଦଫା ୧୩(୨)ଆରଡବ୍ଲ୍ୟୁ୧୩(୧)(ଡି)/୭ପିସି ଆକ୍ଟ ୧୯୮୮ ଅନୁସାରେ ମାମଲା ରୁଜୁ ହୋଇ ବିଚାର ଚାଲିଥିଲା। ଆଜି ଏହି ମାମଲାର ବିଚାର କରି ଢେଙ୍କାନାଳ ଭିଜିଲାନ୍ସ ସ୍ପେଶାଲ ଜଜ୍ ଆର୍‌ଆଇଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ଜରିମାନା ଧାର୍ଯ୍ୟ କରିଛନ୍ତି। ଏହା ସହିତ ତାଙ୍କୁ ଚାକିରିଙ୍କୁ ବହିଷ୍କାର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଓଡ଼ିଶା ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପ୍ରଭାତୀ ସ୍ୱାଇଁ ଭୁବନ ଆର୍‌ଆଇ ଭାବରେ କାର୍ଯ୍ୟ କରୁଥିବାର ଜଣାପଡ଼ିଛି।

## ଶ୍ରମିକ ନେତାଙ୍କ ଦେହାନ୍ତ



ଢେଙ୍କାନାଳ,୧୮।୫(ସମିସ): ସିଆଇଟିୟୁ ସର୍ବଭାରତୀୟ ଉପସଭାପତି, ସିଆଇଟିୟୁ ଓଡ଼ିଶା ରାଜ୍ୟ ସମ୍ପାଦକ, ସିପିଆଇଏମ୍ ଓଡ଼ିଶା ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ବହୁ ଶ୍ରମିକ ତଥା ରାଜନୈତିକ ସଂଗଠନର ନେତୃତ୍ୱ ବହନ କରି ଆସିଥିବା ସାଥୀ ବିଷ୍ଣୁ ମହାନ୍ତିଙ୍କ ପରଲୋକରେ ଖଟିଖିଆ ମଣିଷର ସ୍ୱର ଆଜି ନିରବି ଯାଇଛି। ତାଙ୍କୁ ସ୍ମରଣ କରି ସ୍ଥାନୀୟ ଉତ୍ପୁନା କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ସ୍ମରଣ ସଭା ସାଥୀ ସର୍ବଜ୍ଞ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଉପସ୍ଥିତ ଜିଲ୍ଲା ନେତୃମଣ୍ଡଳୀ ସାଥୀ ବିଷ୍ଣୁ ମହାନ୍ତିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସମ୍ମାନାର୍ଥେ ନିରବ ପ୍ରାର୍ଥନା କରିଥିଲେ। ଏହି ସ୍ମରଣ ସଭାରେ ମନୋରଞ୍ଜନ ପଟ୍ଟନାୟକ, ସରୋଜ ଶତପଥୀ, ରବି ରଥ, ରୋହିତ ବାରିକ, ଯୁଧିଷ୍ଠିର ସାହୁ, ସାର୍ଥକ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ମଠକରଗୋଳା ଡାକ୍ତରଖାନା ସମ୍ପର୍କରେ ସମୀକ୍ଷା କଲେ ବିଧାୟକ



ଭୁବନ, ୧୮ ।୫ (ସମିସ) : ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ନିମନ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାବେ କାର୍ଯ୍ୟ କରୁଥିବା ମଠକରଗୋଳା ଡାକ୍ତରଖାନାର ସମୀକ୍ଷା କରିଛନ୍ତି ବିଧାୟକ ଶତ୍ରୁଘ୍ନ ଜେନା। ହଟାତ ବିଧାୟକ ଡାକ୍ତରଖାନାରେ ପହଞ୍ଚି ମୁଖ୍ୟ ଡାକ୍ତରଙ୍କ ଅନୁପସ୍ଥିତ ଦେଖି ତାଗିଦ କରିଥିଲେ। ଏହି ଡାକ୍ତରଖାନା ଉପରେ ପ୍ରଶାସନିକ ଭାବେ ୧୮ ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ଜନ୍ମ ମୃତ୍ୟୁ ପ୍ରମାଣପତ୍ର, ମ୍ୟାଲେରିଆ ନିରାକରଣ, କୁଷ୍ଠ ନିରାକରଣ ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରାଯାଇଥାଏ। ଡାକ୍ତରଖାନାର ୬୦ ଭାଗ କୋଠା ଭଙ୍ଗା ଯାଇ ୧୪ କୋଟି ବ୍ୟୟରେ ନୂତନ କୋଠା ନିର୍ମାଣ କରାଯାଉଛି। ଏହାର କାର୍ଯ୍ୟ ୨୦୨୬ ମସିହା ଶେଷ ସୁଦ୍ଧା ସମାପ୍ତ କରିବା ପାଇଁ ଠିକାଦାରଙ୍କୁ କହିଥିଲେ। ଏହି ସମୀକ୍ଷା ସମୟରେ ଡକ୍ଟର ଅଶ୍ୱିନୀ ବେହେରା, ସମ୍ବିତ ମିଶ୍ର, ବିଦ୍ୟାଧର ସ୍ୱାଇଁ, ଅମନ ନାୟକ ଉପସ୍ଥିତ ଥିଲେ।

## ଭାରତୀୟ ଯୋଗ ସଂସ୍ଥାନ ଦ୍ୱାରା ଯୋଗ ନିରାକରଣ ଶିବିର



ଢେଙ୍କାନାଳ,୧୮।୫(ସମିସ) : ଭାରତୀୟ ଯୋଗ ସଂସ୍ଥାନ ତରଫରୁ ବଳରାମ ମନ୍ଦିର ସମ୍ମୁଖରେ ପ୍ରଥମ ଦିବସରେ ଶତାଧିକ ଯୋଗ ନିରାକରଣ ଶିବିରରେ ଯୋଗାଭ୍ୟାସ କରିଥିଲେ। ଉକ୍ତ ଶିବିରରେ ମୁଖ୍ୟ ବକ୍ତା ଭାବେ ଡା. ଜଗଦାନନ୍ଦ ତ୍ରିପାଠୀ ଜୀ ଯୋଗ ଦେଇ ରୋଗପାଇଁ ମୁଖ୍ୟ ଯୋଗ ହିଁ ସବୁଠୁ ବଡ ମେଡିସିନ ବୋଲି କହିଥିଲେ ।ସମ୍ମାନିତ ଅତିଥି ଭାବେ ସନ୍ଦୀପ ଷଡ଼ଙ୍ଗୀ ଯୋଗ ଦେଇ ମେଡିକାଲ ସାଇନ୍ସ ମେଡ଼ିନ ଅପେକ୍ଷା ଯୋଗ ହିଁ ଶରୀରକୁ ବେଶୀ ଠିକି କରିଥାଏ ବୋଲି କହିଥିଲେ। ରଘୁନାଥ ତ୍ରିପାଠୀ ସଭାପତିତ୍ୱ କରିବା ସହ ରୋଗ ନିରାକରଣ ସିବିରରେ କେଉଁ ରୋଗ ପାଇଁ କୋଉ ଆସନ ପ୍ରଣାୟାମ ଦରକାର ସେ ବିଷୟରେ ଆଲୋକପାତ କରିଥିଲେ ଓ ନିଜେ ମଧ୍ୟ ଜନସାଧାରଣଙ୍କୁ ଅଭ୍ୟାସ କରାଇଥିଲେ। ଡା. ଧର୍ମାନନ୍ଦ ପୃଷ୍ଟି ପରିଚାଳନା ଓ ସୂକ୍ଷ୍ମ କ୍ରିୟା କାରିଥିଲେ। ଇନ୍ଦିରା ଦେବତା, ଓଁକାର ଧ୍ୱନି, ଗାୟତ୍ରୀ ମନ୍ତ୍ର ଓ ଆସନ, ଶରତ ଲେଙ୍କା ଓ ପ୍ରତାପ ପତି ଆସନ କରାଇ ଥିଲେ। ଶେଷରେ ଧନ୍ୟବାଦ, ଶାନ୍ତିପାଠ କରି ସବୁଦିନ ସକାଳେ ଯୋଗ କରିବାକୁ ନିବେଦନ କରିଥିଲେ।

# ଜଗନ୍ନାଥ ସଂସ୍କୃତି ବିରୋଧୀ ଇସ୍କନ୍‌କୁ ସାମାଜିକ ବାସନ୍ଦ କରାଯାଉ

ଢେଙ୍କାନାଳ,୧୮।୫ (ସମିସ)



ଅନ୍ତର୍ଜାତୀୟ କୃଷ୍ଣ ଚେତନା ସଂଘ ବା ଇସ୍କନ୍ ପ୍ରଥମେ ଆମେରିକାରେ କାର୍ଯ୍ୟ ଆରମ୍ଭ କରି ପରେ ଭାରତରେ ତା'ର କାୟା ବିସ୍ତାର କରିଛି। ଏହି ଅନୁଷ୍ଠାନ ଆମେରିକାର ଗୁଇନ୍ଦା ସଂସ୍ଥା ସିଆଇଏର ପୃଷ୍ଠପୋଷକତାରେ ପୃଷ୍ଠଭୂମି ଅନେକ ତଥ୍ୟାଭିଜ୍ଞ ମହଲ ବିଶ୍ୱାସ କରନ୍ତି। ଭାରତରେ ହିନ୍ଦୁ ଧର୍ମକୁ ନେଇ ଅଧିକ ଅନୁଗାମୀ ହାସଲ କରିବା ଏବଂ ପୂର୍ଣ୍ଣକାଳୀନ ସନ୍ୟାସୀଙ୍କ ଜରିଆରେ ଏହାର ପ୍ରଚାର ପ୍ରସାର କରିବା ସହ ଭାରତର ଭିତିରି ତଥ୍ୟ ସହଜରେ ସିଆଇଏକୁ ଦେବାର ଏହା ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି ମନେକରାଯାଏ। ସଂପ୍ରତି ଭାରତର ଆକୁମାରୀ ହିମାଚଳ ଯାଏ କଳିଯୁଗ ଅବତାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ପରିବ୍ୟାପ୍ତ ଏବଂ ବିଶ୍ୱର ଅନେକ ସ୍ଥାନରେ ମୂଳ ଭାରତୀୟଙ୍କ ସହଯୋଗରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରଚାର ପ୍ରସାର ହେବା ସହ ସ୍ନାନଯାତ୍ରା ଓ ଶ୍ରୀଗୁଣ୍ଡିଚା ରଥଯାତ୍ରା ବେଶ୍ ସମାରୋହରେ ପାଳିତ ହୋଇଆସୁଛି। ମୂଳ ପୀଠ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରର ନୀଳାଚଳ ନିବାସୀ ମହାପ୍ରଭୁ ଶ୍ରୀଜଗନ୍ନାଥ, ଅଗ୍ରଜ ଶ୍ରୀବଳଭଦ୍ର, ଭଗିନୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କ ରୂପରେ ଚତୁର୍ଦ୍ଧା ମୂର୍ତ୍ତି ଭାବେ ହଜାର ହଜାର ବର୍ଷ ଧରି ପୂଜା କରିଆସୁଛନ୍ତି। ତାଙ୍କର ପ୍ରଥମ ସେବକ ଭାବେ ଉତ୍କଳର ଗଜପତି ମହାରାଜା ସର୍ବଜନ ସ୍ୱୀକୃତ ଅଟନ୍ତି। ତାଙ୍କର ଶତ ଅନୁରୋଧକୁ ଅବଜ୍ଞା କରି ଶ୍ରୀ କୃଷ୍ଣପ୍ରେମୀ ଇସ୍କନ୍ କାହିଁକି ଶ୍ରୀଜଗନ୍ନାଥ ସଂସ୍କୃତି ପଛରେ ପଡିଛି ତାହା ସାଧାରଣରେ ବୋଧଗମ୍ୟ ହେଉନାହିଁ। ଇସ୍କନ୍ କେବଳ ଭାରତରେ ନୁହେଁ ବିଦେଶରେ ମଧ୍ୟ ବହୁ ପ୍ରାଚୀନ ସ୍କନ୍ଦ ପୁରାଣ ଓ ମାଦଳା ପାଞ୍ଜିକୁ ଅବଜ୍ଞା କରି ନିଜ ମନଇଚ୍ଛା ରଥଯାତ୍ରା ଓ ସ୍ନାନ ଯାତ୍ରାର ଆୟୋଜନ କରୁଛି। ଏହା କେବଳ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଅବଜ୍ଞା ନୁହେଁ ସମଗ୍ର ଭାରତୀୟ ସନାତନ ସଂସ୍କୃତିର ବିରୋଧାଚରଣ ବୋଲି ଗଜପତିଙ୍କ ସମେତ କୋଟି କୋଟି ଜଗନ୍ନାଥ ପ୍ରେମୀ ଅନୁଭବ କରନ୍ତି। ଏହି ପରିପ୍ରେକ୍ଷୀରେ ଯଥାବିଧି ଆଇନ୍‌ଗତ ପଦକ୍ଷେପ ନିଆଯିବା ସହ ସାମାଜିକ କ୍ଷେତ୍ରରେ ଇସ୍କନ୍‌କୁ ବାରତ ବର୍ଷରେ ସଂପୂର୍ଣ୍ଣ ବାସନ୍ଦ କରିବାକୁ ଢେଙ୍କାନାଳ ଜିଲ୍ଲା ଶ୍ରୀ ଜଗନ୍ନାଥ ସେବା ପରିଷଦ ପକ୍ଷରୁ ଏହାର ସଭାପତି ପ୍ରଦ୍ୟୁମ୍ନ ରଥ ଓ କର୍ମକର୍ତ୍ତାବୃନ୍ଦ ଦୃଢମତ ପୋଷଣ କରିଛନ୍ତି। ଇସ୍କନ୍ ଆୟୋଜିତ ବିଭିନ୍ନ ସଭାସମିତି ଓ ପର୍ବପର୍ବାଣୀ ପାଳନରୁ ବିଶ୍ୱର ଶ୍ରୀ ଜଗନ୍ନାଥ ପ୍ରେମୀ ଭକ୍ତବୃନ୍ଦ ନିଜକୁ ଦୂରେଇ ରଖିବାକୁ ଢେଙ୍କାନାଳ ଶ୍ରୀଜଗନ୍ନାଥ ସେବା ପରିଷଦ ନିବେଦନ କରିଛି।

## ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟ

# ମେଡିସିନ୍ ୱାର୍ଡକୁ ବିଳମ୍ବରେ ଆସି ଶୀଘ୍ର ଯାଉଛନ୍ତି ଡାକ୍ତର

ସମ୍ବଲପୁର,୧୮।୫(ସମିସ)





ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରତି ଆସିଛି ସାଂଘାତିକ ଅଭିଯୋଗ। ମେଡିସିନ ୱାଡକୁ ଡାକ୍ତରମାନେ ବିଳମ୍ବରେ ଆସି ଶୀଘ୍ର ପଳାଉଥିବା ଅଭିଯୋଗ ହୋଇଛି। ଏ ନେଇ ଜଣେ ବ୍ୟକ୍ତି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲା ସଦର ମେଡିକାଲରେ ଡାକ୍ତର ମାନଙ୍କ ଅବହେଳା, ନିଜ କାର୍ଯ୍ୟ ସମୟରେ ଘରୋଇ ମେଡିକାଲ ଯିବା ଯୋଗୁଁ ବାରମ୍ବାର ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ଆଜି ମଧ୍ୟ ମେଡିସିନ ୱାର୍ଡରେ ପୁରୁଷ ବିଭାଗରେ ଜଣେ ଡାକ୍ତରଙ୍କ ନାମରେ ଅଭିଯୋଗ ହେଉଛି। ରୋଗୀ ଶୁଭ୍ରାଂଶୁ ରାଉତ ଏନେଇ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଆଜି ଶୁଭ୍ରାଂଶୁ ସକାଳ ୮ ଟାରେ ପେଟରେ ପ୍ରବଳ ଯନ୍ତ୍ରଣା ହେତୁ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାର ଜରୁରୀକାଳୀନ ବିଭାଗକୁ ଆସିଥିଲେ। ଜରୁରୀକାଳୀନ ଡାକ୍ତରଙ୍କ ପରାମର୍ଶ ଅନୁସାରେ, ମେଡିସିନ୍ ୱାର୍ଡ (ପୁରୁଷ)ରେ ଭର୍ତ୍ତି କରାଯାଇଥିଲା। ହେଲେ କୌଣସି ଡାକ୍ତର ନଥିଲେ। ଯନ୍ତ୍ରଣାରେ ଛଟପଟ ହୋଇ ଶୁଭ୍ରାଂଶୁ ଡାକ୍ତରଙ୍କୁ ଅପେକ୍ଷା କରିଥିଲେ। ଜଣେ ଡାକ୍ତର ସକାଳ ୧୧ଟା ୩୦ରେ ୱାର୍ଡକୁ ଆସିଥିଲେ। ମାତ୍ର ୩୦ ମିନିଟ୍ ପାଇଁ, ଅର୍ଥାତ୍ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ରହିଥିଲେ। ଏବଂ ତା'ପରେ ଚାଲିଗଲେ। ଚିକିତ୍ସାରେ ବିଳମ୍ବ ହୋଇଥିଲା।ସକାଳ ୮:୩୦ ରୁ ୧୧:୩୦ ପର୍ଯ୍ୟନ୍ତ, ପ୍ରାୟ ୩ ଘଣ୍ଟା ଧରି, ସେ ଏବଂ ଅନ୍ୟ ରୋଗୀମାନେ ଯନ୍ତ୍ରଣାରେ ଛଟପଟ ହେଉଥିବା ଅଭିଯୋଗ କରିଛନ୍ତି। ଜରୁରୀକାଳୀନ ପରିସ୍ଥିତିରୁ ରେଫର୍ ହୋଇଥିବା ରୋଗୀମାନେ ତୁରନ୍ତ ଚିକିତ୍ସା ପାଇବା ନିୟମ ରହିଛି। ୱାର୍ଡରେ ଭର୍ତ୍ତି ହୋଇଥିବା ସମସ୍ତ ରୋଗୀଙ୍କୁ ପରୀକ୍ଷା କରିବା ପାଇଁ ୩୦ ମିନିଟ୍ ସମ୍ପୂର୍ଣ୍ଣ ପର୍ଯ୍ୟାପ୍ତ ନୁହେଁ। ଜଣେ ରୋଗୀ ଭାବରେ, ସରକାରୀ ଡାକ୍ତରଖାନାରୁ ସମୟୋଚିତ ଏବଂ ମର୍ଯ୍ୟାଦାଜନକ ଚିକିତ୍ସା ପାଇବା ମୋର ଅଧିକାର ବୋଲି ସେ କହିଛନ୍ତି। ଡାକ୍ତରଙ୍କ ଏପରି ଆଚରଣ ଯୋଗୁଁ ରୋଗୀମାନେ ଶାରୀରିକ ଏବଂ ମାନସିକ ଭାବରେ କଷ୍ଟ ପାଉଛନ୍ତି। ଶୁଭ୍ରାଂଶୁ କହିଛନ୍ତି, ଏହି ଘଟଣାର ତୁରନ୍ତ ତଦନ୍ତ କରାଯାଉ। ମେଡିସିନ୍ ୱାର୍ଡରେ ଡାକ୍ତରଙ୍କ ଡ୍ୟୁଟି ଘଣ୍ଟା ସ୍ଥିର ଏବଂ କଡ଼ାକଡ଼ି ଲାଗୁ କରାଯାଉ, ଜରୁରୀକାଳୀନ ପରିସ୍ଥିତିରୁ ଭର୍ତ୍ତି ହୋଇଥିବା ରୋଗୀଙ୍କ ପାଇଁ ଡ୍ୟୁଟି ଡାକ୍ତରଙ୍କ ସମୟ ମଧ୍ୟରେ ୱାର୍ଡରେ ଉପସ୍ଥିତ ରହିବାର ବ୍ୟବସ୍ଥା କରାଯାଉ। ଭବିଷ୍ୟତରେ ଅନ୍ୟ କୌଣସି ରୋଗୀ ଯେପରି ଏପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହା ନିଶ୍ଚିତ କରନ୍ତୁ ବୋଲି ଦାବି କରିଛନ୍ତି।

## ଝାରସୁଗୁଡ଼ା ବିଧାୟକଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ'

### ସମ୍ବଲପୁରର ଦଳୀୟ ନେତୃବର୍ଗ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ

ସମ୍ବଲପୁର,୧୮।୫(ସମିସ): ଝାରସୁଗୁଡା ଜିଲ୍ଲାରେ ବିଜେପିରୁ ଦୁଇ ଜଣ ବିଧାୟକ ବିଜୟ ହୋଇଛନ୍ତି। ସୌଭାଗ୍ୟ ଭାବେ ଜିଲ୍ଲାର ଉନ୍ନତି କଳ୍ପେ କାର୍ଯ୍ୟ କରିବା ବଦଳରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସର୍ବସାଧାରଣରେ କଟୁ ମନ୍ତବ୍ୟ ଦେଇଛନ୍ତି। ଯାହାକୁ ଅତ୍ୟନ୍ତ ନିନ୍ଦନୀୟ ତଥା ଦୁର୍ଭାଗ୍ୟଜନକ ବିଷୟ ବୋଲି ସମ୍ବଲପୁରର କିଛି ବରିଷ୍ଠ ବିଜେପି ନେତୃବର୍ଗ କହିଛନ୍ତି। ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଦେଓକିରଣ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ସରୋଜ ସାହୁ, ପୂର୍ବତନ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସୂର୍ଯ୍ୟ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଦେବେନ୍ଦ୍ର ପ୍ରଧାନ, ପୂର୍ବତନ ଜିଲ୍ଲା ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ ଓ ଡାକ୍ତର ପ୍ରଭାସ ଦେବତା ପ୍ରମୁଖ ଘଟଣାକୁ ନିନ୍ଦା କରିଛନ୍ତି। ବରିଷ୍ଠ ନେତୃବର୍ଗ କହିଛନ୍ତି ଯେ, ଶ୍ରୀ ତ୍ରିପାଠୀ ଅନ୍ୟ କାହାର ପ୍ରରୋଚନାରେ ଏବଂ ନିଜର ବେପାରରେ ବାଧା ଆସୁଥିବା ଯୋଗୁଁ ଏପରି କହିଛନ୍ତି।ଏହି ବିଷୟକୁ ନେଇ ରାଷ୍ଟ୍ରୀୟ ଓ ରାଜ୍ୟ ନେତୃବର୍ଗଙ୍କୁ ଲିଖିତ ଭାବରେ ଜଣାଇବା ସହ ଝାରସୁଗୁଡା ବିଧାୟକ ଶ୍ରୀ ତ୍ରିପାଠୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ନିବେଦନ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଶ୍ରୀ ପୂଜାରୀ କିଛି ଦିନ ହେଲା ହୃଦରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ଏମ୍ସ ନୂଆଦିଲ୍ଲୀର ଡାକ୍ତର କିଛି ମାସ ପାଇଁ ବିଶ୍ରାମ ପାଇଁ ପରାମର୍ଶ ଦେଇଥିବା ସତ୍ତ୍ୱେ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। କେବଳ ସେତିକି ନୁହେଁ ନିଜ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ, ଝାରସୁଗୁଡା ଜିଲ୍ଲା ଓ ସାରା ରାଜ୍ୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଭାସୀ ମାଧ୍ୟମରେ ଯୋଗ ଦେଇ ସେବା ଦେବା କାର୍ଯ୍ୟ ଜାରି ରଖିଛନ୍ତି।

**● କୁଚିଣ୍ଡାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା**

## ୩ ମୃତ୍ୟୁ ଘଟଣାରେ ସ୍କର୍ପିଓ ଚାଳକ ଗିରଫ

କୁଚିଣ୍ଡା,୧୮ ।୫(ସମିସ):କୁଚିଣ୍ଡା ଫରେଷ୍ଟ ପାର୍କ ସମ୍ମୁଖରେ ଘଟିଥିବା ଭୟାବହ ସଡ଼କ ଦୁର୍ଘଟଣା ମାମଲାରେ ପୋଲିସ ସ୍କର୍ପିଓ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଦୁର୍ଘଟଣାରେ ଜଣେ ୮ ବର୍ଷୀୟା ଶିଶୁ କନ୍ୟା ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିଲା।ପୁଲିସ ସୂଚନା ଅନୁଯାୟୀ, ଗତ ୧୫ ତାରିଖ ସନ୍ଧ୍ୟା ପ୍ରାୟ ୬ଟା ୫୦ ମିନିଟ୍



ସମୟରେ ଓଡି ୧୫ ଏସି ୩୬୧୪ ନମ୍ବର ବିଶିଷ୍ଟ ଏକ ଧଳା ରଙ୍ଗର ସ୍କର୍ପିଓ ଗାଡ଼ି ଓଡି ୨୮ ବି ୧୮ ୯୧ ନମ୍ବର ବିଶିଷ୍ଟ ଏକ ହୋଣ୍ଡା ଶାଇନ୍ ମୋଟରସାଇକେଲକୁ ସାମ୍ନାରୁ ଧକ୍କା ଦେଇଥିଲା। ଫଳରେ କୁଚିଣ୍ଡା ଡାକ୍ତରଖାନାରୁ ଘର୍‌କୁ ଫେରିଥିବା କୁସୁମୀ ଜମନକିରା ଗ୍ରାମର ଦୀପକ ମୁଣ୍ଡା, ଶିବା ମୁଣ୍ଡା ଓ ୮ ବର୍ଷୀୟା ସୁନେନା ମୁଣ୍ଡାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।ପ୍ରଦୀପ ମୁଣ୍ଡାଙ୍କ ଅଭିଯୋଗକୁ ଆଧାର କରି କୁଚିଣ୍ଡା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ପୁଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଏଥିରେ କୁଚିଣ୍ଡା ଥାନା ଅନ୍ତର୍ଗତ ବୁଡୁଲାପାଲି ଗ୍ରାମର କୁମୋଦ ପ୍ରଧାନଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଥିଲା। ପରେ ପୁଲିସ ଅଭିଯୁକ୍ତ ସ୍କର୍ପିଓ ଚାଳକ କୁମୋଦ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ଘଟଣାରେ ବ୍ୟବହୃତ ସ୍କର୍ପିଓ ଓ ବାଇକ୍‌କୁ ପୁଲିସ ଜବତ କରିଛି।

## ଆକ୍ରମଣ କରି ଲୁଟ; ୨ ଗିରଫ

ରେଢ଼ାଖୋଲ,୧୮ ।୫(ସମିସ):ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଚାରମାଳ ପଞ୍ଚାୟତସ୍ଥିତ ହାଟପଦା ନିକଟରୁ ଆକ୍ରମଣ କରି ଲୁଟି ନେଇଥିବା ବାଇକ୍ ଓ ମୋବାଇଲ ଉଦ୍ଧାର କରି ୨ଅଭିଯୁକ୍ତଙ୍କୁ ଗିରଫ କରିଛି ଚାରମାଳ ପୋଲିସ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଚାରମାଳବାସିନ୍ଦା ଗୌର ଚରଣ ସାହୁ (୪୬) ଓ ପିତବାସ ଭୋଇ(୨୯)। ସୂଚନା ଯୋଗ୍ୟ ଯେ ଗତ ୧୫ ତାରିଖ ଦିନ ସମ୍ବଲପୁର ଜିଲ୍ଲା ଗୋପାଳମାଳ ଅଞ୍ଚଳର ସିଦ୍ଧାର୍ଥ ପୂଜାରୀ ଚାରମାଳ ଆସିଥିବା ବେଳେ ଉକ୍ତ ଅଭିଯୁକ୍ତ ଦ୍ୱୟ ଚାରମାଳ ହାଟପଦା ନିକଟରେ ତାଙ୍କୁ



ଆକ୍ରମଣ କରି ତାଙ୍କ ଠାରୁ ଓଆର୍୧୫ ପି ୯୮୧୮ ନମ୍ବର ବିଶିଷ୍ଟ ବାଇକ୍, ମୋବାଇଲ ଓ ପାୱାର ବ୍ୟାଙ୍କ ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ସିଦ୍ଧାର୍ଥ ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଚାରମାଳ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଲୁଟ୍ ସାମଗ୍ରୀ ଜବତ କରି କୋର୍ଟ ଚାଲାଣ କରାଯାଉଥିବା ଥାନାଧିକାରୀ ବେଦ ପ୍ରକାଶ ନନ୍ଦ ସୂଚନା ଦେଇଛନ୍ତି।

## ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ପକ୍ଷରୁ ଜୈବ ବିବିଧତା ସଂରକ୍ଷଣ ସପ୍ତାହ




ସମ୍ବଲପୁର,୧୮।୫(ସମିସ):ପରିବେଶ ସନ୍ତୁଳନ ଏବଂ ଦାୟିତ୍ୱବାନ ଶିଳ୍ପ ଅଭିବୃଦ୍ଧି ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ 'ଜୈବ ବିବିଧତା ସଂରକ୍ଷଣ ସପ୍ତାହ ୨୦୨୬' ଉଦଘାଟିତ ହୋଇଯାଇଛି। ଆଇବି ନଦୀ ଅତିଥି ଭବନର ମହାନଦୀ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମ କମ୍ପାନୀର ଜୈବ ବିବିଧତା ସଂରକ୍ଷଣ ଏବଂ ଅଙ୍ଗାରକାମ୍ଳ ହ୍ରାସ ଅଭିଯାନରେ ମାଇଲଖୁଣ୍ଟ ସ୍ଥାପନ କରିଛି। କମ୍ପାନୀର ପରିବେଶ ପରିଚାଳନା ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତୃତ୍ୱ, ଆଞ୍ଚଳିକ ଓ ବିଭାଗୀୟ ମୁଖ୍ୟ, କର୍ମଚାରୀଙ୍କ ସମେତ ସରକାରୀ ଏବଂ ଶିକ୍ଷା ଜଗତର ବିଶିଷ୍ଟ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା ସରକାରଙ୍କ ସହକାରୀ ବନ ସଂରକ୍ଷକ ଜ୍ଞାନେନ୍ଦ୍ର ଲିମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍‌ର ବରିଷ୍ଠ ଉପାଧ୍ୟକ୍ଷ ତଥା କାର୍ଯ୍ୟନିର୍ବାହୀ ମୁଖ୍ୟ ପ୍ରକାଶ ସାପା ଏବଂ ଉପସଭାପତି ତଥା ଆଞ୍ଚଳିକ ମୁଖ୍ୟ (ରୋଲିଂ ମିଲ୍ସ) ବିକାଶ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ଆଇଆଇଟି ଖଡ଼ଗପୁରର ପୋଷ୍ଟ-ଡକ୍ଟରାଲ ସ୍କଲାର ଉନ୍ନିକ୍ରିଷ୍ଣାନ ମେନନ ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁରର ସହକାରୀ ପରିବେଶ ଯନ୍ତ୍ରୀ ରାକେଶ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍ ଏବଂ ଆଇଆଇଟି ଖଡ଼ଗପୁର ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ଉଭୟ ଅନୁଷ୍ଠାନ ମିଳିତ ଭାବେ କାର୍ବନ କ୍ୟାପଚର ଆଣ୍ଡ ୟୁଟିଲାଇଜେସନ ଏବଂ ଅଙ୍ଗାରକାମ୍ଳ ମୁକ୍ତ ପରିବେଶ

### ଆଇଆଇଟି ଖଡ଼ଗପୁର ସହ ଏମ୍‌ଓୟୁ ସ୍ୱାକ୍ଷରିତ

ସୃଷ୍ଟି ପାଇଁ ଅଭିନବ ପ୍ରଯୁକ୍ତିବିଦ୍ୟାର ବିକାଶ ଦିଗରେ କାର୍ଯ୍ୟ କରିବେ। ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍‌ର ହୋଲ୍-ଟାଇମ୍ ଡିରେକ୍ଟର ତଥା ସିଇଓ ଉମେଶ ରାୟ ଏବଂ ଆଇଆଇଟି ଖଡ଼ଗପୁରର ପ୍ରଫେସର ବ୍ରଜେଶ କୁମାର ଦୁବେଙ୍କ ନେତୃତ୍ୱରେ ଏହା ଆରମ୍ଭ କରାଯାଇଛି। ଅତିଥିମାନେ କମ୍ପାନୀର 'ଜୈବ ବିବିଧତା ପରିଚାଳନା ଯୋଜନା'କୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଯୋଜନାରେ ଜୈବ ବିବିଧତା ସଚେତନତା, ପ୍ରାକୃତିକ ବାସସ୍ଥଳୀ ସଂରକ୍ଷଣ, ସବୁଜ ବଳୟ ବୃଦ୍ଧି, ପ୍ରଜାପତି ପାର୍କର ବିକାଶ, କୃତ୍ରିମ ପକ୍ଷୀ ବସା ସ୍ଥାପନ ଏବଂ ଜଳୀୟ ଜୈବ ବିବିଧତା ଭଳି ବିଭିନ୍ନ ପଦକ୍ଷେପ ସାମିଲ ରହିଛି। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଗଛରେ କୃତ୍ରିମ ପକ୍ଷୀ ବସା ସ୍ଥାପନ, ଜୈବ ବିବିଧତା ଛକ କୋଡ୍‌ର ପ୍ରଦର୍ଶନ ଏବଂ ଆଇଆଇଟି ଖଡ଼ଗପୁର ସହ ସ୍ୱାକ୍ଷରିତ ଏମଓୟୁ ଦଲିଲ୍‌ର ଆନୁଷ୍ଠାନିକ ଉନ୍ମୋଚନ କରାଯାଇଥିଲା।

## ଅସୁସ୍ଥ ମହିଳାଙ୍କୁ ଡାକ୍ତରଖାନା ପହଞ୍ଚାଇଲା ପୁଲିସ

ସମ୍ବଲପୁର,୧୮।୫(ସମିସ):ସହରରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ମଧ୍ୟରେ ଆଜି ସମ୍ବଲପୁର ପୁଲିସର ଏକ ମାନବିକ ଚେହେରା ସାମ୍ନାକୁ ଆସିଛି। ଆଇଁଠାପାଲି ଥାନା ଅଞ୍ଚଳରେ ଏକ ସଭା ସ୍ଥଳରେ ପ୍ରବଳ ଗରମ ଯୋଗୁଁ ଜଣେ ମହିଳା ଅଚେତ ହୋଇପଡ଼ିଥିବା ବେଳେ ଡ୍ୟୁଟିରେ ଥିବା ପୁଲିସ କର୍ମଚାରୀମାନେ



ତୁରନ୍ତ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଆଇଁଠାପାଲି ଥାନା ଅଞ୍ଚଳରେ ଶୋଭାଯାତ୍ରା ପରବର୍ତ୍ତୀ ସଭା ଚାଲିଥିବା ସମୟରେ ଅସହ୍ୟ ଗରମ ଓ ଆଦ୍ରତା ଯୋଗୁଁ ସେଠାରେ ଉପସ୍ଥିତ ଜଣେ ମହିଳା ହଠାତ୍ ଅଚେତ ହୋଇ ପଡ଼ିଥିଲେ।ସେଠାରେ ସୁରକ୍ଷା ଦାୟିତ୍ୱରେ ମୁତୟନ ଥିବା ପୁଲିସ କର୍ମଚାରୀମାନେ ତୁରନ୍ତ ସହାୟତାର ହାତ ବଢ଼ାଇଥିଲେ। ସଭା ସ୍ଥଳରେ ଉପସ୍ଥିତ ଏଏସଆଇ ଘନଶ୍ୟାମ ଧରୁଆ ଏବଂ ମହିଳା ପୁଲିସ କର୍ମଚାରୀମାନେ ମହିଳାଙ୍କୁ ତୁରନ୍ତ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଡାକ୍ତରଖାନାରେ ମହିଳାଙ୍କୁ ତୁରନ୍ତ ସାଲାଇନ୍ ଦିଆଯିବା ସହ ଚିକିତ୍ସା ଆରମ୍ଭ କରାଯାଇଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

## ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସଚେତନତା ଶିବିର



ସମ୍ବଲପୁର,୧୮।୫(ସମିସ):ସୋମବାର ସମ୍ବଲପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ ପ୍ରଜ୍ଞା ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ବିକଳ୍ପ ସମାଧାନ କେନ୍ଦ୍ର ସିଭିଲ କୋର୍ଟ ସମ୍ବଲପୁରରେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ସତ୍ୟନାରାୟଣ ନନ୍ଦ, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟର ମୋନିକା ମୋନାଲି ମାନସିଂହ, ଏସଏମସିର ଦୁଷ୍ମନ୍ତ ବେହେରା ଉପସ୍ଥିତ ରହି ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଆଲୋଚନା କରିଥିଲେ। ସଭାରେ ସମାଧାନ ସମାରୋହ ଏକ ସ୍ୱତନ୍ତ୍ର ଲୋକଅଦାଲତ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଶିବିରରେ ପାରା ଲିଗାଲ ସ୍ୱେଚ୍ଛାସେବୀ ଓ ସମ୍ବଲପୁର ମହାନଗର ନିଗମର ସ୍ୱଚ୍ଛସାଥୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବାପ୍ରାଧିକରଣ ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିଲେ।

## କୁଚିଣ୍ଡାର ବିଭିନ୍ନ ହୋଟେଲ୍ ରେଷ୍ଟୁରାଣ୍ଟରେ ଚଢ଼ଉ

ସମ୍ବଲପୁର,୧୮।୫(ସମିସ):କୁଚିଣ୍ଡା ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କୁଚିଣ୍ଡା ଉପଖଣ୍ଡୀୟ ପ୍ରବର୍ତ୍ତନ ସ୍କ୍ୱାଡ୍ ପକ୍ଷରୁ କୁଚିଣ୍ଡା ଏନ୍ଏସି ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକରେ ବ୍ୟାପକ ଚଢ଼ଉ ଓ ଯାଞ୍ଚ କରାଯାଇଛି। ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ବେଆଇନ ଭାବେ ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଏଲ୍‌ପିଜି ସିଲିଣ୍ଡରର ବ୍ୟବହାରକୁ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚଢ଼ଉ ବେଳେ ହୋଟେଲ ରୟାଲ ଗାଲାକ୍ସିରୁ ୮ଟି, ହୋଟେଲ ଡିଲକ୍ସରୁ ୫ ଟି, ରୋଷେଇ ରେଷ୍ଟୁରାଣ୍ଟରୁ ୩ ଟି, ସାହୁ ହୋଟେଲରୁ ୨ ଟି ଓ ଟାଉନ ହୋଟେଲରୁ ୨ ଟି ମୋଟ ୨୦ଟି ବେଆଇନ ଘରୋଇ ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଛି।

**୨୦ଟି ସିଲିଣ୍ଡର ଜବତ**



## କେଆର୍‌ପି ରେସିଡେନ୍ସିରେ ନିଆଁ

ସମ୍ବଲପୁର,୧୮।୫(ସମିସ): କ୍ଷେତ୍ରରାଜପୁର ସ୍ଥିତ କେଆରପି ରେସିଡେନ୍ସିରେ ନିଆଁ। (ଜି+୬) ବି ବ୍ଲକ ଆପାର୍ଟମେଣ୍ଟର ୪ନମ୍ବର ମହଲାରେ ରହୁଥିବା ରବି ମିଶ୍ରଙ୍କ ୪୧୩ ନମ୍ବର ଘରେ ନିଆଁ ଲାଗିଥିଲା। ଘରେ ଲାଗିଥିବା ୱିଣ୍ଡୋ ଏସିରୁ ସଟସର୍କିଟ ହୋଇ ନିଆଁ ବ୍ୟାପିଥିଲା। ପରେ ପରିବାର ଓ ସ୍ଥାନୀୟ ଲୋକ ନିଆଁକୁ ଆୟତ କରିଥିଲେ। ଖବର ପାଇଁ ଅଗ୍ନିଶମ ବିଭାଗ ପହଞ୍ଚିଥିଲା। ଘଟଣାରେ କୌଣସି ପ୍ରାଣହାନୀ ହୋଇନଥିବା ସୂଚନା ମିଳିଛି।

## ଯୁଯୁମୁରା ବ୍ଲକ୍‌ରେ ଅଭିଯୋଗ ଶୁଣାଣି

ସମ୍ବଲପୁର,୧୮।୫(ସମିସ): ଯୁଯୁମୁରା ବ୍ଲକ୍ କାର୍ଯ୍ୟାଳୟରେ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା।। ମୋଟ ୪୦ଟି ଆବେଦନ ଗ୍ରହଣ କରାଯାଇଥିଲା। ଯେଉଁଥିରୁ ୨୫ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୧୫ଟି ସମସ୍ୟା ଗୋଷ୍ଠୀ ସମସ୍ୟା ସହିତ ଜଡିତ ଥିଲା।

## କରଞ୍ଜୋଲା ଗ୍ରାମରେ ହସ୍ତଶିଳ୍ପ ସଚେତନତା ଶିବିର



ସମ୍ବଲପୁର,୧୮।୫(ସମିସ):ସମ୍ବଲପୁର ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ପକ୍ଷରୁ ମାନେଶ୍ୱର ବ୍ଲକ୍ କରଞ୍ଜୋଲା ଗ୍ରାମରେ ହସ୍ତଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କାରିଗରମାନଙ୍କୁ ଆଧୁନିକ ଜ୍ଞାନକୌଶଳ ବିଷୟରେ ଅବଗତ କରାଇବା ଏବଂ ସେମାନଙ୍କର ଆର୍ଥିକ ଉନ୍ନତି କରିବା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ମାନେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଚିତ୍ତରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଏବଂ ହୁମା ପଞ୍ଚାୟତର ସରପଞ୍ଚ ଇଳାବତୀ ପୁଝାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ସହିତ ଭାରତ ସରକାରଙ୍କ ହସ୍ତଶିଳ୍ପ ସେବା କେନ୍ଦ୍ର, ସମ୍ବଲପୁରର ସହକାରୀ ନିର୍ଦ୍ଦେଶିକା କୁମାରୀ ଶୈଳେଜା ଓ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶିକା ମୋନାଲିସା ପଟେଲ, ହସ୍ତଶିଳ୍ପ ବିକାଶ ଅଧିକାରୀ ନିବେଦିତା ପ୍ରଧାନ, ଉପାସନା ଡୁଙ୍ଗଡୁଙ୍ଗ ଏବଂ ବିପିସି ଜ୍ୟୋତ୍ସ୍ନା ନାଏକ ପ୍ରମୁଖ ଉପସ୍ଥିତ ରହି କାରିଗରମାନଙ୍କୁ ସରକାରୀ ଯୋଜନାର ସୁଯୋଗ ନେବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ 'କମ୍ପ୍ରିହେନ୍‌ସିଭ୍ ହ୍ୟାଣ୍ଡିକ୍ରାଫ୍ଟସ କ୍ଲଷ୍ଟର ଡେଭଲପମେଣ୍ଟ ସ୍କିମ୍' ଅଧୀନରେ ଗ୍ରାମର ୩୧ଟି ଟେରାକୋଟା (ମୃଣ୍ମୟ ଶିଳ୍ପ) କାରିଗର ପରିବାରକୁ ଉନ୍ନତମାନର ଟୁଲ୍‌କିଟ୍ ପ୍ରଦାନ କରାଯାଇଛି।

## ଗ୍ୟାସ୍ ବୁକିଂ ନାଁରେ ସାଇବର ଠକେଇ

# ଓଟିପି ଦେଇ ୩୬ ହଜାରରୁ ଅଧିକ ଟଙ୍କା ହରାଇଲେ ଯୁବକ

କୁଚିଣ୍ଡା,୧୮ ।୫(ସମିସ)



ସାଇବର ଠକେଇର ନୂଆ ଚାଲ। ଏବେ ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କୁ ଟାର୍ଗେଟ୍ କରୁଛି। ଗ୍ୟାସ ବୁକିଂ ନାଁରେ ଓଟିପି ମାଗି ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କଖାତାରୁ ୩୬ ହଜାରରୁ ଅଧିକ ଟଙ୍କା ଲୁଟିନେଇଥିବା ଘଟଣା ବାମରା ବ୍ଲକ୍ ଅନ୍ତର୍ଗତ ଟାଙ୍ଗରମୁଣ୍ଡା ଗ୍ରାମରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ପୀଡ଼ିତ ବ୍ୟକ୍ତି ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।ସୂଚନା ଅନୁସାରେ, ଟାଙ୍ଗରମୁଣ୍ଡା ଗ୍ରାମର ଅକ୍ଷୟ ସେଠଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ନିଜକୁ ଗ୍ୟାସ ଏଜେନ୍ସି କର୍ମଚାରୀ ବୋଲି ପରିଚୟ ଦେଇ ଗ୍ୟାସ ଟାଙ୍କି ବୁକିଙ୍ଗ ପାଇଁ ମୋବାଇଲକୁ ଆସିଥିବା ଓଟିପି ନମ୍ବର କହିବାକୁ ଅନୁରୋଧ କରିଥିଲେ। ଠକେଇ ବିଷୟରେ ଅବଗତ ନଥିବା ଅକ୍ଷୟ ତାଙ୍କ କଥାରେ ବିଶ୍ୱାସ କରି ଓଟିପି ସେୟାର କରିଦେଇଥିଲେ। ଓଟିପି ମିଳିବା ପରେ ସାଇବର ଠକମାନେ କିଛି ସମୟ ମଧ୍ୟରେ ଅକ୍ଷୟଙ୍କ ବ୍ୟାଙ୍କ ଖାତାରୁ ବିଭିନ୍ନ ପର୍ଯ୍ୟାୟରେ ୩୨ ହଜାର ୫ ଶହ ଟଙ୍କା ଲୁଟି ନେଇଥିଲେ। ତେବେ ଘଟଣା ଏଠାରେ ଥମିନଥିଲା। ପରଦିନ ପୁଣି ସେହି ନମ୍ବରରୁ ଫୋନ୍ ଆସିଥିବା ବେଳେ ଅକ୍ଷୟଙ୍କ ସ୍ତ୍ରୀ ଫୋନ୍ ରିସିଭ୍ କରିଥିଲେ। ପୂର୍ବ ଦିନର ଠକେଇ ବିଷୟରେ ଅବଗତ ନଥିବାରୁ ସେ ମଧ୍ୟ ଫୋନ୍ କରୁଥିବା ବ୍ୟକ୍ତିଙ୍କୁ ଓଟିପି ଦେଇ ଦେଇଥିଲେ। ଏହାପରେ ତାଙ୍କ ଖାତାରୁ ଆହୁରି ୪ ହଜାର ଟଙ୍କା କଟିଯାଇଥିଲା।ମୋବାଇଲକୁ ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ମେସେଜ ଆସିବା ପରେ ଅକ୍ଷୟ ନିଜେ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ପରେ ସେ ତୁରନ୍ତ ଗୋବିନ୍ଦପୁର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ ମାମଲାର ତଦନ୍ତ ଜାରି ରହିଥିବା ବେଳେ ମୋବାଇଲ ନମ୍ବର ଓ ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍‌ର ତଥ୍ୟ ଆଧାରରେ ସାଇବର ଠକଙ୍କୁ ଚିହ୍ନଟ କରିବା ପ୍ରୟାସ ଚାଲିଥିବା ସୂଚନା ମିଳିଛି।ଏହି ଘଟଣା ପରେ ଗୋବିନ୍ଦପୁର ଥାନା ପକ୍ଷରୁ ସାଧାରଣ ଲୋକଙ୍କୁ ସାଇବର ସଚେତନତା ବାର୍ତ୍ତା ଦିଆଯାଇଛି। ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି ଯେ, ବ୍ୟାଙ୍କ, ଗ୍ୟାସ ଏଜେନ୍ସି, ଆଧାର, ପାନ୍ କାର୍ଡ କିମ୍ବା କୌଣସି ସରକାରୀ ସଂସ୍ଥା କେବେ ମଧ୍ୟ ଫୋନ୍ କରି ଓଟିପି, ଏଟିଏମ୍ ପିନ୍, ସିଭିଭି ନମ୍ବର କିମ୍ବା ବ୍ୟାଙ୍କ ତଥ୍ୟ ମାଗନ୍ତି ନାହିଁ। ଅଜଣା ନମ୍ବରରୁ କଲ୍ ଆସିଲେ କୌଣସି ପ୍ରକାରର ଗୋପନୀୟ ସୂଚନା ସେୟାର ନ କରିବାକୁ ସେ ଅନୁରୋଧ କରିଛନ୍ତି।ସେ ଆହୁରି କହିଛି ଯେ, ଯଦି କାହାରି ସହ ଏପରି ସାଇବର ଠକେଇ ଘଟେ, ତେବେ ସେମାନେ ତୁରନ୍ତ ୧୯୩୦ ସାଇବର ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରନ୍ତୁ କିମ୍ବା ନିକଟସ୍ଥ ଥାନାରେ ଅଭିଯୋଗ କରନ୍ତୁ। ସମୟ ମଧ୍ୟରେ ଅଭିଯୋଗ କଲେ ଲୁଟ ହୋଇଥିବା ଟଙ୍କା ଫେରି ପାଇବାର ସମ୍ଭାବନା ଥାଏ। ଏହା ସହିତ ଅଜଣା ଲିଙ୍କ୍, ଫେକ୍ ଆପ୍ ଓ ସନ୍ଦେହଜନକ ଫୋନ୍ କଲ୍‌ରୁ ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି।

# ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବରଗଡ଼,୧୮ ।୫(ସମିସ): ବରଗଡ ବ୍ଲକ୍‌କଟାପାଲି ଆମ୍ବେଦକରନଗର ଠାରେ ସ୍ଥାନୀୟ ଆମ୍ବେଦକର ଯୁବାସଂଘ ପକ୍ଷରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା । ଯୁବାସଂଘର ସଭାପତି ଧିମାନ ମହେନ୍ଦ୍ର ଖଣ୍ଡିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଧିମତୀ ସଂଯୁକ୍ତା ସୁନା ଏମ୍‌ବିଏମ୍‌ଏମ୍ ମହିଳା ମୋର୍ଚ୍ଚା,ମୁଖ୍ୟବକ୍ତା ଧିମାନ ଲିଙ୍ଗରାଜ ସଭାପତି ମୂଳନିବାସୀ ବହୁଜନ ମିଳିତ ମଞ୍ଚ ତଥା ବିଶିଷ୍ଟ ଚାଷୀ ସଂଗଠକ ବରଗଡ଼, ସମ୍ମାନିତ ଅତିଥି ଧିମାନ ବାଳକିଶୋର ଛତର ସମ୍ବିଧାନ ପ୍ରଚାରକ ବରପାଲି, ଧିମାନ ସୁରେନ୍ଦ୍ର ସୁନା, ଧିମାନ ବାବୁଲୁ ବିଭାର ଆମ୍ବେଦକରବାଦୀ, ଧିମାନ ସମୀର କୁମ୍ଭାର ଅଧ୍ୟାପକ, ରାଜନୀତି ବିଜ୍ଞାନ ଲରମ୍ଭା ମହାବିଦ୍ୟାଳୟ, ଧିମାନ ସଂଜୀବ କୁମାର ସୁନା ଅଧ୍ୟାପକ ଇତିହାସ କଟାପାଲି ମହାବିଦ୍ୟାଳୟ, ଧିମାନ ଜୟକ୍ରିଷ୍ଣା ଛୁରିଆ ସମାଜସେବୀ ଅତାବିରା, ଧିମାନ ପବିତ୍ର ଦେହେରୀ ଆବାହକ ସମ୍ବିଧାନ ସୁରକ୍ଷା ମଞ୍ଚ, ଧିମତୀ ଅନୁପମା ନାଗ ସାବିତ୍ରୀ ବାଈ ଫୁଲେ ସଂଘ ବଡ଼ମାଲ, ଧିମାନ ମନୋଜ କଲେତ ଏସ୍‌ସି/ଏସ୍‌ଟି ମିଳିତ ମଞ୍ଚ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଭୀମ ଆର୍ମୀ ରାଜ୍ୟ ସଭାପତି ଧୀମାନ୍ ଲଙ୍କେଶ ରାବଣ, ଧିମାନ ଚନ୍ଦ୍ରଶେଖର ବାଗ ବିଶିଷ୍ଟ ଶିଳ୍ପପତି, ଧିମାନ ବାବୁଲୁ ଭେସ୍ରା ଭୀମ ଆର୍ମି ଅତାବିରା ସଭାପତି, ଧିମାନ ପୁରନ୍ଦର ଭୋସାଗର ବଗେଇବିରା ମିଲିଟାରୀ ଏକାଡେମି ସଭାପତି, ଧିମାନ ହିମାଂଶୁ ଭୋସାଗର (ସଭାପତି ଭୀମ ଆର୍ମି ଭେଡ଼େନ, ଧିମାନ ବାଲ୍ମମୁକନ୍ଦ ଜଗଦଲ୍ଲା ସଭାପତି ଡ. ଆମ୍ବେଦକର ଯୁବାସଂଘ ବରଗଡ଼,ଆଡଭୋକେଟ୍ ଧିମାନ ଅବିନାଶ ବାଗ, ଧିମାନ ପଞ୍ଚାନନ ନାଏକ ଟାଉନ୍ ପ୍ରେସିଡେଣ୍ଟ ବରଗଡ଼, ଧିମାନ ପରେଶ ଭୋଇ ଅବସରପ୍ରାପ୍ତ ଶିକ୍ଷକ କଟାପାଲି, ଧିମତୀ ତପସ୍ୱିନୀ କୁମ୍ଭାର, ଧିମାନ ପଦ୍ମଲୋଚନ ସାହୁ, ଧିମାନ ରଙ୍କମଣି ଖେତି ଅବସର ପ୍ରାପ୍ତ ଶିକ୍ଷକ କଟାପାଲି, ଧିମାନ ଶଙ୍କର ନାଗ ଯୋଗଦେଇ ବାବାସାହେବଙ୍କ ବିଚାର ଓ ଆଦର୍ଶ ନିଜର ଅଭିଭାଷଣ ରଖିଥିଲେ । ଧିମାନ ରଜତ ବାଗ, ଧିମତୀ ସାନିଆ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଏହି ପ୍ରତିମୂର୍ତ୍ତି ଉନ୍ମୋଚନରେ ସମତା ସୈନିକ ଦଳ ଓଡ଼ିଶାର ମାର୍ଶଲ ମାନେ ଉପସ୍ଥିତ ରହି ସେଲୁଟେସନ୍ ମାର୍ଚ୍ଚ ସହ ସମ୍ବିଧାନର ପ୍ରସ୍ତାବନ, ବୁଦ୍ଧ ବନ୍ଦନା ଓ ଶପଥ ବିଧି ପାଠ କରାଇଥିଲେ । ଶେଷରେ ଗୌରବ ମଲ୍ଲିକ ଓ ଦିବ୍ୟକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚିନି କାରଖାନା, ସୂତା ମିଲ୍, ସାର୍ କାରଖାନା ପୁନରୁଦ୍ଧାର କେବେ

ବରଗଡ଼,୧୮ ।୫(ସମିସ)

ପଶ୍ଚିମ ଓଡ଼ିଶାର ଶିଳ୍ପ ଇତିହାସର ଏକ ଗୌରବମୟ ଅଧ୍ୟାୟ ଭାବେ ପରିଚିତ ଐତିହାସିକ ବରଗଡ଼ ସିମେଣ୍ଟ କାରଖାନା, ଯାହା ପୂର୍ବରୁ ପି ହୀରା ସିମେଣ୍ଟ ୱାର୍କସ୍ ଭାବେ ଜଣାଶୁଣା, ବର୍ତ୍ତମାନ ଉତ୍ପାଦନ ବନ୍ଦ ହେବା ସହ ବରଗଡ଼ ଜିଲ୍ଲାର ଆର୍ଥିକ ଓ ସାମାଜିକ ଭିତ୍ତିକୁ ଭୟଙ୍କର ଆଘାତ ଲାଗିଛି । ଚିନି କାରଖାନା, ସୁତା ମିଲ ଓ ସାର କାରଖାନା ପୂର୍ବରୁ ବନ୍ଦ ହୋଇପଡିଥିବା ବେଳେ, ଏବେ ଏକମାତ୍ର ସିମେଣ୍ଟ କାରଖାନାର ବନ୍ଦ ହେବା ବରଗଡ଼କୁ ଶିଳ୍ପ ନଗରୀରୁ ଶିଳ୍ପଶୂନ୍ୟ ଅଞ୍ଚଳରେ ପରିଣତ କରିବାର ଆଶଙ୍କା ସୃଷ୍ଟି କରିଛି । ୧୯୬୮ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶିଳ୍ପ ଦୃଷ୍ଟିକୋଣରେ ଆଇଡିସିଓଏଲ୍ ଅଧୀନରେ ପ୍ରତିଷ୍ଠିତ ଏହି କାରଖାନା ସ୍ଥାନୀୟ ନିଯୁକ୍ତି, ଆଞ୍ଚଳିକ ସମ୍ବଳର ସଦ୍‌ବ୍ୟବହାର ଓ ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶର ମୂଳ ଆଧାର ଥିଲା । ପରେ ୨୦୦୨-୦୩ ମସିହାରେ ବିଜେପି-ବିଜେଡି ମେଣ୍ଟ ସରକାର ଏହାର ଘରୋଇକରଣ କରି ଏସିସି ଲିମିଟେଡକୁ ହସ୍ତାନ୍ତର କରିଥିଲେ । ୨୦୨୨ରେ ଏସିସି ଉପରେ ଆଦାନୀ ଗ୍ରୁପ୍ ଅଧିକାର ନେବା ପରେ ୨୦୨୬ରେ ଉତ୍ପାଦନ ପ୍ରାୟ ବନ୍ଦ ହୋଇଯାଇଛି । ଶିଳ୍ପ ମହଲ ଓ ରାଜନୈତିକ ଆଲୋଚନା ଅନୁସାରେ, ସ୍ଥାନୀୟ ଚୂନାପଥର ଭଣ୍ଡାର ଶେଷ, ଦୂର ରାଜ୍ୟରୁ କ୍ଲିଙ୍କର୍ ପରିବହନର ଅଧିକ ଖର୍ଚ୍ଚ, ଏବଂ ପରିଚାଳନାର ରଣନୈତିକ ପୁନର୍ଗଠନ ବନ୍ଦ ହେବାର ମୁଖ୍ୟ କାରଣ ବୋଲି ଧରାଯାଉଛି । ବନ୍ଦ ଫଳରେ ୧୫୦୦ରୁ ଅଧିକ ଶ୍ରମିକ ସିଧାସଳଖ ଭାବେ



ବେକାର ହେବା ସହ ପ୍ରାୟ ୨୫ ହଜାର ପରିବାର ଜୀବିକା ସଙ୍କଟରେ ପଡ଼ିଛନ୍ତି । କାରଖାନାକୁ କେନ୍ଦ୍ର କରି ଚାଲୁଥିବା ଛୋଟ ଦୋକାନ, ବଜାର, ପରିବହନ,ଲଜିଷ୍ଟିକ୍, ଟ୍ରକ୍ ମାଲିକ, ଡ୍ରାଇଭର ଓ ମେକାନିକଙ୍କ ଜୀବନ ମଧ୍ୟ ଭୟଙ୍କର ପ୍ରଭାବିତ ହେବ ।

● ଶିଳ୍ପ ନଗରୀ ବରଗଡ଼ ଏବେ ସଙ୍କଟରେ
● ହଜାର ହଜାର ଉଚ୍ଚ ଶିକ୍ଷିତ ବେକାର ବସିଛନ୍ତି

୨୦୦ରୁ ଅଧିକ ଟ୍ରକ୍ ଚାଳନା ବନ୍ଦ ହେବାର ଆଶଙ୍କା ରହିଛି ।ଏହା ସହିତ ଜିଏସଟି, ଖଣି ରୟାଲ୍ଟି, ରେଳ ମାଲବାହୀ ଓ ଅନ୍ୟାନ୍ୟ କର ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ହେବ । ବର୍ତ୍ତମାନ ଏହି ପରିସ୍ଥିତି ବରଗଡ଼ରେ ଶ୍ରମିକ ଅସନ୍ତୋଷ, ଟ୍ରେଡ୍ ୟୁନିଅନ୍ ପ୍ରତିବାଦ ଓ ରାଜନୈତିକ ଚର୍ଚ୍ଚାକୁ ତୀବ୍ର କରିଛି । ସ୍ଥାନୀୟ ଲୋକ, ଶ୍ରମିକ ସଂଗଠନ ଓ ବିଭିନ୍ନ ମହଲରୁ ରାଜ୍ୟ ସରକାରଙ୍କ ତୁରନ୍ତ ହସ୍ତକ୍ଷେପ, ଶ୍ରମିକଙ୍କ ସୁରକ୍ଷା ଓ କାରଖାନା ପୁନରୁଦ୍ଧାର ପାଇଁ ଦାବି ଜୋରଦାର ହେଉଛି । ବରଗଡ଼ର ପ୍ରଶ୍ନ ଏବେ କେବଳ ଗୋଟିଏ କାରଖାନାର ନୁହେଁ, ଏହା ଶିଳ୍ପ, ନିଯୁକ୍ତି, ଅଞ୍ଚଳର ଅର୍ଥନୀତି ଓ ଆଗାମୀ ପିଢ଼ିର ଭବିଷ୍ୟତର ପ୍ରଶ୍ନ । ଏବେ ସମୟ ଆସିଛି ସରକାର ସ୍ପଷ୍ଟ କରନ୍ତୁ, ବରଗଡ଼ର ଶିଳ୍ପ ଅସ୍ତିତ୍ୱକୁ ବଞ୍ଚାଇବା ପାଇଁ କଣ ଯୋଜନା ରହିଛି । ବରଗଡ଼କୁ ବଞ୍ଚାଇବାକୁ ହେଲେ ଶିଳ୍ପକୁ ବଞ୍ଚାଇବା ଆବଶ୍ୟକ ।

# ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ବରଗଡ଼,୧୮ । ୫(ସମିସ): ବରଗଡ ଗଙ୍ଗାଧରନଗରସ୍ଥିତ ଏଇଏମ୍. ଇଂଲିଶ ମିଡିୟମ୍ ସ୍କୁଲରେ ୧୫ ଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ




ହୋଇଯାଇଛି । ସୁନାମଧନ୍ୟ ବ୍ୟଙ୍ଗ କବି ନୀତିଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ସ୍କୁଲର ଚେୟାରମ୍ୟାନ ଡ. ଯଶବୀର ସିଂ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଶ୍ରୀ ଆଚାର୍ଯ୍ୟ ସ୍ୱରଚିତ କବିତା ପାଠ କରିବା ସହ ପଶ୍ଚିମ ଓଡ଼ିଶାର ମୁଖ୍ୟ ଖାଦ୍ୟ ରୂପେ ବାସି ପଖାଳକୁ ଜିଆଇ ଟ୍ୟାଗ ମାନ୍ୟତା ଦାବି କରିଥିଲେ । ବିଦ୍ୟାଳୟର ଅଧକ୍ଷ ପ୍ରଦୀପ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଟ୍ରଷ୍ଟି ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିବିରରେ ନୃତ୍ୟ, ଗୀତ, ଯୋଗ , ନାଟକ ଓ ଅନ୍ୟାନ୍ୟ ଦକ୍ଷତା ପାଇଁ ପ୍ରଶିକ୍ଷିତ ହୋଇଥିଲେ ।ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଭାଗରେ ତାଙ୍କର ଦକ୍ଷତା ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା ।

# ମଇଁଷି ଚାଲାଣ ଘଟଣାରେ ୩ ଅଭିଯୁକ୍ତ କୋର୍ଟ ଚାଲାଣ

ଝାରବନ୍ଧ,୧୮ ।୫(ସମିସ): ବେଆଇନ କାର୍ଯ୍ୟକଳାପ ରୋକିବା ପାଇଁ ଝାରବନ୍ଧ ଥାନା ପୁଲିସ ପକ୍ଷରୁ ଚାଲିଥିବା ସକାଳୁ ପାଟ୍ରୋଲିଂ ସମୟରେ ଏକ ସନ୍ଦେହଜନକ ଟ୍ରକ୍‌କୁ ଅଟକାଇ ତନଖି କରାଯାଇ ଥିଲା । ତନଖି ବେଳେ ଟ୍ରକ୍‌ରେ ବେଆଇନ ଭାବେ ମଇଁଷି ଚାଲାଣ କରାଯାଉଥିବା ଜଣାପଡିବା ପରେ ପୁଲିସ ଟ୍ରକ୍ ଜବତ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ, ଝାରବନ୍ଧ ଥାନା ଅଧୀନ ଅଡାପାଣି ଛକ ନିକଟରେ ପୁଲିସ ନିୟମିତ ପାଟ୍ରୋଲିଂ କରୁଥିବାବେଳେ ଏକ ସନ୍ଦେହଜନକ ଟ୍ରକକୁ ଅଟକାଇଥିଲା । ପରେ ଟ୍ରକ୍‌ଟିର ତନଖି କରାଯାଇଥିବା ବେଳେ ସେଥିରେ ୧୮ଟି ମଇଁଷି ବୋଝେଇ କରି ରାୟପୁରରୁ ନୂଆପଡା ଅଭିମୁଖେ ନିଆଯାଉଥିବା ଜଣାପଡ଼ିଥିଲା । ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ଚାଲାଣରେ ଅନିୟମିତତା ଥିବା ଜଣାପଡିବାରୁ ପୁଲିସ ଟ୍ରକକୁ ଜବତ କରି ଝାରବନ୍ଧ ଥାନାକୁ ଆଣିଥିଲା । ଏହି ଘଟଣାରେ ଝାରବନ୍ଧ ଥାନାରେ ମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଆକବର ଖାଁ (୩୫), ରାଜା ତଲାବ, ଶିବ ମନ୍ଦିର ଗଲି ନମ୍ବର୧, ଥାନାସିଭିଲ ଲାଇନ, ଜିଲ୍ଲା ରାୟପୁର



## ୧୮ଟି ମଇଁଷି ଉଦ୍ଧାର

(ଛତିଶଗଡ), ଶାହରୁଖ ଖାଁ (୩୪) ଏବଂ ସୋଇବ ଖାଁ (୩୧), ଉଭୟ ଲଖନାଉଟି, ଥାନାଗନଗାଁ, ଜିଲ୍ଲା ସାହାରନପୁର, ଉତ୍ତରପ୍ରଦେଶର ବାସିନ୍ଦା । ତିନି ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବାବେଳେ ଉଦ୍ଧାର ହୋଇଥିବା ୧୮ଟି ମଇଁଷିଙ୍କୁ ଏକ ଗୋଶାଳାରେ ରଖାଯାଇଥିବା ସୂଚନା ମିଳିଛି ।

# ଝାଏଁରେ କଲାପଟା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ବରପାଲି,୧୮ ।୫(ସମିସ): ବରପାଲି ବ୍ଲକ୍ ବନ୍ଧପାଲିଗ୍ରାମ କଲାପଟା ଛକ ନିକଟରେ ଝାଏଁରେ ବନ୍ଧପାଲି କଲାପଟା ସାହିତ୍ୟ ସଂସଦ ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିଙ୍କ ଗହଣରେ ଦେବୀ ମାଁସମଲେଇ ଓ କଲାପଟା ପୂଜାର୍ଚ୍ଚନା ପରେ ସାହିତ୍ୟୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଭରତ ମେହେରଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ସମ୍ପାଦକ ଭରତ ନାଏକ ସଂଯୋଜନା କରିଥିଲେ । ସାରସ୍ୱତ ସମାରୋହରେ ବିଶିଷ୍ଟ ବ୍ୟଙ୍ଗ କବି ମନ ମାଷ୍ଟ୍ରେ, ମୁଖ୍ୟବକ୍ତା କବି ଆଲୋଚକ ଡଃ ସୁବାସ ମେହେର, ସମ୍ମାନିତ ଅତିଥି ଭାବେ ସଓଗଠକ ସମାଜସେବୀ ନରେନ୍ଦ୍ର କୁମାର ହୋତା ସମ୍ମାନିତ ବକ୍ତା ଭାବେ କବି ସଂଗଠକ କିଶୋର କୁମାର ସାହୁ,ତରଣି ସେନ୍ ଜେନା,ହର୍ଷ ବେହେରା ଯୋଗଦେଇ କଲାପଟା ସାହିତ୍ୟର ଉଚ୍ଚ ପ୍ରଶଂସା କରିଥିଲେ । ଦ୍ୱିତୀୟ ଅଧିବେଶନ କିଶୋର ସାହୁଙ୍କ ସଂଯୋଜନାରେ ନାରୀ ହାସ୍ୟ ବ୍ୟଙ୍ଗ କବିୟିତ୍ରି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କବିୟତ୍ରି ଅହଲ୍ୟା ପଧାନ୍,ମଞ୍ଜୁଲତା ସାହୁ,ନମିତା ଦୀପ୍ ଯାଦବ, ସାବିତ୍ରୀ ମେହେର ଯୋଗଦେଇ ଦର୍ଶକଙ୍କ ମନରନଞ୍ଜନ କରିଥିଲେ ।ଯୁବ କବି ପବିତ୍ର ସାହୁଙ୍କୁ ଏବର୍ଷର କଲାପଟା ସମ୍ମାନରେ ସମ୍ମାନିତ କରାଯାଇଥିଲା । ତୃତୀୟ ପର୍ଯ୍ୟାୟରେ ଗ୍ରାମର କୁନି କୁନି ପୁଅଝିଅଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଅନୁଷ୍ଠାନର କୋଷାଧ୍ୟକ୍ଷ ଉମାକାନ୍ତ ସାହୁଙ୍କ ସହିତ ସଦସ୍ୟ ମୋତିରାମ୍ ମେହେର, ଭାଗିରଥି ବିଭାର, ମହେନ୍ଦ୍ର ସାହୁ, ରୋହିତ ସାହୁ,ହରି ମେହେର, ଯୋଗେଶ ବର୍ଗାଏ,ପ୍ରଦୀପ ରାଉତ, ଅଶ୍ୱିନୀ ସେଠ୍, ଓମ୍ ପ୍ରକାଶ ମେହେର, ପ୍ରଦୀପ ମେହେର, କ୍ଷୀରସିନ୍ଧୁ ଭୋଇ,ଅନନ୍ତ ମହାପାତ୍ର, ବୈଦ୍ୟନାଥ ସାହୁ, ଲଳିତ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶେଷରେ ସମ୍ପାଦକ ଭରତ ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

■ ଭେଡେନ ମଧପଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ହାର୍ଟ ଇଲେଭେନ ଚାମ୍ପିଅନ

ଭେଡେନ,୧୮ ।୫(ସମିସ): ଭେଡେନ ସ୍ଥିତବଜାର ପ୍ରାଙ୍ଗଣସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ମଧପଡ଼ା କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ହାର୍ଟ ଇଲେଭେନ ଓ ଏସଜି ଓରୀୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ପ୍ରଥମେ ଏସଜି ଓରୀୟର ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟରେ ୧୨୪ ରନ ସଂଗ୍ରହ କରିଥିଲା । ଜବାବରେ ହାର୍ଟ ଇଲେଭେନ ନିର୍ଦ୍ଧାରିତ ୧୦ ଓଭରର ସମସ୍ତ ଉଇକେଟ ହରାଇ ୧୨୪ରନ ସଂଗ୍ରହ କରିଥିଲା ଫଳରେ ମ୍ୟାଚ୍ ଟାଇ ହୋଇଥିଲା ଫଳରେ ସୁପର ଓଭର ଅନୁଷ୍ଠିତ ହୋଇ ପ୍ରଥମେ ହାର୍ଟ ଇଲେଭେନ ବ୍ୟାଟିଂ କରି ୧୮ ରନ ସଂଗ୍ରହ କରିଥିଲା ଜବାବରେ ଏସଜି ଓରୀୟର ୧୬ରନ ସଂଗ୍ରହ କରିଥିଲା ଫଳରେ ହାର୍ଟ ଇଲେଭେନ ୨ ରନ ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା ।ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବରେ ଭେଡେନ ସରପଂଚ ଅକ୍ଷୟ ନାଏକ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥିଭାବରେ ଅଁଏଲାପାଲି ପଞ୍ଚାୟତ ସମିତିସଭ୍ୟ ତୋଷବନ୍ତ ବେହେରା,ଦିଲୀପ ରଥ,ମାନସରଞ୍ଜନ ରଥ,ଅନୁପ ବେହେରା,ଗୋପାଳ ବେହେରା,ଗୌର ଦେହେରି,ବିନାୟକ ଦେହେରି,ନେପାଳ ବେହେରା ପ୍ରମୁଖ ଯୋଗଦାନ କରିଥିଲେ । ହାର୍ଟ ଇଲେଭେନର ରମେଶ ବାଗଙ୍କୁ ଅତିଥି ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ଅନୁଷ୍ଠିତ ମ୍ୟାଚ୍‌କୁ ମୁକ୍ତି ରଞ୍ଜନ ବନଛୋର ଓ ପ୍ରଦୀପ ମେହେର ପଚାଳନା କରିଥିବା ବେଳେ ସ୍କୋରର ଭାବରେ ରାହୁଲ ଅଦାବର,ଓମ ଲହରିଆ ଓ ରୋହନ ଥପା ଦାଇତ୍ୱ ନିର୍ବାହ କରିଥିଲେ ।ମଧପଡ଼ା ର କ୍ରିକେଟ କ୍ଲବ୍‌ର,ଆରତ ପଟେଲ,ସୁନିଲ ସାହୁ, ରିତିକ ମେହେର,ଆଦର୍ଶ ପଧାନ,ଆଶୁତୋଷ ପଟେଲ,ଟଙ୍କ ନାଏକ,ନିଗମ ନାଏକ,ହାରଧାନ ଭୁକ୍ତା,ଗଣେଶ ମହାଲିଙ୍ଗ,ସଞ୍ଜୟ ଲହରିଆ, ଜିତୁ ବାଗ,ସଚ୍ଚିଦାନନ୍ଦ ସାହୁ,ସୁବଳ ଥପା,ଜିଗର ମହାଲିଙ୍ଗ, ବଜରଙ୍ଗ ନାଏକ,ବିକାଶ ବେହେରାଙ୍କ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।




● ଜଣଗଣନା ସାରି ଘରକୁ ଫେରିବା ପରେ ଅସୁସ୍ଥ

# ବିଜ୍ଞାନଶିକ୍ଷକଙ୍କ ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

ବିଜେପୁର,୧୮ ।୫(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅଧୀନ ଜଗନ୍ନାଥ ଉଚ୍ଚବିଦ୍ୟାଳୟ ବଡ଼ବ୍ରାହ୍ମଣୀର ବିଜ୍ଞାନଶିକ୍ଷକ ନାରାୟଣ ଖମାରୀ(୫୪) ଙ୍କ ପରଲୋକ ଘଟିଛି । ସେ ଜନଗଣନା କାର୍ଯ୍ୟକ୍ରମର ଜଣେ ସୁପରଭାଇଜର ଭାବରେ କାର୍ଯ୍ୟରତ ଥିଲେ । ଗତ ୧୪ତାରିଖ ସେ ଜନଗଣନା ସଂକ୍ରାନ୍ତୀୟ କାଗଜପତ୍ର ବିଜେପୁର ତହସିଲ କାର୍ଯ୍ୟାଳୟରେ ଜମାକରି ଅପରାହ୍ଣରେ ଟାଣ ଖରାରେ ଘରକୁ ଫେରିଥିଲେ । ଘରକୁ ଫେରିବା ପରେ ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା ଏବଂ ପରିବାର ବର୍ଗ ତାଙ୍କୁ ବରଗଡର ଏକ



ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୧୫ତାରିଖ ସକାଳେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା । ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି ପରିବାର ବର୍ଗ ଅଭିଯୋଗ କରିଛନ୍ତି । ସେ ଜଣେ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ଥିବାରୁ ଚାକିରି ସର୍ତ୍ତାବଳୀ ତଥା ପେନସନରୁ ବଞ୍ଚିତ ହୋଇଛନ୍ତି । ୨୦୩୩ରେ ତାଙ୍କ ଅବସର ଗ୍ରହଣ କରିବାର ଥିଲା । ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିତ୍ୱଙ୍କ ପରଲୋକ ପରେ ପରିବାର ବର୍ଗ ଭାଙ୍ଗି ପଡ଼ିଛନ୍ତି । ମୃତ୍ୟୁ ପଛକୁ ତାଙ୍କ ବିଧବା ପତ୍ନୀ, ଦୁଇ ଝିଅ ଓ ଗୋଟିଏ ପୁଅ ରହିଛନ୍ତି । କାର୍ଯ୍ୟରତ ଶିକ୍ଷକଙ୍କ ମୃତ୍ୟୁ ପାଇଁ ସରକାରଙ୍କୁ ଦାୟିକରି ଜନସାଧାରଣ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି ଏବଂ ଅସହାୟ ପରିବାର ପ୍ରତି ସରକାର ସାହାଯ୍ୟ ଯୋଗାଇଦେବାକୁ ଦାବି କରିଛନ୍ତି ।

# ଗୋବିନ୍ଦପୁର ଧାନକ୍ରୟ କେନ୍ଦ୍ରର ଶୁଭାରମ୍ଭ



ବରଗଡ଼ ୧୮ ।୫(ସମିସ):ସଦର ବ୍ଲକ୍‌ଗୋବିନ୍ଦପୁର ପାକ୍ସ ଅନ୍ତର୍ଗତ ଗୋବିନ୍ଦପୁର ଧାନକ୍ରୟକେନ୍ଦ୍ରରେଚାଷୀଙ୍କଧାନକିଣାଶୁଭାରମ୍ଭହୋଇଯାଇଛି ।ସମ୍ପାଦକଅଶୋକ କୁମାରଥପାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ପ୍ରଫୁଲ୍ଲ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନକିଣା ଶୁଭାରମ୍ଭ କରିଥିଲେ ।କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଅଶୋକ ସାହୁଙ୍କ ସମେତ ଚାଷୀ ରୋହିତ ଭୋଇ, ବ୍ୟାସଦେବ ଦାଶଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ । ଚାଷୀଙ୍କ ଧାନ ସୁବ୍ୟବସ୍ଥିତ ଢଙ୍ଗରେ କିଣା ଯିବା ସହିତ କୌଣସି ଚାଷୀ ଯେପରି ହଇରାଣ ନ ହେବେ ସେହି ଦିଗକୁ ସ୍ୱତନ୍ତ୍ର ଧ୍ୟାନ ଦିଆ ଯିବ ବୋଲି ପାକ୍ସ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ନାଏକ ଉଲ୍ଲେଖ କରିଛନ୍ତି ।

# ସରିଲାଣି ଧାନ ଅମଳ; ମିଳିନି ଟୋକନ

## ରବି ଧାନ ବିକ୍ରିକୁ ନେଇ ଚିନ୍ତାରେ ଚାଷୀ; ଦାନା ବାନ୍ଧୁଛି ଅସନ୍ତୋଷ

ବିଜେପୁର,୧୮ ।୫(ସମିସ)



ଚାଷୀଙ୍କ ଧାନ ଅମଳ ସରିଲାଣି । କିନ୍ତୁ ରବି ଧାନ ମଣ୍ଡିରେ ବିକ୍ରି କରିବାକୁ ଏଯାଏଁ ଟୋକନ ମିଳି ନଥିବାରୁ ଏବେ କେଉଁଠାରେ ଧାନବିକ୍ରି କରିବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି ବରଗଡ ଜିଲ୍ଲା ବିଜେପୁର ଅଞ୍ଚଳର ଚାଷୀ । ଚଳିତ ରବି ଋତୁରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଚାଷୀଙ୍କ ସଂଖ୍ୟାଠାରୁ କମ୍ ପରିମାଣର ଟୋକନ ଆସିଥିବା ଅଭିଯୋଗ ହୋଇଛି । ଟୋକନକୁ ଚାହିଁ ରହିଛନ୍ତି ଚାଷୀ । ବିଗତ ଖରିଫ ଓ ରବି ଋତୁରେ ମଧ୍ୟ ବରଗଡ ଜିଲ୍ଲା ତଥା ବିଜେପୁର ଅଞ୍ଚଳରେ ଅନେକ ଚାଷୀ ଚାଷ କରିଥିଲେ ଅଥଚ ଟୋକନ ନ ଆସିବାରୁ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିଲେ । ଗତ ରବି ଋତୁ ସମୟରେ ବିଜେପୁର ସମବାୟ ସମିତିରେ ୧୭୫ ଜଣ ଚାଷୀଙ୍କ ଟୋକନ ଆସି ନ ଥିଲା । ଏମ୍. ଶ୍ରୀଗିଡା ସମବାୟ ସମିତି ଅନ୍ତର୍ଗତ ତାଳପଦର ଗ୍ରାମର ଉତ୍ତମ ପ୍ରଧାନ, ମୁକେଶଚନ୍ଦ୍ର ପ୍ରଧାନ ପ୍ରମୁଖ ଚାଷୀ ମାନେ ଧାନ ଚାଷ କରିଥିବା ସତ୍ତ୍ୱେ ଟୋକନ ନ ଆସିବାରୁ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରେ ଚାଷୀମାନେ ଖରିଫ ଧାନ ବିକ୍ରିରୁ ମଧ୍ୟ ବଞ୍ଚିତ ହୋଇଛନ୍ତି । ଏବେ ମଧ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଛି । ଚଳିତ ରବି ଋତୁରେ ମଧ୍ୟ ଚାଷୀ ବହୁ ଦୁଃଖ କଷ୍ଟରେ ଧାନ ଚାଷ କରିଛନ୍ତି । ନିର୍ଦ୍ଧାରିତ ସମୟରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ । କିନ୍ତୁ ସାଟେଲାଇଟ ସର୍ଭେରେ ଚାଷ କରିଥିବା ଚାଷୀ ଟୋକନ ପାଇବାରୁ ବଞ୍ଚିତ ହେବା ଯୋଗୁଁ ଅସନ୍ତୋଷ ଦାନା ବାନ୍ଧୁଛି । ପରବର୍ତ୍ତୀ ସମୟରେ ସମବାୟ ସମିତି କର୍ମଚାରୀମାନେ ତଦନ୍ତ କରି କେତେ ପ୍ରତିଶତ ଚାଷ କରିଛନ୍ତି ତାହାର ରିପୋର୍ଟ ପ୍ରଦାନ କରିଥିଲେ । କିନ୍ତୁ ଏ ଯାଏ କାହିଁକି ଉକ୍ତ ଚାଷୀଙ୍କ ଟୋକନ ଆସି ନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି । ଚାଷ କରିଥିବା ଚାଷୀ ଯେମିତି ଧାନ ବିକିବା ପାଇଁ ବଞ୍ଚିତ ନ ହେବେ, ସେ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହୋଇଛି ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ସୋହେଲା,୧୮ ।୫(ସମିସ): ସୋହେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. କୁବେର ମହନ୍ତ, ଉପଜିଲ୍ଲାପାଳ ହେମସାଗର ଭୋଇ ଏବଂ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ବବି ପଧାନ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସୂଚନାଯୋଗ୍ୟ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୨୭୫ଟି ଅଭିଯୋଗ ମଧ୍ୟରୁ ୨୫୩ଟି ବ୍ୟକ୍ତିଗତ ଏବଂ ୨୨ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମ

ବରଗଡ଼,୧୮ ।୫(ସମିସ): କନ୍ଧମାଳ ଜିଲ୍ଲା ଫୁଲବାଣୀ ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ୨୦୫ତମ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏଥିରେ ବହୁ ଛାତ୍ରଛାତ୍ରୀ ପ୍ରଥମେ ବିଭିନ୍ନ ପୁସ୍ତକ ପାଠ କରି ପଠିତ ପୁସ୍ତକ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ଶେଷରେ ସମସ୍ତଙ୍କୁ ପ୍ରଶଂସା ପତ୍ର ଦେବା ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଓମ୍ ଶ୍ରୀୟା ନାୟକ, ଆୟୁଷ ଅପ୍ରିତ କର, କ୍ରୀଷ୍ କୁମାର ଦିଗାଲ ଓ ରୁଦ୍ର ପ୍ରସାଦ ହୋତାଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଇଥିଲା । ଶିଶୁଶ୍ରୀର ଆବାହକ ଡ. ରବିନାରାୟଣ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗବେଷକ ତଥା ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର, ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଶିକ୍ଷାବିତ ଡ. ତ୍ରିଲୋଚନ ପଣ୍ଡା, ସମ୍ମାନିତ ଅତିଥି ଭାବେ କୈଳାସ ଚନ୍ଦ୍ର ଧଳ, ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ତାପସ କୁମାର ହୋତା, ଦେବେନ୍ଦ୍ର କୁମାର ପଟ୍ଟନାୟକ, ଅନିଲ କୁମାର ସାହୁ, ବୀଣାପାଣି ସାହୁ, ଗିରିଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।